ସକାଳ
THE SAKALA
PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

BHUBANESWAR
VOLUME- 43 ISSUE-81 SUNDAY 14 SEPTEMBER 2025 PAGE-12 ₹ 6.00
ବର୍ଷ-୪୩ ସଂଖ୍ୟା-୮୧ ରବିବାର ୧୪ ସେପ୍ଟେମ୍ବର ୨୦୨୫ ପୃଷ୍ଠା-୧୨ ଟ.୬.୦୦


# ବିଶ୍ୱର ପ୍ରଥମ ଏଆଇ ମନ୍ତ୍ରୀ 'ଡାଏଲା'



**ଦୁର୍ନୀତି ରୋକିବାକୁ ନିଯୁକ୍ତ କଲା ଆଲ୍‌ବେନିଆ**

■ **ଟିରାନ,୧୩।୯(ଏଜେନ୍ସି):** ବିଶ୍ୱର ପ୍ରଥମ ଦେଶ ଭାବେ ଆଲ୍‌ବେନିଆ ଏକ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସ (ଏଆଇ) ମନ୍ତ୍ରୀକୁ ନିଯୁକ୍ତି ଦେଇଛି। ୟୁରୋପୀୟ ଦେଶ ଆଲ୍‌ବେନିଆର ଏହି ଏଆଇ ମନ୍ତ୍ରୀଙ୍କୁ ନେଇ ଚର୍ଚ୍ଚା ଆରମ୍ଭ ହୋଇଛି। କୌଣସି ବ୍ୟକ୍ତି ଏହି ମନ୍ତ୍ରୀପଦରେ ନାହାନ୍ତି। ବରଂ ଏହା ପିକ୍ସଲ ଓ କୋଡ୍ ଦ୍ୱାରା ତିଆରି ହୋଇଥିବା ଏକ ଆଭାସୀ ମନ୍ତ୍ରୀ। ଏହା ସମ୍ପୂର୍ଣ୍ଣ ଭାବେ ଏଆଇ ଦ୍ୱାରା କାମ କରିବ। ଏହାର ନାମ 'ଡାଏଲା' ରଖାଯାଇଛି। ଆଲ୍‌ବେନିଆ ଭାଷାରେ 'ଡାଏଲା' ଅର୍ଥ ଖରା ବା ସୂର୍ଯ୍ୟ। ଦୁର୍ନୀତି ରୋକିବାକୁ ଆଲ୍‌ବେନିଆ ଏହି ଅଭିନବ ଉପାୟ ଅବଲମ୍ବନ କରିଛି। ପ୍ରଧାନମନ୍ତ୍ରୀ ଏଡି ରାମା ଚତୁର୍ଥଥର ପାଇଁ ନିର୍ବାଚନ ଜିତିବା ପରେ କିଛିମାସ ପରେ ଡାଏଲାକୁ ନିଜ କ୍ୟାବିନେଟ୍‌ରେ ସାମିଲ କରିଛନ୍ତି। ଡାଏଲାକୁ ସରକାରୀ ପାଣ୍ଠି ପ୍ରକଳ୍ପ ଓ ପବ୍ଲିକ ଟେଣ୍ଡରରେ ଦୁର୍ନୀତି ରୋକିବାକୁ ଦାୟିତ୍ୱ ପ୍ରଦାନ କରାଯାଇଛି। କିନ୍ତୁ ବିରୋଧୀ ଦଳ ଡେମୋକ୍ରାଟିକ ପାର୍ଟି ଏହାକୁ ସମାଲୋଚନା କରିଛି ଓ ଏହାକୁ ପବ୍ଲିସିଟି ଷ୍ଟଣ୍ଟ ଅର୍ଥାତ ପ୍ରଚାର ସର୍ବସ୍ୱ ବୋଲି ଅଭିହିତ କରିଛି। ଏହାପୂର୍ବରୁ ଡାଏଲା ଆଲ୍‌ବେନିଆରେ କାର୍ଯ୍ୟ କରିଛି। ସେ ଏକ ଏଆଇ ଆଭାସୀ ଆସିଷ୍ଟାଣ୍ଟ ଭାବେ ନାଗରିକଙ୍କୁ ସରକାରୀ କାଗଜପତ୍ର ଦେବାରେ ସହାୟତା ପ୍ରଦାନ କରିଛି। ଏହି କ୍ରମରେ ସେ ୧୦ ଲକ୍ଷ ଲୋକଙ୍କୁ ସାହାଯ୍ୟ କରିଛି ଓ ଆଲ୍‌ବେନିଆ ନାଗରିକ ଡାଏଲା ସହ ପୂର୍ବରୁ ପରିଚିତ ଅଛନ୍ତି।

# ରାଜସ୍ଥାନରୁ ୧୫ରେ ମୌସୁମୀର ଲେଉଟାଣି

## ଏଥର ୭ ପ୍ରତିଶତ ଅଧିକ ବର୍ଷା ହେଲାଣି

## ହିମାଚଳରେ ପୁଣି ବାଦଲ୍‌ଫଟା ବର୍ଷା

■ **ନୂଆଦିଲ୍ଲୀ, ୧୩।୯(ଏଜେନ୍ସି):** ଏଥର ଦେଶରେ ରାଜସ୍ଥାନରୁ ହିଁ ମୌସୁମୀ ବିଦାୟ ନେବା ପ୍ରକ୍ରିୟା ଆରମ୍ଭ କରିବ। ସେପ୍ଟେମ୍ବର ୧୫ରୁ ମୌସୁମୀ ଭାରତର ଏହି ଉତ୍ତରପଶ୍ଚିମ ରାଜ୍ୟରୁ ମେଲାଣି ନେବା ଆରମ୍ଭ କରିବାର ଯଥେଷ୍ଟ ସମ୍ଭାବନା ରହିଛି। ସାଧାରଣତଃ ମୌସୁମୀ ସେପ୍ଟେମ୍ବର ୧୭ରୁ ଫେରିବା ଆରମ୍ଭ କରିଥାଏ ଓ ଅକ୍ଟୋବର ୧୫ରେ ଦେଶରୁ ସମ୍ପୂର୍ଣ୍ଣ ଭାବେ ବିଦାୟ ନେଇଥାଏ। ସୂଚନାଯୋଗ୍ୟ ଯେ ଏଥର ମୌସୁମୀ ମେ ୨୪ରେ କେରଳରେ ପ୍ରଥମେ ପ୍ରବେଶ କରିଥିଲା। ୨୦୦୯ ପରେ ସବୁଠାରୁ ଶୀଘ୍ର ଅର୍ଥାତ ୮ ଦିନ ପୂର୍ବରୁ ଆସିଥିଲା। ଏହାପରେ ▶ପୃଷ୍ଠା-୧୦



## ଭାରତ, ଚୀନ ଉପରେ କଠୋର କଟକଣା ପାଇଁ ମସୁଧା

# ସହଯୋଗୀ ଖୋଜୁଛନ୍ତି ଟ୍ରମ୍ପ



■ **ୱାସିଂଟନ, ୧୩।୯ (ଏଜେନ୍ସି):** ବ୍ୟସ୍ତ ବିବ୍ରତ ହୋଇପଡ଼ିଲେଣି ଆମେରିକାର ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ। ଯେତେ ଯାହା କଲେ ମଧ୍ୟ ରୁଷ-ୟୁକ୍ରେନ ଯୁଦ୍ଧ ଅଟକାଇ ପାରୁ ନାହାନ୍ତି। ନୋବେଲ ଶାନ୍ତି ପୁରସ୍କାର ପାଇଁ ବ୍ୟାକୁଳ ଥିବା ଟ୍ରମ୍ପ ତାଙ୍କର ସମସ୍ତ ରାଗ ଭାରତ ଉପରେ ଶୁଝାଉଛନ୍ତି। ରୁଷ ଉପରେ ଚାପ ପକାଇବା ଉଦ୍ଦେଶ୍ୟରେ ଭାରତୀୟ ସାମଗ୍ରୀ ଉପରେ ସେ ୫୦ ପ୍ରତିଶତ ଶୁଳ୍କ ମଧ୍ୟ ଲଗାଇଛନ୍ତି। ଏହାସତ୍ତ୍ୱେ ରୁଷରୁ ତେଲ କିଣିବା ଅବ୍ୟାହତ ରଖିବା ସହିତ ଚୀନ ଓ ରୁଷ ସହିତ ବନ୍ଧୁତା ବଢ଼ାଇ ଚାଲିଛି ଭାରତ। ଏହାକୁ ନେଇ ଅସହାୟ ହୋଇପଡ଼ିଛନ୍ତି ଟ୍ରମ୍ପ। ତେଣୁ ଆମେରିକା ଭଳି ଭାରତ ଓ ଚୀନ ଉପରେ ଅଧିକ ଶୁଳ୍କ ଧାର୍ଯ୍ୟ କରିବା ଲାଗି ସେ ଜି-୭ ରାଷ୍ଟ୍ର ଓ ୟୁରୋପୀୟ ୟୁନିଅନ୍ ଉପରେ ଚାପ ପକାଉଛନ୍ତି। ଦରକାର ପଡ଼ିଲେ ଏହି ଦେଶମାନଙ୍କ ଉପରେ ଶହେ ପ୍ରତିଶତ ଶୁଳ୍କ ବସାଇବାକୁ ସେ ଧମକ ଦେଇଛନ୍ତି।

ରାଷ୍ଟ୍ରପତି ଟ୍ରମ୍ପଙ୍କ ନିର୍ଦ୍ଦେଶ କ୍ରମେ ଆମେରିକାର ଅର୍ଥ ମନ୍ତ୍ରୀ ସ୍କଟ୍ ବେସେଣ୍ଟ ଏବଂ ବାଣିଜ୍ୟ ପ୍ରତିନିଧି ଜେମିସନ୍ ଆଜି ଜି-୭ ଦେଶର ମନ୍ତ୍ରୀମାନଙ୍କୁ ଭେଟି ଟ୍ରମ୍ପଙ୍କ ବାର୍ତ୍ତା ଶୁଣାଇଛନ୍ତି। ସେମାନେ କହିଥିଲେ ଯେ ୟୁକ୍ରେନ ଉପରେ ରୁଷ ଯୁଦ୍ଧ ଶେଷ କରିବାକୁ ହେଲେ ରୁଷରୁ ତେଲ କିଣୁଥିବା ଦେଶମାନଙ୍କ ଉପରେ କଠୋର କଟକଣା ଜାରି କରାଯିବାର

## ଜି-୭, ନାଟୋର ସହାୟତା ଲୋଡ଼ିଲେ

ଆବଶ୍ୟକତା ରହିଛି। ସେମାନେ ଭାରତ ଓ ଚୀନକୁ ଟାର୍ଗେଟ କରି ଏହି ଅଭିଯାନ ଚଳାଇଛନ୍ତି। ଏହି ଜି-୭ ସଂଗଠନରେ ଆମେରିକା ସମେତ ବ୍ରିଟେନ, କାନାଡା, ଫ୍ରାନ୍ସ, ଜର୍ମାନୀ, ଇଟାଲୀ ଓ ଜାପାନ ଭଳି ବିକଶିତ ଓ ଶିଳ୍ପ ସମୃଦ୍ଧ ରାଷ୍ଟ୍ର ଅଛନ୍ତି। ଆମେରିକା ସେମାନଙ୍କୁ ବୁଝାଇଛି ଯେ ଜି-୭ ସହଯୋଗ ନ କଲେ ଆମେରିକାର କଟକଣା କାମ ଦେବନାହିଁ।

ଗୋଟିଏ ପଟେ ଭାରତ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ପ୍ରଶଂସା କରି ସମ୍ପର୍କ ସୁଧାରିବା ପାଇଁ ଟ୍ରମ୍ପ ପ୍ରୟାସ କରୁଥିବା ବେଳେ ଅନ୍ୟପଟେ ଜି-୭ ରାଷ୍ଟ୍ର ସହ ମିଶି ଭାରତ ବିରୋଧୀ ଷଡ଼ଯନ୍ତ୍ର କରୁଥିବା ଏଥିରୁ ସ୍ପଷ୍ଟ ହୋଇଯାଉଛି। ଶୁଳ୍କ ଲଗାଇ ବିଶ୍ୱକୁ ଅସ୍ଥିରତା ମଧ୍ୟକୁ ଠେଲି ଦେଇଥିବା ଆମେରିକା ରାଷ୍ଟ୍ରପତି ଜି-୭ ରାଷ୍ଟ୍ର ଗୋଷ୍ଠୀଙ୍କୁ ମଧ୍ୟ ଏପରି କରିବାକୁ ପ୍ରବର୍ତ୍ତାଉଛନ୍ତି। ଏହା ମଧ୍ୟରେ ରୁଷଠୁ ତେଲ କିଣିବାକୁ ନେଇ ଜି-୭ ରାଷ୍ଟ୍ରଙ୍କ ବୈଦେଶିକ ମନ୍ତ୍ରୀ ଭାରତ ସହ ଆଲୋଚନା କରିବେ ବୋଲି ଜଣାପଡ଼ିଛି। ଜି-୭ ଆଲୋଚନା ପରେ ଆମେରିକା ଅର୍ଥ ବିଭାଗ ପକ୍ଷରୁ କୁହାଯାଇଛି ଯେ ସେମାନେ ରାଷ୍ଟ୍ରପତି ଟ୍ରମ୍ପଙ୍କ ବାର୍ତ୍ତା ରଖିଥିଲେ। ୟୁକ୍ରେନ ଯୁଦ୍ଧ ବନ୍ଦ କରିବାକୁ ଚାହୁଁଥିଲେ, ରୁଷଠୁ ତେଲ କିଣୁଥିବା ରାଷ୍ଟ୍ର ଉପରେ ଶୁଳ୍କ ଲଗାଇବା ଜରୁରି ବୋଲି କହିଥିଲେ। ଏନେଇ ଆମେରିକାକୁ ସହଯୋଗ କରିବା ଆବଶ୍ୟକ। ତେବେ ବିବୃତିରେ କୌଣସି ଦେଶର ନାମ ନିଆଯାଇ ନ ଥିଲା। କିନ୍ତୁ ଭାରତ ଏବଂ ଚୀନ୍‌କୁ ଆମେରିକା ଦୋଷ ଦେଇ ଆସୁଛି। ରୁଷ ଠାରୁ ଚୀନ୍ ସର୍ବାଧିକ ତେଲ କିଣୁଥିବା ବେଳେ ଟ୍ରମ୍ପ କେବଳ ଭାରତ ଉପରେ ଶୁଳ୍କ ଲଗାଇଛନ୍ତି। ▶ପୃଷ୍ଠା-୧୦

**ରୁଷରୁ କିଏ, କେତେ କିଣୁଛି**

(ତେଲ, କୋଇଲା, ଗ୍ୟାସ)

| | |
|---|---|
| ଚୀନ୍ | ୬୬୦ କୋଟି ଡଲାର |
| ଭାରତ | ୪୨୦ କୋଟି ଡଲାର |
| ତୁର୍କୀ | ୩୫୦ କୋଟି ଡଲାର |
| ୟୁରୋପ | ୧୩୦ କୋଟି ଡଲାର |

## ଏସିଆ କପ୍ କ୍ରିକେଟ

# ଭାରତ-ପାକ୍ ମୁକାବିଲା ଆଜି

**ମ୍ୟାଚ୍ ବର୍ଜନ ପାଇଁ ଭାରତରେ ଅଭିଯାନ**

**ଦୁବାଇ ଯିବେନି ବିସିସିଆଇ କର୍ମକର୍ତ୍ତା**

■ **ଦୁବାଇ, ୧୩।୯ (ଏଜେନ୍ସି):** ଏଠାରେ ଚାଲିଥିବା ଏସିଆ କପ୍ କ୍ରିକେଟ ପ୍ରତିଯୋଗିତାରେ ଆସନ୍ତାକାଲି ଭାରତ ଓ ପାକିସ୍ତାନ ମଧ୍ୟରେ ହାଇଭୋଲଟେଜ୍ ମୁକାବିଲା ହେବ। ଏହି ପ୍ରତିଯୋଗିତା ଲାଗି ଉଭୟ ଦଳର ଖେଳାଳି, ସମର୍ଥକ ଓ କର୍ମକର୍ତ୍ତା ପ୍ରସ୍ତୁତ ରହିଛନ୍ତି। ଆସନ୍ତାକାଲିର ମୁକାବିଲା ଭାରତୀୟ ସମୟ ରାତି ୮ଟାରୁ ଆରମ୍ଭ ହେବ। ଏହି ମ୍ୟାଚ୍‌ର ସିଧାପ୍ରସାରଣ ସୋନି ଟିଭି ନେଟ୍‌ୱର୍କରେ ପ୍ରସାରିତ ହେବ।

ଅନ୍ୟପକ୍ଷରେ ପହଲଗାମ୍ ଆତଙ୍କବାଦୀ ଆକ୍ରମଣ ଏବଂ ଅପରେସନ ସିନ୍ଦୂର ପରିପ୍ରେକ୍ଷୀରେ ଭାରତ-ପାକିସ୍ତାନ ମଧ୍ୟରେ ହେବାକୁ ଥିବା ଏହି ମ୍ୟାଚ୍‌କୁ ବର୍ଜନ ଲାଗି ଦେଶ ଭିତରେ ବଡ଼ ଧରଣର ଅଭିଯାନ ଚାଲିଛି। ବିଶେଷ କରି ବିରୋଧୀ ଦଳ ଏହାର ନେତୃତ୍ୱ ନେଉଛନ୍ତି। ଏଥିରେ କ୍ରିକେଟ ପ୍ରଶଂସକ ମଧ୍ୟ ସାମିଲ ହୋଇଛନ୍ତି। ସେମାନେ ଯୁକ୍ତି କରିଛନ୍ତି ଯେ ପହଲଗାମରେ ପାକିସ୍ତାନୀ ଆତଙ୍କବାଦୀ ଅକ୍ରମଣର ଶିକାର ହୋଇଥିବା ପରିବାର ଆଖିରୁ ଲୁହ ଶୁଖି ନଥିବା ବେଳେ ପାକିସ୍ତାନ ସହ ମ୍ୟାଚ୍ ସେମାନଙ୍କର ଭାବନା ପ୍ରତି ଅସମ୍ମାନ। କେବଳ ଏତିକି ନୁହେଁ; ଏହା ସମଗ୍ର ଦେଶବାସୀଙ୍କ ପ୍ରତି ମଧ୍ୟ ଅପମାନ। ଏହାକୁ ବର୍ଜନ କରିବା ପାଇଁ ସେମାନେ ଆହ୍ୱାନ ଜଣାଇଛନ୍ତି। କଂଗ୍ରେସ, ଆପ୍ ଏବଂ ଶିବସେନା (ଉଦ୍ଧବ) ପକ୍ଷରୁ କୁହାଯାଇଛି ଯେ ସାମାଜିକ ଗଣମାଧ୍ୟମରେ ପାକିସ୍ତାନୀ ଖେଳାଳି ଭାରତୀୟଙ୍କ ପ୍ରତି ▶ପୃଷ୍ଠା-୧୦

## ୨୭ରେ ଆସୁଛନ୍ତି ପ୍ରଧାନମନ୍ତ୍ରୀ ମୋଦୀ

# ବ୍ରହ୍ମପୁର ସମାବେଶରେ ଯୋଗଦେବେ

**ଚଳିତ ମାସରେ ବହୁତ କିଛି ହେବ: ତୋମାର**

**ପୁଣି ବଢ଼ିଲା ମନ୍ତ୍ରିମଣ୍ଡଳ ପୁନର୍ଗଠନ ଚର୍ଚ୍ଚା**



■ **ଭୁବନେଶ୍ୱର, ୧୩।୯ (ସମିସ):** ଆସନ୍ତା ୨୭ ତାରିଖରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଓଡ଼ିଶା ଗସ୍ତରେ ଆସୁଛନ୍ତି। ବ୍ରହ୍ମପୁରରେ ଏକ ଜନସମାବେଶରେ ଯୋଗଦେବେ। ଖୁବ୍‌ଶୀଘ୍ର ଏନେଇ କାର୍ଯ୍ୟକ୍ରମ ସ୍ଥିର ହେବ ବୋଲି ବିଜେପିର ଓଡ଼ିଶା ପ୍ରଭାରୀ ବିଜୟ ପାଲ୍ ସିଂ ତୋମାର ସୂଚନା ଦେଇଛନ୍ତି। ସେ କହିଛନ୍ତି ଯେ ପ୍ରଧାନମନ୍ତ୍ରୀ ଯେତେବେଳେ ଓଡ଼ିଶା ଗସ୍ତରେ ଆସନ୍ତି, ସେତେବେଳେ ଓଡ଼ିଶାକୁ କିଛି ନା କିଛି ଦେଇକରି ଯାଇଥା'ନ୍ତି। ପ୍ରଧାନମନ୍ତ୍ରୀଙ୍କ ଫୋକସ୍‌ରେ ଓଡ଼ିଶା ରହିଛି। ପ୍ରଧାନମନ୍ତ୍ରୀ ସବୁବେଳେ ଯୁବ ଓ ମହିଳା ବର୍ଗକୁ ପ୍ରାଥମିକତା ଦେଇଆସିଛନ୍ତି ବୋଲି ତୋମାର କହିଛନ୍ତି।

ଅପରପକ୍ଷେ ରାଜ୍ୟରେ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ, ନିଗମ, ବୋର୍ଡରେ ନିଯୁକ୍ତି ନେଇ ଚର୍ଚ୍ଚା ଥମୁ ନଥିବା ସମ୍ପର୍କରେ ସାମ୍ବାଦିକଙ୍କ ପ୍ରଶ୍ନ ଉପରେ ପ୍ରତିକ୍ରିୟା ରଖି ଶ୍ରୀ ତୋମାର କହିଛନ୍ତି, ଏହି ମାସରେ ରାଜ୍ୟରେ ବହୁତ କିଛି ହେବ। ଶ୍ରୀ ତୋମାରଙ୍କ ଏପରି ବୟାନ ପରେ ଚଳିତ ମାସ ଶେଷ ଆଡ଼କୁ ମନ୍ତ୍ରିମଣ୍ଡଳ ସମ୍ପ୍ରସାରଣ ସହ କିଛି ନିଗମ ଓ ବୋର୍ଡରେ ନିଯୁକ୍ତି ହୋଇପାରେ ବୋଲି ଦଳୀୟ ମହଲରେ ଆଲୋଚନା ଜୋର୍ ଧରିଛି। ବିଜେପିର ଓଡ଼ିଶା ପ୍ରଭାରୀ ଶ୍ରୀ ତୋମାରଙ୍କ ବକ୍ତବ୍ୟ ପରିପ୍ରେକ୍ଷୀରେ ପ୍ରଧାନମନ୍ତ୍ରୀଙ୍କ ଓଡ଼ିଶା ଗସ୍ତ କାର୍ଯ୍ୟକ୍ରମକୁ ରାଜନୈତିକ ବିଶ୍ଲେଷକମାନେ ମଧ୍ୟ ଭିନ୍ନ ଦୃଷ୍ଟିରେ ଆକଳନ କରୁଛନ୍ତି।

# ୧୭ ଯାଏଁ ବର୍ଷା

**ଭୁବନେଶ୍ୱର, ୧୩।୯(ସମିସ):** ଆସନ୍ତା ୧୭ ତାରିଖ ଯାଏଁ ରାଜ୍ୟବ୍ୟାପୀ ବିଭିନ୍ନ ସ୍ଥାନରେ ବର୍ଷା ହେବ। ଭୁବନେଶ୍ୱର ଆଞ୍ଚଳିକ ପାଣିପାଗ କେନ୍ଦ୍ର ପକ୍ଷରୁ ଏହି ସୂଚନା ଦିଆଯାଇଛି। କେନ୍ଦ୍ର କହିଛି, ରବିବାର ରାଜ୍ୟବ୍ୟାପୀ ବର୍ଷା ସମ୍ଭାବନା ରହିଛି। ନବରଙ୍ଗପୁର, କଳାହାଣ୍ଡି, ରାୟଗଡ଼ା, ମୟୂରଭଞ୍ଜ, କେନ୍ଦୁଝର ଓ ସୁନ୍ଦରଗଡ଼ରେ ପ୍ରବଳ ବର୍ଷା ସହ ବିଜୁଳି, ଘଡ଼ଘଡ଼ି ହୋଇପାରେ। ଏହାବ୍ୟତୀତ ଅନ୍ୟ ଜିଲ୍ଲାଗୁଡ଼ିକରେ ବର୍ଷା ସହ ବିଜୁଳି ଘଡ଼ଘଡ଼ି ହେବାର ସମ୍ଭାବନା ରହିଛି। ତେଣୁ ଏହି ସବୁ ଜିଲ୍ଲାଗୁଡ଼ିକ ପ୍ରତି ପାଣିପାଗ କେନ୍ଦ୍ର ପକ୍ଷରୁ ୟେଲୋ ୱାର୍ଣ୍ଣିଂ ଜାରି କରାଯାଇଛି। ସେହିପରି, ସୋମବାର ବର୍ଷାର ବିସ୍ତୃତି ବଢ଼ିବା ସହ ମୟୂରଭଞ୍ଜ, କେନ୍ଦୁଝର, ସୁନ୍ଦରଗଡ଼, ଗଞ୍ଜାମ, ଗଜପତି ଓ ରାୟଗଡ଼ାରେ ପ୍ରବଳ ବର୍ଷା ହୋଇପାରେ। ଏହାବ୍ୟତୀତ ରାଜ୍ୟର ଅନ୍ୟ ଜିଲ୍ଲାରେ ବର୍ଷା ସମ୍ଭାବନା ରହିଛି। ମଙ୍ଗଳବାର, ବୁଧବାର ବର୍ଷାର ପରିମାଣ କମିବାକୁ ଥିବା ବେଳେ ଗୁରୁବାରଠାରୁ ପାଗରେ ପରିବର୍ତ୍ତନ ଘଟିବ ବୋଲି କୁହାଯାଇଛି।

## ଉପନିର୍ବାଚନ ପ୍ରକ୍ରିୟା ଆରମ୍ଭ

# ନୂଆପଡ଼ାରେ ହେବ ଏସ୍ଏସ୍ଆର୍

**ଅକ୍ଟୋବର ୯ରେ ପ୍ରକାଶ ପାଇବ ଚୂଡ଼ାନ୍ତ ସଂଶୋଧିତ ଭୋଟର ତାଲିକା**

■ **ଭୁବନେଶ୍ୱର, ୧୩।୯ (ସମିସ):** ନୂଆପଡ଼ା ବିଧାୟକ ରାଜେନ୍ଦ୍ର ଢୋଲକିଆଙ୍କ ଦେହାନ୍ତ ପରେ ଉକ୍ତ ବିଧାନସଭା ଆସନରେ ଉପନିର୍ବାଚନ ପାଇଁ ବିଧିବଦ୍ଧ ଭାବେ ପ୍ରକ୍ରିୟା ଆରମ୍ଭ ହୋଇଛି। ରାଜ୍ୟ ମୁଖ୍ୟ ନିର୍ବାଚନ ଅଧିକାରୀଙ୍କ ପକ୍ଷରୁ ଏହି ନିର୍ବାଚନମଣ୍ଡଳୀରେ ସ୍ୱତନ୍ତ୍ର ସଂକ୍ଷିପ୍ତ ଭୋଟର ତାଲିକା ସଂଶୋଧନ (ଏସଏସଆର) ପାଇଁ କାର୍ଯ୍ୟସୂଚୀ ଜାରି କରାଯାଇଛି। ୨୦୨୫ ଜୁଲାଇ ୧ ତାରିଖକୁ ଯୋଗ୍ୟତା ତାରିଖ ଭାବେ ବିବେଚନା କରି ଲୋକପ୍ରତିନିଧି ଆଇନ, ୧୯୫୦ର ଧାରା ୨୧ ଅନୁଯାୟୀ ଏହି ଭୋଟର ତାଲିକା ସ୍ୱତନ୍ତ୍ର ସଂକ୍ଷିପ୍ତ ସଂଶୋଧନ କରାଯିବ ବୋଲି ମୁଖ୍ୟ ନିର୍ବାଚନ ଅଧିକାରୀ ସ୍ପଷ୍ଟ କରିଛନ୍ତି। କାର୍ଯ୍ୟସୂଚୀ ▶ପୃଷ୍ଠା-୧୦











## ରାଜଧାନୀରେ ଲଜ୍ଜା

# ମେଲୋଡି ଗାର୍ଲଙ୍କୁ ଗଣଦୁଷ୍କର୍ମ

**ଥଣ୍ଡା ପାନୀୟରେ ନିଶା ଦେଇଥିଲେ**

**ଗୀତ ଶିଖାଇବା ଆଳରେ ଗେଷ୍ଟହାଉସ୍‌କୁ ଡକାଇଥିଲେ**

**୩ ଅଭିଯୁକ୍ତ ଗିରଫ**



■ **ଭୁବନେଶ୍ୱର, ୧୩।୯(ସମିସ):** ରାଜଧାନୀରେ ପୁଣି ଲଜ୍ଜା। ଗୀତ ଶିଖାଇବା ନାଁରେ ଓୟୋରେ ଯୁବତୀଙ୍କୁ ଗଣଦୁଷ୍କର୍ମ। ଚନ୍ଦ୍ରଶେଖରପୁର ଥାନା ଅଞ୍ଚଳରେ ଗତ ବୁଧବାର ଏଭଳି ଏକ ଲଜ୍ଜାଜନକ ଘଟଣା ଘଟିଥିବା ବେଳେ ଆଜି ପଦାକୁ ଆସିଛି। ଏହି ଘଟଣାରେ ପୁଲିସ ୩ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ସେମାନେ ହେଲେ, ଜଗତସିଂହପୁର ଜିଲ୍ଲା ବିରିଡ଼ି ଥାନା ଚାଷୀଖଣ୍ଡା ଗାଁର ଚନ୍ଦନ କୁମାର ହାତୀ (୨୫) ଓରଫ୍ ଚନ୍ଦୁ, ପ୍ରସନ୍ନ କୁମାର ଆଚାର୍ଯ୍ୟ (୩୭) ଓ ଶ୍ରୀମାର୍ଗ ଗେଷ୍ଟହାଉସ୍ କେୟାରଟେକର୍ ରାଜେଶ କୁମାର ଦାସ (୩୨)। ଚନ୍ଦନ ଓ ପ୍ରସନ୍ନ ହେଉଛନ୍ତି ଦୁଇ ସାଙ୍ଗ।

ପୁଲିସ ସୂଚନା ଅନୁସାରେ, ବଡ଼ ଭଉଣୀ ସହ ଭୁବନେଶ୍ୱରରେ ରହୁଥିବା ଯୁବତୀଜଣଙ୍କ ମେଲୋଡି କାର୍ଯ୍ୟକ୍ରମରେ କଣ୍ଠଶିଳ୍ପୀ ଭାବେ କାମ କରନ୍ତି। କିଛି ଦିନ ତଳେ ସାମାଜିକ ଗଣମାଧ୍ୟମ ଜରିଆରେ ସେ ଚନ୍ଦନ ସହ ପରିଚିତ ହୋଇଥିଲେ। ଚନ୍ଦନ ଏକ ପ୍ରତିଷ୍ଠିତ ଚ୍ୟାନେଲର ଷ୍ଟୁଡିଓରେ ସଙ୍ଗୀତ ସମ୍ବନ୍ଧୀୟ କାମ କରୁଛି ବୋଲି କହିଥିଲା। ଚନ୍ଦନ କିଛି ଦିନ କଥା ହେବା ପରେ ସଙ୍ଗୀତ ରେକର୍ଡିଂ ଓ ଫଟୋ ସୁଟ୍ କରିବା ବାହାନାରେ ଯୁବତୀଙ୍କୁ ଚନ୍ଦ୍ରଶେଖରପୁର ▶ପୃଷ୍ଠା-୧୦

### ଭୋଗରାଇ ପଞ୍ଚାୟତ ସମିତିର ସପ୍ତମ ବୈଠକ

# ହେକ୍ଟର ପିଛା ୮ ୫୦୦ ପାଇବେ ବନ୍ୟା କ୍ଷତିଗ୍ରସ୍ତ ଚାଷୀ



ଭୋଗରାଇ, ୧୩।୯ (ସମିସ)

ଭୋଗରାଇ ବ୍ଲକ ପରିସରରେ ଥିବା ସଭାଗୃହରେ ସପ୍ତମ ପଞ୍ଚାୟତ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ଗ୍ରାମ ପଞ୍ଚାୟତ ଉନ୍ନୟନ ଅଧିକାରୀ ମଙ୍ଗଳ ମାଳତୀ ପ୍ରିୟା ମୁର୍ମୁ ବିବରଣୀ ପାଠ କରିଥିଲେ। ଏହି ବୈଠକରେ ବ୍ଲକ ଅଧ୍ୟକ୍ଷ ପ୍ରବୀର କୁମାର ଗିରି ସଭାପତିତ୍ୱ କରିଥିଲେ। ଏହି ବୈଠକରେ ବାଲେଶ୍ୱର ସାଂସଦ ପ୍ରତାପ ଚନ୍ଦ୍ର ଷଡ଼ଙ୍ଗୀ, ଭୋଗରାଇ ବିଧାୟକ ଗୌତମବୁଦ୍ଧ ଦାସ, ବିଡ଼ିଓ ପ୍ରଶାନ୍ତ କୁମାର ମହାରଣା, ଉପାଧକ୍ଷା ମୀନାରାଣୀ ସାସମଲ, ଶିକ୍ଷା ଅଧିକାରୀ ନିହାର ରଞ୍ଜନ ଦାସ, ଅତିରିକ୍ତ ତହସିଲଦାର ପ୍ରତାପ ବେହେରା, ପ୍ରମଥ କୁମାର ବେହେରା, ଡାକ୍ତର କମଳାକାନ୍ତ ଜେନା, ଉପସ୍ଥିତ ଥିଲେ। ନାଚିନ୍ଦା ବିଦ୍ୟାଳୟର ଥିବା ପ୍ରଧାନ ଶିକ୍ଷୟତ୍ରୀ ଓ ଶ୍ରେଣୀ ଶିକ୍ଷୟତ୍ରୀ ମଧ୍ୟରେ ଲାଗିରହିଥିବା କଳହ ପାଇଁ ଛାତ୍ରଛାତ୍ରୀଙ୍କ ପାଠ ପଢାରେ ବ୍ୟାଘାତ ଘଟିଥିବା ଏବଂ ୧୮ ବର୍ଷ ପର୍ଯ୍ୟନ୍ତ ଗୋଟିଏ ବିଦ୍ୟାଳୟରେ ରହିଥିବା ପ୍ରଧାନ ଶିକ୍ଷୟିତ୍ରୀଙ୍କୁ ବଦଳି ପାଇଁ ଗୃହରେ ଆଲୋଚନା କରାଯାଇଥିଲା।

କୃଷି ବିଭାଗର ଅଧିକାରୀ ରଘୁନାଥ ଦାସଙ୍କୁ ବନ୍ୟାର କ୍ଷତିଗ୍ରସ୍ତ ଚାଷୀଙ୍କ ବାବଦରେ ପଚାରିବାରୁ ସେ କହିଥିଲେ, ସୁବର୍ଣ୍ଣରେଖାର ଷଷ୍ଠ ବନ୍ୟାରେ ୧୭ଟି ପଞ୍ଚାୟତ ଓ ୯୧ଟି ଗ୍ରାମର ୪୩୬୧ ହେକ୍ଟର ଜମିର ଚାଷ ଯାହା ୩୩ ଶତକଡା ଉତକଡ ଚାଷଜମି କ୍ଷତିଗ୍ରସ୍ତ ହୋଇଛି। ତେଣୁ ହେକ୍ଟର ପିଛା ୮୫୦୦ ଟଙ୍କା କ୍ଷତିପୂରଣ ଚାଷୀମାନେ ପାଇବେ ବୋଲି ସୂଚନା ଦେଇଥିଲେ। ତା ଛଡ଼ା ଖଡ଼ି ଓ ଇକିଡ ସ୍ଥାନ ଗୁଗୁଲ ସର୍ଭେରେ ସ୍ଥାନ ପାଇନଥିବାରୁ ତା'ର ଆର୍ଥିକ ସହାୟତା ଚାଷୀ ପାଇବେ ନାହିଁ ବୋଲି କହିଥିଲେ। ଡିଜିଟାଲ ପେମେଣ୍ଟରେ ୯୬ ଶତକଡା କ୍ରପ ସବସିଡି ଥିଲା ବେଳେ ତହସିଲ କାର୍ଯ୍ୟାଳୟ ର ମନମୁଖୀ କାର୍ଯ୍ୟ ପାଇଁ ଗତବର୍ଷ ୧୨ ଶହ ଲୋକଙ୍କ ପେମେଣ୍ଟ ଅଟକିବା ଏବଂ ତହସିଲରୁ ଦଲାଲ୍ ମୁକ୍ତ କରିବା ଆଦି ଗୃହରେ ଆଲୋଚନା କରାଯାଇଥିଲା। ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ଜେନା କହିଥିଲେ ବାଲେଶ୍ୱରରେ କୃଷି ମହାବିଦ୍ୟାଳୟ ପ୍ରତିଷ୍ଠା ପାଇଁ ଗୃହରେ ଲିଖିତ ଲିପିବଦ୍ଧ କରାଯିବାର ନିଷ୍ପତ୍ତି ନିଆଗଲା। ସରପଂଚ ମମତା ସାହୁ ପଚାରିଥିଲେ ଭୋଗରାଇ ୫୦ ଟି ପଞ୍ଚାୟତର ମାତ୍ର ୫ ଜଣ କୃଷି କର୍ମଚାରୀ ରହିଥିବା ଏବଂ ସେମାନଙ୍କ ଭାଗରେ ୧୦ ଟି ପଞ୍ଚାୟତ ରହିଛି ତେଣୁ ସେମାନେ ସଠିକ ଭାବେ କାର୍ଯ୍ୟ କରିପାରୁ ନାହାନ୍ତି। ସେଥିପାଇଁ ଖାଲି ଥିବା କୃଷି କର୍ମଚାରୀ ପଦବୀ ପୂରଣ କରିବା ପାଇଁ ପ୍ରସ୍ତାବ ଦେଇଥିଲେ। ଭୋଗରାଇ ୪ଟି ସରକାରୀ ଲାଇସେନ୍ସ ପ୍ରାପ୍ତ ସାର ବିକ୍ରୀ କେନ୍ଦ୍ର ରହିଥିବା ବେଳେ ସେଥିମଧ୍ୟରୁ ଚନ୍ଦେନେଶ୍ୱର ଫର୍ଟିଲାଇଜର ସଂସ୍ଥା କିଛିଦିନ ପୂର୍ବରୁ ନିଆଁ ଲାଗିଯିବାରୁ ତାହା ବନ୍ଦ ଅଛି। ତେଣୁ ଭୋଗରାଇବାସୀ ସାର ପାଉନାହାନ୍ତି ବୋଲି ସଦସ୍ୟ ସଦସ୍ୟା ସରପଂଚ ସମସ୍ତେ ଅଭିଯୋଗ କରିଥିଲେ। ଭୋଗରାଇକୁ କେତେ ପରିମାଣରେ ସାର ଆସୁଛି ତାହା କୃଷି ବିଭାଗ ଜାଣିନାହାନ୍ତି ବୋଲି ଅଭିଯୋଗ ହୋଇଥିଲା। ସାର ସବୁ ଚୋରାରେ ପଶ୍ଚିମବଙ୍ଗ ଚାଲାଣ ହେଉଛି ବୋଲି ସଭାଗୃହରେ ଉପସ୍ଥିତ ସଭ୍ୟ ସଭ୍ୟା ମାନେ କହିଥିଲେ। ଡାକ୍ତର କମଳାକାନ୍ତ ଜେନାଙ୍କୁ ସରପଂଚ ସୁମନ୍ତ ବେହେରା ଆୟୁଷ୍ମାନ କାର୍ଡ ବଣ୍ଟନ ଶୁଭାରମ୍ଭ କାର୍ଯ୍ୟକ୍ରମରେ ଖର୍ଚ୍ଚ ହୋଇଥିବା ୨ ଲକ୍ଷ ୫୦ ହଜାର ଟଙ୍କାର ହିସାବ ମାଗିବାରୁ ତାହା ଏପର୍ଯ୍ୟନ୍ତ ହିସାବ ହୋଇନାହିଁ ବୋଲି କହିଥିଲେ। ନିମାତପୁର ପ୍ରାଥମିକ ସ୍ୱାସ୍ଥ୍ୟ କେନ୍ଦ୍ରର ନବ ନିର୍ମିତ ସମ୍ପ୍ରସାରିତ ଗୃହ ଏପର୍ଯ୍ୟନ୍ତ ହସ୍ପିଟାଲ କର୍ତ୍ତୃପକ୍ଷ ଙ୍କୁ ହସ୍ତାନ୍ତର ହୋଇନାହିଁ ଏହି ଗୃହ ନିର୍ମାଣରେ କେତେ ଖର୍ଚ୍ଚ ହୋଇଛି ତାର ପ୍ରଶ୍ନ ରେ ଡାକ୍ତର ଜେନା ଜାଣି ନ ଥିବା ଉତ୍ତର ଦେଇଥିଲେ। ସାମାଜିକ ବିଭାଗର ଅଧିକାରୀ ଗୌରାଙ୍ଗ ସାମଲ ବୃଦ୍ଧ ବୃଦ୍ଧା, ଭିନ୍ନକ୍ଷମ ଲୋକଙ୍କ ଭତ୍ତା ପ୍ରଦାନ ରେ ସୁଚାରୁରୂପେ କାର୍ଯ୍ୟ ସମ୍ପାଦନା ନ କରିବା ଆଦି ଅଭିଯୋଗ ହୋଇଥିଲା। ସେହିପରି ଜଳସମ୍ପଦ, ଡ୍ରେନେଜ, ପାନୀୟଜଳ ଯୋଗାଣ ଇତ୍ୟାଦି ବିଭିନ୍ନ ବିଭାଗର କାର୍ଯ୍ୟ ସମ୍ପର୍କରେ ବୈଠକରେ ଆଲୋଚନା ହୋଇଥିଲା। ଏହି ବୈଠକରେ ସମସ୍ତ ପଞ୍ଚାୟତର ସରପଞ୍ଚ ଓ ସମିତି ସଭ୍ୟ ସଭ୍ୟା ଉପସ୍ଥିତ ଥିଲେ। ଉପାଧକ୍ଷା ମୀନାରାଣୀ ସାସମଲ ଧନ୍ୟବାଦ ଅର୍ପଣ କରିଥିଲେ।

### ● ବିଦ୍ୟୁତ୍ ବିଭାଗର ଦାୟିତ୍ୱହୀନତା

## ହସ୍ପିଟାଲ ରୋଡରେ ବିପଦସଙ୍କୁଳ ଟ୍ରାନ୍ସଫର୍ମର



**ବିଦ୍ୟୁତ୍ ଆଘାତରେ ଛେଳି ମୃତ**

ବସ୍ତା ବ୍ଲକ, ୧୩।୯ (ସମିସ): ବସ୍ତା ବିଦ୍ୟୁତ୍ ବିଭାଗ ଟିପିଏନ୍ଓଡିଏଲ କମ୍ପାନୀର ଦାୟିତ୍ୱ ହୀନତା ଯୋଗୁଁ ଏକ ବିଦ୍ୟୁତ୍ ଖୁଣ୍ଟରେ ଲାଗିଥିବା ଟ୍ରାନ୍ସଫର୍ମରରୁ କରେଣ୍ଟ ଲାଗି ଗୋଟିଏ ଛେଳିର ମୃତ୍ୟୁ ହୋଇଛି। ଯାହାକୁ ନେଇ ଲୋକଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ଯଦି ଛେଳି ଜାଗାରେ ମଣିଷ ହୋଇ ଥାନ୍ତା ତାହାଲେ ଜୀବନ ହାନି ହୋଇଥିଲେ କିଏ ଦାୟୀ ହୋଇ ଥାନ୍ତା ତାକୁ ନେଇ ତୀବ୍ର ଉତ୍ତେଜନା ପ୍ରକାଶ ପାଇଥିଲା। ବିଦ୍ୟୁତ୍ ବିଭାଗର ଏଭଳି ଦାୟିତ୍ୱ ହୀନତା ଓ ମରାମତି ଦାୟିତ୍ୱ ତୁଲାଇଥିବା କମ୍ପାନୀର କାର୍ଯ୍ୟ ଦକ୍ଷତାକୁ ନେଇ ପ୍ରଶ୍ନ ଉଠିଛି। ପ୍ରକାଶ ଯେ ଶନିବାର ଅପରାହ୍ନରେ ବସ୍ତା ବଜାର ଠାରୁ ହସ୍ପିଟାଲକୁ ଯାଉଥିବା ବ୍ୟସ୍ତବହୁଳ ରାସ୍ତାର ସବ - ରେଜିଷ୍ଟ୍ରାର କାର୍ଯ୍ୟାଳୟ ଆଗରେ ରାସ୍ତା ମଝିରେ ଏକ ବିଦ୍ୟୁତ୍ ଖୁଣ୍ଟରେ ଏକ ଟ୍ରାନ୍ସଫର୍ମର ରହିଛି। ଏହି ଖୁଣ୍ଟ ଚାର୍ଜ ହୋଇ ଯାଇଥିବାରୁ ଖୁଣ୍ଟରୁ କରେଣ୍ଟ ଲାଗି ସ୍ଥାନୀୟ ଗ୍ରାମର କେଶୁରୀ ବାରିକଙ୍କ ଛେଳି ଘଟଣା ସ୍ଥଳରେ ମରି ପଡ଼ି ଥିବା ଦେଖି ଲୋକେ ବିଦ୍ୟୁତ୍ କର୍ମଚାରୀଙ୍କୁ ଖବର ଦେଇଥିଲେ। ଏଥି ସହିତ କ୍ଷତି ପୂରଣ ଦାବି କରିଥିଲେ। ଖବରପାଇ ବିଦ୍ୟୁତ୍ ବିଭାଗର ଏସଡିଓ ଘଟଣା ସ୍ଥଳରେ ପହଞ୍ଚି କ୍ଷତି ପୂରଣ ଦେବାର ପ୍ରତିଶ୍ରୁତି ସହ ତୁରନ୍ତ ପଦକ୍ଷେପ ଗ୍ରହଣ କରିବା ର ପ୍ରତିଶୃତି ଦେଇଥିବା ସ୍ଥାନୀୟ ଲୋକେ ପ୍ରକାଶ କରିଛନ୍ତି।

## ଛେଳି ଚୋରି, ଦୁଇ ଅଟକ


ସିମୁଳିଆ, ୧୩।୯ (ସମିସ): ବାଇକ୍‌ରେ ଛେଳି ଚୋରି ସମୟରେ ସିମୁଳିଆ ପୁଲିସ ଦୁଇ ଅଭିଯୁକ୍ତଙ୍କୁ ଧରି ଥାନାରେ ଅଟକ ରଖିଛି। ଜଣେ ଭଦ୍ରକ ଅଞ୍ଚଳର ସେକ. ରାଜୁ ଏବଂ ଅନ୍ୟଜଣେ ପୁରୁଣା ବଜାରର ସେକ୍ ଜଲାଲ। ବାସୁଦେବପୁର ଥାନାରେ ରିପୋର୍ଟ ଥିବାରୁ ଖବର ପାଇ ବାସୁଦେବପୁର ଥାନାର ଏଏସଆଇ ଏମ. କେ ସିଂ ଓ ଏ. ଏକେ. ଖଟୁଆ ସିମୁଳିଆ ଥାନାରେ ପହଞ୍ଚି ତଦାରଖ କରି ଫେରିଯାଇଥିଲେ। ସିମୁଳିଆ ପୁଲିସ ଦୁଇ ଜଣଙ୍କୁ ଅଟକ ରଖିଛି। ଆସନ୍ତା କାଲି କୋର୍ଟ ଚାଲାଣ ହେବାର ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ସାପ କାମୁଡ଼ାରେ ବୃଦ୍ଧ ମୃତ

ରାଜଘାଟ, ୧୩।୯ (ସମିସ): ବସ୍ତା ଥାନା ଅଧୀନ ଚାଷୀପଡ଼ା ଗ୍ରାମରେ ଶନିବାର ସାପ କାମୁଡ଼ାରେ ଜୈନିକ ବୃଦ୍ଧଙ୍କର ମୃତ୍ୟୁ ହୋଇଛି। ମୃତକ ଜଣକ ହେଲେ ଏହି ଗ୍ରାମର ଅଭିମନ୍ୟୁ ଦତ୍ତ(୭୦)। ଆଜି ଅପରାହ୍ନରେ ଅଭିମନ୍ୟୁ ଫସଲ ଦେଖିବାକୁ ବିଲକୁ ଯାଇଥିବା ସମୟରେ ବିଷଧର ସାପଟିଏ ତାଙ୍କ ଗୋଡ଼କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ସଙ୍ଗେ ସଙ୍ଗେ ତାଙ୍କୁ ବସ୍ତା ହସ୍ପିଟାଲକୁ ନେଇଥିଲେ ମାତ୍ର ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ବିଳମ୍ବ ହେତୁ ବ୍ୟବଚ୍ଛେଦ ପ୍ରକ୍ରିୟା ସମ୍ଭବ ହୋଇପାରି ନଥିବା ଯୋଗୁ ତାହାକୁ ଶବ ସଂରକ୍ଷଣ ଗୃହରେ ରଖାଯାଇଥିବା ବେଳେ ଆସନ୍ତା କାଲି ବ୍ୟବଚ୍ଛେଦ ପରେ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର ହେବ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି।

### ଟାୱାରରୁ ଚୋରି ଘଟଣା

## ମହିଳା ସମେତ ୨ ଗିରଫ



ମୋରଡ଼ା, ୧୩।୯ (ସମିସ): ମୋରଡ଼ା ଥାନା ଅନ୍ତର୍ଗତ ପୁଟୁକିଶୋଳ କେନାଲ ନିକଟରେ ଥିବା ଜିଓ ମୋବାଇଲ ଟାୱାରରୁ ଅଗଷ୍ଟ ୨୩ ତାରିଖରେ ବିଭିନ୍ନ ମୂଲ୍ୟବାନ ଚୋରି ହୋଇଥିବା ନେଇ ଥାନା ରେ ଲିଖିତ ଅଭିଯୋଗ ହୋଇଥିଲା। ପୁଲିସ ଅଭିଯୋଗ ପାଇ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ଶନିବାର ସକାଳେ ବାରିପଦା ସଦର ଥାନା ଅନ୍ତର୍ଗତ ବାଉତିଶୋଳ ଗାଁରେ ଚଢ଼ଉ କରି ଟାୱାର ଚୋରିର ମାଷ୍ଟର ମାଇଣ୍ଡ ତପୁ ଦାସ ସହ ଦୁଇ ସହଯୋଗୀ ପରିସ୍ମା ପ୍ରଧାନ ଓ ମନୋଜ ଦାସକୁ ମଧ୍ୟ ଗିରଫ କରିଛି। ତପୁ ପୂର୍ବରୁ ଭୁବନେଶ୍ୱରର ସୁ ସଂଯୋଗ ସର୍ଭିସ କମ୍ପାନୀରେ ଟିମ ଲିଡ଼ର ଭାବେ କାର୍ଯ୍ୟ କରୁଥିବା ବେଳେ ଟାୱରର ମୂଲ୍ୟବା ଜିନିଷ ଚୋରି କରି କଟକ ଏବଂ ଭୁବନେଶ୍ୱର ବ୍ୟବସାୟୀଙ୍କୁ ବିକ୍ରି କରିଥାଏ। ପରେ ସେମାନଙ୍କ ନିକଟରୁ ୮ଟି ମାଷ୍ଟର ଚାବି, ଟାୱରର ବିଭିନ୍ନ ଚୋରି ସାମଗ୍ରୀ, ଦୁଇଟି ଫୋନ ଏବଂ ସ୍କୁଟିକୁ ଜବତ କରିଛି ପୁଲିସ।


## ଦିନ ଦ୍ୱିପ୍ରହରରେ ସୁନାହାର ଛିନ୍‌ତାଇ

ବାରିପଦା, ୧୩।୯ (ସମିସ): ବାରିପଦା ସହର ଆଇନଶୃଙ୍ଖଳା ପରିସ୍ଥିତି ବିପର୍ଯ୍ୟସ୍ତ ହୋଇ ପଡ଼ିଥିବା ବେଳେ ପୁଣି ଛିନତାଇ ହୋଇଛି। ଏନେଇ ସୁନାମୁହିଁ ଅଞ୍ଚଳର ମୁରଲୀଧର ଜେନା ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ ଷ୍ଟେସନ ବଜାର ଅଞ୍ଚଳର ବିବାହ ମଣ୍ଡପକୁ ଏକ ମାଙ୍ଗଳିକ କାର୍ଯ୍ୟରେ ଯୋଗ ଦେବାକୁ ଯାଇଥିଲେ। ମଣ୍ଡପ ମଧ୍ୟକୁ ପ୍ରବେଶ କରିବା ସମୟରେ ୨ଜଣ ଦୁର୍ବୃତ୍ତ ଏକ ବାଇକରେ ଆସି ତାଙ୍କୁ ଅଟକାଇଥିଲେ। ପରେ ତାଙ୍କ ବେକରୁ ସୁନା ଚେନକୁ ଛିନତାଇ କରି ଚମ୍ପଟ ମାରିଥିଲେ। ଯାହାର ଆନୁମାନିକ ମୂଲ୍ୟ ଦେଢଲକ୍ଷ ହେବ। ପୁଲିସ ଅଭିଯୋଗ ପାଇ ସିସି ଟିଭି ସହାୟତାରେ ଯାଞ୍ଚ କରୁଛି।

## ଲକ୍ଷାଧିକ ଟଙ୍କାର ଅଳଙ୍କାର ଲୁଟ୍

ବାରିପଦା, ୧୩।୯(ସମିସ): ଛିନତାଇ ହୋଇଯିବ ବୋଲି କହି ଜଣେ ବ୍ୟକ୍ତିଙ୍କୁ ବୋକା ବନାଇ ସୁନା ଅଳଙ୍କାର ଠକେଇ ହୋଇଥିବା ନେଇ ଅଭିଯୋଗ ହୋଇଛି। ଏ ନେଇ କାଳୀମନ୍ଦିର ଅଞ୍ଚଳର ପ୍ରଦୀପ କୁମାର ମହାନ୍ତି ବାରିପଦା ଟାଉନ ଥାନାରେ ଅଭିଯୋଗ କରିଛନ୍ତି। ସେ କୌଣସି କାମ ପାଇଁ ଲାଲବଜାର ଯାଇଥିଲେ। ସେଠାରେ ଜଣେ ଅଜଣା ବ୍ୟକ୍ତି ତାଙ୍କୁ ସୁନା ଅଳଙ୍କାର ଛିନତାଇ ହେଉଥିବା ଭୟ ଦେଖାଇ ପିନ୍ଧିଥିବା ଅଳଙ୍କାର ଖୋଲି ଦେବାକୁ କହିଥିଲେ। ପରେ ସେ ସୁନା ହାର, ଲକେଟ ଓ ୪ଟି ମୁଦିକୁ ଖୋଲି ଏକ କାଗଜରେ ଗୁଡାଇ ତାଙ୍କୁ ପ୍ରଦାନ କରିଥିଲେ। କିନ୍ତୁ ସେ ଘରକୁ ଆସି ଦେଖିଲା ବେଳକୁ କାଗଜ ମଧ୍ୟରେ ସୁନା ଅଳଙ୍କାର ବଦଳରେ ଗୋଡି ଥିବା ଦେଖିବାକୁ ପାଇଥିଲେ। ଫଳରେ ସେ ଠକେଇ ହୋଇଥିବା ଜାଣି ଥାନାର ଦ୍ୱାରସ୍ଥ ହୋଇଛନ୍ତି।

## ନଦୀକୂଳରୁ ବାଲି ଉଠାଣ ରୋକିବାରେ ପ୍ରଶାସନ ବିଫଳ



ଜଳେଶ୍ୱର, ୧୩।୯ (ସମିସ): ସୁବର୍ଣ୍ଣରେଖା ନଦୀର ବନ୍ୟାପାଣି ଯେତେ କମି କମି ଯାଉଛି ନଦୀକୂଳିଆ ଗ୍ରାମ ଗୁଡିକରେ ଚୋରା ବାଲି ଉଠାଣ ସେତେ ପରିମାଣରେ ବଢିବଢି ଯାଉଛି। କିଛିଦିନ ପୂର୍ବରୁ ବାଲି ମାଫିଆମାନେ ଚୋରା ବାଲି ଉଠାଇବା ପାଇଁ ଶିଖରପୁର ପଂଚାୟତର ସୁଖଦୁଃଖିଆ ଗ୍ରାମର ନଦୀକୂଳରେ ଭଙ୍ଗା ଇଟା, ପଥର, ବାଲି ପକାଇ ପକ୍କା ରାସ୍ତା ତିଆରି କରିବା ଆରମ୍ଭ କରିଛନ୍ତି ବୋଲି ଗଣମାଧ୍ୟମରେ ପ୍ରକାଶିତ ପରେ ମଧ୍ୟ ବିଭାଗୀୟ କର୍ତ୍ତୃପକ୍ଷଙ୍କ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ନ ହେବାରୁ ବାଲି ମାଫିଆ ମାନେ ବାଲି ଉଠାଣ ଆରମ୍ଭ କରିଛନ୍ତି। ସାରା ରାତ୍ରୀ ବାଲି ଉଠୁଥିବା ବେଳେ ମାଇନିଂ ବିଭାଗର କିଛି ଅଧିକାରୀ ଦିନରେ ଯାଇ ବାଲି ଉଠୁଥିବା ସ୍ଥାନର ଫଟୋ ଉତ୍ତୋଳନ କରି ଫେରିଥିବାର ଗ୍ରାମବାସୀ କହିଛନ୍ତି। ତେବେ ପ୍ରଶ୍ନ ଉଠୁଛି ମାଇନିଂ ବିଭାଗର କାର୍ଯ୍ୟ ଉପରେ। ପ୍ରତିଦିନ ଜଳେଶ୍ୱର ବ୍ଲକର ଶିଖରପୁର, ମହମ୍ମଦନଗରପାଟଣା, ବିରେଶପୁର, ଗୋପ, ମଥୁରାନାଥ, ମାଳିପାଳ, ପ୍ରହରାଜପୁର, ମାକିଡିଆ, ଅଲମରା ଇତ୍ୟାଦି ବହୁ ନଦୀକୂଳ ଗ୍ରାମ ନିକଟରେ ବାଲି ଉଠାଣ ଆରମ୍ଭ ହୋଇଯାଇଛି। ପ୍ରତିଦିନ ରାତ୍ରୀ ସାରା ଜଳେଶ୍ୱର ଥାନା ଓ ତାର ଆଖ ପାଖରେ ବହୁ ଯୁବକ ଘୁରୁଥିବାର ଦେଖିବାକୁ ମିଳୁଛି। ଏହି ଯୁବକ ମାନେ ପୁଲିସର ଗତିବିଧି ଉପରେ ଲକ୍ଷ୍ୟ ରଖି ବାଲି ଚାଲାଣ କରୁଛନ୍ତି ବୋଲି କେତେକ ପୋଲିସ କର୍ମଚାରୀ ପ୍ରକାଶ କରିଛନ୍ତି। କିନ୍ତୁ ଜଳେଶ୍ୱର ପୋଲିସ ବା ମାଇନିଂ ବିଭାଗ ତରଫରୁ ଏହି ଦିଗପ୍ରତି ଦୃଷ୍ଟି ନ ଦେବା ସେମାନଙ୍କର ସମ୍ପୃକ୍ତିକୁ ପୃଷ୍ଟି କରୁଛି। ରାଜ୍ୟ ସରକାର ମାଇନିଂ ବିଭାଗ ଅଧିନରେ ବିଭିନ୍ନ ବାଲି ସୈରାତ, ମାଟି, ଗୋଡି ଓ ପଥର ଖାଦାନର ସୁରକ୍ଷା ପ୍ରଦାନ କରିବା ଦିନ ଠାରୁ ଜଳେଶ୍ୱର ଅଞ୍ଚଳରେ ଏହି ଖଣିଜ ଦ୍ରବ୍ୟର ଚୋରା ଚାଲାଣ ବଢିବାରେ ଲାଗିଛି। ମାଫିଆ ମାଲେମାଲ ହେଉଥିବା ବେଳେ ରାଜ୍ୟ ସରକାର କୋଟିକୋଟି ଟଙ୍କାର ରାଜସ୍ୱ ହରାଉଛନ୍ତି। ଗ୍ରାମ ପାଖ ନଦୀକୂଳରୁ ବାଲି ଉତ୍ତୋଳନ ଦ୍ୱାରା ଗ୍ରାମ ଗୁଡିକ ପ୍ରତି ବିପଦ ଦେଖା ଦେଇଥିବାବେଳେ ଏହାକୁ ତୁରନ୍ତ ବନ୍ଦ କରିବା ପାଇଁ ନଦୀକୂଳ ଗ୍ରାମବାସୀ ଦାବି କରିବା ସହିତ ଆଗାମୀ ଦିନରେ ଏକ ବଡ ଜନଆନ୍ଦୋଳନ କରାଯିବ ବୋଲି ସୂଚନା ଦେଇଛନ୍ତି।

## ଖାଡ଼େଶ୍ୱର ଡିପ୍ଲୋମା ଇଂଜିନିୟରିଂରେ ନବାଗତ ଛାତ୍ରଛାତ୍ରୀଙ୍କ ସ୍ୱାଗତ ଉତ୍ସବ



ବାଲେଶ୍ୱର,୧୩।୯ (ସମିସ): ରେମୁଣାସ୍ଥିତ ଖାଡେଶ୍ୱର ଇନଷ୍ଟିଚ୍ୟୁଟ ଅଫ୍ ଇଞ୍ଜିନିୟରିଂ ଆଣ୍ଡ ଟେକ୍ନୋଲୋଜି ପରିସରରେ ଚଳିତବର୍ଷ ନାମ ଲେଖାଇଥିବା ଛାତ୍ରଛାତ୍ରୀମାନଙ୍କ ନିମନ୍ତେ ସ୍ୱାଗତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଜଗଦମ୍ବା ପଲିମରର ସିନିୟର୍ ମ୍ୟାନେଜର ଡ. ସତ୍ୟନାରାୟଣ ଦାଶ, ମୁଖ୍ୟବକ୍ତା ଖାଡେଶ୍ୱର ଇଞ୍ଜିନିୟରିଂ କଲେଜର ଏକାଡେମିକ ଡିନ୍ ଇଂ ଶରତ କୁମାର ମିଶ୍ର ଯୋଗଦେଇ ନବାଗତ ଛାତ୍ରମାନଙ୍କ କ୍ୟାରିୟର ଗଠନ ଓ ଉଜ୍ଜ୍ୱଳ ଭବିଷ୍ୟତ ପାଇଁ ପରାମର୍ଶ ଦେଇଥିଲେ। ଅନୁଷ୍ଠାନର ଚେୟାରମେନ ପରମାନନ୍ଦ ସାନ୍ତରା, ସମ୍ପାଦକ ସର୍ବେଶ୍ୱର ସାନ୍ତରା ଓ ଆଡମିନିଷ୍ଟ୍ରେଟିଭ ଅଫିସର ପତିତପାବନ ସାହୁ ଯୋଗଦେଇ ପିଲାମାନଙ୍କୁ ସେମାନଙ୍କ ଲକ୍ଷ୍ୟ ପୂରଣ ପାଇଁ ପରାମର୍ଶ ଦେଇଥିଲେ। ଏହି ସ୍ୱାଗତ ଉତ୍ସବରେ ଅନୁଷ୍ଠାନର ଅଧକ୍ଷ ଇଂ ବିଭୁପ୍ରସାଦ ମାହାନା, ଏକାଡେମିକ ଡାଇରେକ୍ଟର ତପନ କୁମାର ରଣା, ବରିଷ୍ଠ ଅଧ୍ୟାପକ ବିମଳ କୁମାର ମୈଶାଳ, ଅଧ୍ୟାପକ ଓ ଅଧ୍ୟାପିକାମାନେ ଉପସ୍ଥିତ ରହି ନବାଗତ ଛାତ୍ରଛାତ୍ରୀଙ୍କୁ ଅଭିନନ୍ଦନ ଜଣାଇଥିଲେ। ସିଭିଲ ବିଭାଗ ମୁଖ୍ୟ ଇଂ ପ୍ରିତିରଞ୍ଜନ ସେଠୀ, ମେକାନିକାଲ ବିଭାଗ ମୁଖ୍ୟ ଇଂ ପ୍ରିୟମାଧବ ସାହୁ, ଇଟିସି ବିଭାଗର ମୁଖ୍ୟ ବିଶ୍ୱ ରଞ୍ଜନ ନାୟକ, ଇଲେକ୍ଟ୍ରିକାଲ ବିଭାଗ ମୁଖ୍ୟ ଇଂ ଚିନ୍ମୟ କୁମାର ପଣ୍ଡା, ଅଧ୍ୟାପକ ପ୍ରଦୀପ କୁମାର ନାୟକ, ଅଧ୍ୟାପିକା ଗୀତା ଗୋବିନ୍ଦ ସମାୟ, ଅଧ୍ୟାପକ ମନୋରଞ୍ଜନ ସେନାପତି ଓ ଅଧ୍ୟାପକ ରାଜେଶ କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ। କମ୍ପ୍ୟୁଟର ବିଭାଗ ଅଧ୍ୟାପକ ଇଂ ସତ୍ୟଜିତ ରାୟ ମଞ୍ଚ ପରିଚାଳନା ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପିକା ଇଂ ଦିବ୍ୟଜ୍ୟୋତି ଗଙ୍ଗାଇ ଧନ୍ୟବାଦ ଅର୍ପଣ କରିଥିଲେ।

## ସ୍ୱତନ୍ତ୍ର ଟିକଟ ଯାଞ୍ଚ ଅଭିଯାନ; ୧.୩୮ ଲକ୍ଷ ଜରିମାନା ଆଦାୟ



ବାଲେଶ୍ୱର,୧୩।୯ (ସମିସ): ଖଡ଼ଗପୁର ଡିଭିଜନ ପକ୍ଷରୁ ଆଜି ବିଭିନ୍ନ ସେକ୍ସନ ଏବଂ ଟ୍ରେନରେ ଟିକଟ ଯାଞ୍ଚ ଅଭିଯାନ କରାଯାଇଥିଲା। ଏହି ଅଭିଯାନରେ କେଜିପି-ଜେଜିଏମ, କେଜିପି-ବିଏଲଏସ୍, କେଜିପି-ଏଚ୍‌ଡବ୍ଲୁଏଚ୍, କେଜିପି-ବିସିକେ-ଏଚ୍ ଏ ୟୁ ଆର୍-ପିକେୟୁ ଏବଂ ଅନ୍ୟାନ୍ୟ ସେକ୍ସନ ସମେତ ଗୁରୁତ୍ୱପୂର୍ଣ୍ଣ ରୁଟଗୁଡ଼ିକରେ ଅନିୟମିତ ଏବଂ ଅନଧିକୃତ ଯାତ୍ରା ଉପରେ ଲକ୍ଷ୍ୟ ରଖାଯାଇଥିଲା। ସେକ୍ସନରେ ଥିବା ଅନ୍ୟାନ୍ୟ ଟ୍ରେନଗୁଡ଼ିକରେ ଉତ୍ସର୍ଗୀକୃତ ସ୍କ୍ୱାଡ୍ ନିୟୋଜିତ କରାଯାଇଥିଲା। ଖଡ଼ଗପୁର ଷ୍ଟେସନ ଏବଂ ବାଲେଶ୍ୱର ଷ୍ଟେସନରେ ମଧ୍ୟ ଯାଞ୍ଚ କରାଯାଇଥିଲା। ଅଭିଯାନ ସମୟରେ, ବିନା ଟିକଟ କିମ୍ବା ଅନିୟମିତ ଟିକଟରେ ଯାତ୍ରା କରୁଥିବା ଯାତ୍ରୀଙ୍କ ମୋଟ ୨୩୭ ମାମଲା ଚିହ୍ନଟ କରାଯାଇଥିଲା। ରେଳ ଆଇନର ବ୍ୟବସ୍ଥା ଅନୁଯାୟୀ ଅପରାଧୀମାନଙ୍କଠାରୁ ଦଣ୍ଡ ସ୍ୱରୂପ ୧ ଲକ୍ଷ ୩୮ ହଜାର ୧୫୦ ଟଙ୍କା ଜରିମାନା ଆଦାୟ କରାଯାଇଛି। ଖଡ଼ଗପୁର ଡିଭିଜନ ସମସ୍ତ ଯାତ୍ରୀଙ୍କୁ ଉପଯୁକ୍ତ ଏବଂ ବୈଧ ଟିକେଟ୍ ସହିତ ଯାତ୍ରା କରିବାକୁ ଏବଂ ଏକ ଅସୁବିଧାମୁକ୍ତ ଯାତ୍ରା ପରିବେଶ ବଜାୟ ରଖିବାରେ ରେଳ କର୍ମଚାରୀଙ୍କୁ ସହଯୋଗ କରିବାକୁ ଅନୁରୋଧ କରାଯାଇଛି।

## ରାସ୍ତା ନିର୍ମାଣକୁ କେନ୍ଦ୍ରକରି ସରପଞ୍ଚଙ୍କୁ ଧମକ

ଜଳେଶ୍ୱର ବ୍ଲକ, ୧୩।୯ (ସମିସ): ରାଇବଣିଆ ଥାନା ଅନ୍ତର୍ଗତ ଶ୍ୟାମନଗର ଗ୍ରାମ ପଞ୍ଚାୟତରେ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ନୁହାପଡାଠାରୁ ଓଲମରା ମୁଖ୍ୟ ରାସ୍ତାର ଦୁଧିଆ ଖାଳି କେନାଲ ଛକ ଠାରୁ ଧାନଘେରୀପଶ୍ଚିମ ବଙ୍ଗ ବୋଡର ପର୍ଯ୍ୟନ୍ତ ରାସ୍ତା ମଂଜୁର ହୋଇ କାର୍ଯ୍ୟ ଆରମ୍ଭ ହୋଇଛି। ଉକ୍ତ ରାସ୍ତାଟି ସରକାରୀ ନିୟମ ମୁତାବକ କାର୍ଯ୍ୟ ହେଉଥିବା ବେଳେ ଶ୍ୟାମନଗର ଗ୍ରାମ ପଞ୍ଚାୟତର ଶୁଖଯୋଡ଼ି ଗ୍ରାମର ଦୁଃଖୀରାମ କିସ୍କୁ ସରପଞ୍ଚ ଗିରିଜା ସାସମଲଙ୍କ ନାମ ଲେଖି ଶ୍ୟାମନଗର ବିକାଶ କି ସୌଗନ୍ଧ ହ୍ୱଟ୍‌ସଆପ୍ ଗ୍ରୁପରେ ଧମକ ପୂର୍ଣ୍ଣ ବାର୍ତ୍ତା ଦେଇଥିବା ନେଇ ସରପଞ୍ଚ ନିଜ ଜୀବନ ପ୍ରତି ବିପଦ ଆଶଙ୍କା ପ୍ରକାଶ କରି ଆଜି ରାଇବଣିଆ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣାର ତଦନ୍ତ ଚାଲିଥିବା ପୁଲିସ କହିଛି।

# ବାଲିଆପାଳ ଲାୟନ୍ସ କ୍ଲବ୍‌ର ଦଶମ ଅଧିଷ୍ଠାନ ଉତ୍ସବ

ବାଲିଆପାଳ, ୧୩।୯ (ସମିସ)



**୨୦୨୫-୨୬ ପାଇଁ ସଭାପତି ହେଲେ ଅମିତ ପଟ୍ଟନାୟକ**

ବାଲିଆପାଳ ଲାୟନ୍ସ କ୍ଲବର ଦଶମ ଅଧିଷ୍ଠାନ ଉତ୍ସବ ବାଲିଆପାଳ ବ୍ଲକ ଛକସ୍ଥିତ ଶୁଭମ ଗେଷ୍ଟହାଉସ ପରିସରରେ ଅନୁଷ୍ଠିତ ହୋଇଯାଇଛି। ୨୦୨୫-୨୬ ବର୍ଷ ପାଇଁ ବାଲିଆପାଳ ଲାୟନ୍ସ କ୍ଲବର ସଭାପତି ହେଲେ ଲାୟନ ଅମିତ କୁମାର ପଟ୍ଟନାୟକ। ବିଦାୟୀ ସଭାପତି ଲାୟନ ତରୁଣ କୁମାର ମହାପାତ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଅଧିଷ୍ଠାନ ଉତ୍ସବରେ ମୁଖ୍ୟଅତିଥି ଭାବରେ ବାଲିଆପାଳ ତହସିଲଦାର ଜ୍ୟୋସ୍ନାରାଣୀ ନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରି ବକ୍ତବ୍ୟ ପ୍ରଦାନ କରି ଲାୟନ୍ସ କ୍ଲବର ସାମାଜିକ କାର୍ଯ୍ୟକୁ ପ୍ରଶଂସା କରିଥିଲେ। ଏହି କାର୍ଯ୍ୟକ୍ରମରେ ଇନିଷ୍ଟଲେସନ ଅଫିସର ଭାବରେ ଲାୟନ୍ସ କ୍ଲବର ପୂର୍ବତନ ଡ଼ିଜି(ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର) ଲାୟନ ପ୍ରଲୋଭ ଜେନା ଯୋଗଦେଇ ବାଲିଆପାଳ ଲାୟନ୍ସ କ୍ଲବର ୨୦୨୫-୨୬ ବର୍ଷର ନୂତନ କମିଟି ଘୋଷଣା କରିବା ସହିତ ସେମାନଙ୍କ କାର୍ଯ୍ୟକ୍ରମ ବିଷୟରେ ଅବଗତ କରାଇ ନିଷ୍ଠାର ସହିତ ସାମାଜିକ କାର୍ଯ୍ୟ କରିବା ପାଇଁ ଶପଥ ପାଠ କରାଇଥିଲେ। କ୍ଲବର ସଭାପତି ଭାବରେ ଲାୟନ ଅମିତ କୁମାର ପଟ୍ଟନାୟକଙ୍କ ସହିତ ନୂତନ କମିଟିର ନାମ ଘୋଷଣା କରିଥିଲେ। ସେମାନେ ହେଲେ ସମ୍ପାଦକ ଲାୟନ ତାରାକାନ୍ତ ଜେନା, କୋଷାଧକ୍ଷ ଭାବେ ଲାୟନ ମୋହନ ପିଳା, ଉପସଭାପତି ଭାବେ ଲାୟନ ବ୍ୟୋମକେଶ ସାହୁଙ୍କ ସହିତ ଟିମ୍ ସଦସ୍ୟଙ୍କ ନାମ ଘୋଷଣା କରିଥିଲେ। ନୂତନ କମିଟି ସଦସ୍ୟଙ୍କ ସହିତ ନୂତନ ସଭାପତିଙ୍କୁ ସମସ୍ତ ଅତିଥି ତଥା ସଦସ୍ୟ ମାନେ ସ୍ୱାଗତ କରିଥିଲେ। ସମ୍ମାନିତ ଅତିଥି ଭାବରେ ଜି ଏସ ଟି କୋଅର୍ଡିନେଟର ଲାୟନ ସମରେଶ ଦିନ୍ଦା, ଆର ସି ଲାୟନ ବନ୍ଦନା ରାୟ ଯୋଗଦେଇ ଏହି ଅବସରରେ ବକ୍ତବ୍ୟ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ବାଲିଆପାଳ ରୋଟାରୀ କ୍ଲବର ପୂର୍ବତନ ସଭାପତି ସୁବ୍ରତ ମହାପାତ୍ର, ବାଲେଶ୍ୱର ଲାୟନ୍ସ କ୍ଲବ ଉମଙ୍ଗର ଶର୍ମିଷ୍ଠା ଦାସ, ବସ୍ତା ଲାୟନ୍ସ କ୍ଲବର ସତ୍ୟନାରାୟଣ ଗୁପ୍ତା, ଜଳେଶ୍ୱର ଲାୟନ୍ସ କ୍ଲବର ଗିରିଜା ଶଙ୍କର ଦାସ ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ କ୍ଲବର ନୂତନ ମେମ୍ବର ଭାବରେ ଯୋଗଦେଇ ଥିବା ମେମ୍ବର ମାନଙ୍କୁ ଇନିଷ୍ଟଲେସନ ଅଫିସର ପୂର୍ବତନ ଡିଷ୍ଟ୍ରିକ୍ଟ ଗଭର୍ଣ୍ଣର ଲାୟନ ଶ୍ରୀ ଜେନା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିବା ସହିତ ଲାୟନ୍ସ କ୍ଲବର ପିନ ପ୍ରଦାନ କରିଥିଲେ। ବରିଷ୍ଠ ସଦସ୍ୟ ଲାୟନ ଝାଡେଶ୍ୱର ପ୍ରଧାନ ଅତିଥିଙ୍କୁ ମଞ୍ଚ ଆହ୍ୱାନ କରିଥିବା ବେଳେ ଲାୟନ ଅଜୟ କୁମାର ସାହୁ ଅତିଥିଙ୍କ ପରିଚୟ ପ୍ରଦାନ କରିଥିଲେ। ସମ୍ପାଦକ ଲାୟନ ତାରାକାନ୍ତ ଜେନା ସମ୍ପାଦକୀୟ ବିବରଣୀ ପାଠ କରିଥିଲେ। ଲାୟନ ଗୋବିନ୍ଦ ପ୍ରସାଦ ଦାସ ଶାନ୍ତି ପାଠ କରିଥିବା ବେଳେ ଲାୟନ ନବୀନ କୁମାର ପାତ୍ର ଲାୟନ୍ସ କ୍ଲବ ନୀତିବାଣୀ ପାଠ କରିଥିଲେ। ଲାୟନ ଭୁବନ ମୋହନ ପିଳା, ଲାୟନ ସଞ୍ଜୟ କୁମାର ଜେନା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଲାୟନ ଗୋପାଳ ଚନ୍ଦ୍ର ଜେନା, ଲାୟନ ଜାମିନିକାନ୍ତ ରାଉତ, ପ୍ରଶାନ୍ତ ସାହୁ, ଡ. ଗୟାରାମ ଗଙ୍ଗାଇ, ଲାୟନ ଦାମୋଦର ଗିରି ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ। ଲାୟନ ବ୍ୟୋମକେଶ ସାହୁ ଧନ୍ୟବାଦ ଦେଇଥିଲେ।

# ଥମିବାର ନା ନେଉନି ବରଗଡ଼ରେ ଚାଷୀ ଆନ୍ଦୋଳନ



ବରଗଡ଼,୧୩।୯ (ସମିସ): ଇନପୁଟ ସହାୟତା ବଣ୍ଟନରେ କାଇଁଶୀର ପଞ୍ଚାୟତର ଚାଷୀ ଅସନ୍ତୁଷ୍ଟ ହୋଇ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହୋଇଛନ୍ତି। ଚାଷୀଙ୍କ ଅଭିଯୋଗ ଅନୁସାରେ ଗତ ରବି ଋତୁରେ ଅଦିନିଆଁ ବର୍ଷା କାରଣରୁ ବ୍ୟାପକ ଧାନ ଫସଲ ନଷ୍ଟ ହୋଇଥିଲା। ସେହି ସମୟରେ ବିଭାଗୀୟ ଅଧିକାରୀ କ୍ଷେତ ବୁଲି କ୍ଷୟକ୍ଷତି ଆକଳନ କରିଥିଲେ ଏବଂ ସମସ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ମିଳିବାର ଆଶ୍ୱାସନା ଦେଇଥିଲେ। ରାଜ୍ୟ ସରକାର ମଧ୍ୟ ତରବରିଆ ଭାବେ ବରଗଡ଼ ଜିଲ୍ଲା ପାଇଁ ୭ କୋଟି ୫୫ଲକ୍ଷ ୪୪ ହଜାର ଟଙ୍କା ଘୋଷଣା କରିଥିଲେ। କିନ୍ତୁ ସେହି କ୍ଷତିପୂରଣ ଅକାଳନରେ ବରପାଲି ବ୍ଲକ୍ ନଥିଲା। ସଂଯୁକ୍ତ କୃଷକ ସଂଗଠନର ଦାବି ପରେ ବରପାଲି ବ୍ଲକ୍‌କୁ ସାମିଲ କରାଯାଇଥିଲା ଏବଂ କାଇଁଶୀର ପଞ୍ଚାୟତର ବରଗଂପାଲିର ୧୦୫ ଜଣ ଏବଂ କାଇଁଶୀର ଗାଁର ୮୭ ଜଣ ଚାଷୀଙ୍କୁ କ୍ଷତିପୂରଣ ଇନ୍‌ପୁଟ ସବସିଡି ମିଳିଥିଲା। ପ୍ରକୃତରେ ଯେଉଁ ଚାଷୀଙ୍କ ଫସଲ ନଷ୍ଟ ହୋଇଛି ସେମାନଙ୍କୁ କ୍ଷତିପୂରଣ ନ ମିଳିବାରୁ ପ୍ରଥମେ ରାଜସ୍ୱ ଅଧିକାରୀ ପରେ ତହସିଲଦାରଙ୍କୁ ଲିଖିତ ଭାବେ ଗ୍ରାମବାସୀ ଜଣାଇଥିଲେ। ହେଲେ କୌଣସି ପଦକ୍ଷେପ ନିଆ ନ ଯିବାରୁ ଗ୍ରାମବାସୀଙ୍କ ତରଫରୁ ତହସିଲ ଅଫିସ ଘେରଉ ହୋଇଥିଲା। ପରେ କ୍ଷତି ହୋଇନଥିବା ଚାଷୀଙ୍କୁ ଲକ୍ଷ ଲକ୍ଷ ଟଙ୍କା ମିଳିଥିବା ଜଣା ପଡ଼ିଥିଲା। ଏପରିକି ଗୋଟିଏ ପରିବାରର ୩/୪ ଜଣଙ୍କୁ ମଧ୍ୟ କ୍ଷତିପୂରଣ ମିଳିଥିବା ତଥ୍ୟ ସାମ୍ନାକୁ ଆସିଥିଲା। ତେଣୁ ଚାଷୀ ମାନେ ଅସନ୍ତୋଷ ବ୍ୟକ୍ତ କରିବା ସହ ଜିଲ୍ଲାପାଳଙ୍କ ନିକଟକୁ ଆସିଥିଲେ। ଆରଆଇ ଏବଂ ତହସିଲଦାର ମିଶି ଲାଞ୍ଚ

## ପଞ୍ଜୀକରଣ, ଟୋକନ ସମସ୍ୟା, ଅଦିନିଆ ବର୍ଷା କ୍ଷତିପୂରଣ ପରେ ଇନ୍‌ପୁଟ ସହାୟତା ବ୍ୟତିକ୍ରମ

ନେଇ ଅସାଧୁ ଭାବେ ଅଯୋଗ୍ୟ ଚାଷୀଙ୍କୁ କ୍ଷତିପୂରଣ ଦେଇଛନ୍ତି ବୋଲି ଅଭିଯୋଗ କରିଥିଲେ। ଏହାର ଉଚ୍ଚସ୍ତରୀୟ ତଦନ୍ତ କରି ଅନିୟମିତତା କରିଥିବା ଅଫିସର୍ ବିରୋଧରେ କାର୍ଯ୍ୟାନୁଷ୍ଠାନ ନିଆଯାଉ ଏବଂ ଉପଯୁକ୍ତ କ୍ଷତିଗ୍ରସ୍ତ ଚାଷୀଙ୍କୁ କ୍ଷତିପୂରଣ ଦିଆଯାଉ ବୋଲି ସେମାନେ ଦାବି ଉପସ୍ଥାପନ କରିଥିଲେ। ଏହା କାର୍ଯ୍ୟକାରୀ ନ ହେଲେ ରାଜରାସ୍ତାକୁ ଓହ୍ଲାଇ ଆନ୍ଦୋଳନ କରିବାକୁ ଗ୍ରାମବାସୀ ଚେତାଇ ଦେଇଛନ୍ତି। ଏହି ସମୟରେ ପ୍ରହ୍ଲାଦ ପଧାନ, ବଳରାମ ଭୋଇ, ହର ପଧାନ, ଦିବାକର ସାହୁ, ଅଭିଳାଷ ପଧାନ, ଦିବ୍ୟ ପଧାନ, ଭରତ ଭୋଇ, ଶମ୍ଭୁପ୍ରସାଦ ପଧାନ, ସଞ୍ଜୀବ ପଧାନ, ଆଲୋକ ଗଡତିଆ, ସଂଯୁକ୍ତ କୃଷକ ସଂଗଠନର ନିରଞ୍ଜନ ପଧାନ, ସୁଦାମ ପାତ୍ର ଏବଂ ରମେଶ ମହାପାତ୍ର ଉପସ୍ଥିତ ଥିଲେ।

# ସ୍ଥାୟୀ ଚାକିରି ଓ ଇନ୍‌କ୍ରିମେଣ୍ଟ ନେଇ ଏନ୍‌ପିଏସ୍ ଶିକ୍ଷକଙ୍କ ବିକ୍ଷୋଭ ଓ ଦାବିପତ୍ର

ବରଗଡ଼,୧୩।୯ (ସମିସ)

ଓଡ଼ିଶା ସରକାରୀ ହାଇସ୍କୁଲ ନୂତନ ପେନସନ ଭୁକ୍ତ ଶିକ୍ଷକ ସଂଘ, ବରଗଡ଼ ଜିଲ୍ଲାର ୧୨ ଟି ବ୍ଲକ୍‌ର ସରକାରୀ ହାଇସ୍କୁଲର ଶହ ଶହ ଶିକ୍ଷକଗଣ ସଂଘ ସଭାପତି ଆଦିତ୍ୟ ମାଝୀ ଓ ଉପଦେଷ୍ଟା ଜୟ ପ୍ରକାଶ ସାହୁଙ୍କ ନେତୃତ୍ୱରେ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଠାରେ ଶନିବାର ପହଞ୍ଚି ବିଭିନ୍ନ ଦାବି ଉପସ୍ଥାନ କରିଛନ୍ତି। ୨୦୦୪ରୁ ୨୦୧୪ ଭିତରେ ନିଯୁକ୍ତି ପାଇଥିବା ସରକାରୀ ହାଇସ୍କୁଲରେ ହୋଇଥିବା ଅସଙ୍ଗତି ଦୂର କରିବା ପାଇଁ ମୁଖ୍ୟମନ୍ତ୍ରୀ, ଗଣଶିକ୍ଷା ମନ୍ତ୍ରୀ, ମୁଖ୍ୟ ଶାସନ ସଚିବ ଓ ଗଣଶିକ୍ଷା ସଚିବଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ଶିକ୍ଷା ଅଧିକାରୀ ଓ ଜିଲ୍ଲାପାଳଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଥିଲେ। ଏଥିପାଇଁ ଏକ ଶାନ୍ତିପୂର୍ଣ୍ଣ ଶୋଭାଯାତ୍ରା ଭଟଲି ଛକରୁ ବାହାରି ଜିଲ୍ଲା ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ଓ ପରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଯାଇଥିଲେ।



ପ୍ରାୟ ୨୦୦ ଶିକ୍ଷକ ଏହି କାର୍ଯ୍ୟକ୍ରମରେ ଯୋଗ ଦେଇଥିଲେ।

ଓଡ଼ିଶା ସରକାର ଗତ ୨୦୦୪ରୁ ୨୦୨୨ପର୍ଯ୍ୟନ୍ତ ସମସ୍ତ ହାଇସ୍କୁଲରେ ଚୁକ୍ତିଭିତ୍ତିକ ଶିକ୍ଷକ ନିଯୁକ୍ତି କରିଥିଲେ। ସରକାରଙ୍କ ନିୟମାନୁଯାୟୀ ୬ ବର୍ଷ ନିୟମିତ ଭାବେ କାମ କରିବା ପରେ ଶିକ୍ଷକ ମାନେ ନିୟମିତ ହେବାର ବ୍ୟବସ୍ଥା ରହିଛି। ସେହି ଅନୁଯାୟୀ ୨୦୦୪ରୁ ୨୦୧୪ ମଧ୍ୟରେ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକ ୬ ବର୍ଷ କାର୍ଯ୍ୟ କଳାପରେ ନିୟମିତ ହୋଇଥିଲେ। ହେଲେ ତତ୍କାଳୀନ ସରକାର ନଭେମ୍ବର ୨୦୨୨ ମସିହାରେ ଚୁକ୍ତି ଭିତ୍ତିକ ରିପିଲ ନିୟମ ଆଣି ୨୦୧୩ ପରଠାରୁ ନିଯୁକ୍ତି ପାଇଥିବା ସମସ୍ତ ଶିକ୍ଷକଙ୍କୁ ନିୟମିତ କରି ଚାକିରିରେ ଯୋଗ କରିବା ଦିନ ଠାରୁ ନିୟମିତ କରିବା ସହ ସମସ୍ତ ସୁଯୋଗ ଓ ସୁବିଧା ପ୍ରଦାନ କଲେ। ବିଡମ୍ବନାର ବିଷୟ ୨୦୦୪ରୁ ୨୦୧୩ ଭିତରେ ନିଯୁକ୍ତି ପାଇଥିବା ଶିକ୍ଷକଙ୍କୁ ଏଥିରୁ ବାଦ୍ ଦିଆଗଲା। ତା'ପରେ ସରକାର ୨୦୨୩ ମସିହାରେ ପ୍ରକାଶିତ ଏସଓପି ଯୋଗୁଁ ୨୦୦୪ରୁ ୨୦୧୦ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଚୁକ୍ତିଭିତ୍ତିକ ଶିକ୍ଷକମାନଙ୍କୁ ସରକାର ପୁରାପୁରି ଅଣଦେଖା କରି ସରକାରୀ ହାଇସ୍କୁଲରେ କାର୍ଯ୍ୟରତ ଶିକ୍ଷକ ମାନଙ୍କର ବର୍ଗୀକରଣ ସୃଷ୍ଟି କଲେ। ୨୦୦୪ରୁ ୨୦୧୪ ପର୍ଯ୍ୟନ୍ତ ନିଯୁକ୍ତି ପାଇଥିବା ଶିକ୍ଷକମାନେ ବାରମ୍ବାର ବିଭାଗୀୟ ସଚିବ, ବିଭାଗୀୟ ମନ୍ତ୍ରୀଙ୍କ ସହ ଆଲୋଚନା କରି ଏହାର ସମାଧାନ ପାଇଁ ଗୁହାରି କରିଥିଲେ ମଧ୍ୟ ବାରମ୍ବାର ସେମାନଙ୍କୁ ଅଣଦେଖା କରାଯାଉଛି। ଏଣୁ ସରକାର ଶିକ୍ଷକଙ୍କ ନାର୍ଯ୍ୟ ଦାବିକୁ ପୂରଣ ନ କଲେ, ଆଗାମୀ ସେପ୍ଟେମ୍ବର ୨୨ରେ ରାଜ୍ୟ ସଂଘର ଡାକରାରେ ବରଗଡ଼ ଜିଲ୍ଲାରୁ ଶହ ଶହ ଶିକ୍ଷକ ଭୁବନେଶ୍ୱରଠାରେ ହେବାକୁ ଥିବା ରାଜ୍ୟ ସ୍ତରୀୟ ଆନ୍ଦୋଳନରେ ଯୋଗ ଦେବେ ଏବଂ ଶିକ୍ଷକଙ୍କ ପ୍ରତି ହୋଇଥିବା ଅନ୍ୟାୟ ବିରୁଦ୍ଧରେ ଲଢ଼େଇ କରିବେ ବୋଲି ଏନ୍‌ପିଏସ ଶିକ୍ଷକ ମାନେ ପ୍ରକାଶ କରିଛନ୍ତି। ଗୁରୁତ୍ୱପୂର୍ଣ୍ଣ କଥା ହେଲା ଏହି ୨୦୦୪ରୁ ୨୦୧୪ ମଧ୍ୟରେ ନିଯୁକ୍ତ ଅଧିକାଂଶ ଶିକ୍ଷକ ପ୍ରଧାନଶିକ୍ଷକ, କାର୍ଯ୍ୟକାରୀ ପ୍ରଧାନଶିକ୍ଷକ, କିମ୍ବା ବରିଷ୍ଠ ଶିକ୍ଷକ ରୂପେ ଦାୟିତ୍ୱ ସମ୍ପାଦନ କରି ଆସୁଛନ୍ତି। ଏହି ଶିକ୍ଷକ ମାନେ ଆନ୍ଦୋଳନକୁ ଗଲେ ଯାହା ପରିସ୍ଥିତି ସୃଷ୍ଟି ହେବ ସେଥିପାଇଁ ସରକାର ଦାୟୀ ରହିବେ ବୋଲି କୁହାଯାଇଛି। ଏହି କାର୍ଯ୍ୟକ୍ରମରେ ସଂଘର ଉପଦେଷ୍ଟା ଭବାନୀ ଶଙ୍କର ଗଡତିଆ, ଅଶୋକ ଭୋଇ, ମହେନ୍ଦ୍ର ମହାରଣା, ଧିରୋଜ ପଟ୍ଟନାୟକ, ପ୍ରିୟବ୍ରତ ସାହୁ, ଅନିଲ ସାବତ, ବୀରେନ୍ଦ୍ର ନାଗ, ମନୋଜ ବଡ଼ାଇ, ସୁଶାନ୍ତ ମଙ୍ଗୁଆଲ ସଞ୍ଜୟ ସାହୁଙ୍କ ସମେତ ଶହ ଶହ ଶିକ୍ଷକ ଶିକ୍ଷୟିତ୍ରୀ ଯୋଗ ଦେଇଥିଲେ।

# ଜୈବିକ ଚାଷୀ ତାଲିମ ଶିବିର

ପଦ୍ମପୁର,୧୩।୯ (ସମିସ): ପଦ୍ମପୁର ଉପଖଣ୍ଡ ପଦ୍ମାବତୀ ହଲଠାରେ ଭିତ୍ତିଭୂମି ସେବା ସଂଗଠନ ଓ ଅଜିମ ପ୍ରେମଜି ଫାଉଣ୍ଡେସନ ସହଯୋଗରେ ଦ୍ୱିଦିବସୀୟ ଜୈବିକ ଚାଷ ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। ସଂଗଠନର କର୍ମକର୍ତ୍ତା ବ୍ୟାସଦେବ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଦାଶରଥି ବେହେରା ଉଦ୍ଦେଶ୍ୟ ଓ କାର୍ଯ୍ୟସୂଚୀ ବିଷୟରେ ଅବଗତ କରିଥିଲେ। ମହିଳା ଜୈବିକ ସାର ଔଷଧ ନିର୍ମାତା ଶାଖା ନେଟୀ, ବିସର୍ଗ ସାହୁ ପେଜାସ୍ତ୍ର, କମ ଖର୍ଚ୍ଚରେ ଜୈବିକ ସାର ପ୍ରସ୍ତୁତ କରି ବ୍ୟବହାର କରିବା ବିଷୟରେ ତାଲିମ ଦେଇଥିଲେ। ବଇଦପାଲି ଗାଁକୁ ଯାଇ ବୀଜାମୃତ, ଜୀବାମୃତ,




ପେଜାସ୍ତ୍ର, ମହୁଆ ଟନିକ, ବ୍ରହ୍ମାସ୍ତ୍ର ତିଆରି ଶିଖେଇଥିଲେ।। ଏହି ମହତ୍ତ୍ୱପୂର୍ଣ୍ଣ କାମକୁ ଆଗକୁ ନେବାକୁ ହେବ ବୋଲି ଦେଶୀ ବିହନ ସୁରକ୍ଷା ମଞ୍ଚର ଆବାହକ ସରୋଜ ତାଲିମ ଦାତାଙ୍କୁ ପରାମର୍ଶ ଦେଇଥିଲେ। କର୍ମଶାଳାରେ ରାଧାରମଣ ପାଣିଗ୍ରାହୀ, ରାଧାକାନ୍ତ ସାହୁ, ତୋଫାନ ସାହୁ, ଦିଲ୍ଲୀପ ପଧାନ, ଗୌରହରି ସାହୁ, ପଦ୍ମିନୀ ସାହୁ, ଗୌରୀ ବଢ଼େଇ, କୌଶଲ୍ୟା ହାତୀ, ଶାଖା ତାଣ୍ଡି, ଉଦେକର ନାୟକ, ବୀଣାପାଣି ବଗର୍ତ୍ତୀ, ସୁଦାମ ମହାନନ୍ଦ, ସନ୍ତୋସିନୀ ମଲ୍ଲିକ ଜୈବିକ ଚାଷୀ ମଧ୍ୟ ନିଜର ଜ୍ଞାନ କୌଶଳର କଥା ଉପସ୍ଥାପନା କରିଥିଲେ। କାର୍ଯ୍ୟକ୍ରମରେ ସଂଗଠନର ବିଶ୍ୱଜ୍ୟୋତି, ଝୁମୀ ମେହେର, ବେଦବ୍ୟାସ, ରୋହିଣୀ, କମଲ, ଉତ୍କଳ ସହଯୋଗ କରିଥିଲେ।

# ଅଜଣା ଶବ ସତ୍କାର କଲେ ସଂକଳ୍ପ ପରିବାର ସଦସ୍ୟ

ବରଗଡ଼,୧୩।୯ (ସମିସ): ସଂକଳ୍ପ ପରିବାର ପକ୍ଷରୁ ବରଗଡ଼ ଟାଉନ ଥାନା ଅଧୀନ ବରମଚାରି ନିକଟବର୍ତ୍ତୀ ଜାତୀୟ ରାଜପଥ ୫୩ ଠାରେ ଠାବ ହୋଇଥିବା ଏକ ଅଚିହ୍ନା ଶବ ସତ୍କାର କରାଯାଇଛି। ମୃତ ଶବକୁ ୪ଦିନ ପର୍ଯ୍ୟନ୍ତ ରଖାଯାଇଥିଲେ ସୁଦ୍ଧା ତାର କୌଣସି ଦାବିଦାର ଆସି ନଥିଲେ। ଏହାପରେ ବରଗଡ଼ ଟାଉନ ଥାନା ପକ୍ଷରୁ ସାମାଜିକ ଅନୁଷ୍ଠାନ ସଂକଳ୍ପ ପରିବାରକୁ ଶବ ସତ୍କାର କରିବା ପାଇଁ ଅନୁରୋଧ କରାଯାଇଥିଲା। ଖବର ପାଇ ସଂକଳ୍ପ ପରିବାରର ରଞ୍ଜିତ ସାହୁ, ଶେଷଦେବ ପଧାନ, ଅନନ୍ତ ଚରଣ ସାହୁ ଏବଂ ଦେବେନ୍ଦ୍ର ଭୁଏ ପ୍ରମୁଖ ବରଗଡ଼ ଟାଉନ ଥାନାର ଅଧିକାରୀଙ୍କ ଉପସ୍ଥିତିରେ ପିପଳମୁଣ୍ଡା ଶ୍ମଶାନରେ ଶବ ସତ୍କାର କରିଥିଲେ।

# ସୁକୁଟାପାଲିରେ ଜିଲ୍ଲା ଭିଲ ସମାଜର ବୈଠକ

ବରଗଡ଼,୧୩।୯ (ସମିସ): ବରଗଡ଼ ଜିଲ୍ଲା ଅତାବିରା ବ୍ଲକ୍ ଅଧିନ ସୁକୁଟାପାଲିରେ ଜିଲା ଭିଲ ସମାଜର ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଜିଲ୍ଲା ଭିଲ ସମାଜର କର୍ମକର୍ତ୍ତା ମନୋନୟନ କରାଯାଇଥିଲା। ସର୍ବସମ୍ମତି କ୍ରମେ ସଭାପତି ବାସୁଦେବ ଦେହେରୀ, ଉପସଭାପତି ଭରତ ଦେହେରୀ, ସମ୍ପାଦକ ଲକ୍ଷ୍ମଣ ମଲ୍ଲିକ, ସହସମ୍ପାଦକ ପୂର୍ଣ୍ଣଚନ୍ଦ୍ର ଝାଙ୍କର, କୋଷାଧ୍ୟକ୍ଷ କୃଷ୍ଣଚନ୍ଦ୍ର କୁଶଲିଆଙ୍କୁ ମନୋନୀତ କରାଯାଇଛି। ଭିଲ ସମାଜ କିପରି ଭାବେ ବିଭିନ୍ନ କ୍ଷେତ୍ରରେ ଉନ୍ନତି କରିପାରିବେ ସେ ସମ୍ପର୍କରେ ଆଲୋଚନା ହୋଇଥିଲା।

# ବିଭିନ୍ନ ଶିକ୍ଷାନୁଷ୍ଠାନରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

## ଛାତ୍ରଛାତ୍ରୀଙ୍କୁ ସିପିଆର୍ ଓ ଜୀବନରକ୍ଷା ତାଲିମ

ଅମ୍ବାଭୋନା,୧୩।୯ (ସମିସ)

### ଜନତା ସରକାରୀ ହାଇସ୍କୁଲ



ଠିକ ସମୟରେ ଫାଷ୍ଟ ଏଡ୍ ମିଳିବା କୌଣସି ଆର୍ଶୀବାଦ ଠାରୁ କମ୍ ନୁହେଁ। ଏହାକୁ ଉପଲବ୍ଧି କରି କେଉଁ ପରିସ୍ଥିତିରେ କି କି ପ୍ରାଥମିକ ଉପଚାର କରିବା ଉଚିତ ସେ ସମ୍ପର୍କରେ ଶିକ୍ଷାର୍ଥୀମାନଙ୍କୁ ସୂଚନା ପ୍ରଦାନ କରିବା ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ୍ ଅଧୀନ ଭୁକ୍ତା ସ୍ଥିତ ଜନତା ସରକାରୀ ଉଚ୍ଚ ବିଦ୍ୟାଳୟରେ ବିଶ୍ୱ ଫାଷ୍ଟ ଏଡ୍ ଦିବସ ୨୦୨୫ ପାଳିତ ହୋଇଯାଇଛି। ପ୍ରଧାନଶିକ୍ଷକ ଦୁର୍ଗା ପ୍ରସାଦ ନାୟକଙ୍କ ଅଧକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭୁକ୍ତାର ଡାକ୍ତର ଅଞ୍ଜଳା ପ୍ରଧାନ, ସମ୍ମାନିତ ଅତିଥି ଭାବେ ସିଆରସିସି କେଦାର ନାଏକ ଓ ବିଦ୍ୟାଳୟ ପରିଚାଳନା କମିଟିର ଅଧକ୍ଷ ସାନନ୍ଦ ଦେହେରୀ ଯୋଗ ଦେଇଥିଲେ। ଜୁନିଅର୍ ରେଡକ୍ରସର ପରାମର୍ଶଦାତା ଶିକ୍ଷକ ସଂଜୟ ଖମାରୀ ସଭାକାର୍ଯ୍ୟ ପରିଚାଳନା କରିଥିଲେ। ପ୍ରାଥମିକ ସହାୟତା କ୍ଷେତ୍ରରେ ଜୁନିଅର୍ ରେଡ୍‌କ୍ରସର ସଦସ୍ୟଙ୍କ ଭୂମିକା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା। ମୁଖ୍ୟ ଅତିଥି ଡ.ଅଞ୍ଜଳା ପ୍ରଧାନ କୌଣସି ଦୁର୍ଘଟଣା କିମ୍ବା ବ୍ୟକ୍ତିଙ୍କର ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ସମସ୍ୟା ଦେଖାଦେଲେ ତାଙ୍କୁ ଡାକ୍ତରଙ୍କ ପାଖକୁ ନେବା ପୂର୍ବରୁ ଯେଉଁ ପ୍ରାଥମିକ ସ୍ୱାସ୍ଥ୍ୟ ସହାୟତା ପ୍ରଦାନ କରାଯାଇପାରିବ ସେଗୁଡିକୁ ପ୍ରଦର୍ଶନ କରିଥିଲେ। ପ୍ରଧାନଶିକ୍ଷକ ଶ୍ରୀ ନାୟକ ପ୍ରାଥମିକ ଉପଚାରର ଆବଶ୍ୟକତା ବିଷୟରେ ଛାତ୍ରଛାତ୍ରୀଙ୍କୁ ସବିଶେଷ ଧାରଣା ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ବିଦ୍ୟାଳୟର ଜୁନିଅର୍ ରେଡ୍‌କ୍ରସ, ବୀର ସୁରେନ୍ଦ୍ର ସାଏ ଇକୋ କ୍ଲବ୍ ଓ ଶକ୍ତି କ୍ଲବ୍‌ର ସଦସ୍ୟ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ଆଶୁତୋଷ ଭୋଇ, ଶ୍ରୀପତି ସାହୁ, ତେଜରାମ ସା, ବୋଧରାମ ବିଶ୍ୱାଳ, ପ୍ରଶାନ୍ତ ମହାପାତ୍ର, ଶ୍ରୀପତି ସାହୁ ଓ ଶିକ୍ଷୟିତ୍ରୀ ଅନୀତା ପଧାନ ପ୍ରମୁଖ ସହଯୋଗ କରିଥିଲେ।

### ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ

ପଦ୍ମପୁର: ମେଲଛାମୁଣ୍ଡା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ୱାଇଆରସି ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଛି। ପ୍ରାଧ୍ୟାପକ ଡ.ପ୍ରଦୀପ ପ୍ରଧାନଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ୱାଇଆର୍‌ସି କାଉନସେଲର ଅଧ୍ୟାପକ ଶାନ୍ତନୁ ବିଶି ମଞ୍ଚ ପରିଚାଳନା ଓ ଅତିଥି ପରିଚୟ କରିଥିଲେ। କଲେଜର ଅବସରପ୍ରାପ୍ତ ପ୍ରାଧ୍ୟାପକ ତଥା ପୂର୍ବତନ ୱାଇଆରସି କାଉନସେଲର ଭୂପତି କାଲେ ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିଲେ। ଜରୁରୀ ପରିସ୍ଥିତରେ ପ୍ରାଥମିକ ଚିକିତ୍ସାର ମହତ୍ତ୍ୱ ବିଷୟରେ ଛାତ୍ରଛାତ୍ରୀଙ୍କୁ ଦିଗ୍‌ଦର୍ଶନ ଦେଇଥିଲେ। ଅଧ୍ୟାପିକା ସସ୍ମିତା ବର୍ଗେଇ ୱାଇଆରସିର ଗଠନ ଓ ଇତିହାସ ବିଷୟରେ ବର୍ଣ୍ଣନା କରିଥିଲେ। ଅଧ୍ୟାପକ ମହେଶ ମିଶ୍ର ଓ ଅଧ୍ୟାପକ ସଚିନ୍ଦ୍ର ସୁନା ମଞ୍ଚାସୀନ ରହିଥିଲେ। ଅଧ୍ୟାପକ ଭଦ୍ରସେନ ସାହା ଧନ୍ୟବାଦ ଅର୍ପଣ କରିଥିଲେ।

### ପିଏମ୍‌ଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ

ଅମ୍ବାଭୋନା: ସ୍ଥାନୀୟ ପିଏମଶ୍ରୀ କେଦାରନାଥ ଆଦିବାସୀ ସରକାରୀ ଉଚ୍ଚ ବିଦ୍ୟାଳୟ ଅମ୍ବାଭୋନାରେ ପ୍ରଧାନଶିକ୍ଷକ ସୁବାସ ଚନ୍ଦ୍ର ରଥଙ୍କ ଅଧକ୍ଷତାରେ ଜୁନିଅର ରେଡକ୍ରସ୍ ଦ୍ୱାରା ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜୁନିଅର ରେଡକ୍ରସ୍ କାଉନସିଲର ଶୁଭାଶିଷ ଜଗତ ଏହି ଦିବସରେ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ପ୍ରତିବର୍ଷ ସେପ୍ଟେମ୍ବର ମାସ ଦ୍ୱିତୀୟ ଶନିବାର ଏହି ଦିବସ ପାଳିତ ହୋଇଥାଏ। ବିଜ୍ଞାନ ଶିକ୍ଷକ ମନୋହର ସାହୁ ସଭା ପରିଚାଳନା କରିଥିଲେ। ଖେଳ ଶିକ୍ଷୟିତ୍ରୀ କୌଶଲ୍ୟା ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବରିଷ୍ଠ ଶିକ୍ଷକ ବିଶ୍ୱନାଥ ସାହୁ, ଉପମା ପ୍ରଧାନ, ତେଜରାମ୍ ସାହୁ ଓ ଚିନ୍ମୟ ସାହୁ ପ୍ରମୁଖ ମଞ୍ଚାସୀନ ଥିଲେ। ପ୍ରାଥମିକ ଚିକିତ୍ସା ପାଇଁ ଜରୁରୀ କୌଶଳ ଗୁଡିକ ଛାତ୍ରଛାତ୍ରୀ ପ୍ରଦର୍ଶନ କରିଥିଲେ। ପ୍ରାଥମିକ ଚିକିତ୍ସା ସମୟରେ ପୁନରୁଦ୍ଧାର ସ୍ଥିତି, ଆଘାତ ସମୟରେ ବେଣ୍ଡେଜ, ରକ୍ତସ୍ରାବ ବନ୍ଦ କରିବା, ଚେତା ଶୂନ୍ୟ ଓ ଶ୍ୱାସ କ୍ରିୟା ସମୟରେ ଛାତି ଉପରେ ଚାପ ପ୍ରୟୋଗ ଦେବା, ଆହତ ବ୍ୟକ୍ତିକୁ ସହଜରେ ବୋହି ନେବା ଆଦି ବିଭିନ୍ନ କୌଶଳ ପ୍ରଦର୍ଶନ ଅତି ଚମତ୍କାର ଓ ଶିକ୍ଷଣୀୟ ତଥା ସୁନ୍ଦର ହୋଇଥିଲା। ଶେଷରେ ଶିକ୍ଷକ ଦିନବନ୍ଧୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଦଧିବାମନ ମହାବିଦ୍ୟାଳୟ

ଭଟଲି: ଦଧିବାମନ ମହାବିଦ୍ୟାଳୟ ଭଟଲିର ଯୁବ ରେଡକ୍ରସ୍ ଶାଖା ତରଫରୁ ବିଶ୍ୱ ଫାଷ୍ଟ ଏଡ ଦିବସ ପାଳିତ ହୋଇଯାଇଛି। ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଭଟଲିର ଡ.ଚନ୍ଦ୍ରଭାନୁ ମହାଲିଙ୍ଗ ବିଶେଷଜ୍ଞ ଭାବେ ଓ କ୍ଷେତ୍ରକେତନ ଧରେଇ ଯୋଗ ଦେଇ ଆଶୁ ଚିକିତ୍ସା ବିଷୟରେ ଛାତ୍ରଛାତ୍ରୀଙ୍କୁ ସଚେତନ କରିଥିଲେ। ବଜ୍ରପାତରେ କିପରି ସାବଧାନତା ଅବଲମ୍ବନ କରିବାକୁ ହୁଏ ତାହା ମଧ୍ୟ ଶିଖାଇଥିଲେ। ଅଧ୍ୟକ୍ଷ ସରୋଜ ଦାଶ ଅଧକ୍ଷତା କରିଥିବା ବେଳେ ପ୍ରାଧ୍ୟାପକ ବିଶ୍ୱଜିତ ହୋତା ଫାଷ୍ଟ ଏଡ ବିଷୟରେ ବିଷଦ ବିବରଣୀ ପ୍ରଦାନ କରିଥିଲେ। ଯୁବ ରେଡକ୍ରସର ପରାମର୍ଶଦାତା ଅଧ୍ୟାପକ ଶମ୍ଭୁନାଥ ଠାକୁର ସଭା ସଂଯୋଜନା କରିଥିବା ବେଳେ ଅଧ୍ୟାପକ ଆଶିଷ ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ।

### ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟ




ପାଇକମାଳ: ବିନ୍ଧ୍ୟବାସିନୀ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ଫାଷ୍ଟ ଏଡ ଦିବସ ପାଳିତ ହୋଇଛି। ମହାବିଦ୍ୟାଳୟର ଅଧକ୍ଷ ଲୋହିତ ବାରିକଙ୍କ ଅଧକ୍ଷତାରେ ଅନୁଷ୍ଠିତ ସଭାରେ ପ୍ରାଥମିକ ଚିକିତ୍ସା ସମ୍ପର୍କିତ ସଚେତନତା କରାଯାଇଥିଲା। ଅଧ୍ୟାପକ ଅଙ୍କିତ ଦାସ ଅତିଥି ପରିଚୟ ପ୍ରଦାନ କରିଥିଲେ। ମୁଖ୍ୟ ଅତିଥି ଡ.ଅଙ୍କିତ ସାଗର ମନୁଷ୍ୟ ଜୀବନରେ ଅନେକ ସମୟରେ ଘଟିଯାଉଥିବା ଦୁର୍ଘଟଣା କିମ୍ବା ଶାରୀରିକ ଅସୁସ୍ଥତା ସମୟରେ କରାଯାଉଥିବା ତତ୍କାଳ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ସୂଚାଇ ଥିଲେ। ଶେଷରେ ଅଧ୍ୟାପକ ଦେବାଶିଷ ଧନ୍ୟବାଦ ଅର୍ପଣ କରିଥିବା ବେଳେ ଅଧ୍ୟାପିକା ପୁଷ୍ପମଞ୍ଜରୀ ପ୍ରଧାନ ସଭା ପରିଚାଳନା କରିଥିଲେ।

### ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ

ଝାରବନ୍ଧ: ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ, ଝାରବନ୍ଧରେ ଯୁବ ରେଡକ୍ରସ ୟୁନିଟ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ସହାୟତା ଦିବସ ପାଳିତ ହୋଇଯାଇଛି। ଅଧକ୍ଷ ଶ୍ୟାମସୁନ୍ଦର ବେହେରାଙ୍କ ଅଧକ୍ଷତାରେ ହୋଇଥିବା କାର୍ଯ୍ୟକ୍ରମରେ ସାର୍ତ୍ତିକ ସାହୁ ମୁଖ୍ୟ ବକ୍ତା ଓ ଡ.ଖ୍ୟାତିମୟ ତ୍ରିପାଠୀ ପ୍ରାଥମିକ ସହାୟତା ପ୍ରଶିକ୍ଷକ (ଟ୍ରେନର) ଭାବେ ଯୋଗ ଦେଇଥିଲେ। ଶ୍ରୀ ସାହୁ ମଣିଷ ଜୀବନରେ ପରୋପକାରର ମହତ୍ତ୍ୱ ବିଷୟରେ ଆଲୋଚନା କରିଥିଲେ। ଡ.ତ୍ରିପାଠୀ ସାପ କାମୁଡ଼ା, କୁକୁର କାମୁଡ଼ା, ମହୁମାଛି କାମୁଡ଼ା, ପୋଡିବା, ହୃଦଘାତ ତଥା




ବିଭିନ୍ନ ପରିସ୍ଥିତିରେ କିପରି ପ୍ରାଥମିକ ସହାୟତା କରାଯାଇ ପାରିବ ସେ ବିଷୟରେ ବିସ୍ତୃତ ଭାବେ ବ୍ୟାଖ୍ୟା କରିଥିଲେ। ଶେଷରେ ଯୁବ ରେଡକ୍ରସ ଅଧିକାରୀ ମିନପ୍ରଭା ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ସଭାରେ ଅଧ୍ୟାପିକା ଯାଜ୍ଞସେନୀ ନାୟକ, ଅଧ୍ୟାପକ ଗଗନ ବିହାରୀ ଡନସନା, ରଶ୍ମି ମହାଲିଂ, ଗୀତାଞ୍ଜଳୀ ଗୁରୁଙ୍କ ସମେତ ଚନ୍ଦ୍ରମଣି ବାଗ୍, ମନୀଷା ଭୋଇ, ଅଶୋକ ହାତୀ, ଅଞ୍ଜନ ବରିହା, ଦୁର୍ଯୋଧନ ପାଣ୍ଡେ ଓ ସ୍ୱେଚ୍ଛାସେବୀ ତଥା ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

### ବରପାଲି ମହାବିଦ୍ୟାଳୟ



ବରପାଲି: ବରପାଲି ମହାବିଦ୍ୟାଳୟ ପରିସରରେ ଅନ୍ତର୍ଜାତୀୟ ପ୍ରାଥମିକ ସହାୟତା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଯୁବରେଡକ୍ରସ ସଂସ୍ଥା ପକ୍ଷରୁ ଆୟୋଜିତ ସମାରୋହ ମହାବିଦ୍ୟାଳୟ ଅଧକ୍ଷା ଜୟନ୍ତୀ ଦାଶଙ୍କ ସଭାପତିତ୍ୱରେ ପରିଚାଳିତ ହୋଇଥିଲା। ବରପାଲି ବାଳକ ଉଚ୍ଚ ବିଦ୍ୟାଳୟ କ୍ରୀଡା ପ୍ରଶିକ୍ଷକ ଓ ପ୍ରାଥମିକ ସହାୟତା ତାଲିମପ୍ରାପ୍ତ ରକ୍ଷକ ମନୋଜ ସାହୁ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ମହାବିଦ୍ୟାଳୟ ପ୍ରଶାସନିକ ଅଧିକାରୀ ତଥା ପୂର୍ବତନ ରେଡକ୍ରସ ପରାମର୍ଶଦାତା ପ୍ରାଧ୍ୟାପକ ସୁଶୀଲ ଶତପଥୀ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ ଡ.ବାଳକୃଷ୍ଣ ପଟେଲ, ଡ.ଗଙ୍ଗାଧର ମେହେର, ପ୍ରଧ୍ୟାପକ ଅଶୋକ ପଧାନ ପ୍ରମୁଖ ଯୋଗ ଦେଇ ପରାମର୍ଶ ମାନ ଉପସ୍ଥାପନ କରିଥିଲେ। ରେଡକ୍ରସ ପରାମର୍ଶଦାତା ଅଧ୍ୟାପକ ଅଲେଖ ମହାନନ୍ଦଙ୍କ ସଂଯୋଜନାରେ କାର୍ଯ୍ୟକ୍ରମ ପରିଚାଳିତ ହୋଇଥିଲା।

### ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ



ବରପାଲି: ବରପାଲି କଦଲିପାଲି ଜଗବନ୍ଧୁ ଦାଶ ସ୍ନାତକ ମହିଳା ମହାବିଦ୍ୟାଳୟ ପରିସରରେ ବିଶ୍ୱ ପ୍ରାଥମିକ ସହାୟତା ଦିବସ ଅଧକ୍ଷା ପଦ୍ମିନୀ ଦାଶଙ୍କ ଅଧକ୍ଷତାରେ ପାଳିତ ହୋଇଛି। ଇତିହାସ ବିଭାଗ ଅଧ୍ୟାପିକା ତଥା ଯୁବ ରେଡକ୍ରସ ସହଯୋଗୀ କାଉନସିଲର ଯାଜ୍ଞସେନୀ ପଟେଲଙ୍କ ସଂଯୋଜନାରେ ସଭାକାର୍ଯ୍ୟ ପରିଚାଳିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ମହାବିଦ୍ୟାଳୟ ପ୍ରତିଷ୍ଠାତା ଅନ୍ତର୍ଯ୍ୟାମୀ ପଣ୍ଡା ଯୋଗ ଦେଇ ଦୁର୍ଘଟଣାରେ ଆହତ ବ୍ୟକ୍ତି ମାନଙ୍କ ପ୍ରାଥମିକ ସହାୟତା ତଥା ହାର୍ଟ ଷ୍ଟୋକ, ସାପ କାମୁଡିବା, ସିପିଆର ସମ୍ବନ୍ଧରେ ବହୁ ଗୁଣାତ୍ମକ ନୂତନ ତଥ୍ୟ ମାନ ସ୍ୱେଚ୍ଛାସେବୀ ମାନଙ୍କୁ ପ୍ରଦାନ କରିଥିଲେ। ଯୁବ ରେଡକ୍ରସ କାଉନସିଲର ତଥା ଫାଷ୍ଟ ଏଡ୍ ମାଷ୍ଟର ଟ୍ରେନର ଯତୀନ୍ଦ୍ର ସାହୁ ଆହତ ବ୍ୟକ୍ତିର ଜୀବନରକ୍ଷା ପ୍ରଣାଳୀର ସେବାକାର୍ଯ୍ୟ, ସୁରକ୍ଷା ଓ ଶୈଳୀ, ଉଚିତ ବ୍ୟବହାରିକ ଉପାୟ ଉପରେ ଜ୍ଞାନ ପ୍ରଦାନ କରିଥିଲେ। ଏହି ଅବସରରେ ମହାବିଦ୍ୟାଳୟ ସମସ୍ତ ଅଧ୍ୟାପକ ନେପାଳ ବିଶ୍ୱାଲ, ଶଶାଙ୍କ ଶେଖର ପଧାନ, ସାର୍ଥକ ପାଣିଗ୍ରାହୀ, ଅଧ୍ୟାପିକା ପିଙ୍କି ବାରିକ, ଜ୍ୟୋତି ସାହୁ, ମନିଷା ଭୋଇ, ସସ୍ମିତା ମେହେର, ପୁନମ୍ ସାହୁ, ଶୋଭାବତୀ ଥପା, ସହକର୍ମୀ ବିରେନ୍ଦ୍ର ଖଟୁଆ, ନୃପରାଜ ବରିହା, ତ୍ରିପୁରା ବେହେରାଙ୍କ ସମେତ ଛାତ୍ରୀ ମାନେ ସାମିଲ ହୋଇଥିଲେ।

### ଗାଇସିଲେଟ ମହାବିଦ୍ୟାଳୟ




ଗାଇସିଲେଟ: ବରଗଡ଼ ଜିଲ୍ଲା ଗାଇସିଲେଟ ପଞ୍ଚାୟତ ସମିତି ଗାଇସିଲେଟ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଅଧକ୍ଷ ଡ.ଜୟକେତନ ତ୍ରିପାଠୀ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ବିଷୟରେ ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଅଧ୍ୟାପିକା ପ୍ରତୀକ୍ଷା ଡନସନା ସଭାକାର୍ଯ୍ୟ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପାକ୍ଷିକ ପତ୍ରିକା କୋଶଳ ଟାଇମର ସମ୍ପାଦକ ସଞ୍ଜୀବ ମହାପାତ୍ର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସର ପ୍ରାସଙ୍ଗିକତା ସହ ବରଗଡ଼ ଜିଲ୍ଲା ଭାରତରେ କର୍କଟରୋଗ ଦ୍ୱିତୀୟ ସ୍ଥାନ ନେଇଥିବା ଏବଂ ଏହାର କାରଣ, ନିରାକରଣ ବିଷୟରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅନ୍ୟତମ ଅତିଥି ଭାବେ ବରଗଡ଼ର ସମାଜସେବୀ ଶୁଭ୍ରାଂଶୁ ଦାଶ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମରେ +୨ ଓ +୩ର ଶତାଧିକ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସଭାରେ ଅଧ୍ୟାପକ ବାଚସ୍ପତି ପଧାନ, ଅରୁଣ ମୁନାଙ୍କ ସମେତ ଅନେକ ଅଧ୍ୟାପକ ଅଧ୍ୟାପିକା ଯୋଗଦାନ କରିଥିଲେ। ଶେଷରେ ୱାଇଆର୍‌ସି କାଉନସେଲର ହେମନ୍ତ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

### ଭାରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥାନ



ବରଗଡ଼: ଭରତୀୟ ହସ୍ତତନ୍ତ ପ୍ରାଦ୍ୟୋଗିକ ସଂସ୍ଥାନ, ବରଗଡ଼ରେ ଶନିବାର ଛାତ୍ରଛାତ୍ରୀ ତଥା କର୍ମଚାରୀ ମାନଙ୍କୁ ସିପିଆର ଟ୍ରେନିଂ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଭୁବନେଶ୍ୱର ସ୍ଥିତ ସାଇ ସରସ୍ୱତୀ ସେଣ୍ଟ୍ରାଲ ଟ୍ରଷ୍ଟ ନାମକ ସଂସ୍ଥା ଦ୍ୱାରା ହୋଇଥିବା ଏହି ଦକ୍ଷତା କର୍ଯ୍ୟକ୍ରମକୁ ହାଇଟେକ୍ ମେଡିକାଲ କଲେଜ, ହୃଦୟ ବିଭାଗର ଡ.ଚନ୍ଦନ ଦାସ ଓ ସିପିଆର ମାଷ୍ଟର ଟ୍ରେନର ଇଂ.ସାଇରାମେଶ୍ୱର ଲେଙ୍କା ପରିଚାଳନା କରିଥିଲେ। ଏହି ପଦ୍ଧତି ସମସ୍ତେ ଶିଖିବା ଉଚିତ। ଆପଦ୍‌କାଳୀନ ପରିସ୍ଥିତିରେ ଆବଶ୍ୟକ ସ୍ଥଳେ ଏହି ପଦ୍ଧତି ଦ୍ୱାରା କୌଣସି ବ୍ୟକ୍ତିର ଜୀବନ ରକ୍ଷା କରାଯାଇ ପାରିବ। କାର୍ଯ୍ୟକ୍ରମରେ ଅଧ୍ୟାପକ ଦୀପକ ସରାଫ, ଅରବିନ୍ଦ, ଦିଲୀପ ମେହେର, ରାଜେନ୍ଦ୍ର ସିକନ୍ଦର, ସତିଶ ଜଂଗ୍ରା ତଥା ସମସ୍ତ ଷ୍ଟାଫ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୩୪୨ ମାମଲାର ଫଇସଲା; ୫ କୋଟି ୩ ଲକ୍ଷ ଜରିମାନା ଆଦାୟ


ଜଗତସିଂହପୁର,୧୩।୯ (ସମିସ)



ଜଗତସିଂହପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା ଅଦାଲତ ଓ ସ୍ଥାନୀୟ ସରକାରୀ ବାଳିକା ଉଚ୍ଚବିଦ୍ୟାଳୟରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀନିବାସ ପ୍ରତିହାରୀଙ୍କ ଅଧ୍ୟକ୍ଷତାରେ ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ୧୩୪୨ ମାମଲାର ଫଇସଲା ହୋଇଥିବାବେଳେ ୫ କୋଟି ୩ ଲକ୍ଷ ୧୪ ହଜାର ଟଙ୍କା ଜରିମାନା ଆଦାୟ ହୋଇଛି। ଏହି ଲୋକ ଅଦାଲତରେ ଶ୍ରୀନିବାସ ପ୍ରତିହାରୀଙ୍କ ସହ ପରିବାର ଅଦାଲତ ଜଜ୍ ରଶ୍ମିତା ଦଳେଇ, ଅତିରିକ୍ତ ଜିଲ୍ଲା ଜଜ୍ ହରପ୍ରସାଦ ପଟ୍ଟନାୟକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ପଣ୍ଡା, ସବଜଜ୍ ରାକେଶ ମୁଦୁଲି, ମହିଳା ଅଦାଲତ ବିଚାରପତି ସ୍ୱପ୍ନଶ୍ରୀ ନାୟକ, ପ୍ରାଧିକରଣର ସଚିବ ବିଡିଡି ଚନ୍ଦନା, ସବଜଜ୍ ଶର୍ମିଷ୍ଠା ଶୁଭଦର୍ଶିନୀ ମହାନ୍ତି, ମୁନସିଫ ଅନନ୍ୟା ଦାସ, ଏସ୍‌ଡିଜେଏମ୍ ପ୍ରତ୍ୟୁଷ କୁମାର ଚାନ୍ଦ, ଜେଏମ୍‌ଏଫ୍‌ସି ଅଙ୍କିତ ଦେୱାଙ୍ଗନ ପ୍ରମୁଖ ଯୋଗଦେଇ ମାମଲା ପରିଚାଳନା କରିଥିଲେ।

ସେହିପରି କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ତାଲୁକ ଆଇନ ସେବା କମିଟି ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ ଦୀପ୍ତିପ୍ରକାଶ ବ୍ରହ୍ମା, ସବଜଜ୍ ଅବକାଶ ଚୌଧୁରୀ, ମୁନସିଫ ଡକ୍ଟର ବିଶ୍ୱଭୂଷଣ ନାୟକ, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରାଜେଶ ମିଶ୍ର, ପାରସ ପାଢ଼ୀ ଓ ଶ୍ରୀମତୀ ରୋଶ୍ନିବାଳା ସେନାପତିଙ୍କ ଅଧ୍ୟକ୍ଷତାରେ କୁଜଙ୍ଗ, ତିର୍ତ୍ତୋଲ ଓ ଏରସମା ଅଦାଲତରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଦୁର୍ଘଟଣାଜନିତ ମୋକଦ୍ଦମାର ବିଚାର ପାଇଁ ଉଦ୍ଦିଷ୍ଟ ବେଞ୍ଚରେ ସ୍ୱେଚ୍ଛାସେବୀ ସୁଷମା ପ୍ରଧାନ, ଆଇନଜୀବୀ ଶରତ ସାହୁ ଓ ବରିଷ୍ଠ ଆଇନଜୀବୀ ସଭ୍ୟ ଭାବେ ମୋକଦ୍ଦମା ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ପ୍ରାୟ ସମସ୍ତ ପ୍ରକାରର ବିଚାରଧୀନ ମାମଲା ଫୌଜଦାରି (ସାଲିସ୍‌ଯୋଗ୍ୟ), ଚେକ ବାଉନ୍ସ ମାମଲା, ବ୍ୟାଙ୍କ ଋଣ ମାମଲା, ରାଜସ୍ୱ, ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ, ବୈବାହିକ ବିବାଦ ଓ ଅନ୍ୟାନ୍ୟ ଦେୱାନୀ ମୋକଦ୍ଦମା ସହିତ ଜିଲ୍ଲାରେ ଥିବା ବ୍ୟାଙ୍କ ଓ ଟାଟା ପାୱାର ମାମଲା ସମ୍ବନ୍ଧୀୟ ପ୍ରାକ୍ ମୋକଦ୍ଦମା ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ଫଇସଲା ହୋଇଛି। ୨୦୩୭ ମାମଲାରୁ ୧୩୪୨ଟି ଫଇସଲା ହେବା ସହିତ ୫ କୋଟି ୩ ଲକ୍ଷ ୧୪ ହଜାର ୩୭୨ ଟଙ୍କା ଆଦାୟ କରାଯାଇଛି। ସେହିପରି ବ୍ୟାଙ୍କ ଓ ଭାରତ ସଞ୍ଚାର ନିଗମ ଲିମିଟେଡର ମାମଲା ସମ୍ବନ୍ଧୀୟ ପ୍ରାକ ମୋକଦ୍ଦମାରେ ୪୮୩୨ଟି ମାମଲାରୁ ୧୯୦ଟି ଫଇସଲା ହେବା ସହିତ ୨୦ ଲକ୍ଷ ୧୯ ହଜାର ୧୪୬ ଟଙ୍କା ଋଣ ଆଦାୟ କରାଯାଇଛି। ଜଗତସିଂହପୁର ଜିଲ୍ଲା ଅଦାଲତ ସମେତ କୁଜଙ୍ଗ, ତିର୍ତ୍ତୋଲ, ଏରସମା ଅଦାଲତ, ଜିଲ୍ଲାର ସମସ୍ତ ତହସିଲ କାର୍ଯ୍ୟାଳୟରେ ମଧ୍ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା।

## ମା' ଶାରଳା ଡେକୋରେଟର ମାଲିକ ସଂଘ ବୈଠକ




ଜଗତସିଂହପୁର,୧୩।୯ (ସମିସ): ମା' ଶାରଳା ଟେଣ୍ଟ, ଲାଇଟ୍ ସାଉଣ୍ଡ ଡେକୋରେଟର ମାଲିକ ସଂଘ ପକ୍ଷରୁ ଡିହସାହିସ୍ଥ ବିଷ୍ଣୁପ୍ରିୟା ମଣ୍ଡପରେ ସାଂଗଠନିକ ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଦେଷ୍ଟା ଧିରିଆ ନନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ସଂଘର ସ୍ଥାୟୀ ସଭାପତି ମଧୁସୂଦନ ସାହୁ ଅଧ୍ୟକ୍ଷତା କରିଥିଲେ। ଏଥିରେ ସଦସ୍ୟ ସଂଖ୍ୟା ବୃଦ୍ଧି ଓ ଲୋକଙ୍କୁ ଉତ୍ତମ ସେବା ଯୋଗାଇବା ସମ୍ପର୍କରେ ଆଲୋଚନା କରାଯାଇଥିବାବେଳେ ସମସ୍ତ ସ୍ଥାୟୀ ଓ ନୂତନ ସଦସ୍ୟଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସାଧାରଣ ସମ୍ପାଦକ ନାରାୟଣ ନାୟକ, ସହସମ୍ପାଦକ ଅଲେଖ ବିଶୋଇ, ଉପସଭାପତି ଚିତ୍ତରଞ୍ଜନ ଷଡ଼ଙ୍ଗୀ, କୋଷାଧ୍ୟକ୍ଷ ସନ୍ଦୀପ୍ତ ମହାନ୍ତି, ଉପଦେଷ୍ଟା ଦିଲ୍ଲୀପ ମହାନ୍ତି, କୁନୁ ମିଶ୍ର, ବୃନ୍ଦାବନ ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ। ଗଣେଶ ପାଲ, ରାଧାକାନ୍ତ ସାହୁ, ପ୍ରତାପ ସ୍ୱାଇଁ, ରାଜକିଶୋର ସାହୁ, ପ୍ରତାପ ସାହୁ ଓ ଦେବେନ୍ଦ୍ର କାଲୁଆ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ଏବିଭିପି କୁଜଙ୍ଗ ଶାଖାର ନଗର ସମ୍ମିଳନୀ

ଜଗତସିଂହପୁର/କୁଜଙ୍ଗ,୧୩।୯ (ସମିସ): ଜିଲ୍ଲା ଅଖିଳ ଭାରତୀୟ ବିଦ୍ୟାର୍ଥୀ ପରିଷଦ ପକ୍ଷରୁ କୁଜଙ୍ଗଠାରେ ସ୍ଥାନୀୟ ଶାଖାର ନଗର ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ଏ ଅବସରରେ ଚଳିତ ଶିକ୍ଷାବର୍ଷ ପାଇଁ ଏବିଭିପିର ନଗର ଟିମ୍ ଘୋଷଣା କରାଯାଇଛି। ନଗର ସଭାପତି ଭାବେ ରେଣୁବାଳା ମଲ୍ଲିକ ଓ ନଗର ସମ୍ପାଦକ ଭାବେ କୁଜଙ୍ଗ ମହାବିଦ୍ୟାଳୟ ଛାତ୍ର ଅମିତ ବାରିକ ମନୋନୀତ ହୋଇଛନ୍ତି। ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କଟକ ବିଭାଗ ସଂଗଠନ ମନ୍ତ୍ରୀ ଦେବାଶିଷ ଦାଶ ଯୋଗଦେଇ ଏବିଭିପିର ଲକ୍ଷ୍ୟ, ଆଦର୍ଶ ସମାଜ ଓ ଶିକ୍ଷା ସମାଜ ପ୍ରତି ଥିବା ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଜିଲ୍ଲା ସଂଯୋଜକ ସତ୍ୟପ୍ରକାଶ ମହାନ୍ତି ଆଦର୍ଶ ସମାଜ ଗଠନରେ ଛାତ୍ରଛାତ୍ରୀଙ୍କ ଦାୟିତ୍ୱ ବିଷୟରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସ୍ଥାନୀୟ ଅଞ୍ଚଳର ବିଭିନ୍ନ କଲେଜର ଶତାଧିକ ବିଦ୍ୟାର୍ଥୀ ଯୋଗ ଦେଇଥିଲେ।

## ଡାକ୍ତର ପ୍ରତୀମା ବେହେରାଙ୍କ ଜନ୍ମୋତ୍ସବ

ପାରାଦୀପ, ୧୩।୯ (ସମିସ): ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ପକ୍ଷରୁ ସ୍ୱର୍ଗତ ଡା. ପ୍ରତୀମା ବେହେରାଙ୍କ ଜନ୍ମତିଥି ପାଳନ କରାଯାଇଛି। ଡା. ପ୍ରତୀମା ବେହେରା ପାରାଦୀପ ବନ୍ଦର ମେଡିକାଲରେ ସ୍ତ୍ରୀ ରୋଗ ବିଶେଷଜ୍ଞ ଭାବେ କାର୍ଯ୍ୟ କରୁଥିଲେ। ସେ ଜଣେ ମେଳାପୀ ଓ ଉଚ୍ଚକୋଟୀର ଡାକ୍ତର ଭାବେ ବନ୍ଦର ସହରରେ ପରିଚିତ ଥିଲେ। ସେ କର୍କଟ ରୋଗରେ ପୀଡ଼ିତ ହୋଇ ମୃତ୍ୟୁବରଣ କରିଥିଲେ। ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟ ସହଯୋଗରେ ପୁଅବୋହୂ ମା'ଙ୍କ ଜନ୍ମଦିନ ପାଳନ କରିବା ସହ ଅସହାୟ ବୃଦ୍ଧବୃଦ୍ଧାଙ୍କୁ ରନ୍ଧା ଖାଦ୍ୟ ପ୍ରଦାନ କରିବା ସହ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। ଏ ଅବସରରେ ଅସହାୟ କଲ୍ୟାଣ ସମିତି ଟ୍ରଷ୍ଟର ମୁଖ୍ୟ ଉପଦେଷ୍ଟା ପ୍ରୀତିରଞ୍ଜନ ମହାପାତ୍ର, ସଭାପତି ପଞ୍ଚାନନ ବେହେରା, ଉପସଭାପତି ତ୍ରିନାଥ ଗୋଚ୍ଛାୟତ, ସମ୍ପାଦିକା ପ୍ରୀତିରେଖା ନାୟକ, ସହସମ୍ପାଦକ କୈଳାସ ଗୋଚ୍ଛାୟତ, ରଶ୍ମିତା ସାହୁ, ସୂର୍ଯ୍ୟଶିଖା ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ।

## ଏସଭିଏମ୍ କଲେଜ ଦର୍ଶନ ବିଭାଗ ଛାତ୍ରଛାତ୍ରୀଙ୍କ ସହ ଜିଲ୍ଲାପାଳଙ୍କ ଭାବବିନିମୟ



ଜଗତସିଂହପୁର,୧୩।୯ (ସମିସ): ଆଜି ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟର ୩୪ ନମ୍ବର କକ୍ଷରେ ଜିଲ୍ଲାପାଳ ଜେ. ସୋନାଲ ଓ ଦର୍ଶନ ବିଭାଗ ଛାତ୍ରଛାତ୍ରୀଙ୍କ ଏକ ଦାର୍ଶନିକ ଭାବବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଶ୍ରୀ ସୋନାଲ ପାଶ୍ଚାତ୍ୟ ଓ ଭାରତୀୟ ଦର୍ଶନ ମଧ୍ୟରେ ଥିବା ସମନ୍ୱୟ ସମ୍ପର୍କରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ଉଦାହରଣ ଦେଇ ବୁଝାଇଥିଲେ। ଶଙ୍କରାଚାର୍ଯ୍ୟଙ୍କ ଅଦ୍ୱୈତ ବେଦାନ୍ତ, ଅଭିନବ ଗୁପ୍ତଙ୍କ ନେତିବାଦ ଓ ନାଗାର୍ଜୁନଙ୍କ ଦାର୍ଶନିକ ସିଦ୍ଧାନ୍ତ ଉପରେ ଜିଲ୍ଲାପାଳ ଆଲୋକପାତ କରିଥିଲେ। ପାଶ୍ଚାତ୍ୟ ଦାର୍ଶନିକ କାଣ୍ଟଙ୍କ ଦର୍ଶନ ଶାସ୍ତ୍ରର ଉଦାହରଣ ଦେଇଥିଲେ। ଭାରତୀୟ ଦର୍ଶନକୁ ଉପନିଷଦର ଦାନ ବିଷୟରେ ବୁଝାଇଥିଲେ। ଉପନିଷଦର ଦାର୍ଶନିକ ତତ୍ତ୍ୱ ଓ ବିଚାରଧାରା କିପରି ଭାରତୀୟ ଦର୍ଶନ ଶାସ୍ତ୍ର ଜଗତରେ ସମୁଜ୍ଜ୍ୱଳ ସ୍ଥାନ ଗ୍ରହଣ କରିଛି, ତାହା ବୁଝାଇଥିଲେ। ପ୍ରାରମ୍ଭରେ ଅଧ୍ୟକ୍ଷା ଡଃ ସୁଜାତା ଓତା କାର୍ଯ୍ୟକ୍ରମ ବିଷୟରେ ସମ୍ୟକ ବିବରଣୀ ପ୍ରଦାନ କରିଥିଲେ। ଦର୍ଶନ ବିଭାଗ ମୁଖ୍ୟ ଡଃ ନୃସିଂହ ଚରଣ ସାମନ୍ତରାୟ ଜିଲ୍ଲାପାଳଙ୍କ ପ୍ରଦତ୍ତ ଦାର୍ଶନିକ ସିଦ୍ଧାନ୍ତର ବ୍ୟାଖ୍ୟା ଓ ଅନୁଶୀଳନ କରିଥିଲେ। ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ ବେହେରା, ଅଧ୍ୟାପକ ଅନନ୍ତ ଆଚାର୍ଯ୍ୟ, ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ ଦର୍ଶନ ବିଭାଗ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ।

## ଲେଖିକା ଅନ୍ନପୂର୍ଣ୍ଣା ଦାଶଙ୍କ ପରଲୋକ



ଜଗତସିଂହପୁର,୧୩।୯ (ସମିସ): ସଦର ବ୍ଲକ୍ ଅଧୀନ ଖଇରଙ୍ଗ ଗ୍ରାମ ନିବାସୀ ବିଶିଷ୍ଟ ଶିକ୍ଷାବିତ ସ୍ୱର୍ଗତ ଗଙ୍ଗାଧର ଦାଶଙ୍କ ସହଧର୍ମିଣୀ ସୁଲେଖିକା ତଥା ଧର୍ମପରାୟଣ ମହିଳା ଅନ୍ନପୂର୍ଣ୍ଣା ଦାଶଙ୍କ ଭୁବନେଶ୍ୱରର ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ମୃତ୍ୟୁଶଯ୍ୟା ନିକଟରେ ପୁତ୍ର ଅବସରପ୍ରାପ୍ତ ଆୟକର କମିଶନର ତଥା ପ୍ରଫୁଲ୍ଲ ପାଠାଗାରର ପ୍ରତିଷ୍ଠାତା ପ୍ରସନ୍ନ ଦାଶ ଉପସ୍ଥିତ ଥିଲେ। ତାଙ୍କ ମରଶରୀରକୁ ଅଣାଯିବା ପରେ ପୁରୁଣାଗଡ଼ସ୍ଥ ପ୍ରଫୁଲ୍ଲ ପାଠାଗାରରେ ଶେଷ ଦର୍ଶନ ପାଇଁ ରଖାଯାଇଥିଲା। ପାଠାଗାରର ସଭାପତି ରବୀନ୍ଦ୍ର ତ୍ରିପାଠୀ, ସମ୍ପାଦକ ସୁରେନ୍ଦ୍ର ରାୟ, ସଦସ୍ୟ ହିମାଂଶୁ ଆଚାର୍ଯ୍ୟ, ସତ୍ୟବାଦୀ ଦାସ, ଶ୍ରୁତକୀର୍ତ୍ତି ମିଶ୍ର ଓ ଅଜୟ ପତି ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ସେଠାରୁ ଶୋଭାଯାତ୍ରାରେ ଗ୍ରାମ ଶ୍ମଶାନକୁ ନିଆଯାଇ ଶେଷକୃତ୍ୟ କରାଯାଇଥିଲା।

## ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘ କାର୍ଯ୍ୟାଳୟରେ କେତେକ ନିୟମ ଉପରେ ଲାଗିଲା ରୋକ

ପାରାଦୀପ,୧୩।୯ (ସମିସ): ଆଜିଠାରୁ ୩୦ ତାରିଖ ପର୍ଯ୍ୟନ୍ତ ଜଗନ୍ନାଥ ଟ୍ରକ୍ ମାଲିକ ସଙ୍ଘ କାର୍ଯ୍ୟାଳୟ ପରିସରରେ କୌଣସି ସଭା ସମିତି ସହ ସଦସ୍ୟମାନେ ଏକତ୍ରିତ ହୋଇ ପାରିବେନାହିଁ। ସଙ୍ଘ କାର୍ଯ୍ୟାଳୟ ସମ୍ମୁଖ ରାସ୍ତାରେ କୌଣସି ଯାନବାହନ ରଖି ରାସ୍ତା ଅବରୋଧ କରିପାରିବେନାହିଁ ବୋଲି ଜିଲ୍ଲା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟ ନିର୍ଦ୍ଦେଶ ଦେଇଛନ୍ତି। ୧୬୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଅନୁସାରେ ଜଗତସିଂହପୁର ସବ୍‌ଡିଭିଜିଓନାଲ ମାଜିଷ୍ଟ୍ରେଟ ଏହି ନିୟମ ଆଜିଠାରୁ ଲାଗୁ କରିଛନ୍ତି। ପରେ ଅନ୍ୟାନ୍ୟ କାର୍ଯ୍ୟପନ୍ଥା ସମ୍ପର୍କରେ ସ୍ଥିର କରାଯିବ। ଅନ୍ୟପକ୍ଷରେ ଜିଲ୍ଲା ପ୍ରଥମ ଶ୍ରେଣୀ ମାଜିଷ୍ଟ୍ରେଟଙ୍କ ଏହି ଆଦେଶକୁ କଡ଼ାକଡ଼ି ପାଳନ କରିବା ପାଇଁ ପାରାଦୀପ ଆଦର୍ଶ ଥାନା ଅଧିକାରୀ ସଂଘର ସଭାପତି ରାକେଶ ଜେନାଙ୍କୁ ଏକ ଚିଠି ମାଧ୍ୟମରେ ଜଣାଇଛନ୍ତି। ଜଗନ୍ନାଥ ଟ୍ରକ ମାଲିକ ସଂଘରେ ପଣ୍ୟ ପରିବହନକୁ ନେଇ ମାଲିକଙ୍କ ମଧ୍ୟରେ ସୃଷ୍ଟି ହୋଇଥିବା ଅସନ୍ତୋଷ ଯୋଗୁଁ ଜିଲ୍ଲା ପ୍ରଶାସନ ଏଭଳି ନିଷ୍ପତ୍ତି ନେଇଥିବା କୁହାଯାଉଛି।

## ବିଶ୍ୱକର୍ମା ପୂଜାକୁ ଅଠରବାଙ୍କୀ ରାସ୍ତା ସମ୍ପ୍ରସାରଣ କାମ ଅଡୁଆ

ପାରାଦୀପ,୧୩।୯ (ସମିସ): ୩ ଦିନ ପରେ ପାରାଦୀପ ରାଜ୍ୟ ପ୍ରସିଦ୍ଧ ବିଶ୍ୱକର୍ମା ପୂଜା ଆରମ୍ଭ ହେବ। ପୌରପାଳିକା, ବନ୍ଦର ପ୍ରଶାସନ ଓ ପୁଲିସ ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ଜୋରଦାର ଆରମ୍ଭ ହୋଇଗଲାଣି। ୭ ଦିନ ଧରି ହେବାକୁ ଥିବା ଏହି ପୂଜା ଦେଖିବାକୁ କାହିଁ କେତେ ଦୂରରୁ ଛୁଟି ଆସିବେ ଲୋକେ। ପ୍ରତିଦିନ ହଜାର ହଜାର ଲୋକଙ୍କ ସମାଗମ ହେବ। ଯେଉଁମାନେ ପାରାଦୀପକୁ ଆସିବେ, ସେମାନେ ଅଠରବାଙ୍କୀ ମୁଖ୍ୟରାସ୍ତା ଦେଇ ପାରାଦୀପ ବଦପଡ଼ିଆ ବ୍ୟାଙ୍କ ଲାଇନରେ ଆୟୋଜିତ ବିଶ୍ୱକର୍ମା ପୂଜା ସ୍ଥଳୀକୁ ଆସିବେ। ଚଣ୍ଡିଖୋଲ-ପାରାଦୀପ ରାସ୍ତାର ଭୂତମୁଣ୍ଡାଇ ପାଖରୁ ଅଠରବାଙ୍କୀ ଓ କଟକ-ପାରାଦୀପ ରାସ୍ତାର ଭୂତମୁଣ୍ଡାଇଠାରୁ ଅଠରବାଙ୍କୀ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଏବେ ବେହାଲ ହୋଇପଡ଼ିଛି। ଖାଲଖମାରେ ମଧ୍ୟ ସବୁ ରାସ୍ତା ଏବେବି ଭର୍ତ୍ତି ହୋଇରହିଛି। ପ୍ରସ୍ତୁତି ବୈଠକରେ ରାସ୍ତା ମରାମତିକୁ ଗୁରୁତ୍ୱ ଦିଆଯାଇଥିବାବେଳେ ଏବେ ବି ସେଭଳି ଆଖିଦୃଶିଆ କାମ ହୋଇନାହିଁ। ଏଥିସହ ରାସ୍ତା ସମ୍ପ୍ରସାରଣ କାମ ଚାଲିଛି। ତାହା ମଧ୍ୟ ସରିନାହିଁ। ବହୁ ଜାଗାରେ ରାସ୍ତା ମଝିରେ କଟ ରହିବା ଦ୍ୱାରା ଅବାଧରେ ରାସ୍ତା ପାର ହେଉଛନ୍ତି ଲୋକେ। ପାରାଦୀପଗଡ଼ ନିକଟରେ ନିର୍ମାଣାଧୀନ ଓଭରବ୍ରିଜ କାମ ଏବେବି ଚାଲିଛି। ରାସ୍ତା ଖୋଳାଯିବା ସହ ସାମଗ୍ରୀ ପଡିରହିଛି। ଯାହା ଟ୍ରାଫିକ ବ୍ୟବସ୍ଥାକୁ ନିଶ୍ଚୟ ସମସ୍ୟାରେ ପକାଇବ। ଅନ୍ୟପକ୍ଷରେ ଆଇରନ ଟ୍ରକ୍ ରାସ୍ତା ପାଶ୍ୱର୍ରେ ପାର୍କିଂ କରୁଛନ୍ତି। ଫଳରେ ଆଗକୁ ଟ୍ରାଫିକ ବ୍ୟବସ୍ଥା ବିଗିଡିବାର ଆଶଙ୍କା ଦେଖାଦେଇଛି। ଜିରୋ ପଏଣ୍ଟ ଦୋଛକି, ଇଫକୋ ଛକ, ତାରିଣୀ ଗଡା, ଟର୍ମିନାଲ ଛକ ଓ ଅଠରବାଙ୍କୀ ଛକରେ ଟ୍ରାଫିକ ଅବ୍ୟବସ୍ଥା ଦେଖିବାକୁ ମିଳୁଛି। ଏସବୁ ସ୍ଥାନରେ ପୁଲିସ ଜଗି ରହି ମଧ୍ୟ ଟ୍ରାଫିକ ସମସ୍ୟା ସୃଷ୍ଟି ହୋଇଛି। ଏହାକୁ ପୁଲିସ ଗୁରୁତର ଭାବେ ନ ନେଲେ ବିଶ୍ୱକର୍ମା ପୂଜା ସମୟରେ ଟ୍ରାଫିକ ସ୍ଥିତି ଅସମ୍ଭାଳ ହେବା ସମ୍ଭାବନା ରହିଛି। ଏସବୁ ଦିଗ ପ୍ରତି ଦୃଷ୍ଟି ଦିଆଯିବାକୁ ଦାବି ହେଉଛି।

## କୁଜଙ୍ଗରେ ରାଷ୍ଟ୍ରୀୟ ଲୋକ ଅଦାଲତ




କୁଜଙ୍ଗ,୧୩।୯ (ସମିସ): ଆଜି କୁଜଙ୍ଗ ଦେୱାନୀ ଅଦାଲତରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। କୁଜଙ୍ଗ ତାଲୁକ୍ ଆଇନ ସେବା କମିଟି ଅଧ୍ୟକ୍ଷ ବିଚାରପତି ଦୀପ୍ତିପ୍ରକାଶ ବ୍ରହ୍ମା ଅଧ୍ୟକ୍ଷତା କରିଥଲେ। ବରିଷ୍ଠ ଦେୱାନୀ ଅଦାଲତ ବିଚାରପତି ଅବିନାଶ ଚୌଧୁରୀ, କନିଷ୍ଠ ଦେୱାନୀ ଅଦାଲତ ବିଚାରପତି ଡଃ ବିଶ୍ୱଭୂଷଣ ନାୟକ, କୁଜଙ୍ଗ ଜେଏମଏଫସି ରାଜେଶ ମିଶ୍ର ଯୋଗ ଦେଇଥିଲେ। ଏହି ଅଦାଲତରେ ୨୬୫ଟି ମାମଲାର ବିଚାର କରାଯାଇ ୧୦୦ଟିର ସମାଧାନ ହୋଇ ୨୨ ଲକ୍ଷ ୧୦ ହଜାର ୩୩୨ ଟଙ୍କା ଜରିମାନା ଆଦାୟ କରାଯାଇଥିଲା। କୁଜଙ୍ଗ ଓକିଲ ସଂଘ ସଭାପତି ଏଏନଡି ଯାଦବ, ରମେଶ ଦାସ, ସଞ୍ଜୟ ବେହେରା, ଦେବାଶିଷ କଣ୍ଡ, ବିଚିତ୍ରା ନନ୍ଦ ସେଣ ପ୍ରମୁଖ ସହଯୋଗ କରିଥଲେ।

## ବିଶ୍ୱ ପ୍ରାଥମିକ ସହାୟତା ଦିବସ

କୁଜଙ୍ଗ,୧୩।୯ (ସମିସ): ବାଲିଆ ପଞ୍ଚାୟତ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟରେ ଯୁବ ରେଡକ୍ରସ୍ ସୋସାଇଟି ପକ୍ଷରୁ ବିଶ୍ୱ ପ୍ରାଥମିକ ସହାୟତା ଦିବସ ଆୟୋଜିତ ହୋଇଯାଇଛି।




ଅଧ୍ୟାପିକା ରୋଜାଲିନ ଜେନାଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ହିରଣ୍ୟ ସ୍ୱାଇଁ ଅଧ୍ୟକ୍ଷତା କରିଥିଲେ। ଡାକ୍ତର ଅଟଳ ବିହାରୀ ଦାସ ମୁଖ୍ୟବକ୍ତା ଭାବେ ଯୋଗାଦେଇ ପ୍ରାଥମିକ ସହାୟତା ସମ୍ପର୍କିତ ବିଭିନ୍ନ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ରାଜନୀତି ବିଭାଗ ଅଧ୍ୟାପିକା ମମତା ବେହେରା, ନିରଞ୍ଜନ ବାରିକ ଉପସ୍ଥିତ ଥିଲେ। ବରିଷ୍ଠ ଅଧ୍ୟାପକ ପ୍ରଶାନ୍ତ ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିବାବେଳେ କର୍ମଚାରୀ ଶଙ୍କର ଖଟୁଆ, ପ୍ରଫୁଲ୍ଲ ମହାପାତ୍ର ଓ ବିଜୟ ମହାପାତ୍ର କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ପୁଲିସ ଓ ଛାତ୍ରଛାତ୍ରୀଙ୍କ ସମ୍ପର୍କ ଓ ସମନ୍ୱୟ ଶୀର୍ଷକ କର୍ମଶାଳା

ଜଗତସିଂହପୁର,୧୩।୯ (ସମିସ): ସ୍ୱାମୀ ବିବେକାନନ୍ଦ ସ୍ୱୟଂଶାସିତ ମହାବିଦ୍ୟାଳୟ ବିଜୁ ପଟ୍ଟନାୟକ ପ୍ରେକ୍ଷାଳୟରେ ପୁଲିସ ଓ ଛାତ୍ରଛାତ୍ରୀଙ୍କ ମଧ୍ୟରେ ସମ୍ପର୍କ ଓ ସମନ୍ୱୟ ଶୀର୍ଷକ ଏକ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷା ଡଃ ସୁଜାତା ଓତା କର୍ମଶାଳା ସମ୍ପର୍କରେ ସମ୍ୟକ ସୂଚନା ପ୍ରଦାନ କରିଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ଓ ଏସ୍‌ଡିପିଓ ଆଜିଙ୍କ୍ୟା ବାବୁରାଓ ମାନେ ଅତିଥି ଭାବେ ଯୋଗଦେଇ କଲେଜ କ୍ୟାମ୍ପସକୁ ଭୟମୁକ୍ତ କରିବା ପାଇଁ ପୁଲିସ ପ୍ରଶାସନ ସମସ୍ତ ସହଯୋଗ ରହିବ ବୋଲି ପ୍ରତିଶ୍ରୁତି ଦେଇଥିଲେ। ଯେକୌଣସି ବିପଦ ଆସିଲେ ତୁରନ୍ତ ପୁଲିସକୁ ସୂଚନା ଦେବାକୁ ଏସ୍‌ପି ଶ୍ରୀ ବର୍ମା ଛାତ୍ରଛାତ୍ରୀଙ୍କୁ ପରାମର୍ଶ ଦେଇଥିଲେ। ଏସିଡିପିଓ ଶ୍ରୀ ମାନେ ଛାତ୍ରଛାତ୍ରୀଙ୍କୁ ଭୟମୁକ୍ତ ହୋଇ ପାଠ ପଢିବାକୁ ପରାମର୍ଶ ଦେଇଥିଲେ। ଉଚ୍ଚମାଧ୍ୟମିକ ଅଧ୍ୟକ୍ଷ ବିଜୟ ବିଶ୍ୱାଳ ଛାତ୍ରଛାତ୍ରୀଙ୍କୁ ସାହସୀ ହେବାକୁ କହିଥିଲେ। ପରେ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅନ୍ୟମାନଙ୍କ ମଧ୍ୟରେ କଲେଜର ପ୍ରଶାସନିକ ଅଧିକାରୀ ଅଧ୍ୟାପକ ପ୍ରଶାନ୍ତ ବେହେରା, ପ୍ରାଧ୍ୟାପକ ନୃସିଂହ ସାମନ୍ତରାୟ, ପୂର୍ବତନ ଅଧ୍ୟକ୍ଷା ବନ୍ଦିତା ଦାସ, ପ୍ରାଧ୍ୟାପକ ସତ୍ୟଜିତ ସାହୁ, ଅଧ୍ୟାପକ ଶୁଭେନ୍ଦୁ ନନ୍ଦ, ପ୍ରାଧ୍ୟାପିକା ମନୋଜା ମଞ୍ଜରୀ ସ୍ୱାଇଁ, ଅଧ୍ୟାପକ ନିହାର ସ୍ୱାଇଁ ପ୍ରମୁଖ ଯୋଗଦେଇ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ହିନ୍ଦୀ ଶିକ୍ଷକ ପୁରସ୍କୃତ



ପାରାଦୀପ,୧୩।୯ (ସମିସ): ରାଷ୍ଟ୍ରୀୟ ହିନ୍ଦୀ ଭାଷା ଦିବସ ଉପଲକ୍ଷେ ଆଜି ନୂଆଦିଲ୍ଲୀସ୍ଥ ଅଗଷ୍ଟ କ୍ରାନ୍ତି ମାର୍ଗରେ ଆୟୋଜିତ ମଧୁବନ ଏଜ୍ୟୁକେସନାଲ ବୁକ୍ସ ଓ ହିନ୍ଦୀ ଏକାଡେମୀ, ଦିଲ୍ଲୀ ସରକାରଙ୍କ ମିଳିତ ସହଯୋଗରେ "ହିନ୍ଦୀ ହେ ହମ୍' ନାମକ ଏକ ଭାଷା ଉତ୍ସବର ଆୟୋଜନ କରାଯାଇଥିଲା। ଏଥିରେ ଦିଲ୍ଲୀ ସରକାରଙ୍କ କଳା ଓ ସଂସ୍କୃତି, ଭାଷା ଓ ପର୍ଯ୍ୟଟନ, ଶ୍ରମ, ବିଧି ଓ ନ୍ୟାୟ ବିଭାଗ ମନ୍ତ୍ରୀ କପିଳ ମିଶ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ଦେଶର ଶ୍ରେଷ୍ଠ ହିନ୍ଦୀ ଶିକ୍ଷକଙ୍କୁ ପୁରସ୍କୃତ କରିଥିଲେ। ଓଡ଼ିଶାର ତିନିଜଣ ଶିକ୍ଷକ ମନୋନୀତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ପାରାଦୀପ ଦିଲ୍ଲୀ ପବ୍ଲିକ ସ୍କୁଲ ହିନ୍ଦୀ ଶିକ୍ଷକ ଜଗବନ୍ଧୁ ଚୌଧୁରୀଙ୍କୁ ଶ୍ରେଷ୍ଠ ହିନ୍ଦୀ ଶିକ୍ଷକ ସମ୍ମାନ ପ୍ରଦାନ କରାଯାଇଥିଲା।

## ଏନଏସି ହାଇସ୍କୁଲ ନୂତନ ପ୍ରଧାନଶିକ୍ଷକଙ୍କ ଦାୟିତ୍ୱ ଗ୍ରହଣ

ପାରାଦୀପ,୧୩।୯ (ସମିସ): ପାରାଦୀପ ଏନଏସି ସରକାରୀ ହାଇସ୍କୁଲର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିଛନ୍ତି ନିରଞ୍ଜନ ଅତି। ନିରଞ୍ଜନ ଅତି ଜଣେ ଛାତ୍ର ବତ୍ସଳ ଶିକ୍ଷକ ଭାବେ ସୁନାମ ଅର୍ଜନ କରିଛନ୍ତି। ପୂର୍ବରୁ ସେ କେନ୍ଦ୍ରାପଡ଼ା ସରକାରୀ ଉଚ୍ଚବିଦ୍ୟାଳୟ ପ୍ରଧାନଶିକ୍ଷକ ଦାୟିତ୍ୱ ନିର୍ବାହ କରିଥିଲେ। ପାରାଦୀପର ଏନଏସି ସରକାରୀ ଉଚ୍ଚବିଦ୍ୟାଳୟର ପ୍ରଧାନଶିକ୍ଷକ ଭାବେ ଦାୟିତ୍ୱ ଗ୍ରହଣ କରିବା ପରେ ଛାତ୍ରଛାତ୍ରୀ ଓ ଅଭିଭାବକ ମହଲରେ ଆନନ୍ଦ ପ୍ରକାଶ ପାଇଛି। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ଓ କର୍ମଚାରୀ ଶ୍ରୀ ଅତିଙ୍କୁ ପୁଷ୍ପଗୁଚ୍ଛ ପ୍ରଦାନ ପୂର୍ବକ ସ୍ୱାଗତ କରିଥିଲେ। ନୂତନ ପ୍ରଧାନଶିକ୍ଷକଙ୍କ ତତ୍ତ୍ୱାବଧାନରେ ଚଳିତ ବର୍ଷ ଛାତ୍ରଛାତ୍ରୀ ଉତ୍ତମ ପ୍ରଦର୍ଶନ କରିବେ ବୋଲି ଅଭିଭାବକ ଓ ସ୍ଥାନୀୟ ଅଧିବାସୀଙ୍କ ମନରେ ଆଶା ସଞ୍ଚାର ହୋଇଛି।

## ଆଦିଦେବ ଏଣ୍ଟରଟେନମେଣ୍ଟର ବାର୍ଷିକ ଉତ୍ସବ




ପାରାଦୀପ,୧୩।୯ (ସମିସ): ମନୋରଞ୍ଜନଧର୍ମୀ ସଙ୍ଗୀତ ଅନୁଷ୍ଠାନ ଆଦିଦେବ ଏଣ୍ଟରଟେନମେଣ୍ଟର ପ୍ରଥମ ବାର୍ଷିକ ଉତ୍ସବ ପାରାଦୀପ ପୋର୍ଟ କ୍ଲବ୍‌ରେ ଆୟୋଜିତ ହୋଇଯାଇଛି। ପ୍ରତିଷ୍ଠାତା ବନ୍ଦିତା ସୁଭଦର୍ଶିନୀ ପଟ୍ଟନାୟକଙ୍କ ସଭାପତିତ୍ୱରେ ଆୟୋଜିତ ସଭାରେ ମୁଖ୍ୟଅତିଥି ଭାବେ ଜଗନ୍ନାଥ ଲଳିତ କଳା ସଂସଦ ସମ୍ପାଦକ ପ୍ରଶାନ୍ତ ମହାରଣା, ସମ୍ମାନିତ ଅତିଥି ସାମ୍ବାଦିକ ଶୁକଦେବ ଜେନା ଓ ଶଶାଙ୍କ ଆଚାର୍ଯ୍ୟ ପ୍ରମୁଖ ଯୋଗ ଦେଇଥିଲେ। ଆଇନ ପରାମର୍ଶଦାତା ରବୀନ୍ଦ୍ର ଜେନା ମଞ୍ଚ ପରିଚାଳନା କରିଥିଲେ। ସଭାପତି ବିରଜା ତ୍ରିପାଠୀ, ସହସମ୍ପାଦକ ସୁଧାଂଶୁ ନାୟକ, ସମ୍ପାଦକ ପ୍ରଶାନ୍ତ ସ୍ୱାଇଁ, ଯୁଗ୍ମସମ୍ପାଦକ ସନ୍ତୋଷ ଭାରତୀ ସହଯୋଗ କରିଥିଲେ। ସାମ୍ବାଦିକ ନାରାୟଣ ବେହେରା, ଗ୍ରୀନ ପାରାଦୀପ ଟ୍ରଷ୍ଟ ସଭାପତି ରାକେଶ ପଟ୍ଟନାୟକ, ସମାଜସେବୀ ତମିଲ ପ୍ରଧାନଙ୍କ ସମେତ ବିଭିନ୍ନ ଅନୁଷ୍ଠାନର କର୍ମକର୍ତ୍ତା ଯୋଗ ଦେଇଥିଲେ।

## ସ୍ୱତନ୍ତ୍ର ପୁଲିସ ୟୁନିଟ୍ ଅଧିକାରୀଙ୍କ ନିମନ୍ତେ କିଶୋର ନ୍ୟାୟ ଆଇନ କର୍ମଶାଳା

ଜଗତସିଂହପୁର, ୧୩।୯ (ସମିସ)



ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍, ଓଡ଼ିଶା ରାଜ୍ୟ ଶିଶୁ ସୁରକ୍ଷା ସମିତି ଓ ମହିଳା ଓ ଶିଶୁ ବିକାଶ ବିଭାଗ ମିଳିତ ଆନୁକୂଲ୍ୟରେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟସ୍ଥ ସଦ୍‌ଭାବନା ସଭାଗୃହରେ କିଶୋର ନ୍ୟାୟ ଅଧିନିୟମ (୨୦୧୫) ଓ ଯୌନ ଶୋଷଣରୁ ଶିଶୁଙ୍କ ସୁରକ୍ଷା ଅଧିନିୟମ ୨୦୧୨ ସମ୍ପର୍କରେ ଦିନିକିଆ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲାପାଳ ଜେ. ସୋନାଲ ଅଧ୍ୟକ୍ଷତା କରି କିଶୋର/କିଶୋରୀଙ୍କ ଉନ୍ନତି ଓ ସେମାନଙ୍କୁ ଅପରାଧିକ ମନୋବୃତ୍ତିରୁ ନିବୃତ୍ତ କରି ମୁଖ୍ୟସ୍ରୋତରେ ସାମିଲ କରିବାକୁ ସମସ୍ତ ବିଭାଗୀୟ ଅଧିକାରୀ ଓ କର୍ମକର୍ତ୍ତାଙ୍କୁ ପରାମର୍ଶ ଦେଇଥିଲେ। ଜିଲ୍ଲା ଆରକ୍ଷୀ ଅଧୀକ୍ଷକ ଅଙ୍କିତ ବର୍ମା ପୁଲିସ ଓ ପ୍ରଶାସନର ମିଳିତ ସହଯୋଗରେ କାର୍ଯ୍ୟ କରିବାକୁ ପରାମର୍ଶ ଦେଇଥିଲେ। ଅବସରପ୍ରାପ୍ତ ଆରକ୍ଷୀ ଅଧୀକ୍ଷକ ରାଜକିଶୋର ପାଇକରାୟ କିଶୋର ନ୍ୟାୟ ଆଇନ (କେୟାର ଆଣ୍ଡ ପ୍ରୋଟେକ୍ସନ ଅଫ ଚିଲ୍ଡ୍ରେନ୍ ଆଇନ), ସ୍ୱତନ୍ତ୍ର କିଶୋର ନ୍ୟାୟ ପରିଷଦର କର୍ମକର୍ତ୍ତାଙ୍କ ଦାୟିତ୍ୱ, କିଶୋର ନ୍ୟାୟ ସମ୍ବନ୍ଧୀୟ ବିଭିନ୍ନ ତଥ୍ୟ, ପକ୍‌ସୋ ଆଇନ୍ ୨୦୧୨ ଓ ଓଡ଼ିଶା ଭିକ୍ଟିମ କମ୍ପେନ୍ସେନ୍ ଯୋଜନା ୨୦୧୮ ଇତ୍ୟାଦି ବିଷୟରେ ଆଲୋଚନା କରିଥିଲେ। ୧୮ ବର୍ଷରୁ କମ୍ ଆଇନ୍ ସହ ଦ୍ୱନ୍ଦ୍ୱରେ ଥିବା ପିଲାଙ୍କ କ୍ଷେତ୍ରରେ ବେଷ୍ଟ ଇଣ୍ଟରେଷ୍ଟ ଅଫ ଚାଇଲ୍ଡ ବା କିଶୋରଙ୍କ ସମୂହ ଉନ୍ନତିକୁ ପ୍ରାଧାନ୍ୟ ଦେଇ ବିଭିନ୍ନ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ଉଚିତ୍ ଓ ସେମାନଙ୍କ ମାନସିକ ସ୍ଥିତିକୁ ଦୃଷ୍ଟିରେ ରଖି ପୀଡ଼ିତ ବା ପୀଡ଼ିତାଙ୍କ ପରିଚୟ ଗୋପନ ରଖାଯିବା ଉଚିତ୍ ବୋଲି କହିଥିଲେ।

ପରେ ସମସ୍ତ ସଦସ୍ୟ ଓ କର୍ମକର୍ତ୍ତାଙ୍କ ବିଭିନ୍ନ ପ୍ରଶ୍ନର ଉତ୍ତର ଅତ୍ୟନ୍ତ ସମାହିତ ଭାବେ ପ୍ରଦାନ କରିଥିଲେ ଶ୍ରୀ ପାଇକରାୟ। ଏହି ଆଲୋଚନାତ୍ମକ କାର୍ଯ୍ୟକ୍ରମରେ ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ଶ୍ରୀମତୀ ବିଷ୍ଣୁପ୍ରିୟା ସେଠୀ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, କିଶୋର ନ୍ୟାୟ ପରିଷଦର ସଦସ୍ୟ, ଶିଶୁ ମଙ୍ଗଳ ସମିତି ସଦସ୍ୟ, ଶିଶୁ ଯତ୍ନ ଅନୁଷ୍ଠାନର କର୍ମକର୍ତ୍ତା, ଶିଶୁ ମଙ୍ଗଳ ଅଧିକାରୀ, ସ୍ୱତନ୍ତ୍ର ପୁଲିସ ୟୁନିଟ୍‌ର କର୍ମକର୍ତ୍ତା, ସମସ୍ତ ଥାନାର ଏସଜେପିୟୁ ସଦସ୍ୟ, ପାରା ଲିଗାଲ ଭଲ୍ୟୁଣ୍ଟିଅର, ୱାନ ଷ୍ଟପ୍ ସେଣ୍ଟର, ଚାଇଲ୍ଡ ହେଲ୍ପ ଲାଇନ କର୍ମକର୍ତ୍ତା, ଉପସ୍ଥିତ ରହି ସକ୍ରିୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ଜଗଦୀଶ ସାହୁ ସ୍ୱାଗତ ଭାଷଣ ଦେବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍‌ର ଲିଗାଲ କମ୍ ପ୍ରୋବେସନ୍ ଅଫିସର ଜଗନ୍ନାଥ ମିଶ୍ର ଧନ୍ୟବାଦ ଅର୍ପଣ କରିଥିଲେ।

● ଆଠଟିକିଆ ହାତୀପଲଙ୍କ ଉତ୍ପାତ

# ଘର ଭାଙ୍ଗି ଖାଇଗଲେ ୧୦ ବସ୍ତା ଚାଉଳ



କାମାକ୍ଷାନଗର,୧୩।୯ (ସମିସ): କାମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ମରୁଆବିଲି ପଞ୍ଚାୟତ କମ୍ପୁଲେଇ ଗ୍ରାମରେ ଆଠଟିକିଆ ହାତୀପଲ ଉପଦ୍ରବ କରିଛନ୍ତି। ଘର ତାଜା ଓ ଆଜବେଷ୍ଟସ ଭାଙ୍ଗି ୧୦ବସ୍ତା ଚାଉଳ ଖାଇ ଦେଇଛନ୍ତି। ଶୁକ୍ରବାର ରାତିରେ ହାତୀପଲ ନିକଟସ୍ଥ ଜଙ୍ଗଲରୁ ବାହାରି କମ୍ପୁଲେଇ ଗାଁରେ ତାଣ୍ଡବ ରଚିଛନ୍ତି। ଗାଁର ବିଭୂତି ସାହୁଙ୍କ କୋଠାଘର ତାଜା ଭାଙ୍ଗିବା ସହ ପ୍ରସନ୍ନ ସାହୁଙ୍କ ଆଜବେଷ୍ଟସ ଘରକୁ ସମ୍ପୂର୍ଣ୍ଣ ଭାଙ୍ଗିଦେଇଛନ୍ତି। ପ୍ରସନ୍ନଙ୍କ ଘରେ ଥିବା ୧୦ବସ୍ତା ଚାଉଳ ଖାଇବା ସହ ବାଡ଼ିରେ ପଶି ବିଭିନ୍ନ ଗଛକୁ ଦଳିଚକଟି ନଷ୍ଟ କରିଛନ୍ତି। ବନ କର୍ମଚାରୀ ପହଞ୍ଚି ହାତୀପଲକୁ ଘଉଡ଼ାଇବା ପାଇଁ ଉଦ୍ୟମ କରିଥିବା ବେଳେ ବର୍ତ୍ତମାନ ହାତୀପଲ ଗାଁ ନିକଟ ରଞ୍ଜାଗଡ଼ ଜଙ୍ଗଲରେ ରହିଛନ୍ତି। ହାତୀପଲଙ୍କ ଯୋଗୁଁ ଗ୍ରାମବାସୀ ଭୟଭୀତ ଅବସ୍ଥାରେ ରହିଛନ୍ତି। ଅନ୍ୟପଟେ କ୍ଷତିଗ୍ରସ୍ତ ପରିବାରକୁ କ୍ଷତିପୂରଣ ଯୋଗାଇ ଦେବାକୁ ଦାବି ହୋଇଛି।

# ସ୍ୱାବଲମ୍ବୀ ଭାରତ ଅଭିଯାନ



ଗଁଦିଆ,୧୩।୯ (ସମିସ): ଗଁଦିଆ ବ୍ଲକ ଯୋରନ୍ଦାସ୍ଥିତ ମହିମା ମହାବିଦ୍ୟାଳୟ ସମ୍ମିଳନୀ କକ୍ଷରେ ସ୍ୱଦେଶୀ ଜାଗରଣ ମଞ୍ଚ ଢେଙ୍କାନାଳ ତରଫରୁ ସ୍ୱାବଲମ୍ବୀ ଭାରତ ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହେଉଛି। ମୁଖ୍ୟଅତିଥି ଭାବେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରହ୍ଲାଦ ସ୍ୱାଇଁ ଯୋଗଦେଇ ଓଡ଼ିଶା ଓ ଭାରତ ସରକାରଙ୍କ ବିଭିନ୍ନ ଦକ୍ଷତା ବିକାଶ ଓ ଷ୍ଟାର୍ଟଅପ କାର୍ଯ୍ୟକ୍ରମ ବିଷୟରେ ଛାତ୍ରଛାତ୍ରୀଙ୍କୁ ସୂଚନା ଦେଇଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚ ସଭ୍ୟ ପ୍ରଦୀପ ବାରିକ ଅତିଥି ପରିଚୟ ପ୍ରଦାନ କରିଥିଲେ। ଅନ୍ୟତମ ଅତିଥି ପ୍ରଦ୍ୟୁମ୍ନ କୁମାର ପଣ୍ଡା ସ୍ୱାବଲମ୍ବନ ଉପରେ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ଜଣେ କିପରି ଉଦ୍ୟୋଗପତି ହେଇପାରିବ ସେ ଉପରେ ଆଲୋଚନା କରିଥିଲେ। ସ୍ୱଦେଶୀ ଜାଗରଣ ମଞ୍ଚର ଜିଲ୍ଲା ପ୍ରଚାର ପ୍ରମୁଖ ଜିତେନ୍ଦ୍ର ପାଣି ସ୍ୱଦେଶୀ ଜିନିଷ ବହୁଳ ବ୍ୟବହାର କରିବାକୁ ଛାତ୍ରଛାତ୍ରୀଙ୍କୁ କହିଥିଲେ। ସଫଳ ଉଦ୍ୟାଗୀ ଶ୍ରୀରାମ ବ୍ରଏଲର ମାଲିକ ସୁରେନ୍ଦ୍ର ଶତପଥୀଙ୍କୁ ଅନୁଷ୍ଠାନ ତରଫରୁ ସାମ୍ମାନିତ କରାଯାଇଥିଲା। ଅଗଷ୍ଟ ୨୨ରୁ ସ୍ୱଦେଶୀ ଜାଗରଣ ମଞ୍ଚ ତରଫରୁ ଉଦ୍ୟମିତା ପ୍ରୋତ୍ସାହନ କାର୍ଯ୍ୟକ୍ରମ ଜାରି ରହିଥିବା ଜିଲ୍ଲା ସଂଯୋଜକ ଯଦୁନନ୍ଦନ ଦାସ କହିଥିଲେ।

# ଓଡ଼ିଆ ବିଭାଗ ପ୍ରାଚୀରପତ୍ର ଶତଦ୍ରୁଦା ଉନ୍ମୋଚିତ



ପରଜଙ୍ଗ,୧୩।୯ (ସମିସ): ପରଜଙ୍ଗ ମହାବିଦ୍ୟାଳୟ ସଭାଗୃହରେ ଶୁକ୍ରବାର ଓଡ଼ିଆ ବିଭାଗର ପ୍ରାଚୀରପତ୍ର ଉନ୍ମୋଚନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ବିଭାଗୀୟ ମୁଖ୍ୟ ଅଧ୍ୟାପକ ପ୍ରସନ୍ନ କୁମାର ସାହୁଙ୍କ ପୌରହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଅଧ୍ୟକ୍ଷା ସ୍ମିତାରାଣୀ ସାହୁ ଯୋଗଦେଇ ପ୍ରାଚୀରପତ୍ର ଶତଦ୍ରୁଦାକୁ ଉନ୍ମୋଚନ କରିଥିଲେ। ଅନୁଷ୍ଠାନର ବରିଷ୍ଠ ପ୍ରାଧ୍ୟାପକ ବିକାଶ କୁମାର ପ୍ରଧାନ ମୁଖ୍ୟବକ୍ତା ଓ ଅଧ୍ୟାପିକା ଶୁଭଶ୍ରୀ କର ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗ ଅଧ୍ୟାପକ ଅଞ୍ଜନ କୁମାର ମହାରଣା, କୁଳମଣି ମେହେର, ଅଧ୍ୟାପିକା ଦେବୀକୃପା ପ୍ରଜ୍ଞା ପାରମିତା ଦଳବେହେରା ପ୍ରମୁଖ ଉପସ୍ଥିତ ରହି ପ୍ରାଚୀରପତ୍ରର ଉପାଦେୟତା ଉପରେ ବକ୍ତବ୍ୟ ରଖିଥିଲେ। ଆଲୋଚନାଚକ୍ରର ସମ୍ପାଦିକା ପ୍ରତିମା ସାହୁ ଧନ୍ୟବାଦ ଅର୍ପଣ କରିଥିଲେ।

ଆଜିଠୁ ମା'ଙ୍କ ଷୋଡ଼ଶ ଦିନାତ୍ମକ ପୂଜା

# ସୁନାବେଶରେ ଦର୍ଶନ ଦେବେ ଦେବୀ ପାର୍ବତୀ

ଗଁଦିଆ,୧୩।୯ (ସମିସ)



ପ୍ରସିଦ୍ଧ ଶୈବପୀଠ କପିଳାସର ଶ୍ରୀଶ୍ରୀ ଚନ୍ଦ୍ରଶେଖରଜୀଉଙ୍କ ବିଜେସ୍ଥଳୀ ବେଢ଼ା ପରିସରରେ ରହିଛି ମା' ପାର୍ବତୀ ଦେବୀଙ୍କ ମନ୍ଦିର। କପିଳାସରେ ପାର୍ବତୀ ହେଉଛନ୍ତି ଜଗଦମ୍ବା ମହିଷାମର୍ଦ୍ଦିନୀ ଦେବୀ ଦୁର୍ଗା। ପୀଠର ପର୍ବପର୍ବାଣୀ ମଧ୍ୟରେ ଶରତକାଳୀନ ଦୁର୍ଗା ଉତ୍ସବ ଏକ ବିଶେଷ ମହତ୍ତ୍ୱ ପ୍ରତିପାଦନ କରେ। ଦୁର୍ଗା ଉତ୍ସବର ଆଦ୍ୟପର୍ବ ହେଉଛି ଆଶ୍ୱିନ କୃଷ୍ଣପକ୍ଷ ଅଷ୍ଟମୀ ତିଥି। ଯାହା ମୂଳାଷ୍ଟମୀ ଭାବେ ପରିଚିତ। ମୂଳାଷ୍ଟମୀଠାରୁ ଦଶହରା ପର୍ଯ୍ୟନ୍ତ ମା' ପାବତୀଙ୍କ ସ୍ୱତନ୍ତ୍ର ପର୍ବ ଏଠାରେ ପାଳନ କରାଯାଏ। କପିଳାସ ପୀଠରେ ମୂଳାଷ୍ଟମୀ ତିଥି ଅର୍ଥାତ ରବିବାରଠାରୁ ମା' ପାର୍ବତୀଙ୍କ ଷୋଡ଼ଶ ଦିନାତ୍ମକ ପୂଜା ପାଇଁ ସ୍ୱତନ୍ତ୍ର ଆୟୋଜନ କରାଯାଇଛି।

ଏହି ଅବସରରେ ଦେବୀଙ୍କ ସହସ୍ର କୁମ୍ଭାଭିଷେକ ଓ ଦେବୀ ଉତ୍ଥାପନ ନୀତି ଅନୁଷ୍ଠିତ ହେବ। ସକାଳେ ଦ୍ୱାରଫିଟା ନୀତି ଓ ମଙ୍ଗଳ ଆଳତୀ ପରେ ୧୦୦୮ କୁମ୍ଭ ଜଳରେ ମା'ଙ୍କ ମହାସ୍ନାନ କରାଯିବ। ବିଲ୍ୱବରଣ କରାଯାଇ ପୂଜାରମ୍ଭ ହେବ। ପରେ ଘଟ ସ୍ଥାପନ, ଆବାହନ, ହୋମଯଜ୍ଞ, ଚଣ୍ଡୀପାଠ କରାଯାଇ ମା'ଙ୍କ ନିକଟରେ ବିଭିନ୍ନ ଫଳ ସହ ମାଣ୍ଡୁଅ ଭୋଗ ଲାଗି କରାଯିବ। ବର୍ଷର କୌଣସି ଦିନରେ ମାଣ୍ଡୁଅ ଭୋଗ ହୋଇ ନ ଥାଏ। କେବଳ ଶାରଦୀୟ ଦୁର୍ଗାଉତ୍ସବରେ ଏହି ଭୋଗ ହୋଇଥାଏ। ଷୋଳଦିନ ଧରି ଏହି ପୂଜା ଚାଲିବ। ଏହି ଷୋଳଦିନ ବ୍ୟାପୀ ମା' ବିଭିନ୍ନ ବେଶରେ ଦର୍ଶନ ଦେବେ। ଦଶହରା ଦିନ ଦେବୀଙ୍କ ଚଳନ୍ତି ପ୍ରତିମା ଶୋଭାଯାତ୍ରାରେ କପିଳାସ ପାହାଡ଼ ପାଦଦେଶରେ ଥିବା ଦେଓଗାଁ ଯାତ୍ରା ପଡ଼ିଆକୁ ବିଜେ କରିବେ। ସେଠାରେ ପାଇକ ଆଖଡ଼ା ଖେଳ ସହ ପାରମ୍ପରିକ ରୀତିରେ ଦଶହରା ପାଳନ କରାଯାଏ। ଦୁର୍ଗାପୂଜା ସମୟରେ ମା'ଙ୍କ ସୁନାବେଶ ଅନୁଷ୍ଠିତ ହୁଏ। ଏଥିପାଇଁ ଢେଙ୍କାନାଳ ଟ୍ରେଜେରୀରୁ ପୁଲିସ ସୁରକ୍ଷାରେ ସୁନା ଅଳଙ୍କାର ପୀଠରେ ପହଞ୍ଚାଯାଇଛି। ଦେବୀ ଏହି ସମୟରେ ସ୍ୱର୍ଣ୍ଣ ନିର୍ମିତ ନୂପୁର, ତାଟଙ୍କ, ଚୁଡ଼ି, ବଳୟ, କଙ୍କଣ, କିରାଟୀ, ପଦ୍ମମାଳ ଆଦି ଆଭୂଷଣରେ ବିଭୂଷିତ ହୁଅନ୍ତି।

ଇତିହାସରୁ ଜଣାଯାଏ, ୧୨୪୬ ଖ୍ରୀଷ୍ଟାବ୍ଦରେ ପୁରୀ ଗଜପତି ମହାରାଜା ଲାଙ୍ଗୁଳା ନରସିଂହ ଦେବଙ୍କ ସମୟରେ କପିଳାସ ପୀଠ ଶ୍ରୀଚନ୍ଦ୍ରଶେଖରଜୀଉଙ୍କ ବେଢ଼ାରେ ପାର୍ବତୀ ଦେବୀଙ୍କ ମନ୍ଦିର ତିଆରି ହୋଇଛି। ଏହି ମନ୍ଦିରର ଆକୃତି ଯଦିଓ ଛୋଟ କିନ୍ତୁ କଳା ମୁଗୁନି ପଥରେ ନିର୍ମିତ ମୂର୍ତ୍ତି ବେଶ୍ କମନୀୟ। ସାଧାରଣତଃ ମା' ଦୁର୍ଗା ଅଷ୍ଟଭୁଜା, ଦଶଭୁଜା ହୋଇ ମହିଷାମର୍ଦ୍ଦିନୀ ରୂପେ ବିଭିନ୍ନ ସ୍ଥାନରେ ପୂଜା ପାଉଥିବାବେଳେ କପିଳାସ ପୀଠରେ ଥିବା ମା' ଦୁର୍ଗାଙ୍କ ମୂର୍ତ୍ତି ଚତୁର୍ଭୁଜା। ମା' ଗୋଟିଏ ହସ୍ତରେ ଚକ୍ର ଧରିଥିବାବେଳେ ଅନ୍ୟ ଦୁଇ ହସ୍ତରେ ତ୍ରିଶୂଳ ସାହାଯ୍ୟରେ ମହିଷାସୁରକୁ ବଧ କରୁଥିବା ମୂର୍ତ୍ତି ନିର୍ମାଣ କରାଯାଇଛି। ମା'ଙ୍କୁ ସମ୍ପୂର୍ଣ୍ଣ ବସ୍ତ୍ର ପରିଧାନ କରି ରଖାଯାଇଥିବାରୁ ଏଠାରେ ମହିଷାସୁର ବଧ ଦୃଷ୍ଟିଗୋଚର ହୁଏନାହିଁ। କାରଣ ସମ୍ପୂର୍ଣ୍ଣ ଦୃଶ୍ୟ ବସ୍ତ୍ର ଦ୍ୱାରା ଆଚ୍ଛାଦିତ ହୋଇ ରହିଥାଏ। ତେଣୁ ଏହାକୁ ଅଧିକାଂଶ ପାର୍ବତୀ ଦେବୀ ବୋଲି କୁହନ୍ତି। କିନ୍ତୁ ବାସ୍ତବରେ ସପ୍ତସତୀ ଚଣ୍ଡୀରେ ବର୍ଣ୍ଣିତ ମା' ଦୁର୍ଗାଙ୍କ ସ୍ୱରୂପ ଭଳି ନିର୍ମାଣ କରାଯାଇଛି। ଶାରଦୀୟ ଦୁର୍ଗାଉତ୍ସବ ପାଇଁ କପିଳାସ ପୀଠ ଉତ୍ସବମୁଖର ହୋଇଉଠିଛି। ନୀତିକାନ୍ତି ପରିଚାଳନା ପାଇଁ ଦେବୋତ୍ତର ବିଭାଗ ପକ୍ଷରୁ ଆବଶ୍ୟକ ସମସ୍ତ ସାମଗ୍ରୀ ଯୋଗାଇ ଦିଆଯାଇଛି। ରବିବାରଠାରୁ ମା'ଙ୍କ ଷୋଳପୂଜାର ଶୁଭାରମ୍ଭ ହେବ। ପୂଜା ନୀତିକାନ୍ତି ପରିଚାଳନା ପାଇଁ ସେବାୟତମାନଙ୍କୁ ଦାୟିତ୍ୱ ବଣ୍ଟନ କରାଯାଇଛି। ସମୟ ଅନୁସାରେ ଓ ଶୃଙ୍ଖଳାର ସହ ପୂଜା କରିବା ପାଇଁ କୁହାଯାଇଛି। ଏଥିପାଇଁ ଆବଶ୍ୟକ ସାମଗ୍ରୀ ମଧ୍ୟ ପୀଠରେ ପହଞ୍ଚାଯାଇଛି। ଦେବୋତ୍ତର ନିରୀକ୍ଷକ ଉପସ୍ଥିତ ରହି ନୀତିକାନ୍ତି ପରିଚାଳନା କରିବେ। ସମସ୍ତ ପ୍ରସ୍ତୁତି ଶେଷ ହୋଇଛି।

# ବନ ବିଭାଗ ପକ୍ଷରୁ ସାମୂହିକ ଚାରାରୋପଣ

ଇକୋ ଟୁରିଜିମ ପ୍ରକଳ୍ପ ପାଇଁ ପଦକ୍ଷେପ ନିଆଯିବ

କାମାକ୍ଷାନଗର,୧୩।୯ (ସମିସ): କାମାକ୍ଷାନଗର ପଶ୍ଚିମାଞ୍ଚଳ ରେଞ୍ଜ ଅନ୍ତର୍ଗତ କଙ୍କଡ଼ାହାଡ଼ ବ୍ଲକ ପାକଟମୁଣ୍ଡା ଗାଁରେ ବନ ବିଭାଗ ପକ୍ଷରୁ ଶୁକ୍ରବାର ସାମୂହିକ ଚାରାରୋପଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପଶ୍ଚିମାଞ୍ଚଳ ରେଞ୍ଜ ଅଧିକାରୀ କୈଳାସ ଚନ୍ଦ୍ର ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅନୁଗୋଳ ଆଞ୍ଚଳିକ ମୁଖ୍ୟ ବନ ସଂରକ୍ଷକ (ଆରସିସିଏଫ) ସଞ୍ଜୟକୁମାର ସ୍ୱାଇଁ ମୁଖ୍ୟଅତିଥି ଭାବେ ଯୋଗଦେଇ ଚାରାରୋପଣ କରିବା ସହ ପ୍ରତ୍ୟେକ ବ୍ୟକ୍ତି ଅତି କମ୍‌ରେ ଗୋଟିଏ ଚାରା ଲଗାଇବା ପାଇଁ ନିବେଦନ କରିଥିଲେ।



ଅନନ୍ତପୁର ପାହାଡ଼ ପାଦଦେଶରେ ଅବସ୍ଥିତ ଏହି ଗାଁ ଘଞ୍ଚ ଜଙ୍ଗଲ, ଝରଣା ଆଦି ସହ ପ୍ରାକୃତିକ ସୌନ୍ଦର୍ଯ୍ୟର ସମ୍ଭାର ହୋଇ ରହିଛି। ଏଠି ଇକୋ ଟୁରିଜିମ ପ୍ରକଳ୍ପ କରାଯିବା ପାଇଁ ସମସ୍ତ ଉଦ୍ୟମ କରିବେ ବୋଲି ଆର୍‌ସିସିଏଫ୍ ସ୍ୱାଇଁ କହିଥିଲେ। ଇକୋ ଟୁରିଜିମ ହେଲେ ଓ ପର୍ଯ୍ୟଟକ ଆସିଲେ ଗାଁର ବିକାଶ ହୋଇପାରିବ ବୋଲି ପ୍ରକାସ କରିଥିଲେ। ମୁଖ୍ୟବକ୍ତା ଭାବେ ବାମ ସରପଞ୍ଚ ଫକୀର ଚରଣ ମହାନ୍ତ ଯୋଗଦେଇ ଜୀବଜଗତ ଓ ମାନବ ସମାଜକୁ ରକ୍ଷା କରିବା ପାଇଁ ଅଧିକରୁ ଅଧିକ ଚାରାରୋପଣ କରି ନୂତନ ଜଙ୍ଗଲ ସୃଷ୍ଟି କରିବାକୁ ଆହ୍ୱାନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଏସିଏଫଓ କୁଞ୍ଜବିହାରୀ ନାୟକ, ମହାବିରୋଡ୍ ରେଞ୍ଜ ଅଧିକାରୀ ହରେଶ ଚନ୍ଦ୍ର କିଷାନ, କଙ୍କଡ଼ାହାଡ଼ ବ୍ଲକ ସାମ୍ବାଦିକ ସଂଘ ଉପଦେଷ୍ଟା ଦିବ୍ୟସିଂହ ଦେହୁରୀ, କମାକ୍ଷାନଗର ପୂର୍ବାଞ୍ଚଳ ରେଞ୍ଜ ଅଧିକାରୀ ସୁଶାନ୍ତ କୁମାର ପାତ୍ର, ସିଆରସିସି ଦୁଷ୍ମନ୍ତ ଦେହୁରୀ, ଫରେଷ୍ଟର ବୀରେନ୍ଦ୍ର ଦେହୁରୀ, ପ୍ରଦୀପ୍ତ ଭଞ୍ଜ, ପାକଟମୁଣ୍ଡା ଗ୍ରାମ ସଭାପତି ମଙ୍ଗରାଜ ସ୍ୱାଇଁ, ବନ ସୁରକ୍ଷା ସମିତି ସଭାପତି ଶରତ ସ୍ୱାଇଁ, ସୁଶାନ୍ତ ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ବିଭିନ୍ନ ପ୍ରକାର ଚାରା ରୋପଣ କରାଯାଇଥିଲା।

# ବସ୍ତାରୁ ଯୁବକଙ୍କ ମୃତଦେହ ଉଦ୍ଧାର

ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ



ଭୁବନ,୧୩।୯ (ସମିସ): ୫୩ନଂ ଜାତୀୟ ରାଜପଥର ଢେଙ୍କାନାଳ ଜିଲ୍ଲା ଭୁବନ ଥାନା ଅନ୍ତର୍ଗତ ଟିପିଲେଇ ଗ୍ରାମ ଛକ ନିକଟରେ ବସ୍ତାରେ ଭର୍ତ୍ତି ହୋଇଥିବା ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର କରାଯାଇଛି। ମୃତକ ହେଲେ ଭୁବନ ବ୍ଲକ ଓଡ଼ିଶ ପଞ୍ଚାୟତ ନୂଆ ଜିରାଳ ଗ୍ରାମର ରଞ୍ଜନ ରାଉଳ (୪୦)। ରଞ୍ଜନଙ୍କୁ ହତ୍ୟା କରାଯାଇଥିବା ତାଙ୍କ ପରିବାର ଲୋକେ ଅଭିଯୋଗ କରିଛନ୍ତି। ଅନ୍ୟପଟେ ପୁଲିସ ସନ୍ଦେହରେ ରଞ୍ଜନଙ୍କ ପୁଅ ଅଜି ରାଉଳ (୨୪) ଓ ପୁତୁରା ନୀର ରାଉଳ (୨୮)ଙ୍କୁ ହେପାଜତକୁ ନେଇ ତଦନ୍ତ ଆରମ୍ଭ କରିଛି।

ମିଳିଥିବା ସୂଚନା ଅନୁଯାୟୀ, ରଞ୍ଜନଙ୍କ ପୁଅ ଅଜି ଅନୁଗୋଳ ଜିଲ୍ଲା ତାଳଚେର ଅଞ୍ଚଳରେ ରହି ଟ୍ରକ ଚାଳକ ଭାବେ କାର୍ଯ୍ୟ କରନ୍ତି। ଶୁକ୍ରବାର ରାତିରେ ସେ ଗାଁକୁ ଫେରିବା ସମୟରେ ଖାଇବା ପାଇଁ ରଞ୍ଜନଙ୍କୁ ଏକ ଢାବାକୁ ଡାକିଥିଲେ। ତେବେ ରଞ୍ଜନ ତାଙ୍କ ପୁତୁରା ନୀରଙ୍କୁ ସାଙ୍ଗରେ ନେଇ ବାଇକ୍‌ରେ ଢାବାକୁ ଯାଇଥିଲେ। ସେଠାରୁ ରଞ୍ଜନ ବାଇକ୍ ଧରି ହଠାତ କେଉଁଆଡ଼େ ପଳାଇ ଯାଇଥିଲେ। ସକାଳେ ରଞ୍ଜନଙ୍କ ମୃତଦେହ ରାଜରାସ୍ତାରେ ଏକ ବସ୍ତା ମଧ୍ୟରେ ପଡ଼ିଥିବା ବାଇକ୍ ସନ୍ଦେହଜନକ ଅବସ୍ଥାରେ ରାସ୍ତା ପାଶ୍ୱର୍ ସୁରକ୍ଷା ବାଡ଼ ଉପରେ ପଡ଼ିଥିବା ଦେଖିବାକୁ ମିଳିଥିଲା। ଏହି ଘଟଣାକୁ ନେଇ ଗ୍ରାମବାସୀ ରାସ୍ତାରୋକ କରିଥିଲେ।

# ସିଭିଲ କୋର୍ଟ ପରିସରରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ



ଢେଙ୍କାନାଳ,୧୩।୯ (ସମିସ): ଢେଙ୍କାନାଳ ଜିଲ୍ଲାର ବିଭିନ୍ନ ଅଦାଲତରେ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ପ୍ରଣବ କୁମାର ରାଉତରାୟଙ୍କ ତତ୍ତ୍ୱାବଧାନରେ ଢେଙ୍କାନାଳ ସିଭିଲ କୋର୍ଟ ପରିସରରେ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲାର ସମସ୍ତ ଅଦାଲତର ମୋଟ ୨୧୭୨ ମାମଲା ଫଏସଲା କରାଯାଇଛି। ସେଥିମଧ୍ୟରୁ ମୋଟର ଦୁର୍ଘଟଣାଜନିତ ୩୦ଟି, ବିବାହ ଏବଂ ପାରିବାରିକ ମାମଲା ୫ଟି, ଦେୱାନୀ ମାମଲା ୬୦ଟି, ବିଭିନ୍ନ ପ୍ରକାର ଫୌଜଦାରୀ ମାମଲା ୪୦୨ଟି, ରାଜସ୍ୱ ମାମଲା ୧୬୭୫ଟିର ସମାଧାନ କରାଯାଇଛି। ବ୍ୟାଙ୍କ ମାମଲାଗୁଡ଼ିକର ଆପୋସ ସମାଧାନ କରାଯାଇଛି। ମୋଟର ଦୁର୍ଘଟଣାଜନିତ କ୍ଷତିପୂରଣ ବାବଦ ୧,୪୩,୬୦,୦୦୦ ଟଙ୍କା ପ୍ରଦାନ କରାଯାଇଛି। ଅନ୍ୟାନ୍ୟ ମାମଲାଗୁଡ଼ିକରେ ଜରିମାନା ଓ ବ୍ୟାଙ୍କ ଋଣ ଫଏସଲା ବାବଦ ୫୯,୭୯,୮୩୩ ଟଙ୍କା ଜିଲ୍ଲାର ସମସ୍ତ ଅଦାଲତଗୁଡ଼ିକରେ ଆଦାୟ କରାଯାଇଛି।

୨୧୭୨ଟି ମାମଲାର ଫଏସଲା

ଢେଙ୍କାନାଳ ସିଭିଲ୍ କୋର୍ଟ ପରିସରରେ ଅନୁଷ୍ଠିତ ରାଷ୍ଟ୍ରୀୟ ଲୋକ ଅଦାଲତରେ ପରିବାର ଅଦାଲତ ବିଚାରପତି ଦୀପକ କୁମାର, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଛାୟାକାନ୍ତ ଦାଶ, ବରିଷ୍ଠ ଦେୱାନୀ ବିଚାରପତି ଜୀବନ କୁମାର ପଟ୍ଟନାୟକ, ବରିଷ୍ଠ ଦେୱାନୀ ଅଦାଲତ ଏଲଆରଓଏଲଟିଭି ବିଚାରପତି ବିଜୟ କୁମାର ଦାସ, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ସୁନିତା ରାଉତ, ଅତିରିକ୍ତ ବରିଷ୍ଠ ଦେୱାନୀ ବିଚାରପତି ଅରିଜିତ ଦାସ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ରେସ୍ରାଧଳ ବିଶୋଇ, ପ୍ରଥମମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ହୃଷୀକେଶ ଖେମୁଣ୍ଡୁ ବିଭିନ୍ନ ଅଦାଲତ ପରିଚାଳନା କରିଥିଲେ। ଅତିରିକ୍ତ ଜିଲ୍ଲାଜଜ ତଥା ସ୍ୱତନ୍ତ୍ର ଭିଜିଲାନ୍ସ ଜଜ୍ ପ୍ରଣତୀ ସାହା, ଅତିରିକ୍ତ ଜିଲ୍ଲା ଜଜ୍ ତଥା ପୋକ୍ସୋ ଜଜ୍ ସୁଶୀଲ କୁମାର ସାହୁ, ସିଭିଲ କୋର୍ଟ ରେଜିଷ୍ଟ୍ରାର ସସ୍ମିତା ନାୟକ ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ତଥା ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତର ବିଚାରପତି ଶୁଭଙ୍କର ମିଶ୍ର ସ୍ଥାୟୀ ଏବଂ ନିରନ୍ତର ଲୋକ ଅଦାଲତକୁ ପରିଚାଳନା କରିଥିଲେ।

# ଜେପି ସିନେମା ହଲ୍‌ର ଭୂମିପୂଜନ ଉତ୍ସବ

ଖଜୁରିଆକଟା,୧୩।୯ (ସମିସ): ହିନ୍ଦୋଳ ଉପଖଣ୍ଡ ସାତମାଇଲ ଛକସ୍ଥିତ ହୋଟେଲ ଓଡି-୧୯ ପରିସରରେ ଜେପି ସିନେମାର ଭୂମିପୂଜନ ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ଓଡ଼ିଆ ଚଳଚ୍ଚିତ୍ର ଅଭିନେତା ବାବୁଶାନ ମହାନ୍ତି ମୁଖ୍ୟଅତିଥି, ଛେଣ୍ଡିପଦା ବିଧାୟକ ଅଗସ୍ତି ବେହେରା, ଅନୁଗୋଳ ବିଧାୟକ ପ୍ରତାପଚନ୍ଦ୍ର ପ୍ରଧାନ, ଓଡ଼ିଆ ସିନେଜଗତର ପ୍ରଯୋଜକ ଦୀପେନ୍ଦ୍ର ସାମଲ, ଓଡି-୧୯ ହୋଟେଲ ପରିଚାଳକ ଦେବବ୍ରତ ସାହୁ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟଅତିଥି ମହାନ୍ତି ରାଜ୍ୟର ପ୍ରତ୍ୟେକ ବ୍ଲକରେ ଏଭଳି ଗୋଟିଏ ଗୋଟିଏ ସିନେମା ହଲ୍ ପ୍ରତିଷ୍ଠା କରିବା ପାଇଁ ଚେଷ୍ଟା ଜାରି ରଖିଥିବା ପ୍ରକାଶ କରିଥିଲେ। ହିନ୍ଦୋଳ ମାଟିର ପୁଅ ପ୍ରଯୋଜକ ସାମଲ ହିନ୍ଦୋଳରେ ଏଭଳି ସିନେମା ହଲ୍ ହେବାକୁ ଯାଉଥିବାରୁ ଖୁସିବ୍ୟକ୍ତ କରିବା ସହ ହୋଟେଲ ପରିଚାଳକଙ୍କୁ ଧନ୍ୟବାଦ ଦେଇଛନ୍ତି।




# ମାନିନୀଙ୍କୁ ଭୁବନ ଏନଏସି ଅଧ୍ୟକ୍ଷା ଦାୟିତ୍ୱ

ଭୁବନ,୧୩।୯ (ସମିସ): ଅନିୟମିତତା ଓ କ୍ଷମତାର ଅପବ୍ୟବହାର ଅଭିଯୋଗରେ ଭୁବନ ଏନ୍‌ଏସି ଅଧ୍ୟକ୍ଷ ଶୁଭେନ୍ଦୁ କୁମାର ସାହୁଙ୍କୁ ରାଜ୍ୟ ସରକାର ପଦବୀରୁ ବହିଷ୍କାର କରିବା ପରେ ନୂତନ ଅଧ୍ୟକ୍ଷ ଭାବେ ଉପାଧ୍ୟକ୍ଷା ମାନିନୀ ସାହୁଙ୍କୁ ମନୋନୀତ କରାଯାଇଛି। ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରଦତ୍ତ ସାହୁ ସମସ୍ତ କାଉନସିଲରଙ୍କୁ ନେଇ ଏକ ସ୍ୱତନ୍ତ୍ର ବୈଠକ ଡାକିଥିଲେ। ଏଥିରେ ସର୍ବସମ୍ମତିକ୍ରମେ ଉପାଧ୍ୟକ୍ଷା ସାହୁଙ୍କୁ ଅଧ୍ୟକ୍ଷା ଦାୟିତ୍ୱ ପ୍ରଦାନ କରାଯାଇଛି। ଦାୟିତ୍ୱ ଗ୍ରହଣ ପରେ ସାହୁ କାମାକ୍ଷାନଗର ବିଧାୟକ ଓ ଶତ୍ରୁଘ୍ନ ଜେନାଙ୍କୁ ତାଙ୍କ ବାଲିଝାଟିସ୍ଥିତ ବାସଭବନରେ ସୌଜନ୍ୟମୂଳକ ସାକ୍ଷାତ କରିଛନ୍ତି।



# ଭସାଣିକୁ କେନ୍ଦ୍ରକରି ବାରମ୍ବାର ଗଣ୍ଡଗୋଳ; ବଢୁଛି ଅସନ୍ତୋଷ

ଢେଙ୍କାନାଳ,୧୩।୯ (ସମିସ):



କାମାକ୍ଷାନଗର ଉପଖଣ୍ଡ କମଗରାଠାରେ ଗଣେଶ ମେଢ଼ ଭସାଣିକୁ କେନ୍ଦ୍ରକରି ବାରମ୍ବାର ଗଣ୍ଡଗୋଳକୁ ନେଇ ବଢୁଛି ଅସନ୍ତୋଷ। ଗ୍ରାମର ବିଭିନ୍ନ ସାହିର ମେଢ଼ ଶୋଭାଯାତ୍ରାରେ ଯାଉଥିବା ବେଳେ କିଛି ଅସାମାଜିକ ଯୁବକ ନିଜ ଭିତରେ ପାଟିତୁଣ୍ଡ ଗଣ୍ଡଗୋଳ କରିବା ସହ ବିନା କାରଣରେ ସାଧାରଣ ଲୋକଙ୍କ ଘରକୁ ପଥର ମାରିବା, ଘର ଭାଙ୍ଗିବା ଓ ମାଡ଼ମାରି ଖଣ୍ଡିଆଖାବରା କରିବା ଭଳି ଅଶାନ୍ତ ତଥା ଅପ୍ରୀତିକର ଘଟଣାକୁ ନେଇ ଶନିବାର ଗ୍ରାମବାସୀ ଥାନାରେ ଅଭିଯୋଗ କରିଛନ୍ତି।

ଗତ ୧ ତାରିଖ ଗ୍ରାମର ଶୁକପଡ଼ା ମେଢ଼ ଭସାଣି ବେଳେ ଦୁଇ ଗୋଷ୍ଠୀ ମଧ୍ୟରେ ପ୍ରଥମେ ବିବାଦ ଆରମ୍ଭ ହୋଇଥିଲା। ଗତ ଗୁରୁବାର ସନ୍ଧ୍ୟାରେ ପୁଣି ପଟଣା ଗ୍ରାମର ଅନ୍ୟ ଏକ ସାହି ମେଢ଼ ବେଆଇନ ବାଜାବାଣ ଆଦି ସହ ଆସି ଶାସନ ଗ୍ରାମ ଛକରେ ଗଣ୍ଡଗୋଳ କରି ବିଭିନ୍ନ ଅସଭ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ପରେ ସାଧାରଣ ଲୋକଙ୍କ ଘରକୁ ଟେକାପଥର ମାଡ଼ ହୋଇଥିଲା। ଫଳରେ ଛକରେ ଥିବା କେତେକ ବ୍ୟକ୍ତିଙ୍କ ଘରର ପାଚେରି ଓ ଫାଟକର କିଛି ଅଂଶ ଭାଙ୍ଗିଯାଇଥିବା ଅଭିଯୋଗ ହୋଇଛି। ପୂର୍ବ ଭସାଣିରେ ମଧ ସେହିଭଳି ପଥର ମାଡ଼ରେ କିଛି ଘରର ଆଜବେଷ୍ଟସ ଛପର ଭାଙ୍ଗି ଯାଇଥିବା ବେଳେ ସାହିର ଜଣେ ବୃଦ୍ଧ ପଥର ମାଡ଼ରେ ଆହତ ହୋଇଥିବା ଅଭିଯୋଗ ହୋଇଥିଲା। ବାରମ୍ବାର ଏଭଳି ଟେକାପଥର ମାଡ଼ରେ ନିକଟରେ ଥିବା ଅନ୍ୟ କିଛି ଲୋକଙ୍କ ଛପର ମଧ୍ୟ ନଷ୍ଟ ହୋଇଥିବା ବେଳେ ଲୋକମାନେ ଅତ୍ୟନ୍ତ ଭୟଭୀତ ଅବସ୍ଥାରେ ରହିଛନ୍ତି। ଏହି ଘଟଣାକୁ ନେଇ ଶାସନ ଗ୍ରାମର ପୁରୁଷ ମହିଳା ତୁମୁସିଂହା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ପୁଲିସ ସମାଧାନ ନ କଲେ ସେମାନେ ଜିଲ୍ଲାପାଳ ଓ ଏସପିଙ୍କୁ ଜଣାଇବେ ବୋଲି କହିଛନ୍ତି। ଏ ସମ୍ପର୍କରେ ତୁମୁସିଂହା ଥାନା ଅଧିକାରୀ ମନସ୍ୱିନୀ ମହାନ୍ତି ଉଭୟ ପକ୍ଷ ମଧ୍ୟରେ ଆପୋସ ବୁଝାମଣା କରିବା ସହ ଘଟଣାର ସମାଧାନ କରିବାକୁ ପଣ୍ଡୁଆ ଫାଣ୍ଡି ଅଧିକାରୀଙ୍କୁ ଦାୟିତ୍ୱ ଦେଇଥିବା କହିଛନ୍ତି।



ଥାନାରେ ଅଭିଯୋଗ କଲେ ଗ୍ରାମବାସୀ

# ମହିମା ମହାବିଦ୍ୟାଳୟର ଆର୍ଥିକ କ୍ଷମତା ନେଲେ ଉପଜିଲ୍ଲାପାଳ

ଢେଙ୍କାନାଳ,୧୩।୯ (ସମିସ): ଢେଙ୍କାନାଳ ଜିଲ୍ଲା ଯୋରନ୍ଦା ମହିମା ମହାବିଦ୍ୟାଳୟରେ ଅଧ୍ୟକ୍ଷ ପଦବୀକୁ ନେଇ ସୃଷ୍ଟି ହୋଇଥିବା ବିଶୃଙ୍ଖଳା ପରିପ୍ରେକ୍ଷୀରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଗତ ୨ ମାସ ହେଲା ଦରମା ପାଇ ନ ଥିବା କର୍ମଚାରୀ ଓ ଅଧ୍ୟାପକମାନଙ୍କ ଦରମା ପ୍ରଦାନ କରିବା ଓ ମହାବିଦ୍ୟାଳୟର ଉନ୍ନୟନ କାର୍ଯ୍ୟ ପାଇଁ ସାମୟିକ ଭାବେ ଢେଙ୍କାନାଳ ଉପଜିଲ୍ଲାପାଳଙ୍କୁ ଦାୟିତ୍ୱ ଦିଆଯାଇଛି। ଉଚ୍ଚଶିକ୍ଷା ବିଭାଗ ଚିଠି ଅନୁସାରେ ଓଡ଼ିଶାର ସରକାରୀ ଅନୁଦାନପ୍ରାପ୍ତ ୬ଟି ମହାବିଦ୍ୟାଳୟ ଯଥା ଯୋରନ୍ଦା ମହିମା ମହାବିଦ୍ୟାଳୟ, ବାରଙ୍ଗ କୁଞ୍ଜବିହାରୀ ଡିଗ୍ରୀ କଲେଜ, ଖୋର୍ଦ୍ଧା ନାଚୁଣୀ ଡିଗ୍ରୀ କଲେଜ, ଯାଜପୁର କନିକାପଡ଼ା ସାଧୁ ଗୌରେଶ୍ୱର ଡିଗ୍ରୀ କଲେଜ, ବଲାଙ୍ଗିର ଟିଟିଲାଗଡ଼ ଡିଏଭି କଲେଜ ଓ ମୟୂରଭଞ୍ଜ କରଞ୍ଜିଆ ସ୍ୱୟଂଶାସିତ ମହାବିଦ୍ୟାଳୟର ଆର୍ଥିକ କ୍ଷମତା ସେହି ଜିଲ୍ଲାର ଉପଜିଲ୍ଲାପାଳଙ୍କୁ ଅର୍ପଣ କରାଯାଇଛି। ସ୍ଥାୟୀ ସମାଧାନ ହେବା ପର୍ଯ୍ୟନ୍ତ ଏହି ନିର୍ଦ୍ଦେଶ ବଳବତ୍ତର ରହିବ।

ସୂଚନାଯୋଗ୍ୟ, ଯୋରନ୍ଦା ମହିମା ମହାବିଦ୍ୟାଳୟ ନିର୍ବାହୀ ଅଧ୍ୟକ୍ଷ ପ୍ରଦୀପ କୁମାର ଦାସଙ୍କ ବଦଳି ହେବା ପରେ ବରିଷ୍ଠ ରିଡର୍ ଆଦିକନ୍ଦ ମହାନ୍ତି ଅଧ୍ୟକ୍ଷ ଦାୟିତ୍ୱ ନେବା କଥା। କିନ୍ତୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ପ୍ୟାନେଲ ହେବା ପାଇଁ ଆସିଥିବା ଚିଠି ଅନୁସାରେ ସେ ସ୍ୱାସ୍ଥ୍ୟଗତ କାରଣରୁ ଅନ୍ୟ ଅନୁଦାନପ୍ରାପ୍ତ କଲେଜକୁ ଯିବାକୁ ଆଗ୍ରହ ପ୍ରକାଶ କରି ନ ଥିଲେ। ଅପରପକ୍ଷରେ ନିଜ କଲେଜ ଦାୟିତ୍ୱ ନେବା ପାଇଁ କିଛି ଅସୁବିଧା ନ ଥିଲା ବୋଲି ସେ କହିଛନ୍ତି। ପରବର୍ତ୍ତୀ ବରିଷ୍ଠ ପ୍ରାଧ୍ୟାପକ ପ୍ରହ୍ଲାଦ କୁମାର ସ୍ୱାଇଁ ଭାରପ୍ରାପ୍ତ ଅଧ୍ୟକ୍ଷ ଦାୟିତ୍ୱ ନେଇଥିଲେ। ଫଳରେ କଲେଜରେ ଅସନ୍ତୋଷର ବାତାବରଣ ସୃଷ୍ଟି ହୋଇଥିଲା। ପରେ ଅଗଷ୍ଟ ୨ ତାରିଖ ଉଚ୍ଚଶିକ୍ଷା ବିଭାଗର ଚିଠି ଅନୁସାରେ ଅଧ୍ୟକ୍ଷ ଦାୟିତ୍ୱ ଗ୍ରହଣ କରିବାକୁ ବିଜେପୁର କଲେଜର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁ ମହାବିଦ୍ୟାଳୟକୁ ଆସି ପରିସ୍ଥିତିରେ ପଡ଼ି ଫେରିଯାଇ ଉଚ୍ଚଶିକ୍ଷା ବିଭାଗ ନିର୍ଦ୍ଦେଶକଙ୍କ ପାଖରେ ରିପୋର୍ଟ କରିଥିଲେ। ଫଳରେ ମହିମା ମହାବିଦ୍ୟାଳୟ ଅଧ୍ୟକ୍ଷ ପଦ ଖାଲି ରହିଥିଲା। ଦାୟିତ୍ୱରେ ଥିବା ଅଧ୍ୟକ୍ଷ ପ୍ରହ୍ଲାଦ ସ୍ୱାଇଁଙ୍କୁ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଆର୍ଥିକ କ୍ଷମତା ଦିଆଯାଇ ନ ଥିବାରୁ କଲେଜ କର୍ମଚାରୀ ଓ ଅଧ୍ୟାପକମାନଙ୍କୁ ଗତ ୨ ମାସର ଦରମା ମିଳିପାରି ନ ଥିଲା। ଫଳରେ ଉଚ୍ଚଶିକ୍ଷା ବିଭାଗ ପକ୍ଷରୁ ଅସ୍ଥାୟୀ ଭାବେ ଏହାର ସମାଧାନ କରାଯାଇ ଢେଙ୍କାନାଳ ଉପଜିଲ୍ଲାପାଳଙ୍କୁ କଲେଜ ପରିଚାଳନା ଦାୟିତ୍ୱ ଦିଆଯାଇଛି। ଏହି ନିଷ୍ପତ୍ତି ଫଳରେ କଲେଜ ଅଧ୍ୟାପକ, କର୍ମଚାରୀ ଓ ଅଞ୍ଚଳବାସୀଙ୍କ ମଧ୍ୟରେ ସନ୍ତୋଷ ପ୍ରକାଶ ପାଇଛି। ଯଥାଶୀଘ୍ର ଯୋରନ୍ଦା ମହିମା ମହାବିଦ୍ୟାଳୟରେ ନୂତନ ଅଧ୍ୟକ୍ଷ ବ୍ୟବସ୍ଥା କରିବା ପାଇଁ ଅଞ୍ଚଳବାସୀ ଉଚ୍ଚଶିକ୍ଷା ମନ୍ତ୍ରୀ ଓ ସ୍ଥାନୀୟ ବିଧାୟକ ତଥା ରାଜ୍ୟ ସରକାରଙ୍କ ଖାଦ୍ୟ ଯୋଗାଣ, ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ରଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି।

## ଦଶହରା ପାଳନ ନେଇ ପ୍ରସ୍ତୁତି ବୈଠକ

# ମୂଳାଷ୍ଟମୀରେ ଅନୁକୂଳ ଓ ଦେବୀପୀଠକୁ ନିମନ୍ତ୍ରଣ

ଜୟପୁର, ୧୩।୯ (ସମିସ)



କୋରାପୁଟ ଜିଲ୍ଲା ଜୟପୁର ସହରରେ ଐତିହାସିକ ତଥା ପାରମ୍ପରିକ ଦଶହରା ପର୍ବ ପାଳନ ନେଇ ଶନିବାର ସ୍ଥାନୀୟ ପୌରସଂସ୍ଥା ସମ୍ମିଳନୀ କକ୍ଷ ଠାରେ ଏକ ସ୍ୱତନ୍ତ୍ର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଜୟପୁର ଉପଜିଲ୍ଲାପାଳ ତଥା ଦଶହରା ପୂଜା ମହୋତ୍ସବ କମିଟିର ଆବାହକ ତଥା ଉପଜିଲ୍ଲାପାଳ ଏ.ଶଶ୍ୟା ରେଡ୍ଡିଙ୍କ ଆହ୍ୱାନ ଏବଂ ପୂଜା କମିଟିର ଅଧ୍ୟକ୍ଷ ତଥା ଜୟପୁର ବିଧାୟକ ତାରା ପ୍ରସାଦ ବାହିନୀପତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆସନ୍ତା ଦଶହରା କିଭଳି ଶାନ୍ତିଶୃଙ୍ଖଳାର ସହିତ ପାଳନ ହେବ ସେଥିନେଇ ଆଲୋଚନା ହୋଇଥିଲା। ଏହିପରି ଆସନ୍ତା ୨୨ ତାରଖି ଠାରୁ ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ଟାଟ ପାୱାର ବିଦ୍ୟୁତ ବିଭାଗ ପକ୍ଷରୁ ନିରବିଚ୍ଛିନ୍ନ ବିଦ୍ୟୁତ ଯୋଗାଣ କରିବାକୁ ବିଧାୟକ ଶ୍ରୀ ବାହୀନିପତି ତାଗିଦ କରିଥିଲେ। ଗତ ବର୍ଷ ଯେଉଁଭଳି ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଏବଂ ଦଶହରା ମଣ୍ଡପ ଠାରେ ବିଦ୍ୟୁତ ସେବା ବିଭ୍ରାଟ ହୋଇଥିଲାଫ ତେଣୁ ଚଳିତବର୍ଷ ଏହାର ପୁନରାବୃତ୍ତି ନ ହେବାକୁ କହିଥିଲେ ନଚେତ ବିଭାଗିୟଯନ୍ତ୍ରୀ ମାନଙ୍କ ବିରୋଧରେ ଫୌଜଦାରୀ ମାମଲା ରୁଜୁ କରାଯିବ ବୋଲି ଚେତାବନୀ ଦେଇଛନ୍ତି। ଏହିପରି ଗତବର୍ଷ ବିଦ୍ୟୁତ ବିଭାଗ ଆଜି ମୂଳାଷ୍ଟମୀ ତିଥିରେ ଜୟପୁର ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀ ମନ୍ଦିର ପୀଠରେ ସଂଧ୍ୟା ସାଢେ ୭ଟା ସମୟରୁ ଶୁଭ ଅନୁକୂଳ ପୂଜାର୍ଚ୍ଚନା ସହିତ ଆଜ୍ଞାମାଳ ପ୍ରଦାନ କରାଯିବ। ପୁରାତନ ରାଜାରାଜୁଡା ପରମ୍ପରା ଅନୁଯାୟୀ ସଲପା, ତେଲିଆ, ଧାରଣାହାଣ୍ଡି, ଖଡପା, କଙ୍ଗା, ଜାମୁଣ୍ଡା ୬ଟି ଗ୍ରାମସ୍ଥିତ ଗ୍ରାମ୍ୟ ଦେବୀଙ୍କୁ ଦଶହରାରେ ପର୍ବରେ ଯୋଗଦେବା ପାଇଁ ପ୍ରଥମ ନିମନ୍ତ୍ରଣ ଓ ଗୁଆ ପ୍ରେରଣ କରାଯିବ। ଏହାପରେ ନବରଙ୍ଗପୁର ଜିଲ୍ଲାର ରାଇଘର, ଉମରକୋଟ, ପୋଡାଗଡ଼, ନନ୍ଦପୁର, ନାରାୟଣପାଟଣା ଏବଂ ଅନ୍ୟାନ୍ୟ ଦୈବୀ ପୀଠର ଲାଠି, ଗାଦି ଜୟପୁର ଦଶହରା ପୂଜାପର୍ବରେ ଯୋଗଦେବା ପାଇଁ ନିମନ୍ତ୍ରଣ ଅନୁକୂଳ ଗୁଆ ପ୍ରେରଣ କରାଯିବାକୁ ନିଷ୍ପତି ହୋଇଛି। ଏହିପରି ମହାଳିଆ ଅମାବାସ୍ୟା ପରଦିନ ପ୍ରତିପଦା ତିଥି ଅକ୍ଟୋବର ୨୨ ତାରିଖ ଠାରୁ ଆସନ୍ତା ୨୯ ତାରିଖ ମହାଷ୍ଟମୀ ପର୍ଯ୍ୟନ୍ତ ସହରର ଅଧିଷ୍ଠାତ୍ରୀ ଦେବୀ ଭଗବତୀ ଦେବୀ ପୀଠରୁ ମାଁ ବିଜୟା ଠାକୁରାଣୀଙ୍କ ବିମାନ ସହରର ପରିକ୍ରମା ସହିତ ସ୍ଥାନୀୟ ବାଙ୍କମଠ ଠାରେ ପୂଜାର୍ଚ୍ଚନା ପରେ ମନ୍ଦିର ପୀଠକୁ ଫେରି ପରମ୍ପରା ଅନୁଯାୟୀ ପୂଜାର୍ଚ୍ଚନା କାର୍ଯ୍ୟକ୍ରମ ସ୍ଥିର କରାଯାଇଛି। ଦଶହାର ଆସନ୍ତା ଅକ୍ଟୋବର ୨ ଅନ୍ତିମ ଦିବସ ରାତ୍ରି ୧୦ ଟା ସୁଦ୍ଧା ପୁରୁଣାଗଡ଼ ଦକ୍ଷିଣକାଳୀ ମନ୍ଦିରରୁ ଦେବୀଙ୍କ ବିମାନ ଏବଂ ଭୂପତି ସାହି କନକଦୁର୍ଗା ମନ୍ଦିରରେ ଦେବୀଙ୍କ ବିମାନ ବାହାରି ଭଗବତୀ ମନ୍ଦିର ପୀଠରେ ପହଞ୍ଚିବା ପରେ ସେଠାରୁ ତିନି ଦେବୀଙ୍କ ବିମାନ ରାଜାନହର ସମ୍ମୁଖରେ ପହଞ୍ଚି ସେଠାରେ ମହିଷା ମର୍ଦ୍ଦନୀଙ୍କ ମୃଣ୍ମୟୀ ମୂର୍ତ୍ତି ବାଜାବାଜଣା ସହିତ ସୌରାସାହିର ମା' ବସନ୍ତାୟୀଙ୍କ ପୀଠରୁ ଆସିଥିବା ବିମାନ ଓ ପାଇକ ଆଖଡା ଏବଂ ଅବିଭକ୍ତ କୋରାପୁଟ ଜିଲ୍ଲାର ବିଭିନ୍ନ ଦେବୀ ପୀଠରୁ ଆସିଥିବା ପ୍ରାୟ ୬୦ରୁ ଅଧିକ ଆସିଥିବା ପ୍ରତୀକ ଲାଠି ଏବଂ ଗାଦି ଗୁଡିକ ଏହି ପଟୁଆରେ ଯୋଗଦେବେ। ସେହିପରି ପରମ୍ପରା ଓ ରୀତିନୀତି ଅନୁଯାୟୀ ଦଶହରା ପଡ଼ିଆ ଠାରେ ପୂଜାର୍ଚ୍ଚନା ପରେ ପୁଣି ସୂର୍ଯ୍ୟ ଉଦୟ ପୂର୍ବରୁ ଦେବୀଙ୍କ ବିମାନ ନିଜ ନିଜ ପୀଠ ପହଞ୍ଚିବା ପରେ ସେଠାରେ ପରମ୍ପରା ଦେବୀମାନଙ୍କ ମହାସ୍ନାନ ଓ ପୂଜାର୍ଚ୍ଚନା କରାଯିବ। ତେଣୁ ଚଳିତବର୍ଷ ପରମ୍ପରା ଓ ରୀତିନୀତି ଅନୁଯାୟୀ ରାତ୍ରି ଗୋଟାଏ ସୁଦ୍ଧା ଠାକୁରାଣୀ ମାନଙ୍କ ବିମାନ ପଟୁଆରରେ ଦଶହରା ପଡ଼ିଆ ଠାରେ ପହଞ୍ଚିବା ସହିତ ବିଳମ୍ବିତ ରାତ୍ରି ସୁଦ୍ଧା ପୂଜାର୍ଚ୍ଚନା କରାଯିବା ଉପରେ ବୈଠକରେ ଗୁରୁତ୍ୱାରୋପ କରାଯାଇଥିଲା। ଏହିପରି ଦଶହରା ଦିବସ ସଂଧ୍ୟାରେ ରାବଣପୋଡି, ସେପ୍ଟେମ୍ବର ୨୬ ତାରିଖ ଷଷ୍ଠୀ ତିଥିରୁ ଦଶହରା ଅକ୍ଟୋବର ୨ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ନିର୍ଦ୍ଧାରିତ ଛକ ଗୁଡିକରେ ସ୍ଥାନୀୟ, ଏବଂ ରାଜ୍ୟ ଏବଂ ବାହାର ରାଜ୍ୟରୁ ଆସିଥିବା କଳାକାର ଏବଂ ସଙ୍ଗୀତ ଦଳ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ନେଇ ଆଲୋଚନା ହୋଇଥିଲା। ସେହିପରି ୨୭ ତାରିଖ ଷଷ୍ଠି ତିଥିରୁ ପୁରୁଣାଗଡ଼ ଦକ୍ଷିଣକାଳୀ ପୀଠରେ ଦେବୀଙ୍କ ଏବଂ ଅକ୍ଟୋବର ୧ ତାରିଖ ନବମୀ ତିଥିରେ ଭଗବତୀ ମନ୍ଦିର ପୀଠରେ ଦେବୀଙ୍କ ସୁନାବେଶ ଆୟୋଜନ ହେବ। ଆସନ୍ତା ୨ ତାରିଖ ଦଶହରା ଦିବସ ସଂଧ୍ୟାରେ ଦଶହରା ପଡ଼ିଆ ଠାରେ ରାବଣପୋଡି ଉତ୍ସବରେ ଦକ୍ଷିଣ ପଶ୍ଚିମାଞ୍ଚଳ ଡିଆଜି, ଜିଲ୍ଲାପାଳ, ଏସ.ପି ପ୍ରମୁଖ ଅତିଥି ଭାବେ ଯୋଗଦେବେ। ଏହିପରି ଦଶହରା ପର୍ବ ସମୟରେ ସହରରେ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ସୁଦୃଢ କରିବା ଏବଂ ଅପରାଧି ମାନଙ୍କୁ ନିୟନ୍ତ୍ରଣ କରିବା ନେଇ ସହରର ବିଭିନ୍ନ ସ୍ଥାନରେ ପୁଲିସ ମୃତୟନ ଉପରେ ଗୁରୁତ୍ୱରୋପ କରାଯାଇଛି। ଏହିପରି ପୁଲିସ ପେଟ୍ରୋଲିଂ ବ୍ୟବସ୍ଥାକୁ ସୁଦୃଢ, ସମସ୍ତ ପୂଜା ମଣ୍ଡପ ଏବଂ ମୁଖ୍ୟ ଛକ ଠାରେ ପାନୀୟ ଜଳଯୋଗାଣ ବ୍ୟବସ୍ଥା କରିବାକୁ ବିଭାଗକୁ ନିର୍ଦ୍ଦେଶ ଦିଆଯାଇଛି। ପୌରସଂସ୍ଥା ପକ୍ଷରୁ ପରିମଳ ବ୍ୟବସ୍ଥା ନେଇ ସମସ୍ତ ପୂଜାମଣ୍ଡପ ଏବଂ ଦେବୀ ପୀଠ ମାନଙ୍କରେ ସଫେଇ କରିବା ନିର୍ଦ୍ଦେଶ ଦିଆଯାଇଛି। ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ଜୟପୁର ଏସଡିପିଓ ପାର୍ଥ କାଶ୍ୟପ, ତହସିଲଦାର ତଥା ଦେବତ୍ତୋର ଅଧିକାରୀ ସବ୍ୟସାଚୀ ଜେନା, ପୌର ଅତିରିକ୍ତ ନିର୍ବାହୀଅଧିକାରୀ ପୂଜା ରାଉତ, ରାସ୍ତା ଓ ଗୃହ ନିର୍ମାଣ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଅଶୋକ ବେହେରା, କନିଷ୍ଠ ଯନ୍ତ୍ରୀ ବିପ୍ଳବ କଅଁର, ସଦରଥାନା ଅଧିକାରୀ ସଚିନ୍ଦ୍ର ପ୍ରଧାନ, ବିଦ୍ୟୁତ ବିଭାଗ ନିର୍ବାହୀ ଯନ୍ତ୍ରୀ ବରୁଣ ଚୌଧୁରୀ, ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜେଶ କୁମାର ସାହୁ, ଅବକାରୀ ଇନସପେକ୍ଟର ଶଶିକାନ୍ତ ଦତ୍ତ, ଅନ୍ୟାନ୍ୟ ବିଭାଗୀୟ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ। ସେହିପରି ସହରର ବିଭିନ୍ନ ପୂଜା କମିଟିର କର୍ମକର୍ତ୍ତା ଏବଂ ବୁଦ୍ଧିଜୀବୀ ମାନେ ଉପସ୍ଥିତ ଥିଲେ।

## କୂଅରେ ପଡ଼ି ମହିଳା ମୃତ

ନନ୍ଦପୁର, ୧୩।୯ (ସମିସ): ନନ୍ଦପୁର ବ୍ଲକ ଅନ୍ତର୍ଗତ ପାଡୁଆ ଥାନା ଅଧୀନସ୍ଥ କୁଲାରସିଂ ପଞ୍ଚାୟତର ରନ୍ତା ଗ୍ରାମରେ ନାଗେଶ୍ୱରି ଦୁମୁଡା (୨୧) କୂଅରେ ପଡ଼ି ପ୍ରାଣ ହରାଇଥିବା ଜଣାପଡ଼ିଛି। ସେ ସକାଳେ ପାଣି ଆଣିବାକୁ ଯାଇ ଘରକୁ ଫେରି ନଥିଲେ। ଗ୍ରାମବାସୀଙ୍କ ସହାୟତାରେ ଦିନ ୧୦ଟାରେ ତାଙ୍କ ଶବକୁ ଉଦ୍ଧାର କରାଯାଇଥିଲା। ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି।

## କାର୍ ଦୁର୍ଘଟଣାଗ୍ରସ୍ତ

ବୈପାରୀଗୁଡା, ୧୩।୯ (ସମିସ): ମହୁଲି ଠାରେ ରାସ୍ତାକଡ଼କୁ ଖସି କାର ଦୁର୍ଘଟଣା ଗ୍ରସ୍ତ ହୋଇଛି। ଅଳ୍ପକେ ବର୍ତ୍ତିଲେ ଡ୍ରାଇଭର ଟୁକୁନା ମହାରଣା।ଶନିବାର ଅପରାହ୍ନ ୫ଟା ସମୟରେ ୩୨୬ ନମ୍ବର ରାଞ୍ଚି ବିଜୟିୱାର୍ଡ ଜାତୀୟ ରାଜପଥ ବୈପାରୀଗୁଡା ଥାନା ଅନ୍ତର୍ଗତ ମହୁଲି ଠାରେ ଏଭଳି ଅଘଟନ ଘଟିଛି। ଖବର ପାଇ ସ୍ଥାନୀୟ ସମିତି ସଭ୍ୟ ଭକ୍ତ ରାମ ହରିଜନ ଏବଂ ଗ୍ରାମବାସୀ ପହଞ୍ଚି ଚାଳକଙ୍କୁ ଉଦ୍ଧାର କରି ବୈପାରୀଗୁଡା ମେଡିକାଲକୁ ପଠାଇଥିବା ବେଳେ ଖବର ପାଇ ବୈପାରୀଗୁଡା ପୋଲିସ ଏଏସଆଇ ଗଜାନନ ନାୟକ ଘଟଣାସ୍ଥଳରେ ପହଞ୍ଚିଥିଲେ।

## ହାଇସ୍କୁଲ ହଷ୍ଟେଲରୁ ସାପ ଉଦ୍ଧାର

ବୈପାରୀଗୁଡା, ୧୩।୯ (ସମିସ): ଶନିବାର ଅପରାହ୍ନରେ ବୈପାରୀଗୁଡା ସଦର ମହକୁମା ସ୍ଥିତ ମଇନାପୋଡା ଏବଂ ହାଇସ୍କୁଲ ହଷ୍ଟେଲରୁ ସାପ ଉଦ୍ଧାର କରିଛନ୍ତି ସ୍ନେକ ହେଲ୍ପ ଲାଇନ କର୍ମକର୍ତ୍ତା ଡ଼ମ୍ବୁର ମାଝୀ। ମଇନାପୋଡା ସ୍ଥିତ ଗୁପ୍ତ ଦାସଙ୍କ ପୂଜା ରୁମ ଭିତରେ ସାପ ଥିବା ଜାଣି ପରିବାର ଲୋକେ ଭୟଭୀତ ହୋଇ ପଡ଼ିଥିଲେ। ପରେ ସ୍ନେକ ହେଲ୍ପ ଲାଇନ କର୍ମକର୍ତ୍ତା ଡ଼ମ୍ବୁରୁଙ୍କୁ ଫୋନ କରିବା ପରେ ଘରେ ପହଞ୍ଚି ୫ ଫୁଟିଆ ଢମଣା ସାପ ଉଦ୍ଧାର କରିଛନ୍ତି। ସେହିପରି ହାଇସ୍କୁଲ ହଷ୍ଟେଲରୁ ପାଞ୍ଚ ଫୁଟିଆ ନାଗ ସାପ ଉଦ୍ଧାର କରିଛନ୍ତି ସ୍ନାକ ହେଲ୍ପ ଲାଇନ କର୍ମକର୍ତ୍ତା। ପରେ ଉଦ୍ଧାର ସାପ ଦୁଇଟି ବିରୋଖମ୍ବ ଜଙ୍ଗଲରେ ସୁରକ୍ଷିତ ଭାବେ ଛାଡି ଦିଆଯାଇଛି।

## ଚନ୍ଦାହାଣ୍ଡିରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଚନ୍ଦାହାଣ୍ଡି, ୧୩।୯ (ସମିସ): ନବରଙ୍ଗପୁର ଜିଲ୍ଲା ଚନ୍ଦାହାଣ୍ଡି ସ୍ଥିତ ପ୍ରଥମ ଶ୍ରେଣୀ ବିଚାରପତିଙ୍କ ଅଦାଲତ ଠାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଚନ୍ଦାହାଣ୍ଡି ପ୍ରଥମ ଶ୍ରେଣୀ ବିଚାରପତି ଜରିନ୍ ଖାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଲୋକ ଅଦାଲତରେ ୫ ଫୌଜଦାରୀ ମାମଲାର ଫଏସଲା ହୋଇଥିବା ବେଳେ ୯ଟି ବ୍ୟାଙ୍କ ସମ୍ବନ୍ଧୀୟ ମାମଲାର ଫଏସଲା ହୋଇ ୬୩, ୪୦୦ ଟଙ୍କା ଆଦାୟ ହୋଇଥିଲା। ଏହି ଲୋକ ଅଦାଲତରେ ବରୋଦା ବ୍ୟାଙ୍କ ଶାଖା ପରିଚାଳକ ଯୋଗେଶ ବଗାର, ଏସବିଆଇ ଶାଖା ପରିଚାଳକ ସୁରଜ ହାଲଦାର, ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକ ମହେନ୍ଦ୍ରନାଥ ସିଂ, ରୋଶନ ଲାକ୍ରା, ଆଇନଜୀବୀ ସରୋଜ ଅଗସ୍ତି, ମହମ୍ମଦ ହୁସେନ, ଜୟଦେବ ଖମାରୀ, ହୁମେଶ୍ୱର ହଂସ, ଶ୍ୟାମସୁନ୍ଦର ସୁନାନୀ, ହୀରାଧର ମାଳି, କୋର୍ଟ କର୍ମଚାରୀ ଅଶୋକ କୁମାର ସେଠୀ, କେଶରୀ ମନହିରା, ଆଶିଷ ସାହୁ, ପ୍ରବୀଣ ଦାସ, ନିଲୁ ଶବର, ଭରତ ଦାସ, ବୃନ୍ଦାବନ ଜାନୀ ଏବଂ ସୀମାଞ୍ଚଳ ଗଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।

## ଦଶହରା ସମନ୍ୱୟ ବୈଠକ

ପାପଡ଼ାହାଣ୍ଡି, ୧୩।୯ (ସମିସ): ପାପଡ଼ାହାଣ୍ଡି ବ୍ଲକ କାର୍ଯ୍ୟାଳୟ ସଭା ଗୃହ ଠାରେ ପୁଲିସ ପକ୍ଷରୁ ଦଶହରା ପାଇଁ ସମନ୍ୱୟବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଥାନା ଅଧିକାରୀ ଦୀପକ କୁମାର ଜେନା ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ରୂପେ ବ୍ଲକ ଉପାଧ୍ୟକ୍ଷ ସୁଶାନ୍ତ କୁମାର ବେହେରା, ବିଡିଓ କପିଳଦେବ ସାହୁ, ତହସିଲଦାର ତପନ କୁମାର ନାୟକ, ଏସଡିପିଓ ସତ୍ୟଜିତ କଣ୍ଡେଲକାଲ ପ୍ରମୁଖ ମଞ୍ଚାସୀନ ହୋଇଥିଲେ। ଏଥିରେ ପାପଡ଼ାହାଣ୍ଡି ଥାନା ଅଧୀନସ୍ଥ ୨ଟି ପୂଜା କମିଟି ସଦସ୍ୟ ଓ ସ୍ଥାନୀୟ ଜନସାଧାରଣ ଉପସ୍ଥିତ ଥିଲେ। ଏହି ବୈଠକରେ ସାର୍ବଜନୀନ ପୂଜା କମିଟି ସଭାପତି ବି. ଜଗନମୋହନ ରାଓ, ଶ୍ରୀଶ୍ରୀଶ୍ରୀ ଦୁର୍ଗାପୂଜା କମିଟି ସଭାପତି ଜି. ଅନନ୍ତ ମୂର୍ତ୍ତି, ଆଇନଜୀବୀ ସ୍ୱାଧୀନ ପଟ୍ଟନାୟକ, ତ୍ରିନାଥ ପ୍ରଧାନ, ରାଜ କିଶୋର ରାଓ, ହରି ପାଣିଗ୍ରାହୀ, ମହେନ୍ଦ୍ର ବିଷୋୟୀ, ଶଙ୍କର ବିଷୋୟୀ, ସନ୍ତୋଷ ରାଓ ସହ ଅନ୍ୟ ସଦସ୍ୟ ଉପସ୍ଥିତ ଥିଲେ।

## ତହସିଲ ପାଇଁ ସର୍ବଦଳୀୟ କମିଟି

କୋଷାଗୁମୁଡା, ୧୩।୯ (ସମିସ): ନବରଙ୍ଗପୁର ଜିଲ୍ଲାର କୋଷାଗୁମୁଡା ବ୍ଲକ ଏକ ସର୍ବବୃହତ୍ ବ୍ଲକ ହୋଇଥିବା ବେଳେ ସର୍ବମୋଟ ୨୬ଗୋଟି ପଞ୍ଚାୟତକୁ ନେଇ ବ୍ଲକଟି ଗଠିତ। କୋଷାଗୁମୁଡା ବ୍ଲକର ୨୬ଗୋଟି ପଞ୍ଚାୟତର ଜନସାଧାରଣ ସମସ୍ତ କାର୍ଯ୍ୟ ପାଇଁ କୋଷାଗୁମୁଡା ଉପରେ ନିର୍ଭର କରି ଆସୁଥିବା ବେଳେ ତହସିଲ କାର୍ଯ୍ୟ ପାଇଁ କିନ୍ତୁ କୋଡୀଙ୍ଗା ପଞ୍ଚାୟତ ସଦର ମହକୁମା ଉପରେ ନିର୍ଭର କରିବାକୁ ପଡୁଛି। ବ୍ଲକ କାର୍ଯ୍ୟାଳୟ, ଗୋଷ୍ଠି ସ୍ୱାସ୍ଥ୍ୟକେନ୍ଦ୍ର, ଶିକ୍ଷା ଅଧିକାରୀଙ୍କ କାର୍ଯ୍ୟାଳୟ ତଥା ସମସ୍ତ କାର୍ଯ୍ୟାଳୟ ଗୁଡିକ ବ୍ଲକ ସଦର ମହକୁମାରେ ଅବସ୍ଥିତ ହୋଇଥିବା ବେଳେ ତହସିଲ କାର୍ଯ୍ୟାଳୟ କିନ୍ତୁ କୋଡୀଙ୍ଗା ପଞ୍ଚାୟତ ସଦର ମହକୁମାରେ ସ୍ଥାପିତ ହୋଇଛି। ଫଳରେ ବ୍ଲକର ପଚାଶ ପ୍ରତିଶତ ଜନସାଧାରଣ ସଠିକ ସମୟରେ ତହସିଲ ସେବାରୁ ବଞ୍ଚିତ ରହୁଥିବା ଅଭିଯୋଗ ହେଉଛି। ପ୍ରାୟ ପଞ୍ଚାୟତ ଠାରୁ ତହସିଲ କାର୍ଯ୍ୟାଳୟର ଦୂରତା ୩୦ରୁ ୩୫କିଲୋମିଟର ଦୂର ହେଉଥିବାରୁ ଅନେକ ସମୟରେ ଗମନାଗମନ ତଥା ଯାନବାହାନ ନମିଳିବା ଯୋଗୁଁ ଲୋକେ ସଠିକ ସମୟରେ ତହସିଲ କାର୍ଯ୍ୟାଳୟରେ ପହଞ୍ଚି ପାରୁନାହାନ୍ତି। କୋଷାଗୁମୁଡା ଠାରେ ତହସିଲ କାର୍ଯ୍ୟାଳୟ ସ୍ଥାପନ କରିବା ନିମନ୍ତେ ଆଜି କୋଷାଗୁମୁଡା କ୍ରିୟାନୁଷ୍ଠାନ କମିଟି ଗଠନ କରିଥିବା ସୂଚନା ମିଳିଛି। ଆଜିର ବୈଠକରେ ସଭାପତି ଭାବେ ହରିବନ୍ଧୁ ମାଝୀ, ଉପ ସଭାପତି ଭାବେ ସହଦେବ ପରିଡ଼ା, ସମ୍ପାଦକ ଭାବେ ସୁରେଶ ପାତ୍ର, କୋଷାଧ୍ୟକ୍ଷ ଭାବେ ଲକ୍ଷ୍ମଣ ପୂଜାରୀଙ୍କୁ ଚୟନ କରିଥିବା ବେଳେ କମିଟିର ଉପଦେଷ୍ଟା ମାନଙ୍କ ମଧ୍ୟରେ କୈଳାଶ ନାୟକ, କୃଷ୍ଣଚନ୍ଦ୍ର ସାହୁ ଓ ମଧୁସୁଦନ ଭତରାଙ୍କୁ ଚୟନ କରିଥିବା ବେଳେ କମିଟିର ସଭ୍ୟ ଭାବେ ସେନାପତି ବିଶୋଇ, ଗୋବର୍ଦ୍ଧନ ଗୌଡ଼, ଚିତ୍ରସେନ ନାୟକ, ଭୁବନେଶ୍ୱର ନାୟକ ଓ ଦେବାନନ୍ଦ ପଟ୍ଟନାୟକଙ୍କୁ ଚୟନ କରିଥିବା ସୂଚନା ମିଳିଛି।

## ପାର୍ବଣ ପୂର୍ବରୁ ନନ୍ଦପୁର ପୁଲିସର ନାଇଟ୍ ପାଟ୍ରୋଲିଂ

ନନ୍ଦପୁର, ୧୩।୯ (ସମିସ): ଆସନ୍ତା ପାର୍ବଣକୁ ଦୃଷ୍ଟିରେ ରଖି ନନ୍ଦପୁର ଅଞ୍ଚଳରେ ପୁଲସ ପକ୍ଷରୁ ନାଇଟ୍ ପେଟ୍ରୋଲିଂ ସକ୍ରିୟ କରାଯାଇଛି। ଏସ୍‌ଡିପିଓ ଦେବେନ୍ଦ୍ର ମଲ୍ଲିକଙ୍କ ନିର୍ଦ୍ଦେଶ



କ୍ରମେ ଆଇଆଇସି ମାମତା ପଣ୍ଡାଙ୍କ ଅଧ୍ୟକ୍ଷତାରେ ନନ୍ଦପୁର ପୁଲିସର ଏକ ବିଶେଷ ପାଟ୍ରୋଲିଂ ଦଳ ରାତ୍ରି ସମୟରେ ସଡ଼କ, ବଜାର, ଜନଗହଳି ସ୍ଥାନ ତଥା ଗ୍ରାମ ଅଞ୍ଚଳରେ ଅତର୍କିତ ପାଟ୍ରୋଲିଂ କରି ସ୍ଥାନୀୟ ଅଞ୍ଚଳର ଅସାମାଜିକ ତତ୍ତ୍ୱମାନଙ୍କ ମଧ୍ୟରେ କୋକୁଆ ଭୟ ସୃଷ୍ଟି କରିଛି। ବିଶେଷ କରି ବିଗତ ଦିନ ମାନଙ୍କରେ ବଢ଼ିଥିବା ଚୋରି ଡକାୟତି କଳାବଜାରୀ ସମୂହକୁ ଆୟତ୍ତ କରିବା ତଥା ଆସନ୍ତା ପାର୍ବଣ ସମାରୋହରେ ଅଶାନ୍ତି ସୃଷ୍ଟି କରୁଥିବା ବ୍ୟକ୍ତି ବିଶେଷଙ୍କୁ ଆୟତ୍ତ କରିବା ଉଦ୍ଦେଶ୍ୟରେ ଏହାକୁ ଆରମ୍ଭ କରାଯାଇଛି। ସମ୍ବେଦନଶୀଳ ସ୍ଥାନ ଗୁଡିକରେ ପହରା ଦେଇ ହେଲମେଟ, ଡ୍ରିଙ୍କ ଆଣ୍ଡ ଡ୍ରାଇଭ୍ ତଥା କଳାବଜାରୀ ମାନଙ୍କୁ ଜେରା ଆରମ୍ଭ କରିଛି। ଏହି ପରିପ୍ରେକ୍ଷୀରେ ଉପଖଣ୍ଡ ଅଧିକାରୀ ଶ୍ରୀ ମଲ୍ଲିକ କହିଛନ୍ତି ଯେ ଏହି ପଦକ୍ଷେପ ଅପରାଧ ନିୟନ୍ତ୍ରଣରେ ବହୁତ ସାହାଯ୍ୟକାରୀ ହେବ।

## ପି.ଲୋକନାଥଙ୍କ ଚକ୍ଷୁ ଦାନ କଲେ ପରିବାର

କୋରାପୁଟ, ୧୩।୯ (ସମିସ): ବାପାଙ୍କ ଆତ୍ମାକୁ ଶାନ୍ତି ପାଇଁ ପୁଅ ଓ ପରିବାରବର୍ଗ ଚକ୍ଷୁଦାନ କରିଛନ୍ତି। ପରିବାର ମୁଖ୍ୟ ପି.ଲୋକନାଥଙ୍କ ଆଖି ଦାନ କଲେ ପରିବାର। ଲୋକନାଥ ଆଜି ଦୋକାନରେ ଥିବା ସମୟରେ ତାଙ୍କ ଦୋକାନ ଭୁଶୁଡ଼ି ପଡ଼ିବାରୁ ଶେଷ ନିଶ୍ୱାସ ତ୍ୟାଗ କରିଥିଲେ। ତାଙ୍କ ମୃତ୍ୟୁ ପରେ ଏଲଭି ପ୍ରସାଦ ଚକ୍ଷୁ ହସ୍ପିଟାଲର ଅଧିକାରୀମାନେ ପରିବାର ସଦସ୍ୟଙ୍କୁ ପରାମର୍ଶ ଦେଇଥିଲେ ଯେ ସେମାନେ ଶ୍ରୀ ଲୋକନାଥଙ୍କ ଆଖି ଭୁବନେଶ୍ୱରର ଦୃଷ୍ଟି ଦାନ ଚକ୍ଷୁ ବ୍ୟାଙ୍କକୁ ଦାନ କରିପାରିବେ କି ନାହିଁ, ଯାହାକୁ ପରିବାର ସେମାନଙ୍କ ସମ୍ମତି ଦେଇଥିଲେ ବୋଲି ହସ୍ପିଟାଲର ପରାମର୍ଶଦାତା ବିଜୟ ବାଲା କହିଛନ୍ତି। ଏହି ସଂକ୍ରାନ୍ତରେ ମୃତକଙ୍କ ପୁଅ ପ୍ରଶାନ୍ତ ପାତ୍ର କହିଛନ୍ତି ଯେ ଯେଉଁଠାରେ ତାଙ୍କ ଆଖି ପ୍ରତିରୋପଣ କରାଯିବ ତାଙ୍କ ବାପା ସେହି ବ୍ୟକ୍ତି ମାଧ୍ୟମରେ ଜୀବିତ ରହିବେ। କୋରାପୁଟରେ ଏହା ପ୍ରଥମ ଥର ଘଟଣା। ଜଣେ ମୃତ ବ୍ୟକ୍ତିଙ୍କ ଆଖି ଚକ୍ଷୁ ବ୍ୟାଙ୍କକୁ ଦାନ କରାଯାଇଥିବା ବେଳେ ଏହା ଭବିଷ୍ୟତ ପାଇଁ ନୂତନ ଆଶା ଯୋଡିପାରେ ବୋଲି ଶ୍ରୀ ବାଲା ଆଶା ପୋଷଣ କରିଛନ୍ତି।

## ନକଲି ବିଦେଶୀ ମଦ ଜବତ, ଜଣେ ଗିରଫ

ଜୟପୁର, ୧୩।୯ (ସମିସ): କୋରାପୁଟ ଜିଲ୍ଲା ପ୍ରଶାସନ ନିର୍ଦ୍ଦେଶକ୍ରମେ ଅବକାରୀ ବିଭାଗ ପକ୍ଷରୁ ଏକ ଯୁଗ୍ମ ଚଢ଼ଉ କରାଯାଇ ବି.ସିଂଙ୍ଗପୁର ଥାନା ମୁଣ୍ଡାଗୁଡା ଗ୍ରାମ ଠାରେ ଏକ ନକଲି ବିଦେଶୀ ମଦ ପ୍ରସ୍ତୁତ କେନ୍ଦ୍ର ଉପରେ ଚଢ଼ଉ କରାଯାଇ ୫୪ ଲିଟର ୨୫୫ମିଲି ନିକଲି ବିଦେଶୀ ମଦ ଜବତ କରାଯାଇଥିବା ବେଳେ ଏହି ନକଲି ମଦ ପ୍ରସ୍ତୁତ କେନ୍ଦ୍ରର ମାଲିକ ରମେଶ ବିଶୋୟୀଙ୍କୁ ଗିରଫ କରିବା ସହ ଆଜ କୋର୍ଟ ଚାଲାଣ କରାଯାଇଛି। କୋରାପୁଟ ଜିଲ୍ଲାପାଳ ମୋନଜ ସତ୍ୟବାନ ମହାଜନ ଏବଂ ଜିଲ୍ଲା ଅବକାରୀ ଅଧିକ୍ଷକ ଅରୁଣ ପାଢ଼ୀଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଅବକାରୀ ରେଞ୍ଜ, ଜିଲ୍ଲା ସ୍ୱତନ୍ତ୍ର ସ୍କାର୍ଡ, ସେଟେଲାଇଟ ଦଳ, ଜୟପୁର ଏବଂ ବୋରିଗୁମ୍ମା ଅବକାରୀ ଥାନାର ଅଧିକାରୀ ଓ କର୍ମଚାରୀ ମାନେ ମିଳିତ ଭାବେ ଏହି ଚଢଉ କରିଥିଲେ। ଏହି ଅବସରରେ ଉକ୍ତ ନକଲି ପ୍ରସ୍ତୁତ କେନ୍ଦ୍ରରୁ ୨୧.୫୧୦ ଲିଟର ବିଦେଶୀ ମଦ, ୧୧୧.୯୦୦ ଲିଟର ବିଅର ଜବତ କରାଯାଇଛି। ଏହ ଚଢଉର ନେତୃତ୍ୱ ଜୟପୁର ଇନସପେକ୍ଟର ଶଶିକାନ୍ତ ଦତ୍ତ, ଜିଲ୍ଲା ସ୍ୱତନ୍ତ୍ର ସ୍କାର୍ଡର ଇନସପେକ୍ଟର ଚନ୍ଦ୍ରଶେଖର ପଢ଼ିହାରୀ, ଏସ.ଆଇ ରାଜୁ ଖିତି, ସେଟେଲାଇଟ ଦଳର ଭାରପ୍ରାପ୍ତ ଅଧିକାରୀ ଏସ.ଆଇ ରାଜୁ ଖିତି, ଏଏସଆଇ ସୁଶାନ୍ତ ନାୟକ ନେଇଥିଲେ।

## କୋଷାଗୁମୁଡ଼ାରେ ଜିଲ୍ଲାପାଳଙ୍କ ସମୀକ୍ଷା ବୈଠକ

କୋଷାଗୁମୁଡା, ୧୩।୯ (ସମିସ): ନବରଙ୍ଗପୁର ଜିଲ୍ଲା କୋଷାଗୁମୁଡା ବ୍ଲକ ସମ୍ମିଳନୀ କକ୍ଷଠାରେ ଆଜି ଜିଲ୍ଲାପାଳ ଡଃ ମହେଶ୍ୱର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଉନ୍ନୟନ ମୂଳକ କାର୍ଯ୍ୟର ସମୀକ୍ଷା କରାଯାଇଛି। ପ୍ରଥମେ କୋଡିଙ୍ଗା ତହସିଲ କାର୍ଯ୍ୟଳୟକୁ ପହଞ୍ଚି ବିଭାଗୀୟ ସମୀକ୍ଷା କରିବା ପରେ ବ୍ଲକର ସମ୍ମିଳନୀ କକ୍ଷରେ ପହଞ୍ଚି ଚାଲିଥିବା ଗ୍ରାମୀଣ ଆବାସ ନିର୍ମାଣ, ମନରେଗା, ସି.ଏଫ.ସି, ଏସଏଫସି ଓ ହୋଇଥିବା ସମସ୍ତ ଉନ୍ନୟନ ମୂଳକ କାମର ସମୀକ୍ଷା କରିଥିଲେ। ଏହାପରେ ବିଭିନ୍ନ ବିଭାଗୀୟ ଅଧିକାରୀ ଓ କର୍ମଚାରୀଙ୍କୁ ସୂଚାରୁରୂପେ ଓ ଶୃଙ୍ଖଳିତ ଭାବେ କାର୍ଯ୍ୟ ସମ୍ପାଦନ କରିବାକୁ ଜିଲ୍ଲାପାଳ ଦିଗଦର୍ଶନ ଦେଇଥିଲେ। ସରକାରୀ ଯୋଜନା ଭିତ୍ତିକ ସମସ୍ତ କାର୍ଯ୍ୟକୁ ନିୟମିତ ଭାବେ ତଦାରକ କରିବାକୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଆଜିର ଏହି ସମୀକ୍ଷା ବୈଠକରେ ବ୍ଲକ ଅଧ୍ୟକ୍ଷା, ୨୬ଟି ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ସମେତ ସମସ୍ତ ବିଭାଗୀୟ ଅଧିକାରୀମାନେ



ଯୋଗଦେଇଥିଲେ। ଏହାପରେ ଜିଲ୍ଲାପାଳ ବାଲେଙ୍ଗା ପଞ୍ଚାୟତକୁ ଯାଇ ବାଲି ସୌରାତକୁ ଅନୁଧ୍ୟାନ କରିଥିଲେ।

## ଉମରକୋଟରେ ତିନି ପୂଜା ପାଇଁ ପ୍ରସ୍ତୁତି

ଉମରକୋଟ, ୧୩।୯ (ସମିସ): ଆସନ୍ତା ଦୁର୍ଗା ପୂଜା, କାଳୀ ପୂଜା ଓ ସରସ୍ୱତୀ ପୂଜା କିପରି ଭାବେ ପାଳନ କରାଯିବ ଓ ବିସର୍ଜନ ପାଇଁ କଣ ନିୟମ ରହିଛି ଏଥି ନିମନ୍ତେ ଏକ ପ୍ରସ୍ତୁତି ବୈଠକ ଆଜି ଉମରକୋଟ ପୌର ପରିଷଦ କାର୍ଯ୍ୟାଳୟ ଠାରେ ଅନୁଷ୍ଠିତ ହେଇଥିଲା। ନିର୍ବାହୀ ଅଧିକାରୀ ଆଲୋକ କୁମାର ଅନୁଗୁଲିଆ ଙ୍କ ଅଧ୍ୟକ୍ଷତା ରେ ଏହି ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହେଇଥିଲା। ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡର ନିର୍ଦ୍ଦେଶ ପରେ ପ୍ରଶାସନ ପକ୍ଷରୁ ଏହି ବୈଠକ ଅନୁଷ୍ଠିତ ହୋଇଛି। ମୂର୍ତ୍ତୀ ମାଟିରେ ହେବ, ପ୍ଲାଷ୍ଟର୍ ପ୍ୟାରିସ ମୂର୍ତ୍ତୀ ସମ୍ପୂର୍ଣ୍ଣ ନିଷିଦ୍ଧ ହେବା, ମୂର୍ତ୍ତୀ ଉଚ୍ଚତା ୨୦ ଫୁଟ ରହିବ, ଥରେ ବ୍ୟବାହର ଯୁକ୍ତ ପ୍ଲାଷ୍ଟିକ ନିଷିଦ୍ଧ, ବିସର୍ଜନ ପାଇଁ ପୋଖରୀ ଚିହ୍ନଟ କିମ୍ବା କୃତ୍ରିମ ପୋଖରୀ ନିର୍ମାଣ, ବିସର୍ଜନ ପରେ ପୋଖରୀରେ ପଡ଼ିଥିବା ଆବର୍ଜନାକୁ ୨୪ ଘଣ୍ଟା ଭିତରେ ସଫା କରାଯିବ, ବିସର୍ଜନ ସ୍ଥଳର ୧୦୦ ମିଟର ଦୂର ରେ ଏକ ବୋର୍ଡ ଲଗାଯିବ ସେଠାରେ ନିୟମ ନ ମାନିଲେ ଆର୍ଥିକ ଦଣ୍ଡ ଲଗାଯିବ, ଘର ର ଛୋଟ ମୂର୍ତ୍ତୀ କୁ ବକେଟରେ ବିସର୍ଜନ କରିବା ଇତ୍ୟାଦି ଉପରେ ଥିବା ସରକାରୀ ନିୟମ ଉପରେ ଆଜି ପ୍ରଶାସନ ପକ୍ଷରୁ ସୂଚନା ପ୍ରଦାନ କରାଯାଇଥିଲା। ଚଳିତ ବର୍ଷ ପ୍ରଥମ ଥର ପାଇଁ ଉମରକୋଟ ସହର ରେ ଯେଉଁ ପୁଜା କମିଟି ଶୃଙ୍ଖଳା, ସ୍ୱଚ୍ଛତା ଓ ଇକୋ ଫ୍ରେନଡ୍ଲି ମାନିକି ପୁଜା ଓ ବିସର୍ଜନ କରିବେ ସେମାନଙ୍କୁ ପୁରସ୍କୃତ କରାଯିବ ଓ ଏହାର ଚୟନ ପାଇଁ ଏକ କମିଟି ଗଠନ କରାଯିବ ବୋଲି ନିର୍ବାହୀ ଅଧିକାରୀ ସୂଚନା ପ୍ରଦାନ କରିଥଲେ। ଆଜିର ବୈଠକରେ ନିର୍ବାହୀ ଅଧିକାରୀଙ୍କ ସମେତ ପୋଲିସ ଉପଖଣ୍ଡ ଅଧିକାରୀ ଶୁଭେନ୍ଦୁ ଶବର, ଆଇଆଇସି ରମା କାନ୍ତ ସାଏ, ଅତିରିକ୍ତ ତହସିଲଦାର ନୀଳାମ୍ବର ପୁଜାରୀ, ଅଗ୍ନି ଶ୍ରମ ଅଧିକାରୀ ଭାଗିରଥି ବଣୁଆ ପ୍ରମୁଖ ଉପସ୍ଥିତ ରହି ସରକାରଙ୍କ ନିୟମକୁ କିପରି ପାଳନ କରାଯିବ ସେଥିନେଇ ଆଲୋଚନା କରିଥିଲେ। ଆଜିର ବୈଠକରେ ସହରର ସମସ୍ତ ଦୁର୍ଗା ପୂଜା କମିଟି ର ସଭାପତି ଓ ସମ୍ପାଦକ, ବଣିକ ସଂଘ ଓ ବିଶିଷ୍ଟ ବ୍ୟକ୍ତି ମାନେ ଉପସ୍ଥିତ ଥିଲେ।

## ଜାତି ଜନଗଣନା ପାଇଁ ରାଷ୍ଟ୍ରପତିଙ୍କୁ ଦାବିପତ୍ର

ଜୟପୁର, ୧୩।୯ (ସମିସ): ଭାରତ ମୁକ୍ତି ମୋର୍ଚ୍ଚା, ବହୁଜନ କ୍ରାନ୍ତି ମୋର୍ଚ୍ଚା, ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ଏବଂ ରାଷ୍ଟ୍ରୀୟ ପରିବର୍ତ୍ତନ ମୋର୍ଚ୍ଚାର ତତ୍ତ୍ୱାବଧାନରେ ସମସ୍ତ ଭାରତୀୟଙ୍କ ମତାଧିକାରର ମୌଳିକ ଅଧିକାର, ସମ୍ବିଧାନ ଓ ଗଣତନ୍ତ୍ରର ସୁରକ୍ଷା, ସମସ୍ତଙ୍କ ସାମ୍ବିଧାନିକ ଅଧିକାର ପାଇଁ ଏକ ଦାବିପତ୍ର ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟର ଜୟପୁର ଉପଜିଲ୍ଲାପାଳ କାର୍ଯାଳୟ ଠାରେ ଡେପୁଟି କଲେକ୍ଟରଙ୍କୁ ନମ୍ରତା ଗଡ଼ତିଆଙ୍କୁ ପ୍ରଦାନ କରିଛନ୍ତି। ରାଷ୍ଟ୍ରୀୟ ପଛୁଆ ବର୍ଗ ମୋର୍ଚ୍ଚା ପକ୍ଷରୁ ଏହି ଦାବି ପତ୍ରରେ ପଛୁଆ ବର୍ଗ (ଓବିସି) ଏବଂ ସମସ୍ତ ଜାତି ସମୁହର ଜନଗଣନା କରିବା, ବେରୋଜଗାରୀ ଯୁବ ପାଢିଙ୍କୁ ନିଯୁକ୍ତି ଦେଇ ଅବସରପ୍ରାପ୍ତ କର୍ମଚାରୀଙ୍କୁ ପୁନଃ ନିଯୁକ୍ତି ନ ଦେବା, ରାଜ୍ୟରେ ବୈଷୟିକ ଶିକ୍ଷା, ମେଡିକାଲ୍ ଶିକ୍ଷାରେ ଆଦିବାସୀଙ୍କୁ ୨୨.୫ ପ୍ରତିଶତ, ଅନୁସୂଚିତ ଜାତିଙ୍କୁ ୧୫ ପ୍ରତିଶତ ଏବଂ ପଛୁଆ ବର୍ଗଙ୍କୁ ୫୨ ପ୍ରତିଶତ ସଂରକ୍ଷଣ ତୁରନ୍ତ ଦେବା, କଳକାରଖାନା ଗୁଡିକରେ ଠିକାଦାରଙ୍କ ଅଧିନରେ କାର୍ଯ୍ୟରତ ଶ୍ରମିକ ମାନଙ୍କୁ ନିର୍ଦ୍ଧାରିତ ସର୍ବନିମ୍ନ ମଜୁରୀ ପ୍ରଦାନ କରିବା, ଚୁକ୍ତି ଭିତିକ ବା ଠିକା ନିଯୁକ୍ତି ବନ୍ଦ କରି ସ୍ଥାୟୀ ଭିତିରେ ନିଯୁକ୍ତି ଦେବା ଭଳି ୨୨ ଦଫାର ଏକ ପତ୍ର ପ୍ରଦାନ କରାଯାଇଛି। ଏହି ପତ୍ର ପ୍ରଦାନ ବେଳେ କୋରାପୁଟ ଜିଲ୍ଲା ରାଷ୍ଟ୍ରିୟ ପଛୁଆ ବର୍ଗ ମୋର୍ଚ୍ଚା ସଭାପତି ମଦନ ମୋହନ ନାୟକ, ରାଜ୍ୟ ସଭାପତି ରାଜେନ୍ଦ୍ର ଗୌଡ଼, ଉପସଭାପତି ଚନ୍ଦ୍ରକାନ୍ତ ସୂତାର, ଅମିତ ମହାପାତ୍ର, ନିକୁଞ୍ଜ ରଞ୍ଜନ ମହାନ୍ତି, ସଦନ ଖରା, ଲକ୍ଷ୍ମଣ ସିଂଗାର୍ବୀ ପ୍ରମୁଖ ଉପସ୍ଥିତ ରହିଥିଲେ।

## ଉତ୍କଳ କଳା ସଂସଦର ଦୁର୍ଗାପୂଜା ପ୍ରସ୍ତୁତି

ଉମରକୋଟ, ୧୩।୯ (ସମିସ): ଉମରକୋଟ ସହରର ସର୍ବ ପୂରାତନ ପୂଜା ଦଣ୍ଡକାରଣ୍ୟ ତଥା ଉତ୍କଳ କଳା ସଂସଦର ଦୁର୍ଗା ପୂଜା। ଯେଉଁ ପୂଜା ମଣ୍ଡପ ବଙ୍ଗୀୟ ରୀତିନୀତିରେ ପୂଜା ପାଆନ୍ତି ମାଁ ଦୁର୍ଗା। ଦୁର୍ଗାପୂଜା ପାଇଁ ଉମରକୋଟ ସହର ବେଶ୍ ପରିଚିତ। ପୂଜା ପ୍ରସ୍ତୁତିରେ ଲାଗି ପଡ଼ିଛନ୍ତି ଉମରକୋଟ ସହରର ୧୦ ଗୋଟି ପୂଜା ମଣ୍ଡପ। କେଉଁ ପୂଜା ମଣ୍ଡପରେ ସୁନ୍ଦର ତୋରଣ ପାଇଁ ବାଉଁଶ ପୋତା ଆରମ୍ଭ ହୋଇଗଲାଣି ତ କେଉଁଠାରେ ସାଂସ୍କୃତିକ କାର୍ଯ୍ୟକ୍ରମ ପାଇଁଏବେଠାରୁ ପ୍ରସ୍ତୁତି ଆରମ୍ଭ ହୋଇଗଲାଣି। ଭିନ୍ନ ଭିନ୍ନ ଥିମକୁ ନେଇ ନିର୍ମିତ ହେଉଛି ତୋରଣ ସବୁ। ଚଳିତ ବର୍ଷ 'ନୂତନ ରାଷ୍ଟ୍ରପତି ଭବନ' ଥିମ୍ କୁ ନେଇ ତୋରଣ ନିର୍ମାଣ କରିବାକୁ ଯାଉଛି ଦଣ୍ଡକାରଣ୍ୟ ତଥା ଉତ୍କଳ କଳା ସଂସଦ ପୂଜା ମଣ୍ଡପ। ପୂଜାମଣ୍ଡପଗୁଡ଼ିକରେ ମୂର୍ତ୍ତି ନିର୍ମାଣ ମଧ୍ୟ ଆଗକୁ ବଢ଼ି ଚାଲିଥିବା ବେଳେ ଅଧିକାଂଶ ପୂଜା ମଣ୍ଡପରେ ଶେଷ ହୋଇଗଲାଣି ଏକ ମାଟିଆ କାମ। ପୂଜା କମିଟି ଗୁଡିକ ନିଜ ନିଜ କର୍ମକର୍ତ୍ତା ଏବଂ ସଦସ୍ୟମାନଙ୍କୁ ନେଇ ବାରମ୍ବାର ବୈଠକ ବସି ଭିନ୍ନ ଭିନ୍ନ କାମ ସଦସ୍ୟ ମାନଙ୍କୁ ବଣ୍ଟା ସରିଛି। କିଏ କଣ ବୁଝିବେ, ପୂଜା ସମୟରେ କାହାର କଣ ଦାୟିତ୍ୱ ରହିବ, ସେହିପରି କଲିକତାରୁ ଆସିଥିବା କାରିଗରଙ୍କୁ ମଧ୍ୟ ଫୁରସତ ମିଳୁନାହିଁ। ଦିନ ରାତି ଚାଲିଛି କାମ। ପ୍ରତି ବର୍ଷ ନୂଆ ରୂପରେ ସାମ୍ନାକୁ ଆସେ କଳା ସଂସଦର ଦୁର୍ଗା ପୂଜା ମେଢ଼ ବୋଲି କୁହନ୍ତି ବରିଷ୍ଠ କାରିଗର ଜୀବନ ବ୍ରହ୍ମା। ସେପଟେ ଉମରକୋଟ ପୌର ପରିଷଦ ପକ୍ଷରୁ ମଧ୍ୟ ଆବଶ୍ୟକୀୟ ପ୍ରସ୍ତୁତି ଆଗେଇ ଚାଲିଥିବା



କହିଛନ୍ତି କାର୍ଯ୍ୟ ନିର୍ବାହୀ ଅଧିକାରୀ ରାସ୍ତାଘାଟ, ପରିମଳ, ପାନୀୟ ଜଳ, ଆଲୋକିକରଣ କାମ ବିଭିନ୍ନ ସ୍ଥାନରେ ଆଗେଇ ଚାଲିଛି ଯାହା ନିର୍ଦ୍ଧାରିତ ସମୟ ପୂର୍ବରୁ ଶେଷ ହେବ ବୋଲି ସୂଚନା ଦେଇଛନ୍ତି।

# ପୁଲିସର ଅଶୋଭନୀୟ ବ୍ୟବହାର ଅଭିଯୋଗ

ସେମିଳିଗୁଡା, ୧୩।୯ (ସମିସ)



କୋରାପୁଟ ଜିଲ୍ଲାର ସେମିଳିଗୁଡାସ୍ଥିତ ସତ୍ୟ ନଗରର ବିକାଶ ପରିଷଦର ଏକ ଜରୁରୀ ବୈଠକ ଅନୁଷ୍ଠିତ ହୋଇଥିଲା। ଏହି ବୈଠକରେ ଶତାଧିକ ସଭ୍ୟ ଯୋଗ ଦେଇଥିଲେ। ସତ୍ୟନଗରରେ ଏକ ସରକାରୀ ସ୍ଥାନକୁ କିଛି ଲୋକ ଜବରଦଖଲ କରୁଥିବା ଦେଖି ଏହି ସ୍ଥାନକୁ ସୁରକ୍ଷିତ କରିବାପାଇଁ ପରିଷଦର ସଦସ୍ୟମାନେ ଜାଗାଟିକୁ ସମତୁଲ କରିଥିଲେ। ଏହି କାର୍ଯ୍ୟକୁ କିଛି ନ୍ୟସ୍ତସ୍ୱାର୍ଥ ଲୋକ ବନ୍ଦ କରିବାକୁ ଚାହୁଁଥିଲେ। ଏହାପରେ ହଠାତ୍ ସୁନାବେଡା ଥାନାର ଆଇଆଇସି ସଦଳବଳେ ଆସି କାମ ବନ୍ଦ କର କହିଥିଲେ। କିନ୍ତୁ କିଏ ଅଭିଯୋଗ କରିଛି କହି ନଥିଲେ। ସଦସ୍ୟମାନେ ସେମିଳିଗୁଡା ତହସିଲଦାରଙ୍କୁ ଭେଟି ସମସ୍ତ ବିଷୟ ଜଣାଇ ଥିଲେ। ତାଙ୍କ ନିର୍ଦ୍ଦେଶ କ୍ରମେ ଆରଆଇ, ଅମୀନ, ଏନଆରଆଇ ଆସି ସ୍ଥାନ ମାପ ଓ ଚିହ୍ନଟ କରି ଦେଖିଥିଲେ ଯେ ସଭ୍ୟମାନେ ସଫା କରିଥିବା ସ୍ଥାନ ସରକାରୀ ସ୍ଥାନ ଅଟେ। ସେହି ସ୍ଥାନର ପଡୋଶୀ ଜାଗା ଲୋକଙ୍କୁ ଫୋନ ଯୋଗେ ଡାକିଥିଲେ ମଧ୍ୟସେ ଆସି ନଥିଲେ। ସାମୂହିକ ସ୍ୱାର୍ଥ ଓ ଜାଗାଟିର ସୁରକ୍ଷା ପାଇଁ ଆଜି ସଫେଇ କଲାବେଳେ ପୁନଶ୍ଚ ସୁନାବେଡା ପୁଲିସ ଆସି ଆଇଆଇସି କହିଛନ୍ତି କହି କାମ ବନ୍ଦ କର କହିଥିଲେ। ଏଠାରେ ପ୍ରଶ୍ନ ଉଠୁଛି ଯେ ସେମିଳିଗୁଡାରେ ଏକର ଏକର ସରକାରୀଜମି ଲୋକ ବ୍ୟକ୍ତିଗତ ଭାବରେ ନେଇ ଗୃହ ନିର୍ମାଣ କରି କିଣାବିକା ମଧ୍ୟ କରୁଛନ୍ତି। କିନ୍ତୁ ସେ ସବୁ ପ୍ରତି କାହାର ନଜର ନାହିଁ। ଅଥଚ ଏକ ସାମୂହିକ ମଣ୍ଡପଟିଏ କରିବାକୁ ନିର୍ଣ୍ଣୟ କଲାବେଳେ ସୁନାବେଡା ପୁଲିସ କାମ ବନ୍ଦ କରିବାକୁ କାହିଁକି ଏତେ ଆଗ୍ରହୀ। ପୁଲିସର ବନ୍ଧୁତ୍ୱ ପୂର୍ଣ୍ଣ ବ୍ୟବହାର ବଦଳରେ ଏପରି ଆସି ଧମକଚମକ ଦେବା ଉଚିତ କି ବୋଲି ବୁଦ୍ଧିଜୀବୀମାନେ ପ୍ରଶ୍ନ କରିଛନ୍ତି। ଆଗକୁ ପୋଲିସର ଏପରି ବ୍ୟବହାର ଜନ ଆନ୍ଦୋଳନକୁ ନିମନ୍ତ୍ରଣ କରିବ ବୋଲି ମତ ପ୍ରକାଶ ପାଇଛି। ବୈଠକରେ ସଭାପତି ଡକ୍ଟର ଚିତ୍ତରଞ୍ଜନ ମିଶ୍ର ଅଧ୍ୟକ୍ଷତା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ରାମନାଥ ସିଂ, ଗଣେଶ୍ୱର ପାଣିଗ୍ରାହୀ, ଶ୍ରୀମତୀ ସ୍ନିଗ୍ଧାରାଣୀ ମିଶ୍ର, ନୀଳମାଧବ ପାତ୍ର, ଅନନ୍ତ ରାମ ମାଟାମ, ରତ୍ନାକର ନନ୍ଦ, ସୂଜିତ ଖଟେଇ, ସ୍ୱରାଜ ରାୟ, ଅନିରୁଦ୍ଧ ଜେନା, ଆଲୋକ ମହାନ୍ତି, ରତ୍ନାକର ଚୌଧୁରୀ, ନୀଳକଣ୍ଠ ଧୀବର, ସ୍ୱସ୍ତିକ ମିଶ୍ର, ଦିଲୀପ ବାଡତ୍ୟା ପ୍ରମୁଖ ଯୋଗ ଦେଇ ନିଜ ନିଜର ମତ ଉପସ୍ଥାପନ କରିଥିଲେ।

## କାର୍ ଦୁର୍ଘଟଣାଗ୍ରସ୍ତ; ୩ ଗୁରୁତର



ବଇଣ୍ଡା,୧୩।୯ (ସମିସ): କଟକ-ସମ୍ବଲପୁର ୫୫ନଂ ଜାତୀୟ ରାଜପଥର କିଶୋରନଗର ଥାନା ସୁସବ ନିକଟରେ ଶନିବାର ଏକ କାର ଭାରସାମ୍ୟ ହରାଇ ଓଲଟିପଡ଼ିଛି। ଏହି ଦୁର୍ଘଟଣାରେ କାରରେ ବସିଥିବା ୩ ଜଣ ଗୁରୁତର ଆହତ ହୋଇଛନ୍ତି। ସେମାନଙ୍କ ପରିଚୟ ମିଳିନାହିଁ। ସ୍ଥାନୀୟ ଲୋକେ ସେମାନଙ୍କୁ ଗୁରୁତର ଅବସ୍ଥାରେ ଉଦ୍ଧାର କରି କିଶୋରନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। କାର୍ କଟକରୁ ସମ୍ବଲପୁର ଯାଉଥିବା ବେଳେ ଦୁର୍ଘଟଣାଗ୍ରସ୍ତ ହୋଇଥିଲା।

## ଅସାରାଏ ବର୍ଷାରେ ବେହାଲ ବାଇପାସ୍ ରାସ୍ତା



ତାଳଚେର,୧୩।୯ (ସମିସ): ଶନିବାର ମଧ୍ୟାହ୍ନରେ ତାଳଚେର ସହରରେ ଅସାରାଏ ବର୍ଷା ହେବା ଫଳରେ ଛକ, ବଜାର, ମାର୍କେଟ ରାସ୍ତାଘାଟଗୁଡ଼ିକ ଜନଶୂନ୍ୟ ହୋଇପଡ଼ିଥିଲା। ଏହି ବର୍ଷାରେ ତାଳଚେର ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାଜଳ ଲହଡ଼ି ମାରୁଥିବା ଦେଖିବାକୁ ମିଳିଥିଲା। ଗଣେଶ ପୂଜା ବେଳକୁ ଲଗାଣ ବର୍ଷା ଯୋଗୁଁ ସହରର ମୁଖ୍ୟ ରାସ୍ତା ଉପରେ ପାଣିର ସୁଅ ଛୁଟିଥିବା ମଧ୍ୟ ଦେଖାଯାଇଥିଲା। ବାଇପାସ୍ ରାସ୍ତାର ଉଭୟ ପାର୍ଶ୍ୱରେ ବର୍ଷାପାଣି ସହ ଡ୍ରେନ ଜାମ ହେବା ଫଳରେ ପଚାଶଢ଼ା ଅପରିଷ୍କାର ପାଣି ରାସ୍ତା ଉପରେ ଜମିଥିବାରୁ ପଥଚାରୀ, ଅପ୍ରୀତିକର ପରିସ୍ଥିତିର ସାମ୍ନା କରୁଛନ୍ତି। ବାଇପାସ୍ ଟ୍ରାଫିକ ଛକ ରାସ୍ତା ଓ ନିକଟରେ ଥିବା ୟୁକୋ ବ୍ୟାଙ୍କ ସମ୍ମୁଖ ରାସ୍ତା ସାମାନ୍ୟ ବର୍ଷାରେ ପୋଖରୀ ସଦୃଶ ଦେଖାଯାଉଛି। ସେଠାରେ ବସବାସ କରୁଥିବା ଲୋକଙ୍କ ସମେତ ପଥଚାରୀ ଓ ବ୍ୟବସାୟୀମାନେ ଏହାର ସ୍ଥାୟୀ ସମାଧାନ ପାଇଁ ବହୁବାର ଅଭିଯୋଗ କରିଛନ୍ତି। ତେବେ ପୌରପରିଷଦ ମୋଟା ଅଙ୍କର ଟିକସ ନେଇ ଚାଲିଥିଲେ ମଧ୍ୟ ଏ ଦିଗରେ ସାମାନ୍ୟତମ ଦୃଷ୍ଟି ଦେଉ ନ ଥିବା ଅଭିଯୋଗ ହୋଇଛି। ପରିମଳ ବ୍ୟବସ୍ଥା ପାଇଁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ହେଉଥିଲେ ମଧ୍ୟ କିଛି ଅସାଧୁ କର୍ମଚାରୀ ଓ ଠିକାଦାରଙ୍କ ମଧୁଚନ୍ଦ୍ରିକା ଯୋଗୁଁ ଏହି ଟଙ୍କା ବାଟମାରଣା ହେଉଥିବା ଅଭିଯୋଗ ହେଉଛି। ଏଠି ନା ଲୋକପ୍ରତିନିଧି ନା ପ୍ରଶାସନ କେହି ଏଥିପ୍ରତି ଦୃଷ୍ଟି ଦେଉ ନ ଥିବା ପରିତାପର ବିଷୟ ବୋଲି ମତ ପ୍ରକାଶ ପାଇଛି। ତୁରନ୍ତ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

### ଶ୍ୟାମସୁନ୍ଦରପୁର ନାବାଳିକା ହତ୍ୟାକାଣ୍ଡ ଘଟଣା

# ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବିରେ କଂଗ୍ରେସର ଗଣଧାରଣା

ଅନୁଗୋଳ,୧୩।୯ (ସମିସ)




ସେପ୍ଟେମ୍ବର ୭ ତାରିଖ ଅନୁଗୋଳ ସଦର ଥାନା ବାଲୁଅକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମରେ ସଂଘଟିତ ନାବାଳିକା ହତ୍ୟାକାଣ୍ଡର ପର୍ଦ୍ଦାଫାସ ଆଜିପର୍ଯ୍ୟନ୍ତ ହୋଇପାରିନାହିଁ। ଏବେ ବି ପୁଲିସ ହାତ ଖାଲି ପଡ଼ିଥିବା ବେଳେ କେବଳ ତଦନ୍ତ ନାଁରେ ସମୟ ଗଡ଼ାଇ ଚାଲିଛି। ତେବେ ପୁଲିସ ଜାଣିଶୁଣି ଘଟଣାକୁ ଚପାଇବା ପାଇଁ ଚେଷ୍ଟା ଚଳାଇଛି। ଆଜି ପର୍ଯ୍ୟନ୍ତ ବ୍ୟବଚ୍ଛେଦ ରିପୋର୍ଟ ହସ୍ତଗତ ହୋଇନାହିଁ କହି ପୁଲିସ ଅଯଥା ବିଳମ୍ବ କରୁଛି। ଘଟଣା ଯେତିକି ବିଳମ୍ବ ହେଉଛି, ସାଧାରଣରେ ସନ୍ଦେହ ମଧ୍ୟ ସେହି ହାରରେ ବଢ଼ି ଚାଲିଛି। ଏ ନେଇ ଜିଲ୍ଲା କଂଗ୍ରେସ ପକ୍ଷରୁ ଏକ ପ୍ରତିନିଧି ମଣ୍ଡଳୀ ଶୁକ୍ରବାର ମୃତକଙ୍କ ପରିବାରକୁ ଭେଟିଥିଲେ। ଘଟଣାକୁ ନେଇ ସନ୍ଦେହ ଓ ଭୟରେ ସମୟ କାଟୁଥିବା ପରିବାର ଲୋକେ ପ୍ରକାଶ କରିଥିଲେ। ଦୀର୍ଘ ୭ ଦିନ ବିତିଯାଇଥିଲେ ମଧ୍ୟ ଏଯାବତ୍ ଅପରାଧୀଙ୍କ ଟେର୍ ପାଇନି ପୁଲିସ। ଏହାର ପ୍ରତିବାଦରେ ଶନିବାର ପୂର୍ବାହ୍ନରେ ଅନୁଗୋଳ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲା ସଂଯୋଜକ ଅମ୍ବିକା ପ୍ରସାଦ ଭଞ୍ଜଙ୍କ ନେତୃତ୍ୱରେ ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ସମ୍ମୁଖରେ ଗଣ ଧାରଣା ଦିଆଯିବା ସହ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଛି। ଏଥିରେ ଜିଲ୍ଲା ପ୍ରଭାରୀ ତଥା ପିସିସି ଉପସଭାପତି ପୂର୍ବତନ ବିଧାୟକ ଲଲାଟେନ୍ଦୁ ମହାପାତ୍ର ଯୋଗଦେଇ ନାବାଳିକା ହତ୍ୟାକାଣ୍ଡର କୌଣସି ସୂଚନା ଆଜିଯାଏ ନ ମିଳିବା ନିଶ୍ଚିତ ପକ୍ଷେ ପୁଲିସ ଓ ସରକାରଙ୍କ ବିଫଳତାକୁ ଅଙ୍ଗୁଳି ନିର୍ଦ୍ଦେଶ କରୁଛି ବୋଲି କହିଥିଲେ। କେହି ପ୍ରଭାବଶାଳୀ ବ୍ୟକ୍ତି ଏହି ହତ୍ୟାକାଣ୍ଡରେ ସମ୍ପୃକ୍ତ ଥିବାରୁ ପୁଲିସ ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରୁଛି। ୨୪ଘଣ୍ଟା ମଧ୍ୟରେ ଘଟଣାର ପର୍ଦ୍ଦାଫାସ କରିବା ସହ ଅପରାଧୀଙ୍କୁ ଗିରଫ କରିବା ପାଇଁ ପୁଲିସ ରାସ୍ତାରୋକ ସମୟରେ ପ୍ରକାଶ କରିଥିଲେ ମଧ୍ୟ ଆଜିଯାଏଁ ବ୍ୟବଚ୍ଛେଦ ରିପୋର୍ଟ ସଂଗ୍ରହ କରି ନ ପାରିବା ପୁଲିସର ପାରିବାପଣିଆ ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତୁରନ୍ତ ଘଟଣା ପର୍ଦ୍ଦାଫାସ କରିବା ସହ ଆସାମୀଙ୍କୁ ଗିରଫ କରା ନ ଗଲେ ବାଧହୋଇ ଜିଲ୍ଲା କଂଗ୍ରେସ ରାଜରାସ୍ତାକୁ ଓହ୍ଲାଇବ ଓ ଏଥିପାଇଁ ଜିଲ୍ଲା ପ୍ରଶାସନ ସମ୍ପୂର୍ଣ୍ଣ ଦାୟୀ ରହିବ ବୋଲି ସେ ପ୍ରକାଶ କରିଥିଲେ। ଗଣ ଧାରଣାରେ ଅନ୍ୟମାନଙ୍କ ମଧ୍ୟରେ ପିସିସି ଉପସଭାପତି ସସ୍ମିତା ବେହେରା, ପିସିସି ମୁଖପାତ୍ର ରୂପାଦୀପ୍ତା ମହାପାତ୍ର, ଗୋପାଳ ଚନ୍ଦ୍ର ନାଥ, ଜିତେନ୍ଦ୍ର କୁମାର ସାହୁ, ନୀଳକଣ୍ଠ ନାଏକ, ଉମେଶ ଚନ୍ଦ୍ର ସାହୁ, ତପନ ପ୍ରଧାନ, ବିଜୟାନନ୍ଦ ଚାଉଳିଆ, ବଳବୀର ସିଂ, ମାଣିକ୍ୟ ପ୍ରଭା, ଚିତ୍ତରଞ୍ଜନ ନାଏକ, ସରୋଜ ପ୍ରଧାନ, ସନତ ପ୍ରଧାନ, ଭଜମନ ଦାସ, କ୍ଷୀରୋଦ ପଟ୍ଟନାୟକ, ବନବିହାରୀ ପ୍ରଧାନ, ଗଗନ ପ୍ରଧାନ, ଲୋକନାଥ ସାହୁ, ସହଦେବ ବେହେରା, ପିଣ୍ଟୁ ପ୍ରଧାନ, ବାସୁଦେବ ସାମଲ, ବନ୍ଦେଶ ମହାରଣା, ସୌମେନ୍ଦ୍ର ଦେହୁରୀ, ରାକେଶ ସାହୁ, ଯଦୁନାଥ ବେହେରା, ସରୋଜ ପ୍ରଧାନ, ପାର୍ଥବୀର ବେହେରା, ଅରୂପ ସାମଲ, କଞ୍ଜୁନାଥ ଦେହୁରୀ, କସିଦା ଖାନ, ଶାନ୍ତୀ ବେହେରା, ହିମାଂଶୁ ଧଳ, କେଶବ ଭୂତିଆ, ପ୍ରବୋଧ ସ୍ୱାଇଁ, ଆଲୋକ ଦେହୁରୀ, ଶିଶିର ପାଳ ପ୍ରମୁଖ ଯୋଗଦେଇଥିଲେ। ଅପରାହ୍ନରେ ଏକ ପ୍ରତିନିଧି ଦଳ ଅତିରିକ୍ତ ଏସ୍‌ପିଙ୍କ ଜରିଆରେ ଏସ୍‌ପିଙ୍କୁ ଏ ନେଇ ସ୍ମାରକପତ୍ର ପ୍ରଦାନ କରିଛନ୍ତି।

### ■ ଶ୍ୟାମସୁନ୍ଦରପୁର ନାବାଳିକା ହତ୍ୟା ଘଟଣା; ଅପରାଧୀଙ୍କୁ ଗିରଫ ଓ କଠୋର ଦଣ୍ଡ ଦାବି

## ଏସ୍‌ପିଙ୍କୁ ପ୍ରଗତିଶୀଳ ନାଗରିକ ମଞ୍ଚର ଦାବିପତ୍ର



ଅନୁଗୋଳ,୧୩।୯ (ସମିସ): ବାଲୁଅକଟା ପଞ୍ଚାୟତ ଶ୍ୟାମସୁନ୍ଦରପୁର ଗ୍ରାମର ନାବାଳିକାଙ୍କୁ ହତ୍ୟା ଘଟଣା ଅଞ୍ଚଳବାସୀଙ୍କ ସମେତ ଜିଲ୍ଲାର ଜନସାଧାରଣଙ୍କ ହୃଦୟକୁ ଦୋହଲାଇ ଦେଇଛି। ଏହି ଘଟଣାରେ ସମ୍ପୃକ୍ତ ଅପରାଧୀଙ୍କୁ ତୁରନ୍ତ ଗିରଫ କରି କଠୋର ଦଣ୍ଡବିଧାନ ପାଇଁ ସବୁ ମହଲରୁ ଦାବି ହେଉଛି। ଶନିବାର ପୂର୍ବାହ୍ନରେ ପ୍ରଗତିଶୀଳ ନାଗରିକ ମଞ୍ଚର ଆବାହକ ମଣ୍ଡଳୀ ସଦସ୍ୟ ଆଇନଜୀବୀ ବସନ୍ତ କୁମାର ଦାସ, ପ୍ରମୋଦ କୁମାର ପ୍ରଧାନଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏ ନେଇ ଏସ୍‌ପିଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଏସ୍‌ପି ରାଜୀବ ଲୋଚନ ପଣ୍ଡାଙ୍କୁ ଭେଟି ଦାବିପତ୍ର ପ୍ରଦାନ କରିବା ସହ ଆଲୋଚନା କରିଛନ୍ତି। ଖୁବଶୀଘ୍ର ଅପରାଧୀଙ୍କୁ ଗିରଫ କରାଯିବ ବୋଲି ପୁଲିସ ପକ୍ଷରୁ ପ୍ରତିଶ୍ରୁତି ଦିଆଯାଇଛି।

## ତଞ୍ଚକତା କରି ଜମି ହଡ଼ପ, ସଭାପତିଙ୍କୁ ହତ୍ୟା ଧମକ

### ଥାନାରେ ଗ୍ରାମବାସୀ

କିଶୋରନଗର,୧୩।୯ (ସମିସ): ଅନୁଗୋଳ ଜିଲ୍ଲା କିଶୋରନଗର ବ୍ଲକ ସାହାଜବାହାଳ ଗ୍ରାମରେ ତଞ୍ଚକତା କରି ଜମି ହଡ଼ପ କରିବା ଘଟଣା ଚର୍ଚ୍ଚାର ବିଷୟ ପାଲଟିଛି। ସୂଚନା ଅନୁସାରେ, ସାହାଜବାହାଳ ଗ୍ରାମର ହୀରାବତି ଦେହୁରୀ ପ୍ରାୟ ୧୦ ଏକର ବିଶିଷ୍ଟ ତାଙ୍କ ଜମିକୁ ଗ୍ରାମ କମିଟିକୁ ହସ୍ତାନ୍ତର କରିଥିଲେ। ଗ୍ରାମ କମିଟି ସଦସ୍ୟ ତଥା ଗ୍ରାମବାସୀ ମିଳିତ ଭାବେ ଉକ୍ତ ଜମିର ପଟ୍ଟା କରିବା ପାଇଁ ବାରମ୍ବାର ତହସିଲ ଅଫିସକୁ ଦୌଡ଼ିବା ସତ୍ତ୍ୱେ ଏପର୍ଯ୍ୟନ୍ତ ପଟ୍ଟା ହୋଇପାରିନାହିଁ। ଏହାର ସୁଯୋଗ ନେଇ ଉକ୍ତ ଗ୍ରାମର ଭାଗବତ ସାହୁଙ୍କ ପୁଅ ଶରତ ସାହୁ ଏବଂ ରମେଶ ସାହୁ ତଞ୍ଚକତା କରି ୨୦୨୨ରେ ସେହି ଜମିକୁ ନିଜ ନାମରେ ପଟ୍ଟା କରି ନେଇଥିବା ଗ୍ରାମ ସଭାପତି ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ଆଲୋଚନା କରିବାକୁ ଡାକିବାରୁ ଦୁଇ ଭାଇ ଗ୍ରାମ ସଭାପତି ରଞ୍ଜନ ପ୍ରଧାନଙ୍କୁ ଅସଭ୍ୟ ଭାଷାରେ ଗାଳିଗୁଲଜ କରିବା ସହ ଜୀବନରୁ ମାରିଦେବାକୁ ମଧ୍ୟ ଧମକ ଦେଉଛନ୍ତି। ସଭାପତି ଏବଂ ତାଙ୍କ ପରିବାରକୁ ଜୀବନରୁ ମାରିବା ତଥା ଉଠାଇ ନେବା ଆଦି ଧମକ ସେମାନେ ଫୋନ ଦ୍ୱାରା ମଧ୍ୟ ଦେଉଛନ୍ତି। ଏହି ସମସ୍ୟାର ସମାଧାନ ପାଇଁ ଶତାଧିକ ଗ୍ରାମବାସୀ କିଶୋରନଗର ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ସଭାପତି ତଥା ତାଙ୍କ ପରିବାର ସଦସ୍ୟଙ୍କ ଜୀବନ ପ୍ରତି ଭୟ ରହିଥିବା ବେଳେ ପୁଲିସ ଏହି ଘଟଣାର ତଦନ୍ତ କିଭଳି କରୁଛି ଏବଂ ଦୋଷୀଙ୍କୁ ଦଣ୍ଡଦେବା ସହ ସଭାପତିଙ୍କୁ କିଭଳି ନ୍ୟାୟ ପ୍ରଦାନ କରୁଛି ତାହା ଦେଖିବାକୁ ବାକି ରହିଲା।

## ଏନଟିପିସି ପକ୍ଷରୁ ୮୨ ଭିନ୍ନକ୍ଷମଙ୍କୁ ସହାୟତା




ତାଳଚେର,୧୩।୯ (ସମିସ): ଏନ୍‌ଟିପିସି ଟିଟିପିଏସ ପକ୍ଷରୁ ଦିବ୍ୟାଙ୍ଗଙ୍କୁ ସହାୟତା ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ମୁଖ୍ୟଅତିଥି ଭାବେ ଟିଟିପିଏସ୍ କାର୍ଯ୍ୟନିର୍ବାହୀ ଅଧୀକ୍ଷକ ବିଜୟ ଚାନ୍ଦ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ସାଗରିକା ଲେଡିଜ୍ କ୍ଲବ ସଭାପତି ବିଭା ଅଗ୍ରୱାଲ, ଜିଏମ (ପ୍ରକଳ୍ପ) ଜେପି ରଏ, ଜିଏମ (ମେକାନିକାଲ ଇରେକ୍ସନ୍) ପ୍ରବୀର କୁମାର, ଏଜିଏମ (ଏଚଆର) ରୋହିତ କୁମାର, ସନ୍ଥପଡ଼ା ସରପଞ୍ଚ ସହଦେବ ସାହୁ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ହିତାଧିକାରୀମାନେ ସେମାନଙ୍କ ପରିବାର ସଦସ୍ୟଙ୍କ ସହ କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ। ସମାବେଶକୁ ସମ୍ବୋଧିତ କରି ମୁଖ୍ୟଅତିଥି ଚାନ୍ଦ କହିଲେ, ଭିନ୍ନକ୍ଷମମାନଙ୍କ ଜୀବନର ମାନ ଉନ୍ନତ କରିବାକୁ ଏନଟିପିସି ଟିଟିପିଏସ୍ ପ୍ରୟାସ ଜାରି ରଖିଛି। ସେମାନଙ୍କ ବିକାଶ ପାଇଁ ସମାଜ ସହିତ ଜଡ଼ିତ ରହିବାକୁ ପ୍ରତିବଦ୍ଧ ବୋଲି କହିଥିଲେ। ଏହି ଅବସରରେ ଟିଟିପିଏସ୍ ପକ୍ଷରୁ ଭିନ୍ନକ୍ଷମମାନଙ୍କୁ ଟ୍ରାଏ ସାଇକଲ, ହୁଇଲ୍ ଚେୟାର୍, ଶ୍ରବଣଯନ୍ତ୍ର, ମୋଟରସାଇକଲ ଇତ୍ୟାଦି ସହାୟକ ଉପକରଣ ବଣ୍ଟନ କରାଯାଇଥିଲା। ଏହି ସମ୍ପର୍କରେ ପୂର୍ବରୁ ସନ୍ଥପଡ଼ା, ଜଗନ୍ନାଥପୁର, ଗୁରୁଜାଙ୍ଗୁଲି, ବନ୍ତୋଲ ଆଦି ୪ ପଞ୍ଚାୟତରେ ସର୍ଭେ କରାଯାଇଥିଲା। ହିତାଧିକାରୀଙ୍କ ଆବଶ୍ୟକତା ଅନୁଯାୟୀ ମେସସ୍‌ର୍ ଏଲିମିକୋ ଦ୍ୱାରା ସହାୟକ ଉପକରଣ କ୍ରୟ କରାଯାଇଥିଲା।

## ଫ୍ଲଡଲାଇଟ୍ କାମର ସମୀକ୍ଷା କଲେ ଅତିରିକ୍ତ ସଚିବ

ଅନୁଗୋଳ,୧୩।୯ (ସମିସ): ସ୍ଥାନୀୟ କଦମ ପଡ଼ିଆରେ ୫ କୋଟି ୫୫ ଲକ୍ଷ ଟଙ୍କା ବ୍ୟୟରେ ହେବାକୁ ଥିବା ଫ୍ଲଡଲାଇଟ୍ କାର୍ଯ୍ୟ ଆରମ୍ଭ ନେଇ କ୍ରୀଡ଼ା ଓ ଯୁବସେବା ବିଭାଗ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁଙ୍କ ନେତୃତ୍ୱରେ ଏକ ଟିମ୍ ସମୀକ୍ଷା କରିଛନ୍ତି।




ଏହି ଦଳରେ ଡେପୁଟି ସେକ୍ରେଟାରୀ ଡ. ସ୍ୱରୂପାନନ୍ଦ ସାହୁ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଅକ୍ଷୟ କୁମାର ସିଂ, ଇନ୍‌ଫ୍ରାଷ୍ଟ୍ରକଚର୍ ମ୍ୟାନେଜର ହିମାଂଶୁ ବେହେରା, ତହସିଲଦାର ଆଲୋକ କୁମାର ଦେହୁରୀ, ପୌର ନିର୍ବାହୀ ଅଧିକାରୀ ସତ୍ୟପ୍ରକାଶ ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ। ଅଧିକାରୀମାନେ କେଉଁ ସ୍ଥାନରେ ଏବଂ କିଭଳି ଫ୍ଲଡଲାଇଟ୍ ପୋଲ୍ ବସିବ ତାହା ବୁଲି ଦେଖିଥିଲେ। ପରେ ଅନୁଗୋଳ ଷ୍ଟାଡିୟମ, ବଅଁରପାଳ ଓ ବନ୍ତଲାରେ ହେବାକୁ ଥିବା ମିନି ଷ୍ଟାଡିୟମ୍ ଆଦି ବୁଲି ଦେଖିବା ସହ ଏହାର ନିର୍ମାଣ କାର୍ଯ୍ୟର ସମୀକ୍ଷା କରିଥିଲେ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



ଅନୁଗୋଳ,୧୩।୯ (ସମିସ): ଜିଲ୍ଲା ଆଇନସେବା ପ୍ରାଧିକରଣ ପକ୍ଷରୁ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଛି। ଏଥିରେ ୨୬ ଲକ୍ଷ ୮ ହଜାର ୧୮ ଟଙ୍କାରେ ୧୨୩ଟି ପ୍ରାକ ମୋକଦମାସ୍ତରୀୟ ମାମଲା ଫଇସଲା କରାଯାଇଛି। ସେହିପରି ୪୭୮୦ଟି ବିଚାରାଧୀନ ମାମଲାର ଫଇସଲା କରାଯାଇଛି। ସେଥିମଧ୍ୟରୁ ୨୫ଟି ମୋଟରଯାନ ଦୁର୍ଘଟଣାଜନିତ ମାମଲାର ଫଇସଲା କରାଯାଇ ୨ କୋଟି ୨୨ ଲକ୍ଷ ୯୨ ହଜାର ଟଙ୍କାର କ୍ଷତିପୂରଣ ପ୍ରଦାନ କରାଯାଇଛି। ସେହିଭଳି ୨୩ଟି ଚେକ ବାଉନ୍ସ ମାମଲାର ବିଚାର କରାଯାଇ ୭୩ ଲକ୍ଷ ୪୬ ହଜାର ୪୫୨ ଟଙ୍କାରେ ସମାଧାନ କରାଯାଇଛି। ୧୪ଟି ଶ୍ରମ ବିବାଦ ମାମଲାର ବିଚାର କରାଯାଇ ୨ ଲକ୍ଷ ୬୬ ହଜାର ୭୫୬ ଟଙ୍କାରେ ସମାଧାନ କରାଯାଇଛି। ୭୧ଟି ଦେୱାନୀ ମାମଲାର ସମାଧାନ କରାଯାଇଛି। ୬ଟି ବିଚାରାଧୀନ ବ୍ୟାଙ୍କ ସମ୍ପର୍କିତ ମାମଲା, ଗୋଟିଏ ଜମି ଅଧିଗ୍ରହଣ ମାମଲା, ୨୭ଟି ପାରିବାରିକ ବିବାଦ ମାମଲା (ଛାଡ଼ପତ୍ର ବ୍ୟତୀତ), ଦୁଇଟି ଖାଉଟି ବିବାଦ ମାମଲା, ୫୬୮ଟି ଫୌଜଦାରୀ ମାମଲା, ୪୦୪୩ଟି ରାଜସ୍ୱ ଓ ଅନ୍ୟାନ୍ୟ ଆନୁଷଙ୍ଗିକ ମାମଲା ଫଇସଲା କରାଯାଇଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ତାଳଚେର, ଆଠମଲ୍ଲିକ, ପାଲଲହଡ଼ା, ଛେଣ୍ଡିପଦା ଓ ବଅଁରପାଳରେ ଥିବା ଅଦାଲତ, ଖାଉଟି ଅଦାଲତ, ବିଭିନ୍ନ ତହସିଲ, ବ୍ୟାଙ୍କ ଓ ବିଏସଏନଏଲ, ଶ୍ରମ କାର୍ଯ୍ୟାଳୟ ଅଂଶଗ୍ରହଣ କରିଥିଲେ। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଅଧ୍ୟକ୍ଷ ଦାମୋଦର ରଥଙ୍କ ତତ୍ତ୍ୱାବଧାନରେ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଏଥିରେ ଅନୁଗୋଳ ଅଦାଲତର ବିଚାରପତିଗଣ, ସରକାରୀ ଓକିଲ, ଅନୁଗୋଳ କୋର୍ଟର ଆଇନଜୀବୀ, କୋର୍ଟ, ଜିଲ୍ଲା ଆଇନସେବା ପ୍ରାଧିକରଣ ଓ ବିଭିନ୍ନ ବ୍ୟାଙ୍କର କର୍ମଚାରୀ ଉପସ୍ଥିତ ଥିଲେ। ଜିଲ୍ଲା ଆଇନସେବା ପ୍ରାଧିକରଣ ସଚିବ ଲୋକ ଅଦାଲତ ପରିଚାଳନା କରିଥିଲେ।

## ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ


ବଇଣ୍ଡା,୧୩।୯ (ସମିସ): ଅନୁଗୋଳ ଜିଲ୍ଲା ଆଠମଲ୍ଲିକ ବ୍ଲକ ଠାକୁରଗଡ଼ ହାଇସ୍କୁଲ ପରିସରରେ ଶୁକ୍ରବାର ବ୍ଲକସ୍ତରୀୟ ବିଜ୍ଞାନ ସେମିନାର ଅନୁଷ୍ଠିତ ହୋଇଛି। ଜିଲ୍ଲା ବିଜ୍ଞାନ ନିରୀକ୍ଷକ ଅମ୍ବୁଜ କୁମାର ଗଡ଼ନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ। ଏଥିରେ ବ୍ଲକର ୨୭ ହାଇସ୍କୁଲର ୨୭ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଏଥିରେ ଛାତ୍ରଛାତ୍ରୀଙ୍କୁ ବିଭିନ୍ନ ପ୍ରଶ୍ନ ପଚରା ଯାଇଥିଲା। ମାନସ ପାଣିଗ୍ରାହୀ, ବିଶ୍ୱଜିତ ମାନ୍ତ୍ରି ବିଚାରକ ଭାବେ ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ ପ୍ରତିମା ଦେହୁରିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ମୁଖ୍ୟଅତିଥି ଭାବେ ଜିଲ୍ଲା ଶିକ୍ଷା ଅଧିକାରୀ ନିରଞ୍ଜନ ସାହୁ ଯୋଗଦେଇ ବିଜ୍ଞାନ ପ୍ରତି ସମସ୍ତେ ଆଗ୍ରହୀ ହେବା ଆବଶ୍ୟକ ବୋଲି କହିବା ସହ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରିଥିଲେ। ବିଦ୍ୟାଳୟର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ ସହଯୋଗ କରିଥିଲେ।




## ଯୁବ ରେଡ୍‌କ୍ରସ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ

ତାଳଚେର,୧୩।୯ (ସମିସ): ତାଳଚେର ସ୍ୱୟଂଶାସିତ ମହାବିଦ୍ୟାଳୟ ସଭାଗୃହରେ ଯୁବ ରେଡ୍‌କ୍ରସ୍ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା, ବ୍ୟବହାରିକ ଦକ୍ଷତା ବୃଦ୍ଧି ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା। ମହାବିଦ୍ୟାଳୟ ଅଧ୍ୟକ୍ଷ ସୁବ୍ରତ କୁମାର ଦାସ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ। ଏସଟି ଜୋନ ଆମ୍ବୁଲାନ୍ସ ଓଡ଼ିଶା ଏବଂ ଏମସିଏଲ ଆମ୍ବୁଲାନ୍ସ ଡିଭିଜନ ମିଳିତ ଉଦ୍ୟମରେ ଏହି ଶିବିର ଆୟୋଜନ କରାଯାଇଥିଲା। ଡିଭିଜନ କମାଣ୍ଡର ଦୀନବନ୍ଧୁ ପ୍ରଧାନ ପ୍ରଶିକ୍ଷଣ ଦେବା ସହ ଆମ୍ବୁଲାନ୍ସ ଅଧିକାରୀ ହିମାଂଶୁ ପ୍ରଧାନ, ସୁରକ୍ଷା ଅଧିକାରୀ ଅନିଲ କୁମାର ଥମ୍ବ, ବ୍ରିଗେଡିଅର୍ ସୁଶାନ୍ତ ପାଣି, ରାକେଶ ବେହେରା, ଶୁଭ୍ରାଂଶୁ ମୋହନ ପ୍ରଧାନ, ତ୍ରିନାଥ ସାହୁ ଓ ସୁଶାନ୍ତ ନାୟକ ପ୍ରମୁଖ ସହଯୋଗ କରିଥିଲେ। ମହାବିଦ୍ୟାଳୟ ରେଡ୍‌କ୍ରସ କାଉନସେଲର ଶୁଭ୍ରାଂଶୁ ସାହୁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଅଧ୍ୟାପିକା ନିବେଦିତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

# 'ଆସ ସ୍କୁଲ ଯିବା' ସଚେତନତା ବାର୍ତ୍ତା ଦେଲେ ଛାତ୍ରଛାତ୍ରୀ




କିଶୋରନଗର,୧୩।୯ (ସମିସ)

କିଶୋରନଗର ପିଏମ୍‌ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ଆନୁକୂଲ୍ୟରେ ଶନିବାର 'ଆସ ସ୍କୁଲ ଯିବା' ସଚେତନତା ଶୋଭାଯାତ୍ରା ଅନୁଷ୍ଠିତ ହୋଇଛି। ଅଧାରୁ ପାଠ ଛାଡ଼ିଥିବା, ସ୍କୁଲରେ ଆଦୌ ନାମ ଲେଖାଇ ନ ଥିବା ଏବଂ ବିଦ୍ୟାଳୟ ବାହାରେ ଥିବା ପିଲାଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗ ପକ୍ଷରୁ ରାଜ୍ୟବ୍ୟାପୀ ଆରମ୍ଭ ହୋଇଥିବା ଏହି ଅଭିଯାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ସାମିଲ ହୋଇଥିଲେ। ଛାତ୍ରଛାତ୍ରୀମାନେ ଗୋରିଲା ସଦୃଶ ଏକ ମାସ୍କଟ ସହ ଧଉରାପାଲି ଗ୍ରାମ ପରିକ୍ରମା କରି ନାମ ଲେଖାଇବା ପାଇଁ ସଚେତନ କରିଥିଲେ। ପ୍ରଧାନଶିକ୍ଷୟିତ୍ରୀ ସୁପ୍ରଭା ସାହୁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଧଉରାପାଲି ସରପଞ୍ଚ ସଞ୍ଜିତ କୁମାର ସାହୁ, ଏବିଇଓ ଲକ୍ଷ୍ମଣ କୁମାର ଦେହୁରୀ, ସିଆର୍‌ସିସି ସୁରେନ ବେହେରା ଓ ବିଦ୍ୟାଳୟ ପରିଚାଳନା କମିଟି ସଦସ୍ୟା ବିରଳି ବଡ଼ମାଳୀ ପ୍ରମୁଖ ଅତିଥି ଭାବେ ଯୋଗଦେଇଥିଲେ। ଶିକ୍ଷକ ସଂଗ୍ରାମ କେଶରୀ ପୃଷ୍ଟି, ବିନାୟକ ଦେହୁରୀ, ଭୈରବ କୁମାର ଦେହୁରୀ, ପ୍ରସନ୍ନ ପ୍ରଧାନ, ହେମନ୍ତ କୁମାର ପ୍ରଧାନ, ମୃତ୍ୟୁଞ୍ଜୟ ଦୀପ, ଜାଗ୍ରତ ସ୍ୱାଇଁ, ସୁଧୀର କୁମାରଦାର, ଶିକ୍ଷୟିତ୍ରୀ ସୋମାଞ୍ଜଳି ସାହୁ, ପ୍ରମୋଦିନୀ ପ୍ରଧାନ, ସନ୍ତୋଷିନୀ ମାଝି, ପଙ୍କଜିନୀ ସାହୁ, ମଞ୍ଜୁ କଅଁର ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

ବଇଣ୍ଡା: କିଶୋରନଗର ବ୍ଲକ ବଇଣ୍ଡା ହାଇସ୍କୁଲରେ ଶନିବାର 'ଆସ ସ୍କୁଲ ଯିବା' ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ସୁକାନ୍ତି ମଞ୍ଜରୀ ଚତମ୍ବାଙ୍କ ନେତୃତ୍ୱରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରି ଲୋକଙ୍କୁ ସଚେତନା କରାଇଥିଲେ। ଏଥିରେ ଅତିଥି ଭାବେ ପ୍ରଣତି ବେହେରା, ସିସ୍ୱାଲିନ ନାୟକ, ବିଶିକେଶନ ସେଠୀ, ଅନାଦି ବିଶି, ବିଶ୍ୱନାଥ ଦେହୁରୀ, ଭବାନୀ ଶଙ୍କର ପ୍ରଧାନ, କଳ୍ପନା ସାହୁ, ଜ୍ୟୋସ୍ନାରାଣୀ ସାହୁ ଯୋଗଦେଇଥିଲେ।




## ହରିମହୁରି ଛକ-ମିଶ୍ରପଡ଼ା ରାସ୍ତା ସାମୟିକ ବନ୍ଦ



ଅନୁଗୋଳ,୧୩।୯ (ସମିସ): ଅନୁଗୋଳ ଶୈଳଶ୍ରୀକ୍ଷେତ୍ର ନିକଟ ପୋଖରୀରୁ ପାଣି ଉଛୁଳି ରାସ୍ତାରେ ଚାଲିବା ଦ୍ୱାରା ରାସ୍ତା ନଷ୍ଟ ହେବା ସହ ଯାତାୟାତ ବାଧାପ୍ରାପ୍ତ ହୋଇଛି। ଏଣୁ ଉକ୍ତ ସ୍ଥାନରେ ଦୁଇଟି ହ୍ୟୁମ୍ ପାଇପ ବ୍ୟବହାର କରି ପ୍ରଶାସନ କଲଭର୍ଟ ନିର୍ମାଣ କାର୍ଯ୍ୟ ଆରମ୍ଭ କରିବାକୁ ଯାଉଛି। ଫଳରେ ହରିମହୁରୀ ଛକ-ମିଶ୍ରପଡ଼ା ରାସ୍ତାକୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବନ୍ଦ ରଖାଯାଇଛି। ଯାତ୍ରୀମାନେ ହରିମହୁରୀ ଛକରୁ ଜଗନ୍ନାଥ ମନ୍ଦିର ବିଏଡ କଲେଜ୍ ଛକ ଦେଇ ମିଶ୍ରପଡ଼ାକୁ ଯାତାୟାତ କରିପାରିବେ ବୋଲି କୁହାଯାଇଛି। ଅନୁଗୋଳ ଜିଲ୍ଲାପାଳଙ୍କ ନିର୍ଦ୍ଦେଶରେ ସାମୟିକ ଭାବେ ଏହି ରାସ୍ତା ବନ୍ଦ କରାଯାଇଥିବା ଜଣାପଡ଼ିଛି।







# ପାର୍ବଣରେ କଡ଼ାକଡ଼ି ହେବ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସର୍ ଯାଞ୍ଚ

## ପୁଲିସ ଓ ପରିବହନ ବିଭାଗର ସ୍ୱତନ୍ତ୍ର ଅଭିଯାନ

କଟକ,୧୩।୯ (ସମିସ)



ଫାଇଲ୍ ଫଟୋ

ପାର୍ବଣ ଋତୁରେ କଡ଼ାକଡ଼ି ହେବ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସର୍ ଯାଞ୍ଚ ଅଭିଯାନ। ସହରରେ ଦିନକୁ ଦିନ ସହରରେ ଶବ୍ଦ ପ୍ରଦୂଷଣ ବଢ଼ିବାରେ ଲାଗିଛି। ବିଶେଷଃ କରି ଗାଡି ଗୁଡ଼ିକରେ ବ୍ୟବହୃତ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସରରୁ ବାହାରୁଥିବା ଶବ୍ଦ ଗୁଡ଼ିକ ସହରବାସୀଙ୍କୁ ଅତିଷ୍ଠ କରି ପକାଇଲାଣି। ପୁଲିସ କଟକଣା ଅନୁଯାୟୀ, ବାଇକରୁ ଆରମ୍ଭ କରି ବସ, ଟ୍ରକ ଯାଏ, କୌଣସି ଗାଡିରେ ମଲ୍ଟି ହର୍ଣ୍ଣ କିମ୍ବା ଶବ୍ଦ ପ୍ରଦୂଷଣକାରୀ ସାଇଲେନ୍ସର ଆଦୌ ଲାଗିପାରିବନାହିଁ। ଏହାକୁ ନମାନିଲେ ଜରିମାନା ସହ ଦରକାର ପଡିଲେ ଗାଡି ଅଟକ ରଖାଯିବ। ଏଭଳି କଠୋର ନିୟମ ଥାଇ ମଧ୍ୟ କିଛି ସୁଫଳ ମିଳୁନାହିଁ। ଏବେ ରାସ୍ତାରେ ମାଳମାଳ ଉଚ୍ଚଶବ୍ଦ ସୃଷ୍ଟିକାରୀ ମଲ୍ଟି ହର୍ଣ୍ଣ ଓ ସାଇଲେନ୍ସର ଲାଗିଥିବା ଗାଡି ଗଡୁଛି। ଏହିସବୁ ଗାଡିର ପ୍ରଚଣ୍ଡ ଶବ୍ଦରେ ପଥଚାରୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ପୁଲିସ କିମ୍ବା ପରିବହନ ବିଭାଗ ଏ ଦିଗରେ ତତ୍ପରତା ଦେଖାଇଛି। ପାର୍ବଣରେ ସ୍ୱତନ୍ତ୍ର ଡ୍ରାଇଭ୍ କରାଯିବାକୁ ନିଷ୍ପତ୍ତି ନିଆଯାଇଥିବା ସୂଚନା ମିଳିଛି।

ଏମ୍‌ଭିଆଇ ଆକ୍ଟ ଅନୁଯାୟୀ ନିର୍ମାତା କମ୍ପାନୀ ଦ୍ୱାରା ଗାଡିରେ ଲାଗିଥିବା ଉପକରଣ ଗୁଡିକକୁ ଗ୍ରାହକ ତଥା ମାଲିକ ଅଦଳବଦଳ କରିପାରିବେ ନାହିଁ। ମୁଖ୍ୟତଃ ଗାଡିର ହର୍ଣ୍ଣ, ଲାଇଟ୍, ସାଇଲେନ୍ସର, ମିରର ଓ ନମ୍ବର ପ୍ଲେଟ ଅଦଳବଦଳ କରିବା ଦଣ୍ଡନୀୟ ଅପରାଧ। ଯଦି କୌଣସି କ୍ଷେତ୍ରରେ କେବଳ ହର୍ଣ୍ଣ ଓ ଲାଇଟ୍ ବଦଳାଯାଏ ତେବେ ଆଞ୍ଚଳିକ ପରିବହନ ଅଧିକାରୀ(ଆରଟିଓ)ଙ୍କ ଠାରୁ ସ୍ୱତନ୍ତ୍ର ଭାବେ ଅନୁମତି ନେବାକୁ ପଡିବ। କେବଳ ଆଖି ସମସ୍ୟା ଥିବା ଚାଳକଙ୍କ କ୍ଷେତ୍ରରେ ଗାଡିର ଲାଇଟ୍ ଅଦଳବଦଳ କରିବାକୁ ଅନୁମତି ମିଳିଥାଏ। କିନ୍ତୁ ଅଧିକାଂଶ ଗାଡି ମାଲିକ ଓ ଚାଳକ ଏହି ନିୟମକୁ ଉଲ୍ଲଙ୍ଘନ କରୁଛନ୍ତି। ବିଶେଷକରି ଯୁବପିଢି ସମସ୍ତଙ୍କ ଦୃଷ୍ଟି ଆକର୍ଷଣ ପାଇଁ ଗାଡିର ମୂଳ ସାଇଲେନ୍ସର, ହର୍ଣ୍ଣ ଓ ହେଡଲାଇଟ କାଢିଦେଇ ଉଚ୍ଚ ଶବ୍ଦଯୁକ୍ତ ଉପକରଣ ଲଗାଉଛନ୍ତି। ଅଧିକାଂଶ ବୁଲେଟ ପରେ ପଲସର୍ ଭଳି ପିକଅପ ବାଇକ ଗୁଡିକୁ ସ୍ପୋର୍ଟ୍ସ ମଡେଲ ପାଇଁ ଏଭଳି କାରସାଦି କରାଯାଉଛି। ଏହିଭଳି କାର, ଟ୍ରାଭେଲ୍ସ ଗାଡି ସମେତ ବସ, ଟ୍ରାକ୍ଟର ଓ ଟ୍ରକରେ ବି କରାଯାଉଛି। ଉଚ୍ଚଶବ୍ଦ ବୟସ୍କ ଏବଂ କୋମଳମତି ଛାତ୍ରଛାତ୍ରୀଙ୍କ ଉପରେ ନକରାତ୍ମକ ପ୍ରଭାବ ପଡୁଛି। ଏମିତିକି ରାସ୍ତାରେ ଯାଉଥିବା ହୃଦରୋଗୀଙ୍କ ପାଇଁ ଏହା ବଡ ବିପଦ ସୃଷ୍ଟି କରୁଛି। ସେହିପରି ରାତି ସମୟରେ ବଡ ଗାଡିର ଅତ୍ୟାଧୁନିକ ଲାଇଟ ରାସ୍ତାର ବିପରୀତରେ ଆସୁଥିବା ଚାଳକଙ୍କୁ କ୍ଷତି ପହଞ୍ଚାଇଥାଏ। ବିଗତ ଦିନରେ ଏହାକୁ ରୋକିବା ପାଇଁ ଆରଟିଓ ଓ ଟ୍ରାଫିକ ପୁଲିସ ପକ୍ଷରୁ ଜୋରଦାର ଧରପଗଡ ହୋଇଥିଲା। ଯାଞ୍ଚ ସମୟରେ ଗାଡିରୁ ଉଚ୍ଚ ଶବ୍ଦ ସୃଷ୍ଟିକାରୀ ସାଇଲେନ୍ସର, ହର୍ଣ୍ଣ ଓ ଲାଇଟ ଆଦି କାଢି ନିଆଯାଉଥିଲା। ଏହାସହ ଅମାନିଆଙ୍କ ଠାରୁ ଦୁଇ ହଜାର ଟଙ୍କା ପର୍ଯ୍ୟନ୍ତ ଜରିମାନା ଆଦାୟ ହେଉଥିଲା। ମଝିରେ ଏହି ଡ୍ରାଇଭ୍ ବନ୍ଦ ହୋଇଯାଇଥିବା ବେଳେ ଏବେ ପାର୍ବଣରେ ଏହି ଅଭିଯାନ ସ୍ୱତନ୍ତ୍ର ଭାବେ କରଯିବାକୁ ନିଷ୍ପତ୍ତି ନିଆଯାଇଛି।

ପ୍ରକାଶଥାଉକି, ଗତ ୩ବର୍ଷ ହେବ ବନ୍ଦ ଥିବା ଧରପଗଡ ଗତ ବର୍ଷ ଫେବ୍ରୁଆରୀରୁ ପୁଣି ଚାଲୁ ହୋଇଥିଲା। ପ୍ରଥମେ ୨୪ଟି ବାଇକରୁ ସାଇଲେନ୍ସର, ୫୦ଟି ବସ/ଟ୍ରକରୁ ମଲ୍ଟି ହର୍ଣ୍ଣ ଓ ଲାଇଟ କଢା ଯାଇଥିଲା। ଏହିଭଳି ଭାବେ ଜୁନ ମାସ ଯାଏ ଦୁଇ ତିନି ଥର ଧରପଗଡ ପରେ ଯାଞ୍ଚ ସମ୍ପୂର୍ଣ୍ଣ ବନ୍ଦ ରହିଥିଲା। ଏହି ସୁଯୋଗରେ ଅମାନିଆମାନେ ପୁଣି ନିଜ ଗାଡିକୁ ରିମଡେଲିଂ କରିଛନ୍ତି। ଏଥର ପାର୍ବଣରେ ଏହି ଅଭିଯାନକୁ କଡାକଡ଼ି କରାଯିବାକୁ ନିଷ୍ପତ୍ତି ନିଆଯାଇଛି।

## ୩ ବଞ୍ଜାରା ମହିଳା ଲୁଟେରା ଗିରଫ

କଟକ,୧୩।୯ (ସମିସ): ବାଦାମବାଡ଼ି ଥାନା ପୁଲିସ କଟକରେ ଚଳନ୍ତା ଅଟୋରେ ମହାରାଷ୍ଟ୍ରରୁ ଆସିଥିବା ଏକ ବଞ୍ଜାରା ଗ୍ୟାଙ୍ଗକୁ କାବୁ କରିଛି। ଜଣେ ମହିଳାଙ୍କୁ ଅଟୋରେ ଛୁରୀ ଦେଖାଇ ଟଙ୍କା ଲୁଟ୍ ଭଳି ଅଭିଯୋଗ ବାଦାମବାଡ଼ି ଥାନାରେ ହୋଇଥିଲା। ଏହି ଅଭିଯୋଗ ଆଧାରରେ ପୁଲିସ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇ ୩ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ମହାରାଷ୍ଟ୍ର ତିରୋଡ ଥାନା ଗୋଣ୍ଡିଆ ଅଞ୍ଚଳର ସଞ୍ଜନା ଉମେ(୩୫), ନିକିତା କମଡେ(୨୬) ଓ ସୁଜାତା ଓରନିଲ୍ ସେଣ୍ଡେ(୨୬)। ପୁଲିସ ଏହି ଅଭିଯୁକ୍ତଙ୍କ ନିକଟରୁ ୭ ହଜାର ୫୦୦ ଟଙ୍କା ଓ ଷ୍ଟିଲ୍ ଛୁରି ଜବତ କରିଛି।

ସୂଚନା ଅନୁଯାୟୀ, ଜଗତସିଂହପୁର ଅଞ୍ଚଳର ଜଣେ ବ୍ୟକ୍ତି ତାଙ୍କ ପତ୍ନୀଙ୍କ ସହିତ ସିଡିଏ ଚକ୍ଷୁ ହସ୍ପିଟାଲକୁ ଚିକିତ୍ସା ହେବାକୁ ଗତ ୧୨ ତାରିଖ ଅପରାହ୍ନ ୩ଟା ବେଳେ ଆସିଥିଲେ। ସେ ଚିକିତ୍ସା ସାରି ଏକ ଅଟୋରେ ବାଦାମବବାଡ଼ି ଆଡ଼କୁ ଫେରୁଥିଲେ। ସେହି ଅଟୋରେ ଆଉ ୩ ଜଣ ଅଜଣା ମହିଳା ଚଢ଼ିଥିଲେ। ସେମାନଙ୍କ ମଧ୍ୟରୁ ଜଣେ ବଞ୍ଜାରା ମହିଳା ଛୁରୀ କାଢ଼ିଥିଲା। ଜଗତସିଂହପୁରୁ ଆସିଥିବା ମହିଳାଙ୍କୁ ଛୁରୀ ଦେଖାଇ ଭୟଭିତ କରିଥିଲା। ତାଙ୍କ ପାଖରେ ଥିବା ସମସ୍ତ ଟଙ୍କା ଦେବାକୁ ଧମକାଇଥିଲା। ଭୟରେ ମହିଳା ଜଣକ ନିଜ ପାଖରେ ରଖିଥିବା ୭ ହଜାର ୫୦୦ ଟଙ୍କା ଦେଇ ଦେଇଥିଲେ। ପରେ ବଞ୍ଜାରା ଗ୍ୟାଙ୍ଗ୍ ଫେରାର ହୋଇଯାଇଥିଲେ। ଏ ନେଇ ବାଦାମବାଡ଼ି ଥାନାରେ ଅଭିଯୋଗ ହେବା ପରେ ପୁଲିସ ଏକ ମାମଲା ରୁଜୁ କରିଥିଲା। ଡିସିପି ଖିଲାରୀ ଋଷିକେଶ ଦ୍ୟାନଦେଓଙ୍କ ନିର୍ଦ୍ଦେଶକ୍ରମେ ଏକ ଟିମ୍ ଗଠନ କରି ଉକ୍ତ ଅଟୋରେ ଆସିଥିବା ୩ ଜଣ ବଞ୍ଜାରା ମହିଳାଙ୍କୁ ସିସି କ୍ୟାମେରା ମାଧ୍ୟମରେ ଠାବ କରିଥିଲା। ଏହା ପରେ ତାଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଜାମିନ୍ ନାମଞ୍ଜୁର ହେବାରୁ ଚୌଦ୍ୱାର ଜେଲ୍‌କୁ ପଠାଇ ଦିଆଯାଇଛି।

## କାଠଯୋଡ଼ିରେ ମୃତ ଶିଶୁକନ୍ୟା ଚିହ୍ନଟ

କଟକ,୧୩।୯ (ସମିସ): ପୁରୀଘାଟ ଥାନା ପୁଲିସ ଖାନନଗରସ୍ଥିତ କାଠଯୋଡ଼ି ନଦୀରୁ ଶୁକ୍ରବାର ମିଳିଥିବା ମୃତ ଶିଶୁକନ୍ୟାର ପରିବାରକୁ ଚିହ୍ନଟ କରିବାରେ ସକ୍ଷମ ହୋଇଛି। ମୃତ ଶିଶୁକନ୍ୟାର ଘର କାକଟପୁର ବାଙ୍ଗୁରୀ ଗ୍ରାମରେ ହୋଇଥିବା ବେଳେ ବାପାଙ୍କ ନାମ ଦୀପକ ଦାସ ବୋଲି ଜଣାପଡିଛି। ବଡ ଡାକ୍ତରଖାନାରେ ସଂରକ୍ଷଣ ଗୃହରେ ରଖାଯାଇଥିବା ଶିଶୁକନ୍ୟାର ଶବକୁ ତାଙ୍କ ପରିବାର ଜିମା ଦିଆଯାଇଛି।

ପୁଲିସ ସୂତ୍ରରୁ ପ୍ରକାଶ ଯେ ଶୁକ୍ରବାର ଅପରାହ୍ଣରେ କିଛିଲୋକ କାଠଯୋଡିରେ ଗାଧୋଇବାକୁ ଯାଇଥିବା ବେଳେ କିଛିହାତ ଦୂର ପାଣିରେ ଏକ ଶିଶୁର ମୃତଦେହ ଭାସୁଥିଲା। ପୁଲିସ୍ ଶିଶୁର ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବଡ ଡାକ୍ତରଖାନାକୁ ପଠାଇଥିଲା। ଏପଟେ ମୃତ ଶିଶୁଟି ଏଠାକୁ କିପରି ଆସିଲା ବା କିଏ ଏଠାରେ ଆଣି ଫିଙ୍ଗିଛି ସେନେଇ ପୁଲିସ ରିଙ୍ଗବନ୍ଧ ରାସ୍ତାରେ ଲାଗିଥିବା କେତେକ ସିସିଟିଭି କ୍ୟାମେରାର ଫୁଟେଜ ଯାଞ୍ଚ କରି ଖୋଳତାଡ଼ ଜାରି ରଖିଥିଲା। ପାଖଆଖ ଅଞ୍ଚଳରେ ଥିବା ଘରୋଇ ଡାକ୍ତରଖାନାରୁ ସନ୍ଧାନ ନେବା ପରେ ମୃତ ଶିଶୁକନ୍ୟାର ପରିଚୟ ଖୋଜି ବାହାର କରିବାରେ ସକ୍ଷମ ହୋଇଥିଲା। ଖବର ପାଇ ଦୀପକ ଥାନାରେ ପହଞ୍ଚିଥିଲେ। ପଚରାଉଚରା ପରେ ୪ଦିନ ତାଙ୍କ ଝିଅର ସ୍ୱାସ୍ଥ୍ୟବସ୍ଥା ଗୁରୁତର ହୋଇପଡିଥିଲା। ସେ ତାକୁ ନେଇ କାଠଯୋଡ଼ି ରିଙ୍ଗବନ୍ଧର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରିଥିଲେ। ତେବେ ଗୁରୁବାର ସନ୍ଧ୍ୟାରେ ତା'ର ମୃତ୍ୟୁ ଘଟିଥିଲା। ଏଣୁ ଶବକୁ ଘରକୁ ନ ନେଇ କାଠଯୋଡ଼ିର ନଦୀବାଲିରେ ପୋତି ଦେଇଥିଲେ। ତେବେ ପାଣି ଚାଲିଆସିବାରୁ ବାଲି ଧୋଇ ହୋଇଯାଇ ଶବଟି ଭାସିବାକୁ ଲାଗିଥିଲା ବୋଲି ଦୀପକ ପୁଲିସ ଆଗରେ ସ୍ୱିକାର କରିଥିବା ଥାନା ଅଧିକାରୀ ବିଶ୍ୱରଞ୍ଜନ ନାୟକ ସୂଚନା ଦେଇଛନ୍ତି।

## ଜିଲ୍ଲାରେ ନଭେମ୍ବର ୩ ପର୍ଯ୍ୟନ୍ତ ବଳବତ୍ତର ରହିବ ପୁଲିସ ଅଧିନିୟମ ଧାରା-୩୦

କଟକ,୧୩।୯ (ସମିସ): ଜିଲ୍ଲାର ସର୍ବସାଧାରଣ ସ୍ଥାନରେ ସଂଗଠିତ ହେଉଥିବା ବିଭିନ୍ନ ରାଜନୈତିକ ଦଳ ପକ୍ଷରୁ ଶୋଭାଯାତ୍ରା ଓ ସାଧାରଣସଭାଗୁଡିକୁ ନିୟନ୍ତ୍ରଣ କରିବା ନିମନ୍ତେ ପୁଲିସ ଅଧିନିୟମ ୩୦ ଜାରି କରାଯାଇଛି। ଜିଲ୍ଲାର ସମସ୍ତ ୨୧ଟି ପୁଲିସ ଥାନା ସାଲେପୁର, ନିଶ୍ଚିନ୍ତକୋଇଲି, ନେମାଳ, ମାହାଙ୍ଗା, ଭଦ୍ରେଶ୍ୱର, କିଶନନଗର, ନିଆଳି, ଗୋବିନ୍ଦପୁର, ଓଲଟପୁର, ଟାଙ୍ଗୀ, ଗୁରୁଡିଝାଟିଆ, ଖୁଣ୍ଟୁଣୀ, ଆଠଗଡ, ତିଗିରିଆ, ବଡମ୍ବା, ମାଣିଆବନ୍ଧ, ନରସିଂହପୁର, ଯୋଡୁମ, କାନପୁର, ବାଙ୍କୀ ଓ ଭଦ୍ରେଶ୍ୱର ପୁଲିସ ସୀମା ମଧ୍ୟରେ ଆଦେଶନାମା ଜାରି କରାଯାଇଛି। ଗତ ଅଗଷ୍ଟ ୬ ତାରିଖ ଠାରୁ ଏହାକୁ ଲାଗୁ କରାଯାଇଥିବା ବେଳେ ଆସନ୍ତା ନଭେମ୍ବର ୩ ପର୍ଯ୍ୟନ୍ତ ବଳବତ୍ତର ରହିବ। ଶୋଭାଯାତ୍ରା ପାଇଁ ପୁଲିସ ଅଧିକାରୀଙ୍କ ଠାରୁ ୩୦ଧାରା ଅନୁଯାୟୀ ଅନୁମତି ପ୍ରାପ୍ତ କରିବାକୁ ହେବ ବୋଲି କଟକ ଜିଲ୍ଲା ପୁଲିସ ଆରକ୍ଷୀ ଅଧୀକ୍ଷକ ଆଦେଶନାମାରେ ପ୍ରକାଶ କରିଛନ୍ତି। ବିଜ୍ଞପ୍ତି ମୁତାବକ, ଅନୁଜ୍ଞାପତ୍ର ପ୍ରାପ୍ତ ନିମନ୍ତେ ପ୍ରତ୍ୟେକ ଦରଖାସ୍ତ ସଂପୃକ୍ତ କ୍ଷମତାପ୍ରାପ୍ତ ଅଧିକାରୀଙ୍କ ନିକଟରେ କାର୍ଯ୍ୟକ୍ରମ ସଂଗଠିତ ହେବାର ସର୍ବନିମ୍ନ ୩ଦିନ ପୂର୍ବରୁ ପହଞ୍ଚିବା ଆବଶ୍ୟକ।

## ବାଦାମବାଡ଼ି ଓ ମଧୁପାଟଣା ଥାନା ପକ୍ଷରୁ ଦଶହରା ପ୍ରସ୍ତୁତି ବୈଠକ

କଟକ,୧୩।୯ (ସମିସ): ଶୃଙ୍ଖଳାର ସହ ଶାରଦୀୟ ଦୁର୍ଗା ପୂଜା ଆୟୋଜନ ନିମନ୍ତେ ଥାନାୱାରୀ ପ୍ରସ୍ତୁତି ବୈଠକ ଆରମ୍ଭ ହୋଇଛି। ଏହିକ୍ରମରେ ବାଦାମବାଡି ଓ ମଧୁପାଟଣା ଥାନା ଅଞ୍ଚଳରେ ଥିବା ପୂଜା କମିଟିକୁ ନେଇ ଏକ ପ୍ରସ୍ତୁତି ବୈଠକ ହୋଇଥିଲା। ଏଥିରେ ଜୋନ ଏସିପି ଅଶୋକ ଗିରି ଅଧ୍ୟକ୍ଷତା କରିଥିଲେ। ଦୁର୍ଗା ପୂଜା ନେଇ ହାଇକୋର୍ଟଙ୍କ ନିର୍ଦ୍ଦେଶନାମା ବିଷୟରେ କମିଟି ସଦସ୍ୟଙ୍କୁ ବିସ୍ତୃତ ଭାବେ ଅବଗତ କରାଯାଇଥିଲା। ଯେଉଁମାନେ ତୋରଣ ଓ ଅସ୍ଥାୟୀ ମଣ୍ଡପ କରୁଛନ୍ତି ସେମାନଙ୍କୁ ୨୨ ତାରିଖ ମଧ୍ୟରେ କାମ ଶେଷ କରିବା ପାଇଁ କୁହାଯାଇଛି। ଯଦି କାହାର କିଛି ସମସ୍ୟା ଦେଖାଦେଉଛି ତାହାଲେ ତୁରନ୍ତ ପୁଲିସ ଓ ଜିଲ୍ଲା ପ୍ରଶାସନକୁ ଅବଗତ କରିବାକୁ ପରାମର୍ଶ ଦିଆଯାଇଛି। ସେହିପରି ଭସାଣିରେ ମଧ୍ୟ ଅନୁରୂପ ଗାଇଡଲାଇନକୁ କଡାକଡି ଭାବେ ପାଳନ କରିବାକୁ କୁହାଯାଇଛି। ଶବ୍ଦ ପ୍ରଦୂଷଣ ନେଇ କଟକଣା ଜାରି ହୋଇଛି। ତେଣୁ ବ୍ୟାଣ୍ଡପାର୍ଟି ବଦଳରେ ପାରମ୍ପାରିକ ବାଦ୍ୟ ଉପରେ ଅଧିକ ଗୁରୁତ୍ୱ ଦେବାକୁ ପରାମର୍ଶ ଦିଆଯାଇଛି। ଏଥିରେ ବାଦାମବାଡି ଥାନା ଅଞ୍ଚଳରେ ଥିବା ୨୨ଟି ଓ ମଧୁପାଟଣା ଥାନା ଅଞ୍ଚଳରେ ଥିବା ୧୪ଟି ପୂଜା କମିଟିର କର୍ମକର୍ତ୍ତା ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ପୂର୍ବାଞ୍ଚଳ ଶାନ୍ତି କମିଟିର ସଭାପତି ବିଜୟ ସାହୁ, ସଂପାଦକ ପ୍ରଫୁଲ୍ଲ ସାହୁ, ୯ ଜଣ କର୍ପୋରେଟର, ବାଦାମବାଡି ଥାନାଧିକାରୀ ଅଜୟ ରାଉଳ ଓ ମଧୁପାଟଣା ଥାନା ଅଧିକାରୀ ଚିତ୍ତରଞ୍ଜନ ରାଉତ ପ୍ରମୁଖ ଉପସ୍ଥିତ ଥିଲେ।

## ଉପର ପଡ଼ିଆରେ ବାଲିଯାତ୍ରା ବନ୍ଦ ନିଷ୍ପତ୍ତିକୁ ବିରୋଧ | ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଲା ଭଏସ୍ ଅଫ୍ କଟକ



କଟକ,୧୩।୯ (ସମିସ): ସାମାଜିକ ସଂଗଠନ ଭଏସ ଅଫ କଟକ ପକ୍ଷରୁ କଟକ ଜିଲ୍ଲପାଳ କାର୍ଯ୍ୟାଳୟରେ ବାଲିଯାତ୍ରା ଉପର ପଡିଆରେ ବାଲିଯାତ୍ରା ବନ୍ଦ କରିବା ନିଷ୍ପତ୍ତି ବିରୋଧରେ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ଉପର ବାଲିଯାତ୍ରା ପଡ଼ିଆରେ ମେଳା ଆୟୋଜନ ବନ୍ଦ ନିଷ୍ପତିକୁ ପ୍ରତ୍ୟାହାର ଦାବିରେ ଜିଲ୍ଲାପାଳ କାର୍ଯ୍ୟାଳୟରେ କଟକ ଜିଲ୍ଲାପାଳଙ୍କ ଅନୁପସ୍ଥିତି ଥିବାରୁ ଅତିରିକ୍ତ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଉପର ପଡିଆ ବାଲିଯାତ୍ରା କଟକର ସଂସ୍କୃତି, ପରମ୍ପରା ଓ କଟକିଆଙ୍କ ଭାବାବେଗ ସହ ଜଡିତ। କଟକ ସହରର ମୂଳବାସିନ୍ଦା ଯେଉଁମାନେ ଖୁଦ୍ର ବ୍ୟବସାୟୀ ସେମାନେ ଉପର ପଡିଆରେ ବର୍ଷ ବର୍ଷ ହେବ ନିଜ ବ୍ୟବସାୟ କରି ଆସନ୍ତି। ସେଥିପାଇଁ ଭଏସ ଅଫ କଟକ ପକ୍ଷରୁ ଆଗାମୀ ଦିନରେ କଟକିଆଙ୍କ ସ୍ୱାର୍ଥରେ ଜନଆନ୍ଦୋଳନ କରାଯିବ ବୋଲି ସଂଗଠନ ପକ୍ଷରୁ ସୂଚନା ଦିଆଯାଇଛି। ଏହି କାର୍ଯ୍ୟକ୍ରମରେ ସଂଗଠନର ସଭାପତି ସିଦ୍ଧାର୍ଥ ମହାନ୍ତି, ସମ୍ପାଦକ ସୌମ୍ୟଦୀପ ଘୋଷ, ସିଦ୍ଧାର୍ଥନନ୍ଦ, ଜଗତଜ୍ୟୋତି ପଟ୍ଟନାୟକ, ଶ୍ରେୟା ସମ୍ବେଦନା, ପବିତ୍ର ଭୂୟାଁ, ସନ୍ତୋଷ ମହାପାତ୍ର, ପ୍ରଦୀପ୍ତ ବେହେରା, କୁନୀଆ ସେଠି, ଅମିତ ମହାନ୍ତି, ସାବୀର ଆନସାର, ଲିଟିଲ ମହାରଣା, ଅକ୍ଷୟ ବେହେରା, ରମେଶ ସେଠୀ ପ୍ରମୁଖ ଯୋଗଦେଇଥିଲେ।

## ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଲୋକ ଅଦାଲତ | ୧୧ ହଜାର ୯୩୯ଟି ମାମଲା ଫଇସଲା



କଟକ,୧୩।୯ (ସମିସ): ଆଜି କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଜିଲ୍ଲା ଓ ଦୌରାଜଜ୍ ଅଦାଲତ ପରିସରରେ ତାଲୁକସ୍ତରର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ରାଜ୍ୟ ଆଇନ ସେବା ପ୍ରାଧିକରଣର କାର୍ଯ୍ୟନିର୍ବାହୀ ଅଧ୍ୟକ୍ଷ ଜଷ୍ଟିସ ମାନସ ରଞ୍ଜନ ପାଠକ ଯୋଗଦାନ କରି କୋର୍ଟ ପରିଦର୍ଶନ କରିବା ସହ ମକଦ୍ଦମା ଗୁଡିକ ଫଏସଲା ସମ୍ବନ୍ଧରେ ମାର୍ଗଦର୍ଶନ କରିଥିଲେ। ଉକ୍ତ ଲୋକ ଅଦାଲତରେ ବହୁ ସଂଖ୍ୟକ ଲୋକ ଯୋଗଦାନ କରି ଲୋକ ଅଦାଲତ ମାଧ୍ୟମରେ ସେମାନଙ୍କର ମକଦ୍ଦମାଗୁଡ଼ିକ ଫଏସଲା କରାଇଥିଲେ। କଟକ ଜିଲ୍ଲା ଓ ଦୌରାଜଜ୍ ତଥା କଟକ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷଙ୍କ ଦାୟିତ୍ୱରେ ଥିବା ରାଜ କିଶୋର ମହାପାତ୍ରଙ୍କ ଅଧ୍ୟକ୍ଷତାରେ କଟକ ଜିଲ୍ଲା କୋର୍ଟର ସମସ୍ତ ବିଚାରପତିମାନେ ନିଜ ନିଜ କୋର୍ଟରେ ଥିବା ମକଦ୍ଦମାର ଫଏସଲା କରିଥିଲେ। ଏହି ଲୋକ ଅଦାଲତରେ ମୋଟ ୩୦୩୮୦ ମକଦ୍ଦମାରୁ ସମୁଦାୟ ୧୧୯୩୯ଟି ମକଦ୍ଦମାର ଫଇସଲା କରାଯାଇଥିଲା ଏବଂ ୪୮୭୬୮୭୪୧୭.୨୦ଙ୍କା ଜରିମାନା ଓ ଅନୁକମ୍ପା ମୂଳକ ରାଶି ସ୍ଥିରିକୃତ କରାଯାଇଥିଲା। ଏହି ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ମୋଟର ଯାନ ଦୁର୍ଘଟଣା ଜନିତ ମକୋଦ୍ଦମା, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ବିଦ୍ୟୁତ ଅନିୟମିତତା ମକୋଦ୍ଦମା, ଚେକ ବାଉନ୍ସ, ରାଜସ୍ୱ, ଓ ବିବାଦୀୟ ମକଦ୍ଦମା ଇତ୍ୟାଦିର ଫଇସଲା କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଜଗଦୀଶ ଚନ୍ଦ୍ର ଜେନା ପରିଚାଳନା କରିଥିଲେ।

## ଇଂ ଅଶୋକ ବାସା ପାଇବେ ବିଶ୍ୱେଶ୍ୱରାୟା ସମ୍ମାନ



କଟକ,୧୩।୯ (ସମିସ): ଦି ଓଡ଼ିଶା ଇଂଜିନିୟର୍ସ ଫୋରମ ପକ୍ଷରୁ ଆସନ୍ତା ୧୫ ତାରିଖ ସନ୍ଧ୍ୟାରେ କଟକର ସାରଳା ଭବନଠାରେ ଇଂଜିନିୟର ଦିବସ ପାଳନ ଉତ୍ସବରେ ଇଂଜିନିୟର ଅଶୋକ ବାସାଙ୍କୁ ଚଳିତବର୍ଷର ମର୍ଯ୍ୟାଦାଜନକ ବିଶ୍ୱେଶ୍ୱରାୟା ସମ୍ମାନ ପ୍ରଦାନ କରାଯିବ। ଏହି ସମ୍ମାନ ସ୍ୱରୂପ ତାଙ୍କୁ ବିଶ୍ୱେଶ୍ୱରାୟାଙ୍କ ରୌପ୍ୟ ପ୍ରତିମୂର୍ତ୍ତି ଉତ୍ତରୀୟ ଦିଆଯିବ। ଶ୍ରୀ ବାସା ଇନଷ୍ଟିଚ୍ୟୁସନ ଅଫ୍ ଇଂଜିନିୟର୍ସ ଇଣ୍ଡିଆ, ବିଶ୍ୱ ଇଂଜିନିୟରିଂ ସଂସ୍ଥାନ ଫେଡେରେସନ, ନିଟ୍ରା ଓ ବି. ଇଂଜିନିୟର୍ସ ସଂସ୍ଥାନ ଇତ୍ୟାଦିରେ ଅଧ୍ୟକ୍ଷ ଓ ନିର୍ଦ୍ଦେଶକ ଭାବେ କାର୍ଯ୍ୟନିର୍ବାହ କରିଛନ୍ତି। ସେ ୧୯୮୦ ମସିହାରେ ଏନ୍‌ଆଇଟି, ରାଉରକେଲାରୁ ସିଭିଲ ଇଂଜିନିୟରିଂରେ କୃତିତ୍ୱର ସହ ଡିଗ୍ରୀ ହାସଲ କରିଥିଲେ। ଜଣେ ଷ୍ଟ୍ରକଚର ବିଶେଷଜ୍ଞ ଭାବରେ ତାଙ୍କ ଆନ୍ତର୍ଜାତୀୟ ଖ୍ୟାତି ରହିଛି। ଉତ୍ସବରେ ମଧ୍ୟ ପ୍ରବୀଣ ଇଂଜିନିୟର ବଟକୃଷ୍ଣ ଲେଙ୍କା, ଇଂଜିନିୟର ପୂର୍ଣ୍ଣଚନ୍ଦ୍ର ଦଳାଇ, ଇଞ୍ଜିନିୟର ଭାଗିରଥ ଦାସ ଏବଂ ଇଂଜିନିୟର ଦୁର୍ଗାପ୍ରସାଦ ରଥଙ୍କୁ ଇଂଜିନିୟରିଂ କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପାଇଁ ଗୁଣବତ୍ତା ସମ୍ମାନ ପ୍ରଦାନ କରାଯିବ ବୋଲି ଫୋରମର ସଭାପତି ଡ. (ଇଂ) ପ୍ରଭାକର ସ୍ୱାଇଁ ଓ ସଂପାଦକ ଇଂ. ଶିଶିର ସାହୁ ଏକ ମିଳିତ ବିବୃତିରେ ଜଣାଇଛନ୍ତି।

## ଧାର୍ଯ୍ୟ ସମୟରେ ଆବେଦନକାରୀଙ୍କୁ ସାର୍ଟିଫିକେଟ୍ ଦେବାକୁ ନିର୍ଦ୍ଦେଶ

କଟକ,୧୩।୯ (ସମିସ): ଜନସେବା କେନ୍ଦ୍ର କିମ୍ବା କମ୍ପ୍ୟୁଟର ଦ୍ୱାରା ଅପଲୋଡ୍ କରିଥିବା କିଶାନ୍ କାଡ, କୃଷି ବୀମା, ଆୟୁଷ୍ମାନ୍ କାର୍ଡ, ଗୋପବନ୍ଧୁ ଆରୋଗ୍ୟ ଯୋଜନା, ବରିଷ୍ଠ ନାଗରିକ କାର୍ଡ, ଶ୍ରମ କାର୍ଡ, ଆୟ, ଜାତିଗତ, ବାସଗୃହ, ଉତ୍ତରାଧିକାରୀ ପ୍ରମାଣପତ୍ର, ଆଧାର କାର୍ଡ, ଗ୍ରୀନ୍ କାର୍ଡ, ବାହାଘର, ଶୋଭାଯାତ୍ରା, ଘରଖଜଣା ଏବଂ ହୋଲ୍ଡିଂ ଟ୍ୟାକ୍ସ ଡିପୋଜିଟ୍, ମ୍ୟୁଟେସନ୍, ଦିବ୍ୟାଙ୍ଗ, ଡ୍ରାଇଭିଙ୍ଗ୍ ଲାଇସେନ୍ସ ଏବଂ ରିନ୍ୟୁଆଲ୍ ସହ ନାଗରିକ ପ୍ରମାଣପତ୍ର ଇତ୍ୟାଦି ନିର୍ଦ୍ଧାରିତ ସମୟରେ ଡାଉନଲୋଡ୍ ହୋଇ ପାରୁନାହିଁ। ଉପୋରକ୍ତ କାରଣ ଦର୍ଶାଇ ବରିଷ୍ଠ ଆଇନଜୀବୀ ତଥା ସମାଜସେବୀ ପ୍ରଦୀପ କୁମାର ପଟ୍ଟନାୟକ ୨୦୨୦ମସିହାରେ ସମସ୍ତ ନଥିପତ୍ର ସହିତ ଏକ ପିଟିସନ୍ ମାନବିକ ଅଧିକାର ଆୟୋଗଙ୍କ ନିକଟରେ ଦାଖଲ କରିଥିଲେ। ସାଧାରଣ ନାଗରିକଙ୍କ ସ୍ୱାର୍ଥ ଏବଂ ସୁରକ୍ଷା ଦୃଷ୍ଟିରୁ ଶ୍ରୀ ପଟ୍ଟନାୟକ ଯୁକ୍ତି ବାଢ଼ିଥିଲେ ଯେ ଆବେଦନକାରୀ ପ୍ରଥମେ ଅପଲୋଡ୍ ସମୟରେ ଆବଶ୍ୟକୀୟ ସମସ୍ତ ନଥିପତ୍ର ସହିତ ସରକାରୀ ଧାର୍ଯ୍ୟ ଫିସ୍ ଦାଖଲ କରି ଆସୁଥିବା ସତ୍ତ୍ୱେ ପୁନର୍ବାର ସମ୍ପୃକ୍ତ କାର୍ଯ୍ୟାଳୟକୁ ବାରମ୍ବାର ଦୌଡ଼ିବା ଏବଂ ପ୍ରତ୍ୟେକ ଟେବୁଲ୍‌ରେ ନିୟୋଜିତ ଅଧିକାରୀଙ୍କୁ ଦେଖା କରିବାର ଆବଶ୍ୟକତା କାହିଁକି? ଆବେଦନକାରୀ ଟଙ୍କା ଦେଇ ଧାର୍ଯ୍ୟ ସମୟରେ ନିଜର ସାର୍ଟିଫିକେଟ୍ ପାଉ ପାରୁନାହାନ୍ତି। ଏ ସମସ୍ତ ବିଷୟକୁ ତର୍ଜମା କରି ଆବେଦନକାରୀ ଅପଲୋଡ୍ କରିଥିବା ନିର୍ଦ୍ଦିଷ୍ଟ ସାର୍ଟିଫିକେଟ୍‌ର ଫାଇଲିଂର ୧ମାସ ଅବଧି ସମୟରେ ଡାଉନଲୋଡ୍ କରିବାର ସୁଯୋଗକୁ ବଞ୍ଚିତ ନକରିବା ନିମନ୍ତେ ରାଜ୍ୟ ସରକାରଙ୍କ ମୁଖ୍ୟ ପ୍ରିନ୍ସପାଲ୍ ସେକ୍ରେଟେରୀଙ୍କୁ ନିର୍ଦ୍ଦେଶ ଦେବା ସହିତ ଜଣେ ପୂର୍ଣ୍ଣକାଳୀନ ଅଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ସହିତ ନିର୍ଦ୍ଦିଷ୍ଟ ସମୟସୀମା ମଧ୍ୟରେ ଆବେଦନକାରୀଙ୍କ ସ୍ୱାର୍ଥକୁ ସୁନିଶ୍ଚିତ କରିବା ନିମନ୍ତେ ମାନବିକ ଅଧିକାର ଆୟୋଗ ନିର୍ଦ୍ଦେଶ ଦେଇଛନ୍ତି।



# ନବମୀରେ ଲାଗି ହେବ ୧୫ କ୍ୱିଣ୍ଟାଲ ମାଛଭୋଗ

## ଚାନ୍ଦିନୀଚୌକ ଦୁର୍ଗାପୂଜା କମିଟି, ଚାନ୍ଦିନୀଚୌକ

ପାର୍ବଣ ତା'ର କଅଁଳ ପାଦ ସ୍ପର୍ଶ କରି ସ୍ଥିତି ଜାହିର୍ କରି ସାରିଲାଣି। ମହାନଦୀ ଓ କାଠଯୋଡିର ଉତ୍ତାଳ ଜଳରାଶିରେ ଖେଳି ଗଲାଣି ପାର୍ବଣର ଖିଆଲି ତରଙ୍ଗ। ମର୍କତନଗରରୁ ମହାନଦୀବିହାର ଭିତରେ ଫିକାଫିକା ଲାଗୁଥିବା ଐତିହାସିକ କଟକ ନଗରୀ କ୍ରମଶଃ ପାର୍ବଣର ରଙ୍ଗରେ ରଙ୍ଗେଇ ହେଲାଣି। ଅଗ୍ରପୂଜ୍ୟ ଗଜାନନଙ୍କ ପୂଜାରେ ସହରରେ ପାଦ ଥାପି ଥିବା ପାର୍ବଣ କାର୍ତ୍ତିକେଶ୍ୱର ପୂଜା ପରେ ବିଦାୟ ନେବ। ଏହାରି ଭିତରେ ଦେଇଯିବ ଅନେକ ପାସୋରା ଆଉ ଅପାସୋରା ଘଟଣା। ଆଉ କିଛି ଦିନ ପରେ ଦଶହରା। ନିର୍ମଳ ଆଶ୍ୱୀନକୁ ସ୍ୱାଗତ କରିବାକୁ ନଦୀ ପଠାରେ ଖିଲିଖିଲି ହସିଲାଣି କାଶତଣ୍ଡୀ....

କଟକ, ୧୩।୯ (ସମିସ)




ଚାନ୍ଦିନୀଚୌକ ପୂଜା କମିଟି ପକ୍ଷରୁ ପୂଜା ପ୍ରସ୍ତୁତି ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏବେ ଠାରୁ ପୂଜା ମଣ୍ଡପ ଚଳଚଞ୍ଚଳ ହୋଇ ଉଠିଛି। ଚଳିତବର୍ଷ ପୂଜା କମିଟି ପକ୍ଷରୁ ୩୦ ଲକ୍ଷ ଟଙ୍କା ବଜେଟ୍ ରଖାଯାଇଛି। ଚାନ୍ଦିନୀଚୌକରେ ପୂଜା ୫ ଶହ ବର୍ଷର ପୁରୁଣା ହୋଇଥିବା ବେଳେ ଏଠାକାର ଐତିହ୍ୟ, ପରମ୍ପରା, ଇତିହାସ ଓ ପୂଜାବିଧି ଶ୍ରେଷ୍ଠ। କିମ୍ବଦନ୍ତୀ ଅନୁସାରେ, ପୂର୍ବରୁ କଟକରେ ୫ଟି ପୂଜା ମଣ୍ଡପରେ ମା' ଦୁର୍ଗା ପୂଜା ପାଉଥିଲେ। ସେଥିମଧ୍ୟରୁ ଚାନ୍ଦିନୀଚୌକ ମା'ଦୁର୍ଗାଙ୍କୁ ସାନଭଉଣୀ କୁହାଯାଏ। ଏହି ଅଞ୍ଚଳରେ ପ୍ରଥମେ ବଙ୍ଗୀୟ ପରିବାର ନିଜ ଘର ବାରଣ୍ଡାରେ ମା'ଦୁର୍ଗାଙ୍କ ପୂଜା କରୁଥିଲେ। ପରେ ଦର୍ପଣୀ ରାଜ ପରିବାର ପୂଜା ପରିଚାଳନା ଦାୟିତ୍ୱ ନେଇଥିଲେ। ରାଜ ପରିବାର ଏହି ପୂଜାରେ ସମ୍ପୃକ୍ତ ଥିବାରୁ ଚାନ୍ଦିନୀଚୌକ ମେଢ଼କୁ ରାଜାଘର ମେଢ଼ ବୋଲି ନାମିତ କରାଯାଏ। ରାଜତନ୍ତ୍ର ଲୋପ ପାଇଲା ପରେ ଚାନ୍ଦିନୀଚୌକ ଅଞ୍ଚଳବାସୀ ପୂଜା ହାତକୁ ନେଇଥିଲେ। କମିଟି ପକ୍ଷରୁ ୨୦୦୩ ମସିହାରେ ୪.୫ କୁଇଣ୍ଟାଲ ଓଜନର ଚାନ୍ଦି ମେଢ଼ ନିର୍ମାଣ କରାଯାଇଥିଲା। ଏହାସହ ଚଳିତବର୍ଷ ସାଢ଼େ ୩ କେଜି ଓଜନର ସୁନା ମୁକୁଟ କାର୍ଯ୍ୟ ଆରମ୍ଭ କରାଯାଇଛି। ଏହା ଆଗାମୀ ବର୍ଷ ମା'ଙ୍କୁ ଲଗାଯିବ। ଏହା ସହ ୧ କେଜି ଓଜନର ଚାନ୍ଦିର ନୂଆ ଅଳଙ୍କାର ପାଶ୍ୱର୍ ଦେବାଦେବୀଙ୍କର କରାଯାଇଛି। ମା'ଦୁର୍ଗାଙ୍କ ସମେତ ପାଶ୍ୱର୍ ଦେବାଦେବତାଙ୍କ ଚାନ୍ଦିର ଅଳଙ୍କାର ୭୦କେଜି ଓଜନର ନିର୍ମାଣ କରାଯାଇଥିବାବେଳେ ମା'ଦୁର୍ଗାଙ୍କର ସୁନାର ଚିକ, ସିନ୍ଥି, କାନଫୁଲ ଆଦି ରହିଛି। କଟକ ସହରରେ ପ୍ରଥମକରି ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଲାଇଟ ଗେଟ୍ ଚାନ୍ଦିନୀଚୌକ ପୂଜା କମିଟି ପକ୍ଷରୁ ଆରମ୍ଭ କରାଯାଇଥିଲା। ଚଳିତବର୍ଷ ଲାଇଟ ଗେଟ୍ ବେଲଭ୍ୟୁ ଛକରେ କରାଯିବ। ଏହାବ୍ୟତୀତ ଆଉ ୫ଟି ଲାଇଟ ଗେଟ୍ କରାଯିବ। ୪ ରାତି ସାଂସ୍କୃତିକ କାର୍ଯ୍ୟକ୍ରମ କରାଯିବ। ସପ୍ତମୀରେ ୩୫ କୁଇଣ୍ଟାଲ ମିଠା ଭୋଗ କରାଯାଇ ବଣ୍ଟାଯିବ। ଅଷ୍ଟମୀରେ ମହିଳାମାନେ ବ୍ରତ ପୂଜା କରିବେ। ନବମୀରେ ୧୫ କୁଇଣ୍ଟାଲ ମାଛ ଭୋଗ ଲାଗି କରାଯିବ ଏବଂ ଶ୍ରଦ୍ଧାଳଙ୍କୁ ବଣ୍ଟାଯିବ। ଦ୍ୱାଦଶୀରେ ଭସାଣି ଯାତ୍ରା କରାଯିବ ଏବଂ ଏଥିରେ ବଲାଙ୍ଗୀର ସିଂହ ବାଜା, ମାଦଳ ବାଜା, ବ୍ୟାଣ୍ଡ ପାର୍ଟି ଓ କଲିକତାର ଢ଼ାକ ବାଜା ପରିବେଷଣ କରାଯିବ।



କୋଲକାତାର ଢ଼ାକ ବାଜା ଏଥର ସହରବାସୀଙ୍କୁ ଭସାଣୀରେ ଆକର୍ଷିତ କରିବ। ରାଜାଘର ମେଢ଼ ଭାବେ ଚାନ୍ଦିନୀଚୌକ ପୂଜା କମିଟି ରୌପ୍ୟନଗରୀରେ ପରିଚିତ ଲାଭ କରିଛି। ସମସ୍ତ ମେଢ ଚାନ୍ଦିନୀଚୌକ ମେଢ଼କୁ ଅତିକ୍ରମ କରି ମେଲାଣି ନେଇଥାନ୍ତି। ସାନଭଉଣୀ ଭାବେ କୁହାଯାଉଥିବା ଚାନ୍ଦିନୀଚୌକ ମା' ଦୁର୍ଗା ସମସ୍ତଙ୍କୁ ବିଦାୟ ଦେବା ପରେ ମେଲାଣି ନେବେ।

ରମେଶଚନ୍ଦ୍ର ବେହେରା, ସଭାପତି



ଏଠାରେ ନବମୀରେ ମାଛ ଭୋଗ ସ୍ୱତନ୍ତ୍ର। ମହାଷ୍ଟମୀରେ ମହିଳାମାନେ ମା' ଦୁର୍ଗାଙ୍କ ନିକଟରେ ବ୍ରତ ପୂଜା କରିବେ। ପ୍ରାୟ ୧ହଜାର ମହିଳାଙ୍କ ପାଇଁ ଖରା ଓ ବର୍ଷାକୁ ନଜରରେ ରଖି ବ୍ୟାପକ ବ୍ୟବସ୍ଥା କରାଯାଇଛି। ଏହା ସହ ନବମୀରେ ମା' ଦୁର୍ଗାଙ୍କ ନିକଟରେ ସ୍ୱତନ୍ତ୍ର ଭାବେ ମାଛ ଭୋଗ ଲାଗି କରାଯାଏ। କମିଟି ପକ୍ଷରୁ ୧୫ କୁଇଣ୍ଟାଲର ମାଛ ଭୋଗ କରାଯିବ।

- ସୁଶାନ୍ତ କୁମାର ପାଣି, ସମ୍ପାଦକ

### ବସ୍ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ

# 'ଆମ ବସ୍' ସେବା ୩ ଘଣ୍ଟା ବନ୍ଦ; ଯାତ୍ରୀ ହନ୍ତସନ୍ତ





**ରାଉରକେଲା, ୧୩।୯ (ସମିସ)**

ବିଭିନ୍ନ ସମସ୍ୟାର ସମାଧାନ ନେଇ ବସ୍ କର୍ମଚାରୀଙ୍କ କାର୍ଯ୍ୟବନ୍ଦ ଆନ୍ଦୋଳନ ଯୋଗୁଁ ଆଜି 'ଆମ ବସ୍' ସେବା ୩ ଘଣ୍ଟା ପାଇଁ ଠପ୍ ହୋଇଯାଇଥିଲା। ଫଳରେ ରାଉରକେଲାରେ 'ଆମ ବସ୍' ଉପରେ ନିର୍ଭରଶୀଳ ଯାତ୍ରୀମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ।

ସୂଚନା ଅନୁସାରେ 'ଆମବସ୍'ରେ କାର୍ଯ୍ୟରତ ବସ୍ ଡ୍ରାଇଭର ଓ କଣ୍ଡକ୍ଟରମାନେ ଦରମା ଠିକ୍ ସମୟରେ ନ ପାଇବା, ଇଏସ୍ଆଇ ଏବଂ ପିଏଫ୍ ସୁବିଧାରୁ ବଞ୍ଚିତ ହେବାକୁ ନେଇ ବସ୍ କର୍ମଚାରୀମାନେ ଆଜି ସକାଳ ୫ଟାରୁ ଏହି କାର୍ଯ୍ୟବନ୍ଦ ଆନ୍ଦୋଳନ କରିଥିଲେ। ଆମ ବସ୍ ବନ୍ଦ ହେବା ଦ୍ୱାରା ରାଜାମୁଣ୍ଡା, ବଣେଇଗଡ଼, ଲାଠିକଟା ସମେତ ବିରମିତ୍ରପୁର, କୁଆଁରମୁଣ୍ଡା, ହାତୀବାରି, ରାଜଗାଙ୍ଗପୁର, କୁତ୍ରା, ବଡ଼ଗାଁ, ବିଶ୍ରା ଏବଂ ଅନ୍ୟାନ୍ୟ ସ୍ଥାନକୁ ଯିବାକୁ ଥିବା ଯାତ୍ରୀମାନେ ଘୋର ଅସୁବିଧାର ସମ୍ମୁଖୀନ ହୋଇଥିଲେ। ତେବେ ସେମାନଙ୍କ ସମସ୍ୟା ପୂରଣ ନେଇ ବିଭାଗୀୟ ଅଧିକାରୀଙ୍କ ପ୍ରତିଶ୍ରୁତି ପରେ ସକାଳ ୮ଟାରେ କର୍ମଚାରୀମାନେ ଆନ୍ଦୋଳନ ପ୍ରତ୍ୟାହାର କରି କାର୍ଯ୍ୟରେ ଯୋଗ ଦେଇଥିଲେ। ଏହାପରେ ଆମ ବସ ସେବା ସ୍ୱାଭାବିକ ହୋଇଥିଲା।

ସୂଚନାଯୋଗ୍ୟ ଯେ ବିଜେଡି ସରକାର ଅମଳରେ ରାଜ୍ୟବାସୀଙ୍କୁ ସୁଲଭ ମୂଲ୍ୟରେ ପରିବହନ ସେବା ଯୋଗାଇ ଦେବା ପାଇଁ କ୍ରୁଟ୍ (କ୍ୟାପିଟାଲ ରିଜିଅନ୍ ଅର୍ବାନ ଟ୍ରାନ୍ସପୋର୍ଟ) ପରିଚାଳିତ ମୋ ବସ୍ ସେବା ବର୍ତ୍ତମାନ ଆମ ବସ୍ ସେବାରେ ପରିଣତ ହୋଇଛି। ଏହି ବସଗୁଡିକ ବିଭିନ୍ନ ଏଜେନ୍ସି ମାଧ୍ୟମରେ ପରିଚାଳିତ ହେଉଥିବାରୁ ଏହି ଏଜେନ୍ସିମାନେ ଆମ ବସରେ ନିଯୁକ୍ତି ପାଇଥିବା ଡ୍ରାଇଭର ଓ କଣ୍ଡକ୍ଟରମାନଙ୍କୁ ନିଯୁକ୍ତି ଦେବା ସହିତ ମାସିକ ଦରମା ମଧ୍ୟ ପ୍ରଦାନ କରୁଥିଲେ। ଯାହାଫଳରେ ଏହି ଏଜେନ୍ସିଙ୍କ ପାଖରୁ ଦରମା ପାଇ ଆମ ବସ୍ କର୍ମଚାରୀମାନେ ଦୈନିକ ନିଜର ଗୁଜୁରାଣ ମେଣ୍ଟାଇବା ସହିତ ପରିବାର ପ୍ରତିପୋଷଣ କରୁଥିଲେ। ଏଜେନ୍ସିଙ୍କ ଦ୍ୱାରା ପ୍ରତିମାସ ଦରମା ଦେବାର ବିଳମ୍ବ ତଥା ଇଏସ୍ଆଇ ଓ ପିଏଫ୍ କରାଯାଇ ନଥିବାରୁ, ଆମବସ୍ କର୍ମଚାରୀଙ୍କ ପକ୍ଷରୁ ଆଜି ଏହି ଆନ୍ଦୋଳନ କରାଯାଇଥିଲା। ଆମ ବସ୍‌ରେ କାର୍ଯ୍ୟରତ ବସ୍ ଡ୍ରାଇଭର ଓ କଣ୍ଡକ୍ଟରମାନେ ଦ୍ୱିତୀୟ ଥର ପାଇଁ ଆନ୍ଦୋଳନକୁ ଓହ୍ଲାଇଥିଲେ। ସୂଚନାଯୋଗ୍ୟ ଯେ ୨୦୨୩ରେ ହକି ବିଶ୍ୱକପ୍ ପରିପ୍ରେକ୍ଷୀରେ କ୍ୟାପିଟାଲ ରିଜିଅନ ଅର୍ବାନ ଟ୍ରାନ୍ସପୋର୍ଟ(କ୍ରୁଟ) ପକ୍ଷରୁ ରାଉରକେଲା ସହରରେ ୧୦୦ ଟି 'ମୋ ବସ୍' ସେବା ଆରମ୍ଭ କରାଯିବାର ନିଷ୍ପତ୍ତି ହୋଇଥିଲା ବେଳେ ସେଥି ମଧ୍ୟରୁ ପ୍ରଥମେ ୭୦ ଟି ଶୀତତାପ ନିୟନ୍ତ୍ରିତ (ଏସି) ଓ ୩୦ଟି ଯୋଜନା ଅଣ-ଶୀତତାପ ନିୟନ୍ତ୍ରିତ(ନନ୍‌ଏସି) ବସ୍ ଚଳାଚଳକୁ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ଶୁଭାରମ୍ଭ କରିଥିଲେ। କିନ୍ତୁ ପ୍ରାରମ୍ଭିକ ପର୍ଯ୍ୟାୟରେ ଏବେ ୧୦ ଟି ରୁଟ୍ ରାଉରକେଲା ନୂଆ ବସ୍‌ଷ୍ଟାଣ୍ଡରୁ ବିମାନବନ୍ଦର, ନୂଆ ବସ୍‌ଷ୍ଟାଣ୍ଡ- ବିର୍ସାମୁଣ୍ଡା ହକି ଷ୍ଟାଡିୟମ, ନୂଆ ବସ୍‌ଷ୍ଟାଣ୍ଡ -ଝିରପାଣି, ନୂଆ ବସ୍‌ଷ୍ଟାଣ୍ଡ-ବୀରମିତ୍ରପୁର, ନୂଆ ବସ୍‌ଷ୍ଟାଣ୍ଡ- ରାଜଗାଙ୍ଗପୁର, ନୂଆ ବସ୍‌ଷ୍ଟାଣ୍ଡ-ବିଶ୍ରା, ନୂଆ ବସ୍‌ଷ୍ଟାଣ୍ଡ-ନୂଆଗାଁ, ନୂଆବସ୍‌ଷ୍ଟାଣ୍ଡ - ଲାଠିକଟା, ନୂଆ ବସ୍‌ଷ୍ଟାଣ୍ଡ-ପାନପୋଷ, ବେଦବ୍ୟାସ-ଝିରପାଣି ରୁଟ୍‌ରେ ବସ୍ ଚଳାଚଳ କରିଥିଲା। ପରବର୍ତ୍ତୀ ସମୟରେ ଏହା ଅନ୍ୟାନ୍ୟ ଅଞ୍ଚଳକୁ ସମ୍ପ୍ରସାରିତ ହୋଇଥିଲା। ଯାତ୍ରୀମାନେ ଘରୋଇ ବସ୍‌ଠାରୁ ବହୁ କମ୍ ମୂଲ୍ୟରେ ନିଜ ଘର ଦ୍ୱାରକୁ ଏସି ଓ ନନ୍‌ଏସି ବସରେ ଯାତ୍ରା କରି ନିଜ ଗନ୍ତବ୍ୟସ୍ଥଳକୁ ଯାଇ ପାରୁଥିଲେ।

## ଚିନ୍ମୟ ସ୍କୁଲରେ ବିବେକାନନ୍ଦ ବକ୍ତୃତାମାଳା




**ରାଉରକେଲା, ୧୩।୯ (ସମିସ):** ସ୍ଥାନୀୟ ଛେଣ୍ଡ କଲୋନୀସ୍ଥିତ ଚିନ୍ମୟ ବିଦ୍ୟାଳୟ (ଇଂରାଜୀ ମାଧ୍ୟମ)ର ସଭାଗୃହରେ ସୁନ୍ଦରଗଡ଼ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ଯୁବଶାଖା ସହଯୋଗରେ ବିବେକାନନ୍ଦ ବକ୍ତୃତାମାଳା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟର ଅଧ୍ୟକ୍ଷା ତଥା ସୁନ୍ଦରଗଡ଼ ସ୍ୱାମୀ ବିବେକାନନ୍ଦ ଲୋକ ସଂସଦର ସଭାପତି ଶର୍ମିଷ୍ଠା କବି ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଯୁବବିଭାଗ ସମ୍ପାଦକ ଆଲୋକ ମଲ୍ଲିକ କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସମ୍ପର୍କରେ ସମ୍ୟକ ସୂଚନା ଦେବାସହ ଅତିଥି ପରିଚୟ ପ୍ରଦାନ ଦେଇଥିଲେ। ଏହି ଅବସରରେ ସମସ୍ତ ଛାତ୍ରଛାତ୍ରୀ ଏଥିସହ ଦେଶପ୍ରତି ସମର୍ପିତ ହେବା ନିମନ୍ତେ ପ୍ରତିଜ୍ଞା କରିଥିଲେ। ସଭାପତି ଶର୍ମିଷ୍ଠା କବି ଶତପଥୀ ପ୍ରାରମ୍ଭିକ ଭାଷଣ ଅବସରରେ ସ୍ୱାମୀ ବିବେକାନନ୍ଦ ଭାରତୀୟ ଯୁବଶକ୍ତିର ପ୍ରେରଣାର ଉତ୍ସ ବୋଲି ବର୍ଣ୍ଣନା କରିଥିଲେ। ମୁଖ୍ୟଅତିଥି ଭାବେ ଯୋଗଦେଇ ଅବସରପ୍ରାପ୍ତ ଅଧ୍ୟକ୍ଷ ଡ.ସନାତନ ପ୍ରଧାନସ୍ୱାମୀ ବିବେକାନନ୍ଦଙ୍କ ଜୀବନୀ ଓ ଆଦର୍ଶ ସମ୍ବନ୍ଧରେ ଅନେକ ଉପାଦେୟ ତଥ୍ୟ ପ୍ରଦାନ କରିଥିଲେ। ମାତ୍ର ୩୯ ବର୍ଷ ବୟସରେ ସ୍ୱାମୀ ବିବେକାନନ୍ଦଙ୍କର ଅଭୂତପୂର୍ବ ବ୍ୟକ୍ତିତ୍ୱ ତଥା ଆଦର୍ଶ ସମଗ୍ର ଭାରତର ଯୁବଶକ୍ତି ନିମନ୍ତେ ଆଜିକା ସମୟରେ ମଧ୍ୟ ସର୍ବାଧିକ ପ୍ରେରଣାଦାୟୀ ବୋଲି ଡ. ପ୍ରଧାନ କହିଥିଲେ। ଗୌରବମୟ ପ୍ରାଚୀନ ଭାରତର ଦୁର୍ଦ୍ଦିନ ସ୍ୱାମୀଜୀଙ୍କୁ ବିବ୍ରତ କରିଥିଲା। ସମଗ୍ର ଭାରତ ଭ୍ରମଣ କରିସାରି ସେ ହୃଦୟଙ୍ଗମ କରିଥିଲେ ଯେ ଭାରତୀୟଙ୍କର ଆର୍ଥିକ, ସାମାଜିକ ତଥା ଶିକ୍ଷା ଆଦି ଦିଗରେ ଯଥେଷ୍ଟ ପ୍ରଗତିର ଆବଶ୍ୟକତା ରହିଛି। ତେଣୁ ଦେଶ, ଜାତି ତଥା ମାନବସେବା ହିଁ ପ୍ରକୃତ ଧର୍ମ ବୋଲି ସେ କହୁଥିଲେ। ଛାତ୍ରଛାତ୍ରୀଙ୍କର କିଛି ପ୍ରଶ୍ନୋତ୍ତର ସହ କାର୍ଯ୍ୟକ୍ରମ ଶେଷ ହୋଇଥିଲା। ପିଲାମାନେ ବନ୍ଦେ ମାତରଂ ଗାନ ସହ ଶାନ୍ତି ମନ୍ତ୍ର ପାଠ କରିଥିଲେ।

## ଗଞ୍ଜେଇ ଚୋରାଚାଲାଣ ବେଳେ ମହିଳା ଗିରଫ



**ରାଉରକେଲା, ୧୩।୯ (ସମିସ):** ଗଞ୍ଜେଇ ଚୋରା ଚାଲାଣବେଳେ ଜଣେ ମହିଳାଙ୍କୁ ପ୍ଲାଣ୍ଟସାଇଟ୍ ଥାନା ପୁଲିସ ଗିରଫକରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି। ସେ ମହତାବରୋଡ୍ ଅଧୀନ ଇଦଗା ପଡ଼ିଆ ନିକଟରେ ମମତା ଦୁବେ (୪୮) ନାମ୍ନୀ ଉକ୍ତ ମହିଳା ୮୦୦ କେଜି ଗଞ୍ଜେଇ ଧରି ବିକ୍ରି କରିବା ପାଇଁ ଯୋଜନା କରୁଥିବା ବେଳେ ପୁଲିସ ତାକୁ ଗିରଫ କରିବା ସହ ତା ନିକଟରୁ ଉକ୍ତ ଗଞ୍ଜେଇକୁ ଜବତ କରିଥିଲା।

## ଗଞ୍ଜେଇ ଚୋରା ଚାଲାଣକାରୀ ଗିରଫ

**ରାଉରକେଲା, ୧୩।୯ (ସମିସ):** ରାଜଗାଙ୍ଗପୁର ଥାନା ଅଧୀନ ସୁଇଡିହ ଗାଁରେ ଗଞ୍ଜେଇ ଚୋରା ଚାଲାଣ କରୁଥିବାବେଳେ ଜଣେ ଯୁବକଙ୍କୁ ରାଜଗାଙ୍ଗପୁର ଥାନା ପୁଲିସ ଗିରଫ କରି କୋର୍ଟ ଚାଲାଣ କରିଛି। ରାଜଗାଙ୍ଗପୁର ଥାନା ଅଧୀନ ଇସଲାମ ଛକ ନିବାସୀ ମହମ୍ମଦ ଇରଫାନ(୩୮) ନାମକ ଉକ୍ତ ଯୁବକ ୩ କେଜି ୭୧୦ ଗ୍ରାମ ଓଜନର ଗଞ୍ଜେଇ ବାଇକରେ ଧରି ବିକ୍ରି କରିବା ପାଇଁ ଯୋଜନା କରୁଥିବା ବେଳେ ପୁଲିସ ତାକୁ ଗିରଫ କରିବା ସହ ତା ନିକଟରୁ ଉକ୍ତ ଗଞ୍ଜେଇକୁ ଜବତ କରିଥିଲା। ପୁଲିସ ବାଇକ୍ ଏବଂ ମୋବାଇଲ୍ ଜବତ କରିଛି।

## ୨ ଚୋର ଗିରଫ; ବ୍ୟାଟେରୀ ଜବତ

**ରାଉରକେଲା, ୧୩।୯ (ସମିସ):** ସ୍ଥାନୀୟ ରଘୁନାଥପାଲି ଥାନା ଅଧୀନ ଜଳଦା ଏବିସି କଲୋନୀ ନିବାସୀ ସ୍ମୃତିରଞ୍ଜନ ସ୍ୱାଇଁଙ୍କ ଜେସିବି ଦେଓଗାଁ ପେଟ୍ରୋଲପମ୍ପ ନିକଟରେ ଛିଡା ହୋଇଥିବାବେଳେ ସେଥିରୁ ୨ଟି ବ୍ୟାଟେରିକୁ କେହି ଗତ ୭ ତାରିଖ ରାତିରେ ଚୋରିକରି ନେଇଥିବା ନେଇ ସେ ଥାନାରେ ଅଭିଯୋଗ କରିଥିଲେ। ଏହାର ତଦନ୍ତ କରି ପୁଲିସ ଦେଓଗାଁ ଦେହୁରୀ ବସ୍ତିରୁ ଉକ୍ତ ଚୋରୀ ୨ଟି ବ୍ୟାଟେରୀକୁ ଜବତ କରିବାସହ ଏହି ଘଟଣାରେ ଦିଲେଶ୍ୱର ଦେହୁରୀ ଓରଫ ପାନା (୪୮)କୁ ଗିରଫ କରି କୋର୍ଟ ଚାଲାଣ କରିଥିବା ଜଣାପଡ଼ିଛି।



## ପୋଖରୀରେ ବୁଡ଼ି ଦ୍ୱିତୀୟ ଶ୍ରେଣୀ ଛାତ୍ର ମୃତ

**କୋଇଡ଼ା, ୧୩।୯ (ସମିସ):** କୋଇଡା ବ୍ଲକ କେ.ବଲାଙ୍ଗ ଥାନା ଅଞ୍ଚଳରେ ଦୁଃଖଦ ଘଟଣା। ପୋଖରୀରେ ବୁଡି ଦ୍ୱିତୀୟ ଶ୍ରେଣୀ ଛାତ୍ରର ମୃତ୍ୟୁ ଘଟିଛି। କେ ବଲାଙ୍ଗ ଥାନା ନିକଟ କେବଲାଙ୍ଗ ଗାଁ ନିକଟ ସ୍କୁଲ ପଛ ପଟେ ଥିବା ପୋଖରିରୁ ନାବଳର ମୃତଦେହ ମିଳିଛି। ଅପରାହ୍ଣରେ ଜାନକୋ ମୁଣ୍ଡାଙ୍କ ସାତ ବର୍ଷୀୟ ପୁଅ ସାଙ୍ଗୀ ମୁଣ୍ଡା ହଟାତ୍ ଘରୁ ନିଖୋଜ ହୋଇ ଯାଇଥିଲେ। ବହୁ ବହୁ ଖୋଜା ଖୋଜି ପରେ ତାଙ୍କ ସାଥୀମାନେ ପୋଖରୀରେ ବୁଡି ଯାଇଥିବା ସୂଚନା ଦେଇଥିଲେ। ନାବାଳକଙ୍କୁ ଉଦ୍ଧାର କରି କେ ବଲାଙ୍ଗ ମେଡିକାଲ ଆଣିଥିଲେ, ସେଠାରେ ତାଙ୍କୁ ଡାକ୍ତର ମୃତ ଘୋଷଣା କରିଥିଲେ।

### ତତ୍କାଳୀନ ସହକାରୀ ଜିଲ୍ଲାପାଳ ସୁସ୍ମିତା ମିଞ୍ଜ ମୃତ୍ୟୁ ମାମଲା

## ସତ୍ୟପାଠ ଦାଖଲ ପାଇଁ ଗୃହ ସଚିବ ଓ ଡିଜିପିଙ୍କୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

**କଟକ, ୧୩।୯ (ସମିସ):** ରାଉରକେଲାର ତତ୍କାଳୀନ ସହକାରୀ ଜିଲ୍ଲାପାଳ ସୁସ୍ମିତା ମିଞ୍ଜଙ୍କ ମୃତ୍ୟୁ ମାମଲାରେ ପୁଲିସ ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ବା ପଦକ୍ଷେପ ଗ୍ରହଣ କରିନଥିବା ଅଭିଯୋଗରେ ଦାୟର ମାମଲାକୁ ହାଇକୋର୍ଟ ଗୁରୁତ୍ୱର ସହ ଗ୍ରହଣ କରିଛନ୍ତି। ଏହି ମାମଲାରେ ସତ୍ୟପାଠ ଦେବାକୁ ରାଜ୍ୟ ଗୃହ ସଚିବ ଓ ପୁଲିସ ଡିଜିଙ୍କୁ ନିର୍ଦ୍ଦେଶ ପ୍ରଦାନ କରିଛନ୍ତି ହାଇକୋର୍ଟ। ସୁସ୍ମିତାଙ୍କୁ ହତ୍ୟା କରାଯାଇଥିବା ଅଭିଯୋଗ ସହ ଏହାର କ୍ରାଇମବ୍ରାଞ୍ଚ ତଦନ୍ତ ପ୍ରାର୍ଥନା କରି ସୁସ୍ମିତାଙ୍କ ଭାଇ ସନ୍ଦୀପ ମିଞ୍ଜଙ୍କ ପକ୍ଷରୁ ରୁଜୁ ଆବେଦନର ଶୁଣାଣି କରି ଜଷ୍ଟିସ ଚିତ୍ତ ରଞ୍ଜନ ଦାଶ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ଆବେଦନକାରୀ ଆଣିଥିବା ଅଭିଯୋଗ ଉପରେ ପରବର୍ତ୍ତୀ ଶୁଣାଣି ସୁଦ୍ଧା ପୁଲିସ ପ୍ରଶାସନ ଜବାବ ରଖିବ। ମାମଲାର ପରବର୍ତ୍ତୀ ଶୁଣାଣି ଆସନ୍ତା ଅକ୍ଟୋବର ୨୨ତାରିଖକୁ ଧାର୍ଯ୍ୟ କରାଯାଇଛି।

ମାମଲାରୁ ପ୍ରକାଶ ଯେ ସୁସ୍ମିତାଙ୍କ ସନ୍ଦେହଜନକ ମୃତ୍ୟୁ ମାମଲାର କ୍ରାଇମବ୍ରାଞ୍ଚ ବା ଅନ୍ୟ ସ୍ୱାଧୀନ ଏଜେନ୍ସି ମାଧ୍ୟମରେ ତଦନ୍ତ ପାଇଁ ନିର୍ଦ୍ଦେଶ ଦିଆଯାଉ ବୋଲି ଦର୍ଶାଇ ହାଇକୋର୍ଟରେ ଏହି ମାମଲା ରୁଜୁ ହୋଇଛି। ପୀଡ଼ିତ ପରିବାର ଦେଇଥିବା ଏତଲା ପୁଲିସ ପଞ୍ଜୀକରଣ କରୁନାହିଁ। ଏଥି ସହିତ ଘଟଣାର ମଧ୍ୟ ଉପଯୁକ୍ତ ତଦନ୍ତ ମଧ୍ୟ ପୁଲିସ କରୁ ନାହିଁ ବୋଲି ଆବେଦନରେ ଉଲ୍ଲେଖ କରାଯାଇଥିଲା। ଗତ ୨୦୨୩ସେପ୍ଟେମ୍ବରରେ ସୁସ୍ମିତାଙ୍କ ମୃତଦେହ ଏକ ପୋଖରୀରୁ ମିଳିଥିଲା। ରାଉରକେଲା ପ୍ଲାଣ୍ଟସାଇଟ ଥାନାରେ ଏ ସଂକ୍ରାନ୍ତରେ କେବଳ ଅପମୃତ୍ୟୁ ମାମଲା ରୁଜୁ କରାଯାଇଥିଲା। ପୂର୍ବରୁ ହାଇକୋର୍ଟଙ୍କ ନିର୍ଦ୍ଦେଶ କ୍ରମେ ଆବେଦନକାରୀ ସାନି ଅଭିଯୋଗ କରିଥିଲେ ହେଲେ ଏ ସଂକ୍ରାନ୍ତରେ କୌଣସି ପଦକ୍ଷେପ ନିଆଯାଇନଥିଲା। ମାମଲାରେ ଗୃହ ସଚିବ, ପୁଲିସ ଡିଜି, ରାଉରକେଲା ଏସପି, ଉଦିତନଗର ଥାନା, ପ୍ଲାଣ୍ଟ ସାଇଟ ଥାନା ଆଇଆଇସି, ଓ କ୍ରାଇମବ୍ରାଞ୍ଚ ଏଡିଜିଙ୍କୁ ପକ୍ଷଭୁକ୍ତ କରାଯାଇଛି। ଆବେଦନକାରୀଙ୍କ ତରଫରୁ ଆଇନଜୀବୀ ଶିବଶଙ୍କର ମହାନ୍ତି ମାମଲା ପରିଚାଳନା କରୁଛନ୍ତି।

## ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବିରେ ବିଜେଡିର ବଣାଇଁ ବନ୍ଦ



**ବଣାଇଁ, ୧୩।୯ (ସମିସ):** ବଣାଇଁକୁ ବିଜ୍ଞାପିତ ଅଞ୍ଚଳ ଘୋଷଣା ଦାବିରେ ଶନିବାର ବିଜେଡି ତରଫରୁ ୮ ଘଣ୍ଟିଆ ବଣାଇଁ ବନ୍ଦ ପାଳନ କରାଯାଇଛି। ବନ୍ଦ ସମୟରେ ବଣାଇଁର ଜନସାଧାରଣଙ୍କ ପକ୍ଷରୁ ଅଭୁତପୂର୍ବ ସମର୍ଥନ ମିଳିଥିବାବେଳେ ସହରରେ ଦୋକାନୀ ମାନେ ସ୍ୱତଃ ପ୍ରବୃତ୍ତ ଭାବେ ଦୋକାନ ବଜାର ବନ୍ଦ ରଖିଛନ୍ତି। କର୍ମୀମାନେ ସରକାରୀ ଓ ବେସରକାରୀ, କାର୍ଯ୍ୟାଳୟ ଶିକ୍ଷାନୁଷ୍ଠାନ, ବ୍ୟବସାୟ ପ୍ରତିଷ୍ଠାନକୁ ପିକେଟିଂ କରି ବନ୍ଦ୍ କରି ଥିବା ବେଳେ ବଣାଇଁ ଦରେଇକଳା ଓ ବାବୁ ନୁଆଗାଁ ଛକ ନିକଟରେ ୧୪୩ ନମ୍ବର ଜାତୀୟ ରାଜପଥ ରାସ୍ତା ଅବରୋଧ ଯୋଗୁଁ ଯାନବାହାନ ଚଳାଚଳ ବାଧାପ୍ରାପ୍ତ ହୋଇଛି। ୨୦୨୪ରେ ପୂର୍ବର ବିଜେଡି ସରକାର ପକ୍ଷରୁ ବଣାଇଁକୁ ଏନଏଏସି ଘୋଷଣା କରିଥôଲେ। କିନ୍ତୁ ଚଳିତ ମାସ ବିଜେପି ସରକାର ୨୮ ଟି ନୂତନ ଏନ୍‌ଏସି ଘୋଷଣା କରିଥିଲେ ମଧ୍ୟ ସେଥିମଧ୍ୟରୁ ବଣାଇଁ ବାଦ୍ ପଡ଼ିଥିଲା। ଯାହାକୁ ନେଇ ବଣାଇଁ ରେ ଜନସାଧାରଣଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଥିଲା। ଯାହାକୁ ନେଇ ଆଜି ସକାଳ ୬ରୁ ଦିନ ୨ ଟା ପର୍ଯ୍ୟନ୍ତ ବଣାଇଁ ବନ୍ଦ୍ ଡାକରା ଦେଇଛି ବିଜୁ ଜନତା ଦଳ। ରାଉରକେଲା ସାଂଗଠନିକ ଜିଲ୍ଲା ବିଜେଡି ସଭାପତି ପ୍ରଦ୍ୟୁମ୍ନ କୁମାର ତ୍ରିପାଠୀଙ୍କ ନେତୃତ୍ୱରେ ଜିଲ୍ଲା ପରିଷଦ ଉପାଧ୍ୟକ୍ଷ କମଲ ଲାକ୍ରା, ସଭ୍ୟ ରାମଚନ୍ଦ୍ର ସାହୁ, ବୀର ବିଚିତ୍ରସେନ ନାୟକ, ବ୍ଲକ ଉପାଧ୍ୟକ୍ଷା ବିନତୀ ବେହେରା, ପୂର୍ବତନ ଜିଲ୍ଲା ପରିଷଦ ଅଧ୍ୟକ୍ଷ ରଣଜୀତ କିସାନ, ବ୍ଲକ ସଭାପତି ବାଣେଶ୍ୱର ସାହୁ, ଯୁବ ନେତା ରୋହିତାଶ୍ୱ ମିଶ୍ର, ସଞ୍ଜୟ କୁମାର ଦାସ, ଅଜୟ କୁମାର ନାଏକ, ନିର୍ମଳ ପାତ୍ରଙ୍କ ସମେତ ବହୁ ସଂଖ୍ୟାରେ ଦଳୀୟ କର୍ମୀ ଓ ନେତା ଏହି ବନ୍ଦ୍ ପାଳନରେ ସାମିଲ ହୋଇଥିଲେ। ଶାନ୍ତି ଶୃଙ୍ଖଳା ବଜାୟ ରଖିବା ପାଇଁ ବଣାଇଁ ପୋଲିସ ପକ୍ଷରୁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**କୁତ୍ରା, ୧୩।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନ ଖାରବେଡାଠାରେ ଥିବା ତାଳମିଆ ମହାବିଦ୍ୟାଳୟରେ ଶନିବାର ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଛି। ୱାଇଆରସି ଅଫିସର ଅଧ୍ୟାପକ ପ୍ରଶାନ୍ତ କୁମାର ମାଝୀ ଏହାକୁ ପରିଚାଳନା କରିଥିଲେ।



ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ଉକ୍ତ ସଭାଟି ମହାବିଦ୍ୟାଳୟର ଅଧ୍ୟକ୍ଷ ଡ. ଜିତେନ୍ଦ୍ର କୁମାର ପଟେଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଥିଲା। ଅଧ୍ୟାପକ ଏକଲବ୍ୟ ନାଏକ ପ୍ରାଥମିକ ଚିକିତ୍ସା କିପରି କରାଯାଇପାରିବ ଏବଂ ପ୍ରଥମ ପଦକ୍ଷେପଗୁଡ଼ିକ କଣ ଏ ସମ୍ପର୍କରେ ବିସ୍ତୃତ ଅଭିଭାଷଣ ଦେବା ସହ ଦୃଷ୍ଟାନ୍ତ ମାଧ୍ୟମରେ ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ଗୋଲାପି ଓରାମ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ ଦିବସ ପାଳିତ



**କୁତ୍ରା, ୧୩।୯ (ସମିସ):** ସୁନ୍ଦରଗଡ଼ ଜିଲ୍ଲା କୁତ୍ରା ବ୍ଲକ ଅଧୀନସ୍ତ କଟଙ୍ଗ ପଞ୍ଚାୟତର ଶାନ୍ତାଦେବୀ ଉଚ୍ଚ ବିଦ୍ୟାଳୟ କଟଙ୍ଗଠାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଛି। ଉକ୍ତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ନିରଞ୍ଜନ ରାଉଳ ଯୋଗଦେଇ ଥିବାବେଳେ ସମ୍ମାନିତ ଅତିଥି ଭାବରେ ତପନ କୁମାର ସେଠୀ, ପ୍ରଧାନଶିକ୍ଷକ ଡ.ନିତ୍ୟାନନ୍ଦ ବେହେରା, ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହ ଯୋଗଦେଇ ଥିଲେ। ଏହି ପରିପ୍ରେକ୍ଷୀରେ ଏକ ସଭାର ଆୟୋଜନ କରାଯାଇଥିଲା। ବରିଷ୍ଠ ଶିକ୍ଷକ ମହେନ୍ଦ୍ର ସିଂହ ସ୍ୱାଗତ ଅଭିଭାଷଣ ଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ପରେ ବିଦ୍ୟାଳୟର କାଉନସିଲର ତଥା କୁତ୍ରା ବ୍ଲକର ଜେଆରସି କୋଡିନେଟର ମମତା ସ୍ୱାଇଁଙ୍କ ଦ୍ୱାରା ଛାତ୍ରଛାତ୍ରୀଙ୍କୁ ସଚେତନତା କରାଯାଇଥିଲା। ଜେଆରସି ଛାତ୍ରଛାତ୍ରୀମାନେ ଦୁର୍ଘଟଣାଗ୍ରସ୍ତ ବ୍ୟକ୍ତିଙ୍କୁ କିଭଳି ଭାବରେ ପ୍ରାଥମିକ ଚିକିତ୍ସା ଯୋଗାଇ ଦିଆଯିବ ତାହା ବିଷୟରେ ବୁଝାଇଥିଲେ ଏବଂ ବଜ୍ରପାତରୁ ନିଜକୁ କିପରି ସୁରକ୍ଷିତ ରଖାଯାଇପାରିବ ତାହା ଛାତ୍ରଛାତ୍ରୀମାନଙ୍କୁ ଅବଗତ କରାଯାଇଥିଲା। ବିଦ୍ୟାଳୟର କୁମାରୀ ଜୟପୁରିଆ, ଭିକାରି ଦାସ, ପ୍ୟାରେଲାଲ ସାହୁ ତଥା ବିଦ୍ୟାଳୟର ଜେଆରସି ଛାତ୍ରଛାତ୍ରୀ ସହଯୋଗ କରିଥିଲେ।

## ଆର୍‌ଏସ୍‌ପିରେ 'ପ୍ରକଳ୍ପ ସୁରକ୍ଷା' ଉପରେ ସଚେତନତା

**ରାଉରକେଲା, ୧୩।୯ (ସମିସ):** ରାଉରକେଲା ଇସ୍ପାତ କାରଖାନା (ଆରଏସପି)ର ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକଙ୍କ ସମ୍ମିଳନୀ କକ୍ଷରେ 'ପ୍ରକଳ୍ପ ସୁରକ୍ଷା' ଉପରେ ସଚେତନତା କାର୍ଯ୍ୟକ୍ରମ ଆୟୋଜିତ ହୋଇଛି। ଏହି ଅବସରରେ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ବିଭାଗର ଉପନିର୍ଦ୍ଦେଶକ ବିଭୁ ପ୍ରସାଦ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିବା ବେଳେ ତାଙ୍କ ସହିତ ଓଡ଼ିଶା ସରକାରଙ୍କ କାରଖାନା ଏବଂ ବଏଲର୍ସ ବିଭାଗର ସହକାରୀ ନିର୍ଦ୍ଦେଶକ ସ୍ୱରାଜ ତ୍ରିପାଠୀ ଏବଂ ଶୁଭେନ୍ଦୁ ରାଉତ ଉପସ୍ଥିତ ଥିଲେ। ସେମାନେ ପ୍ରକଳ୍ପ ସୁରକ୍ଷା, କାର୍ଯ୍ୟାନ୍ୱୟନ ଏବଂ ଯୋଜନା ଅଭ୍ୟାସ ଏବଂ ପ୍ରକଳ୍ପ କାର୍ଯ୍ୟରେ ସାମଗ୍ରିକ ସୁରକ୍ଷାର ମହତ୍ୱ ଉପରେ ଗୁରୁତ୍ୱାରୋପ କରିଥିଲେ। ଆରଏସ୍‌ପିର ବିଭିନ୍ନ ପ୍ରକଳ୍ପର ନିରାପଦ ଏବଂ ସୁଗମ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବା ପାଇଁ ପ୍ରକଳ୍ପ ବିଭାଗର ସାମ୍ପ୍ରତିକ ସୁରକ୍ଷା ଅଭ୍ୟାସ ଏବଂ ନୂତନ ସୁରକ୍ଷା ପଦକ୍ଷେପଗୁଡ଼ିକୁ ଆହୁରି ସୁଦୃଢ଼ୀକରଣ କରିବ। ପ୍ରକଳ୍ପ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ସୁଦୀପ ପାଲଚୌଧୁରୀ, ସୁରକ୍ଷା ଏବଂ ଅଗ୍ନିଶମ ସେବା ବିଭାଗର ସିଜିଏମ୍ ଆଶା କାର୍ଥା, ପ୍ରକଳ୍ପ ବିଭାଗର ସିଜିଏମ ଦିଲ୍ଲୀପ କୁମାର ସାହୁ ଓ ରାହୁଲ ଅଗ୍ରୱାଲ, ପ୍ରକଳ୍ପ-ବାଣିଜ୍ୟିକ ବିଭାଗର ସିଜିଏମ ଅଶ୍ୱିନୀ କୁମାର ସାହୁ ଏବଂ ସୁରକ୍ଷା ଇଞ୍ଜିନିୟରିଂ ବିଭାଗର ଜିଏମ ଆବାକାସ ବେହେରାଙ୍କ ସମେତ ପ୍ରକଳ୍ପ ବିଭାଗର ବହୁ ବରିଷ୍ଠ ଅଧିକାରୀ ଉପସ୍ଥିତ ଥିଲେ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ 'ଶୂନ୍ୟ କ୍ଷତି' ଏବଂ 'ଦୁର୍ଘଟଣା ମୁକ୍ତ ଇସ୍ପାତ'ର ସୁରକ୍ଷା ମୂଳମନ୍ତ୍ର ପ୍ରତି ଆର୍‌ଏସ୍‌ପିର ପ୍ରତିବଦ୍ଧତା ପ୍ରତିପାଦନ କରିଛି, ଯାହା ଏହାର ସକ୍ରିୟ ସୁରକ୍ଷା ସଂସ୍କୃତି ଏବଂ ନିରାପଦ ଏବଂ ସ୍ଥାୟୀ ପ୍ରକଳ୍ପ କାର୍ଯ୍ୟାନ୍ୱୟନ ସୁନିଶ୍ଚିତ କରିବାର ରଣନୈତିକ ଉଦ୍ଦେଶ୍ୟକୁ ପ୍ରତିଫଳିତ କରେ।




### ୩ୟ ଜାତୀୟ ଲୋକ ଅଦାଲତରେ ୪୯୬ଟି ମାମଲା ସମାଧାନ

## ୧୪ କୋଟି ୧୬ ଲକ୍ଷ ୯୬ ହଜାର ଟଙ୍କା ଜରିମାନା ଆଦାୟ ନିର୍ଦ୍ଦେଶ

**ରାଉରକେଲା, ୧୩।୯ (ସମିସ)**



ତାଲୁକ ଆଇନ ସେବା କମିଟି ପାନପୋଷ ପକ୍ଷରୁ ଅତିରିକ୍ତ ଜିଲ୍ଲା ଜଜ୍ (ପ୍ରଥମ) ମୁକ୍ତି ରଞ୍ଜନ ଶତପଥୀଙ୍କ ଅଧ୍ୟକ୍ଷତାରେ ଆଜି ରାଉରକେଲା ନୂଆ କୋର୍ଟ ବିଲ୍ଡିଂ ପରିସରରେ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ସମୁଦାୟ ୪୯୬ଟି ମାମଲାର ସମାଧାନ କରାଯାଇ ୧୪ କୋଟି ୧୬ ଲକ୍ଷ ୯୬ ହଜାର ୩୪୪ ଟଙ୍କା ଅସୁଲି ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଏହି ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍( ପ୍ରଥମ) ଏବଂ ୩ୟ ଏମଏସିଟି ମୁକ୍ତି ରଞ୍ଜନ ଶତପଥୀ, ପରିବାର ଅଦାଲତର ବିଚାରପତି ଲିଲି ସେନାପତି, ୨ୟ ଏଡିଜେ ତମ୍ ୫ମ ଏମ୍‌ଏସିଟି ରଞ୍ଜିତା ଜ୍ୟୋତିଷୀ, ଏସ୍‌ଡିଜେ ପାନପୋଷ ଏମ୍‌ପ୍ରବୀଣ ମଣ୍ଡଳ, ସିନିୟର ସିଭିଲ ଜଜ୍ ମୋନାଲିସା ପଟ୍ଟନାୟକ, ସିନିୟର ସିଭିଲ ଜଜ୍ (କମର୍ସିଆଲ କୋର୍ଟ) ଅଭିଜିତ କୁମାର ପୁରୋହିତ, ଜେଏମ୍‌ଏଫ୍‌ସି (ଗ୍ରାମାଞ୍ଚଳ) ଅମିତ କୁମାର ବେହେରା, ଜେଏମ୍‌ଏଫ୍‌ସି ରାଉରକେଲା ଶର୍ମିଷ୍ଠା ପାଢ଼ୀ, ସିଜେ କମ୍ ଜେଏମ୍‌ଏଫ୍‌ସି ରାଉରକେଲା ପ୍ରଦୋଷ ଦାଶ ଏବଂ ଅତିରିକ୍ତ ସିଭିଲ ଜଜ୍ କମ୍ ଜେଏମଏଫସି ସ୍ୱନ୍ଦନ ପଟ୍ଟନାୟକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ମୋଟରଯାନ ସମ୍ପର୍କିତ ୪୬ଟି ମାମଲାର ସମାଧାନ କରି ୩ କୋଟି ୧୩ ଲକ୍ଷ ୧୦ ହଜାର ୯୭୬ ଟଙ୍କା କ୍ଷତିପୂରଣ ପାଇଁ ବୀମା କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୨୭ଟି ଏନ୍‌ଆଇ ଆକ୍ଟ(ଚେକ୍ ନେଣ ଦେଣ ତ୍ରୁଟି ସମ୍ବନ୍ଧୀୟ) ମାମଲାର ସମାଧାନ କରାଯାଇ ୨ କୋଟି ୧୦ ଲକ୍ଷ ୭୮ ହଜାର ୭୧୭ ଟଙ୍କା ଅସୁଲି ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୨ଟି ସିଭିଲ ମାମଲାର ସମାଧାନ କରାଯାଇ ୫୧ ହଜାର ଟଙ୍କା ପ୍ରଦାନ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୪୨ଟି ମନି ରିକଭରି ମାମଲା ସମାଧାନ କରାଯାଇ ୮କୋଟି ୯୨ ଲକ୍ଷ ୫୫ ହଜାର ୬୫୧ ଟଙ୍କା ଆଦାୟ ପାଇଁ ନିର୍ଦ୍ଦେଶ ଦିଆଯାଇଥିଲା। ୫୬ଟି କ୍ରିମିନାଲ କମ୍ପାଉଣ୍ଡେବୁଲ ମାମଲା ସମାଧାନ ହୋଇଥିଲା। ସେହିପରି ୫୬ଟି ଅପରାଧିକ ମାମଲା ଓ ୧୫ଟି ବୈବାହିକ ମାମଲାର ସମାଧାନ କରାଯାଇଥିଲା ବେଳେ ୩୦୮ଟି ଫୌଜଦାରୀ ମାମଲା ସମାଧାନ କରାଯାଇଥିଲା। ବରିଷ୍ଠ ଆଇନଜୀବୀ ଗିରିଶ ମହାପାତ୍ର, ଦଣ୍ଡପାଣି ଚୌଧୁରୀ, ଅମୂଲ୍ୟ ମହାପାତ୍ର, ଏକେ ପ୍ରଧାନ, ବିଏନ ପଢ଼ିହାରୀ, ଅମୂଲ୍ୟ ମହାପାତ୍ର, ନିର୍ମଳ କୁମାର ସ୍ୱାଇଁ, ମନୋଜ ପଟ୍ଟନାୟକ, ପାଣ୍ଡବ ପାତ୍ର, ଏବି ଷଡଙ୍ଗୀ ପ୍ରମୁଖ ସହଯୋଗ କରିଥିଲେ।

### ହିନସ୍ତାରେ ଦୁର୍ଗାପୁରବାସୀ

# ସେତୁ ସଂଯୋଗ ରାସ୍ତା ନିର୍ମାଣକୁ ନେଇ ଗୋଷ୍ଠୀ ବିବାଦ



**ସୁଜନପୁର, ୧୩।୯ (ସମିସ)**

ଗତ ପ୍ରବଳ ବର୍ଷାରେ ସୁଜନପୁର ପଞ୍ଚାୟତ ଦୁର୍ଗାପୁରକୁ ସଂଯୋଗ କରୁଥିବା ଦୁଧେଇନାଳ ସଂଯୋଗ ରାସ୍ତା ଭାସିଯିବା ପରେ ନିର୍ମାଣକୁ ନେଇ ଏବେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିଛି। ଯାହାଫଳରେ ସଂଯୋଗ ରାସ୍ତା ନିର୍ମାଣ ହୋଇପାରୁନଥିବାରୁ ହିନସ୍ତାରେ ଦୁର୍ଗାପୁରବାସୀ। ସଂଯୋଗ ରାସ୍ତା ନଥିବାରୁ ଛାତ୍ରଛାତ୍ରୀ ସ୍କୁଲ, କଲେଜକୁ ଯାଇପାରୁନଥିବା ବେଳେ ରୋଗୀ ସେବା ବ୍ୟାହତ ଘଟିଛି। ଏ ନେଇ ଦୁର୍ଗାପୁରବାସୀ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ତଥାପି କୌଣସି ସୁଫଳ ମିଳିନାହିଁ। ଏପରିକି ଗ୍ରାମବାସୀ ଯାଜପୁର ସଦର ଥାନାର ଦ୍ୱାରସ୍ଥ ହୋଇଛନ୍ତି। ଏହି ସଂଯୋଗ ରାସ୍ତା ନିର୍ମାଣ କରିବାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଲାଗି ରହିବା ଦ୍ୱାରା ନିର୍ମାଣ କାର୍ଯ୍ୟ ଠପ୍ ହୋଇଯାଇଛି। ବର୍ଷା ଛାଡ଼ିବା ପରେ ବରୀ ବିଧାୟକ ବିଶ୍ୱ ରଞ୍ଜନ ମଲ୍ଲିକ ଘଟଣାସ୍ଥଳ ପରିଦର୍ଶନ କରିବା ସହ ତିନି ଦିନ ଭିତରେ ସଂଯୋଗ ରାସ୍ତା ନିର୍ମାଣ କରିବାକୁ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ସମୟରେ ଡ୍ରେନେଜ୍ ଡିଭିଜନର ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ ବିଭାଗର ନିର୍ବାହୀ ଯନ୍ତ୍ରୀ ଉପସ୍ଥିତ ଥିଲେ। ତିନିଦିନ ଭିତରେ ସଂଯୋଗ ରାସ୍ତା ଶେଷ କରିବା ନେଇ ବିଭାଗୀୟ ଯନ୍ତ୍ରୀ ପ୍ରତିଶ୍ରୁତି ମଧ୍ୟ ଦେଇଥିଲେ। ହେଲେ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ବିବାଦ ଯୋଗୁଁ ନିର୍ମାଣ କାମ ହୋଇପାରୁନାହିଁ। ଯାହାଫଳରେ ହିନସ୍ତା ଭୋଗୁଛନ୍ତି ଦୁର୍ଗାପୁରବାସୀ। ବଜାରକୁ ଆସିବାକୁ ହେଲେ ପାଖାପାଖି ୫ କିମି ବୁଲି ଯିବାକୁ ପଡୁଛି। ରାସ୍ତା ଭଲ ନ ଥିବାରୁ ଲୋକେ ନାହିଁ ନଥିବାର ହଇରାଣ ହେଉଛନ୍ତି। ଏପରିକି ଯେଉଁ ରାସ୍ତାରେ ବାଇକ ଯିବା କଷ୍ଟକର ସେହି ରାସ୍ତାରେ ଚାରିଚକିଆ ଯାନ ଯିବା କେତେ ସମ୍ଭବ ତାହା ସାଧାରଣରେ ଅନୁମେୟ। ରାସ୍ତା ଭଲ ନଥିବାରୁ ଆମ୍ବୁଲାନ୍ସ ରୋଗୀ ଆଣିବାକୁ ଯାଇପାରୁନାହିଁ। ଏହା ମଧ୍ୟରେ ସଂଯୋଗ ରାସ୍ତା ନିର୍ମାଣକୁ ନେଇ ଉପୁଜିଥିବା ବିବାଦ ଯୋଗୁଁ ନିର୍ମାଣ ହୋଇପାରୁନାହିଁ। ଛାତ୍ରଛାତ୍ରୀ ଦୀର୍ଘ ଦିନ ହେବ ସ୍କୁଲ, କଲେଜକୁ ଯାଇପାରୁନାହାଁନ୍ତି। କହିବାକୁ ଗଲେ ବନ୍ଦୀ ଜୀବନ ବିତାଉଛନ୍ତି ଦୁର୍ଗାପୁରବାସୀ। ରାଜ୍ୟ ସରକାର ଲୋକଙ୍କ ସୁବିଧା ପାଇଁ କୋଟି କୋଟି ଟଙ୍କା ବ୍ୟୟ କରୁଛନ୍ତି। ଗମନାଗମନ ଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବା କିପରି ଲୋକଙ୍କ ପାଖରେ ପହଞ୍ଚି ପାରିବ ସେଥିନେଇ ଗୁରୁତ୍ୱ ଦେଉଛନ୍ତି। କିନ୍ତୁ ରାଜନୈତିକ ଛକା ପଞ୍ଝା ଭିତରେ ପେଶି ହୋଇଯାଉଛନ୍ତି ଦୁର୍ଗାପୁରବାସୀ। ଏଥିପ୍ରତି ଜିଲ୍ଲାପାଳ ଦୃଷ୍ଟି ଦେବାକୁ ଦୁର୍ଗାପୁରବାସୀ ନିବେଦନ କରିଛନ୍ତି।

# ୧୭ ରୁ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ

**ଯାଜପୁର, ୧୩।୯ (ସମିସ):** ଜିଲ୍ଲାପାଳ ଅମ୍ବର କୁମାର କରଙ୍କ ଅଧ୍ୟକ୍ଷତାରେ ବିଭିନ୍ନ ବିଭାଗକୁ ନେଇ ସୁସ୍ଥ ନାରୀ ଓ ସଶକ୍ତ ପରିବାର ଅଭିଯାନ ସମ୍ପର୍କିତ ଏକ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଅତିରିକ୍ତ ଜିଲ୍ଲା ଚିକିତ୍ସା ଅଧିକାରୀ ଡା. ଗୋକୁଳାନନ୍ଦ ମଲ୍ଲିକ ଏହି ଅଭିଯାନର ଲକ୍ଷ୍ୟ ଓ ଆଭିମୁଖ୍ୟ ଉପରେ ସମସ୍ତ ଅଧିକାରୀ ମାନଙ୍କୁ ଅବଗତ କରାଇଥିଲେ। ଏହି କାର୍ଯ୍ୟକ୍ରମ ଚଳିତ ସେପ୍ଟେମ୍ବର ୧୭ତାରିଖରୁ ଆରମ୍ଭ ହୋଇ ଅକ୍ଟୋବର ୨ତାରିଖ ଗାନ୍ଧୀ ଜୟନ୍ତୀ ପର୍ଯ୍ୟନ୍ତ ଚାଲିବ। ଏଥିରେ ମୁଖ୍ୟତଃ ଗ୍ରାମ୍ୟସ୍ତରରୁ ଜିଲ୍ଲାସ୍ତର ପର୍ଯ୍ୟନ୍ତ ବିଭିନ୍ନ କାର୍ଯ୍ୟକ୍ରମ ଯଥା ଅଣସଂକ୍ରାମକ ରୋଗ ଚିହ୍ନଟକରଣ, ଟିବି ରୋଗର ପରୀକ୍ଷା, ମା'ମାନଙ୍କର ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ଯଥା-ଅଣସଂକ୍ରାମକ ରୋଗର ଚିହ୍ନଟ କରଣ, ଟିଭି ରୋଗର ପରୀକ୍ଷା, ଟିକାକରଣ, ବିଭିନ୍ନ ପ୍ରକାର କର୍କଟ ରୋଗ, ସିକିଲ ସେଲ୍ଫ ଓ ଥାଲାସେମିଆ ଇତ୍ୟାଦି



ରୋଗର ପରୀକ୍ଷା, ଗର୍ଭବତୀ ମା'ମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ସହ ବିଭିନ୍ନ ସଚେତନଧର୍ମୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। କାର୍ଯ୍ୟକ୍ରମର ସଫଳ ରୂପାୟନ ପାଇଁ ବିଭିନ୍ନ ବିଭାଗର ସମନ୍ୱୟ ସହିତ ସମାଜର ସବୁ ବର୍ଗର ଲୋକଙ୍କୁ ଏଥିରେ ସାମିଲ କରାଯାଇ ବ୍ୟାପକ ସଚେତନତା ସୃଷ୍ଟି କରି ମହିଳାମାନଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ପାଇଁ ଅଧିକରୁ ଅଧିକ ସଂଖ୍ୟକ ମହିଳା ଓ ମା' ମାନଙ୍କ ଅଂଶ ଗ୍ରହଣ ପାଇଁ ପଦକ୍ଷେପ ନିଆଯିବ। ଏଥି ସହିତ ଏହି ଅଭିଯାନ ସମୟରେ ପିଏଚ୍‌ସି, ସିଏଚ୍‌ସି, ଡିଏଚ୍‌ଏଚ ଓ ଅନ୍ୟାନ୍ୟ ସବସେଣ୍ଟର ସ୍ୱାସ୍ଥ୍ୟ କେନ୍ଦ୍ରମାନଙ୍କରେ ସ୍ୱାସ୍ଥ୍ୟପରୀକ୍ଷା କରାଯିବ। ବିଦ୍ୟାଳୟ ସ୍ତରରେ ମୋବାଇଲ ହେଲଥ ୟୁନିଟ ମାଧ୍ୟମରେ ପିଲାମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବ। ବର୍ତ୍ତମାନ ଡାଇବେଟିସ ଅଧିକ ଲୋକଙ୍କୁ ହେଉଥିବାରୁ ଚିନି ଓ ତେଲ କମ ଖାଇବା ଏବଂ ଯୋଗ, ବ୍ୟାୟାମ ଅଭ୍ୟାସ କରିବାକୁ ଅଧିକ ସଚେତନତା ଉପରେ ଜିଲ୍ଲାପାଳ ଗୁରୁତ୍ୱ ଦେଇଥିଲେ। ମହାରାଜା ଯଯାତିକେଶରୀ ଭେଷଜ ମହାବିଦ୍ୟାଳୟର ଡିନ ତଥା ଅଧ୍ୟକ୍ଷ ଡା. ସୀତାରାମ ମହାପାତ୍ର ଏହି କାର୍ଯ୍ୟକ୍ରମକୁ କିଭଳି ସଫଳତାର ସହ ଜିଲ୍ଲାରେ କରାଯିବ ସେଥିଲାଗି ସମସ୍ତ ସ୍ୱାସ୍ଥ୍ୟ ଅଧିକାରୀ ମାନଙ୍କୁ ପରାମର୍ଶ ଦେଇଥିଲେ। ଡିପିଏମ୍ ବିଶ୍ୱରଞ୍ଜନ ରଥ ଯୋଗଦେଇ କହିଲେ ଆସନ୍ତା ଅକ୍ଟୋବର ମାସ ୧୨, ୧୩ ଓ ୧୪ ତାରିଖରେ ଜିଲ୍ଲାର ୧.୮୫ ଲକ୍ଷ ଜନ୍ମରୁ ୫ ବର୍ଷର ଶିଶୁଙ୍କୁ ପଲସ ପୋଲିଓ ବୁନ୍ଦା ପ୍ରଦାନ କରାଯିବ। ଅନ୍ୟ ମାନଙ୍କ ମଧ୍ୟରେ, ଅତିରିକ୍ତ ଜିଲ୍ଲାପାଳ (ରାଜସ୍ୱ) ଶିବାନନ୍ଦ ସ୍ୱାଇଁ, ଅତିରିକ୍ତ ଜିଲ୍ଲାପାଳ ( ପ୍ରଶାସନ) ଯୁଧିଷ୍ଠିର ନାଏକ, ମେଡିକାଲ ସୁପାରିଟେଣ୍ଡେଣ୍ଟ ଡା.ମନୋରମା ସ୍ୱାଇଁ, ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ରମେଶ ଚନ୍ଦ୍ର ମଲ୍ଲିକ, ଜିଲ୍ଲା ସମାଜ ମଙ୍ଗଳ ଅଧିକାରିଣୀ ପାର୍ବତୀ ସାହୁ, ଜିଲ୍ଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ, ଜିଲ୍ଲା ଶିକ୍ଷା ଅଧିକାରୀ ବିଭିନ୍ନ ସ୍ୱାସ୍ଥ୍ୟ କେନ୍ଦ୍ରର ଚିକିତ୍ସକ, ଘରୋଇ ଚିକିତ୍ସାଳୟର ଚିକିତ୍ସକ ପ୍ରମୁଖ ଉପସ୍ଥିତ ରହି ଆଲୋଚନାରେ ଅଂଶଗ୍ରହଣ କରିଥିଲେ।


### ପଞ୍ଚାୟତ ଏଡିଇଓଙ୍କୁ ଆକ୍ରମଣ

## ଥାନାରେ ଲିଖିତ ଅଭିଯୋଗ

**ଦଶରଥପୁର, ୧୩।୯ (ସମିସ):** ଦଶରଥପୁର ବ୍ଲକ କାର୍ଯ୍ୟାଳୟରେ କାର୍ଯ୍ୟରତ ଜଣେ ପଞ୍ଚାୟତ ଏଡିଇଓଙ୍କୁ କାର୍ଯ୍ୟକ୍ଷେତ୍ରରେ ଆକ୍ରମଣ ହୋଇଥିବା ସମ୍ପୃକ୍ତ ଏଡିଇଓ ଦଶରଥପୁର ଥାନାରେ ପହଞ୍ଚି ଲିଖିତ ଅଭିଯୋଗ କରିଛନ୍ତି। ଅଭିଯୋଗ ମୁତାବକ ଦଶରଥପୁର ବ୍ଲକ ଦୁଦୁରାଅନ୍ତା ପଞ୍ଚାୟତରେ କାର୍ଯ୍ୟରତ ଏଡିଇଓ ବାଲାଜୀ ମହନ୍ତ ସାହୁ ଗତ ଶୁକ୍ରବାର କେନ୍ଦ୍ର ସରକାରଙ୍କ ଯୋଜନାରେ ହେବାକୁ ଥିବା ବୃକ୍ଷରୋପଣ ପାଇଁ ଆବଶ୍ୟକ ଜାଗା ଚିହ୍ନଟ ଉଦ୍ଦେଶ୍ୟରେ ଅର୍ଦ୍ଦାଉଳିଆ ଠାରେ ଫଟୋ ଉତ୍ତୋଳନ କରୁଥିବା ସମୟରେ ସ୍ଥାନୀୟ ଅଞ୍ଚଳର ବାବୁ ବିଶ୍ୱାଳ ନାମକ ଜଣେ ଯୁବକ ସେଠାରେ ପହଞ୍ଚି ହଠାତ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଏଠାରେ କ'ଣ ପାଇଁ ଫୋଟୋ ଉଠାଉଛୁ କହି ଏଡିଇଓ ବାଲାଜୀ ମହନ୍ତଙ୍କୁ ଗୋଇଠା, ବିଧା, ଚାପୁଡ଼ା ମାରିଥିଲା। କିଛି ଗାଁ ଲୋକ ଦୌଡ଼ି ଆସିବାରୁ ବାବୁ ସେଠାରୁ ଦୌଡ଼ି ପଳେଇଥିଲା। ବିଡ଼ିଓ ଅନୁପସ୍ଥିତିରେ ଏଡିଇଓ ଶ୍ରୀ ସାହୁ ଏବିଡିଓ ତ୍ରିଲୋଚନ ସେଠୀଙ୍କ ପରାମର୍ଶ କ୍ରମେ ଏ ସମ୍ପର୍କରେ ଦଶରଥପୁର ଥାନାରେ ଏକ ଲିଖିତ ଅଭିଯୋଗ କରି ବାବୁଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରଥିବା ଜଣାଯାଇଛି।

## କଳାକାରଙ୍କ ପରଲୋକ

**ଦଶରଥପୁର, ୧୩।୯ (ସମିସ):** ଦଶରଥପୁର ବ୍ଲକ ଅନ୍ତର୍ଗତ ଅସନପୁର ପଞ୍ଚାୟତ ଡାହାଣହେଟା ଗ୍ରାମର ବାସୁଦେବ ଜେନା (୮୪)ଙ୍କ ପରଲୋକ ହୋଇଯାଇଛି। ସେ ଚାକିରିରୁ ଅବସର ନେବା ପରେ ସଙ୍ଗୀତ ସହ ହାରମନିୟମ, ସୀତାର ଆଦି ଶିକ୍ଷା ଦେବା ସହ ଅଞ୍ଚଳରେ ସାମାଜିକ କାର୍ଯ୍ୟ ସହିତ ଏକ ମହାଦେବ ମନ୍ଦିର ନିର୍ମାଣରେ ମୁଖ୍ୟ ପୁରୋଧା ସାଜିଥିଲେ। ଭୁବନେଶ୍ୱରସ୍ଥ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ପରଲୋକ ହୋଇଥିବା ଜଣାଯାଇଛି। ମୃତ୍ୟୁ ସମୟରେ ପୁଅ



ସୁନୀଲ କୁମାର ଜେନା, ସୁରେଶ ଚନ୍ଦ୍ର ଜେନା, ସୁବ୍ରତ କୁମାର ଜେନା ଉପସ୍ଥିତ ଥିଲେ। ମରଶରୀରକୁ ଏକ ଶୋଭଯାତ୍ରାରେ ଗ୍ରାମ ପରିକ୍ରମା କରିବା ପରେ ଗାଁ ମଶାଣିରେ ଶେଷକୃତ୍ୟ ସମାପନ କରାଯାଇଛି।

## ଅଧ୍ୟାପକ କର୍ମଚାରୀଙ୍କ ଆନ୍ଦୋଳନ ଜାରି


**ସିଂହପୁର, ୧୩।୯ (ସମିସ):** ରାଜ୍ୟ ସଂଘ ଡାକରାରେ ବିଞ୍ଝାରପୁର ବ୍ଲକ ଅନ୍ତର୍ଗତ ସିଂହପୁର ସ୍ଥିତ ଖରସ୍ରୋତା ମହାବିଦ୍ୟାଳୟର ଅଧ୍ୟାପକ, କର୍ମଚାରୀ ମାନେ ୨୮ ଦିନ ହେଲା ମହାବିଦ୍ୟାଳୟ ପ୍ରାଙ୍ଗଣରେ ବସିଛନ୍ତି। ଅନୁଦାନ ଦାବିରେ ସରକାରଙ୍କ ଟାଳଟୁଳ ନୀତି ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି କାର୍ଯ୍ୟବନ୍ଦ ଆନ୍ଦୋଳନ ଦୀର୍ଘ ୨୮ ଦିନରେ ପହଞ୍ଚିଛି। ସରକାର ତୁରନ୍ତ ଆନ୍ଦୋଳନକାରୀଙ୍କ ଦାବି ପୂରଣ କରିବାକୁ ଅଡ଼ି ବସିଛନ୍ତି। ଏହି ଆନ୍ଦୋଳନରେ ସତ୍ୟନାରାୟଣ ଗୁପ୍ତା, ରାଜେଶ ପୃଷ୍ଟି, ବିଶ୍ୱଜିତ୍ ସାମଲ ସୁଚିସ୍ମିତା ନାୟକ, ନୀଳମଣି ମଲ୍ଲିକ, ଅର୍ପିତା ସ୍ୱାଇଁ, ଜ୍ୟୋତିପ୍ରଭା ମହାନ୍ତି, ତାପସ ଓଝା, ଚନ୍ଦନ ପତି, ଶରତ ରାଉଳ, ରୋଜାଲିନ କୁଅଁର, ଜୟନ୍ତୀ ପଣ୍ଡା, ବିଶ୍ୱଜିତ୍ ମଲିକ, ଯୋଗେନ୍ଦ୍ର ସୂତାର, ଜ୍ଞାନରଞ୍ଜନ ଦାସ, ସତ୍ୟରଞ୍ଜନ ନାୟକ, ସନ୍ତୋଷ ମଲ୍ଲିକ ପ୍ରମୁଖ ଆନ୍ଦୋଳନରେ ସାମିଲ ହୋଇଛନ୍ତି।

## କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ ଅଭିଯାନ

**ବିଞ୍ଝାରପୁର, ୧୩।୯ (ସମିସ):** ବିଞ୍ଝାରପୁର ବ୍ଲକ କଲ୍ୟାଣମଣ୍ଡପ ଠାରେ କଂଗ୍ରେସର ସୃଜନ ସଂଗଠନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ବରିଷ୍ଠ କଂଗ୍ରେସ ନେତା ବିଦ୍ୟାଧର ମହାନ୍ତି, ପୂର୍ବତନ ଜିଲ୍ଲା ସଭାପତି ଶ୍ରୀନାଥ ମିଶ୍ର, ଜିଲ୍ଲା ସମ୍ପାଦକ ସନ୍ତୋଷ ନନ୍ଦ, ଯାଜପୁରର ସୁଦୀପ୍ତ କର, ଧର୍ମଶାଳାର କିଷାନ ପଣ୍ଡା, ସନ୍ତୋଷ ବଳ, ବିଶ୍ୱରଞ୍ଜନ ସାମଲ, ଦଳିତ ନେତା ମାଗୁଣି ଯେନା, ଅଭିନ୍ନ ମଳିକ, ଗଣେଶ ଦାସ, ମହିଳା ନେତ୍ରୀ କନକଲତା ମଳିକ, ଆବୁ ସମା ପ୍ରମୁଖ ସାମିଲ ହୋଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ନାରୀନେତ୍ରୀ ବନ୍ଦିତା ପରିଡ଼ା, ମନୋଜ ରାଉତ, ପଦ୍ମକର ଗୁରୁ ପ୍ରମୁଖ ଉପସ୍ଥିତ ଥିଲେ।

## ସଂକୀର୍ତ୍ତନ କଳା ପରିଷଦର ଆଲୋଚନାଚକ୍ର

**ବରୀ, ୧୩।୯ (ସମିସ):** ଜୟ ଜଗନ୍ନାଥ ବ୍ଲକ ସଂକୀର୍ତ୍ତନ କଳା ପରିଷଦ, ବରୀର ବ୍ଲକସ୍ତରୀୟ ଆଲୋଚନାଚକ୍ର ନୀଳମଣି ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇ ଯାଇଛି। ବ୍ଲକ କାର୍ଯ୍ୟାଳୟ ନିକଟରେ ରାମେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଅନୁଷ୍ଠିତ ଉକ୍ତ ବୈଠକରେ କଳାକାରମାନଙ୍କ ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରାଯାଇ ଥିଲା। ପରିଷଦର ସମ୍ପାଦକ ନଟବର ମହାନ୍ତି ପ୍ରକାଶ କରିଥିଲେ ଯେ



ଆସନ୍ତା ବଜେଟ ଅଧିବେଶନରେ କଳାକାରମାନଙ୍କ ପାଇଁ ବହୁ ସଂଖ୍ୟାରେ ଭତ୍ତା ମଞ୍ଜୁର କରିବାକୁ ମୁଖ୍ୟମନ୍ତ୍ରୀଙ୍କୁ ଅନୁରୋଧ କରାଯିବ। ନୂତନ କଳାକାରମାନଙ୍କୁ ସିଟିଏମଏସ ଯୋଜନାରେ ଅନ୍ତର୍ଭୁକ୍ତ କରିବା ଏବଂ ଭାଗବତ ଟୁଙ୍ଗି ଗୁଡ଼ିକର ପୁନରୁଦ୍ଧାର କରାଯିବାକୁ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ସ୍ମାରକ ପତ୍ର ଦେବାକୁ ସ୍ଥିର କରାଯାଇଛି। ପରିଷଦର ଆଗାମୀ ବୈଠକ ଚଳିତ ମାସ ୧୭ ତାରିଖରେ ହେବାକୁ ସ୍ଥିର କରାଯାଇଛି। ବୈଠକରେ ବରିଷ୍ଠ କଳାକାର ଚକ୍ରଧର ସାମଲ, ନିତ୍ୟାନନ୍ଦ ସ୍ୟାନ୍ତି, ଅନାଦି ଜେନା, ନାରାୟଣ ରାଉତ, ଆର୍ତ୍ତ ଚରଣ ଦାସ ପ୍ରମୁଖ ଉପସ୍ଥିତ ଥିବାବେଳେ ବ୍ଲକ ସଂଯୋଜାକ

# ୪ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ଜରିମାନା ଆଦାୟ




ରାଷ୍ଟ୍ରୀୟ ଲୋକ ଅଦାଲତ

**ଯାଜପୁର, ୧୩।୯ (ସମିସ):** ଯାଜପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଥାଛି। ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ବିଭିନ୍ନ ପ୍ରକାରର ମୋଟ ୬୫୦୯ ଗୋଟି ମକଦ୍ଦମା ଫଇସଲା ହୋଇଛି। ସେଥିମଧ୍ୟରୁ ୭୩୬ ଗୋଟି ଫୌଜଦାରୀ, ୨୩ ଗୋଟି ମଟର ଦୁର୍ଘଟଣା ଜନିତ ମାମଲା, ୧୦୬ ଗୋଟି ଦେୱାନୀ, ୨୧ ଗୋଟି ପାରିବାରିକ କଳହ ମକଦ୍ଦମା ଏବଂ ରାଜସ୍ୱ ବିଭାଗର ୫୪୯୪ଟି ରାଜସ୍ୱ ମାମଲା ଫଇସଲା କରାଯାଇ ମୋଟ ୪ କୋଟି ୧୫ ଲକ୍ଷ ୬୯, ୩୫୦ ଟଙ୍କା ଆଦାୟ କରାଯାଇଛି। ଏତଦ୍‌ବ୍ୟତୀତ ଏହି ଲୋକ ଅଦାଲତରେ ବିଭିନ୍ନ ବ୍ୟାଙ୍କର ମୋଟ ୬୧ ଗୋଟି, ବିଦ୍ୟୁତ ବିଭାଗର ୬୩ ଗୋଟି, ସ୍ଥାୟୀ ଲୋକ ଅଦାଲତର ୨ ଗୋଟି ଏବଂ ୩ ଗୋଟି ଟେଲିଫୋନ ସମ୍ବନ୍ଧୀୟ ପ୍ରାକ ବିଚାରାଧୀନ ମାମଲା ଫଇସଲା କରାଯାଇ ମୋଟ ୩୪ ଲକ୍ଷ ୫୦ ହଜାର ୩୨୦ ଟଙ୍କା ମଧ୍ୟ ଆଦାୟ କରାଯାଇଛି।

ଏହି ରାଷ୍ଟ୍ରୀୟ ଲୋକ ଅଦାଲତକୁ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମୃତ ରଞ୍ଜନ ନନ୍ଦ ଉଦ୍‌ଘାଟନ କରିଥିଲେ। ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ଲିପା ମହାନ୍ତି ପରିଚାଳନା କରିଥିଲେ। ଏହି ରାଷ୍ଟ୍ରୀୟ ଅଦାଲତରେ ଯାଜପୁର ଜିଲ୍ଲାର ପରିବାର ଅଦାଲତର ବିଚାରପତି ଗୁଣ୍ଡିଚା ସାମନ୍ତସିଂହାର, ଅତିରିକ୍ତ ଜିଲ୍ଲା ଜଜ୍ ବିଶେଶ୍ୱର ବିଶ୍ୱପ୍ରକାଶ ରାୟ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସର୍ବେଶ୍ୱର ଦାସ, ବରିଷ୍ଠ ଦେୱାନୀ ବିଚାରପତି ସତ୍ୟପ୍ରକାଶ ରାୟ ଚୌଧରୀ, ବରିଷ୍ଠ ଦେୱାନୀ ବିଚାରପତି (ଏଲ୍ଆର ଏବଂ ଏଲ୍‌ଟିଭି) ଲୋପାମୁଦ୍ରା ବେହେରା, ଏସ୍‌ଡିଜେଏମ୍ ସୁମିତ୍ରା ବିଶ୍ୱାଳ, ଦେୱାନୀ ବିଚାରପତି, ଶ୍ରୀମତୀ ସୁନିତା ବିଶ୍ୱାଳ, ଜେଏମ୍‌ଏଫ୍‌ସି. (ଏଇଆର୍‌ଆଣ୍ଡ ଏଲ୍‌ଟିଭି) ଅଂଶୁମାନ ରଥ, ଜେଏମ୍‌ଏଫ୍‌ସି ବୀଣାପାଣି ତାଣ୍ଡି ଅଂଶ ଗ୍ରହଣ କରି ବିଭିନ୍ନ ମକଦ୍ଦମା ଗୁଡ଼ିକ ଫଇସଲା କରିଥିଲେ। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରାଜଜ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଶ୍ରୀଯୁକ୍ତ ଅମୃତ ରଞ୍ଜନ ନନ୍ଦଙ୍କ ନିର୍ଦ୍ଦେଶକ୍ରମେ ଯାଜପୁର ଜିଲ୍ଲା କାରାଗାର ତରଫରୁ ଏକ ଷ୍ଟଲ୍ ଖୋଲାଯାଇ ସେଥିରେ କାରାଗାର ଅନ୍ତେବାସୀ ମାନଙ୍କ ଦ୍ୱାରା ତିଆରି କରାଯାଇଥିବା ଫିନାଇଲ୍ ଏବଂ ଜୈବିକ ଖତ ବିକ୍ରୟ କରାଯାଇଥିଲା।

### ଗଣେଶ ଭସାଣିରେ ଗଣ୍ଡଗୋଳ ଘଟଣା

# କାର୍ଯ୍ୟାନୁଷ୍ଠାନ ନେଉନି ପୁଲିସ

### ଏସ୍‌ପିଙ୍କ ନିକଟରେ ଅଭିଯୋଗ

**ଦଶରଥପୁର, ୧୩।୯ (ସମିସ):** ଗଣେଶ ଭସାଣିରେ ଗଣ୍ଡଗୋଳ ଘଟଣା। ସମାଧାନ କରିବାକୁ ଯାଇଥିବା ଯୁବକ ଦୁର୍ବୃତ୍ତଙ୍କ ଆକ୍ରମଣରେ ଗୁରୁତର। ଥାନାରେ ଅଭିଯୋଗ ସତ୍ତ୍ୱେ ପୁଲିସ ଆକ୍ରମଣକାରୀଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେଉ ନଥିବା ଯୋଗୁଁ ଗୁରୁତର ଯୁବକ ଜିଲ୍ଲା ଆରକ୍ଷୀ ଅଧିକ୍ଷକଙ୍କ ନିକଟରେ ଅଭିଯୋଗ କରିଥିବା ଜଣାଯାଇଛି। ଅଭିଯୋଗ ମୁତାବକ ଚଳିତ ମାସ ୧ ତାରିଖରେ ଦଶରଥପୁର ଥାନା ବିରୁହାଁ ଅଞ୍ଚଳ ଯେନା ସାହିରେ ଗଣେଶ ଭସାଣି ହେଉଥିବା ସମୟରେ କୌଣସି କାରଣକୁ ନେଇ ଭସାଣିରେ କିଛି ପିଲାଙ୍କ ମଧ୍ୟରେ ଠେଲାପେଲା ହୋଇଥିଲା। ଯେଉଁଥିରେ କିଛି ଛୋଟ ପିଲା ଖଣ୍ଡିଆ ଖାବରା ହୋଇଥିଲେ। ଯାହାକୁ ନେଇ ସ୍ଥାନୀୟ ଅଞ୍ଚଳର ଯୁବକ ମୋହନ ଯେନା(୩୯)ସାହିର ମୁରବୀ ଶ୍ରେଣୀର ବ୍ୟକ୍ତି ଦିବାକର ଯେନାଙ୍କ ସହ କଥା ହେଉଥିବା ବେଳେ ହଠାତ ଦିବାକରଙ୍କ ସମ୍ପର୍କୀୟ ମନୋରଞ୍ଜନ ଯେନା, ବିଶ୍ୱନାଥ ଯେନା, ଅଧିକାରୀ ଯେନା, ମଧୁସୂଦନ ଯେନା, ସୁମନ ଯେନା, ଶ୍ୟାମସୁନ୍ଦର ଯେନା ଇତ୍ୟାଦି ସଂଘବଦ୍ଧ ହୋଇ ମୋହନଙ୍କୁ ବାଉଁଶ କିଳାରେ ବାଡେଇଥିଲେ। ଫଳରେ ମୋହନ ନିଜ ଜୀବନ ବଞ୍ଚାଇବାକୁ ଘରପାର୍ଶ୍ୱ ରାସ୍ତାରେ ଦୌଡିବାରୁ ଦୁର୍ବୃତ୍ତମାନେ ତାଙ୍କୁ ରାସ୍ତାରେ ଗୋଡ଼ାଇ ଗୋଡ଼ାଇ ଆକ୍ରମଣ କରିବାରୁ ତାଙ୍କ ଡାହାଣ ହାତ ଭାଙ୍ଗି ଯିବା ସହିତ ଶରୀରର ବିଭିନ୍ନ ଅଙ୍ଗରେ ଗୁରୁତର ଆଘାତ ଲାଗିଥିଲା। ପଡୋଶୀଙ୍କ ସହାୟତାରେ



ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ମୋହନ ଚିକିତ୍ସିତ ହୋଇ ଦଶରଥପୁର ଥାନାରେ ସେହିଦିନ ରାତିରେ ଲିଖିତ ଅଭିଯୋଗ କରି ଅଭିଯୁକ୍ତଙ୍କ ବିରୁଦ୍ଧରେ ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଗୁହାରୀ କରିଥିଲେ। ତେବେ ଅଭିଯୋଗକୁ ଇତିମଧ୍ୟରେ ୧୨ ଦିନ ବିତିଯାଇଥିଲେ ହେଁ ପୁଲିସ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ନେବା ପରିବର୍ତ୍ତେ ଦୁର୍ବୃତ୍ତଙ୍କୁ ସୁରକ୍ଷା ଦେଉଥିବା ମୋହନ ଅଭିଯୋଗ କରିଛନ୍ତି। ଏ ସମ୍ପର୍କରେ ମୋହନ ଆଜି ପାଣିକୋଇଲି ସ୍ଥିତ ଜିଲ୍ଲା ଏସପିଙ୍କ କାର୍ଯ୍ୟାଳୟରେ ପହଞ୍ଚି ଦଶରଥପୁର ଥାନା ପୁଲିସର ଏତାଦୃଶ ଅବହେଳାକୁ ନେଇ ଲିଖିତ ଅଭିଯୋଗ କରିବା ସହିତ ଦଶରଥପୁର ଥାନାଧିକାରୀଙ୍କୁ ଅଭିଯୁକ୍ତଙ୍କ ବିରୁଦ୍ଧରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ନେଇ ନିର୍ଦ୍ଦେଶ ଦେବାକୁ ନିବେଦନ କରିଛନ୍ତି।

### ଡ୍ରାଇଭରଙ୍କ ଅମାନବୀୟ କାଣ୍ଡ

## ଗାଡ଼ି ଚଢ଼ାଇ ଗାଈକୁ ମାରିଦେଲେ

**କବାଟବନ୍ଧ, ୧୩।୯ (ସମିସ):** ଧର୍ମଶାଳା ବ୍ଲକ ଅନ୍ତର୍ଗତ ଜେନାପୁର ଥାନା ଅଧୀନ ଚକ୍ରଧରପୁର ପଞ୍ଚାୟତ ମୁକୁନ୍ଦପୁର ଗ୍ରାମରେ ଗାଡ଼ି ଚଢ଼ାଇ ଦେଇ ଏକ ଗାଈକୁ ମାରିଦେବାର ହୃଦୟ ବିଦାରକ ଦୃଶ୍ୟ ସିସିଟିଭିରେ କଏଦ ହୋଇଥିବା ଜଣାପଡ଼ିଛି। ଯାହାକୁ ନେଇ ସ୍ଥାନୀୟ ଜନସାଧାରଣ ଏବଂ ବିଭିନ୍ନ ଗୋସୁରକ୍ଷା ସଙ୍ଗଠନ ପକ୍ଷରୁ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ଏନେଇ ଜେନାପୁର ଥାନାରେ ଏକ ମାମଲା ରୁଜ୍ଜୁ ହୋଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ଅନୁଯାୟୀ ଶୁକ୍ରବାର ରାତି ପ୍ରାୟ ୧୨ଟା ବେଳେ ମୁକୁନ୍ଦପୁର ଗ୍ରାମର ସନା ସାହୁଙ୍କ ପୁଅ ରାମଚନ୍ଦ୍ର ସାହୁ ନିଜେ ଚଳାଉଥିବା ଏକ ଟ୍ରକକୁ ନମ୍ବର ଓଆର ୧୫କ୍ୟୁ ୭୫୭୪ ନେଇ ଗାଁକୁ ଯାଉଥିଲେ। ଯିବା ସମୟରେ ରାସ୍ତା ମଝିରେ ଏକ ଗାଈ ଶୋଇଥିବା ଦେଖିବାକୁ ପାଇଥିଲେ। ସେଠାରେ ଗାଡ଼ି ରଖି ହର୍ଣ୍ଣ ବଜାଇବା ସହିତ ଗାଈକୁ ଘଉଡାଇବା ପାଇଁ ଚେଷ୍ଟା କରିଥିଲେ ଏବଂ ରାଗି ଯାଇ ଗାଈ ଉପରେ ଗାଡ଼ି ଚଢ଼ାଇ ଦେଇଥିଲେ। ସକାଳୁ ଗ୍ରାମବାସୀ ଗାଈ ମରି ପଡ଼ିଥିବା ଦେଖିଥିଲେ। ଏହା ସେହି ମୁକୁନ୍ଦପୁର ଗ୍ରାମର ନଗେନ୍ଦ୍ର ଜେନାଙ୍କ ପୁଅ ଦିଲ୍ଲୀପ ଜେନାଙ୍କ ଗାଈ ବୋଲି ଜଣାପଡ଼ିଥିଲା। ଲୋକଙ୍କ ସହଯୋଗରେ ଗାଈଟିକୁ ମାଟି ଖୋଳି ପୋତି ଦେଇ ସତ୍କାର କରି ଦେଇଥିଲେ। ଏହା ପରେ ଏନେଇ ଗାଈର ମାଲିକ ଦିଲ୍ଲୀପ ଜେନା ଥାନାରେ ଏକ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଜେନାପୁର ଥାନା କେସ ନମ୍ବର ୩୨୪/୨୫ରେ ଏକ ମାମଲା ରୁଜ୍ଜୁ କରି ବ୍ୟବଚ୍ଛେଦ ପାଇଁ ଧର୍ମଶାଳା ଗୋଷ୍ଠୀ ପ୍ରାଣୀ ଚିକିତ୍ସକଙ୍କୁ ଖବର ଦେଇଥିଲେ। ବ୍ୟବଚ୍ଛେଦ ପାଇଁ ଗାଈର ମୃତଦେହକୁ ଗହଣା ପୋଲ ନିକଟରେ ପୋତି ଦିଆଯାଇଥିବା ସ୍ଥାନରୁ ଏକ ଜେସିବି ମେସିନରେ ଖୋଳି ବାହାର କରିଥିଲେ। ସନ୍ଧ୍ୟାରେ ଧର୍ମଶାଳା ପ୍ରାଣୀଧନ ଚିକିତ୍ସକ ଡାକ୍ତର ସାଇସ୍ୱରୂପ ନନ୍ଦ, ଆଟେଣ୍ଡାଣ୍ଟ ଅମୂଲ୍ୟ ସ୍ୱାଇଁ, ଜେନାପୁର ପ୍ରାଣୀଧନ ନିରୀକ୍ଷକ ବସନ୍ତ କୁମାର ସାହୁ ପ୍ରମୁଖ ବ୍ୟବଚ୍ଛେଦ କରିଥିଲେ। ଘଟଣା ସ୍ଥଳରେ ଜେନାପୁର ପୁଲିସ ଉପସ୍ଥିତ ଥିଲେ। ଏନେଇ ଅଧିକ ତଦନ୍ତ ଜାରି ରହିଥିବା ଜେନାପୁର ପୁଲିସ ସୂଚନା ଦେଇଛି।

### ବଡ଼ଚଣା ଅର୍ଥ; ମାହାଙ୍ଗାରେ ଖର୍ଚ୍ଚ

# ନଳକୂପ ଖୋଳାକୁ ନେଇ ସୀମା ବିବାଦ

**କୁନ୍ଦଳ, ୧୩।୯ (ସମିସ)**

ଗୋଟିଏ ନଳକୂପ ଖୋଳା ହେବାକୁ ନେଇ ଦୁଇ ଗୋଟି ଜିଲ୍ଲା ମଧ୍ୟରେ ବିବାଦ ଉପୁଜିଛି। ଗୋଟିଏ ପଞ୍ଚାୟତ ଯାଜପୁର ଜିଲ୍ଲାର ବଡ଼ଚଣା ବ୍ଲକରେ ହୋଇଥିବା ବେଳେ ଅନ୍ୟ ପଞ୍ଚାୟତ କଟକ ଜିଲ୍ଲାର ମାହାଙ୍ଗା ବ୍ଲକରେ। ଉଭୟ ବ୍ଲକ ପରସ୍ପରକୁ ଲାଗିରହିଥିଲା ବେଳେ ନଳକୂପ ଖୋଳିବାକୁ ନେଇ ସୀମା ବିବାଦ ଦେଖାଦେଇଛି। ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତକୁ ଲାଗି ବଡ଼ଚଣା ବ୍ଲକ ନଳୀପୁର ଗ୍ରାମପଞ୍ଚାୟତ ରହିଛି। କିନ୍ତୁ ଜମିଜମା ବାବଦରେ ଲଳିତଗିରି ପଞ୍ଚାୟତବାସୀଙ୍କ ପକ୍ଷରୁ ଆପତ୍ତି ଉଠିଛି। ଯେଉଁଠି ପୂର୍ବରୁ କଟକ ଜିଲ୍ଲାର ସରକାରୀ ଅନୁଦାନ ଖର୍ଚ୍ଚ ହୋଇ ସ୍ଥାୟୀ କାର୍ଯ୍ୟ ନିର୍ମାଣ କରାଯାଇଛି ସେଠାରେ କିପରି ଯାଜପୁର ଜିଲ୍ଲାର ସରକାରୀ ଅନୁଦାନ ଖର୍ଚ୍ଚ ହେବ। ଅର୍ଥାତ୍ ବଡ଼ଚଣା ବ୍ଲକ ନଳୀପୁର ପଞ୍ଚାୟତର ଟଙ୍କା ମାହାଙ୍ଗା ବ୍ଲକ ଲଳିତଗିରି ପଞ୍ଚାୟତରେ ଖର୍ଚ୍ଚ କରାଯାଉଛି। ଯାହା କି ନବ୍ଲକ ଓ ଜିଲ୍ଲା ଭିନ୍ନ ଭିନ୍ନ ଅଟେ। କିପରି ଗୋଟିଏ ଜିଲ୍ଲାର ସରକାରୀ ଅନୁଦାନ ଅନ୍ୟ ଗୋଟିଏ ଜିଲ୍ଲାରେ ଖର୍ଚ୍ଚ କରାଯାଉଛି ତାହା ସମସ୍ତଙ୍କୁ ଚକିତ କରିଛି। ଯେହେତୁ ଉଭୟ ଜିଲ୍ଲାର ସୀମାନ୍ତବର୍ତ୍ତି ଅଞ୍ଚଳର ହେଉଛି ସେଥିପାଇଁ କିଛି ଲୋକ ଉକ୍ତ ସ୍ଥାନକୁ ମାହାଙ୍ଗା ବ୍ଲକର କହୁଥିବା ବେଳେ କିଛି ଲୋକ ବଡ଼ଚଣା ବ୍ଲକର ବୋଲି ଦାବି କରୁଛନ୍ତି। ତେବେ ପୂର୍ବରୁ ଉକ୍ତ ଅଞ୍ଚଳରେ ୧୦୦ ଫୁଟ ଭିତରେ ଗୋଟିଏ ନଳକୂପ ମାହାଙ୍ଗା ପଟରୁ ସ୍ଥାପନା ହୋଇଥିବା ବେଳେ ଆଉ ଗୋଟିଏ ବଡ଼ଚଣା ପକ୍ଷରୁ ସ୍ଥାପନା ହୋଇଛି। ତେବେ ଦୁଇ ଗୋଟି ନଳକୂପ ଥିବା ବେଳେ କାହିଁକି ତାହା ମଝିରେ ଆଉ ଏକ ନଳକୂପ ଆବଶ୍ୟକ ପଡ଼ିଲା ତାହା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଏ ନେଇ ଚଣ୍ଡିଖୋଲ ଆରଡବ୍ଲ୍ୟୁଏସ୍‌ଏସର ଯନ୍ତ୍ରୀ ସୁଧାକର ପଣ୍ଡାଙ୍କୁ ଯୋଗାଯୋଗ କରିବାରେ ଉକ୍ତ ସ୍ଥାନରେ କାର୍ଯ୍ୟ ବନ୍ଦ ଅଛି। ମାତ୍ର ଯନ୍ତ୍ରୀଙ୍କର ଉତ୍ତରକୁ ପରଖିବା ପାଇଁ ଘଟଣାସ୍ଥଳକୁ ଯାଇ ଦେଖିଲା ବେଳକୁ କାର୍ଯ୍ୟ ଚାଲୁରହିଛି। ପୁନର୍ବାର ଯନ୍ତ୍ରୀ ଯୋଗାଯୋଗ କରିବାରୁ ସେ କହନ୍ତି ଆପୋସ ବୁଝାମଣାରେ ଲୋକଙ୍କ ଆବଶ୍ୟକତାକୁ ଦୃଷ୍ଟିରେ ରଖି ସରକାରୀ ଅନୁଦାନ ଖର୍ଚ୍ଚ ହୋଇପାରିବ। କେତେ ଟଙ୍କାର ପ୍ରକଳ୍ପ ଓ ଠିକାସଂସ୍ଥା କିଏ ବୋଲି ପ୍ରଶ୍ନ କରିବାରୁ ଯନ୍ତ୍ରୀ ଜଣଙ୍କ ପ୍ରଶ୍ନକୁ ଏଡ଼ାଇ ଦେଇଛନ୍ତି। ଏଠାରେ ପ୍ରଶ୍ନ ଉଠେ ୧୦୦ ମିଟର ମଧ୍ୟରେ ଦୁଇ ଗୋଟି ନଳକୂପ ଥିବା ବେଳେ ମଧ୍ୟ ଭାଗରେ ଆଉ ଗୋଟିଏ ନଳକୂପ କାହିଁକି ଆବଶ୍ୟକ ପଡ଼ିଲା ଉତ୍ତରରେ ଯନ୍ତ୍ରୀ ଜଣଙ୍କ କହନ୍ତି ସୋମବାର ମୁଁ କ୍ଷେତ୍ର ପରିଦର୍ଶନ କରିବି। ତେବେ ପାନୀୟ ଜଳ ବିଭାଗ ରାଜସ୍ୱ ବିଭାଗର ଦାୟିତ୍ୱ ନିଜ ମୁଣ୍ଡକୁ ନେଇ ସମାଧାନ କରିପାରୁଥିବାରୁ ପାନୀୟ ଜଳ ବିଭାଗ ଯନ୍ତ୍ରୀଙ୍କୁ ଜଣେ ଦକ୍ଷ ଅଧିକାରୀ ଭାବେ ବିବେଚନା କରିପାରିବା। ଉପରୋକ୍ତ ସୀମା ବାବଦକୁ ଉଭୟ ଜିଲ୍ଲା ପ୍ରଶାସନ ଗୁରୁତର ସହ ଦୃଷ୍ଟି ଦେଇ ଉପଯୁକ୍ତ ପଦକ୍ଷେପ ନେବାକୁ ବୁଦ୍ଧିଜୀବୀ ମହଲରେ ଦାବି ହୋଇଛି।



## ହୃଦ୍‌ଘାତରେ ଗଣିତ ଶିକ୍ଷକଙ୍କ ମୃତ୍ୟୁ!

**ବନ୍ଧୁଗାଁ, ୧୩।୯ (ସମିସ):** କୋରାପୁଟ ଜିଲ୍ଲା ବନ୍ଧୁଗାଁ ବ୍ଲକ କୁମ୍ଭାରିପୁଟ ସରକାରୀ ବାଳକ (ଏସଏସଡି) ଉଚ୍ଚ ମାଧ୍ୟମିକ ବିଦ୍ୟାଳ ର ନୂତନ ଅତିଥି ଗଣିତ ଶିକ୍ଷକଙ୍କ ହୃଦ୍‌ଘାତରେ ମୃତ୍ୟୁ ଘଟିଛି । ସୂଚନା ଅନୁଯାୟୀ ଆଜି ମଧ୍ୟାହ୍ନ ସମୟରେ ଅଭିରାମ ମାଣ୍ଡିଙ୍ଗି (୩୦) ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇ ସାରି ଖାଇବାକୁ ଆସୁଥିବା ବେଳେ ବିଦ୍ୟାଳୟ ବାରଣ୍ଡାରେ ପେଟ ବ୍ୟଥା ସହ ତାଙ୍କର ଛାତି ଯନ୍ତ୍ରଣା ହୋଇଥିଲା । ସେହି ସମୟରେ ବିଦ୍ୟାଳୟର କିରାଣୀ ପ୍ରୀତି ରଞ୍ଜନ ଜେନା ପାଖରେ ଉପସ୍ଥିତ ଥିଲେ । ଆମ୍ବୁଲାନ୍ସ ଆସିବା ବିଳମ୍ବ ହେବାରୁ ପ୍ରିନ୍ସପାଲ ସରଜ କୁମାର ତରାଇଙ୍କ କାରରେ ନିଲାବାଡି ଗ୍ରାମ ପର୍ଯ୍ୟନ୍ତ ଆସୁଥିବା ବେଳେ ବାଟରେ ଆମ୍ବୁଲାନ୍ସ ତାଙ୍କୁ ବନ୍ଧୁଗାଁ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣି ପହଞ୍ଚାଇ ଥିଲେ ।



ସେଠାରେ ଡା. ଅଜୟ ଜେନା ଦେଖିବା ପରେ ତାଙ୍କୁ ମୃତ ଘୋଷଣା କରିଥିଲେ । ମୃତ ଅଭିରାମ ମାଣ୍ଡିଙ୍ଗିଙ୍କ ଘର ରାୟଗଡ଼ା ଜିଲ୍ଲା କଳନରା ବ୍ଲକ ଚାନ୍ଦିଲି ଥାନା ସିନ୍ଦୁବାଇ ଗ୍ରାମରେ । ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ କରୁଛି । ୩ ମାସ ହେଲା ସେ ଅତିଥି ଗଣିତ ଶିକ୍ଷକ ଭାବେ ନିଯୁକ୍ତି ପାଇ ଶିକ୍ଷାଦାନ କରି ଆସୁଥିଲେ । ତାଙ୍କର ମୃତ୍ୟୁ ହୋଇଥିବାରୁ ସ୍କୁଲର ଶିକ୍ଷକ ଛାତ୍ରଛାତ୍ରୀ ଦୁଃଖ ପ୍ରକାଶ କରିବା ସହିତ ଶବ ପାଖରେ ବସି ରହିଛନ୍ତି । ଏହି ଖବର ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି ।

## ଉତ୍କଳ ସାଂସ୍କୃତିକ ପରିଷଦର ଶପଥ ଗ୍ରହଣ ଉତ୍ସବ

**ସୁନାବେଡ଼ା, ୧୩।୯ (ସମିସ):** ସୁନାବେଡା ସ୍ଥିତ ଉତ୍କଳ ସାଂସ୍କୃତିକ ପରିଷଦର ନୂତନ କର୍ମକର୍ତ୍ତାଙ୍କ ଶପଥ ଗ୍ରହଣ ଉତ୍ସବ ପରିଷଦର ବିଦାୟୀ ସଭାପତି କମଳା କାନ୍ତ ବିଶୋଇଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଯାଇଛି । କାର୍ଯ୍ୟକ୍ରମରେ 'ହାଲ' ର ଅତିରିକ୍ତ ମହାପ୍ରବନ୍ଧକ ଅରବିନ୍ଦ ସ୍ୱାମୀ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ନୂତନ କର୍ମକର୍ତ୍ତାଙ୍କୁ ଶପଥ ପାଠ କରାଇଥିଲେ । ପରିଷଦର ବିଦାୟୀ ସାଧାରଣ ସମ୍ପାଦକ




ମାନସ କୁମାର ଦାସ ଉପସ୍ଥିତ ନୂତନ କର୍ମକର୍ତ୍ତା ଏବଂ ଶୁଭେଚ୍ଛୁ ମାନଙ୍କୁ ସ୍ୱାଗତ କରିବା ସହ ନୂତନ କର୍ମକର୍ତ୍ତା ଚୟନ କମିଟିର ସଦସ୍ୟ ପ୍ରେମାନନ୍ଦ ମାଇତି, ଅନୀଲ କୁମାର ମହାନ୍ତି ଏବଂ ନାରାୟଣ ମାର୍ଥା ବହୁ ଶ୍ରମ ସ୍ୱୀକାର କରି ଏକ ଅଭିଜ୍ଞ ତଥା ନିଷ୍ଠାପର ନୂତନ କମିଟି ମନୋନୀତ କରିଥିବାରୁ ସେମାନଙ୍କୁ ସାଧୁବାଦ ଜ୍ଞାପନ କରିଥିଲେ । ୨୦୨୫-୨୦୨୭ ବର୍ଷ ପାଇଁ ପ୍ରଦୀପ କୁମାର ସାହୁ - ସଭାପତି, ମନୋଜ କୁମାର ପଟ୍ଟନାୟକ - ଉପ ସଭାପତି(୧) ସମ୍ବିତ ଶେଖର ସ୍ୱାଇଁ - ଉପ ସଭାପତି (୨), ପ୍ରଶାନ୍ତ କୁମାର ମିଶ୍ର - ସାଧାରଣ ସମ୍ପାଦକ, ସମୀର କୁମାର ରାଉତ- ଯୁଗ୍ମ ସମ୍ପାଦକ, ଶ୍ରୀକୁମାର ବେହେରା- କୋଷାଧ୍ୟକ୍ଷ, ରମାକାନ୍ତ କଲିଆ- ସମ୍ପାଦକ (ସାଂସ୍କୃତିକ) ପ୍ରଭାତ କୁମାର ସାହୁ - ସମ୍ପାଦକ (ସାହିତ୍ୟ ଓ ପାଠାଗାର) ମନୋରଞ୍ଜନ ସାହୁ - ସମ୍ପାଦକ (କ୍ରୀଡ଼ା) ପ୍ରଶାନ୍ତ କୁମାର ସ୍ୱାଇଁ- ସମ୍ପାଦକ (ନାଟକ) ଏବଂ ୧୧ ଜଣ କାର୍ଯ୍ୟନିର୍ବାହୀ ସଦସ୍ୟ ଭାବେ ମନୋନୀତ ହୋଇ ଶପଥ ପାଠ କରିଥିଲେ । କାର୍ଯ୍ୟକ୍ରମର ପ୍ରାରମ୍ଭରେ ପରିଷଦର ପୂର୍ବତନ ସଭାପତି ତଥା ବରିଷ୍ଠ ଉପଦେଷ୍ଟା ବିନୟ ଚନ୍ଦ୍ର ପଟ୍ଟନାୟକଙ୍କ ବିୟୋଗ ଯୋଗୁଁ ଏକ ଶୋକସଭାର ଆୟୋଜନ କରାଯାଇଥିଲା । ଏଥିରେ ସ୍ୱର୍ଗତ ପଟ୍ଟନାୟକଙ୍କ ସୁପୁତ୍ର ଅଧ୍ୟାପକ ଶିବାଶିଷ ପଟ୍ଟନାୟକ, ପରିଷଦର ଉପଦେଷ୍ଟା ପ୍ରତାପ ଚନ୍ଦ୍ର ପାତ୍ର, ସଭାପତି ଓ ସମ୍ପାଦକ ସ୍ୱର୍ଗତ ବିନୟ ପଟ୍ଟନାୟକଙ୍କ ବହୁମୁଖୀ ପ୍ରତିଭା ଓ ପରିଷଦ ପ୍ରତି ତାଙ୍କର ଅମୂଲ୍ୟ ଅବଦାନ ସମ୍ପର୍କରେ ଆଲୋକପାତ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।

# କୋଟିଆ, କୋରାପୁଟର ବିକାଶ ପାଇଁ ଗୁରୁତ୍ୱ

ସେମିଳିଗୁଡ଼ା, ୧୩।୯ (ସମିସ)




କୋଟିଆ, କୋରାପୁଟର ସାମଗ୍ରୀକ ବିକାଶ ତଥା ଆଦିବାସୀ ମାନଙ୍କ କଲ୍ୟାଣ ପାଇଁ ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମଚନ୍ଦ୍ର କାଡ଼ାମ୍ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ପଟିଙ୍କୁ ୧୪ ଟି ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପରେ ଦୃଷ୍ଟି ଆକର୍ଷଣ କରିବା ସହ ରାଜ୍ୟପାଳଙ୍କ ହସ୍ତକ୍ଷେପ ଏବଂ ସମର୍ଥନ ଲୋଡ଼ିଛନ୍ତି । ସେ ରାଜ୍ୟପାଳଙ୍କୁ ଜଣାଇଛନ୍ତି ଯେ, କୋଟିଆ ଗ୍ରାମ ସମୂହ ଐତିହାସିକ ଏବଂ ସାମ୍ବିଧାନିକ ଭାବରେ ଓଡ଼ିଶାର ଏକ ଅଂଶ ହୋଇଆସିଛି । ତଥାପ ପଡ଼ୋଶୀ ରାଜ୍ୟ ଆନ୍ଧ୍ର ପ୍ରଦେଶ ସହିତ ବିବାଦ, ଲୋକଙ୍କ ମଧ୍ୟରେ ପ୍ରଶାସନିକ ଦ୍ୱନ୍ଦ୍ୱ ଏବଂ ଅଶାନ୍ତି ସୃଷ୍ଟି କରିଛି । ନିର୍ବାଚନ, କଲ୍ୟାଣକାରୀ ଯୋଜନା ଏବଂ ଭିତ୍ତିଭୂମି କାର୍ଯ୍ୟକଳାପ ଆକାରରେ ଆନ୍ଧ୍ର ପ୍ରଦେଶର ବାରମ୍ବାର ହସ୍ତକ୍ଷେପ ଏହି ଅଞ୍ଚଳ ଉପରେ ଓଡ଼ିଶାର ସାର୍ବଭୌମତ୍ୱକୁ କ୍ଷୁର୍ଣ୍ଣ କରୁଛି । ଏହି ମାମଲାକୁ ସର୍ବୋଚ୍ଚ ସ୍ତରରେ ଗ୍ରହଣ କରି ଓଡ଼ିଶା ଏବଂ ଏହାର ଲୋକଙ୍କ ଅଧିକାରକୁ ସୁରକ୍ଷିତ ରଖି ଏକ ସ୍ଥାୟୀ ସମାଧାନ ସୁନିଶ୍ଚିତ କରିବାକୁ ସେ ଅନୁରୋଧ କରିଛନ୍ତି । ଏତଦ୍ ବ୍ୟତୀତ ଓଡ଼ିଶାରେ ପେସା ନିୟମ କାର୍ଯ୍ୟକାରୀ କରିବା, ଡିଏସପି ସ୍ତରୀୟ ପୁଲିସ ଅଧିକାରୀଙ୍କ ଦ୍ୱାରା ଏସସି / ଏସଟି (ଅତ୍ୟାଚାର ନିବାରଣ) ଆଇନର କାର୍ଯ୍ୟାନ୍ୱୟନ କରିବା, ଆନ୍ଧ୍ର-ଓଡ଼ିଶା ଜଳ ପ୍ରକଳ୍ପ (ଓଏଚ୍‌ପିସି ଓ ଏପି ଜେନ କୋ) ଦ୍ୱାରା ପ୍ରଭାବିତ ଗ୍ରାମ ଗୁଡ଼ିକର ବିକାଶ ପାଇଁ ବିଳମ୍ବ ନକରି ତୁରନ୍ତ ସିଏସଆର ପାଣ୍ଠି ଆବଣ୍ଟନ କରିବାକୁ ସମ୍ବନ୍ଧିତ ନିଗମ ଗୁଡ଼ିକୁ

**ରାଜ୍ୟପାଳଙ୍କୁ ପଟ୍ଟାଙ୍ଗି ବିଧାୟକଙ୍କ ସ୍ମାରକପତ୍ର**

ନିର୍ଦ୍ଦେଶ, କୋରାପୁଟରେ କୃଷି ଏବଂ ଉଦ୍ୟାନ ବିଶ୍ୱବିଦ୍ୟାଳୟର ସ୍ଥାପନା, କୋରାପୁଟରେ ଏକ ଆଦିବାସୀ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା, ଏସସି/ ଏସଟି ସଂରକ୍ଷଣ କାର୍ଯ୍ୟାନ୍ୱୟନ ପାଇଁ ଯୋଗାଯୋଗ ଅଧିକାରୀ ନିଯୁକ୍ତି, ପରିବର୍ତ୍ତିତ କ୍ଷେତ୍ର ବିକାଶ ପଦ୍ଧତି କ୍ଲଷ୍ଟର ଅଧୀନରେ ଯୋଗ୍ୟତା ଅର୍ଜନ କରିଥିବା ଆଦିବାସୀ ଗ୍ରାମ ମାନଙ୍କୁ ସରକାରୀ ଭାବରେ ଘୋଷଣା କରିବା, ଅନୁସୂଚିତ ଜନଜାତି ପରିବାର ଗୁଡ଼ିକଠାରୁ ବେଆଇନ ଭାବରେ ହସ୍ତାନ୍ତରିତ ଜମି ମୂଳ ମାଲିକ ମାନଙ୍କୁ ଫେରାଇବା, କୋରାପୁଟ-ବବିଲି ଏବଂ କୋରାପୁଟ - ଆରାକୁ ରେଳ ଲାଇନ ର ସ୍ଥାପନା, ଆରାକୁ ଦେଇ କୋରାପୁଟ-ବିଶାଖାପାଟଣା ମଧ୍ୟରେ ଏକ ବନ୍ଦେ ଭାରତ ଏକ୍ସପ୍ରେସ ସେବା ର ଆରମ୍ଭ, ରାୟଗଡ଼ା ଦେଇ କୋରାପୁଟ-ଭୁବନେଶ୍ୱର ମଧ୍ୟରେ ଏକ ନୂତନ ଦିନ ବେଳା ଟ୍ରେନର ଆରମ୍ଭ, ଜିଲ୍ଲାରେ ବିଭିନ୍ନ ଭିତ୍ତିଭୂମିର ବିକାଶ, କୋରାପୁଟ ଜିଲ୍ଲାରେ ବିଶେଷକରି ପଟାଙ୍ଗି ନିର୍ବାଚନ ମଣ୍ଡଳୀରେ ସୁପର-ସ୍ପେଶାଲିଟି ହସ୍ପିଟାଲର ସ୍ଥାପନା ଏବଂ କୋରାପୁଟ ଜିଲ୍ଲାରେ ପର୍ଯ୍ୟଟନ ସ୍ଥଳୀ ଗୁଡ଼ିକର ବିକାଶ ନିମନ୍ତେ ପଟ୍ଟାଙ୍ଗି ବିଧାୟକ ତଥା କଂଗ୍ରେସ ବିଧାୟକ ଦଳର ନେତା ରାମ ଚନ୍ଦ୍ର କାଡ଼ାମ୍ ରାଜ୍ୟପାଳ ଡଃ ହରିବାବୁ କମ୍ଭମ୍ପଟିଙ୍କୁ ଅନୁରୋଧ କରିଛନ୍ତି ।

## ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷକଙ୍କୁ ସମ୍ବର୍ଦ୍ଧନା

**ନନ୍ଦପୁର, ୧୩।୯ (ସମିସ):** କୋରାପୁଟ ଜିଲ୍ଲା ନନ୍ଦପୁର ବ୍ଲକ ଅନ୍ତର୍ଗତ କୁଲାରସିଂ କ୍ଲଷ୍ଟରସ୍ତରୀୟ ପାଡୁଆ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଠାରେ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି । ଗୁରୁଦିବସ ଅବସରରେ ଶିକ୍ଷକ ଶ୍ୟାମସୁନ୍ଦର ଟଙ୍ଗୀ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ବେଳେ ଏହି ଅବସରରେ ଶିକ୍ଷକ ଶ୍ରୀ ଟଙ୍ଗୀଙ୍କୁ କ୍ଲଷ୍ଟର ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି । ଫୁଲତୋଡ଼ା, ଉପଢୌକନ, ଭାଗବତ ଗୀତା, ପ୍ରଶଂସା ପତ୍ର ପ୍ରଦାନ କରାଯାଇଥିଲା । ମୁଖ୍ୟଅତିଥି ଭାବେ ନନ୍ଦପୁର ଅତିରିକ୍ତ ବ୍ଲକ ଶିକ୍ଷା ଅଧିକାରୀଣୀ ମମତାଜ ଗୋମଙ୍ଗ, ମୁଖ୍ୟବକ୍ତା ଧିରେନ୍ କୁମାର ରାଜ, ନିମନ୍ତ୍ରିତ, ସୁଶ୍ରୀ ମିତାରାଣୀ କର(ଅବସରପ୍ରାପ୍ତ ଶିକ୍ଷୟିତ୍ରୀ), ସୁବାଷ ପାଙ୍ଗି, ରଘୁନାଥ ବେହେରା, ପୀତାମ୍ବର ନାୟକ, ସିଆରସିସି ମନୋଜ ଦାଶ ସଭାପତି ଭାବେ କାର୍ଯ୍ୟ ସମ୍ପାଦନ କରିଥିବା ବେଳେ ଟୁନେଶ



ପାତ୍ର ଧନ୍ୟବାଦ୍ ଅର୍ପଣ କରିଥିଲେ । କୁଲାର ସିଂ କ୍ଲଷ୍ଟରର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀ, କୁମୁଦ ରଞ୍ଜନ ସେଠୀ, ରୋହିତ ନାୟକ, ସୁକାନ୍ତ ନାୟକ, ସୁରେନ୍ଦ୍ର ଦାସ, ତାପଶି ପରିଡ଼ା ଓ ସୁନୀତା ବାର୍ଲା ପ୍ରମୁଖ ଉପସ୍ଥିତ ଥିଲେ ।

## 'ଆସ ସ୍କୁଲ ଯିବା' ପଦଯାତ୍ରା

**ଲକ୍ଷ୍ମୀପୁର, ୧୩।୯ (ସମିସ):** ଶନିବାର ସ୍ଥାନୀୟ ଲକ୍ଷ୍ମୀପୁର ସ୍ଥିତ ଶାଙ୍ଗାନା ଉଚ୍ଚ ବିଦ୍ୟାଳୟ ଛାତ୍ରଛାତ୍ରୀ ତଥା ଶିକ୍ଷକ ଶିକ୍ଷୟିତ୍ରୀ ଆସ ସ୍କୁଲ ଯିବା ସଚେତନତା ପଦଯାତ୍ରାରେ ସାମିଲ ହୋଇଥିଲେ । ଏହି ଉପଲକ୍ଷେ




ଲକ୍ଷ୍ମୀପୁର ବଜାର ଠାରେ ଏକ ପଥପ୍ରାନ୍ତ ସଭାରେ ବିଜ୍ଞାନ ଶିକ୍ଷକ ଗୋଲକ ଚନ୍ଦ୍ର ଲେଙ୍କା ଅଧାରୁ ପାଠପଢ଼ା ଛାଡିଥିବା ବା ଆଦୌ ପାଠ ପଢ଼ି ନ ଥିବା ଛାତ୍ରଛାତ୍ରୀଙ୍କୁ ସ୍କୁଲ ଅଭିମୁଖୀ ହେବାକୁ ଜନ ସାଧାରଣଙ୍କୁ ଅନୁରୋଧ କରିଥିଲେ । ଓଡ଼ିଶା ସରକାରଙ୍କ ଆଭିମୁଖ୍ୟକୁ ସଫଳ କରିବା ସହ ସମସ୍ତଙ୍କୁ ପାଠ ପଢ଼ିବା ସହ ସ୍ୱାବଲମ୍ବୀ ହେବାକୁ ପ୍ରବର୍ତ୍ତାଇ ଥିଲେ । ଏଥିପାଇଁ ସରକାରଙ୍କ ଦ୍ୱାରା ପର୍ଯ୍ୟାପ୍ତ ସୁଯୋଗ ପ୍ରଦାନ କରାଯାଇଛି । ଯଥା ୧୪ରୁ ଅଠର ବର୍ଷ ବୟସର ଛାତ୍ରଛାତ୍ରୀ ମାଟ୍ରିକ ପରୀକ୍ଷା ଦେବା ପାଇଁ ଚତୁର୍ଥ ଶ୍ରେଣୀ ଉତ୍ତୀର୍ଣ୍ଣ ଯୋଗ୍ୟତା ସହ ରାଜ୍ୟ ମୁକ୍ତ ବିଦ୍ୟାଳୟରେ ନିଶୁଳ୍କ ନାମ ଲେଖା, ଆଇଟିଆଇରେ ପ୍ରବେଶକୁ ପ୍ରାଧାନ୍ୟ, ଧନ୍ଦାମୂଳକ ଶିକ୍ଷା ଗ୍ରହଣ ପୂର୍ବକ କୁଶଳୀ ହେବା ଉପରେ ଆଲୋକପାତ କରିଥିଲେ । ସେହିପରି ଶିକ୍ଷୟିତ୍ରୀ ରାଜେଶ୍ୱରୀ ଲବଲା ଛାତ୍ରଛାତ୍ରୀଙ୍କ ଡ୍ରପ୍‌ଆଉଟ୍ ସଂଖ୍ୟା ରୋକିବା, ପ୍ରତିଦିନ ବିଦ୍ୟାଳୟକୁ ଛାତ୍ରଛାତ୍ରୀଙ୍କୁ ଛାଡ଼ିବା ପାଇଁ ଅନୁରୋଧ କରିଥିଲେ । ଛାତ୍ରଛାତ୍ରୀଙ୍କ ଦ୍ୱାରା ପଦଯାତ୍ରା ଲକ୍ଷ୍ମୀପୁର ସହର ପରିକ୍ରମା କରିବା ସହ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା । ଉକ୍ତ ପଦଯାତ୍ରାରେ ଶିକ୍ଷକ ସୁଜିତ ସାମଲ, ଶଙ୍କର ଗୁଡୁମ୍ବକା, ସୁକାନ୍ତ କୁମାର ଯାଦବ, ଆଶୀର୍ବାଦ ନାୟକ, ଅଶେଷ କାର୍ଜି, ସୁରଜ ନାୟକ, କସ୍ତୁରୀ ଶବର, ମାଧୁରୀ ଲେଙ୍କା, ପ୍ରିୟଙ୍କା ବିଷୋୟୀ, ଜେଷ୍ଟା ପଣ୍ଡା, ସୁନୀତା ସାହୁକାର, ରୋଜାଲିନ ସ୍ୱାଇଁ, ମମତା ମହାନ୍ତି ପ୍ରମୁଖ ଯୋଗ ଦେଇଥିଲେ । ସଂଯୁକ୍ତା ତୁରୁକ ପଦଯାତ୍ରାରେ ସମସ୍ତ ସହଯୋଗ କରିଥିଲେ ।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

**ନବରଙ୍ଗପୁର, ୧୩।୯ (ସମିସ):** ନବରଙ୍ଗପୁର ଜିଲ୍ଲା ଆଇନ ସେବା ପ୍ରାଧିକରଣ ପକ୍ଷରୁ ଜିଲ୍ଲା କୋର୍ଟ ପରିସରରେ ନବରଙ୍ଗପୁର ଜିଲ୍ଲା ଦୌରାଜର୍ଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ସୁବ୍ରତ ମହାନ୍ତିଙ୍କ ନିର୍ଦ୍ଦେଶ କ୍ରମେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ୨୦୨୫ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ଦୌରାଜର୍ଜ ସୁବ୍ରତ ମହାନ୍ତି ୮ ଟି ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ ଦାବି ବାବଦକୁ ଫଇସଲା କରି ୧ କୋଟି ୩୮ ଲକ୍ଷ, ୪୯ ହଜାର ୬୨୦ ଟଙ୍କା କ୍ଷତିପୂରଣ ଆଦାୟ କରିଛନ୍ତି । ପରିବାର ବିଚାର ବିଭାଗୀୟ ଜର୍ଜ ଲିଲିପ୍ସା ପସାୟତ ୧୬ଟି ପାରିବାରିକ ବିବାଦ କେସ ସମାଧାନ କରିଛନ୍ତି । ସେଥିମଧ୍ୟରୁ ଦୁଇଟି କେସରେ ଦୀର୍ଘ ଦିନ



ବିବାଦର ଅନ୍ତ ଘଟାଇ ଦମ୍ପତିଙ୍କ ମଧ୍ୟରେ ଆପୋଷ ମିଳାମିଶା କରାଇଛନ୍ତି । ମୁଖ୍ୟ ବିଚାର ବିଭାଗୀୟ ଦଣ୍ଡାଧିକାରୀ ସୀମା ତ୍ରିପାଠୀ ୪ ଗୋଟି ଏନ୍‌ଆଇ ଆକ୍ଟ କେସ ସମାଧାନ କରିଛନ୍ତି । ବରିଷ୍ଠ ଦେବାନୀ ଜର୍ଜ ମୋନିତା ତ୍ରିପାଠୀ ୩ଟି ବ୍ୟାଙ୍କ ଋଣଦେୟ ସମ୍ବନ୍ଧୀୟ ବିବାଦର ଫଇସଲା କରି ୨ ଲକ୍ଷ ୪୦ ହଜା ଟଙ୍କା ଋଣ ଆଦାୟ କରିଛନ୍ତି । ଭାରପ୍ରାପ୍ତ ଉପଖଣ୍ଡ ବିଚାର ବିଭାଗୀୟ ଦଣ୍ଡାଧିକାରୀ ଅଙ୍କିତା ପାଣିଗ୍ରାହୀ ୬୬୯ଟି ଫୌଜଦାରୀ ମକଦ୍ଦମା ସମାଧାନ କରିଛନ୍ତି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତରେ ସର୍ବମୋଟ ୭୦୨ ଗୋଟି କୋର୍ଟ କେସ ଓ ୧୬, ୪୦୧ ଗୋଟି ରାଜସ୍ୱ କେସର ଫଇସଲା କରାଯାଇ ୬ ଲକ୍ଷ ୧୨ ହଜାର ୪୩୦ ରାଜସ୍ୱ ଆଦାୟ କରାଯାଇଛି । ସେହିପରି ବ୍ୟାଙ୍କର ୨୨ ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ୫ ଲକ୍ଷ ୭୯ ହଜାର ୭୮୪ ଟଙ୍କା ଋଣ ଆଦାୟ କରାଯାଇଛି । ଟିପିଏସଓ? ଏଲ ୧୮୭ଟି ପ୍ରାକ ମକଦ୍ଦମା ମଧ୍ୟ ଫଇସଲା କରାଯାଇ ୧୫ ଲକ୍ଷ ୮୬ ହଜାର ୬୫୧ ଟଙ୍କା ବିଦ୍ୟୁତ ଦେୟ ବାବଦକୁ ଆଦାୟ କରାଯାଇଛି । ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ରେ ଅନ୍ୟାନ୍ୟ ଅତିଥି ରୂପେ ଅତିରିକ୍ତ ଜିଲ୍ଲା ଜର୍ଜ ବିଷ୍ଣୁ ପ୍ରସାଦ ମିଶ୍ର, ଯୋଗ ଦେଇଥିଲେ । ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ସାଇ ଅଭିସ୍ପା ଗୋଛାୟତ ଏହି ରାଷ୍ଟ୍ରୀୟ ଲୋକ ଅଦାଲତ ପରିଚାଳନା କରିଥିବା ବେଳେ କୋର୍ଟର ଆଇନଜୀବୀ ଓ କର୍ମଚାରୀ ସହଯୋଗ କରିଥିଲେ ।

# ବିଭିନ୍ନ ସ୍ଥାନରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

**ନନ୍ଦପୁର, ୧୩।୯ (ସମିସ):** ସିଦ୍ଧେଦେବୀ ସ୍ନାତକ ମହାବିଦ୍ୟାଳୟ ନନ୍ଦପୁର ଠାରେ ଯୁବ ରେଡକ୍ରସ୍ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ ଓ ଜଳବାୟୁ ପରିବର୍ତ୍ତନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ନନ୍ଦପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡାକ୍ତର ବିଶ୍ୱନାଥ ସାହୁ ମୁଖ୍ୟବକ୍ତା ଭାବେ ଯୋଗଦେଇ ଦୁର୍ଘଟଣା ସମୟରେ ପ୍ରାଥମିକ ଉପଚାର କିଭଳି ଜଣକ ଜୀବନ ବଞ୍ଚାଇପାରିବ ସେ ସମ୍ପର୍କରେ ଛାତ୍ରଛାତ୍ରୀ ମାନଙ୍କୁ ଅବଗତ କରାଇଥିଲେ । ମହାବିଦ୍ୟାଳୟ ଅଧ୍ୟକ୍ଷ ଅମର କୁମାର ମହାପାତ୍ର ଅଧ୍ୟକ୍ଷତା କରି ପରିବେଶ ସୁରକ୍ଷା ନିମନ୍ତେ ବ୍ୟାପକ ଚାରାରୋପଣ କରି ଜଳବାୟୁ ପରିବର୍ତ୍ତନରୁ ରକ୍ଷା କରାଯାଇପାରିବ ବୋଲି ଛାତ୍ରଛାତ୍ରୀମାନଙ୍କୁ ବୁଝାଇଥିଲେ । ଅଧ୍ୟାପକ କିଶୋର ଚନ୍ଦ୍ର ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ । ବରିଷ୍ଠ ଅଧ୍ୟାପିକା ସ୍ନେହଲତା ସେଠୀ, ସୁରଭି ପାଣିଗ୍ରାହୀ, ଅର୍ଚ୍ଚନା ପାଢ଼ୀ, ସନ୍ତୋଷ ହନ୍ତାଳ, ନରସିଂହ ଖୋସଲା ଓ ବାବୁଲା ଟାଙ୍ଗୁଡିଆ, ସନ୍ତୋଷ କୁମାର ଦୋରା, ଆକାଶ ସାହୁ, ପଦଲାମ ଗଲରି, ବିଜୟ ଖିଲ ଓ ଉଷାରାଣୀ ଗୁଣ୍ଡା ପ୍ରମୁଖ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ । ଶେଷରେ ଯୁବ ରେଡକ୍ରସ୍ ପରାମର୍ଶଦାତା ଭଗବାନ ଖରା ଧନ୍ୟବାଦ ପ୍ରଦାନ କରିଥିଲେ ।




**ସୁନାବେଡ଼ା/ ସେମିଳିଗୁଡ଼ା:** ହାଲ ସହରାଞ୍ଚଳ ସ୍ଥିତ ଏରୋନଟିକ୍ସ ମହାବିଦ୍ୟାଳୟ ସଭା ଗୃହରେ ୟୁଥ ରେଡକ୍ରସ, ରେଡ ରିବନ କ୍ଲବ ଓ ଜାତୀୟ ସେବା ଯୋଜନା ୟୁନିଟ୍‌ର ମିଳିତ ଆନୁକୂଲ୍ୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି । ଏହି ଶିବର ଅନୁଷ୍ଠିତ ହେବା ପୂର୍ବରୁ




ଅଧ୍ୟାପକ ଅଧ୍ୟାପିକା, କାର୍ଯ୍ୟାଳୟ କର୍ମଚାରୀ, ଛାତ୍ରଛାତ୍ରୀ ଓ ଅଭିଭାବକଙ୍କୁ ନେଇ ପ୍ରାଥମିକ ଚିକିତ୍ସା, ରକ୍ତ ଦାନର ମହତ୍ୱ ଓ ତାହାର ନିରାକରଣ ସମ୍ପର୍କରେ ଏକ ସଭା ହୋଇଥିଲା । ଏହି ସଭାରେ ଅଧ୍ୟକ୍ଷା ଡକ୍ଟର ଅନସୂୟା ନନ୍ଦ ସଭାପତିତ୍ୱ କରିଥିଲା ବେଳେ ଏରୋନଟିକ୍ସ ମହାବିଦ୍ୟାଳୟର ସମ୍ପାଦକ ବିଶ୍ୱେଶ୍ୱର ସେନାପତି ବରଣ୍ୟ ଅତିଥି ଓ ୱାଇଆରସିର ଜିଲ୍ଲା ସଂଯୋଜକ ଡକ୍ଟର ନରେଶ ଚନ୍ଦ୍ର ସାହୁ ମୁଖ୍ୟବକ୍ତା ଭାବରେ ଯୋଗ ଦେଇଥିଲେ । ଏହି ସଭାର ସଂଯୋଜନା ଏନଏସଏସର ସଂଯୋଜକ ଡ. ସସ୍ମିତା ମହାପାତ୍ର କରିଥିବା ବେଳେ ୱାଇଆରସିର କାଉନସିଲର ଡ. ଶାନ୍ତନୁ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ । ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟ ଓ ହସ୍ପିଟାଲ କୋରାପୁଟର ରକ୍ତ ସଂଗ୍ରାହକ ମାନେ ୩୫ ୟୁନିଟ ରକ୍ତ ସଂଗ୍ରହ କରିଥିଲେ । ଏହି ରକ୍ତ ସଂଗ୍ରହ ମଧ୍ୟରେ ହାଲ, ସୁନାବେଡାର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ସୁଧାଂଶୁ ମୋହନ ଜେନା, ସ୍ୱପ୍ନା ସୋନାଲିକା ଜେନା ଯୋଗ ଦେଇଥିଲେ । ଏଥିସହିତ ଏଇଏସର କୋଷାଧ୍ୟକ୍ଷ ଅନୁଜ କୁମାର ସିଂ ଚୌହାନ, ଶ୍ରୀମତୀ ଚୌହାନ, ବରିଷ୍ଠ ପ୍ରାଧ୍ୟାପକ ଡ. ସଞ୍ଜୟ ପୁରୋହିତ, ଗୌରୀ ଶଙ୍କର ରଥ, ହିରଣ୍ମୟୀ ତ୍ରିପାଠୀ, ଡ. ସଞ୍ଜୟ ଲେଙ୍କା, ଦିଲୀପ ସାହୁ, ବିଶ୍ୱଜିତା ପାଢ଼ୀ, ଏନଏସଏସର ଦୁଇ ସଂଯୋଜକ ଚିନ୍ମୟ ମିଶ୍ର, ଡ. ସ୍ମୃତି ରଞ୍ଜନ ରାଉତ, ଚିନ୍ମୟୀ ପଣ୍ଡା ଆଦି ପ୍ରମୁଖଙ୍କ ସହ ଅଧ୍ୟାପକ ଅଧ୍ୟାପିକା ଛାତ୍ରଛାତ୍ରୀ ଯୋଗ ଦେଇଥିଲେ ।

**ଲକ୍ଷ୍ମୀପୁର:** କୋରାପୁଟ ଜିଲ୍ଲା ଲକ୍ଷ୍ମୀପୁର ମହାବିଦ୍ୟାଳୟ ପରିସରରେ ଲକ୍ଷ୍ମୀପୁର ମହାବିଦ୍ୟାଳୟର ଯୁକ୍ତ ଦୁଇ ଓ ଯୁକ୍ତ ତିନି ବିଭାଗର ଯୁବ ରେଡକ୍ରସ ୟୁନିଟ୍ ତରଫରୁ ବିଶ୍ୱ ପ୍ରାଥମିକ ଉପଚାର ଦିବସ ପାଳନ କରାଯାଇ ଥିଲା । ଯୁକ୍ତ ଦୁଇ ଅଧ୍ୟକ୍ଷ ପ୍ରାଧ୍ୟାପକ ଗିରିଜା କୁମାର ଚୌଧୁରୀଙ୍କ ତତ୍ତ୍ୱାବଧାନରେ ପାଳନ କରାଯାଇଥିଲା । ଏହି ଅବସରରେ ଲୋକପ୍ରିୟ ଚିକିତ୍ସକ ଡଃ ଦେବେଷ ଚନ୍ଦ୍ର ବେହେରା ମୁଖ୍ୟ ଅତିଥି ତଥା ରିସୋର୍ସ ପର୍ସନ ଭାବେ ଯୋଗ ଦେଇ ପ୍ରାଥମିକ ଚିକିତ୍ସା କ'ଣ ଓ ଏଥିପାଇଁ




କେଉଁ ପ୍ରକାରର ସମସ୍ୟା ପାଇଁ ଏହା ଦରକାର ସେ ସମ୍ବନ୍ଧିତ ବିଭିନ୍ନ ସୂଚନା ପ୍ରଦାନ କରିବା ସହ କିପରି ସିପିଆର୍. କରାଯାଇ ଜଣେ ମଣିଷର ଜୀବନ ବଞ୍ଚାଇ ହେବ ସେ କୌଶଳ ଡେମୋ ମାଧ୍ୟମରେ ବର୍ଣ୍ଣନା କରିଥିଲେ । ଏହି କାର୍ଯ୍ୟକ୍ରମରେ ଶିକ୍ଷା ବିଭାଗର ବରିଷ୍ଠ ଅଧ୍ୟାପିକା ସୁଶ୍ରୀ ତିଳୋତ୍ତମା ପଟ୍ଟନାୟକ, ଅଧ୍ୟାପିକା ମଧୁସ୍ମିତା ବିଶ୍ୱାଳ, ହେଲେନା ସିଂ, ମହିମା ରାଣୀ ରାଜୁ, ଜୟଶ୍ରୀ କରସୁଧା ପଟ୍ଟନାୟକ, ଅଙ୍କିତା ଔ।ଡେକା, ସଙ୍ଗୀତା ନାଗ ତଥା ଅଧ୍ୟାପକ ଶୀତଳ ପ୍ରସାଦ ଦାସ, ତାରେଣୀ ଶତପଥୀ, ରମାକାନ୍ତ ଖରା, ବବଲୁ ବେନିଆ ଏବଂ ଛାତ୍ରଛାତ୍ରୀମାନେ ଅଂଶଗ୍ରହଣ କରିଥିଲେ । ଏହି କାର୍ଯ୍ୟକ୍ରମକୁ ଯୁକ୍ତ ଯୁବ ରେଡକ୍ରସ ଅଧିକାରୀ ତଥା ଅଧ୍ୟାପକ ଯଶୋବନ୍ତ ଗରଡ଼ା ଯୁକ୍ତ ତିନି ଯୁବ ରେଡକ୍ରସ ଅଧିକାରୀ ଅଧ୍ୟାପିକା ସନ୍ତୋଶିନୀ ଦାସ ଓ ଜାତୀୟ ସେବା ଯୋଜନା ଅଧିକାରୀ ଦୁର୍ଯ୍ୟୋଧନ ସାହୁ ପରିଚାଳନା କରି ଥିଲେ ।

**ସୁନାବେଡ଼ା:** ସୁନାବେଡ଼ା ମହିଳା ମହାବିଦ୍ୟାଳୟଠାରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଏବଂ ଜଳବାୟୁ ପରିବର୍ତ୍ତନ ତଥା ଆତ୍ମହତ୍ୟା ନିବାରଣ ଦିବସରେ ଏକ ଆଲେଚନାଚକ୍ର ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମରେ ସୁନାବେଡ଼ା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ମୁଖ୍ୟ ଚିକିତ୍ସାଧିକାରୀ ଡାକ୍ତର ରୋଷନି ଖେସ୍ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଛାତ୍ରୀମାନଙ୍କୁ ପ୍ରାଥମିକ ଚିକିତ୍ସା ଉପରେ କହିଥିଲେ । କାଉନସେଲର




ସୂଚିତ ତ୍ରିପାଠୀ ସମ୍ମାନିତ ଅତିଥି, ମୁଖ୍ୟବକ୍ତା ଭାବେ ଅଧ୍ୟକ୍ଷା ଉଷାରାଣୀ ଦାସ ଯୋଗ ଦେଇ ବିଭିନ୍ନ ଉଦାହରଣ ମାଧ୍ୟମରେ ଛାତ୍ରୀମାନଙ୍କୁ ଆତ୍ମହତ୍ୟାର କୁପରିଣାମ ବିଷୟରେ ବୁଝାଇବା ସହ ଏଥିରୁ ନିବୃତ୍ତ ରହିବା ପାଇଁ ଉପଦେଶ ଦେଇଥିଲେ । ଅଧ୍ୟାପିକା ବାସନ୍ତୀ ପଟ୍ଟନାୟକ ଏବଂ ବିନୁ ପ୍ରଧାନ ମଧ୍ୟ ନିଜ ନିଜର ମତ ଉପସ୍ଥାପନ କରିଥିଲେ । ୱାଇଆରସି କାଉନସିଲର ସୁଶ୍ରୀ ଶୁଭଶ୍ରୀ ପରିଡ଼ା ସ୍ୱାଗତ ଅଭିଭାଷଣ ପ୍ରଦାନ କରିଥିଲେ । କ ଏନ୍‌ଏସ୍‌ଏସ ପ୍ରୋଗ୍ରାମ ଅଫିସର ସରିତା ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ ।

**ନବରଙ୍ଗପୁର:** ନବରଙ୍ଗପୁର ମହିଳା ସ୍ନାତକ ମହାବିଦ୍ୟାଳୟରେ ଅଧ୍ୟକ୍ଷା ମାଳେଶ୍ୱରୀ ସାହୁଙ୍କ ସଭାପତିତ୍ୱରେ ଯୁବ ରେଡକ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ମହାବିଦ୍ୟାଳୟର ଶିକ୍ଷା ବିଭାଗର ଅଧ୍ୟାପିକା ତଥା ଯୁବ ରେଡକ୍ରସ ଅଧିକାରୀ ଡ. ସଂଯୁକ୍ତା ପଣ୍ଡା ଏହି କାର୍ଯ୍ୟକ୍ରମ



ପରିଚାଳନା କରିବା ସହିତ ଏ ବର୍ଷର ଥିମ୍ 'ପ୍ରାଥମିକ ଚିକିତ୍ସା ଓ ଜଳବାୟୁ ପରିବର୍ତ୍ତନ ' ସମ୍ବନ୍ଧରେ ଛାତ୍ରୀଙ୍କୁ ଅବଗତ କରାଇଥିଲେ । ଦୈନନ୍ଦିନ ଜୀବନରେ ଘଟୁଥିବା ବିଭିନ୍ନ ଘଟଣା, ଦୁର୍ଘଟଣାରେ ଯଥା ସାପ କାମୁଡା, ଜଳିଯିବା, ଅଂଶୁଘାତ, ଅଚେତ ହେବା ଭଳି ଅନେକ ଘଟଣାରେ କେମିତି ପ୍ରାଥମିକ ଚିକିତ୍ସା କରିପାଇବା ସେହି ବିଷୟରେ ଛାତ୍ରୀଙ୍କୁ ସଚେତନ କରାଇଥିଲେ । ଏହି କାର୍ଯ୍ୟକ୍ରମରେ ଅଧ୍ୟାପିକା ଶ୍ରୀମତୀ ତରନୁମ୍ ଆରା, ସୁନୀତା ପାତ୍ର, ଅଧ୍ୟାପକ ଲକ୍ଷ୍ମୀକାନ୍ତ ସୌରା ସମେତ ବହୁ ସଂଖ୍ୟକ ଛାତ୍ରୀ ଯୋଗଦେଇଥିଲେ ।

**ସେମିଳିଗୁଡ଼ା:** କୋରାପୁଟ ଜିଲ୍ଲାର ସେମିଳିଗୁଡ଼ା ମହାବିଦ୍ୟାଳୟର ଯୁବ ରେଡ୍‌କ୍ରସ୍ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ଉପଲକ୍ଷେ ଏକ ଶିକ୍ଷାମୂଳକ କାର୍ଯ୍ୟକ୍ରମର ଆୟୋଜନ କରିଥିଲା । ମହାବିଦ୍ୟାଳୟ ପ୍ରାଙ୍ଗଣରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଉପସ୍ଥିତ ଥିଲେ ନାଲ୍‌କୋର ଡାକ୍ତର ମନୋଜ କୁମାର ନାୟକ । ଏହି କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ ଯୁବ ରେଡ୍‌କ୍ରସ୍ କାଉନସିଲର ଶିବାଶିଷ ପଟନାୟକ । କାର୍ଯ୍ୟକ୍ରମର ଶୁଭାରମ୍ଭ ଅଧ୍ୟକ୍ଷ ଝାନ୍ସୀ ସିଂହଙ୍କ ଦ୍ୱାରା ହୋଇଥିଲା ।




ଶେଖ ଇବ୍ରାହିମ ଜଳ ବାୟୁ ପରିବର୍ତନ ଉପରେ ଆଲୋକପାତ କରିଥିଲେ । ପ୍ରାଥମିକ ଚିକିତ୍ସା କେବଳ ଏକ କୌଶଳ ନୁହେଁ, ଏହା ଏକ ମାନବୀୟ ଦାୟିତ୍ୱ । ଆମର ଲକ୍ଷ୍ୟ ହେଉଛି ମହାବିଦ୍ୟାଳୟର ପ୍ରତ୍ୟେକ ଛାତ୍ରଛାତ୍ରୀଙ୍କୁ ଏହି ମୌଳିକ ଶିକ୍ଷାରେ ଶିକ୍ଷିତ କରାଇବା, ଯାହା ଦ୍ୱାରା ସେମାନେ କୌଣସି ଆପଦମୁହୂର୍ତ୍ତରେ ଆତ୍ମବିଶ୍ୱାସର ସହିତ ଆଗେଇ ଆସି ପାରିବେ । ଏହି କାର୍ଯ୍ୟକ୍ରମରେ ଦେବରାଜ ନାୟକ, ନିରଞ୍ଜନ, ରନାଳୀ ନାୟକ, ରତ୍ନମଣି କହ୍ନର, ଡିଗେସ୍ୱରୀ ଶିଖା, ଶ୍ରୀପତି ଗିରି, ଆଲୋକ ମହାନ୍ତି, ପୂର୍ଣ୍ଣିମା ଗିରି ଓ ସୁମିତ୍ରା ଗିରି ପ୍ରମୁଖ ଯୋଗ ଦେଇଥିଲେ ।

**ସୁନାବେଡା:** ସୁନାବେଡା ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି । ବିଦ୍ୟାଳୟର ଅଧ୍ୟକ୍ଷା ଇନ୍ଦିରା ପ୍ରିୟଦର୍ଶିନୀ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଉକ୍ତ କାର୍ଯ୍ୟକ୍ରମରେ ୱାଇଆରସି କାଉନସେଲର ଅଙ୍କୁରିତା ନାୟକ ସ୍ୱାଗତ ଭାଷଣ ଦେବା ସହ କାର୍ଯ୍ୟକ୍ରମ




ପରିଚାଳନା କରିଥିଲେ । ମୁଖ୍ୟ ଅତିଥି ଭାବେ ଗୃହ ବିଭାଗର ମୁଖ୍ୟ ତଥା ସାଧନ କର୍ମୀ ସିଲା ପଟ୍ଟନାୟକ ଯୋଗଦେଇ ଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରାଥମିକ ଚିକିତ୍ସାର ବିଭିନ୍ନ ପଦ୍ଧତି ସମ୍ପର୍କରେ ଆଲୋକପାତ କରିଥିଲେ । କାର୍ଯ୍ୟକ୍ରମ ଶେଷେ ରେଞ୍ଜର ଲିଡର ନିର୍ଝରଣୀ ବିଶ୍ୱାଳ ଅତିଥି ମାନଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ । ଅଧ୍ୟାପିକା ଖାଲେଦା ସୁଲତାନା ସହଯୋଗ କରିଥିଲେ ।

## ରାମଚଣ୍ଡୀ ମନ୍ଦିରର ସମସ୍ୟା ନେଇ ଦାବିପତ୍ର

**ମହାକାଳପଡ଼ା ୧୩।୯ (ସମିସ):** ଜିଲ୍ଲାର ପ୍ରସିଦ୍ଧ ଶକ୍ତିପୀଠ ଦରିଆପାରି ମା' ରାମଚଣ୍ଡୀ ମନ୍ଦିରର ବିଭିନ୍ନ ସମସ୍ୟା ନେଇ ଭକ୍ତଙ୍କ ପକ୍ଷରୁ ଜିଲ୍ଲାପାଳଙ୍କ ନିକଟରେ ଅଭିଯୋଗ ହୋଇଛି। ଜିଲ୍ଲାପାଳ ଭକ୍ତଙ୍କ ଅଭିଯୋଗକୁ ଆଧାର କରି ଚିଠିନଂ୧୯୬, ୧୨।୯।୨୦୨୫ରେ ରାଜ୍ୟ ପର୍ଯ୍ୟଟନ ବିଭାଗଙ୍କ ଚିଠି କରିଛନ୍ତି। ମା'ଙ୍କ ମନ୍ଦିର ବେଢ଼ାରେ ପାନୀୟଜଳର ବ୍ୟବସ୍ଥା ନାହିଁ। ଯାତ୍ରୀଙ୍କ ରହଣୀସ୍ଥଳୀ, ଆଲୋକୀକରଣ, ଗାଡ଼ି ପାର୍କିଂ ଭକ୍ତଙ୍କ ପାଇଁ ଅଡୁଆ ପରିସ୍ଥିତି ସୃଷ୍ଟି କରୁଛି। ଏସବୁ ସମସ୍ୟାର ସମାଧାନ ଜରୁରୀ ବୋଲି ଅଞ୍ଚଳର ଭକ୍ତମାନେ ଦାବି କରିଛନ୍ତି। ଏଥିପ୍ରତି ପ୍ରଶାସନ ଦୃଷ୍ଟି ଦେବାକୁ ପୂର୍ବତନ ସରପଞ୍ଚ ନାଥ କୁମାର ଭୋଳ, ଶିଶିର ରାଉତ, ନାରାୟଣ ସ୍ୱାଇଁ, ସ୍ଥାନୀୟ ସରପଞ୍ଚ ଜିଲ୍ଲାପାଳଙ୍କୁ ଜଣାଇଛନ୍ତି।

### କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ଦାବି

# ୨୨ରୁ ମିଳିତ କ୍ରିୟାନୁଷ୍ଠାନ କମିଟିର ଅହୋରାତ୍ର ଗଣଧାରଣା



**କେନ୍ଦ୍ରାପଡ଼ା, ୧୩।୯ (ସମିସ):** କେନ୍ଦ୍ରାପଡ଼ା ଜିଲ୍ଲାରେ ମେଡିକାଲ କଲେଜ ପ୍ରତିଷ୍ଠା ନିମନ୍ତେ ସରକାର ଯେତିକି ବିଳମ୍ବ କରିଚାଲିଛନ୍ତି ସରକାରଙ୍କ ବିରୋଧରେ ଅସନ୍ତୋଷ ସେତିକି ତୀବ୍ର ହେବାରେ ଲାଗିଛି। ରାଜ୍ୟର ଅନ୍ୟତମ ପଛୁଆ ଜିଲ୍ଲା କେନ୍ଦ୍ରାପଡ଼ାରେ ମେଡିକାଲ କଲେଜ ପ୍ରତିଷ୍ଠା ପାଇଁ ଲଗାତର ଦାବି କରିଆସୁଥିବା ମିଳିତ କ୍ରିୟାନୁଷ୍ଠାନ କମିଟି ଏବେ ପୁଣି ଆନ୍ଦୋଳନ ଡକରା ଦେଇଛି। ମୋହନ ସରକାର ରାଜ୍ୟରେ ଚାରୋଟି ନୂଆ ମେଡିକାଲ କଲେଜ ପାଇଁ ଘୋଷଣା କରିଥିଲେ ମଧ୍ୟ ସେଥିରେ କେନ୍ଦ୍ରାପଡ଼ାର ନାମ ନାହିଁ। ଏହା ଜିଲ୍ଲାବାସୀଙ୍କ ପାଇଁ କେବଳ ଅବିଚାର ନୁହେଁ, ବରଂ ଅପମାନ ବୋଲି ଆଜି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ଆୟୋଜିତ ଗଣସମ୍ମେଳନରେ ଅଭିଯୋଗ କରାଯାଇ ଦାବି ହାସଲ ପାଇଁ ଆନ୍ଦୋଳନକୁ ଜୋରଦାର କରିବାକୁ ସ୍ଥିର କରାଯାଇଛି। ଆସନ୍ତା ୨୨ ତାରିଖରୁ କମିଟି ପକ୍ଷରୁ ଅହୋରାତ୍ର ଗଣଧାରଣା ଦିଆଯିବାକୁ ନିଷ୍ପତ୍ତି ହୋଇଛି।

ଗରାପୁରସ୍ଥ ଦି ପ୍ୟାଲେସ ପରିସରରେ ସଭାପତି ଅଧ୍ୟାପକ ଅଜୟ ସାମଲଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ଗଣସମ୍ମେଳନରେ ବିଧାୟକ ଗଣେଶ୍ୱର ବେହେରା, ପ୍ରାଧ୍ୟାପକ ନନ୍ଦକିଶୋର ପରିଡ଼ା, ବିଜେଡି ଜିଲ୍ଲା ସଭାପତି ଶିବପ୍ରସାଦ ଭଳ, କମିଟି ସମ୍ପାଦକ ରମଣୀରଞ୍ଜନ ରାଉତରାୟ, ଆବାହକ ମଣ୍ଡଳୀ ସଭ୍ୟ ଗୟାଧର ଧଳ, ଆଦିକନ୍ଦ ରାଉଳ, ମୁକ୍ତାର ଖାଁ, ଆପ୍ ଜିଲ୍ଲା ସମ୍ପାଦକ ସୂର୍ଯ୍ୟକାନ୍ତ ପରିଡ଼ା, କଂଗ୍ରେସ ନେତା ଭାଗୀରଥି ଜେନା, କର୍ମଚାରୀ ସଂଘ ନେତା ଡ. ଉପେନ୍ଦ୍ର ପ୍ରଧାନ, ଧୋୟାଞ୍ଚଳ ବିକାଶ ପରିଷଦ ସମ୍ପାଦକ ରାଜକୁମାର ବିଶ୍ୱାଳ, କେଦାର ସାମନ୍ତରାୟ, ଶ୍ରମିକ ନେତା ପ୍ରକାଶ ମହାନ୍ତି, ନବନିର୍ମାଣ କୃଷକ ସଂଘ ନେତା ଦାଶରଥି ସାହୁ, ଅକ୍ରୁର ପଲାଇ, ସର୍ବୋଦୟ ନେତା ମହେନ୍ଦ୍ର ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଆଗାମୀ ବିଧାନସଭା ଅଧିବେଶନ ସମୟରେ ସରକାର ଏ ସମ୍ପର୍କରେ ଘୋଷଣା କରିବା ପାଇଁ ଦାବି କରିଥିଲେ। ସରକାରଙ୍କୁ ଜିଲ୍ଲାବାସୀଙ୍କ କ୍ଷୋଭ ଜଣାଇବା ସହ ଆସନ୍ତା ୨୨ ତାରିଖରୁ ଦାବି ହାସଲ ପର୍ଯ୍ୟନ୍ତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଅହୋରାତ୍ର ଗଣଧାରଣା ପାଇ ଏଠାରେ ନିଷ୍ପତ୍ତି ନିଆଯାଇଥିବାବେଳେ ଜିଲ୍ଲାର ଅଧିକାର ହାସଲ ପାଇଁ ଏହି ଆନ୍ଦୋଳନରେ ସାମିଲ ହେବାକୁ ଜିଲ୍ଲାର ସବୁ ବର୍ଗର ଜନସାଧାରଣଙ୍କୁ ଆହ୍ୱାନ କରାଯାଇଛି।

## ଅଶ୍ଳୀଳ ଭିଡିଓ ଦେଖାଇ ମହିଳାଙ୍କୁ ବ୍ଲାକ୍‌ମେଲିଂ ଅଭିଯୋଗ

**ମହାକାଳପଡ଼ା, ୧୩।୯ (ସମିସ):** ମହାକାଳପଡ଼ା ବ୍ଲକ ଅଞ୍ଚଳର ଜଣେ ମହିଳାଙ୍କୁ ଅଶ୍ଳୀଳ ଭିଡିଓ ଦେଖାଇ ବ୍ଲାକମେଲିଂ କରାଯାଉଥିବା ଅଭିଯୋଗ ହୋଇଛି। ପୁଲିସ ଅଭିଯୋଗ ପାଇବା ପରେ ୧୬୧ ଧାରାରେ ମହିଳାଙ୍କ ବୟାନ ରେକର୍ଡ କରିଛି। ତାଙ୍କର ଜଣେ ବନ୍ଧୁ ଅନେକ ସମୟରେ ଘରକୁ ଆସନ୍ତି। ସରଳତାର ସୁଯୋଗ ନେଇ ମହିଳାଙ୍କ ବିଭିନ୍ନ ପ୍ରକାରର ଆପତ୍ତିଜନକ ଫଟୋ ଓ ଭିଡିଓ କୌଣସି ପ୍ରକାରରେ ଉଠାଇଥିଲେ। ପରେ ଏହା ଦେଖାଇ ମହିଳାଙ୍କୁ ଆର୍ଥିକ ଶୋଷଣ ଆରମ୍ଭ କରିଥିଲେ। ଟଙ୍କା, ସୁନା, ନେବାପରେ ପୁଣି ଏକ ବଡ଼ ପରିମାଣର ଅର୍ଥ ଦାବି କରିଥିଲେ। ଏହା ମହିଳାଙ୍କୁ ଅସହ୍ୟ ହେବାରୁ ସେ ସ୍ୱାମୀଙ୍କୁ ଜଣାଇଥିଲେ ଓ ଥାନାରେ ଅଭିଯୋଗ ହୋଇଥିଲା। ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ଦୁଃଖର କଥା ସମ୍ପୃକ୍ତ ଥାନାର କୌଣସି ଅଧିକାରୀ ଏ ସମ୍ପର୍କରେ ମୁହଁ ଖୋଲୁ ନ ଥିବା ଜଣାପଡ଼ିଛି।

## ବ୍ରାଉନସୁଗର ଜବତ, ଜଣେ ଗିରଫ

**କେନ୍ଦ୍ରାପଡ଼ା, ୧୩।୯ (ସମିସ):** ଟାଉନ ଥାନା ପୁଲିସ ଗୋପ ନିକଟରୁ ଜଣେ ଯୁବକଙ୍କ ପାଖରୁ ବ୍ରାଉନସୁଗର ପ୍ୟାକେଟ ଜବତ କରିବା ସହ ତାଙ୍କୁ ଗିରଫ କରିଛି। ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ଟାଉନ ଥାନା ପୁଲିସ ଚଢ଼ଉ କରି ଗୋପ ଗ୍ରାମର ନାରାୟଣ ପରିଡ଼ାଙ୍କ ପୁଅ ଜ୍ଞାନଦୀପ ପରିଡ଼ାଙ୍କ ପାଖରୁ ୮.୬୨ ଗ୍ରାମର ବ୍ରାଉନସୁଗର ଜବତ କରି ତାଙ୍କୁ ଗିରଫ କରିଥିଲା। ଏ ନେଇ ଏକ ମାମଲା ରୁଜୁ କରି ଜ୍ଞାନଦୀପକୁ କୋର୍ଟ ଚାଲାଣ କରାଯାଇଥିବା ଥାନା ଅଧିକାରୀ ଦିଲ୍ଲୀପ ସାହୁ ସୂଚନା ଦେଇଛନ୍ତି।

## ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ଅଭିଯୋଗ

**ଡେରାବିଶ, ୧୩।୯ (ସମସ):** ଲକ୍ଷ୍ମୀନାରାୟଣପୁର ପଞ୍ଚାୟତ ଅନ୍ତର୍ଗତ କରତକଳ କ୍ଲଷ୍ଟର ନିକଟରେ ଥିବା ଏକ ମୋବାଇଲ ଟାୱାରରୁ ବ୍ୟାଟେରି ଚୋରି ହୋଇଥିବା ନେଇ ଡେରାବିଶ ଥାନାରେ ଅଭିଯୋଗ ହୋଇଛି। ନିକିରାଇ ଥାନା ଅନ୍ତର୍ଗତ ତୁଷାର ପାତ୍ର ଏକ ମୋବାଇଲ କମ୍ପାନୀରେ ଟେକ୍ନିସିଆନ ଭାବେ କାମ କରନ୍ତି। ସେ ଅଭିଯୋଗ କରିଛନ୍ତି, ୧୦ ତାରିଖ ରାତି ୧.୩୦ରୁ ୨ଟା ମଧ୍ୟରେ ବଳଭଦ୍ରପୁର କରତକଳ କ୍ଲଷ୍ଟର ନିକଟ ମୋବାଇଲ ଟାୱାରରୁ ଆଲାର୍ମ ସିଗ୍ନାଲ ମିଳିଥିଲା। ସେ ସେଠାରେ ୪୦ ମିନିଟ ମଧ୍ୟରେ ପହଞ୍ଚି ଦେଖିଲେ ଟାୱାରରେ ଲାଗିଥିବା ବ୍ୟାଟେରି ଚୋରି ହୋଇଯାଇଛି। ଯାହାର ଆନୁମାନିକ ମୂଲ୍ୟ ୮୦ ହଜାର ଟଙ୍କା ହେବ। ଏ ନେଇ ସେ ଡେରାବିଶ ଥାନାରେ ଅଭିଯୋଗ କରିଥିବା କହିଛନ୍ତି।

## ସାପ କାମୁଡ଼ାରେ ମହିଳାଙ୍କ ମୃତ୍ୟୁ

**ଗୋବିନ୍ଦପୁର, ୧୩।୯ (ସମିସ):** ଆଳି ଥାନା ଅନ୍ତର୍ଗତ ଅନ୍ତର୍ଗତ କେତୁଆପାଳ ଗ୍ରାମର ଗୋବିନ୍ଦ ସେଠୀଙ୍କ ପତ୍ନୀ ମଞ୍ଜୁ ସେଠୀ ସାପ କାମୁଡ଼ାରେ ମୃତ୍ୟୁବରଣ କରିଛନ୍ତି। ସେ ବିଲକୁ ଯାଇଥିବାବେଳେ ସାପ କାମୁଡ଼ି ଦେଇଥିଲା। ତାଙ୍କୁ ଝିଂଝାରପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିବାବେଳେ ଡାକ୍ତର ମୃତ ଘୋଷଣା କରିଥିଲେ।

## ଅବସରପ୍ରାପ୍ତ ବରିଷ୍ଠ ଯନ୍ତ୍ରୀଙ୍କ ପରଲୋକ



**ପଞ୍ଚୁପାଣ୍ଡବ, ୧୩।୯ (ସମିସ):** ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ କଂସାରିପାଟଣା ଗ୍ରାମର ବାୟାଧର ମହାପାତ୍ରଙ୍କ ପରଲୋକ ହୋଇଯାଇଛି। ଶୁକ୍ରବାର ଦିନ ରାତିରେ ଅସୁସ୍ଥ ହୋଇପଡ଼ିବାରୁ ତାଙ୍କୁ ଡେରାବିଶ ସ୍ୱାସ୍ଥ୍ୟକେନ୍ଦ୍ରକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସେ ପାରାଦୀପ ବନ୍ଦରରେ ଇଞ୍ଜିନିୟର ଭାବେ କାର୍ଯ୍ୟରତ ଥିବାବେଳେ ୨୦୦୫ରେ ଅବସର ନେଇଥିଲେ। ଗ୍ରାମ ଶ୍ମଶାନରେ ଶେଷକୃତ୍ୟ ସମ୍ପନ୍ନ କରାଯାଇଥିଲାବେଳେ ସାନପୁଅ ସପନ ମହାପାତ୍ର ମୁଖାଗ୍ନି ଦେଇଥିଲେ।

## ରାସ୍ତାକଡ଼କୁ ଓଲଟିଲା ଟାଟା ଏସି

**ଡେରାବିଶ, ୧୩।୯ (ସମିସ):** କଟକ-ଚାନ୍ଦବାଲି ରାସ୍ତାର ଚାନ୍ଦୋଳ କଲେଜ ଛକ ନିକଟରେ ଆଜି ସକାଳେ ଏକ ଟାଟା ଏସି ଭାରସାମ୍ୟ ହରାଇ ରାସ୍ତା କଡ଼କୁ ଓଲଟି ପଡ଼ିଥିଲା। ଗାଡ଼ିଟି ରାସ୍ତାକଡ଼ରେ ଥିବା ନୟନଯୋରି ପାଣିରେ ପଡ଼ିଥିଲେ ହେଁ ବର୍ତ୍ତିଯାଇଛନ୍ତି। ଉକ୍ତ ଗାଡ଼ି କେନ୍ଦ୍ରାପଡ଼ାରୁ କଟକ ଯାଉଥିବାବେଳେ ଏଥିରେ କୌଣସି ମାଲ ବୋଝେଇ ହୋଇ ନ ଥିଲା।

## ତହସିଲଦାରଙ୍କ ଜବରଦଖଲ ସ୍ଥଳ ପରିଦର୍ଶନ

**ମହାକାଳପଡ଼ା ୧୩।୯ (ସମିସ):** ମହାକାଳପଡ଼ା ବ୍ଲକ ବଡିହ ଓ କଂସାର ବଡ଼ଦାଣ୍ଡୁଆ ପଞ୍ଚାୟତର ପଙ୍କପାଳ ଇଟାକଣ୍ଡିଆ ଗ୍ରାମରେ କିଛି ଲୋକ ସରକାରୀ ଜମି ଜବରଦଖଲ କରିଥିବା ନେଇ ତହସିଲଦାରଙ୍କ ନିକଟରେ ଅଭିଯୋଗ ହୋଇଥିଲା। ଆଜି ମହାକାଳପଡ଼ା ତହସିଲଦାର ଶିବ ମଲିକ ଓ ଅତିରିକ୍ତ ତହସିଲଦାର ପ୍ରଭଞ୍ଜନ ମିଶ୍ର ଦୁଇଟି ଗ୍ରାମ ପରିଦର୍ଶନ କରିଛନ୍ତି। ଖୁବ୍‌ଶୀଘ୍ର ଜବରଦଖଲ ଉଚ୍ଛେଦ ହେବ ବୋଲି ତହସିଲଦାର ଶ୍ରୀ ମଲିକ କହିଛନ୍ତି।

## ମୃତ ଯୁବକଙ୍କ ପରିବାରକୁ ଭେଟିଲେ କଂଗ୍ରେସ ନେତା

**ମହାକାଳପଡ଼ା, ୧୩।୯ (ସମିସ):** ପେଟଛେଲା ପଞ୍ଚାୟତ ବିବି କଲୋନୀର ସୁନୀଲ ଦେବନାଥଙ୍କ ପୁଅ ଅଭିଜିତ ଦେବନାଥ (୨୨)ଙ୍କ ବିଦ୍ୟୁତ୍ ଆଘାତରେ ମୃତ୍ୟୁ ହୋଇଯାଇଥିଲା। ଏ ଖବର ପାଇ ମହାକାଳପଡ଼ା ନିର୍ବାଚନମଣ୍ଡଳୀର କଂଗ୍ରେସ ନେତା ବିଭ୍ରାଂଶୁ ଲେଙ୍କା ଆଜି ମୃତ ଯୁବକଙ୍କ ପରିବାରକୁ ଭେଟି ସମବେଦନା ଜଣାଇଛନ୍ତି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ



**ରାଜନଗର, ୧୩।୯ (ସମିସ):** ଶ୍ରୀଶ୍ରୀ ଜଗନ୍ନାଥ ମହାବିଦ୍ୟାଳୟରେ ୟୁଥ ରେଡ୍‌କ୍ରସ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରାଯାଇଛି। ଅଧ୍ୟକ୍ଷ ମେଜର ମନୋରଞ୍ଜନ ମହାନ୍ତିଙ୍କ ପୌରୋହିତରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ୟୁଥ ରେଡ୍‌କ୍ରସ କାଉନସେଲର ମୁଖ୍ୟ ଅଧ୍ୟାପିକା ରାଜଶ୍ରୀ ସାମନ୍ତ ଯୋଗଦେଇ ଜଳବାୟୁ ପରିବର୍ତ୍ତନ ଫଳରେ ଯେଉଁ ବିପର୍ଯ୍ୟୟ ସୃଷ୍ଟି ହୁଏ ତାହାକୁ ଆମେ ପ୍ରାଥମିକ ଚିକିତ୍ସା ଦ୍ୱାରା ପ୍ରଭାବିତ ଲୋକଙ୍କ ଉପକାର କରି ଜୀବନ ବଞ୍ଚାଇ ପାରିବା ବୋଲି ବୁଝାଇଥିଲେ। ଗଣିତ ଅଧ୍ୟାପକ ସନ୍ଦୀପ ମହାପାତ୍ର ଘରୋଇ ପ୍ରାଥମିକ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ପ୍ରାଣୀ ବିଜ୍ଞାନ ମୁଖ୍ୟ ଅଧ୍ୟାପିକା ଅନୁସୟା ବେହେରା କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

### ଡେରାବିଶ କଲେଜ



ଦୁମୁକାହାଟସ୍ଥ ଡେରାବିଶ ମହାବିଦ୍ୟାଳୟ ସଭାକକ୍ଷରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଜାତୀୟ ସେବା ଯୋଜନା ଓ ଯୁବ ରେଡକ୍ରସ ପକ୍ଷରୁ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅଧ୍ୟକ୍ଷ ଚନ୍ଦ୍ରଶେଖର ନାୟକ ସଭାପତିତ୍ୱ କରିଥିଲେ। ମୁଖ୍ୟଅତିଥି ଭାବେ ଡେରାବିଶ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧିକାରୀ ଡ. ଦେବାଶିଷ ସାହୁ ଯୋଗଦେଇ ରୋଗ ନିରାକରଣ କ୍ଷେତ୍ରରେ ପ୍ରାଥମିକ ଚିକିତ୍ସାର ଥିବା ଗୁରୁତ୍ୱପୂର୍ଣ୍ଣ ଭୂମିକା ସମ୍ବନ୍ଧରେ କହିଥିଲେ। ଉତ୍ତମ ସ୍ୱାସ୍ଥ୍ୟ ପାଇଁ ସୁଷମ ଖାଦ୍ୟ, ନିୟମିତ ବ୍ୟାୟାମ ଓ ସୁଖନିଦ୍ରାର ଆବଶ୍ୟକତା ରହିଛି ବୋଲି ଛାତ୍ରଛାତ୍ରୀଙ୍କୁ ବୁଝାଇଥିଲେ। ଛାତ୍ରଛାତ୍ରୀ ଫାଷ୍ଟଫଡ୍ ବର୍ଜନ କରିବା ପାଇଁ କହିଥିଲେ। ଅଧ୍ୟାପକ ନଗେନ୍ଦ୍ର ପାଣି, ବିଶ୍ୱଜିତ ସାହୁ, ସଞ୍ଜୟ ମିଶ୍ର, ଜାତୀୟ ସେବା ଯୋଜନା ପିଓ ରଘୁନାଥ ସାହୁ, ଷ୍ଟାଲିନ ଦିଗଲ ଓ ଅଧ୍ୟାପିକା ଶୁଭଶ୍ରୀ ପଣ୍ଡା ପ୍ରମୁଖ ଯୋଗଦେଇ ପ୍ରାଥମିକ ଚିକିତ୍ସା ସମ୍ପର୍କରେ ମତ ରଖିଥିଲେ। ସଭାକୁ ଅଧ୍ୟାପିକା ଆକାଂକ୍ଷା ଦାସ ପରିଚାଳନା କରିଥିବାବେଳେ ଡଃ ଶଶୀକାନ୍ତ ମଲ୍ଲିକ ଧନ୍ୟବାଦ ଅର୍ପଣ କରିଥିଲେ।

### ଚାନ୍ଦୋଳ କଲେଜ



ଚାନ୍ଦୋଳସ୍ଥ ହୃଦୟାନନ୍ଦ ନାୟକ ସ୍ମାରକୀ ମହାବିଦ୍ୟାଳୟରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଅଧ୍ୟକ୍ଷ ପ୍ରାଧ୍ୟାପକ ଅକ୍ଷୟ ବଳଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ କେନ୍ଦ୍ରାପଡ଼ା ଜିଲ୍ଲା ଅତିରିକ୍ତ ଚିକିତ୍ସା ଅଧିକାରୀ ଡ. ସଚିଦାନନ୍ଦ ମିଶ୍ର ଯୋଗଦେଇ ପ୍ରାଥମିକ ଚିକିତ୍ସା କିପରି ଗୁରୁତ୍ୱପୂର୍ଣ୍ଣ ଓ ଏହା କିପରି ଲୋକଙ୍କୁ ବିଭିନ୍ନ ଦୁର୍ଘଟଣା ସମୟରେ ଅକାଳ ମୃତ୍ୟୁମୁଖରୁ ବଞ୍ଚାଇଥାଏ କହିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ପ୍ରଦୀପ ରାଉତ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିବାବେଳେ ଅଧ୍ୟାପକ ପ୍ରତାପ ଜେନା, ଶଶୀଭୂଷଣ ଜେନା, ବରଦା ପ୍ରସାଦ ଜେନା, ଦିବ୍ୟକୁମାର ଦାସ ସହଯୋଗ କରିଥିଲେ।

## ସମ୍ଭାଗସ୍ତରୀୟ ପ୍ରଧାନଆଚାର୍ଯ୍ୟ ସମ୍ମିଳନୀ





**ପଟ୍ଟାମୁଣ୍ଡାଇ, ୧୩।୯ (ସମିସ):** ପଟ୍ଟାମୁଣ୍ଡାଇ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରରେ ସମ୍ଭାଗସ୍ତରୀୟ ଦୁଇଦିନିଆ ପ୍ରଧାନଆଚାର୍ଯ୍ୟ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ପ୍ରସନ୍ନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗଦେଇ ସାମ୍ପ୍ରତିକ ଶିକ୍ଷା ବ୍ୟବସ୍ଥା ଉପରେ ଆଲୋକପାତ କରିଥିଲେ। କେନ୍ଦ୍ରାପଡ଼ା ଜିଲ୍ଲା ପ୍ରମୁଖ କପିଳ ମିଶ୍ର ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଶିଶୁ ବିଦ୍ୟାମନ୍ଦିର ସମ୍ପାଦକ ଶ୍ରୀଧର ରାଉତ ସ୍ୱାଗତ ଭାଷଣ ଓ ପ୍ରଧାନଆଚାର୍ଯ୍ୟ ପ୍ରଭାତ ନାୟକ ଅତିଥି ପରିଚୟ ପ୍ରଦାନ କରିଥିଲେ। ସମ୍ଭାଗ ସଂଯୋଜକ ତୁଷାର ଦାଶ ସାମୂହିକ ତଥ୍ୟ ପ୍ରଦାନ କରିଥିଲେ। ପଟ୍ଟାମୁଣ୍ଡାଇ ସଙ୍କୁଳ ପ୍ରମୁଖ ପ୍ରଦୀପ ମଲିକ, ଶିଶୁ ବିଦ୍ୟାମନ୍ଦିର କୋଷାଧ୍ୟକ୍ଷ ଡ. ରବିନାରାୟଣ ଦାସ ଯୋଗ ଦେଇଥିଲେ। ସହସମ୍ପାଦକ ଦେବାଶିଷ ପଣ୍ଡା ଧନ୍ୟବାଦ ଦେଇଥିଲେ। ଓଡ଼ିଶା ଶିକ୍ଷା ବିକାଶ ସମିତି ଆନୁକୂଲ୍ୟରେ ଆୟୋଜିତ ଉତ୍ତର-ପୂର୍ବ ସମ୍ଭାଗ ପ୍ରଧାନଆଚାର୍ଯ୍ୟ ସମ୍ମିଳନୀକୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ପ୍ରମୋଦ ନାୟକ ଉଦ୍‌ଘାଟନ କରିଥିଲେ। କ୍ଷେତ୍ର ଲେଖାଗାର ପ୍ରମୁଖ ପ୍ରସନ୍ନ ବିଶ୍ୱାଳ ମୁଖ୍ୟଅତିଥି ଭାବେ ଯୋଗ ଦେଇ ମାର୍ଗଦର୍ଶନ କରିଥିଲେ। ରବିନାରାୟଣ ପଣ୍ଡା ମୁଖ୍ୟବକ୍ତା ଭାବେ ଯୋଗ ଦେଇ ଭାରତୀୟ ଜ୍ଞାନ ପରମ୍ପରା ଉପରେ ଅଭିଭାଷଣ ଦେଇଥିଲେ। ଏ ଅବସରରେ ରାଜ୍ୟସ୍ତରୀୟ ମେଧା ଓ ଶ୍ରୀଭାରତୀ କୃଷ୍ଣ ଗଣିତ ପ୍ରତିଭାରେ କୃତିତ୍ୱ ଲାଭ କରିଥିବା ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା। ସମ୍ଭାଗ ସଂଯୋଜକ ରାହାସ ମହାପାତ୍ର ସଂଯୋଜନା କରିଥିଲେ। ଏହି ସମ୍ମିଳନୀରେ ବିଭିନ୍ନ ବିଦ୍ୟାମନ୍ଦିରରୁ ଯୋଗଦେଇଥିବା ପ୍ରଧାନଆଚାର୍ଯ୍ୟ ଓ ଅତିଥିଙ୍କୁ ବିଦ୍ୟାମନ୍ଦିର ପରିଚାଳନା କମିଟି ସଭାପତି ନାୟକ, ସମ୍ପାଦକ ଶ୍ରୀଧର ରାଉତ, ସହସମ୍ପାଦକ ଦେବାଶିଷ ପଣ୍ଡା ଓ କୋଷାଧ୍ୟକ୍ଷ ଡା. ରବିନାରାୟଣ ଦାଶ ସମ୍ବର୍ଦ୍ଧିତ କରିଥିଲେ। ଏହି ଦୁଇ ଦିନିଆ ପ୍ରଧାନଆଚାର୍ଯ୍ୟଙ୍କ ସମ୍ମିଳନୀରେ ସମ୍ଭାଗ ଅନ୍ତର୍ଗତ କେନ୍ଦ୍ରାପଡ଼ା, କଟକ ଓ ଯାଜପୁର ଜିଲ୍ଲାର ୧୫୦ ପ୍ରଧାନଆଚାର୍ଯ୍ୟ ଓ ୨୦ ଜଣ ଶିକ୍ଷାବିକାଶ ସମିତି ଅଧିକାରୀ ଯୋଗ ଦେଇଥିଲେ।

## ଆଇନ କଲେଜ ପୁରାତନ ଛାତ୍ର ସଂସଦ ସମାବେଶ



**କେନ୍ଦ୍ରାପଡ଼ା, ୧୩।୯ (ସମିସ):** ଦୀନବନ୍ଧୁ ସାହୁ ଆଇନ ମହାବିଦ୍ୟାଳୟରେ ପୁରାତନ ଛାତ୍ର ସଂସଦ(ଆଲୁମ୍ନି ଆସୋସିଏସନ୍)ର ସମାବେଶ ଅନୁଷ୍ଠିତ ହୋଇଯାଇଛି। ସଭାପତି ପ୍ରଦୀପ ଦାଶଙ୍କ ସଭାପତିତ୍ୱରେ ଅନୁଷ୍ଠିତ ସମାବେଶରେ ଉପସ୍ଥିତ ସଭ୍ୟଙ୍କ ଅନୁମୋଦନ କ୍ରମେ ନୂତନ କାର୍ଯ୍ୟକାରୀ କମିଟିରେ ସଭାପତି ଭାବେ ଶାନ୍ତିସ୍ୱରୂପ ଭୂୟାଁ, ବିଭୂତି ଭୂଷଣ କର ସମ୍ପାଦକ, ହାଡ଼ିବନ୍ଧୁ ସିଂହ ଉପସଭାପତି, ଅପୂର୍ବ ସେଠୀ ସହସମ୍ପାଦକ, କୋଷାଧ୍ୟକ୍ଷ ଭାବେ ମମତାମୟୀ ସାମଲଙ୍କୁ ନିର୍ବାଚିତ କରାଯାଇଥିଲା। ସଭ୍ୟ ଭାବେ କଳିଙ୍ଗ ବେହେରା, ପ୍ରଦୀପ ଦାଶ, ନେହେରୁ ସାହୁ, ସୁଶାନ୍ତ ମହାନ୍ତି, ପ୍ରଦ୍ୟୁମ୍ନ ରାଉତ, ନିଶିଥ ଚକ୍ରବର୍ତ୍ତୀ, ଶକ୍ତିଶ୍ରୀ ଲେଙ୍କା, ପ୍ରତାପ ଦାଶ, ସେଖ ଅଜିମୁଦ୍ଦିନ, ନିହାରିକା ଦାସ ପଟ୍ଟନାୟକଙ୍କୁ ମନୋନୀତ କରାଯାଇଛି। ଉପଦେଷ୍ଟା ମଣ୍ଡଳୀରେ ଭଗବତୀ ଦାସ, ଅଧ୍ୟକ୍ଷ ରବୀନ୍ଦ୍ର ବଳ, ନୃସିଂହ ରାଉତ, ଧନେଶ୍ୱର ସାହୁ, ଅମ୍ରିତା ମିଶ୍ର, ବିନୋଦ ବେହେରା, ମାତୃଦତ୍ତ ମହାନ୍ତିଙ୍କୁ ଚୟନ କରାଯାଇଛି। କାର୍ଯ୍ୟକାରୀ କମିଟି ଶପଥ ଗ୍ରହଣ ଉତ୍ସବ ଆସନ୍ତା ୨୬ ତାରିଖରେ ହେବ।

## ୮୦ ହଜାର ଟଙ୍କାର ବ୍ରାଉନସୁଗର ଜବତ



**ପଟ୍ଟାମୁଣ୍ଡାଇତା, ୧୩।୯ (ସମିସ):** ଆଦର୍ଶ ଥାନା ପୁଲିସକୁ ମିଳିଛି ବଡ଼ ସଫଳତା। ସ୍ଥାନୀୟ ପୁଲିସ ଜଣେ ଯୁବକଠାରୁ ୮ ଗ୍ରାମ ୭୭୦ ମିଲିଗ୍ରାମ ବ୍ରାଉନସୁଗର ଜବତ କରିଛି। ପଟ୍ଟାମୁଣ୍ଡାଇ ଅଞ୍ଚଳରେ ବ୍ୟାପକ ବ୍ରାଉନସୁଗର କାରବାର ହେଉଥିବା ନେଇ ଅଭିଯୋଗ ହୋଇଆସୁଥିଲା। କେନ୍ଦ୍ରାପଡ଼ା ଏସ୍‌ପି ସିର୍ଦ୍ଧାଥ କଟାରିଆଙ୍କ ନିର୍ଦ୍ଦେଶରେ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ପୁଲିସ ଅଭିଯାନ ଆରମ୍ଭ କରିଛି। ପଟ୍ଟାମୁଣ୍ଡାଇ ସ୍ମାର୍ଟ ପାର୍କ ନିକଟରେ ବ୍ରାଉନସୁଗର କାରବାର ହେଉଥିବା ଖବର ପାଇ ପଟ୍ଟାମୁଣ୍ଡାଇ ଆଦର୍ଶ ଥାନା ଅଧିକାରୀ ବନ୍ଦନା ପାତ୍ର ପୁଲିସ ଫୋର୍ସ ସହ ଚଢ଼ଉ କରି ୮ ଗ୍ରାମ ଓ ୭୭୦ ମିଲିଗ୍ରାମ ବ୍ରାଉନସୁଗର ଜବତ କରିବା ସହିତ ପବନ ମଲିକ ନାମକ ଯୁବକକୁ ଗିରଫ କରିଥିଲେ। ଏ ନେଇ ଏକ ମାମଲା ରୁଜୁ କରାଯାଇ ପବନକୁ କୋର୍ଟ ଚାଲାଣ କରାଯାଇଛି।

### ଦୁର୍ଗାପୂଜା ପାଇଁ ଶାନ୍ତି କମିଟି ବୈଠକ

# ବାଜିବନି ଡିଜେ, ଫୁଟିବନି ବାଣ

**ରାଜନଗର, ୧୩।୯ (ସମିସ)**





ରାଜନଗରର ସର୍ବପ୍ରାଚୀନ ଭାଇଚାରାର ଅନନ୍ୟ ପର୍ବ ଶାରଦୀୟ ଦୁର୍ଗାପୂଜାକୁ ଶାନ୍ତିଶୃଙ୍ଖଳାର ସହ କରାଯିବାକୁ ଆଜି ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜନଗର ପଞ୍ଚାୟତ ସମିତି ସଭାଗୃହରେ ଶାନ୍ତି କମିଟି ସଭାପତି ତଥା ତହସିଲଦାର ଯୀଶୁକୃଷ୍ଣ ଦାସଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ଏହି ବୈଠକରେ ରାଜନଗର ବିଡିଓ ଅନିରୁଦ୍ଧ ବେହେରା, ଏଏସଆଇ ସନ୍ତୋଷ ନାୟକ, ଅଗ୍ନିଶମ ବିଭାଗର ରୋହିତ ନାୟକ, ସମସ୍ତ ପୂଜା କମିଟି କର୍ମକର୍ତ୍ତା, ବଣିକ ସଂଘ ଓ ବିଭିନ୍ନ ସରକାରୀ ଅଧିକାରୀ ଯୋଗଦେଇ ଦୁର୍ଗାପୂଜାକୁ କିପରି ଶାନ୍ତିଶୃଙ୍ଖଳାର ସହ କରାଯିବ, ସେ ନେଇ ପ୍ରସ୍ତାବ ରଖିଥିଲେ। ବୈଠକରେ ଡିଜେକୁ ବାରଣ କରାଯାଇଥିବାବେଳେ ବାଣ ନ ଫୁଟାଇବାକୁ ନିଷ୍ପତ୍ତି ହୋଇଥିଲା।

ରାଜନଗରର ଦେବୀ ଘରେ ଥାନପତି ମା' ଦୁର୍ଗାଙ୍କ ସମେତ ରାଜନଗର, ସାନବଡଗୋପାଳପୁର ଓ ଜରିମୂଳରେ ୨୮ଟି ମେଢ ଚଳିତ ବର୍ଷ ହେବ। ଷ୍ଟ୍ରିଟଲାଇଟ ମରାମତି, ବଜାରରୁ ସମସ୍ତ ଅଳିଆ ସଫେଇ ସହିତ ପାଣି ଜମୁଥିବା ସ୍ଥାନରେ ଡଷ୍ଟ ପକାଇବାକୁ ପ୍ରସ୍ତାବ ରଖିଥିଲେ। ପୂର୍ତ୍ତ ବିଭାଗ ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପ ଓ ଖାଲ ସ୍ଥାନରେ ଡଷ୍ଟ ପକାଯିବ। ଏଏସଆଇ ସନ୍ତୋଷ ନାୟକ ଶାନ୍ତିଶୃଙ୍ଖଳା ଓ ଟ୍ରାଫିକ ବ୍ୟବସ୍ଥାକୁ ବ୍ୟବସ୍ଥିତ କରିବା ଉପରେ ମତ ରଖିଥିଲେ। ପୂଜା ୪ଦିନ ସକାଳ ୮ଟାରୁ ରାତି ୧୦ଟା ପର୍ଯ୍ୟନ୍ତ ବଜାରକୁ ଗାଡ଼ି ଚଳାଚଳ ବନ୍ଦ ସହିତ ଚୋରାମଦ ବେପାରୀଙ୍କ ଉପରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ। ରାଜନଗର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପକ୍ଷରୁ ବିଭିନ୍ନ ପୂଜା ମଣ୍ଡପକୁ ୩ଦିନ ପାଇଁ ବ୍ଲିଚିଂ ଯୋଗାଇବା ସହିତ ଜନଗହଳିପୂର୍ଣ୍ଣ ସ୍ଥାନରେ କେହି ଭକ୍ତ ଯଦି ସନ୍‌ଷ୍ଟ୍ରୋକରେ ଆକ୍ରାନ୍ତ ହୁଅନ୍ତି ତେବେ ସେମାନଙ୍କୁ ଆଶୁ ଚିକିତ୍ସା ପାଇଁ ଡାକ୍ତରଖାନାରେ ସ୍ୱତନ୍ତ୍ର ବେଡ ରଖାଯିବ ବୋଲି କହିଥିଲେ।

ଚଳିତ ବର୍ଷ ୩ ଓ ୪ ତାରିଖ ଦୁଇଦିନ ଭସାଣି ଉତ୍ସବ ଅନୁଷ୍ଠିତ ହେବ। ରାତି ୧୦ଟା ପର୍ଯ୍ୟନ୍ତ ଭସାଣି ଉତ୍ସବ ଚାଲିବ। ଭସାଣି ସମୟରେ କୌଣସି ପୂଜା କମିଟି ଡିଜେ ବଜାଇ ପାରିବେନାହିଁ କିମ୍ବା ବାଣ ଫୁଟାଇବେ ନାହିଁ ବୋଲି ବୈଠକରେ ନିଷ୍ପତ୍ତି ନିଆଯାଇଛି। ବୈଠକରେ ଶାରଦୀୟ ଦୁର୍ଗାପୂଜା କମିଟି ସମ୍ପାଦକ ପ୍ରଭାତ ମିଶ୍ର ହଂସୁଆ ନଦୀରେ ମା'ଦୁର୍ଗାଙ୍କ ଚାପଖେଳ ସମୟରେ ଅନ୍ୟ ବୋଟ୍ ଉପରେ କଟକଣା ପାଇଁ ପଦକ୍ଷେପ ନେବାକୁ କହିଥିଲେ। ମା'ଙ୍କ ଭସାଣି ସମୟରେ ନଦୀରେ ୬ଟି ମେଢର ବୋଟ ସହିତ ପୁଲିସ ଓ ଅଗ୍ନିଶମ ବାହିନୀ ବୋଟକୁ ବାଦ ଦେଲେ ଅନ୍ୟକୌଣସି ବୋଟ ନଦୀରେ ଚଳାଚଳ କରିବା ଉପରେ କଟକଣା ଲଗାଯାଇଛି। ଏହି ବୈଠକରେ ଚାନ୍ଦିବାଉଁଶମୂଳ ସରପଞ୍ଚ ଚିତ୍ତରଞ୍ଜନ ପଣ୍ଡା, ସାନବଡଗୋପାଳପୁର ସରପଞ୍ଚ ଗୋଲେଖ ସ୍ୱାଇଁ, ରାଜନଗର ଜୟଦୁର୍ଗା ବଣିକ ସଂଘ ସଭାପତି ବାଇଧର ସେଠୀଙ୍କ ସମେତ ସମସ୍ତ ପୂଜା କମିଟି କର୍ମକର୍ତ୍ତା ଯୋଗ ଦେଇଥିଲେ। ଏଥିସହ ଆରଏମସି, ସ୍ୱାସ୍ଥ୍ୟ ବିଭାଗ ଓ ବିଦ୍ୟୁତ ବିଭାଗ, ପାନୀୟଜଳ ସମେତ ବିଭିନ୍ନ ଲାଇନ ଡିପାର୍ଟମେଣ୍ଟର ଅଧିକାରୀ ଯୋଗଦେଇ ସେମାନଙ୍କ ବିଭାଗ ଦ୍ୱାରା ନିଆଯିବାକୁ ଥିବା ପଦକ୍ଷେପ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ବୈଠକକୁ ତହସିଲର ବରିଷ୍ଠ କିରାଣି ପରେଶ ମଲ୍ଲିକ, ସହଦେବ ଦାସ ପ୍ରମୁଖ ପରିଚାଳନା କରିଥିଲେ।

## ବନ୍ୟା ଯୋଗୁଁ ଗାଁ ମୁହାଁ ବାର୍‌ହା

**ପଟ୍ଟାମୁଣ୍ଡାଇ, ୧୩।୯ (ସମିସ):** ପଟ୍ଟାମୁଣ୍ଡାଇ ପୌରପରିଷଦ ଅନ୍ତର୍ଗତ ଧୋୟାଞ୍ଚଳର କଷଣଅଣ୍ଟା, ବଳଦେବନଗର, ବାଲିପଡ଼ା, ତଳବାଲିପଡ଼ା, ସିଦ୍ଧପାଟଣା, ନୂଆଗାଁ, କାକୁଡିପଲ୍ଲୀ, ଅଳଭା, ତନୁପୁର ଓ ପଟ୍ଟାମୁଣ୍ଡାଇ ବ୍ଲକର ବାଲିପାଟଣା, ବାଛରା-ମଣ୍ଡପଡ଼ା ପଞ୍ଚାୟତର ବ୍ରାହ୍ମଣୀ ନଦୀ ଅବବାହିକାରେ ଥିବା ଶହ ଶହ ଏକର ପାଳ ଜମିରେ ବେଣା ଜଙ୍ଗଲ ମାଡ଼ିଯାଇଛି। ଏହି ବେଣା ଜଙ୍ଗଲରେ ବାର୍‌ହା ବାସ କରୁଛନ୍ତି। ଏହି ବାର୍‌ହା ପନିପରିବା ନଷ୍ଟ କରୁଛନ୍ତି। ଏହି ବାରହାକୁ ଧରି ଭିତରକନିକା ଅଭୟାରଣ୍ୟରେ ଛଡ଼ାଯିବାକୁ ରାଜନଗର ବନ ବିଭାଗ ନିକଟରେ ଦାବି ହୋଇଆସୁଥିଲେ ହେଁ କେହି କର୍ଣ୍ଣପାତ କରୁ ନ ଥିବାରୁ ଜନଅସନ୍ତୋଷ ସୃଷ୍ଟି ହୋଇଛି। ଅନ୍ୟପକ୍ଷରେ ଚଳିତବର୍ଷ ବ୍ରାହ୍ମଣୀ ବନ୍ୟାରେ ଧୋୟାଞ୍ଚଳ ଜଳମଗ୍ନ ହୋଇପଡ଼ିବାରୁ ବେଣା ଜଙ୍ଗଲ ପାଣିରେ ବୁଡ଼ି ରହିଥିଲା। ଫଳରେ ଏହି ଜଙ୍ଗଲରେ ବାସ କରୁଥିବା ବାର୍‌ହା ଗାଁ ମୁହାଁ ହୋଇ ଲୋକଙ୍କ ଘର ଓ ବାଡ଼ିରେ ପଶି ଆତଙ୍କ ସୃଷ୍ଟି କରିଛନ୍ତି। ଅଳଭା 'ଓ' ବଙ୍ଗଳା ପରିସର ଜଙ୍ଗଲରେ ବାର୍‌ହା ଥିବା ସ୍ଥାନୀୟ ଲୋକେ ଦେଖିଛନ୍ତି। ତେବେ ବେଣା ଜଙ୍ଗଲ ବନ୍ୟା ପାଣିରେ ବୁଡ଼ିଯିବାରୁ ପାଣିରେ ଭାସି ଯାଇ ଲୋକଙ୍କ ବାଡ଼ିରେ ଆଶ୍ରୟ ବାରହାଙ୍କୁ ଦୁର୍ବୃତ୍ତ ମାରି ଦେଇଥିବା ଆଲୋଚନା ହେଉଛି।

### ଜଳସେଚନ ବିଭାଗ ୱାଚମ୍ୟାନଙ୍କୁ ଅଶ୍ଳୀଳ ବ୍ୟବହାର ଓ ଧମକ

# ଏସ୍‌ଡିଓଙ୍କ ବିରୋଧରେ ଥାନାରେ ଅଭିଯୋଗ




**ଭଦ୍ରକ, ୧୩।୯ (ସମିସ)**

ଜଳସେଚନ ବିଭାଗର ୱାଚମ୍ୟାନଙ୍କୁ ନାଲିଆଖି, ଅଶ୍ଳୀଳ ବ୍ୟବହାର କରିବା ସହିତ ବୃଦ୍ଧା ମହିଳାଙ୍କ ଚୁଟି ଘୋଷାଡି ମାରିବା ପାଇଁ ବିଭାଗୀୟ ଏସଡିଓ ଧମକ ଦେଉଛନ୍ତି। ସରକାର ବଦଳିବା ପରେ ଏବେ କୁଜି ନେତାଙ୍କ ହାତବାରିସି ସାଜିଛନ୍ତି କିଛି ଚାଟୁକାରିତା ସରକାରୀ ବାବୁ। ଗତ ୨୦୨୩ରୁ ଜଳସେଚନ ବିଭାଗର ୱାଚମ୍ୟାନ୍ ଭାବରେ କାର୍ଯ୍ୟ କରୁଥିବା କର୍ମଚାରୀଙ୍କୁ ନିଶାସକ୍ତ ଅବସ୍ଥାରେ ଏସଡିଓ ଅଶ୍ଳୀଳ ବ୍ୟବହାର କରିବା ସହିତ ବକେୟା ପାଉଣା ଦେଉ ନ ଥିବା ନେଇ ତାଙ୍କ ବିରୋଧରେ ଚାନ୍ଦବାଲି ଥାନାରେ ଲିଖିତ ଅଭିଯୋଗ ହୋଇଛି। ଏ ନେଇ ୱାଚମ୍ୟାନ ଅଭିଷେକ ପ୍ରିୟଦର୍ଶୀ ଜେଷ୍ଠି ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ, ଚାନ୍ଦବାଲି ଜଳସେଚନ ବିଭାଗର ୱାଚମ୍ୟାନ ଭାବରେ ଅଭିଷେକ ପ୍ରିୟଦର୍ଶୀ ଜେଷ୍ଠି ୨୦୨୩ରୁ କାର୍ଯ୍ୟ କରିଆସୁଛନ୍ତି। ସେ ନିଜ ପରିବାର ସହିତ ଏକ କ୍ୱାର୍ଟରରେ ରହୁଥିଲେ; ହେଲେ କିଛି ଦିନ ପୂର୍ବରୁ ଚାନ୍ଦବାଲି ଜଳସେଚନ ବିଭାଗର ଏସଡିଓ ସୁରୋଜ ମଲ୍ଲିକ ୱାଚମ୍ୟାନଙ୍କୁ ଘର ଛାଡିବା ପାଇଁ କହିଥିଲେ। ହେଲେ ୨୦୨୩ରୁ ଆଜି ପର୍ଯ୍ୟନ୍ତ ୱାଚମ୍ୟାନ ଜଣଙ୍କ ନିଜର ପାଉଣା ପାଇନଥିବା ବେଳେ ସେ ଘର ଛାଡ଼ିବା ପାଇଁ ଅମଙ୍ଗ ହୋଇଥିଲେ। ଏଥିରେ ଉତକ୍ଷିପ୍ତ ହୋଇ ଏସ୍‌ଡିଓ ସୁରୋଜ୍ ମଲ୍ଲିକ ୱାଚମ୍ୟାନଙ୍କ ସହିତ ତାଙ୍କ ପରିବାରକୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ଘର ଖାଲି ନ କଲେ ମହିଳାଙ୍କ ଚୁଟି ଘୋଷାଡି ମାରିବା ପାଇଁ ଧମକ ଦେଇଥିବା ଅଭିଯୋଗ କରିଛନ୍ତି ଅଭିଷେକ। ଏସଡିଓଙ୍କ ବିରୋଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି। ଏ ନେଇ ଏସ୍‌ଡିଓ ଶ୍ରୀ ମଲ୍ଲିକଙ୍କୁ ଯୋଗାଯୋଗ କରିବାରୁ ଅଭିଯୋଗ ଭିତ୍ତିହୀନ ବୋଲି କହିଛନ୍ତି। ପୁଲିସ ଅଭିଯୋଗ ଅଧିକ ତଦନ୍ତ କରୁଛି।

### ଭଦ୍ରକରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୨୮୦ଟି ମୋକଦ୍ଦମା ଆପୋସ ସମାଧାନ



**ଭଦ୍ରକ, ୧୩।୯ (ସମିସ):** ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ ସେବା ପ୍ରାଧିକାରଣ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶକ୍ରମେ ଭଦ୍ରକ ଜିଲ୍ଲା କୋର୍ଟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ସଂଗ୍ରାମ କେଶରୀ ପଟ୍ଟନାୟକ ଏଥିରେ ଅଧ୍ୟକ୍ଷତା କରିଥିବାବେଳେ ଜିଲ୍ଲା ଆଇନ ସେବା ପ୍ରାଧିକାରଣ ଭାରପ୍ରାପ୍ତ ସଚିବ ଅରୋଲିପି ପରିଜା ଏହି ଲୋକ ଅଦାଲତକୁ ପରିଚାଳନା କରିଥିଲେ। ମୋଟ ୫୦୪୪୩୮୧୨.୬୫ ଟଙ୍କାରେ ୧୨୮୦ଟି ମୋକଦ୍ଦମମାର ଆପୋସ ସମାଧାନ ହୋଇଥିଲା। ସେଗୁଡ଼ିକ ମଧ୍ୟରେ ବିଭିନ୍ନ ମୋଟର ଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲର ବିଚାରାଧୀନ ଥିବା ୪୨ଟି ମାମଲାର ୩୧୭୨୧୭୦୦ ଟଙ୍କା, ୪୫ଟି ଚେକ ବାଉନ୍ସ, ପୁନରୁଦ୍ଧାର ମାମଲା ୭୫୩୧୮୪୧ ଟଙ୍କା, ୩୦ଟି ବୈବାହିକ ବିବାଦ, ୫୯୨ଟି ରାଜସ୍ୱ ମୋକଦ୍ଦମା, ୧୩୨୩୫୩ ଟଙ୍କା, ୧୧୩ଟି ଅନ୍ୟାନ୍ୟ ଦେୱାନୀ ମାମଲା, ପ୍ରାକ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କର ୨୬୮ଟି ବ୍ୟାଙ୍କ ଋଣ ମାମଲା ୬୭୫୬୦୭୯ ଟଙ୍କାରେ ବିଏସଏନଏଲର ଟେଲିଫୋନେ ବିଲ ସମ୍ବନ୍ଧୀୟ ୧୧ଟି ମାମଲା ୨୧୪୮୨ ଟଙ୍କା, ବିଦ୍ୟୁତ୍ ବିଭାଗର ୫୭ଟି ମାମଲା ୧୨୦୫୦୦୦ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରାଯାଇଥିଲା।

# କର୍ମକର୍ତ୍ତା ପରିବର୍ତ୍ତନକୁ ବିରୋଧ; ଅଦାଲତର ଦ୍ୱାରସ୍ଥ

**ବାରିକପୁର, ୧୩।୯ (ସମିସ):** ଓଡ଼ିଶା ଜୀବିକା ମିଶନ ଓ ମିଶନ ଶକ୍ତି ଜରିଆରେ ଗଠିତ ହୋଇଥିବା ଏସଏଚଜିକୁ ନେଇ ଦିନକୁ ଦିନ ବିବାଦ ବଢ଼ିବାରେ ଲାଗିଛି। କେତେବେଳେ ଏମବିକେ, ସିଆରପି, ବ୍ୟାଙ୍କ ମିତ୍ର ଆଦି କର୍ମଚାରୀ ଦରମା ପାଉନାହାନ୍ତି ତ ପୁଣି କେତେବେଳେ ଗଠିତ କମିଟିର କର୍ମକର୍ତ୍ତା ପରିବର୍ତ୍ତନ ପାଇଁ ସରକାର ନିର୍ଦ୍ଦେଶ ଦେଉଛନ୍ତି। ଯାହାକୁ ନେଇ ମହିଳାଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ପ୍ରକାଶ ପାଉଛି। ସମ୍ପ୍ରତି ପଞ୍ଚାୟତ ସ୍ତରରେ କାର୍ଯ୍ୟରତ ଥିବା ଏସଏଚଜି, ସିଏଲଏଫ ଓ ଜିପିଏଲଏଫ କର୍ମକର୍ତ୍ତାଙ୍କୁ ମୁତାବକ, ବ୍ଲକ ସ୍ତରୀୟ ବାବା ଶନିଶ୍ଚର ବିଏଲଏଫ ଜରିଆରେ ୨୨ଟି ପଞ୍ଚାୟତ ସ୍ତରୀୟ ମହାସଙ୍ଘର ସଭାପତି ଓ ସମ୍ପାଦିକା ଦୀର୍ଘ ୫ବର୍ଷ ହେବ ସ୍ୱେଚ୍ଛାକୃତ ଭାବେ କାର୍ଯ୍ୟ କରୁଛନ୍ତି। ପୂର୍ବ ସରକାର ସେମାନଙ୍କୁ କିଛିଟା ପ୍ରୋତ୍ସାହନ ରାଶି ପ୍ରଦାନ କରିଥିବା ବେଳେ ନୂତନ ସରକାର ମହିଳାଙ୍କୁ ସବୁଥିରୁ ବଞ୍ଚିତ କରିଛି। ଏହାସତ୍ତ୍ୱେ ସରକାର ଏବେ କାର୍ଯ୍ୟ କରୁଥିବା ମହିଳାଙ୍କ ସ୍ଥାନରେ ନୂତନ ନିଯୁକ୍ତି ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ତେଣୁ ପ୍ରାୟ ଅଢେଇ ହଜାର ମହିଳା ଏଭଳି ନିର୍ଦ୍ଦେଶ ନାମାକୁ ବିରୋଧ କରିଛନ୍ତି। ଏହି ପରିପ୍ରେକ୍ଷୀରେ



ପରିବର୍ତ୍ତନ କରିବା ପାଇଁ ସରକାରୀସ୍ତରରେ ନିର୍ଦ୍ଦେଶନାମା ଜାରି ହୋଇଛି। ଏନେଇ ଭଣ୍ଡାରିପୋଖରୀ ବ୍ଲକ ଅଞ୍ଚଳରେ କାର୍ଯ୍ୟ କରୁଥିବା ଏସଏଚଜି ସଭାନେତ୍ରୀ ଓ ସମ୍ପାଦିକା ତୀବ୍ର ବିରୋଧ କରିଛନ୍ତି। ଏହାକୁ ବେଆଇନ ଦର୍ଶାଇ ମହିଳାମାନେ କୋର୍ଟ ଓ ପ୍ରଶାସନ ନିକଟରେ ମଧ୍ୟ ଦ୍ୱାରସ୍ଥ ହୋଇଛନ୍ତି। ସୂଚନା ଆଜି ୨୨ଗୋଟି ପଞ୍ଚାୟତ ମହାସଙ୍ଘର ୪୪ଜଣ ସଭାନେତ୍ରୀ ଓ ସମ୍ପାଦିକା ବ୍ଲକ କାର୍ଯ୍ୟାଳୟରେ ପହଞ୍ଚି ବିଡ଼ିଓ ଓ ମିଶନ ଶକ୍ତି ଅଧିକାରୀଙ୍କୁ ଏ କ ଦାବିପତ୍ର ପ୍ରଦାନ ପାଇଁ ପ୍ରସ୍ତୁତ ହୋଇଛନ୍ତି। ଆଗାମୀ ଦିନରେ କୌଣସି ପରିବର୍ତ୍ତନ ନ କରିବା ପାଇଁ ସେମାନେ ଦାବି କରିଛନ୍ତି।

### 'ନୋ ଡିଜେ' ନିଷେଧର ସଫଳତା

# ଏମ୍‌ଏସ୍‌ଏଫ୍ ପକ୍ଷରୁ ବସ୍ତି ସର୍ଦ୍ଦାରଙ୍କୁ ସମ୍ବର୍ଦ୍ଧନା



**ଭଦ୍ରକ, ୧୩।୯ (ସମିସ):** ଭଦ୍ରକ ପୁରୁଣା ବଜାର ସ୍ଥିତ ଛଡ଼ାକ ମହଲ୍ଲାର ମାଇନରିଟି ଷ୍ଟଡେଣ୍ଟ ଫୋରମ (ଏମ.ଏସ.ଏଫ) କମିଟିର ସମ୍ପାଦକ ଶେଖ ଇମଦାଦ ଓ ସମସ୍ତ ସହଯୋଗୀଙ୍କ ଆନୁକୂଲ୍ୟରୁ ତାଜ ପ୍ୟାଲେସଠାରେ ସନ୍ଧ୍ୟା ୭ଟାରେ ବିଶିଷ୍ଟ କବି ମୁସ୍ତାକ ଗୌହରଙ୍କ ସଞ୍ଚାଳନରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। କିଛି ବର୍ଷ ପୂର୍ବେ ଏମ.ଏସ.ଏଫ କମିଟି ଗଠନ ହୋଇ ଏବେ ଶହେରୁ ଉର୍ଦ୍ଧ୍ୱ ସଭ୍ୟ ରହିଛନ୍ତି। ଉକ୍ତ କମିଟି ଗତ ୩ ବର୍ଷ ଭିତରେ ଅନେକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ କରିଛନ୍ତି। ଏଥି ମଧ୍ୟରୁ 'ନୋ ଡିଜେ ମିଶନ'କୁ ଗତ ଦୁଇ ବର୍ଷ ଧରି ପ୍ରତ୍ୟେକ ଗାଁ ଗାଁରେ ଏକ ସଭା ବସାଇ ଏହାକୁ ନିଷେଧ କରିବା ପାଇଁ ପ୍ରକଳ୍ପ କରାଇଲେ। ବହୁଚେଷ୍ଟା ଓ ପରିଶେଷରେ ଚଳିତ ହଜରତ ପ୍ରଫେଟ ମହମ୍ମଦଙ୍କ ଜୟନ୍ତୀ ତଥା ଜସ୍ନ-ଏ -ଇଦ ମିଲାଦୁନ ନବୀଙ୍କ 'ଜୁଲୁସ ଓ କାଫେଲା' ଶୋଭାଯାତ୍ରାରେ ନୋ ଡିଜେ ନିଷେଧ କରି ଶାନ୍ତିଶୃଙ୍ଖଳା ସହିତ ମଦିନା ମଇଦାନରେ ପହଞ୍ଚିଥିଲେ। ସମ୍ବର୍ଦ୍ଧନା ସଭାରେ ହଜରତ ପ୍ରଫେଟ ମହମ୍ମଦଙ୍କ ପ୍ରାୟ ୮୦ 'ଜୁଲୁସ ଓ କାଫେଲା' ସରଦାରଙ୍କୁ ଫୁଲତୋଡ଼ା, ପ୍ରମାଣପତ୍ର ଓ ଉତ୍ତରୀୟ ସହିତ ସମ୍ବର୍ଦ୍ଧନା କରାଯାଇଥିଲା। ଏହି ନୋ ଡିଜେ ମିଶନରେ ସାମିଲ ହୋଇ ସହଯୋଗ କରିଥିବାରୁ ଭଦ୍ରକର ସମସ୍ତ ମସଜିଦର ମୌଲାନା (ପଣ୍ଡିତ)ଙ୍କୁ କମିଟି ତରଫରୁ ସମ୍ବର୍ଦ୍ଧିତ କରାଯାଇଛି। ଏଥିରେ ସହଯୋଗ କରିଛି ଭଦ୍ରକ ମୁସଲିମ ଜମାତ। ମୁସଲିମ ଜମାତର ଉପ-ସଭାପତି ମହମ୍ମଦ ଜକାଉଲ୍ଲା, ସମ୍ପାଦକ ଶେଖ ସିରାଜୁଦ୍ଦିନ, ସିରତ କମିଟିର ସଭାପତି ହାଜି ଅବଦୁଲ ମୁକିତ ଖାନ, ସମ୍ପାଦକ ଇଂ. ହବିବୁଲ୍ଲା ଖାନ, କାର୍ଯ୍ୟକାରୀ ସଭାପତି ଅସରାଫ ଅଲି ଖାନ, ଲିଗଲ ସେଲ ଜମିଲ ଅଖତର ଖାନ, ନୁର ମୋଜାସ୍ସମ, ମିଡ଼ିଆ ସେଲ ଶେଖ ଅନୱର (ବାବୁ) ମିର୍ଜା ଏକ୍ରାମ ବେଗ, ଶେଖ ହବିବୁଲ୍ଲା ଓ ହାଜି କୈଉମ ଅଲିଙ୍କୁ ଫୁଲତୋଡ଼ା ସହ ଉତ୍ତରୀୟ ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସଭାରେ ମୁଖ୍ୟ ଅତିଥି ଭାବେ ଭଦ୍ରକ ଡେପୁଟି କଲେକଟର କାର୍ତ୍ତିକ ମଣ୍ଡଳ, ସମ୍ମାନିତ ଅତିଥି ଭାବେ ସମାଜସେବୀ ବିଦ୍ୟାଧର ସାହୁ, ଟୋକା ଗଣେଶର ସଭାପତି ହରୀ ନନ୍ଦୀ, ଫଜ଼ଲେ ହକଙ୍କୁ ମଧ୍ୟ ସମ୍ମାନିତ କରାଯାଇଥିଲା। ଯେଉଁ ମିଶନକୁ ଧରି ଏମ.ଏସ.ଏଫ କମିଟି ସ୍ୱପ୍ନ ଦେଖିଥିଲା ତାହା ଆଜି ଭଦ୍ରକ ଶୋଭାଯାତ୍ରା ସହରରେ ସମ୍ପୂର୍ଣ୍ଣ ସଫଳ ହୋଇଥିବାରୁ ଧନ୍ୟବାଦ ଜଣାଇଥିଲେ।

# କେରଳରୁ ପ୍ରବସୀ ଶ୍ରମିକଙ୍କ ମୃତଦେହ ଓଡ଼ିଶା ଆସିଲା

**ଭଦ୍ରକ, ୧୩।୯ (ସମିସ):** ଆଜି ସକାଳ ସାଢେ ୯ଟାବେଳେ ଶ୍ରମ ଓ କର୍ମଚାରୀ ରାଜ୍ୟ ବୀମା ବିଭାଗ ତରଫରୁ ଶ୍ରମ ଆୟୁକ୍ତ ନିର୍ଦ୍ଦେଶ ଓ ଭଦ୍ରକ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ପ୍ରଭାଗୀୟ ଶ୍ରମ ଆୟୁକ୍ତ ସଚ୍ଚିଦାନନ୍ଦ ଜେନା, ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ପ୍ରେମମଞ୍ଜରୀ ନାୟକଙ୍କ ପ୍ରଚେଷ୍ଟାରେ ସହକାରୀ ଶ୍ରମ ଅଧିକାରୀ ସଞ୍ଜିତ କୁମାର ଦେଓ ଓ ସୁରେନ୍ଦ୍ର ବିକ୍ରମ ଜେନା ପ୍ରମୁଙ୍କ ପ୍ରୟାସରେ ଭୁବନେଶ୍ୱର ବିଜୁ ପଟ୍ଟନାୟକ ଅନ୍ତର୍ଜାତୀୟ ବିମାନବନ୍ଦରରେ ଖୋର୍ଦ୍ଧା ଜିଲ୍ଲା ଶ୍ରମ ଅଧିକାରୀ ପ୍ରଭାକର ବିଶ୍ୱାଳଙ୍କ ଉପସ୍ଥିତିରେ କେରଳ ଏର୍ଣ୍ଣାକୁଲମ୍ ସ୍ଥିତ ବାର୍ଡ କଂପାନୀକୁ କାର୍ଯ୍ୟ କରିବାକୁ ଯାଇଥିବା ଭଦ୍ରକ ବ୍ଲକ କେଶପୁରା ପାଣିଭଣ୍ଡାର ନିବାସୀ ପ୍ରବାସୀ ଓଡ଼ିଆ ଶ୍ରମିକ ସ୍ୱର୍ଗତ ଇତିଶ୍ରୀ ମଲ୍ଲିକଙ୍କ ମରଶରୀରକୁ ତାଙ୍କ ଭଉଣୀ ମାମାଲି ମଲ୍ଲିକ ଓ ସମ୍ପର୍କୀୟଙ୍କୁ ବିମାନ ବନ୍ଦର ତରଫରୁ ହସ୍ତାନ୍ତର କରାଯାଇଛି। ସେହିଭଳି ସ୍ୱର୍ଗତ ଇତିଶ୍ରୀ ମଲ୍ଲିକଙ୍କ ମରଶରୀର ସହିତ ତାଙ୍କ ଭଉଣୀ ଓ ସମ୍ପର୍କୀୟଙ୍କୁ ଏକ ଆମ୍ବୁଲାନ୍ସ ଯୋଗେ ଶବ ସତ୍କାର ପାଇଁ ପୁରୀ ସ୍ୱର୍ଗଦ୍ୱାର ଅଭିମୁଖେ ପଠାଯାଇଥିଲା। ଅନ୍ୟପକ୍ଷରେ ଶ୍ରମ ବିଭାଗର ପ୍ରବାସୀ ଶ୍ରମିକ ସହାୟତା ପାଣ୍ଠି ତରଫରୁ ଜିଲ୍ଲାପାଳଙ୍କ ଅନୁମୋଦନ କ୍ରମେ ଅଗ୍ରୀମ ୪୯ ହଜାର ୫୦୦ ଟଙ୍କା ସହାୟତା ରାଶି ପ୍ରଦାନ କରାଯାଇଛି ବୋଲି ଇତିଶ୍ରୀ ମଲ୍ଲିକଙ୍କ ପରିବାର ସୂଚନା ଦେଇଥିଲେ। ପୁରୀ ସ୍ୱର୍ଗଦ୍ୱାରରେ ସୁରୁଖୁରୁରେ ଶବ ସତ୍କାର ପାଇଁ ଭଦ୍ରକ ଜିଲ୍ଲା ପ୍ରଶାସନ ଓ ଶ୍ରମ ବିଭାଗ ଯୋଗାଯୋଗ କରିଛନ୍ତି।




# ୧୦ ଶିକ୍ଷକଙ୍କୁ 'ଶିକ୍ଷା ପୁରସ୍କାର' ପ୍ରଦାନ

**ବାରିକପୁର, ୧୩।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକର ବିଭିନ୍ନ ବିଦ୍ୟାଳୟରେ ଶିକ୍ଷାଦାନ କରୁଥିବା ୧୦ ଜଣ ଶିକ୍ଷକ/ଶିକ୍ଷୟିତ୍ରୀଙ୍କୁ ଚଳିତବର୍ଷ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପ୍ରଦାନ କରାଯାଇଛି। ରହଣିଆ ଉଚ୍ଚ ବିଦ୍ୟାଳୟର ଶିକ୍ଷୟିତ୍ରୀ ସ୍ମୃତିରେଖା ନାୟକଙ୍କ ସମେତ ଅନ୍ୟ ବିଦ୍ୟାଳୟର ଶିକ୍ଷକ/ଶିକ୍ଷୟତ୍ରୀ ସ୍ମିତାରାଣୀ ସାହୁ, ଅଜୟ କୁମାର ନନ୍ଦ, ଜୟପ୍ରକାଶ ସ୍ୱାଇଁ, ଭୂପେଶ କୁମାର ଲେଙ୍କାଙ୍କୁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେହିଭଳି ପ୍ରକାଶ କୁମାର ଦାସ, ଅଜୟ ରାୟ, ଅକ୍ଷୟ ନନ୍ଦ, ଜଗନ୍ନାଥ ପଣ୍ଡା ଓ ଅଭିମନ୍ୟୁ ବେହେରା ମଧ୍ୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର ପାଇଥିବା ଜଣାପଡ଼ିଛି। ସମସ୍ତଙ୍କୁ ଶିକ୍ଷା ବିଭାଗ ପକ୍ଷରୁ ଶୁଭେଚ୍ଛା ଜ୍ଞାପନ କରାଯାଇଛି।



# ସଂସ୍କୃତ କଲେଜରେ ପ୍ରାଥମିକ ଚିକିତ୍ସା ଦିବସ

**ଭଦ୍ରକ, ୧୩।୯ (ସମିସ):** ପୁରୁଣାବଜାରସ୍ଥିତ ଦାମୋଦର ସଂସ୍କୃତ ମହାବିଦ୍ୟାଳୟ ପରିସରରେ ପ୍ରାଥମିକ ଚିକିତ୍ସା ଦିବସ ଅଧ୍ୟକ୍ଷ ଡ଼ଃ ନିତ୍ୟାନନ୍ଦ ମିଶ୍ରଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ମୁଖ୍ୟ ଅତିଥିଭାବେ ସମାଜସେବୀ ତଥା ବରିଷ୍ଠ ନାଗରିକ ମଞ୍ଚ ର ସଭାପତି ସମାଜସେବୀ ଲଲାଟେନ୍ଦୁ ମହାନ୍ତି ଯୋଗ ଦେଇ 'ପାଷ୍ଟ ଏଡ୍ ଡେ'ର ଇତିବୃତ୍ତ ସହ ଆଜିକାର ପାଣିପାଗ ପରିବର୍ତନ ସମ୍ବନ୍ଧିତ ଶୀର୍ଷକ ଉପସ୍ଥାପନ କରିଥିଲେ। ଅନ୍ୟତମ ଅତିଥି ଶୁକଦେବ ପଣ୍ଡା, ଅକ୍ଷୟ ପାଣିଗ୍ରାହୀ ଓ ପ୍ରଭାବୀ ନାୟକ ପ୍ରମୁଖ ଯୋଗଦେଇ ଉକ୍ତ ଦିବସର ମାହାତ୍ମ୍ୟ ଓ ଉପାଦେୟତା ସମ୍ପର୍କରେ ଆଲୋକପାତ କରିଥିଲେ। ମହାବିଦ୍ୟାଳୟର କର୍ମଚାରୀ ସର୍ବଶ୍ରୀ ମଧୁସୂଦନ ତ୍ରିପାଠୀ, ରଘୁନାଥ ନାୟକ ମଞ୍ଜୁଲତା ମହାପାତ୍ର ଓ ଗୌରାଙ୍ଗ ଦାସ ପ୍ରମୁଖ ସହାୟତା କରିଥିଲେ। ସ୍ୱର୍ଣ୍ଣଲତା ପାକଳ ଧନ୍ୟବାଦ ଅର୍ପଣ କରିଥିଲେ।




# ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନା ଫେଲ୍

**ଦୋଳସାହି, ୧୩।୯ (ସମିସ):** ତିହିଡି ବ୍ଲକ ଗୁଆମାଳ ପଞ୍ଚାୟତରେ ମେଗା ପାନୀୟ ଜଳ ପ୍ରକଳ୍ପ ଯୋଜନା ଫେଲ୍ ମାରିଛି। ସରକାରଙ୍କ ପକ୍ଷରୁ ପ୍ରତି ପଞ୍ଚାୟତରେ ଗାଁକୁ ଗାଁ ପିଇବା ପାଣି ଯୋଗାଇ ଦେବା ପାଇଁ ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଛି। ହେଲେ ଅଧିକାଂଶ ପ୍ରକଳ୍ପ ଅଚଳ ହୋଇପଡ଼ିଥିବାରୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ପ୍ରକାଶ ପାଇଛି। ଗୁଆମାଳ ପଞ୍ଚାୟତର ଈଷାଣପୁର, ଗଣେଶରପୁର ଓ ସଦାନନ୍ଦପୁର ଗାଁରେ ସରକାରଙ୍କ ତରଫରୁ ତିନୋଟି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ ହୋଇଥିଲା। କିନ୍ତୁ ଏହିସବୁ ପ୍ରକଳ୍ପ ଅଚଳ ହୋଇ ପଡ଼ିଥିବାବେଳେ ବିଦ୍ୟୁତ ବିଲ୍ ପ୍ରଦାନ କରାଯାଉ ଥିବା ସୂଚନା ମିଳିଛି। ଅନ୍ୟପକ୍ଷରେ ଏହି ପଞ୍ଚାୟତରେ ପିଇବା ପାଣି ଅଭାବ ନଥିବା ବେଳେ ଅନାବଶ୍ୟକ ଭାବେ ସରକାରୀ ଜୋଜାନାକୁ ବାଟବଣା କରିବା ଅର୍ଥ ହରିଲୁଟ ପାଇଁ ଏହି ମେଗା ପାନୀୟ ଜଳ ପ୍ରକଳ୍ପ ନିର୍ମାଣ କରାଯାଇଥିବା ସାଧାରଣରେ ଅଭିଯୋଗ ହୋଇଛି।

# ପ୍ରାଣକୃଷ୍ଣ ପାଠାଗାର ପକ୍ଷରୁ ଛାତ୍ରୀଙ୍କୁ ସମ୍ବର୍ଦ୍ଧନା



**ଭଣ୍ଡାରିପୋଖରୀ/ବାରିକପୁର, ୧୩।୯ (ସମିସ):** ଭଣ୍ଡାରିପୋଖରୀ ବ୍ଲକ ଅନ୍ତର୍ଗତ ବାରିକପୁର ସରକାରୀ ଉଚ୍ଚ ବିଦ୍ୟାଳୟର ଚଳିତ ବର୍ଷ ମାଟ୍ରିକ ପରୀକ୍ଷା ମାତୃଭାଷା ଓଡ଼ିଆରେ ସର୍ବୋଚ୍ଚ ମାର୍କ ରଖିଥିବା ଛାତ୍ରୀ କୁମାରୀ ପ୍ରଜ୍ଞା ପାରମିତା ଖିଲାରଙ୍କୁ ପ୍ରାଣକୃଷ୍ଣ ଧଳ ପାଠାଗାର ପକ୍ଷରୁ ସମ୍ବର୍ଦ୍ଧନା ଶନିବାର ଦିଆଯାଇଛି। ପ୍ରଧାନ ଶିକ୍ଷୟିତ୍ରୀ ସୁଜାତା ମଲ୍ଲିକଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ସଭାରେ ଶିକ୍ଷାବିତ ପ୍ରଫୁଲ୍ଲ କୁମାର ସାହୁ, ଡା. ନିରଞ୍ଜନ ଓଝା, କବି ଜଗନ୍ନାଥ ନାୟକ, ଶ୍ରୀକାନ୍ତ ଦାସ, ପାଠାଗାର ସଭାପତି ପୁରୁଷୋତ୍ତମ ଧଳ ଅତିଥିଭାବେ ଯୋଗଦେଇ ଛାତ୍ରୀ ଖିଲାରଙ୍କୁ ସମ୍ବର୍ଦ୍ଧିତ କରିବା ସହ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ରାଜ୍ୟ ଓ ଜାତୀୟ ସ୍ତରରେ ଆୟୋଜିତ ସାଇକଲ ଚାଳନା ପ୍ରତିଯୋଗିତାରେ ବିଦ୍ୟାଳୟର ଛାତ୍ର ସତ୍ୟଜିତ ଗୋଛାୟତ ଓ ଛାତ୍ରୀ ଅନସୂୟା ନନ୍ଦୀ ମେଡାଲ ଆଣି ଥିବାରୁ ଉଭୟଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା। କ୍ରୀଡା ଶିକ୍ଷକ ଜିତେନ୍ଦ୍ର କୁମାର ସାହୁ ସ୍ୱାଗତ ଓ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିକ୍ଷୟିତ୍ରୀ ପ୍ରତିଭା ସେନାପତି, ପ୍ରଜ୍ଞା ପାରମିତା ପତି, ସଞ୍ଜୁଲତା ବେହେରା, ନୀଳିମା ପଣ୍ଡା, ମାନସୀ ମାଝୀ, ସଞ୍ଜିତା ନାୟକ, ପ୍ରଭାତୀ ମହାରଣା, ମାନିନୀ ଦାସ, ଓ ଶିକ୍ଷକ ପ୍ରଦୀପ ମହାକୁଡ଼ ସଭା ପରିଚାଳନା କରିଥିଲେ। ପାଠାଗାର ସମ୍ପାଦକ ହିମାଂଶୁ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।



### ୪ ବର୍ଷରେ ପାଦ ଥାପିଲା ଲେଞ୍ଜରା ଶାରଦୀୟ ଦୁର୍ଗାପୂଜା

# ମା'ଙ୍କ ପଖାଳ ପ୍ରସାଦ ମୁଖ୍ୟ ଆକର୍ଷଣ

**ଅସୁରାଳି, ୧୩।୯ (ସମିସ):** ଧାମନଗର ବ୍ଲକ ଅନ୍ତର୍ଗତ ଫତେପୁର ପଞ୍ଚାୟତ ଲେଞ୍ଜରା ଗାଁରେ ଗତ ୧୪ ବର୍ଷ ଧରି ଶାରଦୀୟ ଦୁର୍ଗାପୂଜା ମହାସମାରୋହରେ ପାଳିତ ହୋଇଆସୁଛି। ପୂର୍ବରୁ ଏହି ପୂଜା ମାତ୍ର ୫ଜଣ ଶ୍ରଦ୍ଧାଳୁଙ୍କ ଉଦ୍ୟମରେ ଆରମ୍ଭ ହୋଇଥିଲା। ଏବେ ଶତାଧିକ ଆଧ୍ୟାତ୍ମିକ ଚେତନାର ମଣିଷ ଯୋଡି ହୋଇ ଏକ ବିରାଟ ଅନୁଷ୍ଠାନରେ ପରିଣତ ହୋଇଛି। ଭକ୍ତମାନଙ୍କ ସେଚ୍ଛାକୃତ ଅନୁଦାନ, ଗ୍ରାମବାସୀଙ୍କ ସହଯୋଗରେ ମା'ଙ୍କ ପାଇଁ ଏକ ଭବ୍ୟ ମଣ୍ଡପ ନିର୍ମିତ ହୋଇ ପୂଜାକାର୍ଯ୍ୟ ସମ୍ପନ୍ନ ହେଉଛି। ଧୂଷୁରୀ ପୁଲିସ ଓ ପୂଜା କମିଟିର ସହଯୋଗ କ୍ରମେ ପ୍ରତିବର୍ଷ ସୁଚାରୁ ତଥା ଶୃଙ୍ଖଳାରେ ମାଆଙ୍କ ମୃଣ୍ମୟୀ ମୂର୍ତ୍ତି ପୂଜା ପାଉଥିବାରୁ ବହୁ ସଂଖ୍ୟାରେ ଭକ୍ତମାନେ ଏଠାକୁ ଆସିଥାନ୍ତି। ମାଆଙ୍କ ଆଗମନ ପାଇଁ ପ୍ରତିମା, ତୋରଣ, ଆଲୋକ ସଜା, ସହିତ ଅନ୍ୟାନ୍ୟ ଆନୁଷଙ୍ଗିକ ବ୍ୟବସ୍ଥା ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଥିବା ବେଳେ ପ୍ରତ୍ୟେକ ଗ୍ରାମବାସୀ ନିଜ ନିଜ ବାସଗୃହ ଓ ଅଗଣାକୁ ଝୋଟି, ଚିତା, ମୁରୁଜ ଓ ବିଭିନ୍ନ ରଙ୍ଗ ମାଧ୍ୟମରେ ସଜ୍ଜିତ କରି ଗ୍ରାମର ରୂପକୁ ଆକର୍ଷଣୀୟ କରିଛନ୍ତି। ମା'ଙ୍କର ଷୋଡଶ ଉପଚାର ପୂଜା ମଧ୍ୟରେ କୁଷ୍ମାଣ୍ଡ ବଳି ଏକ ଆକର୍ଷଣୀୟ। ପ୍ରତ୍ୟହ ମାଆଙ୍କ ନିକଟରେ ନାନା ନୈବେଦ୍ୟ ସହିତ ଖେଚୁଡ଼ି ଓ ଅନ୍ନ ଭୋଗ ସମର୍ପଣ କରାଯାଇ ଭକ୍ତଙ୍କୁ ବଣ୍ଟନ କରାଯାଇଥାଏ। ମାଆଙ୍କର ଦଶମୀ ତିଥିରେ ସୁବାସିତ ପଖାଳ ପ୍ରସାଦ ଅନ୍ୟତମ ଆକର୍ଷଣ। ପ୍ରତିବର୍ଷ ପୂଜା ପୂର୍ବରୁ ସ୍ୱେଚ୍ଛାସେବୀ ଯୁବକମାନଙ୍କ ଦ୍ୱାରା ମଣ୍ଡପଠାରୁ ଗ୍ରାମ ପରିବେଶ ଏବଂ ସ୍ୱଚ୍ଛତା ଉପରେ ଗୁରୁତ୍ୱ ଦିଆଯାଏ। ଏହି ଅବସରରେ ନବମୀ ଦିନ ଆଞ୍ଚଳିକ କୁନି ପ୍ରତିଭାମାନଙ୍କ ମଧ୍ୟରେ ଆକର୍ଷଣୀୟ ସାଂସ୍କୃତିକ ପ୍ରତିଯୋଗିତା ଆୟୋଜନ କରାଯାଇ ପୁରସ୍କାର ପ୍ରଦାନ ଏବଂ ପାଲା, ଯାତ୍ରା ଓ ଆଧ୍ୟାତ୍ମିକ ଆଲୋଚନା, ଭଜନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥାଏ।



**ସେମାନେ ଯାହା କୁହନ୍ତି...**



ଏହି ଶାରଦୀୟ ପୂଜା ସମସ୍ତ ରୀତିନୀତି ଅନୁସାରେ ସମ୍ପାଦିତ ହୋଇଥାଏ। ମା'ଙ୍କ ପୂଜା ହଜାର ହଜାର ଶ୍ରଦ୍ଧାଳୁଙ୍କୁ ଆକର୍ଷିତ କରିଥାଏ।

**- ମନୋରଞ୍ଜନ ଗୋସ୍ୱାମୀ, ସଭାପତି**



ମା 'ଙ୍କ ସାନ୍ନିଧ୍ୟ ଲାଭ ପାଇଁ ବହୁ ଦୂରଦୂରାନ୍ତରୁ ଭକ୍ତ ଆସିଥାନ୍ତି। ଦଶମୀ ତିଥିର ଦହି ପଖାଳ ଖାଇ ତୃପ୍ତି ଲାଭ କରିଥାନ୍ତି।

**- ସଦାଶିବ ପାଣିଗ୍ରାହୀ, ସମ୍ପାଦକ।**

# ପିପି କଲେଜ ଜାତୀୟ ସେବା ଶିବିର ଉଦ୍‌ଯାପିତ



ନିଶ୍ଚିନ୍ତକୋଇଲି, ୧୩।୯ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ୧୦ଦିନ ଧରି ଚାଲିଥିବା ବର୍ଷାକାଳୀନ ସ୍ୱତନ୍ତ୍ର ଶିବିର ଉଦ୍‌ଯାପିତ ହୋଇଛି। ଅଧିକାରୀ-ଅଧ୍ୟାପକ ଶିଶିର କୁମାର ସାହୁଙ୍କ ସଂଯୋଜନାରେ ଏହି ଶିବିରରେ ୫୦ଜଣ ସ୍ୱେଚ୍ଛାସେବୀ ଯୋଗଦେଇ ପରିବେଶ ସୁରକ୍ଷା ସଂକ୍ରାନ୍ତ ବିଭିନ୍ନ କାର୍ଯ୍ୟକ୍ରମ କରିଥିଲେ। କଲେଜ ପରିସର ସମେତ ବିଭିନ୍ନ ସ୍ଥାନରେ ଚାରାରୋପଣ ଓ ଚାରା ବଣ୍ଟନ କାର୍ଯ୍ୟକ୍ରମ ମଧ୍ୟ କରାଯାଇଥିଲା। ଉଦ୍‌ଯାପନୀ ଉତ୍ସବରେ କଲେଜ ଅଧ୍ୟକ୍ଷା ଡ. ତରୁଲତା ଦେବୀଙ୍କ ସଭାପତିତ୍ୱରେ ଏଥିରେ ମୁଖ୍ୟଅତିଥି ଭାବେ ବିଶିଷ୍ଟ ପରିବେଶବିତ୍ ଶାରଦା ପ୍ରସନ୍ନ ରଥ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଫକୀର ଚରଣ ନାୟକ, ସମ୍ମାନିତ ଅତିଥିଭାବେ ଅର୍ଥନୀତି ବିଭାଗର ମୁଖ୍ୟ ଡ. ପଦ୍ମଲୋଚନ ରାଉତ, ସମାଜବିଜ୍ଞାନର ମୁଖ୍ୟ ଅମରେଶ ସ୍ୱାଇଁ, ଶାରିରୀକ ଶିକ୍ଷା ଶିକ୍ଷକ ଯୁଗାନ୍ତର ନାୟକ ପ୍ରମୁଖ ଯୋଗ ଦେଇଥିଲେ। ଏହି ଅବସରରେ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା।

# ରକ୍ତହୀନତା ପରିଚାଳନା ପ୍ରଶିକ୍ଷଣ ଶିବିର

ନିଆଳି,୧୩।୯ (ସମିସ): ଓଡିଶା ସରକାରଙ୍କ ଗ୍ରାମ ବିକାଶ ଓ ପଞ୍ଚାୟତରାଜ ବିଭାଗ ତଥା କଟକ ଜିଲ୍ଲାପରିଷଦ ମିଳିତ ଆନୁକୂଲ୍ୟରେ ନିଆଳି ପଞ୍ଚାୟତ ସମିତି ସଭାଗୃହରେ ଏକଦିବସୀୟ ରକ୍ତହୀନତା ପରିଚାଳନା ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ପଞ୍ଚାୟତସମିତି ଅଧ୍ୟକ୍ଷ ଉମେଶଚନ୍ଦ୍ର ବେହେରା ଉଦ୍‌ଘାଟନ କରିଥିଲେ। ଏବିଡିଓ ପଲ୍ଲବୀ ରାଉତଙ୍କ ସଂଯୋଜନାରେ ଗ୍ରାମବିକାଶ ପକ୍ଷରୁ ପ୍ରମୋଦ ଦାସ ଓ ନିର୍ମଳା ବେହେରା ପ୍ରଶିକ୍ଷକ ଭାବେ ଯୋଗଦେଇଥିଲେ। ବ୍ଲକସ୍ତରୀୟ ସଂଯୋଜିକା ସୁଲଗ୍ନା ମହାରଣା, ସିପି ରଶ୍ମିରଞ୍ଜନ ମିଶ୍ର ସହଯୋଗ କରିଥିବା ବେଳେ ଜିପିଡିଓ ସରିତା ବେହୁରା ପ୍ରଶିକ୍ଷଣ ପରିଚାଳନା କରିଥିଲେ। ବିଭିନ୍ନ ସରପଞ୍ଚ, ସମିତିସଭ୍ୟ, ୱାର୍ଡସଭ୍ୟ, ପିଇଓ, ଏଏନ୍ଏମ୍, ଆଶା, ଅଙ୍ଗନବାଡି ଓ ମହିଳା ସଂଘର ସଭାନେତ୍ରୀ ଓ ସଂପାଦିକା ଯୋଗଦେଇଥିଲେ।

# ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚ ଆବାହକ କମିଟିର ବୈଠକ



ଟାଙ୍ଗୀ,୧୩।୯ (ସମିସ): ଟାଙ୍ଗୀ ଚୌଦ୍ୱାର ବ୍ଲକ ଗରୁଡ଼ଗାଁ ପଞ୍ଚାୟତ ସପନପୁର ମହିମା ଆଶ୍ରମରେ ଆଞ୍ଚଳିକ ଚାଷୀ ସୁରକ୍ଷା ମଞ୍ଚର ଆବାହକ କମିଟିର ଦ୍ୱିତୀୟ ବୈଠକ ଶୁକ୍ରବାର ଅନୁଷ୍ଠିତ ହୋଇଯାଇଛି। ଯୁବ ସଂଗଠକ ପ୍ରମୋଦ କୁମାର ଜଟଙ୍କ ପୌରହିତ୍ୟରେ ଅନୁଷ୍ଠିତ ସଭାରେ ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ସୁବୋଧ ସାମଲ ଓ ହରମୋହନ ପ୍ରଧାନ ପ୍ରମୁଖ ଯୋଗଦେଇ ଫସଲ ନଷ୍ଟ କରୁଥିବା ହାତୀ, ମଇଁଷି ଓ ବାରାହା ଆଦି ବନ୍ୟଜନ୍ତୁଙ୍କୁ ରୋକିବା ନିମନ୍ତେ ଆଲୋଚନା ହେବା ସହ ଆଗାମୀ ଦିନର କାର୍ଯ୍ୟକ୍ରମ ଉପରେ ଆଲୋଚନା କରିଥିଲେ। ବୈଠକରେ ରକ୍ଷ୍ୟାନନ୍ଦ ସ୍ୱାଇଁ, ସୁବାସଚନ୍ଦ୍ର ବେହେରା, ମନୋଜ ଖିଲାର ଓ ମଧୁସୂଦନ ସାହୁଙ୍କ ସମେତ ଛଅଟି ପଞ୍ଚାୟତର କାର୍ଯ୍ୟକର୍ତ୍ତା ଯୋଗଦେଇଥିଲେ।

# ଗଞ୍ଜେଇ ଜବତ; ଜଣେ ଗିରଫ

ଭଦ୍ରେଶ୍ୱର,୧୩।୯ (ସମିସ): ଭଦ୍ରେଶ୍ୱର ଥାନା ପୁଲିସ ଉମର ଗ୍ରାମରେ ଚଢଉ କରି ଜଣେ ଚୋରା ଗଞ୍ଜେଇ ବ୍ୟବସାୟୀକୁ ଗିରଫ କରିଥିଲା ବେଳେ ତା ନିକଟରୁ ଦେଢ କେଜିରୁ ଉର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଛି। ଅଭିଯୁକ୍ତ ହେଉଛି ଉମାକାନ୍ତ ବେହେରା। ସେ ଦୀର୍ଘ ଦିନ ହେଲା ଅବାଧ ଗଞ୍ଜେଇ ବେପାର କରି ଆସୁଥିଲା ବେଳେ ଅଭିଯୋଗକ୍ରମେ ଭଦ୍ରେଶ୍ୱର ଥାନା ଆଇଆଇସି ସନ୍ଧ୍ୟାରାଣୀ ସିଂଙ୍କ ନେତୃତ୍ୱରେ ଘର ଉପରେ ଅଚାନକ ଚଢଉ କରାଯାଇ ଗଞ୍ଜେଇ ଜବତ କରାଯାଇଥିଲା ବେଳେ ଗିରଫ କରାଯାଇ କୋର୍ଟଚାଲାଣ କରାଯାଇଛି।

# କୃତୀ ଶିକ୍ଷକଙ୍କୁ ମହେଶ୍ୱର ପ୍ରତିଭା ସମ୍ମାନ



ନିଶ୍ଚିନ୍ତକୋଇଲି,୧୩।୯ (ସମିସ): ନିଶ୍ଚିନ୍ତକୋଇଲି ବ୍ଲକ ରାମକୃଷ୍ଣପୁର-ଓସ୍ତପୁର ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ଓ ଦୁଇ ଜଣ ଶିକ୍ଷୟିତ୍ରୀଙ୍କୁ ମହେଶ୍ୱର ପ୍ରତିଭା ସମ୍ମାନ ୨୦୨୫ ପ୍ରଦାନ କରାଯାଇଛି। ଓସ୍ତପୁରର ମହେଶ୍ୱର ପ୍ରତିଭା ପରିଷଦର ସଭାପତି ରବୀନ୍ଦ୍ରନାଥ ପଣ୍ଡାଙ୍କ ନିର୍ଦ୍ଦେଶକ୍ରମେ ରାଜ୍ୟସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ରୋମାଲିନ୍ ନାୟକ, ଜିଲ୍ଲାସ୍ତରୀୟ ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାରପ୍ରାପ୍ତ ଶିକ୍ଷୟିତ୍ରୀ ତନୁଶ୍ରୀ ନାୟକ ଏବଂ ବ୍ଲକସ୍ତରରେ ଗୁରୁ ଗୌରବ ସମ୍ମାନ ପାଇଥିବା ପ୍ରଧାନଶିକ୍ଷକ ନିମାଇଁ ଚରଣ ସାହୁଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ପୂର୍ବତନ ସରପଞ୍ଚ ରମେଶଚନ୍ଦ୍ର ସ୍ୱାଇଁଙ୍କ ପୌରହିତ୍ୟରେ ଏଥିରେ ସରପଞ୍ଚଙ୍କ ପ୍ରତିନିଧି ମନୋରଞ୍ଜନ ସ୍ୱାଇଁ, ସୁବାସଚନ୍ଦ୍ର ଓଝା, ଉତ୍ତମ ଚରଣ ମଲିକ, ଶରତଚନ୍ଦ୍ର ନାୟକ, ଶିକ୍ଷାବିତ ଦେବପ୍ରସାଦ କର ପ୍ରମୁଖ ତିନି ଶିକ୍ଷକଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସହକାରୀ ଚିତ୍ତରଞ୍ଜନ ପ୍ରଧାନ, ଶିକ୍ଷକ ମନୋଜ ଓଝା, ଚିତ୍ତରଞ୍ଜନ ଦଳାଇ, କଳ୍ପନା ମହାନ୍ତି, ରଶ୍ମିରେଖା ଦାସ, ଶୁଭସ୍ମିତା ନାୟକ, ସୋନୁରାଣୀ ସାହୁ, ନିରଞ୍ଜନ ପୃଷ୍ଟି, ଗୋପୀନାଥ ରାଉତ ଯୋଗ ଦେଇଥିଲେ।

## ଗ୍ରାମ୍ୟ ଉନ୍ନୟନ ବିଭାଗର ପାରିବାପଣିଆ ପଦାରେ ପଡ଼ିଲା

# ଭଙ୍ଗା ରାସ୍ତାର ମରାମତି ହେଉନି; ତେଜୁଛି ଅସନ୍ତୋଷ

ଭଦ୍ରେଶ୍ୱର,୧୩।୯ (ସମିସ):



ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗର ପ୍ରକୃତ ପାରିବାପଣିଆ ପୁଣି ଥରେ ପଦାରେ ପଡିଛି। ଦୀର୍ଘ ଦିନ ହେଲା ଏହି ଗ୍ରାମ୍ୟ ରାସ୍ତା ବିପଦସଙ୍କୁଳ ଅବସ୍ଥାରେ ପଡିରହିଛି। ଏହି ରାସ୍ତାକୁ ମରାମତି କରାଯିବା ଦିଗରେ ପ୍ରଶାସନିକ ସ୍ତରରେ କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବା କାରଣରୁ ସାଧାରଣରେ ପୁଞ୍ଜିଭୂତ ଅସନ୍ତୋଷ ଗଣଆନ୍ଦୋଳନ ରୂପ ନେବାକୁ ବସିଛି। ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡିଥିବାରୁ ଲୋକେ ଗମନାଗମନ ନିମନ୍ତେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖିନ ହେଉଛନ୍ତି। ରାହାଣିଆ-ଚମ୍ପତିପୁର ଗ୍ରାମ୍ୟ ଉନ୍ନୟନ ରାସ୍ତାର ରକ୍ଷଣାବେକ୍ଷଣା ଦାୟିତ୍ୱ ବ୍ଲକ ମାହାଙ୍ଗା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ରହିଛି। ପର୍ଯ୍ୟଟନ କ୍ଷେତ୍ରର ମାନ୍ୟତା ପାଇଥିବା ମହାପୁରୁଷ ସନ୍ଥ ଅରକ୍ଷିତ ଦାସଙ୍କ ପୀଠ ଲଳିତଗିରିକୁ ଏହି ରାସ୍ତା ଦେଇ ଦୈନନ୍ଦିନ ରାଜ୍ୟ ଓ ରାଜ୍ୟ ବାହାରର ଶହ ଶହ ପର୍ଯ୍ୟଟକ ଗମନାଗମନ ନିମନ୍ତେ ନିର୍ଭର କରିଥାନ୍ତି। ସେହିପରି ଏହି ରାସ୍ତାଟି ଯାଜପୁର ଜିଲ୍ଲାକୁ ମଧ୍ୟ ସଂଯୋଗ କରିଥାଏ। ଏହି ରାସ୍ତା ଉପରେ ଗମନାଗମନ ନିମନ୍ତେ ସ୍ଥାନୀୟ ୧୫-୨୦ଟି ଗ୍ରାମପଞ୍ଚାୟତର ଶହ ଶହ ଲୋକ ସ୍କୁଲ କଲେଜ ଛାତ୍ରଛାତ୍ରୀ ନିର୍ଭର କରିଥାନ୍ତି। ପାଇକରାପୁରଠାରେ ଏହି ରାସ୍ତାଟି ପ୍ରାୟ ୬୦ଫୁଟ ଅଂଶ ଗୋବରୀ ନଦୀକୁ ଧସେଇ ପଶିଯାଇଛି। ଦୀର୍ଘ ଦିନ ହେଲା ରାସ୍ତାଟି ବିପଦସଙ୍କୁଳ ଅବସ୍ଥାରେ ରହିଛି। ଫଳରେ ଗମନାଗମନ ନିମନ୍ତେ ସ୍ଥାନୀୟ ଲୋକେ ନାହିଁ ନ ଥିବା ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାକୁ ମରାମତି କରାଯିବା ନିମନ୍ତେ ସ୍ଥାନୀୟ ଲୋକ ପ୍ରତିନିଧି କିମ୍ବା ଗ୍ରାମ୍ୟ ଉନ୍ନୟନ ବିଭାଗର କୌଣସି ଆନ୍ତରିକତା ପ୍ରକାଶ ପାଉ ନ ଥିବା କାରଣରୁ ସାଧାରଣରେ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ତେବେ ରାସ୍ତାର ଶୋଚନୀୟ ଅବସ୍ଥା ହେତୁ ଜରୁରୀକାଳୀନ ପରିସ୍ଥିତିରେ ସ୍ଥାନୀୟ ଗ୍ରାମଗୁଡିକୁ ଦମକଳ ଗାଡି କିମ୍ବା ଆମ୍ବୁଲାନ୍ସ ଯାଇଆସି ପାରୁ ନାହିଁ। ଫଳରେ ବହୁ ସମୟରେ ଗର୍ଭବତୀ, ପ୍ରସୂତି ମହିଳା, କୋମଳମତି ଶିଶୁ ଓ ରୋଗାକ୍ରାନ୍ତ ଲୋକେ ଡାକ୍ତରଖାନାକୁ ଚିକିତ୍ସା ନିମନ୍ତେ ଯାଇ ନ ପାରି ଅକାଳରେ ମୃତ୍ୟୁମୁଖରେ ପଡୁଥିବାର ଅଭିଯୋଗ ହୋଇଛି।

ସୂଚନା ଥାଉକି ମାହାଙ୍ଗା ବ୍ଲକର ବହୁ ସ୍ଥାନରେ ଆବଶ୍ୟକତା ନଥାଇ ରାସ୍ତା ନିର୍ମାଣ କରାଯାଉଥିବାର ନଜିର ଥିଲା ବେଳେ ଏହି ରାସ୍ତା ନିର୍ମାଣ କରା ନ ଯିବା କାହା ସ୍ୱାର୍ଥରେ ବୋଲି ସାଧାରଣରେ ମତ ପ୍ରକାଶ ପାଉଛି। ରାସ୍ତା ନିର୍ମାଣରେ ଅତ୍ୟନ୍ତ ନିମ୍ନମାନର ନିର୍ମାଣ ସାମଗ୍ରୀ ବ୍ୟବହାର କାରଣରୁ ନିର୍ମାଣର ମାତ୍ର ଅଳ୍ପ ଦିନ ପରେ ରାସ୍ତାର ଅବସ୍ଥା ଶୋଚନୀୟ ହୋଇପଡୁଥିବାର ଅଭିଯୋଗ ହୋଇଛି। ପ୍ରଶାସନ ତରଫରୁ ତୁରନ୍ତ ଏହି ରାସ୍ତା ନିର୍ମାଣ କରା ନ ଗଲେ ଆଗାମୀ ଦିନରେ ସ୍ଥାନୀୟ ଲୋକେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବାକୁ ପଛାଇବେ ନାହିଁ ବୋଲି ଚରମ ଚେତାବନୀ ଦେଇଛନ୍ତି।

# ବ୍ଲକ୍ ପରିସରରେ ମହିଳାଙ୍କୁ ଦୁର୍ବ୍ୟବହାର

ଭଦ୍ରେଶ୍ୱର,୧୩।୯ (ସମିସ): ମାହାଙ୍ଗା ବ୍ଲକ କୁଆଁପାଳରେ ସ୍ପଷ୍ଟ ଦିବାଲୋକରେ କେତେକ ରାଜନୈତିକ ବ୍ୟକ୍ତି ବିଶେଷ ମହିଳାଙ୍କୁ ଅଶାଳୀନ ଆଚରଣ ପ୍ରଦର୍ଶନ କରିଥିବା ଘଟଣାକୁ ନେଇ ଗଭୀର ଅସନ୍ତୋଷ ପ୍ରକାଶ ପାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ ଦାବି ନେଇ ମହିଳାମାନେ ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ଗତକାଲି ୩୭ଟି ଗ୍ରାମପଞ୍ଚାୟତର ଏସଏଚଜି ମହିଳାମାନେ ବିଭିନ୍ନ ଦାବି ନେଇ ମାହାଙ୍ଗା ବିଡିଓଙ୍କୁ ଦାବିପତ୍ର ଦେବାକୁ ଯାଉଥିଲେ। ଏହି ସମୟରେ ମାହାଙ୍ଗା ବ୍ଲକ କୁଆଁପାଳ ପରିସରରେ ସ୍ଥାନୀୟ ଜଣେ ଲୋକପ୍ରତିନିଧିଙ୍କ ଏକାନ୍ତ ଅନୁଗତ କୁହାଯାଉଥିବା ଅଖିଳ ପ୍ରଧାନ ଓ ତାଙ୍କର ଦୁଇଜଣ ସହଯୋଗୀ ମହିଳାଙ୍କୁ ଗାଳିଗୁଲଜ କରିବା ସହ ଅଶ୍ଳୀଳ ଇଙ୍ଗିତ କରିଥିବାର ଅଭିଯୋଗ ହୋଇଛି। ଏହି ଘଟଣାର ପ୍ରତିବାଦ ମହିଳାମାନେ କରିଥିଲେ। ଏଥିରେ ପ୍ରତିହିଂସା ପରାୟଣ ହୋଇ ସମ୍ପୃକ୍ତ ବ୍ୟକ୍ତିମାନେ ମହିଳାଙ୍କୁ ଜୀବନରୁ ମାରିଦେବାକୁ ଧମକ ଦେଇଥିବାର ଅଭିଯୋଗ ହୋଇଛି। ବ୍ଲକ କାର୍ଯ୍ୟାଳୟ ପରିସରରେ ମହିଳାଙ୍କୁ ଏପରି ଦୁର୍ବ୍ୟବହାର କରାଯିବା ଅତ୍ୟନ୍ତ ନିନ୍ଦନୀୟ ଅଟେ ବୋଲି ମହିଳାମାନେ ପ୍ରକାଶ କରିଛନ୍ତି। ତୁରନ୍ତ ଅଭିଯୁକ୍ତଙ୍କୁ ଗିରଫ କରିବା ନିମନ୍ତେ ମହିଳାମାନେ ଦାବି କରିଛନ୍ତି। ଏ ସମ୍ପର୍କରେ ଇତିଶ୍ରୀ ମହାନ୍ତି ମାହାଙ୍ଗା ଥାନାରେ ଲିଖିତ ଅଭିଯୋଗ କରିଛନ୍ତି। ତେବେ ଏହି ଘଟଣା ଉପରେ ମାହାଙ୍ଗା ଥାନା ପୁଲିସ ତରଫରୁ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିବାର ଅଭିଯୋଗ ହୋଇଛି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ କରା ନ ଗଲେ ଆଗାମୀ ଦିନରେ ମହିଳାମାନେ ବାଧ ହୋଇ ଆନ୍ଦୋଳନାତ୍ମକ ପନ୍ଥା ଅବଲମ୍ବନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ଆଇନ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ହେଲେ ପିପି କଲେଜ ଅଧ୍ୟକ୍ଷା

ନିଶ୍ଚିନ୍ତକୋଇଲି,୧୩।୯ (ସମିସ): ନିଶ୍ଚିନ୍ତକୋଇଲି ପଞ୍ଚାୟତ ପ୍ରହଲ୍ଲାଦ ମହାବିଦ୍ୟାଳୟର ଅଧ୍ୟକ୍ଷା ପ୍ରାଧ୍ୟାପିକା ଡ଼ଃ ତରୁଲତା ଦେବୀ କଟକ ମଧୁସୂଦନ ଆଇନ ବିଶ୍ୱବିଦ୍ୟାଳୟର ସିଣ୍ଡିକେଟ୍ ସଦସ୍ୟ ଭାବେ ମନୋନୀତ ହୋଇଛନ୍ତି। ଓଡ଼ିଶା ବିଶ୍ୱ ବିଦ୍ୟାଳୟ ସଂଶୋଧନ ଆଇନ ୨୦୨୪ ଅନୁଯାୟୀ ରାଜ୍ୟ ସରକାରଙ୍କ ଉଚ୍ଚ ଶିକ୍ଷା ବିଭାଗ ଡ. ଶ୍ରୀମତୀ ଦେବୀଙ୍କୁ ଏହି ପଦବୀ ପାଇଁ ଚୟନ କରିଥିଲେ। ତାଙ୍କର ଏହି ଅନନ୍ୟ ସ୍ୱୀକୃତି ପାଇଁ ମହାବିଦ୍ୟାଳୟ ଅଧ୍ୟାପକ କର୍ମଚାରୀ ସଂଘ ପକ୍ଷରୁ ଏକ ସମ୍ବର୍ଦ୍ଧନା କାର୍ଯ୍ୟକ୍ରମ କରାଯାଇଛି। ଅଧ୍ୟାପକ ଡ଼ଃ ପଦ୍ମଲୋଚନ ରାଉତଙ୍କ ସଂଯୋଜନାରେ ଏଥିରେ ପ୍ରାଧ୍ୟାପକ ରଶ୍ମିରଞ୍ଜନ ପଟ୍ଟନାୟକ, ଡ. ଦେବଯାନୀ ସିହ୍ନା, ଡ. ଅଲେଖ ଚନ୍ଦ୍ର ସାମଲ, ଡ. ପ୍ରସନ୍ନ ଦାସ, ଅଧ୍ୟାପକ ନୀଳକଣ୍ଠ ସାହୁ, ଅମରେଶ ସ୍ୱାଇଁ, ଶିଶିର ସାହୁ, ଅଧ୍ୟାପକ ମାମାଲି ପ୍ରିୟଦର୍ଶିନୀ, ପ୍ରୀତିଶ୍ରୀ ଦାସ, ସୁମନରାଣୀ ବେହେରା, ପୁଷ୍ପଲତା ବେହେରା, ସୁମିତ୍ରା ମୁଦୁଲୀ, ମଧୁସ୍ମିତା ପାଲ, ଦେବସ୍ମିତା କରଙ୍କ ସମେତ କଲେଜର ସମସ୍ତ ଅଧ୍ୟାପକ ଅଧ୍ୟାପିକା ଓ କର୍ମଚାରୀମାନେ ସମ୍ବର୍ଦ୍ଧିତ କରିବା ସହ ଶୁଭେଚ୍ଛା ଜଣାଇଛନ୍ତି।

# ଗାଡି ଧକ୍କାରେ ୧୦ ଗୋରୁ ମୃତ, ୫ ଆହତ

ଚୌଦ୍ୱାର,୧୩।୯ (ସମିସ): ଚୌଦ୍ୱାର କଜଳଖଣା ଗଡା ନିକଟରେ ଏକ ରାସ୍ତା ଦୁର୍ଘଟଣାରେ ୧୦ଟି ଗୋରୁଙ୍କ ମୃତ୍ୟୁ ହୋଇଥିବା ବେଳେ ୫ଟି ଗୋରୁ ଗୁରୁତର ଆହତ ହୋଇଥିବା ଜଣାପଡିଛି। ଶୁକ୍ରବାର ବିଳମ୍ବିତ ରାତିରେ ରାସ୍ତାକଡରେ ବିଶ୍ରାମ ନେଉଥିବା ବେଳେ କେଉଁ ଅଜଣା ଗାଡି ଗୋରୁଙ୍କ ଉପରେ ଚଢିଯାଇଥିଲା। ଘଟଣାସ୍ଥଳରେ ୧୦ଟି ଗୋରୁଙ୍କ ମୃତ୍ୟୁ ହୋଇଥିଲା। ଆଉ କିଛି ଆହତ ହୋଇ ଛଟପଟ ହେଉଥିଲା ବେଳେ ରାସ୍ତା ରକ୍ତରଞ୍ଜିତ ହୋଇପଡିଥିଲା। ଖବରପାଇ ଚୌଦ୍ୱାର ପୁଲିସର ରାସ୍ତାରୁ ମୃତ ଗୋରୁଙ୍କୁ ହଠାଇବା ସହିତ ସ୍ଥାନୀୟ ଢିଅସାହିସ୍ଥିତ ମହାଦେବ ଗୋଶାଳାର କର୍ମକର୍ତ୍ତା ଆହତ ଗୋରୁଙ୍କ ଚିକିତ୍ସା ଲାଗି ଗୋରୁଗୁଡିକୁ ଗୋଶାଳାକୁ ନେଇଯାଇଥିଲେ। ଗୃହପାଳିତ ଗୋ-ମାତାଙ୍କୁ ରାସ୍ତା ଉପରକୁ ନ ଛାଡିବା ପାଇଁ ମହାଦେବ ଗୋଶାଳାର କର୍ମକର୍ତ୍ତାମାନେ ନିବେଦନ କରିଛନ୍ତି।

# ବିଦ୍ୟାଳୟରେ ମଧୁ ବର୍ଣ୍ଣବୋଧ ବଣ୍ଟନ



ଚୌଦ୍ୱାର,୧୩।୯ (ସମିସ): ମଙ୍ଗରାଜପୁର ପଞ୍ଚାୟତ ବେରେଣରାସ୍ଥିତ ସେବାଶ୍ରମ ବିଦ୍ୟାଳୟରେ ପିଲାଙ୍କୁ ମଧୁବର୍ଣ୍ଣବୋଧ ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆଦିବାସୀ ଅଧ୍ୟୁଷିତ ଅଞ୍ଚଳର ଏହି ପ୍ରାଥମିକ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ମଧ୍ୟରେ ଓଡ଼ିଆ ଭାଷା ପ୍ରତି ଆଗ୍ରହ ସୃଷ୍ଟି, ସଚେତନତା ବୃଦ୍ଧି ଓ ଶିକ୍ଷଣସ୍ତର ବୃଦ୍ଧି କରିବା ଲକ୍ଷ୍ୟରେ ବିଦ୍ୟାଳୟ ପ୍ରଧାନଶିକ୍ଷକ ବିଭିନ୍ନ ବଦାନ୍ୟ ବ୍ୟକ୍ତିଙ୍କଠାରୁ ବର୍ଣ୍ଣବୋଧ ପୁସ୍ତକ ଯୋଗାଡ଼ କରି ପ୍ରଥମର ପଞ୍ଚମ ଶ୍ରେଣୀ ପିଲାମାନଙ୍କୁ ବଣ୍ଟନ କରିଥିଲେ। କଟକ ଦିସୁମ୍ ହୋ ସମାଜର ଉପଦେଷ୍ଟା ତଥା ପଣ୍ଡୁଆ ପ୍ରାଥମିକ ବିଦ୍ୟାଳୟ ପ୍ରଧାନଶିକ୍ଷକ କୃଷ୍ଣଚନ୍ଦ୍ର ସାଣ୍ଡିଲ ୫୦ଟି ବର୍ଣ୍ଣବୋଧ ବହି ଦାନ କରିଥିଲେ।

# ମା’ ପାଇଁ ଗଛଟିଏ କାର୍ଯ୍ୟକ୍ରମ



ମାହାଙ୍ଗା,୧୩।୯ (ସମିସ): କୋଠପଦା ରଘୁନାଥ ସରକାରୀ ବିଦ୍ୟାପୀଠରେ ଚାରାରୋପଣ କାର୍ଯ୍ୟକ୍ରମ "ଏକ ପେଡ ମାଆ କେ ନାମ’ ଅନୁଷ୍ଠିତ ହୋଇଯାଇଛି। ପୁରାତନ ଛାତ୍ରସଂଘର ପ୍ରାକ୍ତନ ସଭାପତି ଅଖିଳେଶ ମହାନ୍ତିଙ୍କ ନେତୃତ୍ୱରେ ପ୍ରଧାନଶିକ୍ଷକ ପ୍ରତାପ ନାୟକ ମୁଖ୍ୟଅତିଥିଭାବେ ଯୋଗଦେଇଥିଲେ। ରାମଚନ୍ଦ୍ର ମହାପାତ୍ର, ନିରଞ୍ଜନ ମୁଦୁଲି, ହେମନ୍ତ ପ୍ରଧାନ, ବିଷ୍ଣୁପ୍ରିୟା ସେଠୀ, ବିଦ୍ୟୁଲତା ସିଂ, ମାଗୁଣି ଚରଣ ସାମଲ, ପଣ୍ଡିତ ବ୍ରଜବନ୍ଧୁ ପଲେଇ, ଅଜୟ ସ୍ୱାଇଁ, ରବୀନ୍ଦ୍ର ପୃଷ୍ଟି, ଗଣେଶ ବିହାରୀ, ଜଗନ୍ନାଥ ପଣ୍ଡା, ସନାତନ ବିହାରୀ, ଶିକ୍ଷୟିତ୍ରୀ ରଞ୍ଜୁଲତା ରାଉତ, ବାସବ ବେହେରା, ଅଜୟ ନନ୍ଦ, ନକୁଳ ଘଡେଇ ଉପସ୍ଥିତ ଥିଲେ।

ନିଶ୍ଚିନ୍ତକୋଇଲି: ନତକାଇ ବଲ୍ଲଭୀଦେବୀ ମହିଳା ଡ଼ିଗ୍ରୀ ମହାବିଦ୍ୟାଳୟ ଜାତୀୟ ସେବା ଯୋଜନା ଆନୁକୂଲ୍ୟରେ ବର୍ଷାକାଳୀନ ସ୍ୱତନ୍ତ୍ର ଶିବିର ଅବସରରେ ରମାଦେବୀ ମହିଳା ବିଶ୍ୱବିଦ୍ୟାଳୟ ନିର୍ଦ୍ଦେଶକ୍ରମେ ।’ଙ୍କ ନାମରେ ଗଛଟିଏ କାର୍ଯ୍ୟକ୍ରମ କରାଯାଇଛି। କଲେଜ ଅଧ୍ୟକ୍ଷା ଡ. ପୁଷ୍ପିତା ଜେନା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମ ଅଧିକାରୀ ଅଧ୍ୟାପିକା ଡଃ. ଜୟନ୍ତୀ ସାହୁଙ୍କ ସଂଯୋଜନାରେ ଏଥିରେ ସମ୍ମାନିତ ଅତିଥିଭାବେ ଯୁବ ରେଡ଼କ୍ରସର କାଉନସିଲର ଅଧ୍ୟାପିକା ଶୁଭଶ୍ରୀ ନାୟକ, ପ୍ରଭାବତୀ ରାଉତ, ଅଧ୍ୟାପକ ଉପେନ୍ଦ୍ର ସାହୁ, ସୂର୍ଯ୍ୟମଣୀ ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ।




## ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ପ୍ରସ୍ତୁତି ବୈଠକ

# ଦୁର୍ଗାପୂଜା ଓ ଭସାଣ ଉତ୍ସବ ଶୃଙ୍ଖଳିତ କରିବାକୁ ଗୁରୁତ୍ୱ

ଫୁଲନଖରା,୧୩।୯ (ସମିସ):




କଟକ ସଦର ଥାନାଞ୍ଚଳ ଆଞ୍ଚଳିକ ଶାନ୍ତି କମିଟି ପକ୍ଷରୁ ପ୍ରତାପନଗରୀସ୍ଥିତ ମା’ ଧାକୁଲେଇ ପୀଠରେ ଆସନ୍ତା ୨୮ ତାରିଖରୁ ଆରମ୍ଭ ହେଉଥିବା ଦୁର୍ଗାପୂଜା ଓ ଭସାଣ ଉତ୍ସବକୁ ପ୍ରଶାସନିକ ବ୍ୟବସ୍ଥା ଭିତରେ ଶାନ୍ତିଶୃଙ୍ଖଳା ସହିତ ସମାପନ ନିମନ୍ତେ ପୂର୍ବତନ ବିଧାୟକ ତଥା କଟକ ମହାନଗର ପୂଜା କମିଟି ସଂପାଦକ ପ୍ରଭାତ କୁମାର ତ୍ରିପାଠୀଙ୍କ ପୌରହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଶାନ୍ତି କମିଟିର କାର୍ଯ୍ୟକାରୀ ସଭାପତି ସ୍ୱାଧୀନଚେତା ମହାନ୍ତି ଅତିଥିଙ୍କୁ ସ୍ୱାଗତ ଓ ପରିଚୟ ପ୍ରଦାନ କରିଥିବା ବେଳେ ସଭାପତି ନିମାଇଁ ଚରଣ ଲେଙ୍କା ଓ ସଂପାଦକ ସୁରେନ୍ଦ୍ର ମହାପାତ୍ର ସଦର ଥାନାଞ୍ଚଳରେ ଥିବା ବିଭିନ୍ନ ସମସ୍ୟା ଉପରେ ଆଲୋକପାତ କରିଥିଲେ। ସହରାଞ୍ଚଳ ଭଳି କଟକ ମହାନଗର ନିଗମ ଅନ୍ତର୍ଗତ ୪ଟି ୱାର୍ଡ ଓ ୧୧ଟି ପଞ୍ଚାୟତରେ ଭସାଣି ଶୋଭାଯାତ୍ରାକୁ ରାତି ୧୦ଟା ପରିବର୍ତ୍ତେ ରାତି ୧୨ଟା ପର୍ଯ୍ୟନ୍ତ କରାଯାଉ ବୋଲି ନିବେଦନ କରିଥିଲେ। ପୂଜା ମଣ୍ଡପଗୁଡିକୁ ରିଆତି ମୂଲ୍ୟରେ ବିଦ୍ୟୁତ୍ ଯୋଗାଣ, ୨୪ ଘଣ୍ଟିଆ ପାନୀୟ ଜଳଯୋଗାଣ, ସାହି ରାସ୍ତାଗୁଡିକ ମରାମତି ଓ ଆଲୋକୀକରଣ କରିବା ପାଇଁ ମଧ୍ୟ ଅତିଥିଙ୍କର ଦୃଷ୍ଟି ଆକର୍ଷଣ କରିଥଲେ। ବୈଠକରେ ଦଳମତ ନିର୍ବିଶେଷରେ କଟକ ମେୟର ସୁବାସ ସିଂ, ନିଆଳୀ ବିଧାୟକ ଛବି ମଲ୍ଲିକ, ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳ, ପୂର୍ବତନ ମନ୍ତ୍ରୀ ବିଜୟଲକ୍ଷ୍ମୀ ସାହୁ, ବରିଷ୍ଠ କଂଗ୍ରେସ ନେତା ସୁରେଶ ମହାପାତ୍ର, ବରିଷ୍ଠ ବିଜେପି ନେତା ନୟନ କିଶୋର ମହାନ୍ତି, କଟକ ଜିଲ୍ଲା ବିଜେଡି ସଭାପତି ପ୍ରଫୁଲ୍ଲ ସିଂ, କଟକ ଜିଲ୍ଲା ବିଜେପି ସଭାପତି ସୁକାନ୍ତ ବିଶ୍ୱାଳ, ବିଜେପି ରାଜ୍ୟ ମୁଖପାତ୍ର ଦିଲ୍ଲୀପ ମଲ୍ଲିକ, ସଦର ବିଜେଡି ସଭାପତି ପ୍ରମୋଦ ମହାପାତ୍ର, କଟକ ମହାନଗର ଶାନ୍ତି କମିଟିର ସଭାପତି ଦେବେନ୍ଦ୍ର ସାହୁ, ସଂପାଦକ ଭିକାରୀ ଦାସ, କଟକ ମହାନଗର ପୂର୍ବାଞ୍ଚଳ ଶାନ୍ତି କମିଟିର ସଂପାଦକ ପ୍ରଫୁଲ୍ଲ କୁମାର ସାହୁ, ୪୮ ସଂକୀର୍ତ୍ତନ ମଣ୍ଡଳ ମହନ୍ତ ବନମାଳୀ ଦାସ, ପୂର୍ବତନ ସରପଞ୍ଚ ତଥା ବରିଷ୍ଠ ମୁରବୀ ପୀତବାସ ମହାପାତ୍ର, କର୍ପୋରେଟର ମମତା ମହାନ୍ତି, ଜନାର୍ଦ୍ଦନ ପରିଡା, ପୂର୍ଣ୍ଣିମା ସ୍ୱାଇଁ, ଲିପ୍‌ସା ନାୟକ, ଜିଲ୍ଲା ପରିଷଦ ସଭ୍ୟା ଆଶାଲତା ବେହେରା, ଗୋପାଳପୁର ମଣ୍ଡଳ ବିଜେପି ସଭାପତି ନିହାର ରଞ୍ଜନ ପଣ୍ଡା, ଶାନ୍ତି କମିଟିର ଉପଦେଷ୍ଟା ଡ. ଶରତ କୁମାର ରଥ ଓ ଆଧ୍ୟାତ୍ମିକ ସ୍ତମ୍ଭକାର ଶ୍ରୀସନ୍ନ୍ୟାସୀ ଜୀ ଓ କଟକ ସଦର ଥାନା ଅତିରିକ୍ତ ଆଇଆଇସି ରାମହରି ସେଠୀ ପ୍ରମୁଖ ସମ୍ମାନିତ ଅତିଥି ଭାବରେ ଯୋଗଦେଇ ସଦର ଅଞ୍ଚଳରେ ଥିବା ସମସ୍ୟା ଗୁଡିକୁ ଜିଲ୍ଲାପାଳଙ୍କ ନିକଟରେ ଉପସ୍ଥାପନ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସଦର ଥାନା ଅଞ୍ଚଳର ୧୧ଟି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟ ଉପସ୍ଥିତ ରହିବା ସଙ୍ଗେ ସଙ୍ଗେ ଦୁର୍ଗାପୂଜା, ଲକ୍ଷ୍ମୀପୂଜା ଓ କାଳୀ ପୂଜା କମିଟିର ସଭାପତି ଓ ସଂପାଦକମାନେ ଉପସ୍ଥିତ ରହି ନିଜ ଅଞ୍ଚଳର ବିଭିନ୍ନ ସମସ୍ୟା ଗୁଡିକୁ ଉପସ୍ଥାପନ କରିଥିଲେ। ନଳିନୀ ସେନାପତି ମଞ୍ଚ ପରିଚାଳନା କରିଥିବା ବେଳେ ପ୍ରମୋଦ କୁମାର ସ୍ୱାଇଁ, ବାଦଲ ଜେନା, ଦିଲ୍ଲୀପ ସ୍ୱାଇଁ, ରାଜକିଶୋର ସ୍ୱାଇଁ, ଦିଲ୍ଲୀପ ମହାରଣା ପ୍ରମୁଖ ଆଞ୍ଚଳିକ ଶାନ୍ତି କମିଟିର ସମସ୍ତ କର୍ମକର୍ତ୍ତା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ସୁଶାନ୍ତ ମହାନ୍ତି ଧନ୍ୟବାଦ ଦେଇଥିଲେ।

# ରାଜ୍ୟ ସରକାରଙ୍କ ଉପରେ ବର୍ଷିଲେ ଟୁକୁନି




ଟିଟିଲାଗଡ଼,୧୩।୯(ସମିସ): ଟିଟିଲାଗଡ଼ ନିର୍ବାଚନ ମଣ୍ଡଳୀର ସଇଁତଲାକୁ ବିଜେଡ଼ି ସରକାର ସମୟରେ ଏନଏସି ମାନ୍ୟତା ପ୍ରଦାନ ପାଇଁ ଘୋଷଣା କରାଯାଇଥିଲା; ହେଲେ ବର୍ତ୍ତମାନର ସରକାର ରାଜ୍ୟରେ ନୂତନ ଏନଏସି ଘୋଷଣା କରିଥିବା ବେଳେ ସଇଁତଲାକୁ ବାଦ ଦେଇଛନ୍ତି। ଏହା ସଇଁତଲା ଅଞ୍ଚଳବାସୀଙ୍କ ପ୍ରତି ଏକ ବଡ଼ ଧୋକା। ସ୍ଥାନୀୟ ବିଜେଡ଼ି କାର୍ଯ୍ୟାଳୟରେ ଅନୁଷ୍ଠିତ ଏକ ସାମ୍ବାଦିକ ସମ୍ମିଳନୀରେ ପୂର୍ବତନ ମନ୍ତ୍ରୀ ଟୁକୁନି ସାହୁ ଏହା କହି ରାଜ୍ୟ ସରକାରଙ୍କ ଉପରେ ବର୍ଷିଛନ୍ତି। ଅନ୍ୟପକ୍ଷରେ ବର୍ତ୍ତମାନ ୟୁରିଆ ସାର ପାଇଁ ଅଞ୍ଚଳର ଚାଷୀଙ୍କ ମଧ୍ୟରେ ହାହାକାର ପଡିଛି। ସରକାରୀ କଳ କିନ୍ତୁ ସ୍ଥାଣୁ ପାଲଟିଛି। ଚାଷୀଙ୍କ ପ୍ରତି ସରକାରଙ୍କ ରୁକ୍ଷ ମନୋଭାବ ଅତ୍ୟନ୍ତ ନିନ୍ଦନୀୟ ଓ ଚିନ୍ତାଜନକ ବୋଲି କହି ଶ୍ରୀମତୀ ସାହୁ ତୀବ୍ର ଅସନ୍ତୋଷ ପ୍ରକାଶ କରିଛନ୍ତି। ନିର୍ବାଚନ ସମୟରେ ଟିଟିଲାଗଡ଼ ଜିଲା ଗଠନ ପାଇଁ ଲୋକଙ୍କୁ ପ୍ରତିଶ୍ରୁତି ଦେଇଥିବା ଟିଟିଲାଗଡ଼ ବିଧାୟକ ଏହାର ଜବାବ ରଖନ୍ତୁ ବୋଲି କହିଥିଲେ। ଏହା ସହ ସଇଁତଲାକୁ ଏନଏସି ମାନ୍ୟତା ଦାବି ଏବଂ ୟୁରିଆ ସାରର ଅଭାବି ବିକ୍ରି ଆଦି ରାଜ୍ୟ ସରକାରଙ୍କ ଅନେକ ଅବହେଳା ନେଇ ଆସନ୍ତା ୧୬ରେ ସଇଁତଲାଠାରେ ରାସ୍ତାରୋକ କରାଯିବ ବୋଲି ଶ୍ରୀମତୀ ସାହୁ ସୂଚନା ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ସଇଁତଲା ବ୍ଲକ ଉପାଧ୍ୟକ୍ଷ ଗୁଣସାଗର ମାଝୀ, ସରପଞ୍ଚ ସୁବ୍ରତ ନାଗ, ସମିତି ସଭ୍ୟ ଉମାକାନ୍ତ ରଣା, ସଇଁତଲା ଡ୍ରାଇଭର ସଂଘ ସଭାପତି ଦେବେନ୍ଦ୍ର ଭୋଇ, ବୁଲବୁଲ ମେହେର, ଜ୍ଞାନରଞ୍ଜନ ସରାଫ, ପୂର୍ବତନ ସରପଞ୍ଚ ଡୋଳାମଣି ଥପା, ନିଲୁ ମହାନନ୍ଦ, ସୁଜିତ ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ବ୍ୟବସାୟୀଙ୍କ ପରିବାର ଲୋକଙ୍କ ହାତଗୋଡ଼ ବାନ୍ଧି ଡକାୟତି

ଟିଟିଲାଗଡ଼,୧୩।୯(ସମିସ): ଟିଟିଲାଗଡ଼ ସହରର ହାଟପଦା ପଡାରେ ଶୁକ୍ରବାର ମଧ୍ୟ ରାତ୍ରିରେ ଏକ ବଡ଼ ଧରଣର ଡକାୟତି ହୋଇଛି। ପଡାର ବ୍ୟବସାୟୀ ବିମଲ ଅଗ୍ରୱାଲ (ମଙ୍ଗଲୁ) ଶୋଇଥିବା ବେଳେ ରାତି ପ୍ରାୟ ୧ରୁ ୨ଟା ମଧ୍ୟରେ ୮ରୁ ୧୦ ଜଣ ଦୁର୍ବୃତ୍ତ ମୁଖା ପିନ୍ଧି ଘରେ ପଶିଥିଲେ। ବିଭିନ୍ନ ମାରଣାସ୍ତ୍ର ଦେଖାଇ ଭୟଭୀତ କରିଥିଲେ। ମଙ୍ଗଲୁ ଏବଂ ତାଙ୍କ ପୁଅ ବୋହୂଙ୍କ ଗୋଡ଼ ହାତ ବାନ୍ଧି ଲୁଟପାଟ କରିଥିଲେ। ପ୍ରାୟ ୪ ଭରି ସୁନା, ୪୫ ହଜାର ଟଙ୍କା ସହ ୨ଟି ମୋବାଇଲ ଲୁଟି ନେଇଥିଲେ। ଏନେଇ ଟିଟିଲାଗଡ଼ ପୋଲିସ ପକ୍ଷରୁ ତଦନ୍ତ ଆରମ୍ଭ ହୋଇଛି।

# ରାସ୍ତା ପାଇଁ ଜାତୀୟ ରାଜପଥ ଅବରୋଧ



ସାମିଲ ହେଲେ ପୁରୁଷ, ମହିଳା ସମେତ ସ୍କୁଲ ଛାତ୍ର

ସଇଁତଲା,୧୩।୯(ସମିସ)

ବଲାଙ୍ଗୀର ଜିଲ୍ଲା ସଇଁତଲା ବ୍ଲକ ବରଗାଁସ୍ଥିତ ୨୬ ନମ୍ବର ଜାତୀୟ ରାଜପଥରୁ ଡଙ୍ଗରମୁଡ଼ାକୁ ସଂଯୋଗ ହୋଇଥିବା ରାସ୍ତା ଦୀର୍ଘ ଦିନ ହେଲା ଶୋଚନୀୟ ଅବସ୍ଥା ହୋଇପଡିଛି। ବର୍ଷର ସବୁ ସମୟରେ ଲୋକେ ସମସ୍ୟାର ସାମ୍ନା କରିବାକୁ ପଡୁଛି। ବର୍ଷା ଦିନେ ଲୋକେ ନାହିଁ ନ ଥିବା ସମସ୍ୟାର ସାମ୍ନା କରନ୍ତି। ତା ସହ ସ୍କୁଲ, କଲେଜ ଛାତ୍ରଛାତ୍ରୀ, ବ୍ୟବସାୟୀ ସାଧାରଣଲୋକଙ୍କୁ ଅନେକ ବାଧା ଦେଇଥାଏ। ତେବେ ଏ ନେଇ ଲୋକେ ଅନେକ ଥର ସ୍ଥାନୀୟ ଲୋକେ ପ୍ରଶାସନଠୁ ଆରମ୍ଭ କରି ନେତାମନ୍ତ୍ରୀଙ୍କୁ ଗୁହାରି କରିଥିଲେ ସୁଦ୍ଧା କେହି କର୍ଣ୍ଣପାତ କରୁନାହାନ୍ତି। ଏଣୁ ବାଧ୍ୟ ହୋଇ ଶନିବାର ସ୍ଥାନୀୟ ଲୋକେ ୨୬ ନମ୍ବର ଜାତୀୟ ରାଜପଥର ବରଗାଁ ଛକରେ ରାସ୍ତା ଅବରୋଧ କରିଥିଲେ। ଖବର ପାଇ ବିଜେଡି ନେତା ସୁରେନ୍ଦ୍ର ସିଂ ଭୋଇ ପହଞ୍ଚି ଏଥିରେ ସାମିଲ ହୋଇଥିଲେ।

ପରେ ଗ୍ରାମ୍ୟ ଉନ୍ନୟନ ବିଭାଗ ଯନ୍ତ୍ରୀ ମାଣିକ କୁମ୍ଭାର ଓ ଶ୍ରୀମନ୍ତ ପଣ୍ଡା ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନା କରିଥିଲେ। ୨ ମାସ ପରେ କାମ ଆରମ୍ଭ ହେବ ବୋଲି ପ୍ରତିଶ୍ରୁତି ଦେବା ପରେ ରାସ୍ତା ଅବରୋଧ ହଟିଥିଲା। ସୂନାଯୋଗ୍ୟ, ବିଜେଡି ସରକାର ଥିବା ସମୟରେ ଏହି ରାସ୍ତା ଲାଗି ୪୦୨.୬୨ ଲକ୍ଷ ଟଙ୍କା ମଞ୍ଜୁର ହୋଇଥିଲା; ହେଲେ ନିର୍ବାଚନ ହେତୁ କାମର ଟେଣ୍ଡର ହୋଇ ନ ଥିଲା। ସରକାର ପରିବର୍ତ୍ତନ ହେବା ପରେ ଏହି କାମ ଅଟକି ରହିଛି।

# ଉପରଝର-ରେଙ୍ଗାଲି ରାସ୍ତାରୁ ବନ୍ଧୁକ ଜବତ



ଦେଓଗାଁ,୧୩।୯(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ଥାନା ଉପରଝର ଅଞ୍ଚଳରେ ଦିନକୁ ଦିନ ଅପରାଧ ବୃଦ୍ଧି ପାଇବାରେ ଲାଗିଛି। ଦେଓଗାଁ ଥାନାରୁ ପ୍ରାୟ ୧୫ କିଲୋମିଟର ଦୂର ହେଉଥିବାରୁ ଅପରାଧୀ ଖୁଲମଖୁଲା ଅପରାଧ କରୁଥିବା ପ୍ରାୟ ସମୟରେ ନଜରକୁ ଆସୁଛି। ଶୁକ୍ରବାର ରାତି ପ୍ରାୟ ୮ ଟାରେ ଉପରଝର-ରେଙ୍ଗାଲି ରାସ୍ତାରେ ଦୁଇଜଣ ଯୁବକ ବାଇକରେ ଆସି ରେଙ୍ଗାଲି ଗାଁର ଜଣେ ଯୁବକଙ୍କୁ ଅଟକାଇ ବନ୍ଧୁକ ଦେଖାଇ ଭୟଭୀତ କରିବା ସହ ମାଡ ମାରିଥିଲେ। ସଂପୃକ୍ତ ଯୁବକ କୌଣସି ପ୍ରକାରେ ସେଠୁ ଚାଲିଆସି ଗାଁ ଲୋକଙ୍କୁ ଫୋନ୍ କରିଥିଲେ। ଗାଁ ଲୋକ ଠେଙ୍ଗାବାଡି ଧରି ଦୌଡିବାରୁ ଯୁବକଦ୍ୱୟ ଗୋଟିଏ ବନ୍ଧୁକ ଓ ବାଇକ୍ ଛାଡି ପଳାଇଥିଲେ। ଖବର ପାଇ ଡିଏସପି ସମର୍ଥ କେ. ବେହେରା ପହଞ୍ଚି ବନ୍ଧୁକ ଓ ବାଇକ ଜବତ କରି ତଦନ୍ତ ଜାରି ରଖିଛନ୍ତି।

● ହିନ୍ଦୀ ଭାଷା ରାଷ୍ଟ୍ରୀୟ ଏକତାର ଏକ ବଳିଷ୍ଠ ମାଧ୍ୟମ

# ମା'ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟରେ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ

ଭବାନୀପାଟଣା,୧୩।୯(ସମିସ): ମା' ମାଣିକେଶ୍ୱରୀ ବିଶ୍ୱବିଦ୍ୟାଳୟର ହିନ୍ଦୀ ବିଭାଗ ଓ ଆଇକ୍ୟୁଏସି ସେଲର ମିଳିତ ଉଦ୍ୟମରେ ଭାରପ୍ରାପ୍ତ କୁଳପତି ଡକ୍ଟର ନିବେଦିତା ନାଥଙ୍କ ଅଧ୍ୟକ୍ଷତାରେ'ରାଷ୍ଟ୍ରୀୟ ଶିକ୍ଷାନୀତି ଓ ହିନ୍ଦୀ ଭାଷା' ଶୀର୍ଷକରେ ଆଭାସୀ ନିମନ୍ତ୍ରିତ ଅଭିଭାଷଣ କାର୍ଯ୍ୟକ୍ରମ ଅନଷ୍ଠିତ ହୋଇଯାଇଛି। ଭାରପ୍ରାପ୍ତ କୁଳପତି ନିବେଦିତା ନାଥ ସ୍ୱାଗତ ଅଭିଭାଷଣ ଦେଇ ଅନ୍ୱୋଷାର ସୃଷ୍ଟି ଓ ଉଦ୍ଦେଶ୍ୟ ସଂପର୍କରେ ନିଜର ଅଭିମତ ପ୍ରକାଶ କରିଥିଲେ। ଏହି ଅଭିଭାଷଣରେ ଗୁରୁ ଘାସିଦାସ କେନ୍ଦ୍ରିୟ ବିଶ୍ୱବିଦ୍ୟାଳୟ, ବିଳାସପୁର, ଛତିଶଗଡରୁ ଡ. ଗୌରୀ ତ୍ରିପାଠୀ (ପ୍ରଫେସର, ହିନ୍ଦୀ ବିଭାଗ) ବକ୍ତାରୂପେ ଉପସ୍ଥିତ ହୋଇ ରାଷ୍ଟ୍ରୀୟ ଶିକ୍ଷାନୀତି ଆଧାରରେ ହିନ୍ଦୀ ଭାଷାର ଗୁରୁତ୍ୱ, ହିନ୍ଦୀ ଭାଷାର ଭବିଷ୍ୟତ ଓ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଗଠନରେ ହିନ୍ଦୀ ଭାଷା କେତେ ଦୂର ସମର୍ଥ ହେବ ସଂପର୍କରେ ତାତ୍ତ୍ୱିକ ବିଶ୍ଳେଷଣ କରିଥିଲେ। ହିନ୍ଦୀ ଭାଷା ରାଷ୍ଟ୍ରୀୟ ଏକତାର ଏକ ବଳିଷ୍ଠ ମାଧ୍ୟମ ବୋଲି ବକ୍ତା କହିଥିଲେ। ଉକ୍ତ ଅଭିଭାଷଣରେ ହିନ୍ଦୀ ବିଭାଗ ମୁଖ୍ୟ ଡୋଳାମଣି ଧରୁଆ ବକ୍ତାଙ୍କ ପରିଚୟ ପ୍ରଦାନ କରିଥିଲେ। ଅଧ୍ୟାପକ ଗୋବିନ୍ଦ ନାଏକ ମଞ୍ଚ ପରିଚାଳନା କରିଥିବାବେଳେ ଅଧ୍ୟାପକ ଉଦୟନାଥ ପଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ବକ୍ତା ଛାତ୍ରଛାତ୍ରୀଙ୍କ ପ୍ରଶ୍ନର ଉତ୍ତର ପ୍ରଦାନ କରି ଜିଜ୍ଞାସା ମୋଚନ କରିଥିଲେ। ହିନ୍ଦୀ ବିଭାଗର ସମସ୍ତ ଛାତ୍ରଛାତ୍ରୀ ଅନଲାଇନରେ ଯୋଡି ହୋଇ ଉକ୍ତ ଅଭିଭାଷଣ କାର୍ଯ୍ୟକ୍ରମକୁ ସଫଳ କରିଥିଲେ।

ହାତୀ ଘର ଭାଙ୍ଗିବା ଘଟଣା

# ବିପନ୍ନଙ୍କୁ ସହାୟତାର ହାତ ବଢ଼ାଇଲେ ସାମ୍ବାଦିକ

ଲାଞ୍ଜିଗଡ଼,୧୩।୯(ସମିସ):କଳାହାଣ୍ଡି ଜିଲ୍ଲା ଦକ୍ଷିଣ ବନଖଣ୍ଡ ବିଶ୍ୱନାଥପୁର ରେଞ୍ଜ ଅଞ୍ଚଳରେ ଦିନକୁ ଦିନ ହାତୀଙ୍କ ଉପଦ୍ରବ ବଢୁଥିବା ବେଳେ ମୁଷାନାଲ ସେକ୍ସନ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଡୋଡ଼ୱାଲୀ ଗାଁରେ ଦୁଇଟି ପରିବାରର ଦୁଇଟି ଘର ସମ୍ପୂର୍ଣ୍ଣ ଭାବେ ଭାଙ୍ଗିଦେଇ ରାସନ ସାମଗ୍ରୀ ସହିତ ଆସବାବପତ୍ର ନଷ୍ଟ କରି ଦେଇଥିଲେ। ସୂଚନାଯୋଗ୍ୟ ପାହାଡ଼ପଦର ପଞ୍ଚାୟତ ଅନ୍ତର୍ଗତ ପଟାଙ୍ଗପଦର ଗାଁର ଦୁଇ ପରିବାର କିଛି ବର୍ଷ ହେବ ବେନଗାଁ ପଞ୍ଚାୟତ ଅନ୍ତର୍ଗତ ଡୋଡ଼ୱାଲୀ ଗାଁରେ ରହି ପୋଡୁଚାଷ କରି ଆସୁଥିଲେ। ହେଲେ ଗତ ୮ ତାରିଖ ବିଳମ୍ବିତ ରାତିରେ ୨୨ଟିକିଆ ହାତୀ ପଲ ଗାଁକୁ ଆସି ଦୁଇଟି ଘର ସମ୍ପୂର୍ଣ୍ଣ ଭାଙ୍ଗି ଦେଇଥିବା ବେଳେ ଦୁଇଟି ପରିବାର ଅଳ୍ପକେ ବର୍ତ୍ତୀ ଯାଇଥିଲେ। କିନ୍ତୁ ଏବେ ଯାଏଁ ପ୍ରଶାସନ ପକ୍ଷରୁ ଦୁଇ ପରିବାରକୁ କୌଣସି



ସହାୟତା ମିଳିପାରିନାହିଁ। ଏହି ପରିପ୍ରେକ୍ଷୀରେ ଶନିବାର ଲାଞ୍ଜିଗଡ଼ ସାମ୍ବାଦିକ ସମୂହ ପକ୍ଷରୁ ସାମ୍ବାଦିକ ସୁଶାନ୍ତ ମାଝୀ, ଦିଲ୍ଲୀପ ନାଏକ, ମନୋଜ ଦୋରା, ତୁଳସୀ ରାମ ପ୍ରଧାନୀ, ସାଗର ବେନାଲ, ପ୍ରଦାନ ମାଝୀ,ଦେବାନନ୍ଦ ମାଝୀ ପ୍ରମୁଖ ଘଟଣା ସ୍ଥଳରେ ପହଞ୍ଚି ଦୁଇ ପରିବାରର ଦୁଗୀ ମାଝୀ ଓ ପୁରାଣା ମାଝୀଙ୍କୁ ସାକ୍ଷାତ କରି ଆର୍ଥିକ ସହାୟତା ସହ ରାସନ ସାମଗ୍ରୀ ପ୍ରଦାନ କରିଥିଲେ। ତେବେ ଉକ୍ତ ଅଞ୍ଚଳରେ ଏତେ ବଡ ଅଘଟଣରୁ ଦୁଇ ପରିବାର ଅଳ୍ପକେ ବର୍ତ୍ତୀଯାଇଥିଲେ ସୁଦ୍ଧା ଘଟଣା ସ୍ଥଳକୁ କୌଣସି ରାଜ ନେତା କିମ୍ବା ପ୍ରଶାସନ ଆସିନାହାନ୍ତି ବୋଲି ଦୁଇ ପରିବାର ଲୋକେ ପ୍ରକାଶ କରିବା ସହ ସହାୟତାର ହାତ ବଢ଼ାଇଥିବା ଉକ୍ତ ସାମ୍ବାଦିକଙ୍କୁ ଧନ୍ୟବାଦ ଜ୍ଞାପନ କରିଛନ୍ତି।

କସ୍ତୁପଡ଼ାରେ ନିଶା କାରବାର

# ବନ୍ଦ ପାଇଁ ଅଣ୍ଟା ଭିଡ଼ିଲେ ଯୁବଗୋଷ୍ଠୀ

କେସିଙ୍ଗା,୧୩।୯(ସମିସ): କଳାହାଣ୍ଡି ଜିଲ୍ଲା ରେ ନିଶା କାରବାର ଦିନକୁ ଦିନ ବୃଦ୍ଧି ପାଉଥିବା ବେଳେ କେସିଙ୍ଗା ବ୍ଲକ ବି ନିସ୍ତାର ପାଇନାହିଁ ବ୍ଲକ୍‌ର କସ୍ତୁପଡ଼ା ଗ୍ରାମର ବଙ୍ଗଳାପଡ଼ା ରେ ଦିନକୁ ଦିନ ନିଶା କାରବାର ବୃଦ୍ଧି ପାଉଛି। ଗ୍ରାମର କିଛି ଯୁବଗୋଷ୍ଠୀ ସମାଜସେବୀ ଜିତୁମିଶ୍ରଙ୍କ ନେତୃତ୍ୱରେ ୩୦ରୁ ଉର୍ଦ୍ଧ୍ୱ ଯୁବକ ଶନିବାର ଦିନ କେସିଙ୍ଗା ଥାନାକୁ ଆସି ଗ୍ରାମରେ କିଛି ବେପାରୀ ଚୋରା ଦେଶୀ ବିଦେଶୀ ମଦ, ଗଞ୍ଜେଇ ଏପରିକି କଫ ସିରପ୍ ବିକ୍ରୀକରି ଗ୍ରାମର ଭବିଷ୍ୟତକୁ ନଷ୍ଟ କରୁଥିବା ଅଭିଯୋଗ କରିଛନ୍ତି। ଅଭିଯୋଗ ଅନୁଯାୟୀ ଚୋରା ନିଶାଦ୍ରବ୍ୟ ବିକ୍ରୀ ଯୋଗୁଁ ପାଖପଡିସାର ମାଁ ଭଉଣୀ ମାନେ ସେହି ରାସ୍ତାରେ ଏକୁଟିଆ ଯିବା ଆସିବା କରିବାରେ ନିଜକୁ ସୁରକ୍ଷିତ ମଣୁ ନଥିବା ଜଣାଇଛନ୍ତି। ପୁଣି ସାହି ବାସୀ ଉକ୍ତ ମଦ ବ୍ୟବସାୟୀକୁ ଚୋରା ମଦ ଓ ନିଶାଦ୍ରବ୍ୟ ବିକ୍ରି ବନ୍ଦ କରିବାକୁ କହିଲେ ସାହି ର ଲୋକଙ୍କୁ ନାଲି ଆଖି ଦେଖାଉଛି ଓ ଧମକ ଚମକ ଦେଉଛନ୍ତି ବୋଲି ଅଭିଯୋଗ ପତ୍ରରେ ଉଲେକ୍ଷ କରିଛନ୍ତି। କେସିଙ୍ଗା ଥାନାରେ ଥାନା ଅଧିକାରୀଙ୍କ ଉପସ୍ଥିତିରେ ଥାନାର ଏସଆଇ ରେଣୁକା ଖେସ ଲିଖିତ ଅଭିଯୋଗପତ୍ର ଗ୍ରହଣ କରି ଅଭିଯୋଗର ଉଚିତ ତଦନ୍ତ କରି ଗ୍ରାମରେ ଚୋରି ନିଶା କାରବାର ବନ୍ଦ



କରିବାକୁ ପୋଲିସ ଗ୍ରାମବାସୀଙ୍କୁ ସହଯୋଗର ଭରଷା ଦେବା ପରେ ଗ୍ରାମବାସୀ ଚାଲି ଯାଇଥିଲେ। ଅଭିଯୋଗ ପରେ ଯଦି ପୁଲିସ ସମସ୍ୟାର ସମାଧାନ ନ କରେ ତାହାହେଲେ ଆଗାମୀ ଦିନରେ କାସ୍ତୁପଡ଼ାରେ ଜୋର୍‌ସୋରରେ ମଦମୁକ୍ତି ଅଭିଯାନ ଆରମ୍ଭ କରି ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

# କଣ୍ଟାବାଞ୍ଜି କେଭି ମହାବିଦ୍ୟାଳୟରେ ବିଶ୍ୱ ଫାଷ୍ଟଏଡ଼ ଦିବସ




କଣ୍ଟାବାଞ୍ଜି,୧୩।୯(ସମିସ): କଣ୍ଟାବାଞ୍ଜି ମହାବିଦ୍ୟାଳୟ ଯୁବ ରେଡ଼କ୍ରସ ୟୁନିଟ୍ ଦ୍ୱାରା ମହାବିଦ୍ୟାଳୟରେ ବିଶ୍ୱ ଫାଷ୍ଟ ଏଡ଼ (ଆଶୁ ଚିକିତ୍ସା) ଦିବସ ପାଳିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟର ଅଧ୍ୟକ୍ଷ ପଦ୍ମଲୋଚନ ବର୍ମା ସଭାପତିତ୍ୱ କରିଥିଲେ। ଖରିଆର ମହାବିଦ୍ୟାଳୟର ପୂର୍ବତନ ଅଧ୍ୟକ୍ଷ ଡ. ତରୁଣ ପ୍ରଧାନ ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ଯୁବ ରେଡ଼ କ୍ରସ ସଂଯୋଜକ ରୋହିତ କିଶୋର କୁମ୍ଭାର ସ୍ୱାଗତ ଭାଷଣ ଦେଇଥିଲେ। ସଡ଼କ ଦୁର୍ଘଟଣାରେ ଶିକାର ବ୍ୟକ୍ତିଙ୍କୁ କିପରି ସାହାଯ୍ୟ କରାଯାଇପାରିବ, ସାପ କାମୁଡ଼ା, କୁକୁରକାମୁଡ଼ା, ବିଜୁଳି ମାରିବା, ପୋଡାଜଳା, ପାଣିରେ ବୁଡ଼ିବା ଇତ୍ୟାଦିରୁ କିପରି ପ୍ରାଥମିକ ଚିକିତ୍ସା ମାଧ୍ୟମରେ ଲୋକଙ୍କୁ ବଞ୍ଚାଯାଇପାରିବ ସେ ନେଇ ଆଲୋଚନା କରିଥିଲେ। ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ପ୍ରୟୋଗାତ୍ମକ ସଚେତନତା କରାଯାଇଥିଲା। ବବିତା ଦେବଦର୍ଶିନୀ ଧନ୍ୟବାଦ ଅର୍ପଣ କରିଥିଲେ। ଅଧ୍ୟାପକ ପ୍ରଦ୍ୟୁମ୍ନ ବାଗ, କ୍ରିଷ୍ଣା ମେହେର, ଉମେଶ ବାଗ, ନିଲାମ୍ବର ସାରକା, ଅଧ୍ୟାପିକା ପ୍ରଭାସିନୀ ରାଉତରାୟ, ବିଳାସିନୀ ମଲ୍ଲିକ, ସୁଚି ବେହେରା, ସନ୍ଧ୍ୟାରାଣୀ ବେହେରା ପ୍ରମୁଖ ଯୋଗ ଦେଇଥିଲେ। ଗଗନ ସେଠ, କ୍ଷେତ୍ରମୋହନ ଷଣ୍ଢ, ମହେନ୍ଦ୍ର ଷଣ୍ଢ ସହଯୋଗ କରିଥିଲେ। ଜ୍ଞାନ ବିକାଶ ଧରୁଆ, ଆଶୀର୍ବାଦ ଅଗ୍ରୱାଲ, ସୌମ୍ୟରଂଜନ ତ୍ରିପାଠୀ, ଲିଙ୍ଗରାଜ ପନିକା, ମୋହନ ପୁଟେଲ, ଅବିନାଶ ସାହୁ, ଚକ୍ର ମାଝୀ, ପ୍ରଶାନ୍ତ କୁଅଁର, ପ୍ରଶାନ୍ତ ନାୟକ, କ୍ଷୀରୋଜ ମହାନନ୍ଦ, ଦୁଷ୍ମନ୍ତ ମହାନନ୍ଦ, ଡୋଳାମଣୀ ମହାନନ୍ଦ, ରବି ବଗର୍ତ୍ତି, ସୁନୀଲ କର୍ଣ୍ଣାଲ, ବିଦ୍ୟା ସାହୁ, ମୋତିଲାଲ, ମଧୁସ୍ମିତା ସାହୁ, ଅନୁପମା ଦରୱାନ, ବେବି ମହାକୁର, ସ୍ୱୀକୃତ ମହାକୁର, ଅନନ୍ଦିନୀ ମାଝୀ, ଟ୍ୱିଙ୍କିଲ ସାହୁ, ପ୍ରିୟଙ୍କା ପୁଟେଲ, ରୀନା ପୁଟେଲ, ନମିତା ଭୋଇ, ରାଧାରାଣୀ ଜ୍ୟୋତିଷ, ପୂଜା ପୁଟେଲ ପ୍ରମୁଖ ଉପସ୍ଥିତ ଥିଲେ।

# ଚୁଲିଫୁଙ୍କାରେ ନୂତନ ଡାକ୍ତରଖାନା ଗୃହ ଉଦ୍‌ଘାଟିତ

ବଙ୍ଗୋମୁଣ୍ଡା,୧୩।୯(ସମିସ): ବଲାଙ୍ଗିର ଜିଲ୍ଲା ବଙ୍ଗୋମୁଣ୍ଡା ବ୍ଲକ୍ ଉପାନ୍ତ ଚୁଲିଫୁଙ୍କା ଗ୍ରାମରେ ନୂତନ ଭାବରେ ତିଆରି ହୋଇଥିବା ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରର ନୂତନ ଗୃହ



ଉଦ୍‌ଘାଟିତ ହୋଇଛି। ବଲାଙ୍ଗିର ସାଂସଦ ସଂଗୀତା କୁମାରୀ ସିଂଦେଓ, କଣ୍ଟାବାଞ୍ଜି ବିଧାୟକ ଲକ୍ଷ୍ମଣ ବାଗ, ବଙ୍ଗୋମୁଣ୍ଡା ବ୍ଲକ ଅଧ୍ୟକ୍ଷା ରଞ୍ଜୁବାଲା ବେହେରା, ଚୁଲିଫୁଙ୍କା ସରପଞ୍ଚ ଯମୁନା ବେହେରା, ସିନ୍ଧେକେଲା ଜୋନ ଜିଲ୍ଲା ପରିଷଦ ଦାମ ସୁନା ପ୍ରମୁଖ ଉପସ୍ଥିତ ଥିଲେ। ଏଡିଏମଓ ଡ. ସୁଧା ବରଲା, ସିନ୍ଧେକେଲା ମେଡିକାଲ ଅଧିକାରୀ ଡ ଜୟନ୍ତ ବାଗ, ଚୁଲିଫୁଙ୍କା ପିଏଚସି ଇନଚାର୍ଜ ଡ ସନ୍ଦୀପ ଜେନା ପ୍ରମୁଖ ଉପସ୍ଥିତ ଥିଲେ।

# ହକ୍ ମାଗିଲେ ଏନ୍‌ପିଏସ୍ ଶିକ୍ଷକ

ବାଲାଙ୍ଗୀର,୧୩।୯(ସମିସ): ସ୍ଥାନୀୟ ଜିଲ୍ଲପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବଲାଙ୍ଗୀର ଜିଲ୍ଲା ହାଇସ୍କୁଲ ଏନପିଏସ (ନୂତନ ପେନସନ ସ୍କିମ) ଶିକ୍ଷକ ସଂଘ ତରଫରୁ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିବାଦ ସଭାରେ ୨୦୦୪ ମସିହାରୁ ୨୦୧୩ମସିହା ମଧ୍ୟରେ ଓଡ଼ିଶାର ସରକାରୀ ଉଚ୍ଚ ବିଦ୍ୟାଳୟରେ ନିଯୁକ୍ତ ଠିକା ଶିକ୍ଷକଙ୍କ ୬ବର୍ଷର ଠିକା ଚାକିରିକୁ ମୂଳ ଚାକିରିରେ ଗଣନା କରିବା ସହ ୬ଟି ଜାତୀୟ




ଇନକ୍ରିମେଣ୍ଟ ଯଥା ଶୀଘ୍ର ପ୍ରଦାନ କରିବା ପାଇଁ ଦାବି ଉପସ୍ଥାପନ କରାଯାଇଥିଲା। ଏହା ସହ ମାଧ୍ୟମିକ ବିଦ୍ୟାଳୟରେ ବହୁ ସଂଖ୍ୟକ ପ୍ରଧାନ ଶିକ୍ଷକ ପଦ ଖାଲି ପଡଛି। ଏଣୁ ଓଡ଼ିଶାର ମାଧ୍ୟମିକ ଶିକ୍ଷା ଅବସ୍ଥା ଶୋଚନୀୟ ହୋଇ ପଡିଛି ବୋଲି କୁହାଯାଇଥିଲା। ତାଲିମପ୍ରାପ୍ତ ଶିକ୍ଷକ, ଶିକ୍ଷୟିତ୍ରୀଙ୍କ ବରିଷ୍ଠତା ତାଲିକା ପ୍ରକାଶନରେ ଅହେତୁକ ବିଳମ୍ବ ହେବା ପ୍ରମୁଖ ଦାବି ଉପସ୍ଥାପନ କରାଯାଇଥିଲା। ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ପ୍ରତିବାଦ ସଭାରେ ବଲାଙ୍ଗୀର ଜିଲ୍ଲାର ଶିକ୍ଷକ ନେତା ମନୋରଞ୍ଜନ ସାହୁ, ଶିକ୍ଷାବିତ ନରେନ୍ଦ୍ର ମିଶ୍ର, ଡୋଳାମଣୀ ସାହୁ, ଶରତ ନାଗ, ବିନୋଦ ମିଶ୍ର, ସୁଧାଂଶୁ ବାରିକ, ଦେବାଶିଷ ବିଶି, ଦୀପାଞ୍ଜଳି ଯୋଶୀ, ବୀରକିଶୋର ସୁନା, କପିଳେଶ୍ୱର କୁମ୍ଭାର, ଶକ୍ତିବାଇ ପଣ୍ଡା ପ୍ରମୁଖ ଉଦବୋଧନ ଦେଇଥିଲେ। ହେମନ୍ତ ବାରିକ ସଭା ପରିଚାଳନା କରିଥିଲେ। ଦ୍ୱିତୀ ରଞ୍ଜନ ମହାଲିଙ୍ଗ ଧନ୍ୟବାଦ ଦେଇଥିଲେ। ପ୍ରତିବାଦ ସଭା ପରେ ସମସ୍ତ ଏନପିଏସ ଶିକ୍ଷକ, ଶିକ୍ଷୟିତ୍ରୀ ଶୋଭାଯାତ୍ରାରେ ଯାଇ ଜିଲ୍ଲା ଶିକ୍ଷା ଅଧିକାରୀ ପ୍ରଦୀପ ନାଗଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ। ଦାବିଗୁଡିକ ଶୀଘ୍ର ପୂରଣ ନ ହେଲେ ଚଳିତ ମାସ ୨୨ରେ ଭୁବନେଶ୍ୱରରେ ହେବାକୁ ଥିବା ରାଜ୍ୟସ୍ତରୀୟ ଆନ୍ଦୋଳନରେ ବଲାଙ୍ଗୀର ଜିଲ୍ଲାର ସମସ୍ତ ଏନପିଏସ ଶିକ୍ଷକ, ଶିକ୍ଷୟିତ୍ରୀ ସମୂହ ଛୁଟିରେ ଯାଇ ଯୋଗଦେବେ ବୋଲି ସଂଘ ପକ୍ଷରୁ ସୂଚନା ଦିଆଯାଇଛି।

# ବଲାଙ୍ଗିର ଜିଲ୍ଲାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



ବଲାଙ୍ଗିର,୧୩।୯(ସମିସ): ବଲାଙ୍ଗିର ଜିଲ୍ଲା କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଡ. ପବିତ୍ର ମୋହନ ସାମଲ, ବିମଳ ଚାନ୍ଦ, ବିକ୍ରମ କେଶରୀ ପଟ୍ଟନାୟକ, ଅଞ୍ଜଳି ପାଢୀ, ଶଙ୍ଖ ଚକ୍ରବର୍ତ୍ତୀ, ଆଶିଷ କୁମାର ସାହୁ, କୁନ୍‌ମୁନ୍ ଆଚାର୍ଯ୍ୟ, ବୈଶାଳୀ ନାୟକ, ଅନ୍ନପୂର୍ଣ୍ଣା ଷଡଙ୍ଗୀ, ଶାଶ୍ୱତୀ ମହାପାତ୍ର, ସାଧକ କାର୍ଜୀ, ଦୀପାଳି ଦାସ, ଅର୍ଘ୍ୟରୂପା ମିଶ୍ର, ଶିଶିର ଭୋଇ ପ୍ରମୁଖ ବିଭିନ୍ନ ଅଦାଲତର ବିଚାରପତିଗଣ ଯୋଗଦେଇ ମାମଲାଗୁଡିକର ମିମାଂସା କରିଥିଲେ। ସମୁଦାୟ ୯୨୪୧ଟି ମାମଲାର ଫଇସଲା ହୋଇଛି। ଏଥିରେ ସିଭିଲ କୋର୍ଟ ରେଜିଷ୍ଟ୍ରାର ଶ୍ରୀଦୀପ ମିଶ୍ର, ସରକାରୀ ଓକିଲ ଓ ଜିଲ୍ଲା ଓକିଲ ସଂଘର ଓକିଲଗଣ ଉପସ୍ଥିତ ଥିଲେ। ଜିଲ୍ଲାର ବିଭିନ୍ନ ରାଜସ୍ୱ ଅଧିକାରୀ, ଜାତୀୟକରଣ ବ୍ୟାଙ୍କ, ଜଙ୍ଗଲ ବିଭାଗ, ଜଳ ବିଭାଗ, ବିଦ୍ୟୁତ୍ ବିଭାଗ, ବିଏସଏନଏଲ୍ ଏବଂ ଅନ୍ୟ ବିଭାଗର କର୍ମଚାରୀ ମଧ୍ୟ ଏହି ଲୋକ ଅଦାଲତରେ ଭାଗ ନେଇଥିଲେ। ବଲାଙ୍ଗିର ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ସହଯାଗରେ ଉପସ୍ଥିତ ବ୍ୟକ୍ତିବିଶେଷଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇଥିଲା। ବଲାଙ୍ଗିର ଜିଲ୍ଲା କାରାଗାରର ଅନ୍ତେବାସୀଙ୍କ ଉତ୍ସାହ ବୃଦ୍ଧି କରିବା ପାଇଁ ସେମାନଙ୍କ ଦ୍ୱାରା ତିଆରି ବିଭିନ୍ନ ହସ୍ତତନ୍ତ ବସ୍ତ୍ର ଜିଲ୍ଲା କାରାଗାର କର୍ମଚାରୀଙ୍କ ଦ୍ୱାରା ବିକ୍ରି କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସଚିବ ପବିତ୍ରାନନ୍ଦ ପ୍ରଧାନ ପରିଚାଳନା କରିଥିଲେ। ସେହିପରି ଟିଟିଲାଗଡ ତାଲୁକ ଆଇନ ସେବା ପ୍ରାଧିକରଣ ପକ୍ଷରୁ ମଧ୍ୟ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଜଜ ସନ୍ଦୀପ କୁମାର ପଟ୍ଟନାୟକ, ସିଭିଲ ଜଜ (ବରିଷ୍ଠ), କୃଷ୍ଣଚନ୍ଦ୍ର ନାୟକ ଏବଂ ଏସଡିଜେଏମ ସୁମିତ କୁମାର ପାଣିଗ୍ରାହୀ ବିଭିନ୍ନ ମାମଲାର ମିମାଂସା କରିଥିଲେ। ବରିଷ୍ଠ ଓକିଲ କୃଷ୍ଣଚନ୍ଦ୍ର ସାହୁ, ରାଧେଶ୍ୟାମ ଅଗ୍ରୱାଲ, ତନୟ କୁମାର ଠାକୁରଙ୍କ ସମେତ ସମସ୍ତ ଓକିଲଗଣ ଉପସ୍ଥିତ ଥିଲେ। ୩୮୩ ମକଦ୍ଦମା ମଧ୍ୟରୁ ୩୪ଟି ଫଇସଲା କରାଯାଇ ୧୦,୬୫,୨୩୯ ରାଶି ଆଦାୟ କରାଯାଇଥିଲା। ନ୍ୟାୟାଳୟର ବିଚାରାଧୀନ ମାମଲାର ୫୧୫ଟି ମକଦ୍ଦମା ମଧ୍ୟରୁ ୨୪୫ଟିର ଫଇସଲା ହୋଇ ମୋଟ ୨୫,୬୮,୬୫୩ ଆଦାୟ କରାଯାଇଛି।

# କଦଳୀଝରଣ ମନରେଗା ଟଙ୍କା ଆତ୍ମସାତ ଅଭିଯୋଗର ନୂଆମୋଡ଼

ତଦନ୍ତ ପରିସରକୁ ଆସିଲେ ତତ୍କାଳୀନ ଏଇ, ଜିଆରଏସ | ଦୁର୍ନୀତି ଚାପିବାକୁ ଗାଁକୁ ଟଙ୍କା ଦେବା ନେଇ ଚର୍ଚ୍ଚାରେ ଯନ୍ତ୍ରୀ

ଖପ୍ରାଖୋଲ,୧୩।୯(ସମିସ): ବଲାଙ୍ଗିର ଜିଲ୍ଲା ଖପ୍ରାଖୋଲ ବ୍ଲକ୍ ଲୁହାସିଂହା ପଞ୍ଚାୟତ କଦଳୀଝରଣ ଗ୍ରାମର ଭାଲୁପତ୍ରାରେ ମନରେଗା ଟଙ୍କା ଆତ୍ମସାତ ଅଭିଯୋଗ ନୂଆମୋଡ଼ ନେଇଛି। ଏକ ଟାଙ୍କି ଖନନରେ ଦୁର୍ନୀତି ହୋଇଥିବା ନେଇ ପ୍ରଶାସନର ତଦନ୍ତରେ ଏବେ ଏକ ନୂଆ ମୋଡ଼ ନେଉଥିବା ସାଧାରଣରେ ଚର୍ଚ୍ଚା ଜୋର୍ ଧରିଛି। ଗୋଟିଏ ପଟେ ପ୍ରଶାସନ ଟଙ୍କା ଆତ୍ମସାତ ଅଭିଯୋଗର ତଦନ୍ତ ଉପରେ ଗୁରୁତ୍ୱ ଦେଇଛି। ଏକ ତଦନ୍ତକାରୀ ଦଳ ଗତ ଗୁରୁବାର ଦିନ ଭାଲୁପତ୍ରା



ଯାଇ ମାପଚୁପ କରିଛି। ତେବେ ସେହି ସମୟରେ ଯନ୍ତ୍ରୀ ଦିଲୀପ ରାଉତ ବାଧା ସୃଷ୍ଟି କରିଥିଲେ। ତୁମେ କାମ ଜାଣିନାହଁ। ତୁମକୁ ମାପଚୁପ ଆସେନି କହି ତଦନ୍ତକାରୀ ଦଳକୁ ଭୁଆଁ ବୁଲାଇଥିବା ଦେଖିବାକୁ ମିଳିଥିଲା। ଏହି ଯନ୍ତ୍ରୀ ଜଣକ କୁଆଡେ କଦଳୀଝରଣ ଗ୍ରାମକୁ ନିଜ ପକ୍ଷ ରଖିବା ପାଇଁ ବଡ ପରିମାଣର ଆର୍ଥିକ ରାଶି ଦେଇଥିବା ତଥା କିଛି ଶ୍ରମିକଙ୍କୁ ନିଜ ଫୋନ୍ ମାଧ୍ୟମରେ ଟଙ୍କା ପଠାଇବା ଖପ୍ରାଖୋଲଠାରୁ ପାଟଣାଗଡ଼ ପର୍ଯ୍ୟନ୍ତ ଚର୍ଚ୍ଚା ହେଉଛି। ଅନ୍ୟପକ୍ଷେ ୨୦୨୩ରୁ ୨୦୨୫ ପର୍ଯ୍ୟନ୍ତ ଥିବା ତତ୍କାଳୀନ ଗ୍ରାମ ରୋଜଗାର ସେବକ ମୃତ୍ୟୁଞ୍ଜୟ ନନ୍ଦ, ସୁନିତା ବାରିକ ଓ ସହଯୋଗୀ ଯନ୍ତ୍ରୀ କୁଳମଣୀ ଭୋଇଙ୍କୁ ପ୍ରଶାସନ ତଦନ୍ତ ପରିସରକୁ ଆଣିଛି। ସମସ୍ତଙ୍କୁ ବ୍ୟକ୍ତିଗତ ଭାବରେ ପୁଙ୍ଖାନୁପୁଙ୍ଖ ପଚରା ଯାଇଛି। ସେମାନଙ୍କଠାରୁ ଲିଖିତ ନିଆଯାଇଛି। ଏହି ସମୟରେ ଯନ୍ତ୍ରୀ ଜଣକ ଜିଆର୍‌ଏସ୍‌ମାନଙ୍କୁ ନିଜ ସପକ୍ଷରେ କହିବା ପାଇଁ ପ୍ରବର୍ତ୍ତାଉଥିବା ଦେଖିବାକୁ ମିଳିଥିଲା। ତେବେ ଏହିଭଳି ଜଣେ ଦୁର୍ନୀତିଗ୍ରସ୍ତ ଯନ୍ତ୍ରୀଙ୍କୁ ପ୍ରଶାସନ ଘଣ୍ଟ ଘୋଡାଇ ରଖିଥିବା ନେଇ ସାଧାରଣରେ ଚର୍ଚ୍ଚା ହେଉଛି।

# ନବାଗତ ଛାତ୍ରଛାତ୍ରୀଙ୍କୁ ସ୍ୱାଗତ



ବେଲପଡା,୧୩।୯(ସମିସ): ଦୁମାଭଟା ବୀଣାପାଣି ଡିଗ୍ରୀ କଲେଜରେ କଳା, ବିଜ୍ଞାନ ଓ ବାଣିଜ୍ୟ ବିଭାଗର ଛାତ୍ରଛାତ୍ରୀଙ୍କୁ ସ୍ୱାଗତ କରାଯାଇଛି। ଏହି ଅବସରରେ ଆୟୋଜିତ କାର୍ଯ୍ୟକ୍ରମରେ କଲେଜର ଅଧ୍ୟକ୍ଷ ଦେବାର୍ଚ୍ଚନ ନାଗ, ଅଧ୍ୟକ୍ଷା ମମତା ସେନାପତି ଯୋଗ ଦେଇଥିଲେ। ଦୀନେଶ ଚନ୍ଦ୍ର ସୁନା, ତପୁ ମଝିକ, ନିତୁ ମେହେର, ଶାମୁକା ଯାଦବ, ମୁନା ସେଠ, ଅଭିଜିତ ମହାନ୍ତି, ଦିଲୀପ ମହାନନ୍ଦ, ରାଜ ଅଭିଷେକ ସାହୁ ଓ ପିଙ୍କୁଣ ସାହୁ ପ୍ରମୁଖ ସହଯୋଗ କରିଥିଲେ। ଦିଲୀପ ବାଗ ମଞ୍ଚ ପରିଚାଳନା କରିଥିଲେ।

# ଓଡ଼ିଶା ଅନୁସୂଚିତ ଜାତି ଓ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର କର୍ମକର୍ତ୍ତା ଚୟନ

ବଡମ୍ବା, ୧୩।୯ (ସମିସ): ଓଡ଼ିଶା ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କର୍ମଚାରୀ କଲ୍ୟାଣ ସମନ୍ୱୟ ପରିଷଦର କଟକ ଜିଲ୍ଲାର ବଡମ୍ବା ବ୍ଲକର ଏକ ବୈଠକ ବଡମ୍ବା ସଦର ମହକୁମାସ୍ଥିତ ସରସ୍ୱତୀ ଶିଶୁ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ସମନ୍ୱୟ ପରିଷଦର କଟକ ଜିଲ୍ଲାର କାର୍ଯ୍ୟକାରୀ ସଭାପତି ଟିକନ ବେହେରାଙ୍କ ସଭାପତିତ୍ୱରେ ପ୍ରାରମ୍ଭରେ ବଡମ୍ବା ବ୍ଲକର ଶିକ୍ଷକ ନେତା ରମେଶ ଚନ୍ଦ୍ର ବେହେରା ସ୍ୱାଗତ ଅଭିଭାଷଣ ସହ ଅତିଥିମାନଙ୍କ ପରିଚୟ ପ୍ରଦାନ କରିଥିଲେ। ଜିଲ୍ଲା ସହ ସମ୍ପାଦକ କୃଷ୍ଣଚନ୍ଦ୍ର ସାଣ୍ଡିଲ ସଂଗଠନର ଆଧାର ଓ ଗଠନର ଆଧାର ଉପରେ ଆଲୋକପାତ କରିଥିଲେ। ସମନ୍ୱୟ ସମିତି ଆଠଗଡ଼ ବ୍ଲକ ସଭାପତି ଚାରୁଚନ୍ଦ୍ର ବେହେରା ଓ ସଂଗଠନ ସମ୍ପାଦକ ସ୍ୱପ୍ନାକର ନାଏକଙ୍କ ପ୍ରସ୍ତାବକ୍ରମେ ସର୍ବସମ୍ମତି ଭାବେ ମୁଖ୍ୟ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ରଘୁନାଥ ସେଠୀ ଓ ଉପଦେଷ୍ଟା ଭାବେ ବରିଷ୍ଠ ଶିକ୍ଷକ ବିଜୟ ମଲ୍ଲିକଙ୍କୁ ଚୟନ କରାଯାଇଥିଲା। ଅଧିକାଂଶ କର୍ମଚାରୀଙ୍କ ଆଗ୍ରହକ୍ରମେ ସର୍ବସମ୍ମତିକ୍ରମେ ସଭାପତି ଭାବେ ଶିକ୍ଷକ ରମେଶ ଚନ୍ଦ୍ର ବେହେରା, କାର୍ଯ୍ୟକାରୀ ସଭାପତି ଭାବେ ଶିକ୍ଷକ ସୁଧାଂଶୁ ଭୂଷଣ ରାଉତ, ସମ୍ପାଦକ ଭାବେ ଗୌତମ ନାଏକ, କୃଷି ବିଭାଗ ସହ ସମ୍ପାଦକ ଭାବେ ସରୋଜ ସେଠୀ, ସଂଗଠନ ସମ୍ପାଦକ ଭାବେ ରାଜେଶ ମଲିକ, ଗଣଶିକ୍ଷା ବିଭାଗ କର୍ମଚାରୀ ସମ୍ପାଦକ ଭାବେ ସୁକାନ୍ତ ସେଠୀ, ସାଂସ୍କୃତିକ ସମ୍ପାଦକ ଭାବେ ସୁଧାଂଶୁ ଭୂଷଣ ସିଂହଗଣ, ଶିକ୍ଷା ବିଭାଗ ଅର୍ଥ ସମ୍ପାଦକ ଭାବେ ନିରଞ୍ଜନ ନାଏକ, ସାଂସ୍କୃତିକ ବିଭାଗ ସମ୍ପାଦକ ଭାବେ ଜିତେନ୍ଦ୍ର ଦେହୁରୀ, ଗୃହ ବିଭାଗ ଏବଂ ଅଡିଟର ଭାବେ ରାଜକିଶୋର ବେହେରା, ଅନ୍ୟମାନଙ୍କ ମଧ୍ୟରେ ବ୍ଲକ କାର୍ଯ୍ୟକାରୀ କମିଟିର ସଦସ୍ୟ ଭାବେ ସୁଦର୍ଶନ ଖଟୁଆ, ଫକୀର ସେଠୀ, ବନପ୍ରିୟା ନାଏକ, ଉତ୍ସବ ନାଏକ, କୁଳମଣୀ ଦେହୁରୀ, ବିଦ୍ୟାଧର ଦେହୁରୀ, ଲକ୍ଷ୍ମୀକାନ୍ତ ପ୍ରଧାନ, ଚନ୍ଦ୍ରମଣି ଦଳେଇ ସର୍ବସମ୍ମତିକ୍ରମେ ନିର୍ବାଚିତ ହୋଇଥିଲେ। ଶିକ୍ଷକ ସୁଧାଂଶୁ ଭୂଷଣ ସିଂହ ଧନ୍ୟବାଦ ଦେଇଥିଲେ।



## ଦଶହରା ପାଇଁ ଆଠଗଡ଼ ପ୍ରଶାସନର ପ୍ରସ୍ତୁତି ବୈଠକ

# ଶବ୍ଦ ପ୍ରଦୂଷଣ ରୋକିବାକୁ ଗୁରୁତ୍ୱ

ଆଠଗଡ଼, ୧୩।୯ (ସମିସ)



ଚଳିତ ବର୍ଷ ଆଠଗଡ଼ ସହରରେ ଦଶହରା ଯାତ୍ରାକୁ ସରସ ସୁନ୍ଦର ଓ ଶୃଙ୍ଖଳିତ କରିବା ପାଇଁ ଆଠଗଡ଼ ପ୍ରଶାସନ ପକ୍ଷରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସ୍ଥିତ ପ୍ରେକ୍ଷାଗୃହ ଠାରେ ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଉପଜିଲ୍ଲାପାଳ ପ୍ରହ୍ଲାଦ ନାରାୟଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉକ୍ତ ବୈଠକରେ ଆଠଗଡ଼ ସହରର ପ୍ରମୁଖ ବଜାର ଦୁର୍ଗା ବଜାର, ଜଗନ୍ନାଥ ବଜାର, ରଘୁନାଥ ବଜାର, ଲକ୍ଷ୍ମୀ ବଜାର ଚାନ୍ଦବାଲି ଛକ ବଜାର, କନ୍ତୋଲ ବଜାର ପୂଜା କମିଟିର କାର୍ଯ୍ୟକର୍ତ୍ତା ସମେତ ବିଭିନ୍ନ ସାହି ପୂଜା କମିଟିର କାର୍ଯ୍ୟକର୍ତ୍ତା ଓ ସହରର ମାନ୍ୟଗଣ୍ୟ ବ୍ୟକ୍ତିମାନେ ଯୋଗଦେଇଥିଲେ। ଆଠଗଡ଼ ଆରକ୍ଷୀ ଉପାଧ୍ୟକ୍ଷ ବିଶ୍ୱଜିତ ମହାନ୍ତି, ଅବକାରୀ ଉପାଧ୍ୟକ୍ଷ ସିଏଚ୍ ତିରୁପତି, ଆଠଗଡ଼ ଉପଖଣ୍ଡ ଡାକ୍ତରଖାନାର ଅଧୀକ୍ଷକ ଡା. ମାନସ ରଞ୍ଜନ ପାଣି, ଏନ୍ଏସି ଅଧ୍ୟକ୍ଷା ସସ୍ମିତା ରାଉତ, ଥାନାଧିକାରୀ ସୁମତି କୁମାରୀ ମହାନ୍ତି ପ୍ରମୁଖଙ୍କ ସହିତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀମାନେ ଯୋଗଦେଇଥିଲେ। ଉକ୍ତ ବୈଠକରେ ସର୍ବ ପ୍ରଥମେ ସାଂସ୍କୃତିକ କାର୍ଯ୍ୟକ୍ରମ ଓ ଶୋଭାଯାତ୍ରା ସମ୍ପର୍କରେ ଆଲୋଚନା କରାଯାଇ ଯାତ୍ରା ସମୟରେ ବିଭିନ୍ନ ପୂଜା କମିଟି ଦ୍ୱାରା ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମକୁ ରାତି ୧୦ ମଧ୍ୟରେ ଶେଷ କରିବା ପାଇଁ ନିଷ୍ପତ୍ତି ଗ୍ରହଣ କରାଯାଇଥିଲା। ଭସାଣି ସମୟରେ ବ୍ୟବହୃତ ଡିଜେ, ସାଉଣ୍ଡକୁ ନିୟନ୍ତ୍ରଣ କରିବା ସହିତ ସଙ୍ଗୀତ ପରିବେଷଣ ସମୟରେ ଏହାର ବ୍ୟବହାର ଉପରେ ପ୍ରଶାସନ ତରଫରୁ କଡା ଆଭିମୁଖ୍ୟ ଗ୍ରହଣ କରାଯାଇଛି। ଭସାଣୀ ପାଇଁ ସାପୁଆ ନଦୀ ଠାରେ ୨ଟି କୃତ୍ରିମ ପୋଖରୀ ଖୋଳାଯାଇ ବିସର୍ଜନ କରାଯିବ। ଏହା ସହିତ ଯାତ୍ରା ସମୟରେ ସହରରେ ନିରବଚ୍ଛିନ୍ନ ବିଦ୍ୟୁତ ଓ ପାନୀୟ ଜଳ ସେବା, ରାସ୍ତା ଘାଟ ମରାମତି, ସ୍ୱାସ୍ଥ୍ୟସେବା, ଆଇନଶୃଙ୍ଖଳା ପରିସ୍ଥିତି ପାଇଁ ଅଧିକ ସୁରକ୍ଷା ବଳ ନିୟୋଜିତ ନେଇ ଆଲୋଚନା କରାଯାଇଥିଲା। ଅକ୍ଟୋବର ମାସ ୧୦ ତାରିଖ ସୁଦ୍ଧା ସହରରେ ସମସ୍ତ ମୂର୍ତ୍ତିକୁ ବିସର୍ଜନ କରାଯିବ। ଏହାପରେ ଏହି ଶୋଭାଯାତ୍ରା ପାଇଁ ପ୍ରଶାସନ ପକ୍ଷରୁ ଅନୁମତି ଦିଆଯିବ ନାହିଁ। ସହକାରୀ ଜିଲ୍ଲାପାଳ ମାନସ ରଞ୍ଜନ ବେହେରା କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

## ଚୋରା ଗଞ୍ଜେଇ ଜବତ; ଜଣେ ଗିରଫ

ସାଲେପୁର, ୧୩।୯ (ସମିସ): ଚୋରା ଗଞ୍ଜେଇ ବେପାର କରୁଥିବା ଅଭିଯୋଗରେ ସାଲେପୁର ପୁଲିସ ଜଣକୁ ଗିରଫ କରିବା ସହ ତା'ନିକଟରୁ ୧ କେଜି ୪ ଶହ ଗ୍ରାମରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ କରିଥିବା ଜଣାଯାଇଛି। ବାହାରପଡ଼ା ଗ୍ରାମର ମାଗୁଣି ସାହୁ ଜଳହରି ଗ୍ରାମ ଦେଇ ଏକ ବ୍ୟାଗରେ ଗଞ୍ଜେଇ ଭର୍ତ୍ତି କରି ବ୍ୟାରେଜ ଛକ ଆଡକୁ ଆସୁଥିବାବେଳେ ସାଲେପୁର ପୁଲିସ ବିଶ୍ୱସ୍ତ ସୂତ୍ରରୁ ଖବର ପାଇ ମାଗୁଣିକୁ ଧରିବା ସହ ତା'ନିକଟରୁ ୧ କେଜି ୪ ଶହ ଗ୍ରାମ ଗଞ୍ଜେଇ ଜବତ କରିଛି। ଏ ସମ୍ପର୍କରେ ୪୪୦/୨୫ରେ ଏକ ମାମଲା ରୁଜୁ କରି ମାଗୁଣିକୁ କୋର୍ଟ ଚାଲାଣ କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି।

## ଦୁର୍ଘଟଣାରେ ବାପା ଆଗରେ ଝିଅର ମୃତ୍ୟୁ

ଆଠଗଡ଼, ୧୩।୯ (ସମିସ): ଶନିବାର ଅପରାହ୍ନରେ ପୁଣି ଗୋଟିଏ ମୁଣ୍ଡ ନେଇଛି ସଡ଼କ। ଦୁର୍ଘଟଣାରେ ବାପା ଆଗରେ ଝିଅର ମୃତ୍ୟୁ ଭଳି ଏକ ଅଭାବନୀୟ ଘଟଣା ଘଟିଛି ଆଠଗଡ଼ ଥାନା ଅନ୍ତର୍ଗତ ନଡ଼ିଆପଡ଼ା ନିକଟସ୍ଥ ସାପୁଆ ବ୍ରିଜ ନିକଟରେ। ଅପରାହ୍ନରେ କାଳିମା ସାହୁଙ୍କ ପତ୍ନୀ ରଶ୍ମିତା ଓରଫ୍ ଲିପି ସାହୁ (୩୨) ତାଙ୍କର ବାପା ରବୀନ୍ଦ୍ରନାଥ ସାହୁଙ୍କ ସହିତ ଏକ ସ୍କୁଟିରେ ବାପଘର ଅରଖ ପାଟଣାରୁ ଫେରୁଥିବା ବେଳେ ନଡିଆପଡ଼ା ବ୍ରିଜ ନିକଟରେ ଥିବା ହମ୍ପସ ନିକଟରେ ଖସି ପଡ଼ିଥିଲେ। ଏହି ସମୟରେ ସାମ୍ନା ପଟୁ ଆସୁଥିବା ଏକ ହାଇୱା ନଂ ଓଡି -୦୫- ବିଏନ -୪୦୮୧ ତାଙ୍କ ଉପରେ ଚଢିଯାଇଥିଲା। ଫଳରେ ତାଙ୍କ ଘଟଣାସ୍ଥଳରେ ମୃତ୍ୟୁ ହୋଇଥିଲା। ଖବର ପାଇ ଆଠଗଡ଼ ପୁଲିସ ଘଟଣାସ୍ଥଳରେ ପହଞ୍ଚି ଟ୍ରକକୁ ଜବତ କରିବା ସହିତ ଶବ ବ୍ୟବଚ୍ଛେଦ କରାଇବା ସହିତ ଟ୍ରକ ଡ୍ରାଇଭର ସମୀର କୁମାର ସିଂହକୁ ଅଟକ ରଖିଥିବା ପୁଲିସ ସୂତ୍ରରୁ ଜଣାପଡ଼ିଛି।

## ୧୦ ଫୁଟ୍ ଲମ୍ବର ଅଜଗର ଉଦ୍ଧାର

ତ୍ରିଶୂଳିଆ, ୧୩।୯ (ସମିସ): ତ୍ରିଶୂଳିଆ ବାରଙ୍ଗ ମୁଖ୍ୟ ରାସ୍ତା ନିକଟରୁ ଶୁକ୍ରବାର ବିଳମ୍ବିତ ରାତିରେ ସ୍ନେକ ହେଲ୍ପ ଲାଇନ ସଦସ୍ୟଙ୍କ ସହାୟତାରେ ଏକ ୧୦ ଫୁଟ ଲମ୍ବର ବିରାଟ ଅଜଗର ସାପ ଉଦ୍ଧାର ହୋଇଛି। ଅଜଗରଟି ଚନ୍ଦକା ଅଭୟାରଣ୍ୟରୁ ଖାଦ୍ୟ ଅନ୍ୱେଷଣରେ ଆସି ମଧୁପୁର ଗାଁ ମୁଣ୍ଡରେ ରାସ୍ତା ପାର ହୋଇ ଯାଉଥିବା ବେଳେ ଲୋକମାନେ ଦେଖି ତୁରନ୍ତ ସ୍ନେକ ହେଲ୍ପ ଲାଇନକୁ ଖବର ଦେଇଥିଲେ। ଘଟଣାସ୍ଥଳରେ ସ୍ନେକ ହେଲ୍ପ ଲାଇନ ସଦସ୍ୟ ସାପଟିକୁ ଉଦ୍ଧାର କରି ବନବିଭାଗ ସହାୟତାରେ ସୁରକ୍ଷିତ ଭାବେ ନିକଟସ୍ଥ ଚନ୍ଦକା ଡମପଡ଼ା ସଂରକ୍ଷିତ ଜଙ୍ଗଲରେ ଛାଡି ଦେଇଥିଲେ।



# ବୋର୍ଡ ସ୍କୁଲରେ ଚକ୍ଷୁ ଓ ଦନ୍ତ ପରୀକ୍ଷା ଶିବିର

କଟକ, ୧୩।୯ (ସମିସ): ଶନିବାର ସେକେଣ୍ଡାରୀ ବୋର୍ଡ଼ ହାଇସ୍କୁଲରେ ୧୯୮୬ ବ୍ୟାଚ୍ ଛାତ୍ରଛାତ୍ରୀମାନେ ଜେପିଏମ୍ ରୋଟାରୀ ଚକ୍ଷୁ ହସ୍ପିଟାଲ, ବିଡ଼ାନାସୀ ଓ ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ଚିକିତ୍ସାଳୟ ସହଭାଗୀତାରେ ବିଦ୍ୟାଳୟରେ ଏକ ଚକ୍ଷୁ ଓ ଦନ୍ତ ପରୀକ୍ଷା ଶିବିର ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ୨୫୦ରୁ ଊର୍ଦ୍ଧ୍ୱ ଛାତ୍ରଛାତ୍ରୀଙ୍କ ଚକ୍ଷୁ ଓ ଦନ୍ତ ପରୀକ୍ଷା କରାଯିବା ସହ ଛାତ୍ରଛାତ୍ରୀଙ୍କୁ ବ୍ରସ୍, ଟୁଥପେଷ୍ଟ ଓ ଔଷଧ ବଣ୍ଟନ କରାଯାଇଥିଲା। ଶ୍ରୀରାମଚନ୍ଦ୍ର ଭଞ୍ଜ ଦନ୍ତ ଚିକିତ୍ସାଳୟର ବରିଷ୍ଠ ଡାକ୍ତର ଅସୀମା ସାମଲଙ୍କ ସହ ଡାକ୍ତର ସ୍ୱସ୍ତିକ ଦାସ, ଅରୋକୃଷ୍ଣ ମହାନ୍ତି, ଶ୍ୱେତପଦ୍ମା ଦାସ ତଥା ସହଯୋଗୀ ଡାକ୍ତର ସତ୍ୟଜିତ୍ ସାହୁ ଓ ପ୍ରୀତିଶ କୁମାର ସାହୁ ଛାତ୍ରଛାତ୍ରୀଙ୍କ ଦନ୍ତ ପରୀକ୍ଷା କରିଥିଲେ। ଡାକ୍ତରୀ ଛାତ୍ରଛାତ୍ରୀଙ୍କ ତରଫରୁ ପାୱାରପଏଣ୍ଟ ଜରିଆରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କୁ ଦନ୍ତ ସୁରକ୍ଷା ସମ୍ବନ୍ଧରେ ସଚେତନ କରାଇଥିଲେ। ଜେପିଏମ୍ ରୋଟାରୀ ଚକ୍ଷୁ ହସ୍ପିଟାଲ୍, ବିଡ଼ାନାସୀର ପରିଚାଳନା କମିଟି ସଦସ୍ୟ ତଥା ବରିଷ୍ଠ ରୋଟାରୀଆନ୍ ଇଂ ଧୀରେନ୍ଦ୍ର କୁମାର ବିଶ୍ୱାଳଙ୍କ ମାର୍ଗଦର୍ଶନରେ ଡାକ୍ତର ସୌମ୍ୟା ସୁଚରିତା ଓଝାଙ୍କ ସହ ଶଶିକାନ୍ତ ଦାସ, ସାଇପ୍ରିୟା ସାହୁ, ଅମିତା ଦାସ, ରାଜଲକ୍ଷ୍ମୀ ମହାନ୍ତି ଓ ସାବିତ୍ରୀ ସାହୁ ପିଲାଙ୍କ ଚକ୍ଷୁ ପରୀକ୍ଷା ସମ୍ପାଦନ କରିଥିଲେ। ୧୯୮୬ ବ୍ୟାଚ୍‌ର ଛାତ୍ରଛାତ୍ରୀ ପାର୍ଥପ୍ରତିମ୍, ସୁକାନ୍ତ ଶତପଥୀ, କୈଳାସ ଚନ୍ଦ୍ର ଶତପଥୀ, ଅନିନ୍ଦ୍ୟ ସାମଲ, ମମତା ମହାନ୍ତି, ସରୋଜ ପଣ୍ଡା, ଶୁଭାଶିଷ ମହାପାତ୍ର, ଭାରତୀ କାନୁନ୍‌ଗୋ, ସ୍ନିଗ୍ଧା ଦାସ, ସୋନାଲି ପଟ୍ଟନାୟକ, ମନସ୍ୱିନୀ ମିଶ୍ର, ସଙ୍ଗୀତା ମହାନ୍ତି, ସୁଜନ ରାୟଚୌଧୁରୀ, ବି. କାନ୍ତାମା, ମାନସ ମହାପାତ୍ର, ସୁକାନ୍ତ ମହାଳିକ ପ୍ରମୁଖ ଉଭୟ ଶିବିରକୁ ପରିଚାଳନା କରିଥିଲେ। ଉକ୍ତ ବ୍ୟାଚ୍‌ର ଛାତ୍ରୀ ତଥା ଜିଲ୍ଲା ସମଗ୍ର ଶିକ୍ଷା ସଂଯୋଜିକା ମାନସୀ ଧଳ ବିଦ୍ୟାଳୟ ପରିଦର୍ଶନ ସହ ଶିବିରରେ ଉପସ୍ଥିତ ରହି ପ୍ରେରିତ କରିଥିଲେ। ଏହି ଅବସରରେ ୧୯୮୬ ବ୍ୟାଚ୍ ଛାତ୍ରଛାତ୍ରୀ ବିଦ୍ୟାଳୟର ୧୨ଟି ଶ୍ରେଣୀଗୃହ ନିମନ୍ତେ ଷାଠିଏ ହଜାର ଟଙ୍କା ମୂଲ୍ୟର ଷ୍ଟିଲ୍ ଆଲମିରା ସହ ପନ୍ଦର ହଜାର ଟଙ୍କା ମୂଲ୍ୟରେ ସମସ୍ତ ଥଣ୍ଡା ପାଣି ମେସିନ୍‌ର ସର୍ଭିସିଂ କରାଇଥିଲେ। ବିଦ୍ୟାଳୟ ପ୍ରାକ୍ତନ ଛାତ୍ର ସଂସଦ ସମ୍ପାଦକ ସୁବ୍ରତ ମହାନ୍ତି, ପଞ୍ଚସଖା ଶିକ୍ଷା ସେତୁ ସଭାପତି ପୁଣ୍ୟଶ୍ଲୋକ ଦାସ, ପୂର୍ବ ସଭାପତି ରଞ୍ଜିତା ମହାନ୍ତି, ମୋତିପ୍ରକାଶ ରଥ, ରଶ୍ମିରଞ୍ଜନ ସ୍ୱାଇଁ, ପ୍ରସନ୍ନ ରାଉତ, ଡା. ସରୋଜ ତ୍ରିପାଠୀ, ରାନୁ ଦାସ, ଶ୍ରଦ୍ଧାଞ୍ଜଳି ପଣ୍ଡା, ଦେବଦୀପ୍ତା ସ୍ୱାଇଁ, ସୌଭାଗ୍ୟ ଖୁଣ୍ଟିଆ, ସନ୍ଦୀପ ମହାପାତ୍ର, ଅନୀଷା ପଣ୍ଡା, କାଜଲ ମହାପାତ୍ର ଓ କଲ୍ୟାଣ ଶତପଥୀ ପ୍ରମୁଖ ପ୍ରାକ୍ତନ ଛାତ୍ରଛାତ୍ରୀ ଉପସ୍ଥିତ ରହି ଶିବିର ପରିଚାଳନାରେ ପୂର୍ଣ୍ଣ ସହଯୋଗ କରିଥିଲେ। ବ୍ୟାଚ୍ ତରଫରୁ ସମସ୍ତ ଡାକ୍ତରଙ୍କୁ ସ୍ମୃତିଫଳକ ପ୍ରଦାନ ସ୍ୱରୂପ ସମ୍ବର୍ଦ୍ଧିତ କରାଯାଇଥିଲା। ପ୍ରଧାନଶିକ୍ଷକ ଅଶୋକ କୁମାର ଶତପଥୀ ଧନ୍ୟବାଦ ଓ କୃତଜ୍ଞତା ଜଣାଇଥିଲେ।




## ବସ୍ତି ଉଚ୍ଛେଦ ନ କରିବା ପାଇଁ ଦାବିପତ୍ର ପ୍ରଦାନ

ଟିଗିରିଆ, ୧୩।୯ (ସମିସ): ଟିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତ ଅଧୀନ ମଙ୍ଗଳପୁର ଶବର ସାହିରେ ବାସ କରୁଥିବା ତଫସିଲଭୁକ୍ତ ଜନଜାତି ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ଲୋକ ଦୀର୍ଘ ବର୍ଷ ଧରି ବସବାସ କରୁଥିବା ସ୍ଥାନରୁ ଉଚ୍ଛେଦ ନ କରିବା ପାଇଁ ଗ୍ରାମବାସୀଙ୍କ ପକ୍ଷରୁ ଟିଗିରିଆ ତହସିଲଦାର ଅକ୍ଷୟ କୁମାର ପରିଡ଼ାଙ୍କୁ କାର୍ଯ୍ୟାଳୟରେ ଦାବିପତ୍ର ପ୍ରଦାନ କରାଯାଇଛି। ସୂଚନା ମୁତାବକ ମଙ୍ଗଳପୁର ଶବର ସାହିରେ ତଫସିଲ ଭୁକ୍ତ ଜନଜାତି ବର୍ଗର ୩୦୦ରୁ ଊର୍ଦ୍ଧ୍ୱ ଜନସାଧାରଣ ବସବାସ କରିଆନ୍ତି। ବାପା ଜେଜେବାପା ଅମଳରୁ ଉକ୍ତ ଅଞ୍ଚଳରେ ଗ୍ରାମର ଲୋକମାନେ ବସବାସ କରୁଥିବା ବେଳେ ସେମାନଙ୍କ ପୂର୍ବ ପୁରୁଷମାନେ ସଚେତନତା ଅଭାବରୁ ଉକ୍ତ ସ୍ଥାନକୁ ସେମାନଙ୍କ ନାମରେ ରେକର୍ଡ ଭୁକ୍ତ ନ କରିଥିଲେ ମଧ୍ୟ ସରକାରୀ ଖାତାର ମନ୍ତବ୍ୟ ନୋଟରେ ସେମାନଙ୍କ ନାମ ରହିଛି। କିନ୍ତୁ ବର୍ତ୍ତମାନ ସ୍ଥାନୀୟ ବ୍ଲକ ପ୍ରଶାସନ ପକ୍ଷରୁ ଗ୍ରାମର ଖାତା ନମ୍ବର ୧୦୮୧, ୧୦୩୦, ୧୦୩୩, ୧୦୩୪, ୧୦୩୫, ୧୦୩୭, ୧୦୩୮, ୧୦୩୯, ୧୦୪୦, ୧୦୪୧, ୧୦୪୨, ୧୦୪୩, ୧୦୪୪, ୧୦୪୫ ଓ ୧୦୪୬ ରେ ପ୍ରାଚେରୀ ନିର୍ମାଣ ପାଇଁ ଯୋଜନା କରାଯାଇଛି। ଉକ୍ତ ସ୍ଥାନରେ ଥିବା ଗ୍ରାମବାସୀଙ୍କ ଘର, ବାଡ଼ି, ପାଇଖାନା ରହିଛି। ସମ୍ପୃକ୍ତ ସ୍ଥାନରୁ ସେମାନଙ୍କୁ ଉଚ୍ଛେଦ କରି ଉନ୍ନୟନମୂଳକ କାର୍ଯ୍ୟ ସମ୍ପାଦନ କରିବା ପାଇଁ ବ୍ଲକ ପ୍ରଶାସନ ପକ୍ଷରୁ ଲକ୍ଷ୍ୟ ରଖାଯାଇଛି। ତେଣୁ ପୁରୁଷ ପୁରୁଷ ଧରି ରହି ଆସୁଥିବା ଉକ୍ତ ସ୍ଥାନରୁ ସେମାନଙ୍କୁ ଉଚ୍ଛେଦ କରା ନ ଯିବା ପାଇଁ ଗ୍ରାମବାସୀ ତହସିଲଦାର ଶ୍ରୀ ପରିଡ଼ାଙ୍କୁ ଦାବିପତ୍ର ପ୍ରଦାନ କରିଥିବା ଜଣାପଡ଼ିଛି।



## ରାସ୍ତା ଅବରୋଧ କରି ଗଣେଶ ଭସାଣି; ୫ ଗିରଫ




ସାଲେପୁର, ୧୩।୯ (ସମିସ): ବେଆଇନ୍ ଭାବେ ଗଣେଶ ପ୍ରସେସନ୍ କରିବା, ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଗଣ୍ଡଗୋଳ କରିବା ଅଭିଯୋଗରେ ସାଲେପୁର ପୁଲିସ ୫ ଜଣକୁ ଗିରଫ କରି କୋର୍ଟଚାଲାଣ କରିଥିବା ଜଣାଯାଇଛି। ପୁଲିସ ସୂତ୍ରରୁ ପ୍ରକାଶ ଯେ ସାଲେପୁର ଥାନା ଅନ୍ତର୍ଗତ ଓଡ଼ାସିଂହ ପଞ୍ଚାୟତରେ ଗଣେଶ ଭସାଣି ଅନୁଷ୍ଠିତ ହେଉଥିବାବେଳେ ମା'ବୁଢ଼ୀଆଣି ଶଙ୍ଖାରିସାହି ଗଣେଶ ପୂଜା କମିଟିର ସମ୍ପାଦକ ବୈଦ୍ୟଲୋଚନ ପଣ୍ଡା (ଗଣେଶ), ଉକ୍ତ ଗ୍ରାମର ସୁରେନ୍ଦ୍ର ପାତ୍ର ଓରଫ୍ ମୁନୁ, ଅଜୟ ଦାଶ, ପ୍ରଫୁଲ୍ଲ ସେଠୀ, ଗଗନ ବିହାରୀ ଦାସ ଓରଫ୍ ଗଗି ବେଆଇନ୍ ଭାବେ ସରକାରଙ୍କ ପ୍ରଶେସନ୍ ନିୟମକୁ ବେଖାତିର କରି ସର୍ବସାଧାରଣ ରାସ୍ତା ଅବରୋଧ କରିବା ଓ ଗଣ୍ଡଗୋଳ କରିବା ଅଭିଯୋଗରେ ସାଲେପୁର ପୁଲିସ ୪୧୭/୨୦୨୫ରେ ଏକ ମାମଲା ରୁଜୁ କରି ୫ ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିବା ସାଲେପୁର ଆଇଆଇସି ଅନିତା ସାହୁ ପ୍ରକାଶ କରିଛନ୍ତି। ପ୍ରକାଶ ଯେ ସରକାର ପାର୍ବଣ ଋତୁରେ ଶୋଭାଯାତ୍ରା ଉପରେ କଟକଣା ଜାରି କରିଥିବାବେଳେ ଏହି କଟକଣାକୁ ବେଖାତିର କରି ଓ ସର୍ବସାଧାରଣ ରାସ୍ତାକୁ ଅବରୋଧ କରି ଗଣ୍ଡଗୋଳ ସୃଷ୍ଟି କରୁଥିବାବେଳେ ସାଲେପୁର ପୁଲିସ ଏହି ୫ ଜଣଙ୍କୁ ଗିରଫ କରିଥିବା ଜଣାଯାଇଛି।

## ମିନି ଷ୍ଟାଡିୟମ ଚତୁପାର୍ଶ୍ୱରୁ ଜବରଦଖଲ ଉଚ୍ଛେଦ ଦାବି

ଟିଗିରିଆ, ୧୩।୯ (ସମିସ): ଟିଗିରିଆ ବ୍ଲକ ପାଞ୍ଚଗାଁ ପଞ୍ଚାୟତସ୍ଥିତ ମିନି ଷ୍ଟାଡିୟମର ଉନ୍ନତିରେ ବାଧକ ସାଜିଥିବା ଜବରଦଖଲକାରୀଙ୍କୁ ଉଚ୍ଛେଦ କରି କାର୍ଯ୍ୟକୁ ଅଧିକ ସାବଲୀଳ ଢଙ୍ଗରେ ସମ୍ପାଦନ କରିବା ପାଇଁ ପାଞ୍ଚଗାଁ ଓ ସୋମପଡ଼ା ପଞ୍ଚାୟତର ଜନସାଧାରଣ, କ୍ରୀଡ଼ାବିତ ଓ କ୍ରୀଡ଼ାବିତ ଜିଲ୍ଲାପାଳଙ୍କ ସମେତ, ସ୍ଥାନୀୟ ତହସିଲଦାର ଓ ବିଡ଼ିଓଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ଗତବର୍ଷ ଜାନୁଆରୀ ୭ ତାରିଖରେ ଉକ୍ତ ଖେଳପଡ଼ିଆରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଫୁଟବଲ ପ୍ରତିଯୋଗିତାର ଫାଇନାଲ ମ୍ୟାଚରେ ମୁଖ୍ୟଅତିଥି ଭାବେ ରାଜ୍ୟସଭା ସାଂସଦ ତଥା କେନ୍ଦ୍ରମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଯୋଗଦେଇ ଉକ୍ତ ଖେଳ ପଡ଼ିଆର ଉନ୍ନତିକରଣ ନିମନ୍ତେ ଏମପି ଲ୍ୟାଡ଼ ସ୍କିମରୁ ୫୦ ଲକ୍ଷ ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ। କିନ୍ତୁ ଉକ୍ତ ମିନି ଷ୍ଟାଡିୟମର ଚତୁଃପାର୍ଶ୍ୱର ସରକାରୀ ଜାଗାକୁ କିଛି ବ୍ୟକ୍ତି ଜବରଦଖଲ କରି ରଖିଛନ୍ତି। ଫଳରେ ଉକ୍ତ ଷ୍ଟାଡିୟମର ଉନ୍ନତିକରଣରେ ବାଧା ସୃଷ୍ଟି ହୋଇଛି। ଉକ୍ତ ଜବରଦଖଲ ଉଚ୍ଛେଦ ପାଇଁ ପୂର୍ବରୁ ସ୍ଥାନୀୟ କ୍ରୀଡ଼ାପ୍ରେମୀ ଓ କ୍ରୀଡ଼ାବିତ ସ୍ଥାନୀୟ ବିଡ଼ିଓ ଓ ତହସିଲଦାରଙ୍କର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳି ନ ଥିଲା। ଜବରଦଖଲ ଉଚ୍ଛେଦ ବିନା ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ନିମନ୍ତେ ସ୍ଥାନୀୟ ବିଡ଼ିଓ ଓପନ ଟେଣ୍ଡର ମାଧ୍ୟମରେ ଠିକାଦାର ଚୟନ କରିଥିବା କ୍ରୀଡ଼ାପ୍ରେମୀମାନେ ଅଭିଯୋଗ କରିଛନ୍ତି। ତେଣୁ ଜିଲ୍ଲାପାଳ ଉକ୍ତ ସ୍ଥାନ ପରିଦର୍ଶନ କରି ପଡ଼ିଆର ଚତୁଃପାର୍ଶ୍ୱର ଜବରଦଖଲ ଉଚ୍ଛେଦ ପାଇଁ ପଦକ୍ଷେପ ଗ୍ରହଣ ସହ ଏହି ଖେଳ ପଡ଼ିଆକୁ ଅଞ୍ଚଳରେ ଏକ ଆଦର୍ଶ ଖେଳ ପଡ଼ିଆ ନିର୍ମାଣ କରାଯିବାର ବ୍ୟବସ୍ଥା କରିବା ପାଇଁ ନିବେଦନ କରିଛନ୍ତି। ଏହି ଦାବିପତ୍ର ପାଞ୍ଚଗାଁ ପଞ୍ଚାୟତର ଯୁବନେତା ଜଗଦୀଶ ମିଶ୍ରଙ୍କ ନେତୃତ୍ୱରେ ତ୍ରିନାଥ ସାହୁ, ଦିପୁ ମାଝୀ, ରଞ୍ଜନ ମାଝୀ ପ୍ରମୁଖ ଉପସ୍ଥିତ ଥିଲେ।

# ବିଭିନ୍ନ ସ୍ଥାନରେ ରାଷ୍ଟ୍ରୀୟ ଲୋକ ଅଦାଲତ






ଟିଗିରିଆ, ୧୩।୯ (ସମିସ)

ଟିଗିରିଆ କୋର୍ଟ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମକୁ ଟିଗିରିଆ ତାଲୁକ ଆଇନସେବା କମିଟିର ଅଧ୍ୟକ୍ଷ ତଥା ଟିଗିରିଆ କୋର୍ଟର ବିଚାରପତି ଅନିମେଶ ସାମଲ ଆନୁଷ୍ଠାନିକ ଭାବେ ଉଦଘାଟନ କରିଥିଲେ। ଆୟୋଜିତ କାର୍ଯ୍ୟକ୍ରମରେ ୩୩ ଟି ଫୌଜଦାରୀ ମାମଲାର ଫଇସଲା ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଟିଗିରିଆ ଓକିଲ ସଂଘର ସଭାପତି ମଙ୍ଗଳ କୃଷ୍ଣ ଦାସ, ସମ୍ପାଦକ ଶାନ୍ତନୁ ଦାଶ, ଆଇନଜୀବୀ ରମେଶ ଚନ୍ଦ୍ର ମାଝୀ, ଚନ୍ଦ୍ରମଣି ପଣ୍ଡା, ରଞ୍ଜନ ମହାରଣା, ସୁବାସଚନ୍ଦ୍ର ସାହୁ, ରଘୁନାଥ ଦାଶ, ଲିଗାଲ ରିଟେର୍ନର ଶରତ ଚନ୍ଦ୍ର ମହାପାତ୍ର, ଇଭା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ କୋର୍ଟର ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

### ଆଠଗଡ଼

ଆଠଗଡ଼ ତାଲୁକ ଆଇନ ସେବା କେନ୍ଦ୍ର ପକ୍ଷରୁ ଅଦାଲତ ପରିସରରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଆଇନ ସେବା କେନ୍ଦ୍ର ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଦୌରା ଜଜ୍ ରାଜକୁମାର ଦାସ ଏହାର ଉଦଘାଟନ କରି ୨୯ ଟି ମୋଟରଯାନ ଜନିତ ମାମଲାର ବିଚାର କରି ହିତାଧିକାରୀଙ୍କୁ ୧ କୋଟି ୨୩ ଲକ୍ଷ ୪୯ ହଜାର ୩୩୨ ଟଙ୍କା କ୍ଷତିପୂରଣ ବାବଦରେ ପ୍ରଦାନ କରିଥିଲେ। ବରିଷ୍ଠ ଦେୱାନୀ ବିଚାରପତି ଅମିତାଭ ପଣ୍ଡା ଗୋଟିଏ ଦେୱାନୀ ଏବଂ ଦୁଇଟି ବୈବାହିକ ମାମଲା ଫଏସଲା କରିଥିଲେ। ସେହିପରି ଉପଖଣ୍ଡ ବିଚାରବିଭାଗୀୟ ଅଧିକାରୀ ନରୋଜ କୁମାର ସାହୁ ୬୮ ଟି ଫୌଜଦାରୀ ମାମଲା ସମେତ ୭୧ଟି ମାମଲାର ଫଏସଲା କରିଥିଲେ। ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ଅଧିକାରୀ ସ୍ମିତପ୍ରଜ୍ଞା ଅମୃତ ତନୟା ଦୁଇଟି ଫୌଜଦାରୀ ମାମଲା ଫଏସଲା କରିଥିଲେ। ଏତଦବ୍ୟତୀତ ସ୍ଥାନୀୟ ଷ୍ଟେଟ ବ୍ୟାଙ୍କ, ୟୁକୋ ବ୍ୟାଙ୍କ, ଧୁରୁକୁଡିଆ ଏବଂ କନ୍ତୋଲ ସ୍ଥିତ ଇଣ୍ଡିଆନ ଓଭରସିଜ ବ୍ୟାଙ୍କ ଅନାଦେୟ ଋଣ ରାଶି ଆଦାୟ କରିଥିବା ବେଳେ ଉପଜିଲ୍ଲାପାଳ ପ୍ରହଲ୍ଲାଦ ନାରାୟଣ ଶର୍ମା ତହସିଲଦାର କୁଞ୍ଜବିହାରୀ ବଡ଼ଜେନା ନିଜ ନିଜର ଅଦାଲତ ପରିଚାଳନା କରିଥିଲେ। ଅଦାଲତ ପରିଚାଳନାରେ ସମସ୍ତ କର୍ମଚାରୀଙ୍କ ସହିତ ଓକିଲମାନେ ସହଯୋଗ କରିଥିବା ବେଳେ ଆଇନ ସହାୟିକା ରାଜଶ୍ରୀ ମହଲା ଏବଂ ବୀଣାପାଣି ପଣ୍ଡା ସହାୟତା କରିଥିଲେ।

### ମାହାଙ୍ଗା

ଭଦ୍ରେଶ୍ୱର: ମାହାଙ୍ଗା ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ଅଦାଲତରେ ଏକ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ମାହାଙ୍ଗା ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶର୍ମିଷ୍ଠା ଜେନା ଏହି ଲୋକ ଅଦାଲତରେ ଯୋଗଦାନ କରି ୨୦ରୁ ଊର୍ଦ୍ଧ୍ୱ ମାମଲାର ବିଚାର କରି ଫଇସଲା କରିଥିଲେ। ଏଥିରେ ସରକାରୀ ଓକିଲ ମାନସ ଦାସ, ପ୍ରମୋଦ ବାରିକଙ୍କ ସମେତ ଆଇନଜୀବୀ ଦୀପକ ମହାନ୍ତି, ଅକ୍ଷୟ ସ୍ୱାଇଁ, ସୁନାକର ମଲ୍ଲିକ ଏହି ଲୋକ ଅଦାଲତକୁ ପରିଚାଳନା କରିବାରେ ପୂର୍ଣ୍ଣ ସହଯୋଗ କରିଥିଲେ। ଅଦାଲତର ବରିଷ୍ଠ କିରାଣି ଅଭିରାମ ସେଠୀ, ନାଜିର ସରୋଜ ପଣ୍ଡା, ପେସକାର ଅଭୟ ବେହେରା, ଉଦୟନାଥ ସ୍ୱାଇଁ, ଷ୍ଟେନୋ ରଶ୍ମିରଞ୍ଜନ, ସେକ ସେକାୟତ ଅଲ୍ଲୀ, ସୁରେନ୍ଦ୍ର ତମସା, ଅନନ୍ତ ରାଉତ ଉପସ୍ଥିତ ଥିଲେ।

## ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନ୍‌ର ବାର୍ଷିକୋତ୍ସବ

ଚୌଦ୍ୱାର, ୧୩।୯ (ସମିସ): ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନର ବାର୍ଷିକୋତ୍ସବ ଗାନ୍ଧୀ ଛକସ୍ଥିତ ପୌର ଟାଉନହଲଠାରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଆସୋସିଏସନ ସଭାପତି ସତ୍ୟବ୍ରତ ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଚଳଚ୍ଚିତ୍ର ନିର୍ଦ୍ଦେଶକ ଶ୍ରୀତମ ଦାସ ଯୋଗଦେଇ ଆସୋସିଏସନର ଉତ୍ତୋରତ୍ତର ଉନ୍ନତି କାମନା କରିଥିଲେ। ଅନ୍ୟତମ ଅତିଥିଭାବେ କୁସୁମ ଗ୍ରୁପ୍ ଅଧ୍ୟକ୍ଷ ଅଭିନାଶ ପାତ୍ର, କଟକ ଫଟୋଗ୍ରାଫର ଆସୋସିଏସନ ସଭାପତି ସୁଜିତ ମିଶ୍ର, ପ୍ରାଚୀ ଡିଜିଟାଲ ଅଧ୍ୟକ୍ଷ ସଚ୍ଚିଦାନନ୍ଦ ସ୍ୱାଇଁ, ପୁପୁଲ ଫିଲ୍ମର ଅଧ୍ୟକ୍ଷ ପୁପୁଲ ମହାନ୍ତି, ନଳିନୀ ଭିଜନ ଅଧ୍ୟକ୍ଷ ଦେବେନ୍ଦ୍ର ନନ୍ଦ ପ୍ରମୁଖ ଯୋଗଦେଇ ଚୌଦ୍ୱାର ଫଟୋଗ୍ରାଫର ଆସୋସିଏସନର ଏଭଳି କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସଞ୍ଜୀବ କୁମାର ତିୱାରୀ ଅତିଥି ପରିଚୟ ପ୍ରଦାନ କରିଥିବା ବେଳେ ଜୀବନେନ୍ଦୁ ଲେଙ୍କା ବାର୍ଷିକ ବିବରଣୀ ପାଠ କରିଥିଲେ। ଏହି ଅବସରରେ ସମାଜରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ଅର୍ଜନ କରିଥିବା ବ୍ୟକ୍ତିବିଶେଷଙ୍କୁ ଅତିଥିମାନେ ସମ୍ବର୍ଦ୍ଧିତ କରିଥିଲେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଦୀପକ ବେଉରା, ଚିନ୍ମୟ ବେହେରା, ପ୍ରଦୀପ ମହାପାତ୍ର, ରମେଶ ସାହୁ, ଅଜିତ ସ୍ୱାଇଁ, ରଞ୍ଜିତ ବେଉରା, ପ୍ରଦୀପ ବିହାରୀ, ଆଲୋକ ଦାସଙ୍କ ସମେତ କର୍ମକର୍ତ୍ତା ପରିଚାଳନା କରିଥିଲେ। ସମ୍ପାଦକ ପରୀକ୍ଷିତ ଲେଙ୍କା ଧନ୍ୟବାଦ ଦେଇଥିଲେ।



# ଗଣେଶଙ୍କ ସ୍ମୃତିରେ ଶ୍ମଶାନରେ ଜଳିଲା ବିଜୁଳି




ନିରାକାରପୁର, ୧୩।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ନିରାକାରପୁର ନନ୍ଦପଡ଼ା ଗ୍ରାମର ଯୁବ ବ୍ୟବସାୟୀ ତଥା ଗଣେଶ ପୂଜା କମିଟିର ସକ୍ରିୟ ସଦସ୍ୟ ଗଣେଶ ପ୍ରଧାନ ଓରଫ ପିଲୁଙ୍କର ଶରୀର ଅସୁସ୍ଥତାରୁ ଅଳ୍ପବୟସରେ ଦେହାନ୍ତ ଘଟିଥିଲା। ତେବେ ତାଙ୍କର ଅନ୍ତିମ ସଂସ୍କାର ସମୟରେ ଶ୍ମଶାନଟି ସମ୍ପୂର୍ଣ୍ଣ ଅନ୍ଧକାର ଥିଲା। ଏପରିକି ଶବ ଦାହ ନିମନ୍ତେ ଯାଇଥିବା ସାଙ୍ଗସାଥୀ ଓ ଆତ୍ମୀୟ ସ୍ୱଜନ ବସିବା ପାଇଁ ମଧ୍ୟ ସେଠାରେ ସେଭଳି କିଛି ସୁବିଧା ନଥିଲା ଯ୍ତୁ ତେଣୁ ସ୍ୱର୍ଗତ ପିଲୁଙ୍କ ସ୍ମୃତିରେ ଉକ୍ତ ଶ୍ମଶାନକୁ ଆଲୋକୀକରଣ କରିବା ନିମନ୍ତେ ସ୍ଥାନୀୟ ଯୁବଗୋଷ୍ଠୀ ପଣ କରିଥିଲେ। ନିରାକାରପୁର ପଞ୍ଚାୟତର ପ୍ରାକ୍ତନ ସରପଞ୍ଚ ହୃଷିକେଶ ରାଉତରାୟଙ୍କ ନେତୃତ୍ୱରେ ସ୍ୱର୍ଗତ ପିଲୁଙ୍କର ଏକାଦଶ ତିଥିରେ ଶ୍ମଶାନକୁ ଆଲୋକିତ କରିବା ସହିତ ଏହା ମଧ୍ୟରେ କଂକ୍ରିଟ ବେଞ୍ଚ ପକାଯାଇଛି। ଏଥିପାଇଁ ସ୍ଥାନୀୟ ଯୁବଗୋଷ୍ଠୀ ଆର୍ଥିକ ସହାୟତା ଦେଇଛନ୍ତି। ଆଜିର ଉଦ୍‌ଘାଟନ କାର୍ଯ୍ୟକ୍ରମରେ ଗାଁର ଯୁବକମାନେ ଉପସ୍ଥିତ ଥିଲେ। ଯୁବକଙ୍କ ଏଭଳି ଜନହିତକର କାର୍ଯ୍ୟକ୍ରମକୁ ବୁଦ୍ଧିଜୀବୀ ମହଲରେ ସ୍ୱାଗତ କରାଯାଇଛି।

# ଡକାୟତି ଯୋଜନା ପଣ୍ଡ; ୫ ଗିରଫ



ଖୋର୍ଦ୍ଧା,୧୩।୯ (ସମିସ): ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ଥିବା ପେଟ୍ରୋଲ ପମ୍ପରୁ ବଡ଼ଧରଣର ଲୁଟ୍ ଯୋଜନା କରୁଥିବା ଏକ ଗ୍ୟାଙ୍ଗକୁ ଧରିବା ସହ ଡକାୟତି ଯୋଜନା ପଣ୍ଡ କରିଛି ଖୋର୍ଦ୍ଧା ଶିଳ୍ପାଞ୍ଚଳ ଥାନା ପୁଲିସ। ଡକାୟତି ଯୋଜନା କରୁଥିବା ୫ଜଣଙ୍କୁ ପୁଲିସ ବେଣାପଞ୍ଜରୀ-ଗଡ଼ଖୋର୍ଦ୍ଧା ରୋଡ୍‌ରେ ଥିବା ଗଡ଼ଚଣ୍ଡୀ ମନ୍ଦିର ନିକଟରୁ ଗିରଫ କରିଛି। ସେମାନେ ହେଲେ ତମାଣ୍ଡୋ ଥାନା ପାତ୍ରପଡ଼ା ସିଜୁଆର ଦୁଇଭାଇ ଅନୀଲ ପ୍ରଧାନ ଓରଫ ଟିମା (୩୦) ଓ ସୁନୀଲ ପ୍ରଧାନ ଓରଫ ରାଜା (୩୬), ଶିଳ୍ପାଞ୍ଚଳ ଥାନା ମୁକୁନ୍ଦପ୍ରସାଦର କ୍ରିଷ୍ଣାକୁମାର ପ୍ରଧାନ ଓରଫ ପିନୁ (୨୬), ତାଜ ଖାନ୍ ଓରଫ୍ ତାଜ (୨୭) ଏବଂ ଆଦର୍ଶ ଥାନା ଅନ୍ତର୍ଗତ ଗଡ଼ଦ୍ୱାରସାହିର ମୀନକେତନ ଆଚାର୍ଯ୍ୟ (୩୪)। ସେମାନଙ୍କ ଠାରୁ ପୁଲିସ ଗୋଟିଏ ବନ୍ଧୁକ, ୪ଟି ଦେଶୀବୋମା, ଖଣ୍ଡା, ଛୁରି, ଆରି ପାତ, ପ୍ଲାସ୍, ୨ଟି ହେଲମେଟ୍ ଓ ୨ଟି ବାଇକ୍ ଜବତ କରିଛି।

ସୂଚନା ଅନୁସାରେ, ଗତକାଲି ବିଳମ୍ବିତ ରାତିରେ କେତେକ ଯୁବକ ଗଡ଼ଚଣ୍ଡୀ ମନ୍ଦିର ନିକଟ ଏକ ପିଣ୍ଡିରେ ବସି କିଛି ଯୋଜନା କରୁଥିବା ପୁଲିସ ବିଶେଷ ସୂତ୍ରରୁ ଖବର ପାଇଥିଲା। ସେମାନଙ୍କୁ ଧରିବା ଲାଗି ଏସ୍‌ପି ବିବେକାନନ୍ଦ ଶର୍ମାଙ୍କ ନିର୍ଦ୍ଦେଶକ୍ରମେ ଭାରପ୍ରାପ୍ତ ଏସ୍‌ଡିପିଓ ଅନୀଲ ମହାନ୍ତି ଓ ଭାରପ୍ରାପ୍ତ ଥାନା ଅଧିକାରୀ ବାସୁଦେବ ଜୟସିଂଙ୍କ ତତ୍ତ୍ୱାବଧାନରେ ଏକ ଟିମ୍ ଗଠନ କରାଯାଇଥିଲା। ଏହି ଟିମ୍ ଏସ୍‌ଆଇ ସୁନିତା ବେହେରାଙ୍କ ନେତୃତ୍ୱରେ ରାତି ପ୍ରାୟ ୪.୪୦ମି. ସମୟରେ ଉକ୍ତ ପିଣ୍ଡିଠାରେ ଚଡ଼ଉ କରିଥିଲା। ଚଡ଼ଉବେଳେ ସୁନୀଲ ଓ ଅନୀଲ ସମେତ ୫ଜଣ ବନ୍ଧୁକ ଏବଂ ବୋମା ଦେଖାଇ ଖସିବାକୁ ଉଦ୍ୟମ କରିଥିଲେ ହେଁ ଏସ୍‌ଆଇ ଶ୍ରୀମତୀ ବେହେରା କୌଶଳକ୍ରମେ ବନ୍ଧୁକ ଓ ବୋମା ଛଡ଼ାଇ ସେମାନଙ୍କୁ ଧରିବାରେ ସଫଳ ହୋଇଥିଲେ। ସେମାନଙ୍କୁ ଥାନାରେ ପଚରାଉଚରା ସମୟରେ

**ବନ୍ଧୁକ, ବୋମା ସହ ୨ବାଇକ୍ ଜବତ**

ଜାତୀୟ ଓ ରାଜ୍ୟ ରାଜପଥ କଡ଼ରେ ଥିବା ପେଟ୍ରୋଲ ପମ୍ପ ଏବଂ ରାସ୍ତାରେ ଯାଉଥିବା ବଡ଼ ଗାଡ଼ିରୁ ବଡ଼ଧରଣର ଲୁଟ୍ କରିବାକୁ ଯୋଜନା କରିଥିବା ପୁଲିସ ଜାଣିବାକୁ ପାଇଥିଲା। ଏ ନେଇ ୨୧୭/୨୫ରେ ଏକ ମାମଲା ରୁଜୁ କରି ସେମାନଙ୍କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଛି। ଏହି ଚଡ଼ଉରେ ଶ୍ରୀମତୀ ବେହେରାଙ୍କ ସମେତ କନଷ୍ଟେବଳ ଗୋପୀନାଥ ମଙ୍ଗରାଜ, ପ୍ରଦୀପ ହରିଚନ୍ଦନ ପ୍ରମୁଖ ସାମିଲ ଥିଲେ। ଏହାର ତଦନ୍ତଭାର ଏସ୍‌ଆଇ ଅଶୋକ ମହାନ୍ତିଙ୍କୁ ଦିଆଯାଇଥିବା ଜଣାଯାଇଛି।

# ଓଡ଼ିଶା ପ୍ରୋ ଟି-୨୦ ଲିଗ୍ କ୍ରିକେଟ: ଜିଲ୍ଲାର ୭ ଖେଳାଳି ମନୋନୀତ

ଖୋର୍ଦ୍ଧା,୧୩।୯ (ସମିସ): ଓଡ଼ିଶା କ୍ରିକେଟ ଆସୋସିଏସନ ଆନୁକୂଲ୍ୟରେ ଆସନ୍ତା ୧୭ରୁ ୨୬ ତାରିଖ ପର୍ଯ୍ୟନ୍ତ କଟକ ବାରବାଟୀ ଷ୍ଟାଡିୟମ ଠାରେ ଅନୁଷ୍ଠିତ ହେବାକୁ ଥିବା ଓଡ଼ିଶା ପ୍ରୋ ଟି -୨୦ ଲିଗ କ୍ରିକେଟ ଟୁର୍ଣ୍ଣାମେଣ୍ଟରେ ଅଂଶ ଗ୍ରହଣ କରୁଥିବା ୬ଟି ଦଳରେ ଖେଳିବାକୁ ଥିବା ଖେଳାଳିଙ୍କ ନିଲାମ ପ୍ରକ୍ରିୟାରେ ଖୋର୍ଦ୍ଧା ଜିଲ୍ଲାରୁ ୭ଜଣ ଖେଳାଳି ବିଭିନ୍ନ ଫ୍ରାଞ୍ଚାଇଜ ପାଇଁ ମନୋନୀତ ହୋଇଛନ୍ତି। ଆର୍ଯ୍ୟଶ୍ରୀ ଦେବାଶିଷ ଭଟ୍ଟ ଭୁବନେଶ୍ୱର ଟାଇଗର୍ସ, ଦେବବ୍ରତ ପ୍ରଧାନ ଏବଂ ବିଶ୍ୱଭୂଷଣ ବିହାରୀ କେନ୍ଦୁଝର ମାଇନର୍ସ, ରୁଦ୍ର ପ୍ରାସାଦ ମଲ୍ଲିକ ଏବଂ ଆଦିତ୍ୟ ଜୟସିଂ ପୁରୀ ଟାଇଟନ୍ସ, ରାକେଶ ପଟ୍ଟନାୟକ ଏବଂ ହେମନ୍ତ ରଥ୍ ସମ୍ବଲପୁର ୱାରିୟର୍ସ ପାଇଁ ଖେଳିବାକୁ ମନୋନୀତ ହୋଇଛନ୍ତି। ଚଳିତ ବର୍ଷର ପ୍ରୋ ଟି ୨୦ ଲିଗ୍‌ରେ ଜିଲ୍ଲାର ଏତେ ସଂଖ୍ୟ ପିଲା ମନୋନୀତ ହୋଇଥିବାରୁ ଜିଲ୍ଲା ଖେଳ ପ୍ରେମୀଙ୍କ ମଧ୍ୟରେ ଖୁସି ପରିଲକ୍ଷିତ ହୋଇଛି। ଜିଲ୍ଲା କ୍ରିକେଟ ସଙ୍ଘ, ଖୋର୍ଦ୍ଧାର ସଭାପତି ତଥା ପୂର୍ବତନ ଖୋର୍ଦ୍ଧା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରାଜେନ୍ଦ୍ର କୁମାର ସାହୁ ଖେଳାଳିଙ୍କ ଉନ୍ନତ ପ୍ରଦର୍ଶନ କାମନା କରିଛନ୍ତି। ରବିବାର ସମସ୍ତ ଖେଳାଳିଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ଆସୋସିଏସନ ସମ୍ପାଦକ ତଥା ଓସିଏ କୋଷାଧ୍ୟକ୍ଷ ବିକାଶ ପ୍ରଧାନ ପ୍ରକାଶ କରିଛନ୍ତି।

# ୨୧ କେଜିରୁ ଊର୍ଦ୍ଧ୍ୱ ଗଞ୍ଜେଇ ଜବତ, ଜଣେ ଗିରଫ

ନିରାକାରପୁର,୧୩।୯ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଙ୍କିଆ ଥାନା ଛଣଗିରି ନୂଆ ଜଗନ୍ନାଥ ସଡ଼କ କବରସ୍ଥାନ ସମ୍ମୁଖରେ ଆଜି ଜଙ୍କିଆ ଥାନା ଆଇଆଇସି ସୁଶାନ୍ତ କୁମାର ବେହେରାଙ୍କ ନିର୍ଦ୍ଦେଶରେ ସିକୋ ଫାଣ୍ଡି ଅଧିକାରୀ ପ୍ରସନ୍ନ ଜେନା ଅନ୍ୟ ଦୁଇ ଜଣ କର୍ମଚାରୀ ଚଢ଼ଉ କରି ୨୧ କେଜି ୫୦୦ ଗ୍ରାମ ଗଞ୍ଜେଇ ଜବତ କରିବା ସହିତ ଜଣଙ୍କୁ ଗିରଫ କରିଥିବା ଜଣାପଡ଼ିଛି। ଓଡି ୦୭- ୩୪୮୮ ବିଶିଷ୍ଟ ଗାଡ଼ିକୁ ଅଟକାଇ ଯାଞ୍ଚ କରିବାବେଳେ ଏହି ଗାଡ଼ିରେ ଏକ ଜରି



ବସ୍ତାରେ ଚୋରା ଚାଲାଣ ହେଉଥିବା ଗଞ୍ଜେଇକୁ ଜବତ କରିଥିଲେ। ଏହାକୁ ନେଇ ଯାଉଥିବା ଜଙ୍କିଆ ଥାନା ସିକୋ ଗ୍ରାମର ମାଗୁଣି ସାହୁ (୬୨)ଙ୍କୁ ଗିରଫ କରାଯାଇଛି। ତାଙ୍କ ଠାରୁ ନଗଦ ୩୭୨୦ ଟଙ୍କା ମଧ୍ୟ ଜବତ କରାଯାଇଛି। ସେ ଏହି ଗଞ୍ଜେଇ ରଣପୁର ଆଡୁ ଆଣି ଖୋର୍ଦ୍ଧା ଅଞ୍ଚଳକୁ ନେଉଥିବା ପ୍ରକାଶ କରିଥିଲେ। ଜଙ୍କିଆ ପୁଲିସ କେସ ନଂ ୩୨୭/୨୫ ରେ ଏକ ମାମଲା ରୁଜୁ କରି ମାଗୁଣିଙ୍କୁ କୋର୍ଟ ଚାଲାଣ କରି ତଦନ୍ତ ଚଳାଇଥିବା ଜଣାପଡ଼ିଛି।

**ଜିଲ୍ଲାସ୍ତରୀୟ ମହକ ଓ ଉତ୍ସାହ ଉଦ୍‌ଯାପିତ**

# ସାମିଲ ହେଲେ ୧୦ ଶିଶୁ ଯତ୍ନ ଅନୁଷ୍ଠାନର ୨୫୦ ଅନ୍ତେବାସୀ



ଖୋର୍ଦ୍ଧା,୧୩।୯ (ସମିସ): ଜିଲ୍ଲା ଶିଶୁ ସୁରକ୍ଷା ୟୁନିଟ୍ ଆନୁକୂଲ୍ୟରେ ଚାଲିଥିବା ଜିଲ୍ଲାସ୍ତରୀୟ ମହକ ଓ ଉତ୍ସାହ ୨୦୨୫ ଉଦ୍‌ଯାପିତ ହୋଇଯାଇଛି। ଗତକାଲି ଉତ୍ସାହ - ୨୦୨୫ ଖୋର୍ଦ୍ଧା ଷ୍ଟାଡିୟମ ଠାରେ ଅନୁଷ୍ଠିତ ହୋଇଥିବା ବେଳେ ଆଜି ମହକ-୨୦୨୫ ଖୋର୍ଦ୍ଧା ବିଜେବି ଉଚ୍ଚ ବିଦ୍ୟାଳୟ ଠାରେ ଅନୁଷ୍ଠିତ ହୋଇଥିଲା। ଡେପୁଟି କଲେକ୍ଟର ଶ୍ରୀତପା ମିଶ୍ର ମୁଖ୍ୟ ଅତିଥି ରୂପେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥିଭାବେ ବିଜେବି ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ବିଭୁ ପ୍ରସାଦ ସେନାପତି, ଅତିରିକ୍ତ ଜିଲ୍ଲା ସ୍ୱାସ୍ଥ୍ୟ ଅଧିକାରୀ ଡଃ ଇନ୍ଦିରା ରଥ, ଶିଶୁ କଲ୍ୟାଣ ସମିତିର ସଦସ୍ୟ ସ୍ୱପ୍ନା ତ୍ରିପାଠୀ ଏବଂ ମନୀଷା ପଣ୍ଡା ପ୍ରମୁଖ ଯୋଗ ଦେଇଥିଲେ। ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ସ୍ୱାଗତ ଭାଷଣ ଦେବା ସହିତ ଏହି କାର୍ଯ୍ୟକ୍ରମର ଆଭିମୁଖ୍ୟ ଉପରେ ଆଲୋଚନା କରିଥିଲେ। ମହକ ଓ ଉତ୍ସାହରେ ଫୁଟବଲ, କ୍ୟାରମ, ଚେସ, ୧୦୦ ମିଟର ଦୌଡ଼, ଉଚ୍ଚ ଡିଆଁ, ଲମ୍ବ ଡିଆଁ, ନୃତ୍ୟ, ସଙ୍ଗୀତ, ବକ୍ତୃତା, ପ୍ରଶ୍ନୋତ୍ତରୀ ଏବଂ ଚିତ୍ରାଙ୍କନ ପ୍ରଭୃତି ପ୍ରତିଯୋଗିତା ଆୟୋଜିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ଖୋର୍ଦ୍ଧା ଜିଲ୍ଲାର ୧୦ଟି ଶିଶୁ ଯତ୍ନ ଅନୁଷ୍ଠାନର ୨୫୦ ଜଣ ଅନ୍ତେବାସୀ ଭାଗ ନେଇଥିଲେ।

ଉଦ୍‌ଯାପନୀ ଉତ୍ସବରେ ଶିଶୁ ମଙ୍ଗଳ ସମିତିର ସଭ୍ୟ ବ୍ରଜ କିଶୋର ମହାପାତ୍ର, ମନୀଷା ପଣ୍ଡା, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ଓଡ଼ିଶାର ଜଣାଶୁଣା ଚଳଚ୍ଚିତ୍ର ଜଗତର ସଙ୍ଗୀତଜ୍ଞ ଶୈଳେନ୍ଦ୍ର ପାତ୍ର, ଗୀତିକାର ସୂର୍ଯ୍ୟ ଶ୍ରୀକାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ସଚିନ୍ଦ୍ର ନାଥ ସାହୁ, ଅଶୋକ କୁମାର ସେଠୀ, ସୁକାନ୍ତ ପୃଷ୍ଟି, ରଞ୍ଜନ ଗୋଛାୟତ, ଗୀତାଞ୍ଜଳି ମହାନ୍ତି, ମନସ୍ୱିନୀ ମହାପାତ୍ର, ସତ୍ୟବ୍ରତ ସମାନ୍ତରା, ସଚ୍ଚିଦାନନ୍ଦ ସେଠୀ, ଶୁଭାଶିଷ ପଟ୍ଟନାୟକ, ନିରାଳି ପ୍ରଧାନ, ଅର୍ଚ୍ଚନା ରାୟ, ସ୍ୱେଚ୍ଛାସେବୀ ଅନୁଷ୍ଠାନ ଭୈରବୀ କ୍ଲବ୍ ଏବଂ ବିଷ୍ଣୁ ଜୀବନ ସେବା ସଂଘର ସ୍ୱେଚ୍ଛାସେବୀ ପରିଚାଳନାରେ ସହଯୋଗ କରିଥିଲେ।

# ଆନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର



ବାଣପୁର,୧୩।୯ (ସମିସ) : ଶ୍ରମ ବିଭାଗ ଓ ଜିଲ୍ଲା ପ୍ରଶାସନର ମିଳିତ ଆନୁକୂଲ୍ୟରେ ବାଣପୁର ବ୍ଲକ ଅନ୍ତର୍ଗତ କୁମାରାଙ୍ଗ ଶାସନ ଗ୍ରାମ ପଞ୍ଚାୟତ ବାତ୍ୟା ଆଶ୍ରୟସ୍ଥଳୀ ପରିସରରେ ପଞ୍ଚାୟତସ୍ତରୀୟ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ସହକାରୀ ଶ୍ରମ ଅଧିକାରୀ ସୌମ୍ୟ ରଞ୍ଜନ କର, ସରପଞ୍ଚ, ନାଏବ ସରପଞ୍ଚ, ସମିତି ସଭ୍ୟ, ଟ୍ରେଡ୍ ୟୁନିଅନ ପ୍ରତିନିଧିଙ୍କ ସମେତ ସ୍ଥାନୀୟ ଅଞ୍ଚଳର ଶ୍ରମିକ ସାମିଲ ହୋଇଥିଲେ। ଏହି କାର୍ଯ୍ୟକ୍ରମରେ ଶ୍ରମିକ ମାନଙ୍କ ପାଇଁ ଉଦ୍ଦିଷ୍ଟ ବହୁବିଧ ଯୋଜନା ଗୁଡିକ ସମ୍ପର୍କରେ ଆଲୋଚନା କରା ଯାଇଥିବା ସହ ଆନ୍ତଃରାଜ୍ୟ ଶ୍ରମିକମାନଙ୍କ ପାଇଁ ଉପଲବ୍ଧ ବିଭିନ୍ନ ଆଇନ ପ୍ରାବଧାନ ସମ୍ପର୍କରେ ତଥା ଦେଶ ବାହାରେ କାର୍ଯ୍ୟରତ ଶ୍ରମିକ ମାନଙ୍କ ଲାଗି ଉପଲବ୍ଧ ଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଉପସ୍ଥିତ ପ୍ରବାସୀ ଶ୍ରମିକଙ୍କୁ ସଚେତନ କରଯାଇଥିଲା। ଏହି ଅବସରରେ ୧୪ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ ବଣ୍ଟନ କରାଯାଇଥିଲା। ଅନୁରୂପ ଭାବେ ବାଣପୁର ବ୍ଲକ୍ ଦୁଇ ଗ୍ରାମପଞ୍ଚାୟତ ଗାଲୁଆ ଓ ବିଷ୍ଣୁଡିହ ପଞ୍ଚାୟତ କାର୍ଯ୍ୟାଳୟରେ ପୃଥକ୍ ଭାବେ ପଞ୍ଚାୟତସ୍ତରୀୟ ଅନ୍ତଃରାଜ୍ୟ ପ୍ରବାସୀ ଶ୍ରମିକ ସଚେତନତା ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୬ ଜଣଙ୍କୁ ନିର୍ମାଣ ଶ୍ରମିକ କାର୍ଡ ଓ ଜଣଙ୍କୁ ଅଣସଂଗଠିତ ଶ୍ରମିକ ସାମାଜିକ ସୁରକ୍ଷା କାର୍ଡ ବଣ୍ଟନ କରାଯାଇଥିବା ବେଳେ ଏହି କାର୍ଯ୍ୟକ୍ରମରେ ବିଭିନ୍ନ ଅଞ୍ଚଳର ବହୁ ଶ୍ରମିକ ତଥା ଅଞ୍ଚଳବାସୀ ସାମିଲ ହୋଇଥିଲେ।

# ବାଣପୁରରେ ବିଶ୍ୱ ଭ୍ରାତୃତ୍ୱ ଦିବସ

ବାଣପୁର,୧୩।୯ (ସମିସ) : ବିବେକାନନ୍ଦ କେନ୍ଦ୍ର କନ୍ୟାକୁମାରୀ ବାଣପୁର ଓ ବାଲୁଗାଁ ଶାଖା ତରଫରୁ ବାଣପୁର ଗୋଦାବରୀଶ ମହାବିଦ୍ୟାଳୟ ପରିସରରେ ବିଶ୍ୱ ଭ୍ରାତୃତ୍ୱ ଦିବସ ପାଳିତ ହୋଇଯାଇଛି। ନଗର ସଞ୍ଚାଳକ ସତ୍ୟ ନାରାୟଣ ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଅତିଥି ଭାବେ ମହାବିଦ୍ୟାଳୟର ଅଧ୍ୟକ୍ଷ ଡକ୍ଟର୍ ସୁର୍ ପ୍ରତାପ ନରେନ୍ଦ୍ର ସିଂହ ବର୍ମା ଓ ବାଲୁଗାଁ ମହାବିଦ୍ୟାଳୟର ଅଧ୍ୟାପକ ଡକ୍ଟର୍ କୈଳାସ ଚନ୍ଦ୍ର ମହାରଣା ଯୋଗଦେଇ ଭ୍ରାତୃତ୍ୱ ଦିବସ ସମ୍ପର୍କରେ ଆଲୋକପାତ କରିବା ସହ ବର୍ତ୍ତମାନର ଯୁବ ପିଢ଼ି ସ୍ୱାମିଜୀଙ୍କ ବାଣୀରେ ଅନୁପ୍ରାଣିତ ହେବାକୁ ପରାମର୍ଶ ଦେଇଥିଲେ। କେନ୍ଦ୍ର ପକ୍ଷରୁ ଅନୁଷ୍ଠିତ ହୋଇଯାଇଥିବା ସ୍ୱାମିଜୀଙ୍କ ଜୀବନୀ ଉପରେ ଅଧାରିତ ସ୍ୱାଧ୍ୟାୟ ପରୀକ୍ଷାରେ କୃତିତ୍ୱ ହାସଲ କରିଥିବା ଛାତ୍ରଛାତ୍ରୀଙ୍କୁ ପ୍ରମାଣ ପତ୍ର ସହ ପୁରସ୍କାର ପ୍ରଦାନ କରାଯାଇଥିଲା। ସୁକାନ୍ତ ଜେନା, ଅଧ୍ୟାପିକା ମିକି ମନସ୍ୱିନୀ ଓ ଡକ୍ଟର୍ ଅରବିନ୍ଦ ନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ବୈରାଗୀଚରଣ ବଳ ଧନ୍ୟବାଦ ଅର୍ପଣ କରିଥିଲେ।

# ନାଚୁଣୀ ବଜାର ପ୍ରଶସ୍ତୀକରଣ ପାଇଁ ମାପଚୁପ ଆରମ୍ଭ

ଚିଲିକା,୧୩।୯ (ସମିସ): ପୁରାତନ ୫ନମ୍ବର ଜାତୀୟ ରାଜପଥର ନାଚୁଣୀ ବଜାରରେ ରାସ୍ତା ପ୍ରଶସ୍ତୀକରଣ ପାଇଁ ମାପଚୁପ ଆରମ୍ଭ ହୋଇଛି। ରାସ୍ତାର ମଧ୍ୟଭାଗରୁ ଦୁଇ ପାଶ୍ୱର୍ରେ ୪୫ଫୁଟ ଯାଏଁ ରାସ୍ତା ଚଉଡ଼ା କରାଯାଇ ଏହାକୁ ୯୦ଫୁଟ ବିଶିଷ୍ଟ କରାଯିବ ବୋଲି ଜଣାପଡ଼ିଛି। ଏହା ଫଳରେ ବେଆଇନ ଭାବେ ସରକାରୀ ଜମିକୁ ଜବରଦଖଲ କରି ଦୋକାନ କରିଥିବା ବହୁ ବ୍ୟବସାୟୀ ପ୍ରଭାବିତ ହେବେ ବୋଲି ଆଜିର ମାପଚୁପ ଓ ସ୍ଥାନ ଚିହ୍ନଟ ପରେ ସ୍ପଷ୍ଟ ହୋଇଛି। ପ୍ରଥମ ଦିବସରେ ଉତ୍ତର ପଟୁ ଓଭର ବ୍ରିଜ୍ ଠାରୁ ନାଚୁଣୀ ବଜାର ମଧ୍ୟସ୍ଥ ତ୍ରିଛକ ଯାଏଁ ମାପଚୁପ ସରିଥିବା ବେଳେ ଦ୍ୱିତୀୟ ଦିବସରେ ପୁଣି ମାପଚୁପ ଚାଲିଛି। ଏହି କାର୍ଯ୍ୟକ୍ରମ ବାଣପୁର ତହସିଲଦାର ଡି. ପଦ୍ମନାଭ ଦୋରାଙ୍କ ନେତୃତ୍ୱରେ ହୋଇଥିବାବେଳେ ରାସ୍ତା ଓ ନିର୍ମାଣ ବିଭାଗର ଉପଖଣ୍ଡ ଅଧିକାରୀ ସାଇଦୀପ ସାହୁ, ନାଚୁଣୀ ରାଜସ୍ୱ ନିରୀକ୍ଷକ ଏବଂ ନାଚୁଣୀ ପୁଲିସ ପ୍ରଶାସନ ସହାୟତା କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୯୫ ମାମଲା ଫଇସଲା

ଖୋର୍ଦ୍ଧା,୧୩।୯ (ସମିସ): ଖୋର୍ଦ୍ଧା କୋର୍ଟ ପରିସରରେ ତାଲୁକ୍ ଆଇନ ସେବା କମିଟି ପକ୍ଷରୁ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ରାଷ୍ଟ୍ରୀୟ ଲୋକ ଅଦାଲତ ଅଧ୍ୟକ୍ଷ ତଥା ପ୍ରଥମ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ରଞ୍ଜୁଲତା ଲେଙ୍କା ଏଥିରେ ଅଧ୍ୟକ୍ଷତା କରିଥିଲେ। ଏଥିରେ ଫୌଜଦାରୀ, ଦେୱାନୀ, ମଟର ଦୁର୍ଘଟଣା ଜନିତ, ବୈବାହିକ ମାମଲା ଏବଂ ବିଭିନ୍ନ ଜାତୀୟକରଣ ବ୍ୟାଙ୍କ ଗୁଡ଼ିକର ମାମଲା ଫଇସଲା ହୋଇଛି। ମୋଟ ୪୯୯ ଟି ମକଦ୍ଦମା ବିଚାରକୁ ଆସିଥିବାବେଳେ ୧୯୫ଟି ମୋକଦ୍ଦମା ଫଇସଲା କରାଯାଇଛି। ଏ ବାବଦକୁ ୧, ୮୪,୫୧,୦୦୦ଟଙ୍କା ଜରିମାନା ବାବଦକୁ ଆଦାୟ କରାଯାଇଛି। ଏଥିସହିତ ୨୦ଟି ଜାତୀୟକରଣ ବ୍ୟାଙ୍କର ୧୯ଟି ମାମଲା ବିଚାରକୁ ନିଆଯାଇ ୧୭ଟି ଫଇସଲା କରାଯାଇ ମୋଟ ୪,୪୫,୫୦୦ ଟଙ୍କା ଆଦାୟ କରାଯାଇଛି। ଏଥିରେ ଖୋର୍ଦ୍ଧା ଜିଲ୍ଲା କୋର୍ଟର ସମସ୍ତ ବିଚାରପତି ସହଯୋଗ କରିଥିଲେ। ତାଲୁକଆଇନ ସେବା ସମ୍ପାଦକ ବସନ୍ତ ଶଥପଥି ସଂଯୋଜନା କରିଥିଲେ। ଓକିଲ ସଂଘର ସଭାପତି ଜୀବନଜ୍ୟୋତି ମିଶ୍ର, ସମ୍ପାଦକ କ୍ଷୀରୋଦ ମୋହନ ସ୍ୱାଇଁ, ଆଇନଜୀବୀ ପ୍ରଭାତ ବେହେରା, ବିକ୍ରମ ଚମ୍ପତି, ମନ୍ମଥ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ବନ୍ଧୁଙ୍କ ସ୍ମୃତିରେ ୨୫ ୟୁନିଟ୍ ରକ୍ତ ସଂଗୃହୀତ

ଖୋର୍ଦ୍ଧା,୧୩।୯ (ସମିସ): ନବିନାବାଗସ୍ଥିତ ବକ୍ସି ଜଗବନ୍ଧୁ କ୍ଲବ୍‌ର ସଭ୍ୟ ତଥା ଯୁବ ସ୍ୱେଚ୍ଛାସେବୀ ଦିବଂଗତ ଲେଲିନ ପାଇକରାୟଙ୍କ ଦ୍ୱାଦଶ ଅବସରରେ ବକ୍ସି ଜଗବନ୍ଧୁ କ୍ଲବ୍ ଆନୁକୂଲ୍ୟରେ ଆଜି ସ୍ଥାନୀୟ ଏକ ମଣ୍ଡପ ଠାରେ ରକ୍ତଦାନ ଶିବିର ଓ ସ୍ମୃତି ଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଯୁବ ସମାଜସେବୀ ଡଃ ସଞ୍ଜୟ ପଟ୍ଟନାୟକ ଉଦ୍‌ଘାଟନ କରିଥିଲେ। ଏହି କାର୍ଯ୍ୟକ୍ରମରେ କ୍ଲବର ସଦସ୍ୟ, ତାଙ୍କର ସାଙ୍ଗ ସାଥୀ ଓ ସମ୍ପର୍କୀୟମାନେ ରକ୍ତଦାନ କରିଥିଲେ। ଶିବିରରେ ମୋଟ ୨୫ୟୁନିଟ୍ ରକ୍ତ



ସଂଗୃହୀତ ହୋଇଛି। କାର୍ଯ୍ୟକ୍ରମରେ କ୍ଲବ୍‌ର ସଭାପତି ଦେବେନ୍ଦ୍ର ଶତପଥୀ, ଖୋର୍ଦ୍ଧା ବ୍ଲକ୍ ଉପାଧ୍ୟକ୍ଷ ପ୍ରକାଶ ସାମନ୍ତରାୟ, ବ୍ଲଡ୍ ବ୍ୟାଙ୍କ କର୍ମଚାରୀ ଡଃ ସୌରଭ ସୁନ୍ଦର ରାୟ, ଡଃ ଜୟନାରାୟଣ ପାଢ଼ୀ, ଅରୁଣ କୁମାର ସାହୁ, ସ୍ମିତ ରଞ୍ଜନ ବଳିୟାରସିଂହ, ଦିଲନ୍ କୁମାର ଜେନା, ନିରାକାର ବଳିୟାରସିଂହ, ଦେବାଶିଷ ସାହୁ, ସତ୍ୟ ପ୍ରକାଶ ସାହୁ, ସମୀର ସ୍ୱାଇଁ ଓ ପ୍ରିୟବ୍ରତ ବାରିକ ପ୍ରମୁଖ ଉପସ୍ଥିତ ରହି ଉକ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

**ଗଣଶିକ୍ଷା, ମିଶନଶକ୍ତି ସଚିବଙ୍କ ଖୋର୍ଦ୍ଧା ଗସ୍ତ**

# ‘ଗ୍ରାମାଞ୍ଚଳର ବିକାଶରେ ଏସ୍‌ଏଚ୍‌ଜିର ଭୂମିକା ଗୁରୁତ୍ୱପୂର୍ଣ୍ଣ’

ଖୋର୍ଦ୍ଧା/ବେଗୁନିଆ,୧୩।୯ (ସମିସ)



ରାଜ୍ୟ ସରକାରଙ୍କ ସ୍କୁଲ ଓ ଗଣଶିକ୍ଷା ବିଭାଗ ଏବଂ ମିଶନଶକ୍ତି ଶାସନ ସଚିବ ଶାଳିନୀ ପଣ୍ଡିତ ଦିନିକିଆ ଖୋର୍ଦ୍ଧା ଗସ୍ତରେ ଆସି ବିଭିନ୍ନ ଯୋଜନାର ସମୀକ୍ଷା କରିଛନ୍ତି। ଉନ୍ନତମାନର ଶିକ୍ଷା, ଶୈକ୍ଷିକ ବାତାବରଣ ଏବଂ ଡ୍ରପ୍‌ଆଉଟ ସଂଖ୍ୟା ହ୍ରାସ ଉପରେ ଗୁରୁତ୍ୱାରୋପ କରିଛନ୍ତି। ଗ୍ରାମାଞ୍ଚଳର ମହିଳାଙ୍କୁ ସାମାଜିକ ସ୍ରୋତରେ ସାମିଲ ଉପରେ ଗୁରୁତ୍ୱ ଦେଇଛନ୍ତି। ସେହିପରି ‘ଗ୍ରାମାଞ୍ଚଳର ବିକାଶରେ ସ୍ୱୟଂ ସହାୟିକା ଗୋଷ୍ଠୀ (ଏସ୍‌ଏଚ୍‌ଜି)ର ଭୂମିକା ଗୁରୁତ୍ୱପୂର୍ଣ୍ଣ’ ବୋଲି କହିଥିଲେ ।

ପୂର୍ବାହ୍ନରେ ବେଗୁନିଆ ବ୍ଲକ୍ ବାଘମାରୀ ପଞ୍ଚାୟତର ବାମଡିହସ୍ଥିତ ଏକ ବ୍ରଏଲର କୁକୁଡ଼ା ଫାର୍ମ ପରିଦର୍ଶନ କରିଥିଲେ। ସେଠାରୁ କୁଶପଲ୍ଲାସ୍ଥିତ ଅଙ୍ଗନବାଡ଼ିକେନ୍ଦ୍ର ପରିଦର୍ଶନ କରି ପିଲାଙ୍କ ଉପସ୍ଥାନ, ଟିକାକରଣ, ସରକାରଙ୍କ ବିଭିନ୍ନ ଯୋଜନାର କାର୍ଯ୍ୟକାରିତା ସମ୍ପର୍କରେ ସମୀକ୍ଷା କରିଥିଲେ। ଅଙ୍ଗନବାଡ଼ି କେନ୍ଦ୍ରର ସ୍ୱଚ୍ଛତା, ପିଲାଙ୍କୁ ଉନ୍ନତମାନର ଖାଦ୍ୟ, ବିଭିନ୍ନ ସମୟରେ ସରକାରଙ୍କ ପକ୍ଷରୁ ଜାରି କରାଯାଉଥିବା ଯୋଜନାଗୁଡ଼ିକର ସଫଳ ରୂପାୟନ ଦିଗରେ ଅଙ୍ଗନବାଡ଼ି କର୍ମୀଙ୍କ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ପିଲାଙ୍କ ସ୍ୱାସ୍ଥ୍ୟର ଯତ୍ନନେବା ଉପରେ ଗୁରୁତ୍ୱାରୋପ କରିଥିଲେ। ଦାୟିତ୍ୱରେ ଥିବା ଅଙ୍ଗନବାଡ଼ି କର୍ମୀ, ସହାୟିକା, ସ୍ଥାନୀୟ ସିଡିପିଓଙ୍କୁ ବିଭିନ୍ନ ଯୋଜନା ସମ୍ପର୍କରେ ପଚାରି ବୁଝିଥିଲେ। ସେଠାରୁ ଏକ ମହିଳା ଗୋଷ୍ଠୀ ଉତ୍ପାଦନକେନ୍ଦ୍ର ପରିଦର୍ଶନ କରି ସେମାନଙ୍କ ସହିତ ଉତ୍ପାଦିତ ସାମଗ୍ରୀର ଗୁଣବତ୍ତା ବଜାୟ ରଖିବାକୁ ପରାମର୍ଶ ଦେଇଥିଲେ।

ମହିଳାଙ୍କ ଆର୍ଥିକ ବିକାଶ, ସ୍ୱାବଲମ୍ବୀ ଉପରେ ସରକାର ଗୁରୁତ୍ୱ ଦେଉଛନ୍ତି। ଗ୍ରାମାଞ୍ଚଳର ବିକାଶରେ ସ୍ୱୟଂସହାୟିକା ଗୋଷ୍ଠୀଙ୍କର ଏକ ପ୍ରମୁଖ ଭୂମିକା ରହିଛି ବୋଲି କହିଥିଲେ। ବିଭିନ୍ନ ଯୋଜନାରେ ଦିଆଯାଉଥିବା ଋଣକୁ ସଠିକ କାର୍ଯ୍ୟରେ ଲଗାଇ ଆର୍ଥିକ ସ୍ୱାବଲମ୍ବନ ହେବାକୁ ପରାମର୍ଶ ଦେଇଥିଲେ। ସେହିପରି କୁଶପଲାରେ ନିର୍ମାଣଧୀନ ମେଗା ପାନୀୟ ଜଳ ପ୍ରକଳ୍ପ ଅଗ୍ରଗତି ସମ୍ପର୍କରେ ବିଭାଗୀୟ ଅଧିକାରୀ ଓ ଯନ୍ତ୍ରୀଙ୍କ ସହ ଆଲୋଚନା କରିଥିଲେ। ପରେ ସେଠାରୁ ରାଉତପଡ଼ା ବୁଣାକାର ଉତ୍ପାଦକ ଗୋଷ୍ଠୀ କେନ୍ଦ୍ରକୁ ପରିଦର୍ଶନ କରିଥିଲେ। ପରେ ସେଠାରୁ ଖୋର୍ଦ୍ଧା ବ୍ଲକ୍ ନନ୍ଦପୁର ପଞ୍ଚାୟତର ଅନ୍ତ୍ୟୋଦୟ ହିତାଧିକାରୀ ମାଗି ଦେବୀ ଏବଂ କୁସୁମ ନାୟକଙ୍କ ଘର ପରିଦର୍ଶନ କରିଥିଲେ।

ପରେ ଜଟଣୀ ବ୍ଲକ ବେଣାପଞ୍ଜରୀ ପଞ୍ଚାୟତର ଗ୍ରାମୀଣ ଶିଳ୍ପ ପରିଦର୍ଶନ କରିଥିଲେ। ସେଠାରେ କାର୍ଯ୍ୟରତ ମହିଳା ଏସ୍‌ଏଚ୍‌ଜି ମାନଙ୍କ ସହ ଆଲୋଚନା କରିଥିଲେ। ଶାଳିନୀ ପଣ୍ଡିତଙ୍କ ଏହି ଗସ୍ତ ବେଳେ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଜ୍ୟୋତି ଶଙ୍କର ସାହୁ, ବିଭାଗୀୟ ଅଧିକାରୀ, ସ୍ଥାନୀୟ ବିଡିଓ, ସିଡିପିଓ ପ୍ରମୁଖ ଉପସ୍ଥିତଥିଲେ।

# ଚିଲିକା-ବାଲୁଗାଁ ରୋଟାରୀ କ୍ଲବର ଅଧିଷ୍ଠାନ ସମାରୋହ

ବାଲୁଗାଁ,୧୩।୯ (ସମିସ) : ଚିଲିକା-ବାଲୁଗାଁ ରୋଟାରୀ କ୍ଲବର ଦଶମ ଅଧିଷ୍ଠାନ ଉତ୍ସବ ଓ ରାଷ୍ଟ୍ରନିର୍ମାତା ସମ୍ବର୍ଦ୍ଧନା ସମାରୋହ ଶନିବାର ବାଲୁଗାଁର ଏକ ହୋଟେଲ ପରିସରରେ ଅନୁଷ୍ଠିତ ହୋଇଯାଇଛି। ରୋଟାରିଆନ ଗଜେନ୍ଦ୍ର ସେଠୀଙ୍କ ସଭାପତିତ୍ୱ ଆୟୋଜିତ ଅଧିଷ୍ଠାନ ସମାରୋହରେ ଅତିଥି ଭାବେ ରୋଟାରୀ ଜିଲ୍ଲାର ପୂର୍ବତନ ଗଭର୍ଣ୍ଣର ରୋଟାରିଆନ ଶିବବ୍ରତ ଦାଶ, ରୋଟରିଆନ ଆଶୁତୋଷ ସାମନ୍ତସିଂହାର ଓ ବିଶିଷ୍ଟ ଚିକିତ୍ସକ ଡାକ୍ତର ସୁରେନ୍ଦ୍ରନାଥ ଦାସ ପ୍ରମୁଖ ଯୋଗ ଦେଇଥିଲେ। ପ୍ରଥମେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତିରେ ମାଲ୍ୟାର୍ପଣ ସହ ରୋଟାରୀ ପ୍ରତିଷ୍ଠାତା ପଲ ହରିସ୍‌ଙ୍କ ଫଟୋ ଚିତ୍ରରେ ପୁଷ୍ପ ଅର୍ପଣ କରି କାର୍ଯ୍ୟକ୍ରମର ଉଦଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଡକ୍ଟର କୈଳାସ ଚନ୍ଦ୍ର ମହାରଣା ସଂଚାଳନ କରିଥିବା ବେଳେ ରୋଟାରିଆନ ଜାନକୀ ବଲ୍ଲଭ ପଟ୍ଟନାୟକ ଅତିଥି ପରିଚୟ ଦେଇଥିଲେ। ଚଳିତ ବର୍ଷର କ୍ଲବର ନୂତନ ସଭାପତି ଭାବେ ଗଜେନ୍ଦ୍ର ସେଠୀ ଓ ସମ୍ପାଦକ ଭାବେ ଯଦୁମଣି ତରାଇଙ୍କୁ ନୂତନ ପଦବୀରେ ଅଧିଷ୍ଠିତ କରାଯାଇଥିଲା। ବୋର୍ଡ ନିର୍ଦ୍ଦେଶକ ଭାବେ ଆଶୁତୋଷ ସାମନ୍ତସିଂହାର, ଜାନକୀବଲ୍ଲଭ ପଟ୍ଟନାୟକ, ଡକ୍ଟର କୈଳାସ ଚନ୍ଦ୍ର



ମହାରଣା, ସତ୍ୟେନ୍ଦ୍ର ସ୍ୱାଇଁ, ନମିତା ଝା, ଅମୂଲ୍ୟ ମହାପାତ୍ର ଓ ରୋଟାରାକ୍ଟ ସଭାପତି ଦାୟିତ୍ୱ ଗ୍ରହଣ କରିଥିଲେ। ନୂତନ ସଭାପତି ଓ ସମ୍ପାଦକ ଚଳିତ ବର୍ଷର ପ୍ରସ୍ତାବିତ ବିଭିନ୍ନ କାର୍ଯ୍ୟକ୍ରମ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ। ଏହି ଅବସରରେ କ୍ଲବରେ ନୂତନ ଭାବେ ଯୋଗ ଦେଇଥିବା ୧୪ଜଣ ସଦସ୍ୟଙ୍କୁ ମୁଖ୍ୟ ଅତିଥି ସ୍ୱାଗତ ଜଣାଇ ଥିବା ବେଳେ କୃତୀ ଶିକ୍ଷୟିତ୍ରୀ ବିଶ୍ୱ ରଂଜିତା ପ୍ରଧାନ, ଶିକ୍ଷକ ପ୍ରଶାନ୍ତ କୁମାର ସାହୁ, କୁମାର ଆଭାମୟ ରଥ, ପବିତ୍ର ବେହେରା, ହାଡିବନ୍ଧୁ ବେହେରାଙ୍କୁ ଚଳିତ ବର୍ଷର ରାଷ୍ଟ୍ରନିର୍ମାତା ପୁରସ୍କାର ପ୍ରଦାନ କରାଯାଇଥିଲା। ଗମ୍ଭାରିମୁଣ୍ଡା ପତିତପାବନ ବିଦ୍ୟାପୀଠ ଓ ବାଲୁଗାଁ ଯୁଗଳ ଚରଣ ବାଳିକା ଉଚ୍ଚ ବିଦ୍ୟାଳୟରେ ଅନୁଷ୍ଠିତ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। କାର୍ଯ୍ୟକ୍ରମକୁ ବରିଷ୍ଠ ରୋଟାରିଆନ ଶ୍ରୀକାନ୍ତ ପାଇକରାୟ, ନିରଜ ଝା, ପୀୟୂଷ ହରିଚନ୍ଦନ, ପଞ୍ଚାନନ ଜେନା ଓ ତ୍ରିଲୋଚନ ବାରିକ ପରିଚାଳନାରେ ସହଯୋଗ କରିଥିବା ବେଳେ ରୋଟାରିଆନ ପଞ୍ଚାନନ ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ କଳାକାର ବିଜୟଲକ୍ଷ୍ମୀ ପଣ୍ଡା ଓ ସୁପ୍ରଭା ବାରିକ ଓଡିଶୀ ନୃତ୍ୟ ପରିବେଷଣ କରିଥିଲେ।

## ଆମ୍ବୁଲାନ୍ସ ଧକ୍କାରେ ଜଣେ ଗୁରୁତର

ପାତ୍ରପୁର,୧୩।୯(ସମିସ): ପାତ୍ରପୁର ବ୍ଲକ ନନ୍ଦରାଜପୁର ନିକଟରେ ଆମ୍ବୁଲାନ୍ସ ସହ ବାଇକ୍ ଧକ୍କା ହେବାରୁ ବାଇକ୍ ଆରୋହୀ ଗୁରୁତର ହୋଇଛନ୍ତି। ଗୁରୁତର ଜଣକ ହେଲେ ତିନିଘରିଆ ଗ୍ରାମର ରଞ୍ଜନ ଗୌଡ଼। ରଞ୍ଜନ ହୁକୁମା ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଏକ ଆମ୍ବୁଲାନ୍ସ ଧକ୍କା ଦେଇଥିଲା। ସମାଜସେବୀ ପିଣ୍ଟୁ ସେଠୀ ଗୁରୁତର ରଞ୍ଜନଙ୍କୁ ନିଜ କାର୍‌ରେ ପାତ୍ରପୁର ମେଡିକାଲ ନେଇଥିବାବେଳେ ପ୍ରାଥମିକ ଚିକିତ୍ସା ପରେ ତାଙ୍କୁ ବ୍ରହ୍ମପୁର ପଠାଯାଇଛି।

## ଅପ୍ରାକୃତିକ ଯୌନ ସଂପର୍କ ରଖି ଯୁବକ ଗିରଫ

ଧରାକୋଟ,୧୩।୯(ସମିସ): ଜଣେ ଷଷ୍ଠ ଶ୍ରେଣୀରେ ପଢୁଥିବା ନାବାଳକ ସହ ଅପ୍ରାକୃତିକ ଯୌନ ସମ୍ପର୍କ ରଖିବା ଅଭିଯୋଗରେ ଧରାକୋଟ ପୁଲିସ ଜଣେ ଯୁବକକୁ ଗିରଫ କରିଛି। ସେ ହେଲେ କୁଶପଡ଼ା ଗ୍ରାମର ଆଲୋକ ପଣ୍ଡା(୧୯)। ଅଭିଯୁକ୍ତ ଆଲୋକ ନାବାଳକକୁ ପ୍ରଲୋଭିତ କରି ଏକ ନିର୍ମାଣାଧିନ କଲ୍ୟାଣ ମଣ୍ଡପ ଭିତରକୁ ଡାକି ଅପ୍ରାକୃତିକ ଯୌନ ସମ୍ପର୍କ ରଖିଥିଲା। ସେହି ସମୟର କଥାବାର୍ତ୍ତାର ଅଡ଼ିଓ ରେକର୍ଡ କରି ଆଲୋକ ରଖିଥିଲା। ପରେ ନାବାଳକକୁ ଘରୁଯାଇ ଟଙ୍କା ମାଗି ଆଣିବାକୁ କହିଥିଲା। ନାବାଳକ ମନା କରିବାରୁ ରେକର୍ଡ ପ୍ରଘଟ କରିବାର ଭୟ ଦେଖାଇଥିଲା। ନାବାଳକ ଜଣକ ବାପା ମା'ଙ୍କୁ ଜଣାଇବା ପରେ ଶୁକ୍ରବାର ଥାନାରେ ନାବାଳକର ମା' ଏତଲା ଦେଇଥିଲେ। ପୁଲିସ ଅଭିଯୁକ୍ତକୁ ଗିରଫ କରି ଶନିବାର କୋର୍ଟଚାଲାଣ କରିଥିବା ଥାନା ଅଧିକାରୀ ଚନ୍ଦ୍ରିକା ସ୍ୱାଇଁ କହିଛନ୍ତି।

## ଜାତୀୟ ସେବା ଯୋଜନା ବୈଠକ

ସୋରଡ଼ା,୧୩।୯(ସମିସ): ସୋରଡ଼ା ଋଷିକୁଲ୍ୟା ସ୍ନାତକ ମହାବିଦ୍ୟାଳୟରେ ମହାବିଦ୍ୟାଳୟସ୍ତରୀୟ ସେବା ଯୋଜନାର କମିଟି ବୈଠକ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ରମେଶ ଚନ୍ଦ୍ର ପାଢ଼ି ଅଧ୍ୟକ୍ଷତା କରିଥିବା ବେଳେ କମିଟି ଆବାହକ ତଥା ସେବା ଯୋଜନା ଅଧିକାରୀ ଡଃ ହୃଷୀକେଶ ମିଶ୍ର ଆଭିମୁଖ୍ୟ ଉପସ୍ଥାପନ କରିଥିଲେ। ଅଧ୍ୟାପିକା ସିପ୍ରା ପାତ୍ର, ଅଧ୍ୟାପକ ପ୍ରଦୀପ କୁମାର ସ୍ୱାଇଁ ସ୍ୱେଚ୍ଛାସେବୀ ଚନ୍ଦନ ଗୌଡ, ପ୍ରୀତିରାଣି ପାତ୍ର ମତାମତ ରଖିଥିଲେ। କାର୍ଯ୍ୟକ୍ରମ ପରିଚାଳନାରେ ପ୍ରଦୀପ ସାହୁ, ମୁକେଶ ଜେନା, ରାଜୀବ ସାହୁ, ସୂର୍ଯ୍ୟ ନାରାୟଣ ଡାକୁଆ, ନାରାୟଣ ଡାକୁଆ, ବାଇମନ ଡାକୁଆ ପ୍ରମୁଖ ସହାୟତା କରିଥିଲେ।

## ସରସ୍ୱତୀ ଶିଶୁ ମନ୍ଦିରରେ ମାତୃ କର୍ମଶାଳା

ଛତ୍ରପୁର,୧୩।୯(ସମିସ): ସ୍ଥାନୀୟ ସରସ୍ୱତୀ ଶିଶୁବିଦ୍ୟା ମନ୍ଦିର ପରିସରରେ ମାତୃ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ପ୍ରଧାନାଚାର୍ଯ୍ୟ ରବୀନ୍ଦ୍ରନାଥ ଦାଶ ଅତିଥି ପରିଚୟ ସହ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନୁଷ୍ଠାନର ସଭାପତି ପଦ୍ମଚରଣ ସାହୁ ସଭାପତିତ୍ୱ କରିଥିବାବେଳେ ଉପସଭାପତି ଗୀତା ପାଢ଼ୀ, ସଦସ୍ୟ ରାମ ପ୍ରସାଦ ପଟ୍ଟନାୟକ ଉପସ୍ଥିତ ଥିଲେ। ଶିଶୁ ବାଟିକାର ଶୈକ୍ଷିକ ପ୍ରମୁଖ ବି. ସୁଶୀଳା କାର୍ଯ୍ୟକ୍ରମର ଉଦ୍ଦେଶ୍ୟ ସହିତ ଶିଶୁର ସଂସ୍କାରପୂର୍ଣ୍ଣ ଜୀବନରେ ମା'ର ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଉପସଭାପତି ଗୀତା ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ବେଲଗୁଣ୍ଠା,୧୩।୯(ସମିସ): ବେଲଗୁଣ୍ଠାର ବିଭିନ୍ନ ଶିକ୍ଷା ଅନୁଷ୍ଠାନରେ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। କ୍ଷେତ୍ରିୟବରପୁର ସ୍ଥିତ ଆଞ୍ଚଳିକ ବିଜ୍ଞାନ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର ଯୁବ ରେଡ଼କ୍ରସ ଶାଖା ତରଫରୁ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଅଧ୍ୟକ୍ଷ ବିଷ୍ଣୁ ପ୍ରସାଦ ପଟ୍ଟନାୟକ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ। ଯୁବ ରେଡ଼କ୍ରସ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କାଙ୍କ ସଂଯୋଜନାରେ ଆୟୋଜିତ କାର୍ଯ୍ୟକ୍ରମରେ ଏକାଡେମୀକ ସଂଯୋଜିକା ଅଧ୍ୟାପିକା ରୁନିବାଳା ତ୍ରିପାଠୀ, ପ୍ରଶାସନିକ ଅଧୀକ୍ଷକ ଅଧ୍ୟାପକ ତ୍ରିନାଥ ବେହେରା, ଯୁବ ରେଡ଼କ୍ରସ ମହିଳା ଉପଦେଷ୍ଟା ସ୍ୱରୂପାରାଣୀ ବିଶ୍ୱାଳ ଏବଂ ସହ ଉପଦେଷ୍ଟା ସୌମେନ୍ଦୁ ପଣ୍ଡା ପ୍ରମୁଖ ସମ୍ମାନିତ ଅତିଥିଭାବେ ଯୋଗଦେଇଥିଲେ। ଯୁବ ରେଡ଼କ୍ରସ ଉପଦେଷ୍ଟା ସୁଶାନ୍ତ କୁମାର ଲେଙ୍କା ପ୍ରାଥମିକ ସହାୟତାର ଉପଚାର କୌଶଳ ପ୍ରଦର୍ଶନ କରିଥିଲେ ଓ ଅଧ୍ୟାପକ ସୌମେନ୍ଦୁ ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

କୋଦଳା,୧୩।୯(ସମିସ): କୋଦଳା ଲକ୍ଷ୍ମୀନାରାୟଣ ସ୍ନାତକ ମହାବିଦ୍ୟାଳୟରେ ଯୁବ ରେଡ଼କ୍ରସ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ମହାବିଦ୍ୟାଳୟର ଭାରପ୍ରାପ୍ତ ଅଧ୍ୟକ୍ଷ ବିନୋଦ କୁମାର ମିଶ୍ର ସଭାକୁ ଅଧ୍ୟକ୍ଷତା କରି ପ୍ରାଥମିକ ଚିକିତ୍ସା ବିଷୟରେ ଆଲୋଚନା କରିଥିଲେ। ଯୁବ ରେଡ଼କ୍ରସ ସଂଯୋଜକ ରତ୍ନାକର ପ୍ରଧାନ ଛାତ୍ରଛାତ୍ରୀଙ୍କୁ ପ୍ରାଥମିକ ଚିକିତ୍ସା ବିଷୟରେ କହିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ଓଡ଼ିଆ ବିଭାଗୀୟ ମୁଖ୍ୟ ରଞ୍ଜୁବାଳା ନନ୍ଦ, ଅନ୍ତର୍ନିହିତ ଗୁଣାବଳୀ ସଂଯୋଜକ ସପନ କୁମାର ଦାଶଙ୍କ ସମେତ ମନୀଷା ପଟନାୟକ, ଭୁବନେଶ୍ୱରୀ ରାୟ ସାମନ୍ତ, ବର୍ଷାରାଣୀ ମହାନ୍ତି, ସୁସ୍ମିତା ମହାପାତ୍ର ଏବଂ କାହ୍ନୁଚରଣ ପାଳ ଉପସ୍ଥିତ ଥିଲେ।

# ଜାତୀୟ ରାଜପଥ ମରଣଯନ୍ତା; ସଂକେତ ନ ଥିବାରୁ ଘଟୁଛି ଦୁର୍ଘଟଣା

ଖଲ୍ଲିକୋଟ,୧୩।୯(ସମିସ)



ଖଲ୍ଲିକୋଟ ଥାନା ଅନ୍ତର୍ଗତ ୧୬ନଂ. ଜାତୀୟ ରାଜପଥର ଜଳିଶଙ୍ଗ ଠାରୁ ନାରାୟଣୀ ଛକ ପର୍ଯ୍ୟନ୍ତ ରାସ୍ତା ମରଣଯନ୍ତା ପାଲଟିଛି। ଜଳିଶଙ୍ଗର ନିର୍ମାଣ କାର୍ଯ୍ୟ ମନ୍ଥର ଗତିରେ ଚାଲୁଥିବାବେଳେ ମୁଖ୍ୟ ରାସ୍ତାକୁ ମାଟି ଗଦା କରି ଅବରୋଧ କରିଛି ସମ୍ପୃକ୍ତ ଠିକା ସଂସ୍ଥା। କିନ୍ତୁ ସେଠାରେ କୌଣସି ସତର୍କ ସଂକେତ ଦେଇ ନଥିବାରୁ ରାତିରେ ଦୁର୍ଘଟଣା ଘଟୁଛି। ଶୁକ୍ରବାର ଏକ କାର୍ ଭୁବନେଶ୍ୱରରୁ ଚିକିଟି ପେଣ୍ଠ ଅଭିମୁଖେ ଯାଉଥିବା ବେଳେ ଦେଖିନପାରି ମାଟି ଗଦା ଉପରେ ଚଢ଼ିଯାଇ ଓଲଟି ପଡିଥିଲା। ସେଥିରେ ଥିବା ଶଙ୍କର ନାମକ ଜଣେ ଯୁବକ ଆହତ ହୋଇଥିଲେ। ତେବେ କାର୍‌ଟି ସମ୍ପୂର୍ଣ୍ଣ ଭାଙ୍ଗିରୁଜି ଯାଇଛି। ତାଙ୍କ ପଛରେ ଯାଉଥିବା ଆଉ ଏକ କାର୍ ମଧ୍ୟ ମାଟି ଗଦା ଉପରେ ଚଢ଼ିଯାଇ ଚକା ଦବି ଫସି ରହିଥିଲା। ଜଟଣୀରୁ ପେଟ୍ରୋଲ ଲୋଡ଼ କରି ଗଣ୍ଡାପଲ୍ଲୀ ପେଟ୍ରୋଲ ପମ୍ପକୁ ଯାଉଥିବା ଏକ ଟ୍ୟାଙ୍କର ମଧ୍ୟ ମାଟି ଗଦାରେ ପଶି ଫସି ରହିଥିଲା। ସେମାନେ ଠିକା ସଂସ୍ଥା ଓ ଟୋଲ କର୍ମଚାରୀଙ୍କୁ ଖବର ଦେଇଥିଲେ ମଧ୍ୟ କେହି ସାହାଯ୍ୟ କରିବାକୁ ଆସି ନଥିଲେ। ଏଠାରେ ରାତ୍ରୀକାଳୀନ ସଂକେତ ଦେବା ଏବଂ ଆଲୋକୀକରଣ ବ୍ୟବସ୍ଥା କରିବାକୁ ଲଙ୍ଗଳେଶ୍ୱର ସରପଞ୍ଚ ରମେଶ କୁମାର ସାହୁ ଦାବି କରିଛନ୍ତି। ମୁଖ୍ୟରାସ୍ତା ଅବରୋଧ କରି ଯେଉଁ ସର୍ଭିସ ରୋଡ଼ରେ ଗାଡ଼ି ଗୁଡ଼ିକ ଛଡ଼ା ଯାଉଛି, ସେହି ରାସ୍ତା ମଧ୍ୟ ଖାଲଖମାରେ ପରିପୂର୍ଣ୍ଣ ହୋଇ ରାସ୍ତା ଅବସ୍ଥା ଶୋଚନୀୟ ହୋଇପଡ଼ିଲାଣି। ତେଣୁ ଏହିସବୁ ଦାବି ପ୍ରତି ସମ୍ପୃକ୍ତ ଠିକାସଂସ୍ଥା ହେଉ ଅଥବା ଜାତୀୟ ରାଜପଥ କର୍ତ୍ତୃପକ୍ଷ ତୁରନ୍ତ ଦୃଷ୍ଟି ନ ଦେଲେ ଆନ୍ଦୋଳନ କରାଯିବ ବୋଲି ସରପଞ୍ଚ ଚେତାବନୀ ଦେଇଛନ୍ତି।

## ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



କବିସୂର୍ଯ୍ୟନଗର,୧୩।୯(ସମିସ): ସ୍ଥାନୀୟ ପିଏମଶ୍ରୀ ମର୍ଦ୍ଦରାଜ ଉଚ୍ଚ ବିଦ୍ୟାଳୟରେ ଗଞ୍ଜାମ ଜିଲ୍ଲା ବିଦ୍ୟାଳୟ କ୍ରୀଡ଼ା ସଂଗଠନ ପକ୍ଷରୁ ସ୍ଥାନୀୟ ବିଇଓଙ୍କ ତତ୍ତ୍ୱାବଧାନରେ ମଣ୍ଡଳସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଉଦ୍‌ଘାଟିତ ହୋଇଛି। ଏହି ପରିପ୍ରେକ୍ଷୀରେ ଏକ ମଶାଲ ଶୋଭାଯାତ୍ରା ବନଦେବୀଠାରୁ ବାହାରି କ୍ରୀଡ଼ାସ୍ଥଳରେ ପହଞ୍ଚିଥିଲା। ବିଇଓ ଅଭିମନ୍ୟୁ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ସ୍ଥାନୀୟ ବିଡ଼ିଓ ରାଜେନ୍ଦ୍ର ନାୟକ, ମୁଖ୍ୟବକ୍ତା ଭାବେ ତହସିଲଦାର ଡ଼ଃ. ରବୀନ ଚର୍ଚ୍ଚିଲ ମିଶ୍ର, ସମ୍ମାନିତ ଅତିଥି ଏବିଇଓ ମାଧବ ଚନ୍ଦ୍ର ମାଝୀ, ରବି ନାରାୟଣ ବେହେରା, ପ୍ରଧାନଶିକ୍ଷକ ଦିବାକର ଶତପଥୀ, ବିଜୟଲକ୍ଷ୍ମୀ ସାହୁ, ବଂଶୀଧର ପ୍ରଧାନ, ପ୍ରଶାନ୍ତ ଶତପଥୀ, ସୀମାଞ୍ଚଳ ପାଣି ଉପସ୍ଥିତ ଥିଲେ। ବ୍ଲକସ୍ତରୀୟ କ୍ରୀଡ଼ା ପତାକା ଉତ୍ତୋଳନ କରି ବିଧିବଦ୍ଧ କ୍ରୀଡା ଆରମ୍ଭ କରାଯାଇଥିଲା। ଦେଓଗାଁ, ବରିଡା ଏ, ସୁନାପଲ୍ଲୀ ଓ କବିସୂର୍ଯ୍ୟନଗର ଏପରି ୪ଟି ଜୋନରେ ୫୦୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଆସିକା ବିଧାୟକ ସରୋଜ ପାଢ଼ୀ, ମୁଖ୍ୟବକ୍ତା ବିଡିଓ ରାଜେନ୍ଦ୍ର ନାୟକ, ସମ୍ମାନିତ ଅତିଥି ସଂଗୀତ ପାଢ଼ୀ, ସନ୍ଦୀପ ପାଢ଼ୀ, ବିଜୟ ସ୍ୱାଇଁ, ଆସିକା ସାଂସଦ ପ୍ରତିନିଧି ଶ୍ରୀକାନ୍ତ ମହାପାତ୍ର ସମେତ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ମଂଚାସୀନ ରହି କୃତୀ କ୍ରୀଡ଼ାବିତ୍‌ଙ୍କୁ ପୁରସ୍କାର ବିତରଣ କରିଥିଲେ।

## ପୂର୍ବତନ ଜିଲ୍ଲାପରିଷଦ ସଭ୍ୟଙ୍କ ପରଲୋକ

ଖଲ୍ଲିକୋଟ,୧୩।୯(ସମିସ): ପୂର୍ବତନ ୧୧ନଂ. ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ତଥା ବିଜେପି ନେତା ମିହିର ପରିଡ଼ାଙ୍କ ୬୨ବର୍ଷ ବୟସରେ ପରଲୋକ ଘଟିଛି। କିଡ଼ନୀ ଜନିତ ସମସ୍ୟା ଯୋଗୁ ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସା ଚାଲିଥିଲା। ଅପରାହ୍ନରେ ମୃତଦେହକୁ ଭିକାପଡା ସ୍ଥିତ ବାସଭବନକୁ ଅଣାଯାଇଥିଲା। ସେଠାରେ ଖଲ୍ଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ, ବିଜେପି ନେତା ଅରୁଣ କୁମାର ଖୁଣ୍ଟିଆ, ସନ୍ତୋଷ ରାଉତ, କାଳୁରାମ ମହାରଣା, ସଞ୍ଜୟ ସେଠି, ସମିତି ସଭ୍ୟ ବାନାମ୍ବର ସ୍ୱାଇଁ, ମାଣିକପୁର ସରପଞ୍ଚ ଉଦୟ ନାଥ ବାରିକ, ଅଟଳ ଯୁବ ବାହିନୀ ସଂଯୋଜକ ଶୁଭଜିତ କୁମାର ପ୍ରମୁଖ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ।

## ମନ୍ତ୍ରୀ କୃଷ୍ଣ ପାତ୍ରଙ୍କ ଆସିକା ଗସ୍ତ



ଆସିକା,୧୩।୯(ସମିସ): ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ର ଆସିକା ଗସ୍ତରେ ଯାଇ ସ୍ଥାନୀୟ ଡ଼ାକ ବଙ୍ଗଳାଠାରେ ଜିଲ୍ଲା ପ୍ରଶାସନ ଉପସ୍ଥିତରେ ଏକ ସମୀକ୍ଷା ବୈଠକ କରିଥିଲେ। ବୈଠକରେ ଆସିକା ସାଂସଦ ଅନିତା ଶୁଭ ଦର୍ଶନୀ, ବିଧାୟକ ସରୋଜ ପାଢ଼ୀ, ଖଲିକୋଟ ବିଧାୟକ ପୂର୍ଣ୍ଣ ଚନ୍ଦ୍ର ସେଠିଙ୍କ ସମେତ ଗଞ୍ଜାମ ଜିଲ୍ଲାପାଳ ଭି. କିର୍ତ୍ତୀ ଭାସନ, ଭଞ୍ଜନଗର ଉପଜିଲ୍ଲାପାଳ ଉମାଶଙ୍କର ବେହେରା, ତହସିଲଦାର ସଙ୍ଗୀତା ସେଣ, ବିଡ଼ିଓ ଲିପିନା ଦାସଙ୍କ ସମେତ କୃଷି ବିଭାଗର ପଦାଧିକାରୀ ଉପସ୍ଥିତ ଥିଲେ। ସାର ସଂକଟ ସମ୍ପର୍କରେ ସମୀକ୍ଷା କରି ଦିନେ ଦୁଇଦିନ ଭିତରେ ସାର ସମସ୍ୟା ଦୂର ନେଇ ମନ୍ତ୍ରୀ ପ୍ରତିଶ୍ରୁତି ଦେଇଥିଲେ। ଜିଲ୍ଲା ସଭାପତି ବିଜୟ ସ୍ୱାଇଁ, ସନ୍ଦୀପ ପାଢ଼ୀ, ବିଜେପି ନେତା ଭଗବାନ ସାହୁଙ୍କ ସମେତ ବହୁ ବିଜେପି ଦଳୀୟନେତା ସରପଞ୍ଚ, ସମିତିସଭ୍ୟ ଉପସ୍ଥିତ ଥିଲେ।

## ଆଦାନୀ ଫାଉଣ୍ଡେସନର ସ୍ୱାସ୍ଥ୍ୟ ଶିବିର




ଛତ୍ରପୁର,୧୩।୯(ସମିସ): ଛତ୍ରପୁର ଉପ-କାରାଗାରରେ ଆଦାନୀ ଫାଉଣ୍ଡେସନ ପକ୍ଷରୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିର ଆୟୋଜିତ ହୋଇଯାଇଛି। ଉପ କାରାଗାରରେ ରହୁଥିବା ପାଖାପାଖି ୧୦୮ ଅନ୍ତେବାସୀଙ୍କ ବିଭିନ୍ନ ସ୍ୱାସ୍ଥ୍ୟ ପରୀକ୍ଷା ସହ ମାଗଣା ଔଷଧ ବଣ୍ଟନ କରାଯାଇଥିଲା। ଶିବିରକୁ ଛତ୍ରପୁର ବିଧାୟକ କୃଷ୍ଣଚନ୍ଦ୍ର ନାୟକ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଛତ୍ରପୁର ଉପକାରାଗାର ସୁପରିଟେଣ୍ଡେଣ୍ଟ ପ୍ରସନ୍ନ କୁମାର ସାହୁ, ଗୋପାଳପୁର ବନ୍ଦର ସିଏସ୍‌ଆର ମୁଖ୍ୟ ଦେବଦତ୍ତ ମିଶ୍ର ଉପସ୍ଥିତ ଥିଲେ। ଅନ୍ତେବାସୀମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଯୋଗାଇବା ପାଇଁ ଆଦାନୀ ଫାଉଣ୍ଡେସନ ପକ୍ଷରୁ ଉପ କାରାଗାର ପରିସରରେ ଏକ ୪୦ ଲିଟର କ୍ଷମତା ବିଶିଷ୍ଟ ଆର୍‌ଓ ଫିଲ୍ଟର ମେଶିନ ସ୍ଥାପନ କରାଯାଇଛି।

## ଧରାକୋଟ ତହସିଲରେ ପଟ୍ଟା ବଣ୍ଟନ

ଧରାକୋଟ,୧୩।୯(ସମିସ): ଧରାକୋଟ ତହସିଲ ଅଧିନରେ ଥିବା ୩୨ଟି ବିଦ୍ୟାଳୟ ଓ ୨୨ ଜଣ ବସୁନ୍ଧରା ହିତାଧୀକାରୀଙ୍କୁ ପଟ୍ଟା ବଣ୍ଟନ କରାଯାଇଛି। ତହସିଲଦାର ଲମ୍ବୋଦର ମାରାଣ୍ଡିଙ୍କ ଦ୍ୱାରା ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବରେ ଭଞ୍ଜନଗର ଉପ ଜିଲ୍ଲାପାଳ ଉମା ଶଙ୍କର ବେହେରା ଉପସ୍ଥିତ ଥିବାବେଳେ ଅତିରିକ୍ତ ତହସିଲଦାର ଗଣେଶ ଦଳାଇ, ପ୍ରୋବେସନରି ଓଆରଏସ ଅଧିକାରୀ ଦେବାଶିଷ ରାଉଳ, ସୁପରଭାଇଜର ସୁଜ୍ଞାନୀ ବେହେରା, ମାଣିକପୁର ଆର୍‌ଆଇ ଏସ. ଜାଗେୟା ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଥମ ପର୍ଯ୍ୟାୟରେ ଧରାକୋଟ ବ୍ଲକର ୧୦୫ ଗୋଟି ବିଦ୍ୟାଳୟ ମଧ୍ୟରୁ ୩୨ଟି ବିଦ୍ୟାଳୟକୁ ଅତିଥିମାନେ ପଟ୍ଟା ବଣ୍ଟନ କରିଥିଲେ। ସମସ୍ତ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଉପସ୍ଥିତ ରହିଥିଲେ। ସେହିପରି ଧରାକୋଟ ତହସିଲ ଅଧିନସ୍ଥ ମଚ୍ଛାକୋଟ ହରିଜନ ସାହିର ୨୨ ଜନ ଭୂମିହୀନ ପରିବାରକୁ ବସୁନ୍ଧରା ଯୋଜନାରେ ପଟ୍ଟା ବଣ୍ଟନ କରାଯାଇଥିଲା। ଆଗାମୀ ଦିନରେ ବସୁନ୍ଧରା ଯୋଜନାରେ ବିଭିନ୍ନ ପଞ୍ଚାୟତରୁ ଆବେଦନ କରିଥିବା ବ୍ୟକ୍ତି ମାନଙ୍କ ଦରଖାସ୍ତ ତଦନ୍ତ କରି ଯୋଗ୍ୟ ହିତାଧୀକାରୀ ମାନଙ୍କୁ ଏହି ଯୋଜନାରେ ପଟା ଯୋଗାଇ ଦିଆଯିବ ବୋଲି ତହସିଲଦାର ସୂଚନା ପ୍ରଦାନ କରିଛନ୍ତି।

## ରାସନ କାର୍ଡ ଓ ଭତ୍ତା ବଣ୍ଟନ

ପୋଲସରା, ୧୩।୯ (ସମିସ): ପୋଲସରା ବ୍ଲକ କାର୍ଯ୍ୟାଳୟ ପରିସରରେ ନୂତନ ଖାଉଟି କାର୍ଡ ଓ ଭତ୍ତା ବଣ୍ଟନ କାର୍ଯ୍ୟକ୍ରମ ବିଡ଼ିଓ ଶଶିଭୂଷଣ ମହାପାତ୍ରଙ୍କ ତତ୍ତ୍ୱାବଧାନ ଓ ବ୍ଲକ ଅଧ୍ୟକ୍ଷା କଳ୍ପନା ପ୍ରଧାନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ମତ୍ସ୍ୟ ଓ ପଶୁସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ ଯୋଗଦେଇ ୭୦୯ ଜଣ ହିତାଧିକାରୀଙ୍କୁ ନୂତନ ଖାଉଟିକାର୍ଡ ଓ ୪୦୬ ଜଣଙ୍କୁ ଭତ୍ତା ପ୍ରଦାନ କରିଥିଲେ। ଖାଦ୍ୟ ଯୋଗାଣ ଅଧିକାରୀ ସନ୍ଦୀପ କୁମାର ବେହେରା, ଜିଲ୍ଲା ପରିଷଦ ସଭ୍ୟ ଅଶୋକ ବିଷୋୟୀ, ଝୁନୁ ଦାସ, କାମ୍ପ ବଡ଼େଇ, ବୁଲୁ ପାତ୍ରଙ୍କ ସମେତ ସମସ୍ତ କାର୍ଯ୍ୟ ନିର୍ବାହୀ ଅଧିକାରୀ, ସରପଞ୍ଚ, ସମିତି ସଭ୍ୟ ଉପସ୍ଥିତ ଥିଲେ।



## ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା



ପୋଲସରା,୧୩।୯(ସମିସ): ପୋଲସରା ବ୍ଲକ ଅନ୍ତର୍ଗତ ମନ୍ଦାର ପଞ୍ଚାୟତର ମା' ଭରାଣ୍ଡି ନୋଡ଼ାଲ ହାଇସ୍କୁଲରେ ବ୍ଲକସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ପୋଲସରା ଗୋଷ୍ଠୀ ଶିକ୍ଷା ଅଧିକାରୀ ଶ୍ରୀହର୍ଷବାବୁ ଖାଡଙ୍ଗାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ରୂପେ ମତ୍ସ୍ୟ ଓ ପ୍ରାଣୀ ସମ୍ପଦ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ସମ୍ମାନୀୟ ଅତିଥି ଭାବେ ପୂର୍ବତନ ପ୍ରଧାନଶିକ୍ଷକ ଶରତ ଚନ୍ଦ୍ର ରାଉତ, ସ୍ଥାନୀୟ ସରପଞ୍ଚ ସୁନିତା ଜେନା, ସମାଜସେବୀ ରଘୁନାଥ ପଣ୍ଡା, ସରପଞ୍ଚ ପ୍ରତିନିଧି କାର୍ତ୍ତିକ ଜେନା, ସମିତି ସଭ୍ୟା ପ୍ରତିନିଧି ସପନ ନାୟକ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଅଭିରାମ ବେହେରା ଓ ମନ୍ତ୍ରୀ ଶ୍ରୀ ମଲ୍ଲିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବ୍ଲକର ସମସ୍ତ ବିଦ୍ୟାଳୟ ଓ ମହାବିଦ୍ୟାଳୟର ପ୍ରାୟ ୨୫୦ ଜଣ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ଶିକ୍ଷକ ରଙ୍ଗାଧର ଦଳାଇ, ଦେବାଶିଷ ଜେନା, କବିରାଜ ସାହୁ, ରାଜେନ୍ଦ୍ର ରଣା, ମତୀଲକ୍ଷ୍ମୀ ଜେନା, ମତୀଅମ୍ବିକା ସ୍ୱାଇଁ, ସଞ୍ଜୟ ନାୟକ, ବଳରାମ ମହାରଣା, ରତ୍ନାକର ସିଠା, ସୁରଶେନ ବେହେରା, ସମୀର ଦଳାଇ ପ୍ରମୁଖ ଶିକ୍ଷକ ଶିକ୍ଷୟିତ୍ରୀ ପ୍ରତିଯୋଗିତା ପରିଚାଳନା କରିଥିଲେ। ବ୍ଲକ କ୍ରୀଡ଼ା ସମ୍ପାଦକ ଜ୍ଞାନରଞ୍ଜନ ଜାଲି ଓ ଅଧ୍ୟାପକ ଦେବାଶିଷ ସ୍ୱାଇଁ ମଞ୍ଚ ପରିଚାଳନା କରିଥିଲେ।

## ଦିଗପହଣ୍ଡି କୋର୍ଟରେ ଲୋକ ଅଦାଲତ

ଦିଗପହଣ୍ଡି,୧୩।୯(ସମିସ): ଦିଗପହଣ୍ଡି ତାଲୁକ ଆଇନ ସେବା କମିଟି ପକ୍ଷରୁ କୋର୍ଟ ପରିସରରେ ଶନିବାର ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। କମିଟି ଅଧ୍ୟକ୍ଷା ତଥା ବରିଷ୍ଠ ଦେୱାନି ବିଚାରପତି ମହାଶ୍ୱେତା ପରିଜା ଏହାକୁ ପରିଚାଳନା କରିଥିବା ବେଳେ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନୀଳିମା ଷଡଙ୍ଗୀ ଉପସ୍ଥିତ ରହି



ପରିଚାଳନାରେ ସହଯୋଗ କରିଥିଲେ। ଏଥିରେ ୨୦ଟି ଫୌଜଦାରୀ ମାମଲାର ଫୈଇସଲା କରାଯିବା ସହ ୪ଟି ଦେୱାନି ମାମଲାର ଆପୋଷ ସମାଧାନ ମାଧ୍ୟମରେ ଫୈସଲା କରାଯାଇଥିଲା।

ସେହିଭଳି କାନାରା ବ୍ୟାଙ୍କ, ଭାରତୀୟ ଷ୍ଟେଟବ୍ୟାଙ୍କ ଏବଂ ଉତ୍କଳ ଗ୍ରାମୀଣ ବ୍ୟାଙ୍କ ଶାଖା ପରିଚାଳକଙ୍କ ଉପସ୍ଥିତିରେ ୧୮ ଟି ଋଣ ମାମଲାର ଫଇସଲା କରାଯାଇ ୩ ଲକ୍ଷ ୯୭ ହଜାର ୭୫୦ ଟଙ୍କା ଏବଂ ବିଦ୍ୟୁତ ବିଭାଗ ଟିପିଏସ୍‌ଓଡିଏଲ ପକ୍ଷରୁ ୫୦ଟି ବକେୟା ବିଦ୍ୟୁତ ମାମଲାର ସମାଧାନ କରାଯାଇ ୫ ଲକ୍ଷ ୫୦ ହଜାର ୨୪୫ ଟଙ୍କା ଆଦାୟ କରାଯାଇଥିଲା। ଆଇନସେବା କମିଟି ସମ୍ପାଦକ ପ୍ରଦୀପ କୁମାର ପୁରୋହିତ, ବିଚାର ବିଭାଗୀୟ କର୍ମଚାରୀ ପ୍ରଦୀପ କୁମାର ଶତପଥୀ, ଶିବରାମ ସାହୁ, ପିଲଟୁ ହେମ୍ବ୍ରମ, ରୁଦ୍ର ପ୍ରସାଦ ତାଣ୍ଡିଆ, ସସ୍ମିତା ମହାରଣା, ଅଞ୍ଜଳି ମହାରଣା, ସଂଗ୍ରାମ କେଶରୀ ପଣ୍ଡା, ଅଶ୍ୱିନୀ କୁମାର ପଟ୍ଟନାୟକ, କେ. ନୋକେୟା, ନିରଞ୍ଜନ ଶବର, କାଳିଆ ନାୟକ, ଆର. ଦୈତାଲୁ ରେଡ୍ଡୀ, ବିକ୍ରମ ବେହେରାଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଜାତୀୟ ଲୋକ ଅଦାଲତ; ୧୮୬ ମାମଲାର ସମାଧାନ

ଭଞ୍ଜନଗର,୧୩।୯(ସମିସ): ଭଞ୍ଜନଗର ସିଭିଲ କୋର୍ଟ ପରିସରରେ ଶନିବାର ୩ୟ ଜାତୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏଥିରେ ୧୮୬ଟି ମାମଲା ଫଇସଲା ହୋଇଥିଲା। ଫଳରେ ୧କୋଟି ୪୧ଲକ୍ଷ ୯୮ ହଜାର ୬୫୭ ଟଙ୍କା ଆଦାୟ ହୋଇଛି। ଭଞ୍ଜନଗର ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ଏବଂ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ଶେଖ ମହମ୍ମଦ କଏସ୍‌ଙ୍କ ନେତୃତ୍ୱରେ ମାମଲାଗୁଡ଼ିକ ହୋଇଥିଲା। ଏହାସହିତ ସିନିଅର ସିଭିଲ ଜଜ୍, ଭଞ୍ଜନଗର ଦେବାଶିଷ ବିଶୋଇ, ଏସ୍‌ଡିଜେଏମ୍ ସୌମ୍ୟରଞ୍ଜନ ପୃଷ୍ଟି, ଜେଏମ୍‌ଏଫ୍‌ସି ଭିଯେନା ନାୟକ ମଧ୍ୟ ବିଭିନ୍ନ କେସର ଫଇସଲା କରିଥିଲେ। ଲୋକ ଅଦାଲତ ବେଞ୍ଚ ସଦସ୍ୟ ଡ଼ା. ପୂର୍ଣ୍ଣଚନ୍ଦ୍ର ତ୍ରିପାଠୀ, ରମେଶ ଚନ୍ଦ୍ର ପଣ୍ଡା, ଭଞ୍ଜନଗର ବାର୍ ଆସୋସିଏଶନ ସଭାପତି ଲକ୍ଷ୍ମୀକାନ୍ତ ମହାପାତ୍ର, ଅତିରିକ୍ତ ସରକାରୀ ପ୍ଲିଡର ରାଜେନ୍ଦ୍ର ପ୍ରସାଦ ପ୍ରଧାନ, ଆଇନଜୀବୀ ଅଳକା ମଞ୍ଜରୀ ପଟ୍ଟନାୟକ, ସନ୍ତୋଷ କୁମାର ତିଆଡ଼ି, ସୁଶାନ୍ତ ତ୍ରିପାଠୀ, ପ୍ରଦୀପ ପାଳ, ବଂଶୀଧର ପ୍ରଧାନ, ଅରୁଣ କୁମାର ପାଢ଼ୀ, ଦେବୀ ତ୍ରିପାଠୀ, କୁନା ନାୟକ, ପ୍ରଭାକର ପାତ୍ର, ବଟକୃଷ୍ଣ ପଣ୍ଡା ପ୍ରମୁଖ ସହଯୋଗ କରିଥିଲେ।

## ଆସିକା କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଆସିକା,୧୩।୯(ସମିସ): ଆସିକା କୋର୍ଟ ପରିସରରେ ତାଲୁକା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲା ଦୌରା ଜର୍ଜ ମନୋଜ କୁମାର, ସିଭିଲ ଜର୍ଜ ସୁକାନ୍ତ କିଶୋର ଜେନା, ଝିଲି ଲିନା ନାୟକ ଜେଏମଏଫସି ତୃପ୍ତି ଦାସ, ଜେଏମଏଫସି ଜେ. ମୋହିନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ମୋଟ ୧୩୭୮ ମାମଲା ଆସିଥିବା ବେଳେ ୧୨୩ଟିର ସମାଧାନ ହୋଇଥିଲା। ବରିଷ୍ଠ ଆଇନଜୀବୀ ରବୀନ୍ଦ୍ର ନାଥ ଶର୍ମା, ଓକିଲ ସଙ୍ଘ ସଭାପତି ଅଜିତ ଚୌଧୁରି, ସମ୍ପାଦକ ନାରାୟଣ ମୁନି, ଯୁବ ଆଇନଜୀବୀ ନାରାୟଣ ମୁନି, ଉପସଭାପତି ଛବିଳ ରାମ ମିଶ୍ର, ପ୍ରଭାତ ପାଢ଼ୀ, ଦେବକାନ୍ତ ଶର୍ମା, ସନ୍ତୋଷ ମିଶ୍ରଙ୍କ ସମେତ ବହୁ ଆଇନଜୀବୀ ଉପସ୍ଥିତ ଥିଲେ।

## ଛତ୍ରପୁର କୋର୍ଟରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଛତ୍ରପୁର,୧୩।୯(ସମିସ): ଛତ୍ରପୁର ତାଲୁକ ଆଇନ ସେବା କମିଟି ପକ୍ଷରୁ ସ୍ଥାନୀୟ କୋର୍ଟ ପରିସରରେ ଚଳିତବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି।

କମିଟି ଅଧ୍ୟକ୍ଷ ତଥା ଅତିରିକ୍ତ ଜିଲ୍ଲା ଓ ଦୌରାଜଜ୍ ପ୍ରଦୀପ କୁମାର ସାମଲ, ସିନିୟର ସିଭିଲ ଜଜ୍ ପୂଜା ଦେ, ଏସଡିଜେଏମ ପ୍ରିତିଶ କୁମାର ରଥ ଓ ଜେଏମଏଫସି ସ୍ୱାଗତିକା ସ୍ୱାଇଁ ପ୍ରମୁଖ ଉପସ୍ଥିତ ରହି ୧୪୪ଟି ମାମଲାର ବିଚାରଣ ହୋଇ ୫୬ଟି କେସର ଫଇସଲା କରି ମୋଟ ୫୮ଲକ୍ଷ ୩୮ ହଜାର ୪୪୫ ଟଙ୍କା ଆଦାୟ କରିଛନ୍ତି। ଲୋକ ଅଦାଲତ ବେଞ୍ଚ ମେମ୍ବର ଗୋକୁଳ ଚନ୍ଦ୍ର ପଣ୍ଡା, ଛତ୍ରପୁର ଓକିଲ ସଂଘର ସଭାପତି ପ୍ରଦୀପ କୁମାର ପାଢୀ, ସରକାରୀ ଓକିଲ ସୀମାଞ୍ଚଳ ମହାପାତ୍ର, ନିରାକାର ମାଳି, ସୁରଜିତ ସାମନ୍ତରାୟ, ନିତ୍ୟାନନ୍ଦ ମୁଦୁଲି, ସୁମିତ ସାହୁ, ରାମକୃଷ୍ଣ ଦାଶ, ଡ଼ମିନାଥ ସାହୁ ଓ ସୁରେଶ ସେନାପତିଙ୍କ ସମେତ ବହୁ ଆଇନଜୀବୀ ମାନେ ମାମଲା ଗୁଡିକର ପରିଚାଳନା କରିଥିଲେ।

# ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ପୁରସ୍କାର ବିତରଣ

ରମ୍ଭା,୧୩।୯(ସମିସ)



ରମ୍ଭା ଗାୟତ୍ରୀ ଶକ୍ତିପୀଠ ଦ୍ୱାରା ଆୟୋଜିତ ଦେବ ସଂସ୍କୃତି ବିଶ୍ୱ ବିଦ୍ୟାଳୟର ଦ୍ୱାରା ଭାରତୀୟ ସଂସ୍କୃତି ଜ୍ଞାନ ପରୀକ୍ଷା ୨୦୨୪ ଫଳାଫଳ ପ୍ରକାଶ ପରେ ଆଜି ରମ୍ଭା ଗାୟତ୍ରୀ ଶକ୍ତିପୀଠ ପରିସରରେ ଏକ ପୁରସ୍କାର ବିତରଣ ଓ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ପଣ୍ଡିତ ଶ୍ରୀରାମ ଶର୍ମା ଆଚାର୍ଯ୍ୟ ସ୍ମୃତି ସାହିତ୍ୟ ଓ ସାଂସ୍କୃତିକ ପରିଷଦର ସମ୍ପାଦକ ପ୍ରକୃତି ବନ୍ଧୁ ପଞ୍ଚାନନ ଖଟୁଆଙ୍କ ସଂଯୋଜନା ଏବଂ ପ୍ରାକ୍ତନ ନଗରପାଳ ସୁବାସ ଚନ୍ଦ୍ର ପଣ୍ଡାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ଅତିଥି ରାଜ୍ୟ ସମ୍ପାଦକ ରାଜେନ୍ଦ୍ର ପ୍ରସାଦ ମହାପାତ୍ର, ସମ୍ମାନିତ ଅତିଥି ଭାବେ ସଂସ୍କୃତି ଜ୍ଞାନ ଜିଲ୍ଲା ସଂଯୋଜକ ରଜନୀକାନ୍ତ ମହାପାତ୍ର, ମୁଖ୍ୟବକ୍ତା ଭାବେ ଗଞ୍ଜାମ ଜିଲ୍ଲା ସଂଯୋଜକ ପ୍ରଫୁଲ୍ଲ ଦାସ ଯୋଗଦେଇ ଭାରତୀୟ ସଂସ୍କୃତିର ମହାନତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ରଘୁନାଥପୁର ବିବେକାନନ୍ଦ ବିଦ୍ୟାମନ୍ଦିରର ପ୍ରତିଷ୍ଠାତା ସମାଜସେବୀ ପୂର୍ଣ୍ଣଚନ୍ଦ୍ର ପଣ୍ଡା, ସାବୁଲିଆ ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷା କେନ୍ଦ୍ରର ପ୍ରତିଷ୍ଠାତା ଗୋପାଳ କୃଷ୍ଣ ସେନାପତି, ରମ୍ଭା ସରକାରୀ ଉଚ୍ଚ ବିଦ୍ୟାଳୟର ପ୍ରଧାନ ଶିକ୍ଷକ ପ୍ରକୃତି ବନ୍ଧୁ ଗୋପିନାଥ ବେହେରା, ସନ୍ତୋଷପୁର ବିବେକାନନ୍ଦ ବିଦ୍ୟାମନ୍ଦିର ପ୍ରଧାନ ଶିକ୍ଷକ ବଟକୃଷ୍ଣ ତ୍ରିପାଠୀ, ସରସ୍ୱତୀ ଶିଶୁ ମନ୍ଦିରର ପ୍ରଧାନ ଶିକ୍ଷକ ଶ୍ରୀଧର ପ୍ରଧାନ, ମା' ଚାମୁଣ୍ଡା କୋଚିଂ ସେଣ୍ଟର ଅଧ୍ୟକ୍ଷ ଭିକାରୀ ବିଶ୍ୱାଳ, ପ୍ରକୃତିବନ୍ଧୁ ଶିକ୍ଷକ ଶେଷଦେବ ବେହେରା, ଶିକ୍ଷୟିତ୍ରୀ ଅପରାଜିତା ତ୍ରିପାଠୀ, ରିନା ମାନସିଂହ, କିରଣମାଳ ସାହୁ, କେ ଇନ୍ଦିରା ରେଡିଙ୍କୁ ସେବା ଓ ସହଯୋଗ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଉତ୍ସବରେ ରମ୍ଭା ଅଞ୍ଚଳର ଗଣମାଧ୍ୟମ ପ୍ରତିନିଧି ସୁଜିତ୍ କୁମାର ବେହେରା, ନୀଳାଞ୍ଚଳ ସେନାପତି, ବନବାସୀ ସେଠି, ଆର ମୁରଲୀ ପ୍ରଧାନଙ୍କୁ ମଧ୍ୟ ସମ୍ବର୍ଦ୍ଧିତ କରାଯାଇଥିଲା।

ସକାଳ THE SAKALA



**୧୬ କୋଟି ଟଙ୍କାର ୬୨ଟି ପ୍ରକଳ୍ପର କାର୍ଯ୍ୟାଦେଶ ବଣ୍ଟନ କଲେ ମନ୍ତ୍ରୀ**

# ନିମ୍ନମାନର କାମ କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ



ବାରିପଦା, ୧୩।୯(ସମିସ): ଶନିବାର ବାରିପଦା ପୌରପାଳିକା ଆନୁକୂଲ୍ୟରେ କଲ୍ୟାଣ ମଣ୍ଡପଠାରେ ଏକ ପ୍ରକଳ୍ପ କାର୍ଯ୍ୟାଦେଶ ବଣ୍ଟନ ସମ୍ପର୍କିତ ଏକ କାର୍ଯ୍ୟକ୍ରମ ନଗରପାଳ କୃଷ୍ଣାନନ୍ଦ ମହାନ୍ତିଙ୍କ ପୌରୋହିତ୍ୟରେ ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଗୃହ ନିର୍ମାଣ ଓ ନଗର ଉନ୍ନୟନ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ର ମୁଖ୍ୟଅତିଥି ଭାବେ ଯୋଗଦେଇ ୧୬କୋଟି ଟଙ୍କାର ୬୨ଟି ପ୍ରକଳ୍ପର ନିର୍ମାଣ କାର୍ଯ୍ୟାଦେଶ ବଣ୍ଟନ କରିଛନ୍ତି। ସମ୍ମାନିତ ଅତିଥି ଭାବେ ବାରିପଦା ବିଧାୟକ ପ୍ରକାଶ ସୋରେନ, ଉପନଗରପାଳିକା ସୀମା ଦାସ, କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀପ୍ରସାଦ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ଗତ ଏପ୍ରିଲ ମାସରେ ଅନୁଷ୍ଠିତ ଜଣାଶୁଣାଣି ଶିବିରରେ ବାରିପଦା ସହରବାସୀଙ୍କ ବିଭିନ୍ନ ଅଭିଯୋଗକୁ ଭିତ୍ତିକରି ତଥା ଲୋକଙ୍କ ମୌଳିକ ଆବଶ୍ୟକତାକୁ ଉପଲବ୍ଧି କରି ସହରୀ ବିକାଶ ଯୋଜନାରେ ବାରିପଦା ସହରର ବିଭିନ୍ନ ୱାର୍ଡରେ ଉନ୍ନତିକରଣ କାର୍ଯ୍ୟ ନିମନ୍ତେ ୬୨ଟି ପ୍ରକଳ୍ପ ସରକାରଙ୍କ ଅନୁମୋଦନ ଲାଭ କରିବା ସହିତ ଏହି ପ୍ରକଳ୍ପ ଗୁଡିକ ପାଇଁ ଆବଶ୍ୟକୀୟ ଅର୍ଥ ମଧ ମଞ୍ଜୁର କରିଛନ୍ତି ସରକାର। ଏହି ପ୍ରକଳ୍ପଗୁଡିକର ଟେଣ୍ଡର ପ୍ରକ୍ରିୟା ସମ୍ପୂର୍ଣ୍ଣ ହୋଇଥିବା ହେତୁ ନିର୍ମାଣ ପାଇଁ ସମ୍ପୃକ୍ତ ସଂସ୍ଥାଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଉଛି। ଏହି ପ୍ରକଳ୍ପ ସମ୍ପୂର୍ଣ୍ଣ ହେଲେ ସହରବାସୀ ଏଥିରୁ ବିଭିନ୍ନ ପ୍ରକାର ସୁବିଧା ସୁଯୋଗ ପାଇ ଉପକୃତ ହେବେ। ସମ୍ପୃକ୍ତ ସଂସ୍ଥାଙ୍କୁ ଧାର୍ଯ୍ୟ ଅବଧି ମଧ୍ୟରେ ପ୍ରକଳ୍ପର ନିର୍ମାଣ କାର୍ଯ୍ୟ ଶେଷ କରିବା ପାଇଁ ପରାମର୍ଶ ଦେବା ସହ ନିର୍ମାଣରେ କୌଣସି ପ୍ରକାର ନିମ୍ନମାନର ତଥା ନିମ୍ନମାନ ସାମଗ୍ରୀ ଉପଯୋଗକୁ ସାଲିସ କରାଯିବ ନାହିଁ ବୋଲି ମନ୍ତ୍ରୀ ସ୍ପଷ୍ଟ କରିଥିଲେ। ଦି କାର୍ଯ୍ୟରେ କୌଣସି ପ୍ରକାର ଅନିୟମିତତା ଦୃଷ୍ଟିକୁ ଆସେ, ତେବେ ଯାହା'ଙ୍କ ତତ୍ତ୍ୱାବଧାନରେ କାର୍ଯ୍ୟ ସମ୍ପାଦନ ହେଉଥିବ ଏବଂ ଯେଉଁ ସଂସ୍ଥା ଦ୍ୱାରା ପ୍ରକଳ୍ପ କାର୍ଯ୍ୟ କରାଯାଉଥିବ, ଉଭୟ ପକ୍ଷଙ୍କୁ ଏଥିପାଇଁ ଉତ୍ତରଦାୟୀ କରାଯିବ ବୋଲି ମନ୍ତ୍ରୀ ଚେତାବନୀ ଦେଇଛନ୍ତି। ଶେଷରେ ଉପନଗରପାଳିକା ସୀମା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। କାର୍ଯ୍ୟନିର୍ବାହୀ ଅଧିକାରୀ ଶ୍ରୀ ରାଉତଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବିଭିନ୍ନ ୱାର୍ଡର ପାରିଷଦ, ବିଭାଗୀୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

## ବିପୁଳ ମହୁଲ ପୋଚ ଓ ଦେଶୀ ମଦ ଜବତ



ବୈଶିଙ୍ଗା, ୧୩।୯(ସମିସ): ବେତନଟୀ ଅବକାରୀ ଥାନା ପକ୍ଷରୁ ଶୁକ୍ରବାର ବୈଶିଙ୍ଗା ଥାନା ଅଧୀନ ବାମଡ଼ାଠାରେ ଚାଲିଥିବା ଏକ ଚୋରା ଦେଶୀମଦ କାରଖାନା ଉପରେ ଚଢଉ କରାଯାଇଥିଲା। ପରେ ସେଠାରୁ ବିପୁଳ ପରିମାଣର ମହୁଲପୋଚ, ରନ୍ଧାମଦ ସମେତ ମଦ ପ୍ରସ୍ତୁତିରେ ବ୍ୟବହୃତ ବ୍ୟାପକ ସରଞ୍ଜାମ ଜବତ ପୂର୍ବକ ନଷ୍ଟ କରିଦିଆଯାଇଛି। ସୂଚନା ମୁତାବକ, ବେତନଟୀ ଅବକାରୀ ଥାନା ଅଧିକାରୀ ପ୍ରଦୀପ କୁମାର ବେହେରାଙ୍କ ନେତୃତ୍ୱରେ ଉଦଳା ରେଞ୍ଜ ଇନସ୍ପେକ୍ଟର ସଞ୍ଜୟ କୁମାର କାଣ୍ଡି, ଉଦଳା ଅବକାରୀ ଥାନାଧିକାରୀ ସୂର୍ଯ୍ୟକାନ୍ତ ମଲ୍ଲିକ ପ୍ରମୁଖ ସଦଳବଳ ବାମଡ଼ାର ଏକ ଦେଶୀ କାରଖାନା ଉପରେ ଚଢଉ କରିଥିଲେ। ପରେ ସେଠାରୁ ୮ ହଜାର ୨୦୦ଶହ କେଜି ମହୁଲରେ ପୋଚ ଓ ୬୨୦ଲିଟର ରନ୍ଧାମଦ ଜବ ଜବତ ପୂର୍ବକ ନଷ୍ଟ କରାଯାଇଥିଲା। ଘଟଣାସ୍ଥଳରୁ କିଛି ପ୍ଲାଷ୍ଟିକ ଡ୍ରମ ଏବଂ ଆଲୁମିନିୟମ ଡେକଚି ଜବତ କରାଯାଇଛି।

## ମହିଳା ସ୍ୱାସ୍ଥ୍ୟକର୍ମୀଙ୍କୁ ଅସଦାଚରଣ ଅଭିଯୋଗ

ବାରିପଦା, ୧୩।୯(ସମିସ): ପିଆରଏମ ମେଡିକାଲ ସ୍ଥିତ ରେଡିକଲର ବିଭାଗର ଜନୈକ କର୍ମଚାରୀଙ୍କ କାର୍ଯ୍ୟକଳାପକୁ ନେଇ ଚାପା ଉତ୍ତେଜନା ପ୍ରକାଶ ପାଇଛି। ଡ୍ୟୁଟିରେ ଥିବା ଛାତ୍ରୀ ଓ ଯୁବତୀଙ୍କୁ ବଶବର୍ତ୍ତୀ କରି ଅସଦାଚରଣ (ବେଡ ଟଚ୍) ଭଳି ଘଟଣା ଏବେ ଡାକ୍ତରଖାନା ପରିସରରେ ଚର୍ଚ୍ଚା ଜୋର ଧରିଛି। ଛାତ୍ରୀ ଜଣକ ଏହାର ପ୍ରତିବାଦ କରିବାରୁ କର୍ମଚାରୀ ଜଣକ ଭୁଲ ମାଗି ଘଟଣାକୁ ଚପାଇ ଦେବାକୁ ଉଦ୍ୟମ କରାଯାଇଛି; ଯାହାକୁ ନେଇ ମହିଳା ସ୍ୱାସ୍ଥ୍ୟ କର୍ମଚାରୀଙ୍କ ସୁରକ୍ଷା ପ୍ରତି ସନ୍ଦେହ ଦେଖାଦେଉଥିବାବେଳେ ବିଭାଗୀୟ ଅଧିକାରୀ ମୁହଁ ଖୋଲୁନାହାନ୍ତି। ବାଲେଶ୍ୱର ଭଳି ଘଟଣା ମୟୂରଭଞ୍ଜ ଜିଲ୍ଲାରେ ପୁନର୍ବାର ନ ହେବା ପୂର୍ବରୁ ଏଥିପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ଆବଶ୍ୟକତା ରହିଛି ବୋଲି ଅଭିଭାବକ ମହଲରେ ଆଲୋଚନା ଜୋର ଧରିଛି। ଏ ସଂକ୍ରାନ୍ତରେ ବିଭାଗୀୟ ମୁଖ୍ୟ ଡା. ଦୀନେଶ କୁମାର କିସ୍କୁଙ୍କୁ ପଚାରିବାରୁ ଘଟଣା ସମ୍ପର୍କରେ ଉପରିସ୍ଥ ଅଧିକାରୀଙ୍କ ବିନା ନିର୍ଦ୍ଦେଶରେ ମତାମତ ଦେଇପାରିବି ନାହିଁ ବୋଲି କହିଥିଲେ। ଏ ନେଇ ମେଡିକାଲର ସୁପରିଣ୍ଟେଣ୍ଡେଣ୍ଟ ଡା ରବୀନ୍ଦ୍ର କୁମାର ମିଶ୍ରଙ୍କୁ ଯୋଗାଯୋଗ କରିବା ସମ୍ଭବ ହୋଇପାରି ନାହିଁ। ଘଟଣାର ଉଚ୍ଚ ସ୍ତରୀୟ ତଦନ୍ତ କରାନଗଲେ ଆଗାମୀ ଦିନରେ ଏହା ଅଣାୟତ୍ତ ପରିସ୍ଥିତି ଧାରଣ ପୂର୍ବରୁ ଉଚ୍ଚ କର୍ତ୍ତୃପକ୍ଷ ସଜାଗ ହେବା ଜରୁରୀ।

## ଗଞ୍ଜେଇ ସହ ବାଇକ ଜବତ; ଯୁବକ ଗିରଫ

ବାରିପଦା, ୧୩।୯(ସମିସ): ପାର୍ବଣକୁ ନେଇ ବାରିପଦା ସହରରେ ଅପରାଧିକ କାର୍ଯ୍ୟକଳାପ ରୋକିବା ପାଇଁ ପୁଲିସ ପକ୍ଷରୁ କଡାକଡି ଭାବେ ନାକା ଯାଞ୍ଚ ଜାରି ରହିଛି। ଯାଞ୍ଚ ସମୟରେ ଭଞ୍ଜପୁର ଥାନା ପୁଲିସ ଗଞ୍ଜେଇ ଜବତ କରିଛି। ଏହି କାରବାର କରିବାକୁ ବାଇକରେ ନେଇ ଯାଉଥିବା ବେଳେ ୨କିଲୋ ଗଞ୍ଜେଇ ଜବତ ସହ ଜଣେ ଗିରଫ ହୋଇଛନ୍ତି। ଗିରଫ ଜଣକ ହେଲେ ଖୁଣ୍ଟା ଥାନା ଅନ୍ତର୍ଗତ କୁଆଁମରା ଗ୍ରାମର ସୁଧାଂଶୁ ବେହେରା(୩୭)। ପୁଲିସ ମୁର୍ଗାବାଡ଼ି ଛକ ନିକଟରେ ନାକା ଯାଞ୍ଚ କରୁଥିବାବେଳେ ସୁଧାଂଶୁଙ୍କୁ ଅଟକାଇ ଯାଞ୍ଚ କରିଥିଲେ। ବାଇକ ସିଟ ତଳେ ଗଞ୍ଜେଇ ଲୁଚାଇ କାରବାର ପାଇଁ ନେଉଥିବା ବେଳେ ପୁଲିସ ଜବତ କରିଛି। ସେ ବାଙ୍ଗିରିପୋଷି ଅଞ୍ଚଳର ରାଜୀବ ସେଠୀଙ୍କଠାରୁ ଗଞ୍ଜେଇ ଆଣି ବେପାର କରୁଥିବା ନେଇ ମାନିଛନ୍ତି। ମାଜିଷ୍ଟ୍ରେଟ ଉପସ୍ଥିତରେ ୨କିଲୋ ଗଞ୍ଜେଇ, ବାଇକ ଓ ୨ଟି ମୋବାଇଲ ଜବତ କରାଯାଇଛି।

## କୋଷ୍ଟ ଉଚ୍ଚବିଦ୍ୟାଳୟର ୩ ଶିକ୍ଷକ ପୁରସ୍କୃତ

ଶୁଳିଆପଦା, ୧୩।୯ (ସମିସ): ମୁଖ୍ୟମନ୍ତ୍ରୀ ଶିକ୍ଷା ପୁରସ୍କାର କ୍ଷେତ୍ରରେ ମୟୂରଭଞ୍ଜ ଜିଲ୍ଲା ଶୁଳିଆପଦା ବ୍ଲକ ପି.ଏମ୍ ଶ୍ରୀ କୋଷ୍ଟା ଉଚ୍ଚ ବିଦ୍ୟାଳୟ ସଫଳତା ନେଇ ଏକ ନୂଆ ଅଧ୍ୟାୟ ସୃଷ୍ଟି କରିଛି। ଗତବର୍ଷ ବିଭିନ୍ନ ପୁରସ୍କାର ସାଉଁଟି ଥିବାବେଳେ ଚଳିତବର୍ଷ ବିଦ୍ୟାଳୟର ୩ଜଣ ଶିକ୍ଷକ ସପନ କୁମାର ଦାସ, ଓମ୍ ପ୍ରକାଶ ମହାନ୍ତ ଓ ରଞ୍ଜନ କୁମାର ଦାସ ପୁରସ୍କୃତ ହୋଇଛନ୍ତି। ଏଥିପାଇଁ ବିଭିନ୍ନ ମହଲରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## କାର୍ବନ ଫୁଟ୍‌ପ୍ରିଣ୍ଟ ସଂକ୍ରାନ୍ତ ଆଲୋଚନାଚକ୍ର




ବୈଶିଙ୍ଗା, ୧୩।୯(ସମିସ): ହେମପୁର କୈଳାସ ଚନ୍ଦ୍ର ସରକାରୀ ଉଚ୍ଚ ବିଦ୍ୟାଳୟର ଶକ୍ତି ଏବଂ ଇକୋ କ୍ଲବ ଆନୁକୂଲ୍ୟରେ ପ୍ରଧାନଶିକ୍ଷକ ସମରଜିତ ମହାପାତ୍ରଙ୍କ ପୌରୋହିତ୍ୟରେ 'କାର୍ବନ ଫୁଟ ପ୍ରିଣ୍ଟ: ଏହାର ପ୍ରଭାବ ଓ ନିୟନ୍ତ୍ରଣରେ ଆମର ଭୂମିକା' ଶୀର୍ଷକ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ଶିକ୍ଷକ ଚନ୍ଦନ କୁମାର ଦାସ ଆଲୋଚ୍ୟ ପ୍ରସଙ୍ଗ ସମ୍ପର୍କରେ ପ୍ରାରମ୍ଭିକ ବକ୍ତବ୍ୟ ରଖିଥିଲେ। ମୁଖ୍ୟବକ୍ତା ରୂପେ ପୂର୍ବତନ ବିଜ୍ଞାନ ପରିଦର୍ଶକ ତଥା ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ନଳିନୀ ଚୌଧୁରୀ ଯୋଗଦେଇ କାର୍ବନ ଫୁଟପ୍ରିଣ୍ଟ କଣ, ଏହାର ପରିବେଶୀୟ ପ୍ରଭାବ ଏବଂ କାର୍ବନ ଫୁଟପ୍ରିଣ୍ଟ ହ୍ରାସ କରିବାରେ ଛାତ୍ରଛାତ୍ରୀ, ସାଧାରଣ ନାଗରିକଙ୍କ ଭୂମିକା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ବରିଷ୍ଠ ଶିକ୍ଷକ ତୁଷାରକାନ୍ତ ପାତ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏହି ଅବସରରେ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କୃତ କରାଯାଇଥିଲା।

## ଘୁଙ୍ଗୁପାହାଡ଼ିରେ ଐତିହାସିକ ଜାନ୍ତାଳ ମେଳା



ରାଇରଙ୍ଗପୁର, ୧୩।୯(ସମିସ): କୁସୁମୀ ବ୍ଲକ ଅନ୍ତର୍ଗତ ଘୁଙ୍ଗୁପାହାଡ଼ି ଗ୍ରାମରେ ଥିବା ଚୌଡଲ ଡୁଙ୍ଗୁରିଠାରେ ଐତିହାସିକ ଜାନ୍ତାଳ ମେଳା ଅନୁଷ୍ଠିତ ହୋଇଯାଇଛି। ଦ୍ୱିତୀୟ ଦିବସରେ ଆଦିବାସୀମାନେ ଚୌଡଲ ବାବାଙ୍କୁ ପୂଜା କରିଥିଲେ। କିମ୍ବଦନ୍ତୀ ଅନୁସାରେ, ଆବାହନ କାଳରୁ ଏଠାରେ ଗ୍ରାମର ଦେହୁରୀଙ୍କ ଦ୍ୱାରା ପ୍ରକୃତି ରୂପରେ ଆଦିବାସୀଙ୍କ ପାଖରୁ ବାବା ନୃସିଂହନାଥ ଠାକୁର ପୂଜାପାଇ ଆସୁଛନ୍ତି। ଅଞ୍ଚଳବାସୀଙ୍କ ବିଶ୍ୱାସ ଓ ଭରସା ଠାକୁରଙ୍କୁ ପୂଜା କଲେ ଭଲ ଶଷ୍ୟ ଅମଳ ହେବା ସହିତ ବର୍ଷା ହୋଇଥାଏ। ଗତକାଲି ଦେହୁରୀଙ୍କ ଦ୍ୱାରା ପିଢ ପୂଜା ହୋଇଥିବା ବେଳେ ଶୁକ୍ରବାର ଦ୍ୱିତୀୟ ଦିବସରେ ଲୋକଙ୍କ ଉଦ୍ଦେଶ୍ୟରେ ପୂଜା ହୋଇଛି। ଏଥିସହିତ ଦର୍ଶକ ଓ ଶ୍ରଦ୍ଧାଳୁ ବାବା ନୃସିଂହନାଥ ଠାକୁରଙ୍କ ଦର୍ଶନ କରିବା ସହିତ ଛୋଟ ପାହାଡ଼ର ମନୋଲୋଭା ଦୃଶ୍ୟ ହୃଦୟଙ୍ଗମ କରିବାକୁ କମିଟି ପକ୍ଷରୁ ଅନୁମତି ଦିଆଯାଇଛି। ଏହି ପୀଠରେ ଗ୍ରାମର ମୁଖ୍ୟ ଦେହୁରୀ ଘନଶ୍ୟାମ ହାଁସଦା, ସହଯୋଗୀ ଦେହୁରୀ ଜେନା ହେମ୍ବ୍ରମ ନୀତିକାନ୍ତି ଅନୁସାରେ ପୂଜା କରିଥିବା ବେଳେ ପରିଚାଳନାରେ ସରପଞ୍ଚ ଠାକୁରା ନାଏକ, ସମିତି ସଭ୍ୟ ପାର୍ବତୀ ପାତ୍ର, ଭାଗ୍ୟଧର ପୂର୍ତ୍ତି, ଶ୍ରୀକାନ୍ତ ପଲେଇ ବିଡାର ମୁର୍ମୁ, କାଣ୍ଡେ ନାଏକ ପ୍ରମୁଖ ସହଯୋଗ କରିଛନ୍ତି।

## ସାର ପାଇଁ ଲ୍ୟାମ୍ପ୍ସ ବୈଠକରେ ଅସନ୍ତୋଷ

ମହୁଲଡିହା, ୧୩।୯(ସମିସ) : ମହୁଲଡିହା ବୃହଦାକାର ବହୁମୁଖୀ ଆଦିବାସୀ କୃଷିରଣ ସମବାୟ ସମିତି ଲି. ଚଳିତବର୍ଷର ଦ୍ୱିତୀୟ ବୋର୍ଡ ବୈଠକ ସଭାପତି ଦିଲ୍ଲୀପ କୁମାର ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଲ୍ୟାମ୍ପ୍ସର ନୂତନ ପରିଚାଳନା ନିର୍ଦ୍ଦେଶକ ଦେବେନ୍ଦ୍ର ମହାନ୍ତ ଚାଷୀଙ୍କ ୟୁରିଆ ସାରର ଆବଶ୍ୟକତା, ଋଣଲଗାଣ ଓ ଆଦାୟ, ଓମଫେଡ ପାର୍ଲର ପାଇଁ ନୂତନ ଗୃହ ନିର୍ମାଣ ଓ କର୍ମଚାରୀଙ୍କ ବିଭିନ୍ନ ସମସ୍ୟା ଆଦି ବାବଦରେ ଆଲୋଚନା କରିଥିଲେ। ଏହି ଲ୍ୟାମ୍ପ୍ସରେ ୭ଟି ପଞ୍ଚାୟତରୁ ୯୫୫୦ ଜଣ ରେଜିଷ୍ଟ୍ରିଭୁକ୍ତ ଚାଷୀ ଅଛନ୍ତି। ରେଜିଷ୍ଟ୍ରିଭୁକ୍ତ ଚାଷୀଙ୍କ ପାଇଁ ଆବଶ୍ୟକ ରହିଛି ୩ ହଜାର କୁଇଣ୍ଟାଲ; ହେଲେ ଲ୍ୟାମ୍ପ୍ସକୁ ମିଳିଛି ୫୫୦ କୁଇଣ୍ଟାଲ। ଏ ନେଇ ବୈଠକରେ ଅସନ୍ତୋଷ ପ୍ରକାଶ ପାଇଥିଲା। ବୈଠକରେ ଅବସରପ୍ରାପ୍ତ ପରିଚାଳନା ନିର୍ଦ୍ଦେଶକ ଅନ୍ତର୍ଯ୍ୟାମୀ ଭୋଇ, ମୟୂରଭଞ୍ଜ କେନ୍ଦ୍ର ସମବାୟ ବ୍ୟାଙ୍କ ଠାକୁରମୁଣ୍ଡା ଶାଖା ପରିଚାଳକ ଅବିନାଶ କୁମାର ବେହେରା ଓ ସମସ୍ତ ପରିଚାଳନା ପରିଷଦର ସଭ୍ୟ/ସଭ୍ୟା ଉପସ୍ଥିତ ଥିଲେ। ଶେଷରେ ପରିଚାଳନା ପରିଷଦର ସଭ୍ୟ ମାନସ ରଞ୍ଜନ ଆଚାର୍ଯ୍ୟ ଧନ୍ୟବାଦ ଅର୍ପଣ କରିଥିଲେ।

## ଦ୍ୱିତୀୟ ଉଠା ସେଚ ପ୍ରକଳ୍ପ ସ୍ଥାନ ନିରୂପଣ

ଶୁକ୍ଳି/ରରୁଆଁ, ୧୩।୯(ସମିସ): ମୟୂରଭଞ୍ଜ ଜିଲ୍ଲା ରରୁଆଁ ବ୍ଲକ ବୁଡ଼ାମରା ଗ୍ରାମପଞ୍ଚାୟତ ଶଙ୍କରପୁର ଗ୍ରାମରେ ରଘୁନାଥପୁର ଚାଷୀଙ୍କ ଜମି ବୈତରଣୀ ନଦୀ କୂଳରେ ରହିଛି; କିନ୍ତୁ ଗୋଟିଏ ମାତ୍ର ଉଠା ଜଳସେଚନ ପ୍ରକଳ୍ପ ସମସ୍ତ ଜମିକୁ ପାଣି ଯୋଗାଇ ପାରୁ ନ ଥିଲା। ଫଳରେ ଅଧିକାଂଶ ଜମି ପଡ଼ିଆ ରହୁଥିଲା। ଏ ନେଇ ଚାଷୀମାନେ ବିଭାଗୀୟ ଅଧିକାରୀଙ୍କ ନିକଟରେ ଆବେଦନ କରିଥିଲେ। ବିଭାଗୀୟ ଅଧିକାରୀ ରଘୁନାଥପୁରରେ ପହଞ୍ଚି ଦ୍ୱିତୀୟ ଉଠା ଜଳସେଚନ ପ୍ରକଳ୍ପର ସ୍ଥାନ ନିରୂପଣ କରିବା ସହିତ ମଞ୍ଜୁରୀ ପ୍ରଦାନ କରିଛନ୍ତି। ସହକାରୀ ନିର୍ବାହୀ ଯନ୍ତ୍ରୀ ବିଭୁପ୍ରକାଶ ମହାନ୍ତ ଏବଂ କନିଷ୍ଠ ଯନ୍ତ୍ରୀ (ବିଦ୍ୟୁତ୍) ସଦାନନ୍ଦ ମହାନ୍ତ ସେଚ ପ୍ରକଳ୍ପ ପାଇଁ ଜାଗା ନିରୂପଣ ସହିତ କ୍ଷେତ୍ର ପରିଦର୍ଶନ କରି ଫେରିଛନ୍ତି। ଶଙ୍କରପୁର ଗ୍ରାମର ଶିବପ୍ରସାଦ ମହାନ୍ତ, ଜଗବନ୍ଧୁ ମହାନ୍ତ, ହୃଦାନନ୍ଦ ମହାନ୍ତ, ତରଣୀସେନ ମହାନ୍ତ, ରୁନା ମହାନ୍ତ ଏବଂ ସୁବ୍ରତ ମହାନ୍ତ ପ୍ରମୁଖ ଉପସ୍ଥିତ ଥିଲେ। ରଘୁନାଥପୁର ପାଣିପଞ୍ଚାୟତ ସଭାପତି ପ୍ରଦୀପ କୁମାର ମହାନ୍ତ, ସମ୍ପାଦକ ଫକୀରମୋହନ ମହାନ୍ତ, ହିସାବ ରକ୍ଷକ ଦୀନବନ୍ଧୁ ମହାନ୍ତ ପ୍ରମୁଖ ସରକାରଙ୍କୁ କୃତଜ୍ଞତା ଜଣାଇଛନ୍ତି।

## ୧୫ରୁ ଜିଲ୍ଲା ଫାର୍ମାସୀ ଅଫିସରଙ୍କ ଆନ୍ଦୋଳନ ଧମକ

ବାରିପଦା, ୧୩।୯(ସମିସ): ଫାର୍ମାସୀ ଅଧିକାରୀଙ୍କ ଅନିର୍ଦ୍ଦିଷ୍ଟ ଆନ୍ଦୋଳନ ଧମକ ଦେବା ପରେ ବାରିପଦା ପଣ୍ଡିତ ରଘୁନାଥ ମୁର୍ମୁ ମେଡିକାଲ କଲେଜ ଓ ହସ୍ପିଟାଲ ଏବଂ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ସ୍ୱାସ୍ଥ୍ୟସେବା ବ୍ୟାହତ ହେବାର ଆଶଙ୍କା ଦେଖାଦେଇଛି। ବଦଳି ଆଦେଶ ଏବଂ ଅଢେଇ ମାସରୁ ଅଧିକ ସମୟ ଧରି ବେତନ ବକେୟା ରହିଥିବା ଅଭିଯୋଗରେ ଆସନ୍ତା ୧୫ ତାରିଖରୁ ଅନିର୍ଦ୍ଦିଷ୍ଟ କାଳ ପାଇଁ ଆନ୍ଦୋଳନ କରିବାକୁ ନୋଟିସ ଜାରି କରିଛନ୍ତି। ଏ ନେଇ ମେଡିକାଲ ସୁପରିଣ୍ଟେଣ୍ଡେଣ୍ଟ ଓ ଜନସ୍ୱାସ୍ଥ୍ୟ ଅଧିକାରୀଙ୍କୁ ଲିଖିତଭାବେ ଜଣାଇଛନ୍ତି। ଦାବି ଅନୁସାରେ, ସରକାରୀ ନିୟମ ଉଲ୍ଲଙ୍ଘନ କରି ବଦଳି ଆଦେଶ ଜାରି ହୋଇଛି। ଏହାକୁ ସୁଧାରିବା ପାଇଁ ଅନୁରୋଧ ସତ୍ତ୍ୱେ କୌଣସି ପଦକ୍ଷେପ ନିଆଯାଇନାହିଁ। ଏଥିସହିତ ୮ ଜଣ ଅଫିସରଙ୍କ ବେତନ ୭୫ ଦିନରୁ ଅଧିକ ସମୟ ଧରି ବିନା କାରଣରେ ଦିଆଯାଇନାହିଁ। ଏ ନେଇ ସୁପରିଣ୍ଟେଣ୍ଡେଣ୍ଟ କହିଛନ୍ତି ଯେ, ହସ୍ପିଟାଲ ଦୁଇଟି କ୍ୟାମ୍ପସରେ କାର୍ଯ୍ୟ କରୁଛି ଏବଂ କର୍ମଚାରୀ ଅଭାବ ମଧ ରହିଛି। ଏପରି ସ୍ଥିତିରେ ଆନ୍ଦୋଳନ ସ୍ୱାସ୍ଥ୍ୟସେବାକୁ ଗୁରୁତର ଭାବେ କ୍ଷତିଗ୍ରସ୍ତ କରିବ। ସମସ୍ୟାର ତୁରନ୍ତ ସମାଧାନ ପାଇଁ ଉଚ୍ଚ କର୍ତ୍ତୃପକ୍ଷଙ୍କ ହସ୍ତକ୍ଷେପ କାମନା କରିଛନ୍ତି। ଅଫିସରମାନେ ମଧ ସ୍ୱାସ୍ଥ୍ୟ ସଚିବ ଓ ନିର୍ଦ୍ଦେଶକଙ୍କୁ ଅଭିଯୋଗ ପତ୍ର ପଠାଇଛନ୍ତି। ସେପ୍ଟେମ୍ବର ୧୫ ପୂର୍ବରୁ ସମାଧାନ ନ କଲେ ସମସ୍ତେ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

## ମରାମତି ଆଳରେ ୬ ମାସ ହେଲା ଶିଶୁ ଉଦ୍ୟାନରେ ତାଲା




ଉଦଳା, ୧୩।୯(ସମିସ): ଉଦଳା ସହର ଗଠନ ହେବାପରଠାରୁ ଜନସଂଖ୍ୟା ଦ୍ରୁତଗତିରେ ବଢ଼ିଚାଲିଛି। ଏହି ଉପଖଣ୍ଡରେ ଏକମାତ୍ର ସହରାଞ୍ଚଳ ଭାବେ ଉଦଳା ୧୯୭୩ ମସିହାରେ ଗଠିତ ହୋଇ ଏନଏସି ମାନ୍ୟତା ପାଇଛି; ହେଲେ ସହରର ସୌନ୍ଦର୍ଯ୍ୟ ତଥା ସହରବାସୀଙ୍କ ମନୋରଞ୍ଜନ କରୁଥିବା କିଛି ପ୍ରକଳ୍ପ ଏପର୍ଯ୍ୟନ୍ତ ଆଗେଇପାରୁନି। ଏଠାରେ ଥିବା ଶିଶୁଉଦ୍ୟାନଟି ୬ ମାସ ହେଲା ତାଲା ପଡ଼ିରହିଛି। ସହରର ବିକାଶ ପାଇଁ ଅର୍ଥ ଅନୁଦାନ ଆସିଛି; ହେଲେ ଉଦଳାବାସୀ କୌଣସି ସୁବିଧା ଆଜି ପର୍ଯ୍ୟନ୍ତ ପାଇନାହାନ୍ତି।। ୧୧ନଂ. ୱାର୍ଡରେ ଏକ ପାର୍କ ନିର୍ମାଣ ହୋଇଥିବାବେଳେ ସହରର ୭୦ ପ୍ରତିଶତ ଲୋକଙ୍କ ପାଇଁ ଏ ଅପହଞ୍ଚ ହୋଇଛି। ତେବେ ସହରର ୫ଟି ସ୍ଥାନରେ ପାର୍କ ନିର୍ମାଣ ଏକ ଅନୁସନ୍ଧାନରୁ ଜଣାପଡ଼ିଛି। ମାତ୍ର ପାର୍କଗୁଡିକର ବାସ୍ତବତା ଫାଇଲ ତଳେ ଚାପି ହୋଇଯାଇଛି। ତେବେ ଉଦଳା ହାଇସ୍କୁଲ ପଡ଼ିଆ ନିକଟରେ ଏକ ଚିଲଡ୍ରେନ ପାର୍କ ନିର୍ମାଣ ହୋଇଥିବା ବେଳେ ରକ୍ଷଣାବେକ୍ଷଣ ଅଭାବରୁ ତାହା ଭାଙ୍ଗିରୁଜି ଗଲାଣି। ଫଳରେ ଶିଶୁମାନେ ସେଠାକୁ ଯାଉଥିଲେ ହେଁ ଅଭିଭାବକ ସୁରକ୍ଷିତ ମଣୁନାହାନ୍ତି। ଏ ନେଇ ବହୁ ଅଭିଯୋଗ ହେବାପରେ ଏନଏସି କର୍ତ୍ତୃପକ୍ଷ ମରାମତି ଆଳରେ ୬ମାସ ହେଲା ବନ୍ଦ ରହିଛି। ଫଳରେ ଶିଶୁମାନେ ପାର୍କକୁ ଆସି ନିରାଶରେ ଫେରୁଛନ୍ତି। ତେଣୁ ତୁରନ୍ତ ଖୋଲିବାକୁ ସହରବାସୀ ଦାବି କରିଛନ୍ତି।

## ଦୁର୍ଗାପୂଜା ପାଇଁ ଶାନ୍ତି କମିଟିର ପ୍ରସ୍ତୁତି ବୈଠକ



ବେତନଟୀ, ୧୩।୯(ସମିସ): ବେତନଟୀ ଧର୍ମଶାଳା ପରିସରରେ ଦୁର୍ଗାପୂଜା ନିମନ୍ତେ ଶାନ୍ତି କମିଟିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ସିଡିପିଓ ମିନତୀ ବିଶ୍ୱାଳଙ୍କ ଅଧକ୍ଷତାରେ ଅନୁଷ୍ଠିତ ବୈଠକରେ ଶାନ୍ତିକମିଟି ସଭାପତି ପ୍ରକାଶ ଚନ୍ଦ୍ର ବେହେରା, ଆଇଆଇସି ସସ୍ମିତା ମହାନ୍ତ, ବିଦ୍ୟୁତ୍ ବିଭାଗ ଏସଡିଓ ଶୁଭଦତ୍ତ ମିଶ୍ର, ଅରବିନ୍ଦ ମହାନ୍ତି, ଜେଇ ରବୀନ୍ଦ୍ର କୁମାର ମିଶ୍ର, ଆରଡ଼ି ଜେଇ ଜ୍ୟୋତିରଞ୍ଜନ ନାୟକ, ଅବକାରୀ ଏସଆଇ ପ୍ରଦୀପ ବେହେରା, ଅତିରିକ୍ତ ତହସିଲଦାର ଇଶ୍ୱରଚନ୍ଦ୍ର ରଣା ପ୍ରମୁଖ ଯୋଗଦେଇ ଦୁର୍ଗାପୂଜାରେ ହେବାକୁ ଥିବା କାର୍ଯ୍ୟକ୍ରମ ବାବଦରେ ଆଲୋଚନା କରିଥିଲେ। ସମସ୍ତ ପୂଜା କମିଟିର ମୁଖ୍ୟ କର୍ମକର୍ତ୍ତା ଏବଂ ବେତନଟୀ, ସଠିଲୋ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟ, ବିଭିନ୍ନ ଗଣମାଧ୍ୟମର ପ୍ରତିନିଧି, ବରିଷ୍ଠ ନାଗରିକ, ସିଭିଲ ସୋସାଇଟିର କର୍ମକର୍ତ୍ତା ମଧ ବୈଠକରେ ଉପସ୍ଥିତ ଥିଲେ। ଆସନ୍ତା ଦୁର୍ଗାପୂଜା ଶାନ୍ତି ଶୃଙ୍ଖଳା ସହିତ କରାଯିବା ନିମନ୍ତେ ସହମତି ପ୍ରକାଶ ପାଇଥିଲା। ବିଶେଷକରି ରାସ୍ତା ମରାମତି, ଡ୍ରେନ ସଫେଇ, ରାସ୍ତାରେ ଆଲୋକୀକରଣ, ଟ୍ରାଫିକ ନିୟନ୍ତ୍ରଣ, ରାବଣ ପୋଡି, ଭସାଣି ଉତ୍ସବ, ଦୁର୍ଗାପୂଜା, ଅପେରା ପାର୍ଟି ପରିଚାଳନା ନେଇ ମଧ ଆଲୋଚନା ହୋଇଥିଲା। ବୈଠକରେ ବସଷ୍ଟାଣ୍ଡ ଦୁର୍ଗାପୂଜା କମିଟି, ଆନନ୍ଦ ବଜାର ଦୁର୍ଗାପୂଜା କମିଟି, ବଙ୍ଗଳା ଛକ ଦୁର୍ଗାପୂଜା କମିଟି, କଙ୍କା କାଳିଆ ଦୁର୍ଗାପୂଜା କମିଟି, ବାହାନଡ଼ା ଦୁର୍ଗାପୂଜା କମିଟି, ଦାନ୍ତିଆମୁଁହା ଦୁର୍ଗାପୂଜା କମିଟି, ବାରମାଇଲ ଦୁର୍ଗାପୂଜା କମିଟି, ଦୁଇଟି ଅପେରା କମିଟିର ମୁଖ୍ୟ ପ୍ରମୁଖ ଉପସ୍ଥିତ ଥିଲେ।

**● ରାଇରଙ୍ଗପୁର ହାଇସ୍କୁଲରେ ପୁରାତନ ଛାତ୍ରଙ୍କ ସମାବେଶ**

## ପୁରୁଣା ସ୍ମୃତି ବଖାଣିଲେ ନିରଞ୍ଜନ ପଟ୍ଟନାୟକ




ରାଇରଙ୍ଗପୁର, ୧୩।୯(ସମିସ): ମୟୂରଭଞ୍ଜର ଦ୍ୱିତୀୟ ପୁରାତନ ଶିକ୍ଷାନୁଷ୍ଠାନ ରାଇରଙ୍ଗପୁର ହାଇସ୍କୁଲର ୧୯୫୭ ବ୍ୟାଚ ପୁରାତନ ଛାତ୍ର ସଂଘର ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ପୂର୍ବତନ ଛାତ୍ର ତଥା ପୂର୍ବତନ ମନ୍ତ୍ରୀ ନିରଞ୍ଜନ ପଟ୍ଟନାୟକ ଗୁରୁବାର ରାଇରଙ୍ଗପୁର ଗସ୍ତ କରି ସ୍କୁଲ ପରିଦର୍ଶନ କରି ସହପାଠୀ ବିଶ୍ୱନାଥ ଅଗ୍ରୱାଲ ଏବଂ ଅନ୍ୟ ସାଥୀଙ୍କୁ ଭେଟି ପୁରୁଣା ଦିନର ସ୍ମୃତି ଓ ଅନୁଭୂତିର ବଖାଣିବା ସହିତ ଭାବବିହ୍ୱଳ ହୋଇପଡ଼ିଥିଲେ। ଅବତରଣା ସହ ଭାବବିହ୍ୱଳ ହୋଇ ପଡ଼ିଥିଲେ। ପୁରାତନ ଛାତ୍ରସଂଘର ସଭାପତି (୧୯୬୨ ବ୍ୟାଚ) ଡାକ୍ତର ସ୍ୱୟମ୍ବର ସିଂହ, କୋଷାଧକ୍ଷ (୧୯୬୪ ବ୍ୟାଚ) ପ୍ରଦୀପ୍ତ କୁମାର ମହାନ୍ତି, ପୂର୍ବତନ ବରିଷ୍ଠ ଶିକ୍ଷକ ସଚିକାନ୍ତ କର, ପୁରାତନ ଛାତ୍ର ତଥା ଦୁଇ ପ୍ରାକ୍ତନ ବିଧାୟକ ଲକ୍ଷ୍ମଣ ମାଝୀ ଓ ଶ୍ୟାମଚରଣ ହାଁସଦା ପ୍ରମୁଖ ଉପସ୍ଥିତ ଥିଲେ। ତାଙ୍କ ପ୍ରାଥମିକ ଶିକ୍ଷା ଏଠାରୁ ଆରମ୍ଭ ହୋଇଥିବାରୁ ରାଇରଙ୍ଗପୁର ପ୍ରତି ତାଙ୍କର ଏକ ବିଶେଷ ଦୁର୍ବଳତା ରହିଛି ବୋଲି ଶ୍ରୀ ପଟ୍ଟନାୟକ କହିଥିଲେ। ସୂଚନାଯୋଗ୍ୟ ଯେ, ଶ୍ରୀ ପଟ୍ଟନାୟକ ରାଇରଙ୍ଗପୁର ହାଇସ୍କୁଲକୁ ପୋଷ୍ୟ ସ୍କୁଲ ଭାବେ ପୂର୍ବରୁ ଘୋଷଣା କରିଥିବା ଉଲ୍ଲେଖନୀୟ ବିଷୟ। ପରେ ହାଇସ୍କୁଲର ପୁରାତନ ଛାତ୍ର, ପ୍ରଧାନଶିକ୍ଷକ, ଶିକ୍ଷକ/ଶିକ୍ଷୟିତ୍ରୀ ଓ କର୍ମଚାରୀଙ୍କୁ ଭେଟି ସ୍କୁଲର ଇତିହାସ ଉପରେ ଆଲୋକପାତ କରିଥିଲେ। ଏହାପରେ ସେ ରାଇରଙ୍ଗପୁର ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ପରିସରକୁ ଯାଇ ଶ୍ରୀମାଙ୍କ ପବିତ୍ର ପାଦୁକା ଦର୍ଶନ କରି ପ୍ରାର୍ଥନା କରିଥିଲେ। ଏହି ଅବସରରେ ଶ୍ରୀ ପଟ୍ଟନାୟକ ରାଇରଙ୍ଗପୁର ଓକିଲ ସଂଘର ବରିଷ୍ଠତମ ଆଇନଜୀବୀ ରସାନନ୍ଦ ଲେଙ୍କାଙ୍କୁ ଭେଟି ତାଙ୍କର ଦୀର୍ଘ ନିରାମୟ ଜୀବନ କାମନା କରିଥିଲେ।

**ନାହାଶୋଳ ପ୍ରାଥମିକ ବିଦ୍ୟାଳୟରେ ୧୪ ଛାତ୍ରଛାତ୍ରୀଙ୍କ ପାଇଁ ୪ ଶିକ୍ଷକ**

## ପ୍ରଥମ, ଦ୍ୱିତୀୟ ଓ ଷଷ୍ଠ ଶ୍ରେଣୀରେ ପିଲା ଶୂନ୍




ମୋରଡ଼ା, ୧୩।୯(ସମିସ): ମୋରଡ଼ା ବ୍ଲକ ସୁରେଇଡ଼ିହି ପଞ୍ଚାୟତ ନାହାଶୋଳ ପ୍ରାଥମିକ ବିଦ୍ୟାଳୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ଯାଏ ୧୪ଜଣ ଛାତ୍ରଛାତ୍ରୀ ପଢୁଥିବାବେଳେ ୩ ଜଣ ଶିକ୍ଷକ ଓ ଜଣେ ଶିକ୍ଷୟିତ୍ରୀ ଶିକ୍ଷାନ କରୁଛନ୍ତି। ତେବେ ପ୍ରଥମ, ଦ୍ୱିତୀୟ ଓ ଷଷ୍ଠ ଶ୍ରେଣୀରେ ଜଣେ ବି ଛାତ୍ରଛାତ୍ରୀ ନାହାନ୍ତି। ତେଣୁକରି ୩ ଜଣ ଶିକ୍ଷକ ନିଜ ଇଚ୍ଛାରେ ସ୍କୁଲକୁ ଆସୁଛନ୍ତି ବୋଲି ଛାତ୍ରଛାତ୍ରୀ ପ୍ରକାଶ କରିଛନ୍ତି। ଶୁକ୍ରବାର ଗ୍ରାମର ଜଣେ ଯୁବକ ଶିକ୍ଷକମାନେ ବିଳମ୍ବରେ ସ୍କୁଲକୁ ଆସୁଥିବା ଖବର ଦେବାପରେ କେବଳ ଜଣେ ଶିକ୍ଷୟିତ୍ରୀ ପିଲାଙ୍କୁ ପଢ଼ାଉଥିଲେ। ତେବେ ଶିକ୍ଷକମାନେ ବିଳମ୍ବରେ ଆସୁଥିବା ଖବରକୁ ପ୍ରଧାନ ଶିକ୍ଷକ ଶ୍ରୀ ସାହୁ ସ୍ୱୀକାର କରିଥିବା ବେଳେ ଶିକ୍ଷକ ହରେନ୍ଦ୍ର ମହାନ୍ତଙ୍କ ଦୋଷକୁ ଲୁଚାଇବାକୁ ଉଦ୍ୟମ କରିଥିଲେ। ହରେନ୍ଦ୍ର ମହାନ୍ତ ସାମ୍ବାଦିକ ଆସିବାର ଜାଣିପାରି ୧୦.୫୩ରେ ହ୍ୱାଟ୍ସଆପ ଯୋଗେ ପ୍ରଧାନ ଶିକ୍ଷକଙ୍କୁ ଛୁଟି ପାଇଁ ଦରଖାସ୍ତ ପଠାଇଥିବା ଯୁବକ ଜଣକ କହିଛନ୍ତି। ଅନ୍ୟଜଣେ ଶିକ୍ଷକ ମଧ ଛୁଟିରେ ରହିଛନ୍ତି ବୋଲି କହି ତାଙ୍କ ଦୋଷକୁ ଲୁଚାଇଥିଲେ। ହରେନ୍ଦ୍ର ମହାନ୍ତ ଏନପିଏସ ଶିକ୍ଷକ ସଂଘ ସମ୍ପାଦକ ଥିବାରୁ ମନଇଚ୍ଛା ସ୍କୁଲକୁ ଆସନ୍ତି। ଯଦି କୌଣସି ଅଧିକାରୀ କାର୍ଯ୍ୟାନୁଷ୍ଠାନ ନେବାକୁ ଚିନ୍ତା କରନ୍ତି ତେବେ ଧାରଣା ଦେବାକୁ ସେ ଧମକ ଦେଇଥାନ୍ତି। କେତେକ ବିଦ୍ୟାଳୟରେ ଜଣେ ମାତ୍ର ଶିକ୍ଷକରେ ଶିକ୍ଷାଦାନ ଚାଲିଥିବାବେଳେ ଏହି ସ୍କୁଲରେ ୧୪ଜଣ ଛାତ୍ରଛାତ୍ରୀଙ୍କ ନିମନ୍ତେ ୪ ଜଣ ଶିକ୍ଷକ ରହିବା ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ତେଣୁ ଘଟଣାର ତଦନ୍ତସାପେକ୍ଷ। ଏ ନେଇ ବିଇଓଙ୍କୁ ଯୋଗାଯୋଗ କରିବାରୁ ଘଟଣା ସମ୍ପର୍କରେ ଆପଣଙ୍କ ନିକଟରୁ ଶୁଣିଲି। ଆସନ୍ତାକାଲି ବିଦ୍ୟାଳୟରେ ଘଟଣାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

### ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣା

# ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିପାରୁନି ପୁଲିସ



ପାରଳାଖେମୁଣ୍ଡି,୧୩।୯ (ସମିସ)

ପାରଳାଖେମୁଣ୍ଡି ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ମୃତ୍ୟୁ ଘଟଣାରେ ଜାମିନବିହୀନ ଗିରଫ ପରୱାନା ହୋଇଥିବା ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରାଇ ପାରିନାହିଁ ପୁଲିସ। ଅଗଷ୍ଟ ୧୪ ତାରିଖରେ ପାରଳାଖେମୁଣ୍ଡି ଏସ୍‌ଡିଜେଏମ୍ କୋର୍ଟ ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତ ପୂର୍ବତନ ଡିଏଫ୍‌ଓ ସଂଗ୍ରାମକେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ନାମରେ ଜାମିନବିହୀନ ଗିରଫ ପରୱାନା ଜାରି କରିଥିଲେ। ଉକ୍ତ ଘଟଣାରେ ଗୁରୁବାର ଉଭୟଙ୍କୁ କୋର୍ଟରେ ପୁଲିସ୍ ହାଜର କରାଇବା ନେଇ ନିର୍ଦ୍ଦେଶ ରହିଥିଲା। କିନ୍ତୁ ପୁଲିସ୍ କୋର୍ଟର ଆଦେଶକୁ କାର୍ଯ୍ୟକାରୀ କରିବାରେ ସକ୍ଷମ ହୋଇପାରିନି।

ସୂଚନାଯୋଗ୍ୟ ଯେ, ୨୦୨୧ ଜୁଲାଇ ସନ୍ଧ୍ୟାରେ ପାରଳାଖେମୁଣ୍ଡି ସ୍ଥିତ ବନଖଣ୍ଡ କାର୍ଯ୍ୟାଳୟ ପରିସରରେ ଏସିଏଫ୍ ସୌମ୍ୟରଞ୍ଜନ ମହାପାତ୍ର ରହୁଥିବା ସରକାରୀ ବାସଭବନରୁ ସନ୍ଦେହଜନକ ଅବସ୍ଥାରେ ଅର୍ଦ୍ଧଦଗ୍ଧ ଅବସ୍ଥାରେ ଉଦ୍ଧାର ହୋଇଥିଲେ। କଟକରେ ଏକ ଘରୋଇ ଚିକିତ୍ସାଳୟରେ ଚିକିତ୍ସାଧିନ ଅବସ୍ଥାରେ ଘଟଣା ଘଟିବା ପରଦିନ ତାଙ୍କର ମୃତ୍ୟୁ ଘଟିଥିଲା। ମୃତ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ତାଙ୍କ ପୁଅକୁ ସ୍ତ୍ରୀ ବିଦ୍ୟା ଭାରତୀ ପଣ୍ଡା, ଗଜପତି ଜିଲ୍ଲାର ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭ ମିଶି ହତ୍ୟା କରିଥିବା ପାରଳାଖେମୁଣ୍ଡି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ପାରଳାଖେମୁଣ୍ଡି ଥାନା କେସ୍ ନଂ.୧୪୧/୨୦୨୧ରେ ମାମଲା ରୁଜୁ ହୋଇଥିଲା। ସରକାର ମାମଲାକୁ ତଦନ୍ତ ନିମନ୍ତେ କ୍ରାଇମ୍ ବ୍ରାଞ୍ଚକୁ ହସ୍ତାନ୍ତର କରିଥିଲେ। କ୍ରାଇମବ୍ରାଞ୍ଚ ଡିଏସ୍‌ପି ଜ୍ଞାନରଞ୍ଜନ ମିଶ୍ରଙ୍କ ନେତୃତ୍ୱରେ ୨୦୨୧ ଅଗଷ୍ଟ ୧୪ରୁ ତଦନ୍ତ ଆରମ୍ଭ ହୋଇଥିଲା।

ମିଳିଥିବା ସୂଚନା ମୁତାବକ ରୋଷେୟା ମନ୍ମଥ କୁମ୍ଭଙ୍କ ନାମରେ ପାରଳାଖେମୁଣ୍ଡି ଆଦର୍ଶ ଥାନା ପୁଲିସ୍‌କୁ ଓ ପୂର୍ବତନ ଡିଏଫ୍‌ଓ ସଂଗ୍ରାମକେଶରୀ ବେହେରାଙ୍କ କର୍ମସ୍ଥଳୀ ଓ ତାଙ୍କ ସ୍ଥାୟୀ ଠିକଣା ଅନ୍ତର୍ଗତ ଥାନାକୁ ଯାଇଥିଲା। କିନ୍ତୁ ପାରଳାଖେମୁଣ୍ଡି





ଆଦର୍ଶ ଥାନା ଓ ପୂର୍ବତନ ଡିଏଫ୍‌ଓଙ୍କ ପାଇଁ ଯେଉଁ ଥାନାକୁ ଜାମିନବିହିନ ଗିରଫ ପରୱାନା ଯାଇଥିଲା ସମସ୍ତେ କୋର୍ଟଙ୍କ ନିର୍ଦ୍ଦେଶ କାର୍ଯ୍ୟକାରୀ କରିବାରେ ବିଫଳ ହୋଇଛନ୍ତି। ଯାହାକୁ ନେଇ ସର୍ବସାଧାରଣ ଓ ବିଭିନ୍ନ ମହଲରେ ଭିନ୍ନ ଚର୍ଚ୍ଚା ହେଉଛି। ଏକ ବହୁଚର୍ଚ୍ଚିତ ମାମଲାର ଜାମିନବିହୀନ ଗିରଫ ପରୱାନାକୁ କାର୍ଯ୍ୟକାରୀ କରିବା ଦିଗରେ କେଉଁଠି ନା କେଉଁଠି ପୁଲିସ୍ ଢିଲାପଣ ଦେଖାଉଥିବାର ଆଲୋଚନା ହେଉଛି। ଯାହାଫଳରେ ନ୍ୟାୟ ପାଇଁ ମୃତ ସୌମ୍ୟରଞ୍ଜନ ମହାପାତ୍ରଙ୍କ ପରିବାର ଯେଉଁ ସଂଗ୍ରାମ କରୁଛନ୍ତି ସେଥିରେ ଡେରି ହେବାର ସମ୍ଭାବନା ରହିଛି। କ୍ରାଇମ୍ ବ୍ରାଞ୍ଚ ତଦନ୍ତ କରି ଆଇପିସିର ୨୮୫ ଓ ୩୦୪(କ) ଧାରା ଦର୍ଶାଇ ସିଏସ୍‌ଆଇ ଅଫିସରେ ଅଭିଯୋଗ ଫର୍ଦ୍ଦ ଦାଖଲ କରିଥିଲା। ଏଥିରେ ଅସନ୍ତୁଷ୍ଟ ହୋଇ ମୃତ ସୌମ୍ୟଙ୍କ ବାପା ଅଭିରାମ ମହାପାତ୍ର ପାରଳାଖେମୁଣ୍ଡି ଏସ୍‌ଡିଜେଏମ ଅଦାଲତରେ ଏକ ୱାନ୍ ସିସି ମାମଲା ଦାଖଲ କରିଥିଲେ। ଉକ୍ତ ମାମଲାକୁ ଅଦାଲତ ଗ୍ରହଣ କରି ୨୨/୨୦୨୨ରେ ହତ୍ୟା ମାମଲା ଚାଲିବ ବୋଲି ନିର୍ଦ୍ଦେଶ ଦେଇଥିଲେ। ଉକ୍ତ ମାମଲାକୁ ରଦ୍ଦ କରିବାକୁ ବିଦ୍ୟାଭାରତୀ ପଣ୍ଡା ଓ ଅନ୍ୟ ଅଭିଯୁକ୍ତ ଓଡ଼ିଶା ଉଚ୍ଚ ନ୍ୟାୟାଳୟର ଦ୍ୱାରସ୍ଥ ହୋଇଥିଲେ। ଉଚ୍ଚ ନ୍ୟାୟାଳୟ ଘଟଣାର ଅଭିଯୁକ୍ତ ସୌମ୍ୟଙ୍କ ପତ୍ନୀ ବିଦ୍ୟାଭାରତୀ ପଣ୍ଡାଙ୍କ ଦ୍ୱାରା ମାମଲା ରଦ୍ଦ କରିବାକୁ ଯେଉଁ ଆବେଦନ କରିଥିଲେ ତାକୁ ସ୍ଥଗିତ ରଖିଥିଲେ। କିନ୍ତୁ ଏହି ଘଟଣାରେ ଅନ୍ୟ ଦୁଇ ଅଭିଯୁକ୍ତ ତତ୍କାଳୀନ ଡିଏଫ୍‌ଓ ସଂଗ୍ରାମ କେଶରୀ ବେହେରା ଓ ରୋଷେୟା ମନ୍ମଥ କୁମ୍ଭଙ୍କ ବିରୁଦ୍ଧରେ ହତ୍ୟା ମାମଲା ନିମ୍ନ ଅଦାଲତରେ ଚାଲିବ ବୋଲି ଉଚ୍ଚ ନ୍ୟାୟାଳୟ ନିର୍ଦ୍ଦେଶ ଦେଇଥିଲେ।

---

### ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ପାଠଚକ୍ର



ଚକାପାଦ,୧୩।୯ (ସମିସ): ଚକାପାଦ ବ୍ଲକ ଲାଇନପଡା କୁଇଦିନା ଇନ୍ଦିରାଗାନ୍ଧୀ ସ୍ନାତକ ମହାବିଦ୍ୟାଳୟରେ ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗର ପାଠଚକ୍ର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁବାସ ଚନ୍ଦ୍ର ମଲ୍ଲିକଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ପଞ୍ଚାୟତ ସ୍ନାତକ ମହାବିଦ୍ୟାଳୟ ଫିରିଙ୍ଗିଆ ଓଡିଆ ଅଧ୍ୟାପକ ଡ. ବିରଞ୍ଚିନାରାୟଣ ସାହୁ ଓ ସମ୍ମାନୀତ ଅତିଥି ରୂପେ ମହାବିଦ୍ୟାଳୟ ଅଧ୍ୟାପିକା ସସ୍ମିତା ପାଳ, ଅଧ୍ୟାପିକା ଶୁଭସ୍ମିତା ଦିଗାଲ ଯୋଗ ଦେଇଥିଲେ। କବିସୂର୍ଯ୍ୟ ବଳଦେବ ରଥଙ୍କ "କିଶୋର ଚନ୍ଦ୍ରାନନ୍ଦ ଚମ୍ପୂ' ବିଷୟରେ ଆଲେଚନା କରାଯାଇଥିଲା। ଉପସ୍ଥାପକଯୁକ୍ତ ତିନି ବର୍ଷ କଳା ଛାତ୍ର ସରୋଜ କୁମାର ପ୍ରଧାନ ସନ୍ଦର୍ଭ ପାଠ କରିଥିଲେ। ଶେଷରେ ଓଡିଆ ଭାଷା ଓ ସାହିତ୍ୟ ବିଭାଗର ଅଧ୍ୟାପକ ଅକ୍ଷୟ କୁମାର ଦିଗାଲ ଧନ୍ୟବାଦ୍ ଅର୍ପଣ କରିଥିଲେ।

### ବ୍ଲକ୍‌ସ୍ତରୀୟ ଆଦି କର୍ମଯୋଗୀ କାର୍ଯ୍ୟକ୍ରମ



ରାୟଗଡ଼,୧୩।୯ (ସମିସ): ରାୟଗଡ଼ ବ୍ଲକ ସଦରମହକୁମା ସ୍ଥିତ ମିଶନ ଶକ୍ତି ସଭାଗୃହରେ ଦୁଇ ଦିନ ଧରି ବ୍ଲକସ୍ତରୀୟ ଆଦିକର୍ମଯୋଗୀ କାର୍ଯ୍ୟକ୍ରମ ହୋଇଥିଲା। ଏଥିରେ ୩୦ ଜଣ ଗ୍ରାମ୍ୟସ୍ତରୀୟ ପ୍ରଶିକ୍ଷକଙ୍କ ତାଲିମ ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରକୁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ ଉଦ୍‌ଘାଟନ କରିଥିବା ବେଳେ ସିଡ଼ିପିଓ ୱି. କମୋଲାଙ୍ଗି, ବ୍ଲକ ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ବିଷ୍ଣୁ ପ୍ରସାଦ ସେଠୀ ଓ ଭାରପ୍ରାପ୍ତ ଜିପିଡିଓ ଭଗବାନ ନାୟକ ତାଲିମ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶିବିରରେ ୧୫ ପଞ୍ଚାୟତର ୩୦ ଗ୍ରାମ ପାଇଁ ନିଯୁକ୍ତ ହୋଇଥିବା ଗ୍ରାମ ପ୍ରଶିକ୍ଷକ ଭାଗ ନେଇଥିଲେ। ତାଲିମ ଶିବିରରେ 'ଧରତୀ ଆବା' ଜନଜାତି ଗ୍ରାମ୍ୟ ଉନ୍ନୟନ ଯୋଜନାରେ ଅନ୍ତର୍ଭୁକ୍ତ ୧୫ ଗ୍ରାମ ପଞ୍ଚାୟତର ୩୦ ଟି ଗ୍ରାମର ଅନ୍ତିମ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରିବା ନିମନ୍ତେ ପ୍ରଶିକ୍ଷଣ ଦିଆଯାଇଥିଲା।

### ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ

## ଗଜପତିକୁ ଗୋଟିଏ ସ୍ୱର୍ଣ୍ଣ ସହ ୪ ପଦକ



ପାରଳାଖେମୁଣ୍ଡି,୧୩।୯ (ସମିସ): କେନ୍ଦୁଝର ଜିଲ୍ଲା ବଡ଼ବିଲ ସ୍ଥିତ ପୌର ପାଳିକା ସରକାରୀ ଉଚ୍ଚ ବିଦ୍ୟାଳୟରେ ଚଳିତ ମାସ ୧୧ ଓ ୧୨ ତାରିଖରେ ଅନୁଷ୍ଠିତ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତିଯୋଗିତାରେ ଗଜପତି ଜିଲ୍ଲାକୁ ଗୋଟିଏ ସ୍ୱର୍ଣ୍ଣ, ଗୋଟିଏ ରୌପ୍ୟ ଓ ୩ଟି କାଂସ୍ୟ ପଦକ ମିଳିଛି। ଜିଲ୍ଲାରୁ ୬ଜଣ ରାଜ୍ୟସ୍ତରୀୟ ଟାଏକ୍ୱୋଣ୍ଡୋ ପ୍ରତୀଯୋଗୀତା ପାଇଁ ମନୋନୀତ ହୋଇଥିଲେ। ସେମାନଙ୍କ ମଧ୍ୟରୁ ୧୭ ବର୍ଷରୁ କମ୍ ବର୍ଗରେ ଏସ୍‌କେସିଜିର ଛାତ୍ରୀ ବର୍ଷିତା ଦାସ ସ୍ୱର୍ଣ୍ଣ, ସରକାରୀ ପଲିଟେ୍‌କ୍‌ନିକ ସ୍କୁଲର ଛାତ୍ର ନେତାଜୀ ପାତ୍ର ରୌପ୍ୟ, ୧୪ ବର୍ଷରୁ କମ୍ ବର୍ଗରେ ମହାରାଜା ବାଳକ ଉଚ୍ଚ ବିଦ୍ୟାଳୟର ଛାତ୍ର କେ.ସ୍ମରଣ ତେଜ କାଂସ୍ୟ ଓ ଏନ୍. ହେମନ୍ତ କାଂସ୍ୟ, ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିରର ସୁଶାନ୍ତ ବେହେରା କାଂସ୍ୟ ପଦକ ହାସଲ କରି ଗଜପତି ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ସଫଳତା ହାସଲ କରିଥିବା ପ୍ରତିଯୋଗୀଙ୍କୁ ଅଭିଭାବକ ଓ ଜିଲ୍ଲା ଟାଏକ୍ୱୋଣ୍ଡୋ ଏକାଡେମୀର ସମ୍ପାଦକ କାର୍ତ୍ତିକଚନ୍ଦ୍ର ମହାପାତ୍ର ଭବ୍ୟ ସ୍ୱାଗତ କରିଥିଲେ।

---

### ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ୍ ସମସ୍ୟା ନେଇ ପୁଣି ଜିଲ୍ଲାପାଳଙ୍କୁ ଭେଟିଲେ ଗ୍ରାମବାସୀ

## ୭ ଦିନ ମଧ୍ୟରେ ସମାଧାନ ନହେଲେ ରାସ୍ତାରୋକ ଚେତାବନୀ

ଦାରିଙ୍ଗବାଡ଼ି,୧୩।୯ (ସମିସ): ଦାରିଙ୍ଗବାଡି ବ୍ଲକ ପର୍ତ୍ତମାହାରେ ବିଏସ୍‌ଏନ୍‌ଏଲ୍ ନେଟ୍‌ୱର୍କ୍ ସ୍ଥାପନ ହୋଇଥିଲେ ହେଁ ବର୍ଷେରୁ ଅଧିକ ହେବ ଲୋକେ ସୁବିଧାରୁ ବଞ୍ଚିତ ରହିଛନ୍ତି। ଏହାର ମରାମତି ସହ ଜିଓ ନେଟ୍‌ୱର୍କ ସ୍ଥାପନ ପାଇଁ ପର୍ତ୍ତମାହା ପଞ୍ଚାୟତର ୧୮ ୱାର୍ଡବାସୀ ଦାବି କରିଛନ୍ତି। ନେଟ୍‌ୱର୍କ ସମସ୍ୟାର ସମାଧାନ ନେଇ ପଞ୍ଚାୟତ ପକ୍ଷରୁ ଏହାର ମରାମତି ଦାୟିତ୍ୱରେ ଥିବା ସୁନୀଲ କୁମାର ସୁବୁଦ୍ଧିଙ୍କୁ ଅଭିଯୋଗ ଅନେକବାର କରାଯିବା ସହିତ ବିଏସ୍‌ଏନ୍‌ଏଲ୍ ଜିଲ୍ଲା ମୁଖ୍ୟ ଡିଜିଏମ୍ ବୃନ୍ଦାବନ ମାଝିଙ୍କ ଠାରେ ମଧ୍ୟ ଅଭିଯୋଗ କରିଥିଲେ ଗ୍ରାମବାସୀ। ହେଲେ ଆଜିଯାଏ ସୁଫଳ ମିଳୁନାହିଁ। ସମସ୍ୟା ସମାଧାନ ପାଇଁ ଦାରିଙ୍ଗବାଡ଼ିରେ ଜିଲ୍ଲାପାଳଙ୍କ ଅଭିଯୋଗ ଶୁଣାଣିରେ ପଞ୍ଚାୟତ ପକ୍ଷରୁ ଦୁଇ ଦୁଇ ଥର ଅଭିଯୋଗ କରାଯାଇଛି। ହେଲେ ସମସ୍ୟାର ସମାଧାନ ହୋଇପାରି ନଥିବାରୁ ବର୍ତ୍ତମାନ ପୁଣି ଜିଲ୍ଲାପାଳଙ୍କୁ ଲିଖିତ ଭାବେ ଅଭିଯୋଗ ପଠାଇବା ସହିତ ଦାରିଙ୍ଗବାଡ଼ି ବିଡିଓ ପ୍ରୀତିରଞ୍ଜନ ରଥ, ଥାନା ଅଧିକାରୀ ଓ ତହସିଲଦାରଙ୍କୁ ସାକ୍ଷାତ କରି ଅଭିଯୋଗପତ୍ର ପ୍ରଦାନ କରିଛନ୍ତି। ୭ ଦିନ ମଧ୍ୟରେ ସମାଧାନ ଦିଗରେ ପଦକ୍ଷେପ ନନେଲେ ରାସ୍ତାରୋକ କରାଯିବ ବୋଲି ଯୋହନ ପ୍ରଧାନ, ସୁବାସ ଚନ୍ଦ୍ର ପ୍ରଧାନ, ମର୍ତ୍ତ୍ୟ ପ୍ରଧାନ, ଲୋକନାଥ ପ୍ରଧାନ ଓ ଅମୀର ନାୟକ ପ୍ରମୁଖ ଜଣାଇଛନ୍ତି।

---

### ବ୍ଲକ୍‌ସ୍ତରୀୟ ସାମାଜିକ ସମୀକ୍ଷା ଓ ଜନଶୁଣାଣି ଶିବିର

## ମିଳୁନି ମଜୁରି; ମନରେଗା କାମ କରିବାକୁ ଜବ୍‌କାର୍ଡଧାରୀ ଅରାଜି



ରାୟଗଡ,୧୩।୯ (ସମିସ): ରାୟଗଡ଼ ବ୍ଲକ ସଦ୍‌ଭାବନା ସଭାଗୃହରେ ଗୁରୁବାର ବ୍ଲକସ୍ତରୀୟ ସାମାଜିକ ସମୀକ୍ଷା ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଥିଲା। ବ୍ଲକ ଅଧ୍ୟକ୍ଷା ପୂର୍ଣ୍ଣବାସୀ ନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଶିବିରରେ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସନ୍ତୋଷ କୁମାର ବାରିକ, ଜିଲ୍ଲା ସୋସିଆଲ ଅଡ଼ିଟର ବାବୁଲା ବିଶୋୟୀ, ଏବିଡ଼ିଓ ପୀତାମ୍ବର ବେହେରା, ସହକାରୀ ନିର୍ବାହୀ ଯନ୍ତ୍ରୀ ସିଦ୍ଧାର୍ଥ ଶଙ୍କର ତ୍ରିପାଠୀ ମଞ୍ଚାସୀନ ଥିଲେ। ଏଥିରେ ମନରେଗାରେ ନିଯୁକ୍ତି ଆଇନ, ଅର୍ଥ କମିଶନ, ସାଧାରଣ ବଣ୍ଟନ ବ୍ୟବସ୍ଥା ଆଦି ବିଭିନ୍ନ ବିଷୟରେ ସମୀକ୍ଷା କରାଯାଇଥିଲା। ଶୁଣାଣିରେ ପଞ୍ଚାୟତ ସ୍ତରୀୟ ଅନେକ ବିବାଦୀୟ ବିଷୟକୁ ନେଇ ଗୃହ ସରଗରମ ହୋଇଥିଲା। ପୂର୍ବତନ ଏସ୍‌ଡିସି ଅଧ୍ୟକ୍ଷ ଅନ୍ତର୍ଯ୍ୟାମୀ ଗମାଙ୍ଗ ଗ୍ରାମ ଓ ପଞ୍ଚାୟତ ସ୍ତରୀୟ ସମସ୍ୟା ଉପସ୍ଥାପନା କରିଥିଲେ। ସେଗୁଡିକ ହେଲା କୁମୁଲସିଂ ପଞ୍ଚାୟତ କାର୍ଯ୍ୟାଳୟ ଗୃହ ନିର୍ମାଣ ହୋଇ ପ୍ରାୟ ୬ବର୍ଷ ବିତିଯାଇଥିଲେ ମଧ୍ୟ ପ୍ରାୟ ଦୁଇ ଲକ୍ଷ ଟଙ୍କା ପେମେଣ୍ଟ ହୋଇ ପାରିନାହିଁ। ଟଙ୍କା ପାଇବା ଆଶା ନେଇ ଭେଣ୍ଡର ଜଣକ ବ୍ଲକ ପ୍ରଶାସନରୁ ଆରମ୍ଭ କରି ଜିଲ୍ଲାପାଳଙ୍କ ନିକଟରେ ବାରମ୍ବାର ଗୁହାରି କରି ଥକିଗଲେଣି। ସେହିପରି କଇଁପୁର ପଞ୍ଚାୟତର ଓଡାଲିଂ ଗ୍ରାମରେ ଏକ କାର୍ଯ୍ୟରେ ସିମେଣ୍ଟ କ୍ରୟ ବାବଦରେ ଟଙ୍କା ଉଠାଣ ହୋଇସାରିଥିଲେ ମଧ୍ୟ ଉକ୍ତ ଟଙ୍କା ଦୋକାନୀ ନପାଇ ହଇରାଣ ହେଉଛନ୍ତି। ଉକ୍ତ ଯୋଜନାରେ ଷାଠିଏ ପ୍ରତିଶତ ମଜୁରି ପାଇଁ ଦିଆଯାଉଥିବା ବେଳ ଅବଶିଷ୍ଟ ଚାଳିଶି ପ୍ରତିଶତ ମେଟେରିଆଲ ପେମେଣ୍ଟ କାହା ସ୍ୱାର୍ଥରେ ଦିଆଯାଉଛି ବୋଲି ପ୍ରଶ୍ନ ହୋଇଥିଲା। ପେମେଣ୍ଟ କେତେବେଳେ ହେଉଛି, କେତେ ଟଙ୍କା ହେଉଛି ତାହା ମେଟ୍ କିମ୍ବା ସରପଞ୍ଚ ଜାଣି ପାରୁନାହାନ୍ତି। ମନରେଗାରେ କାମ କରିବାକୁ ହିତାଧିକାରୀ ଆଉ ଇଚ୍ଛା କରୁନାହାନ୍ତି। କାରଣ କାମ କରିବା ସତ୍ତ୍ୱେ ବର୍ଷ ବର୍ଷ ଧରି ପ୍ରାପ୍ୟ ମିଳୁନି। ତେବେ କେଉଁ ପ୍ରକାର ସାମାଜିକ ସମୀକ୍ଷା କରାଯାଉଛି ବୋଲି ପ୍ରଶ୍ନ ହୋଇଥିଲା। ଆଗାମୀ ଦିନରେ ସମୀକ୍ଷା କଲାବେଳେ ଏଥିପ୍ରତି ବିଶେଷ ଗୁରତ୍ୱ ଦିଆଯାଉ ବୋଲି ଶ୍ରୀ ଗମାଙ୍ଗ ଦାବି କରିଥିଲେ। ଏଥିରେ ସମସ୍ତ ପଞ୍ଚାୟତ ପ୍ରତିନିଧି, ପିଇଓ, ଗାଁ ସାଥୀ, ହିତାଧିକାରୀ ଏବଂ ବ୍ଲକ କର୍ମଚାରୀ ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଏପିଓ ବସନ୍ତ କୁମାର ପଟ୍ଟନାୟକ ପରିଚାଳନା କରିଥିଲେ।

---

## ଅନ୍ତର୍ଜାତୀୟ ପ୍ରାଥମିକ ଚିକିତ୍ସା ଦିବସ

ରାଇକିଆ/ଟିକାବାଲି,୧୩।୯ (ସମିସ): ରାଇକିଆ ଜୀବନ ଜ୍ୟୋତି ମହାବିଦ୍ୟାଳୟରେ ଅନ୍ତର୍ଜାତୀୟ ପ୍ରାଥମିକ ଚିକିତ୍ସା ଦିବସପାଳିତ ହୋଇଛି। ୟୁଥ୍ ରେଡକ୍ରସ୍ ସଂଚାଳକ ଅଧ୍ୟାପକ ବିଶ୍ୱ ବିହାରି ଦଳେଇଙ୍କ ତତ୍ତ୍ୱାବଧାନରେ ହୋଇଥିବା ସଭାରେ ମୁଖ୍ୟ ଅତିଥି ଭାବରେ ଟିକାବାଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରର ଆୟୁଷ ଡା. ସତ୍ୟନାରାୟଣ ପଟ୍ଟନାୟକ ଯୋଗ ଦେଇ ପ୍ରାଥମିକ ଚିକିତ୍ସା ଅୟମାରମ୍ଭ, ଆବଶ୍ୟକତା ,ସରକାରୀ ସ୍ୱାସ୍ଥ୍ୟ ବିଭାଗର ସୁବିଧା , ବିଭିନ୍ନ ଅସୁବିଧା ପରିସ୍ଥିତି ସମୟରେ ପ୍ରାଥମିକ ଚିକିତ୍ସା କିପରି କରିବା , ଋତୁ ଅନୁଯାଇ ଅଂଶୁଘାତ ଭଳି ଅସୁବିଧାର ପୂର୍ବ ପ୍ରସ୍ତୁତି ତଥା ଛାତ୍ର ଛାତ୍ରୀଙ୍କ ଭୂମିକା ଉପରେ ଆଲୋଚନା କରିଥିଲେ। ଭାରପ୍ରାପ୍ତ ଅଧ୍ୟକ୍ଷ ଭୁବନ ମୋହନ ସାହୁ ଉତ୍ତମ ମାନସିକତାର ସହ ଏଇ ଚିକିତ୍ସି ସେବା କାର୍ଯ୍ୟ କରିବା। ଆଜିର ଯୁବ ପିଢୀ ନିଶା ମୁକ୍ତ ରହିବା ପାଇଁ ପରାମର୍ଶ ଦେଇଥିଲେ। ଅଧ୍ୟାପିକା ମଞ୍ଜୁଳା ସାହୁ ଓ ସୁକାନ୍ତ ନାୟକ ପ୍ରାରମ୍ଭିକ ସୁଚନା ଓ ପରିଚୟ ପ୍ରଦାନ କରିଥିଲେ।




ଛାତ୍ରଛାତ୍ରୀ ବିଭିନ୍ନ ପ୍ରଶ୍ନ ପଚାରି ଚର୍ଚ୍ଚାରେ ଭାଗ ନେଇଥିଲେ। ଶେଷରେ ଅଧ୍ୟାପିକା ଲିଜାଲିନ୍ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

---

## ବ୍ଲକ୍‌ସ୍ତରୀୟ ବିଦ୍ୟାଳୟ କ୍ରୀଡ଼ା ଉଦ୍‌ଯାପିତ



ନୂଆଗଡ଼,୧୩।୯ (ସମିସ): ନୂଆଗଡ଼ ବ୍ଲକ ବଡ଼ପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଆନୁକୁଲ୍ୟରେ ଖଜୁରିପଦା ବାବା ସାହେବ ଆମ୍ବେଦକର କଲେଜ ପଡ଼ିଆରେ ତିନି ଦିନ ଧରି ବ୍ଲକସ୍ତରୀୟ ବିଦ୍ୟାଳୟ ସମୂହ କ୍ରୀଡ଼ା ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ପ୍ରଥମ ଦିନରେ ପ୍ରତିଯୋଗିତାକୁ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଆଦିକନ୍ଦ ଗମାଙ୍ଗ ପତାକା ଉତ୍ତୋଳନ କରି ଉଦ୍‌ଘାଟନ କରିଥିଲେ। ସେହିପରି ଉପଗୋଷ୍ଠୀ ଶିକ୍ଷା ଅଧିକାରୀ ଲିଙ୍ଗରାଜ କାର୍ଯୀ, ସ୍ଥାନୀୟ ସମିତିସଭ୍ୟ ମନୁଏଲ୍ ଛିଞ୍ଚାଣୀ, ଖଜୁରୀପଦା ସରପଞ୍ଚ ସଣ୍ଟୁ ମଣ୍ଡଳ, ବିଦ୍ୟାଳୟ ଅଧ୍ୟକ୍ଷ ବଳରାମ ଗମାଙ୍ଗ ଉପସ୍ଥିତ ଥିଲେ। ବ୍ଲକର ନୂଆଗଡ଼,ବଡ଼ପଦା ଓ ଏନ୍ ଝାଲରସିଂ କ୍ଲଷ୍ଟର ବିଭିନ୍ନ ବିଦ୍ୟାଳୟରୁ ୪୮୫ରୁ ଅଧିକ ଛାତ୍ରଛାତ୍ରୀ ଭାଗନେଇ ନେଇଥିଲେ। ୧୪, ୧୭ ବର୍ଷରୁ କମ ଛାତ୍ରଛାତ୍ରୀ ବିଭିନ୍ନ ପ୍ରତିଯୋଗିତାରେ ଭାଗ ନେଇଥିଲେ। ବ୍ଲକସ୍ତରରେ କ୍ରୀଡ଼ା ପ୍ରତିଯୋଗିତାରେ ପ୍ରଥମ ହୋଇଥିବା ୨୦୬ ଜଣ ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ପ୍ରତିଯୋଗିତାର ଭାଗ ନେବାକୁ ମନୋନୀତ ହୋଇଛନ୍ତି। କାର୍ଯ୍ୟକ୍ରମକୁ ବଡ଼ପଦା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଦୁଷ୍ମନ୍ତ କୁମାର ମହନ୍ତ ପରିଚାଳନା କରିଥିବା ବେଳେ କ୍ରୀଡ଼ା ଶିକ୍ଷକ ଅକ୍ଷୟ କୁମାର ଛିଞ୍ଚାଣୀ, ହରେକୃଷ୍ଣ ମହନ୍ତ, ସୌମ୍ୟ ରଞ୍ଜନ ମଲ୍ଲିକ, ଦୀପକ କୁମାର ଜେନା, ବ୍ରଜବନ୍ଧୁ ପରିଡ଼ା, ନିହାର ରଞ୍ଜନ ଦଉ, ବିକାଶ କୁମାର ଦାସ, ଚକାମାନ ବାରିଆ, ଦେବବ୍ରତ ଆଚାର୍ଯ୍ୟ, ଶିବାଜୀ ସାହୁ ଓ ବିଶ୍ୱଜିତ ମଲିକ ସହଯୋଗ କରିଥିଲେ।

---

### ନା ବୁଲୁଛି ଚକ, ନା ମେଣ୍ଟୁଛି ଭୋକ

# ପାର୍ବଣରେ ଖୋଜା, ବାକି ଦିନରେ ଅଲୋଡ଼ା

ପୋଲସରା,୧୩।୯ (ସମିସ)

ମାଟିରେ ଜୀବନ ସଂଚାରୀ ମାଟି ଦ୍ୱାରା ଭିନ୍ନ ଭିନ୍ନ ପାତ୍ର କିମ୍ବା ସାମଗ୍ରୀ ଗଢ଼ି ପାରୁଥିବା ମାଟି ମଣିଷ କୁମ୍ଭାର ବା କୁମ୍ଭକାରଙ୍କ କୌଳିକ ବୃତ୍ତି ଏବେ ମାଟିରେ ମିଶିବାକୁ ବସିଲାଣି। ପରିବାରର ସଭିଏଁ ନିଜର କର୍ମ କ୍ଷେତ୍ରରେ ଏକାଠି ହୁଅନ୍ତି ଆଉ ମାଟି ସହ ମାଟି ହୋଇ ଗଢି ତୋଳନ୍ତି ବିଭିନ୍ନ ସୁନ୍ଦର ଓ ଆକର୍ଷଣୀୟ ଜିନିଷ। ଯାହାକୁ ସେମାନେ ବିକ୍ରି କରି ଗୁଜୁରାଣ ମେଣ୍ଟାନ୍ତି।

ହେଲେ ପାର୍ବଣ ଋତୁ ଛାଡ଼ିଦେଲେ ଅନ୍ୟ ସମୟରେ ଦୁର୍ଦ୍ଦଶାରେ ଦିନ କାଟନ୍ତି ଏମାନେ। ଫଳରେ ପୋଲସରା ସମେତ ଖଣ୍ଡୁରୁ, ହାତୀଓଟ, ବରଗାଁ, ଜକର, ସୁବଳୟା ଅଞ୍ଚଳର କୁମ୍ଭାର ପରିବାର ଛାଡ଼ିବାକୁ ବସିଲେଣି ସେମାନଙ୍କର କୌଳିକ ବୃତ୍ତି। ଅଧିକାଂଶଙ୍କ ଘରେ ଏବେ ନା ବୁଲୁଛି ଚକ ନା ମେଣ୍ଟୁଛି ଭୋକ। ତା'ଛଡା ସରକାରୀ ପ୍ରୋତ୍ସାହନ ନାହିଁ କି ପ୍ଲାଷ୍ଟିକର ବହୁଳ ବ୍ୟବହାର ଉପରେ ସରକାରଙ୍କ କୌଣସି କଡ଼ା କଟକଣା ମଧ୍ୟ ନାହିଁ। ଅଧିକାଂଶ ସମୟରେ ପରିଶ୍ରମ ତୁଳନାରେ ମୂଲ୍ୟ ଦେବାକୁ ବି କୁଣ୍ଠାବୋଧ ହୁଅନ୍ତି ଗ୍ରାହକ। ଫଳରେ ଏହି ବୃତ୍ତି କରି ନିଜ ପରିବାର ମୁଁହରେ ଦାନା ଟିକେ ଦେବା ଏବେ ଆଉ ସମ୍ଭବ ହୋଇପାରୁନାହିଁ।

ଅନ୍ୟପକ୍ଷରେ ସେମାନଙ୍କ ପାଇଁ ମୁଣ୍ଡବିନ୍ଧା ପାଲଟିଛି ଆବଶ୍ୟକୀୟ କଞ୍ଚାମାଲ। ମାଟି ଜିନିଷ ଗଢ଼ିବା ପାଇଁ ପ୍ରଥମେ ଚକା ତିଆରି ହୋଇଥାଏ ସେଥିପାଇଁ ଶାଳୁଆ କାଠ, ନିମ କାଠ,



କୁଟା ଓ କନ୍ଦାଳ ମାଟିର ଆବଶ୍ୟକ ପଡିଥାଏ। ପୂର୍ବରୁ ଏସବୁ ଅତି ସହଜରେ ମିଳୁଥିଲା। ଏବେ କିନ୍ତୁ ଏସବୁ ମିଳିବା କଷ୍ଟକର। ମାଟିର ହାଣ୍ଡି ଆଟିକା ସହ ଦୀପ, କଣ୍ଟ, ରୁଖା, ପଇସା ପାଇଁ ସରଗତ କୁମ୍ପି ଓ ଖେଳଣା ବିକି ଯାହା କିଛି ମିଳୁଛି ସେଥିରେ କୁଟୁମ୍ବ ପୋଷିବା କାଠିକର ପାଠ ହେଲାଣି। ପ୍ରଶାସନିକ କଟକଣା ପାଇଁ ଜାଳେଣି କାଠ ଓ ମାଟି ସହଜରେ ମିଳୁନଥିବାରୁ କୁମ୍ଭାର ପରିବାର ଏବେ କୌଳିକ ବୃତ୍ତି ହରାଇବାକୁ ବସିଲେଣି। ମୁଖ୍ୟତଃ ପାର୍ବଣ ଋତୁ ଆସିଲେ ଦେବାଦେବୀଙ୍କ ବ୍ୟବହୃତ ମାଟିପାତ୍ର ପ୍ରସ୍ତୁତ କରିଥାଆନ୍ତି। ତା'ଛଡା ବିବାହ, ବ୍ରତଘର, ଶୁଦ୍ଧିକ୍ରିୟା, ପର୍ବପର୍ବାଣି ସମେତ ପୋଲସରା ଓ ଏହାର ଆଖପାଖ ଅଞ୍ଚଳରେ ରହିଥିବା ମିଠା ଦୋକାନରେ ମଧ୍ୟ ମାଟିରେ ପ୍ରସ୍ତୁତି ପାତ୍ରର ଯଥେଷ୍ଟ ଆବଶ୍ୟକ ରହିଥିଲା। ଏବେ କିନ୍ତୁ ପ୍ଲାଷ୍ଟିକ ଓ ପଲିଥିନର ବହୁଳ ବ୍ୟବହାର ବେପାର ଖାଇଦେଲାଣି। ଫଳରେ ବହୁ ପରିବାର ଏହି ବୃତ୍ତିରୁ ମୁହଁ ଫେରାଉଥିବାବେଳେ ଆଉ କେତେକ କଷ୍ଟେମଷ୍ଟେ ଜାବୁଡ଼ି ଧରିଛନ୍ତି। ଏପରି ଅବସ୍ଥା ଲାଗିରହିଲେ ସ୍ଥାନୀୟ ମାଟିପାତ୍ର ଲୋପ ପାଇଯିବାର ଆଶଙ୍କା ରହିଛି।

ଏନେଇ କିଛି କୁମ୍ଭାର ପରିବାର କହିଛନ୍ତି ଯଦି ସରକାର ଓ ସ୍ଥାନୀୟ ରାଜନେତା ଏ ଦିଗରେ ଦୃଷ୍ଟିଦେଇ କୁଟୀରଶିଳ୍ପ କିମ୍ବା ଭାଟି ପାଇଁ ଅଳ୍ପ ଜାଗାର ବ୍ୟବସ୍ଥା କରିପାରନ୍ତି ତାହାଲେ ଆମେ ଆମ ଜୀବିକାକୁ ବଞ୍ଚାଇବା ସହ ଆମ ପରିବାର ମଧ୍ୟ ଆର୍ଥିକ ଅନଟନରୁ ମୁକୁଳି ପାରିଥାନ୍ତା। ସେଥିପାଇଁ ସ୍ଥାନୀୟ ପ୍ରଶାସନ ଏ ଦିଗରେ ଟିକେ ଧ୍ୟାନ ନଦେଲେ ଏକ ପୁରାତନ କାରୁକାର୍ଯ୍ୟ ସବୁଦିନ ପାଇଁ ମାଟିରେ ମିଶିଯିବ।

# ଟ୍ରକ୍ ପାର୍କିଂ ନିର୍ମାଣ ବିରୋଧରେ ଗ୍ରାମବାସୀ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ

ବରଗଡ଼,୧୩।୯ (ସମିସ)

ବରଗଡ଼ ଜିଲ୍ଲା ବାନ୍ଧେନଟିକ୍ରା ଗାଁର ସନ୍ନିକଟରେ ବରଗଡ଼ ଟ୍ରକ ୟୁନିୟନ ଦ୍ୱାରା ଏକ ପାର୍କିଂ ସ୍ଥାନ ନିର୍ମାଣ କରାଯାଉଛି। ଏହି ନିର୍ମାଣ କାମକୁ ଗ୍ରାମବାସୀ ବିରୋଧ କରି ଶନିବାର ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଛନ୍ତି।

## ତହସିଲଦାରଙ୍କ ଦୋମୁହାଁ ନୀତି



ଏଠାରେ ସ୍କୁଲ ଛାତ୍ରଛାତ୍ରୀ ତଥା ଅନ୍ୟ ପିଲାଙ୍କ ପାଇଁ ଏକ ଅସ୍ଥାୟୀ ଖେଳ ପଡିଆ ସ୍କୁଲ କମିଟି ଦ୍ୱାରା କରାଯାଇଛି। ଯଦି ପାର୍କିଂ ନିର୍ମାଣ ହୁଏ ଛାତ୍ରଛାତ୍ରୀ ଖେଳିବା ପାଇଁ ଜାଗା ମଧ୍ୟ ପାଇ ପାରିବେ ନାହିଁ। ଆହୁରି ମଧ୍ୟ ରେଳ ଧାରଣାର ଥିବା ଦୁଇଟି ପଡାରୁ ବାନ୍ଧେନଟିକ୍ରା ୟୁଜିଏମି ସ୍କୁଲକୁ ଶହ ଶହ ଛାତ୍ରଛାତ୍ରୀ ପ୍ରତିଦିନ ଏହି ପାର୍କ ଦେଇ ଯାଇଥିବା ରାସ୍ତାରେ ଯିବା ଆସିବା କରିଥାନ୍ତି, ସେମାନଙ୍କ ବାଟ ମଧ୍ୟ ବନ୍ଦ ହୋଇଯିବ। ଏପଟେ ଓଭର ବ୍ରିଜ ନିର୍ମାଣ ସମୟରେ ଗ୍ରାମବାସୀଙ୍କୁ ଦିଆଯାଇଥିବା ରାସ୍ତା ବନ୍ଦ କରାଯାଇଛି। ପାର୍କିଂ ନିର୍ମାଣ କରାଯାଇଥିବା ରାସ୍ତା ଉପରେ ସେମାନେ ନିର୍ଭରଶୀଳ। ଏହାର ନିର୍ମାଣ ହେଲେ ଗ୍ରାମବାସୀଙ୍କ ଯିବା ଆସିବା ବନ୍ଦ ହୋଇଯିବ ବୋଲି ସେମାନେ ଅଭିଯୋଗ କରିଛନ୍ତି। ଉକ୍ତ ସ୍ଥାନରେ ପାର୍କିଂ ନିର୍ମାଣ ହେବା ଦ୍ୱାରା ଡ୍ରାଇଭର ଓ ଖଲାସୀମାନେ ନିଶାଗ୍ରସ୍ତ ହୋଇ ଛାତ୍ରଛାତ୍ରୀ ତଥା ମହିଳାମାନଙ୍କୁ ଅସଦାଚରଣ କରିବାର ସମ୍ଭାବନା ରହିଛି। ଶୁକ୍ରବାର ନିର୍ମାଣ କାମକୁ ବିରୋଧ କରାଯାଉଥିବା ବେଳେ ଉପସ୍ଥିତ ଟ୍ରକ ମାଲିକମାନେ ଗ୍ରାମବାସୀଙ୍କୁ ଆକ୍ରମଣାତ୍ମକ ଧମକ ଦେଉଥିବା ଅଭିଯୋଗ ହୋଇଛି। ବରଗଡ଼ ତହସିଲଦାର ସୋନାଲି ପଟ୍ଟନାୟକ ପ୍ରଥମେ ଯାଇ ଏଇଟା ରେଲୱେ ଜାଗା ବାହାରୁଚି ବୋଲି କହିଥିଲେ। ହେଲେ କିଛି ଦିନ ପରେ କଥା ବଦଳାଇ ଏଠାରେ ପାର୍କିଂ ହେବ ବୋଲି କହିବାରୁ ଗ୍ରାମବାସୀ ସମ୍ପୂର୍ଣ୍ଣ ହତାଶ ହୋଇ ପଡିଛନ୍ତି।

ଗ୍ରାମବାସୀମାନଙ୍କ ସହ କୌଣସି ଅପ୍ରୀତିକର ଘଟଣା ଘଟିଲେ ଟ୍ରକ ମାଲିକ ସଂଘ ଏଥିପ୍ରତି ଦାୟୀ ରହିବେ ବୋଲି ସେମାନେ ଚେତେଇ ଦେଇଛନ୍ତି।

# ୨ ନାବାଳିକାଙ୍କୁ ଉଦ୍ଧାର କଲା ପୁଲିସ

ଦେବଗଡ,୧୩।୯ (ସମିସ): ଦେବଗଡ଼ ଥାନା ପୁଲିସ ଭିନ୍ନ ଭିନ୍ନ ସ୍ଥାନରୁ ଶନିବାର ୨ଜଣ ନାବାଳିକାକୁ ଉଦ୍ଧାର କରିଛି। ଦେବଗଡ ଥାନାଞ୍ଚଳର କୁସୁମକଟା ଗାଁର ୧୩ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ବାପା ଦେବଗଡ ଥାନାରେ ଅଭିଯୋଗ କରିଥିଲେ। ଏନେଇ ପୁଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନାବାଳିକା ଜଣକ ତାଙ୍କ ମା' ପାଖରେ ରିଆମାଳ ଥାନାଞ୍ଚଳର ତଲେଶ୍ୱର ଗାଁରେ ଥିବା ପୁଲିସ ଜାଣିବାକୁ ପାଇଥିଲା। ଆଜି ତଦନ୍ତକାରୀ ଅଧିକାରୀ ଏସ୍ଆଇ ବିନୟ କେରକେଟା ସଦଳବଳେ ଉକ୍ତ ଗାଁରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ। ନାବାଳିକାକୁ ଆଜି ସିଡବ୍ଲ୍ୟୁସିରେ ଉପସ୍ଥାପନା କରିବା ପରେ ନାବାଳିକାକୁ ଶିଶୁ ଆଶ୍ରୟ ଗୃହରେ ରଖାଯାଇଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି। ସେହିପରି ରିଆମାଳ ଥାନା ପାଇକନଗର ଗାଁର ୧୬ ବର୍ଷୀୟା ନାବାଳିକା ନିଖୋଜ ହୋଇଥିବା ନେଇ ତାଙ୍କ ପରିବାର ପକ୍ଷରୁ ଦେବଗଡ ଥାନାରେ ଅଭିଯୋଗ କରାଯାଇଥିଲା। ପାଇବା ମାମଲା ରୁଜୁ କରି ଘଟଣାର ତଦନ୍ତ ଆରମ୍ଭ କରିଥିଲା। ତଦନ୍ତ ସମୟରେ ନାବାଳିକା ଜଣକ ମହାରାଷ୍ଟ୍ରର ନାସିକ ଅଞ୍ଚଳରେ କାମଧନ୍ଦା କରିବା ଉଦ୍ଦେଶ୍ୟରେ ଯାଇଥିବା ଜଣାପଡ଼ିଥିଲା। ତଦନ୍ତକାରୀ ଅଧିକାରୀ ଏସ୍ଆଇ ବିନୟ ପରିଡା ସଦଳବଳେ ସେହି ସ୍ଥାନରେ ପହଞ୍ଚି ନାବାଳିକାକୁ ଉଦ୍ଧାର କରିଥିଲେ। ଆଜି ନାବାଳିକାକୁ ସିଡବ୍ଲ୍ୟୁସିରେ ଉପସ୍ଥାପନା କରିବା ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ଡିଏଭି ପବ୍ଲିକ୍ ସ୍କୁଲରେ ନୂଆଁଖାଇ ଭେଟ୍‌ଘାଟ୍



ବନ୍ଧବାହାଲ/ଝାରସୁଗୁଡ଼ା,୧୩।୯ (ସମିସ): ପ୍ରତିବର୍ଷ ଭଳି ଚଳିତବର୍ଷ ମଧ୍ୟ ଡିଏଭି ପବ୍ଲିକ ସ୍କୁଲ ବନ୍ଧବାହାଲ ଆନୁକୂଲ୍ୟରେ ଅଧ୍ୟକ୍ଷ ପ୍ରଦୀପ ହୋତାଙ୍କ ଅଧ୍ୟକ୍ଷତାରେ ମହାସମାରୋହରେ ନୂଆଁଖାଇ ଭେଟ୍‌ଘାଟ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀମାନଙ୍କ ଦ୍ୱାରା ସୁନ୍ଦର ସମଲେଶ୍ୱରୀ ଭଜନ ପରିବେଷଣ କରାଯାଇଥିଲା। ନୂଆଁଖାଇ ଭେଟ୍‌ଘାଟ୍‌ର ମହତ୍ତ୍ୱ ସମ୍ପର୍କରେ ଶିକ୍ଷକମାନେ ନିଜନିଜ ଅଭିମତ ରଖିଥିଲେ। ଏଥିରେ ଅଧ୍ୟକ୍ଷ ହୋତା କୃଷକ ଏବଂ ରାଷ୍ଟ୍ର ସୁରକ୍ଷାରେ ନିୟୋଜିତ ସୈନିକଙ୍କୁ ସମ୍ମାନ ଦେବା ପାଇଁ ବକ୍ତବ୍ୟ ରଖିଥିଲେ। ଶେଷରେ ଧନ୍ୟବାଦ ଅର୍ପଣ ସହ ସଭାକାର୍ଯ୍ୟ ପରିସମାପ୍ତି ଘୋଷଣା କରାଯାଇଥିଲା।

## ସର୍ବଦଳୀୟ ମହିଳା ସଂଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ୍



ଝାରସୁଗୁଡ଼ା,୧୩।୯ (ସମିସ): ଝାରସୁଗୁଡ଼ା ଜିଲ୍ଲା ବେଲପାହାଡ ଆର୍ଟ ଅଫ ଲିଭିଂ ହଲରେ ସର୍ବ ଦଳୀୟ ମହିଳା ସଙ୍ଗଠନ ପକ୍ଷରୁ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଶନିବାର ଏହି କାର୍ଯ୍ୟକ୍ରମରେ ସମ୍ବଲପୁରୀ ନୃତ୍ୟ, ଗୀତ, ବାଦ୍ୟ, ହାସ୍ୟରସାତ୍ମକ କାର୍ଯ୍ୟକ୍ରମ ପରି ବିଭିନ୍ନ ରଙ୍ଗାରଙ୍ଗ କାର୍ଯ୍ୟକ୍ରମର ଆସର ଜମିଛି। ଏହାସହ ଗୀତ, ନୃତ୍ୟ, ଫେସନ ସୋ, ମ୍ୟୁଜିକ ଚେୟାର ପରି ବିଭିନ୍ନ ପ୍ରତିଯୋଗିତା ମହିଳା ମାନଙ୍କ ମଧ୍ୟରେ ଅନୁଷ୍ଠିତ ହୋଇଛି। ଏହି ଅବସରରେ ବେଲପାହାଡ ଏବଂ ଆଖାପାଖ ଅଞ୍ଚଳର ମହିଳାମାନେ ଉପସ୍ଥିତ ରହି ନୂଆଁଖାଇ ଏବଂ ନୂଆଁଖାଇ ଭେଟଘାଟ କାର୍ଯ୍ୟକ୍ରମ ବିଷୟରେ ଆଲୋଚନା କରିଥିଲେ। ଏହାସହ ଛୋଟ ମାନେ ବଡ ମାନଙ୍କୁ ମୁଣ୍ଡିଆ ମାରି ଓ ବଡ ମାନେ ଛୋଟ ମାନଙ୍କୁ ଆଶୀର୍ବାଦ ଦେଇ ନୂଆଁଖାଇ ଭେଟ୍‌ଘାଟ କାର୍ଯ୍ୟକ୍ରମକୁ ଧୁମଧାମରେ ପାଳନ କରାଯାଇଛି।

## ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ



ଦେବଗଡ଼,୧୩।୯ (ସମିସ): ବାରକୋଟ ପଞ୍ଚାୟତ ସମିତି ସ୍ନାତକ ମହାବିଦ୍ୟାଳୟ ଯୁବ ରେଡକ୍ରସ ପକ୍ଷରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନ କରା ଯାଇଛି। ସ୍ନାତକ ମହାବିଦ୍ୟାଳୟର ଅଧ୍ୟକ୍ଷ ଜିତେନ୍ଦ୍ର ସାହୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାରକୋଟ ସ୍ୱାସ୍ଥ୍ୟକେନ୍ଦ୍ରର ଡାକ୍ତର ପ୍ରିୟଙ୍କା ସାହୁ ଓ ଷ୍ଟାପନର୍ସ ବିଷ୍ଣୁ ପ୍ରିୟା ସାହୁ ଯୋଗ ଦେଇ ପରିବର୍ତ୍ତନଶୀଳ ଜଳବାୟୁରେ ପ୍ରାଥମିକ ଚିକିତ୍ସା ଉପରେ ଛାତ୍ରଛାତ୍ରୀଙ୍କୁ ଅବଗତ କରାଇଥିଲେ। ଅଧ୍ୟାପିକା ମଧୁମିତା ନନ୍ଦଙ୍କ ପ୍ରତକ୍ଷ ତତ୍ତ୍ୱାବଧାନରେ କାର୍ଯ୍ୟକ୍ରମରେ ସ୍ନାତକ ମହାବିଦ୍ୟାଳୟର ସମସ୍ତ ଅଧ୍ୟାପକ, ଅଧ୍ୟାପିକା ଓ ଛାତ୍ରୀ ମାନେ କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## କୁଣ୍ଢେଇଗୋଳା ଉଚ୍ଚ ବିଦ୍ୟାଳୟରେ ଜାତୀୟ ହିନ୍ଦୀ ଦିବସ

କୁଣ୍ଢେଇଗୋଳା,୧୩।୯ (ସମିସ): ରିଆମାଳ ବ୍ଲକ୍ ଅଧୀନ କୁଣ୍ଢେଇଗୋଳା ଉଚ୍ଚ ବିଦ୍ୟାଳୟରେ ଶନିବାର ଜାତୀୟ ହିନ୍ଦୀ ଦିବସ ପାଳିତ ହୋଇଛି। ପ୍ରଧାନଶିକ୍ଷୟିତ୍ରୀ ପୁଷ୍ପାଞ୍ଜଳି କିଷାନ୍ ମୁଖ୍ୟ ଅତିଥି ଭାବେ ଯୋଗ ଦେଇ ଥିବାବେଳେ ହିନ୍ଦୀ ଶିକ୍ଷକ ଚିନ୍ତାମଣି ବିଶ୍ୱାଳଙ୍କ ସଭାପତିତ୍ୱରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ମହେଶ୍ୱର ବେହେରା, ଗୋହିରା ଉଚ୍ଚ ବିଦ୍ୟାଳୟ ହିନ୍ଦୀ ଶିକ୍ଷକ, ପ୍ରଶାନ୍ତ କୁଜୁର, ଆଞ୍ଚଳିକ ସାଧନା କେନ୍ଦ୍ର ସଂଯୋଜକ ବାଉରୀ ବନ୍ଧୁ ସାହୁ ଓ ଶୁଶାନ୍ତ ସାହୁ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ପ୍ରତିଯୋଗିତା କରାଯାଇ କୃତୀ ଛାତ୍ରଛାତ୍ରୀଙ୍କୁ ପୁରସ୍କାର ପ୍ରଦାନ କରାଯାଇଥିଲା। ଏହାସହ ବିଦ୍ୟାଳୟର ହିନ୍ଦୀପ୍ରଭା ପତ୍ରିକା ଅତିଥି ମାନଙ୍କ ଦ୍ୱାରା ଉନ୍ମୋଚନ କରାଯାଇଥିଲା। କାର୍ଯ୍ୟକ୍ରମକୁ ଛାତ୍ର ସବ୍ୟସାଚୀ ମୁଣ୍ଡା ସଂଯୋଜନା କରିଥିବା ବେଳେ ଛାତ୍ରୀ ସଞ୍ଜନା ସାହୁ ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ଛାତ୍ର ଓମ୍ ପ୍ରକାଶ ଦଳବେହେରା ଧନ୍ୟବାଦ ଅର୍ପଣ କରିଥିଲେ।




## ବିଜେପୁର ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ୍ ଶିବିର ଉଦ୍‌ଯାପିତ

ବିଜେପୁର,୧୩।୯ (ସମିସ): ବିଜେପୁର ମହାବିଦ୍ୟାଳୟରେ ଏନ୍‌ଏସ୍‌ଏସ ୟୁନିଟ ତରଫରୁ ଗତ ୬ରୁ ୧୨ ତାରିଖ ପର୍ଯ୍ୟନ୍ତ ଅନନ୍ତ ପୂଜା ଉପଲକ୍ଷେ ଏକ ସାତ ଦିନିଆ ଶିବିର ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଦୀପ ମିଶ୍ରଙ୍କ ଦ୍ୱାରା ପତାକା ଉତ୍ତୋଳନ କରି ଶିବିର ଆରମ୍ଭ ହୋଇଥିଲା। ପ୍ରୋଗ୍ରାମ ଅଫିସର ପ୍ରତୀକ୍ଷା ସେଠ, ଅନ୍ୟତମ ଏନ୍‌ଏସ୍‌ଏସ ପିଓ ରବିକାନ୍ତ ମହାନନ୍ଦ, କ୍ରୀଡା ଶିକ୍ଷକ ସାନନ୍ଦ ସେଠ ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ। ଅଗ୍ନିସେବା ବିଭାଗର ତାଣ୍ଡିଆ ସାର୍, ଉଦ୍ୟାନ ବିଭାଗର ନିରଞ୍ଜନ ଦ୍ୱିବେଦୀ, ଦୀପିକା ପାତ୍ର, କରାଟେ ପ୍ରଶିକ୍ଷକ ଗଜେନ୍ଦ୍ର ମେହେର ପ୍ରମୁଖ ବିଭିନ୍ନ ଦିବସରେ ଅତିଥି ଭାବେ ଯୋଗ ଦେଇଥିଲେ। ଅଧ୍ୟାପକ, ଅଧ୍ୟାପିକା, କର୍ମଚାରୀ ତଥା ଏନ୍‌ଏସ୍‌ଏସ ୟୁନିଟ ଛାତ୍ରଛାତ୍ରୀ ପରିଚାଳନାରେ ସହଯୋଗ କରିଥିଲେ।

## ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ନବାଗତଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ପାଇକମାଳ,୧୩।୯ (ସମିସ): ପାଇକମାଳ ବ୍ଲକ୍ ମାଣ୍ଡୋସିଲ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟରେ ପ୍ରଥମ ବର୍ଷର ଛାତ୍ରଛାତ୍ରୀଙ୍କ ସ୍ୱାଗତ ସମାରୋହ ଅଧକ୍ଷ ପରମେଶ୍ୱର ସାହୁଙ୍କ ସଭାପତିତ୍ୱରେ ଆୟୋଜିତ ହୋଇଛି। ସଭାରେ ବରିଷ୍ଠ ଅଧ୍ୟାପକ ତେଜରାଜ ସାହୁ ଛାତ୍ରଛତ୍ରୀଙ୍କୁ ଉଦ୍‌ବୋଧନ ଦେଇଥିବା ବେଳେ ଅନ୍ୟାନ୍ୟ ଅଧ୍ୟାପକ ଓ ଅଧ୍ୟାପିକମାନେ ବକ୍ତବ୍ୟ ରଖିଥିଲେ। ଅଧ୍ୟାପକ ରିପନ ସାହୁ ମଞ୍ଚ ପରିଚାଳନା କରିଥିଲେ। ଦ୍ୱିତୀୟ ବର୍ଷର ଛାତ୍ରଛାତ୍ରୀ ବିଭିନ୍ନ ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିଥିଲେ। ପ୍ରଥମ ବର୍ଷର ଛାତ୍ରଛାତ୍ରୀ ଏଥିରେ ଅଂଶଗ୍ରହଣ କରିଥିଲେ। ସାଂସ୍କୃତିକ ବିଭାଗ ମୁଖ୍ୟ ପିଙ୍କୁ ନାଏକ ଅନୁଷ୍ଠାନର ସମସ୍ତ ଅଧ୍ୟାପକ ଅଧ୍ୟାପିକା କର୍ମଚାରୀ ତଥା ସମସ୍ତ ଛାତ୍ରଛାତ୍ରୀଙ୍କ ସହଯୋଗ ରହିଥିଲା। ଅଧ୍ୟାପିକା ଜୟଶ୍ରୀ ମେହେର ଧନ୍ୟବାଦ ଦେଇଥିଲେ।

# ଝାରସୁଗୁଡ଼ାରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

● ୨୧୭୦ ମାମଲାର ପ୍ରାୟ ୨ କୋଟି ଟଙ୍କାରେ ଆପୋସ ସମାଧାନ



ଝାରସୁଗୁଡ଼ା,୧୩।୯ (ସମିସ): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜାତୀୟ ଆଇନ୍ ସେବା ପ୍ରାଧିକରଣ ଏବଂ ଆଇନ୍ ସେବା ପ୍ରାଧିକରଣ କଟକଙ୍କ ନିର୍ଦ୍ଦେଶ କ୍ରମେ ଝାରସୁଗୁଡ଼ା ଜିଲ୍ଲା ନ୍ୟାୟାଳୟ ଓ ଲଖନପୁର ଗ୍ରାମ୍ୟ ନ୍ୟାୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲ୍ଲା ଓ ଦୌରାଜଜ୍ ତଥା ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ଅଧ୍ୟକ୍ଷ ପ୍ରଶାନ୍ତ ନାୟକ ଅଧ୍ୟକ୍ଷତା କରିଥିଲେ। ବିଭିନ୍ନ ଅଦାଲତରେ ବିଚାରାଧିନ ଥିବା ମାମଲା ମାନଙ୍କ ମଧ୍ୟରେ ଏହି ଲୋକ ଅଦାଲତରେ ମୋଟରଯାନ ଦୁର୍ଘଟଣା ଦାବି ଟ୍ରିବ୍ୟୁନାଲରେ ବିଚାରାଧିନ ଥିବା ୮ ଟି ମୋକଦ୍ଦମା ୧,୫୨,୭୦,୦୦୦ ଟଙ୍କାରେ, ୫ଟି ସାଲିସ୍ ଯୋଗ୍ୟ ଫୌଜଦାରୀ, ୩ଟି ଚେକ ବାଉନ୍ସ ମାମଲା ୩,୪୦,୯୧୫ ଟଙ୍କାରେ, ୧୩ଟି ଟଙ୍କା ପୁନରୁଦ୍ଧାର ମାମଲା, ୧୦ଟି ବୈବାହିକ/ପରିବାର ବିବାଦ (ବିବାହ ବିଚ୍ଛେଦ ବ୍ୟତୀତ), ୧୯ଟି ଅନ୍ୟାନ୍ୟ ଦେୱାନି, ୧୭୮୯ ଟି ରାଜସ୍ୱ ମୋକଦ୍ଦମା ୮୭, ୩୦୭ ଟଙ୍କାରେ ଓ ୧୬୬ ଟି ଅନ୍ୟାନ୍ୟ ଫୌଜଦାରୀ ମୋକଦ୍ଦମା ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ପ୍ରାକ୍ ମୋକଦ୍ଦମା ମଧ୍ୟରେ ବିଭିନ୍ନ ବ୍ୟାଙ୍କ ଓ ଆର୍ଥିକ ଅନୁଷ୍ଠାନର ୭୦ଟି ଋଣ ସମ୍ବନ୍ଧୀୟ ମାମଲା ୨୮,୯୦,୮୭୧ ଟଙ୍କାରେ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା) ର ୧୫ଟି ମାମଲା ୩,୦୦୦ ଟଙ୍କାରେ, ଭାରତ ସଞ୍ଚାର ନିଗମ ଲିମିଟେଡର ଟେଲିଫୋନ ବିଲ୍ ଦେୟ ସମ୍ବନ୍ଧୀୟ ୧୮ଟି ମାମଲା ୧୭,୮୭୨ ଟଙ୍କାରେ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର ୧ଟି ପରିବାର ବିବାଦ ମାମଲା ଏବଂ ଟାଟା ପାୱାରର ବିଦ୍ୟୁତ ବିଲ ଦେୟ ସମ୍ବନ୍ଧୀୟ ୫୩ଟି ମାମଲା ୮,୭୧,୧୫୬ ଟଙ୍କାରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ହୋଇଯାଇଛି। ଜିଲ୍ଲା ଓ ଦୌରା ଜଜ୍ ଶ୍ରୀ ନାୟକ ମୋଟରଯାନ ଦୁର୍ଘଟଣା ଦାବି ଜନିତ ମୋକଦ୍ଦମା ଗୁଡ଼ିକର ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ କରି ବୀମା କମ୍ପାନୀ ମାନଙ୍କୁ କ୍ଷତିପୂରଣ ରାଶି ପ୍ରଦାନ କରିବା ପାଇଁ ଆଦେଶ କରିଥିଲେ।

ଏହି ଲୋକ ଅଦାଲତରେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସ୍ମୃତିରଞ୍ଜନ ମହାପାତ୍ର ଓ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ନର୍ମଦା ପ୍ରଧାନ ଉପସ୍ଥିତ ଥିବା ବେଳେ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସଚିବ ଆଲୋକ ମୟୀ ପ୍ରଧାନ ପରିଚାଳନା କରିଥିଲେ। ଲୋକ ଅଦାଲତରେ ଆପୋଷ ବୁଝାମଣା ମାଧ୍ୟମରେ ସମାଧାନ ପାଇଁ ୧୧ ଟି ବିଭିନ୍ନ ଲୋକ ଅଦାଲତ ବେଞ୍ଚର ଗଠନ କରାଯାଇଥିଲା।

ବେଞ୍ଚ ଗୁଡିକର ସଦସ୍ୟ ଭାବେ ମଧ୍ୟସ୍ଥତା କେନ୍ଦ୍ରର ମଧ୍ୟସ୍ଥି ସୁରେନ୍ଦ୍ର ମହାପାତ୍ର, ଡାକେଶ୍ୱର ପାଣ୍ଡେ, ତାଲିମପ୍ରାପ୍ତ ମଧ୍ୟସ୍ଥି ମନୋଜ ସୁନା, ରୁପାଲୀ ଚାଟାର୍ଜି, ବୋନେଲା ନାଗେଶ୍ୱରୀ, ପ୍ରଶାନ୍ତ ଦାସ, ଡ୍ରମାଳି ପଟେଲ, ପ୍ରାଧୀକରଣର ତାଲିକାଭୁକ୍ତ ଆଇନଜୀବୀ ଭବାନୀ ଶଙ୍କର ଦଣ୍ଡସେନା, ଗଙ୍ଗାଧର ବେହେରା, କୈଳାସ ମହାନନ୍ଦିଆ, ସମାଜସେବୀ ଦେବାର୍ଚନ ଠାକୁର, ତୁଳାରାମ ପଟେଲ, ସ୍ଥାୟୀ ଓ ନିରନ୍ତର ଲୋକ ଅଦାଲତର କନ୍ସିଲେଟର ଅଶୋକ ପାଟଜୋଶୀ, ସ୍ଥାୟୀ ଲୋକ ଅଦାଲତ (ଜନ ଉପଯୋଗୀ ସେବା)ର ସଦସ୍ୟ ଆନନ୍ଦିନୀ ପାଢ଼ୀ ଓ ସୁରେଶ ଚନ୍ଦ୍ର ପଟେଲ ଉପସ୍ଥିତ ରହିଥିଲେ। ବେସରକାରୀ ବୀମା କମ୍ପାନୀ ମାନଙ୍କ ତରଫରୁ ଓକିଲ ଅନୁପ ମିଶ୍ର ଓ ବିଶ୍ୱନାଥ ଦତ୍ତ ଆପୋଷ ବୁଝାମଣା ପାଇଁ ଉପସ୍ଥିତ ଥିଲେ।

## ଟି ୱିଥ୍ ଟିଚର୍ସ: ଶିକ୍ଷାରେ ପ୍ରେରଣାଦାୟକ ପରିବର୍ତ୍ତନ ଦିଗରେ ପଦକ୍ଷେପ

ଝାରସୁଗୁଡ଼ା,୧୩।୯ (ସମିସ): ଶିକ୍ଷକ ଶିକ୍ଷୟିତ୍ରୀ ମାନଙ୍କୁ ପ୍ରେରିତ କରିବା ଏବଂ ବିଦ୍ୟାଳୟରେ ଶିକ୍ଷାନୁକୂଳ ପରିବେଶକୁ ସୁଦୃଢ଼ କରିବା ଭଳି ମହତ୍ ଉଦ୍ଦେଶ୍ୟରେ ଝାରସୁଗୁଡ଼ା ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଆନୁକୂଲ୍ୟରେ 'ଟି ୱିଥ୍ ଟିଚର୍ସ' ନାମରେ ଏକ ଅଭିନବ ଏବଂ ପ୍ରେରଣାଦାୟକ କାର୍ଯ୍ୟକ୍ରମ ଆରମ୍ଭ ହୋଇଛି। ବେଲପାହାଡ ସ୍ଥିତ ପିଏମଶ୍ରୀ ଗିରିଧରଲାଲ ଉଚ୍ଚ ବିଦ୍ୟାଳୟରେ ଜିଲ୍ଲା ଶିକ୍ଷାଧିକାରୀ ଡ.ରାଧାକାନ୍ତ ଗଡତିଆଙ୍କ ନେତୃତ୍ୱରେ ଏହାର ଶୁଭାରମ୍ଭ ହୋଇଛି। କାର୍ଯ୍ୟକ୍ରମରେ ଲଖନପୁର ଗୋଷ୍ଠୀ ଶିକ୍ଷା ଅଧିକାରୀ ରାଜେନ୍ଦ୍ର ପ୍ରସାଦ ସାହୁ, ସ୍ଥାନୀୟ ଉଚ୍ଚ ବିଦ୍ୟାଳୟର ପ୍ରଧାନଶିକ୍ଷକ ସଚିନ୍ଦ୍ର ପଟେଲ, ବେଲପାହାଡ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଯୁବରାଜ ସିଂ ଓ ପିପିଲିମାଲ ଆଞ୍ଚଳିକ ସାଧନ କେନ୍ଦ୍ର ସଂଯୋଜକ ଅମୂଲ୍ୟ ମଲ୍ଲିକଙ୍କ ସମେତ ଦୁଇଟି ଆଞ୍ଚଳିକ ସାଧନ କେନ୍ଦ୍ରର ୧୨୦ ଜଣ ଶିକ୍ଷକ ଶିକ୍ଷୟିତ୍ରୀଙ୍କ ସହିତ ସେ ସିଧାସଳଖ ଆଲୋଚନା କରିଥିଲେ। ଉତ୍ତମ ମଧ୍ୟାହ୍ନ ଭୋଜନ, ପାଠ୍ୟ ଯୋଜନା, ପାଠ୍ୟ ଡାଏରୀ, ପ୍ରତି ଶ୍ରେଣୀ ଗୃହରେ ଶିକ୍ଷଣ ସହାୟକ ସାମଗ୍ରୀ, ଏଫ୍‌ଏଲ୍‌ଏନ୍ କୋଣ, ବିଦ୍ୟୁତ୍ ସଂଯୋଗ, ସ୍ୱଚ୍ଛ ଶୌଚାଳୟ, ବିଶୁଦ୍ଧ ପାନୀୟ ଜଳର ଉପଲବ୍ଧତା ପ୍ରତ୍ୟେକ ବିଦ୍ୟାଳୟରେ ସୁନିଶ୍ଚିତ କରିବା ପାଇଁ ସେ ପରାମର୍ଶ ଦେଇଥିଲେ। ବିଦ୍ୟାଳୟ ଗୁଡିକରେ ଛାତ୍ରଛାତ୍ରୀଙ୍କୁ ଏକ ଭୟମୁକ୍ତ, ସୁରକ୍ଷିତ ଓ ଆନନ୍ଦମୟ ପରିବେଶ ଯୋଗାଇଦେବା ସହିତ ନିଜର ଦାୟିତ୍ୱଗୁଡ଼ିକୁ ବୁଝି ଏକ ଉନ୍ନତ ସମାଜ ଗଢ଼ିବାକୁ ସେ ପ୍ରେରଣା ଦେଇଥିଲେ। 'ଟି ୱିଥ୍ ଟିଚର୍ସ' ପ୍ରୟାସଟି ଜିଲ୍ଲା ଶିକ୍ଷା କାର୍ଯ୍ୟାଳୟ ଓ ଶିକ୍ଷକମାନଙ୍କ ମଧ୍ୟରେ ସଂଯୋଗ ସୃଷ୍ଟିର ଏକ ମାଧ୍ୟମ। ଏହି କାର୍ଯ୍ୟକ୍ରମ ମାଧ୍ୟମରେ ଆଗାମୀ ଦିନମାନଙ୍କରେ ଜିଲ୍ଲାର ସମସ୍ତ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କ ସହିତ ସିଧାସଳଖ ଭାବେ ଆଲୋଚନା କରି ସେମାନଙ୍କ ସମସ୍ୟା ଗୁଡିକର ସମାଧାନ କରିବା ସହିତ ଜିଲ୍ଲାର ଶିକ୍ଷା କ୍ଷେତ୍ରରେ ଉନ୍ନତି ପାଇଁ ଗଠନମୂଳକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଜିଲ୍ଲା ଶିକ୍ଷା ଅଧିକାରୀ ଡ.ଗଡତିଆ ସୂଚନା ପ୍ରଦାନ କରିଛନ୍ତି।

## ଦେବଗଡ଼ରେ ରାଷ୍ଟ୍ରୀୟ ଲୋକ ଅଦାଲତ

ଦେବଗଡ଼,୧୩।୯ (ସମିସ): ଦେବଗଡ଼ ସିଭିଲ କୋର୍ଟ ପରିସରରେ ଶନିବାର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଦୌରା ଜଜ୍ ତଥା ଆଇନ ସେବା ପ୍ରାଧିକରଣର ଅଧ୍ୟକ୍ଷ ଦେବାଶିଷ ରାଉତଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଦେବଗଡ଼ର ସମସ୍ତ ବିଚାର ବିଭାଗୀୟ କୋର୍ଟ ସହ ବିଭିନ୍ନ ବ୍ୟାଙ୍କ ଓ ବିଦ୍ୟୁତ୍ ବିଭାଗ ଲୋକ ଅଦାଲତରେ ସାମିଲ ହୋଇଥିଲେ। ଏଥିରେ ୧୦ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ମୋଟ୍ ୧ କୋଟି ୪୦ଲକ୍ଷ ୩୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ବିଚାର ଯୋଗ୍ୟ ୮୧ ଟି ଫୌଜଦାରୀ ମାମଲା ଫଇସଲା କରାଯାଇଥିଲା ଏବଂ ୧ ଟିଏନଆଇ ଆକ୍ଟ ଦଫା ଫଇସଲା ହୋଇ ୫ ଲକ୍ଷ ଟଙ୍କା ଆଦାୟ ହୋଇଥିଲା। ଏଥିସହିତ ୩,୪୧୨ଟି ରାଜସ୍ୱ ମାମଲା, ୫ଟି ବୈବାହିକ ମାମଲା, ଅନ୍ୟାନ୍ୟ ୩ ଟି ଜମିଜମା ମାମଲା, ୨୧୦ ଟି ବ୍ୟାଙ୍କ ଋଣ ଏବଂ ବିଦ୍ୟୁତ୍ ସଂକ୍ରାନ୍ତୀୟ ମାମଲା ବାବଦକୁ ମୋଟ୍ ୪୧ ଲକ୍ଷ ୧୩, ହଜାର ଟଙ୍କା ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଜଜ୍ ଦେବାଶିଷ ରାଉତ, ପରିବାର ଅଦାଲତ ଜଜ୍ ଅନୁପ୍ ଚନ୍ଦନ, ଅତିରିକ୍ତ ଜିଲା ଜଜ୍



ମଧୁମିତା ମହାନ୍ତି, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ୍ ପ୍ରଶାନ୍ତ ବେହେରା, ସିନିୟର୍ ସିଭିଲ୍ ଜଜ୍ ମନୋରଞ୍ଜନ ମିଶ୍ର, ମହିଳା କୋର୍ଟରେ ବିଚାରପତି ସାନ୍ତାଶ୍ରୀ ମହାନ୍ତି, ଜିଲ୍ଲା ଆଇନ୍ ସେବା ପ୍ରାଧିକରଣର ସମ୍ପାଦକ ରୁଦ୍ରପ୍ରକାଶ ନାୟକ, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଧନଞ୍ଜୟ ନାୟକ ଏବଂ ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ସୁଭସ୍ମିତା ଶୁଭଦର୍ଶୀନୀ ପାତ୍ର ଲୋକ ଅଦାଲତର ପରିଚାଳନା କରିଥିଲେ।

# 'ଆସ ସ୍କୁଲ ଯିବା' ଓ ଶିକ୍ଷା ସଚେତନତା ପଦଯାତ୍ରା




ଦେବଗଡ଼,୧୩।୯ (ସମିସ): ଅଧାରୁ ପାଠ ଛାଡିଥିବା, ବିଦ୍ୟାଳୟରେ ମୂଳରୁ ନାମ ଲେଖାଇ ନଥିବା ଓ ବିଦ୍ୟାଳୟ ବାହାରେ ଥିବା ପିଲା ମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ପାଇଁ ସମଗ୍ର ଶିକ୍ଷା ଦେବଗଡ଼ ଆନୁକୂଲ୍ୟରେ ଆସ ସ୍କୁଲ ଯିବା ଓ ଶିକ୍ଷା ସଚେତନତା କାର୍ଯ୍ୟକ୍ରମର ଦ୍ୱିତୀୟ ପର୍ଯ୍ୟାୟ ଆରମ୍ଭ ହୋଇଛି। ଆଜି ଜଗନ୍ନାଥ ଉନ୍ନୀତ ଉଚ୍ଚ ବିଦ୍ୟାଳୟ ଗୋଗୁଆ, ପ୍ରଭାଶୁଣି ଠାରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ଏହି ଉପଲକ୍ଷେ ଜିଲ୍ଲା ଶିକ୍ଷା ଅଧିକାରୀ ଗେନ୍ଦରା କୁଜୁର, ସମଗ୍ର ଶିକ୍ଷା ଜିଲ୍ଲା ଯୋଜନା ସଂଯୋଜକ ତପନ ସାହୁ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ ସାହୁ, ସ୍ଥାନୀୟ ବିଦ୍ୟାଳୟ ପ୍ରଧାନଶିକ୍ଷୟିତ୍ରୀ ଅର୍ଚ୍ଚନା ପାତ୍ର ବିଦ୍ୟାଳୟ ପରିଚାଳନା ସମିତି ସଭାପତି ପ୍ରସନ୍ନ ସାହୁ ପ୍ରମୁଖ ପତାକା ଦେଖାଇ ପଦଯାତ୍ରା ଶୁଭାରମ୍ଭ କରିଥିଲେ। ପଦଯାତ୍ରାରେ ପରିଚାଳନା ସମିତିର ସଦସ୍ୟ, ଶିକ୍ଷକ ଶିକ୍ଷୟିତ୍ରୀ, ସ୍ଥାନୀୟ ବିଦ୍ୟାଳୟ ଛାତ୍ରଛାତ୍ରୀ ଶିକ୍ଷା ସଚେତନତା ସ୍ଲୋଗାନ, ପ୍ଲା କାର୍ଡ ଧରି ଗାଁ ପରିକ୍ରମା କରିଥିଲେ। ଅଧାରୁ ପାଠ ଛାଡି କିମ୍ବା ମୂଳରୁ ନାମ ଲେଖାଇ ନଥିବା ଛାତ୍ରଛାତ୍ରୀ ବୟସ ଅନୁସାରେ ବିଦ୍ୟାଳୟରେ ଓ ୧୪ରୁ ୧୮ ବର୍ଷ ପିଲାମାନଙ୍କର ଓଡ଼ିଶା ମୁକ୍ତ ବିଦ୍ୟାଳୟରେ ନାମ ଲେଖାଇବା ନିମନ୍ତେ ଅତିଥି ମାନେ ପରାମର୍ଶ ଦେବା ସହ ଶିକ୍ଷା ସଚେତନତା ଲିଫଲେଟ ବଣ୍ଟନ କରିଥିଲେ। ପଦଯାତ୍ରାରେ ସିଆରସିସି ଅଶୋକ ସାହୁ, ଭେନସ ପ୍ରଧାନ, ବିପିନ ବିହାରି ଅଢ଼ା, ନୀଳାମ୍ବର କଲୋ, ଅଜୟ ସାହୁ, ସ୍ଥାନୀୟ ବିଦ୍ୟାଳୟ ଲିଲିରଞ୍ଜିତା ମିଞ୍ଜ, ରିଙ୍କି ପାତ୍ର, ରାଜେଶ ପ୍ରଧାନ, ପ୍ରତାପ ଜେନା, ଟିପଟନ ସାହୁ, କାର୍ଯ୍ୟାଳୟ ସହାୟକ ଚିନ୍ମୟ ବେହେରା, ୱାର୍ଡ ସଭ୍ୟ ଗଣନାଥ ସାହୁଙ୍କ ସମେତ ପରିଚାଳନା ସମିତିର ସମସ୍ତ ସଦସ୍ୟ ସଦସ୍ୟା, ବିଦ୍ୟାଳୟ ଛାତ୍ରଛାତ୍ରୀ ସାମିଲ ହୋଇଥିଲେ।

### ● ଓପିଏମ୍ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟ

ଝାରସୁଗୁଡ଼ା: ଝାରସୁଗୁଡ଼ା ଜିଲ୍ଲା ବ୍ରଜରାଜନଗର ସ୍ଥିତ ଓପିଏମ ପିଏମଶ୍ରୀ ସରକାରୀ ବାଳିକା ଉଚ୍ଚ ବିଦ୍ୟାଳୟରେ ଗଣଶିକ୍ଷା ବିଭାଗର ନିର୍ଦ୍ଦେଶରେ ଜିଲ୍ଲା ସଂଗଠନ କମିଶନର ଗାଇଡ ପ୍ରତିଭା ମହାପାତ୍ରଙ୍କ ନେତୃତ୍ୱରେ ଶିକ୍ଷା ସଚେତନତା ପଦଯାତ୍ରା ବା ଆସ ସ୍କୁଲ ଯିବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଯେଉଁମାନେ ଏପର୍ଯ୍ୟନ୍ତ ବିଦ୍ୟାଳୟକୁ ଆସିନାହାନ୍ତି କିମ୍ବା ଅଧାରେ ପଢ଼ା ଛାଡି ଦେଇଛନ୍ତି ସେମାନଙ୍କୁ ଶିକ୍ଷାର ମୁଖ୍ୟ ସ୍ରୋତରେ ସାମିଲ କରିବା ଏହାର ଉଦ୍ଦେଶ୍ୟ ରହିଥିଲା। ପଦଯାତ୍ରାରେ ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷୟିତ୍ରୀ ସୁପ୍ରିୟା ପଣ୍ଡା, ଶିକ୍ଷୟିତ୍ରୀ ସସ୍ମିତା ଜେନା, ବବିତା ମିଞ୍ଜ, ସୁଶାନ୍ତି ଡିଗା, ସସ୍ମିତା ସାହୁ, ସୁଜାତା ପଟେଲ, ଅଜୟ ପଟେଲ, ଗୌତମ ଟପ୍ପୋ, କାର୍ତ୍ତିକ ସେଠ, ପୁରନ୍ଦର ବାଗ, ଗୋବିନ୍ଦ ପ୍ରଧାନ, ସୁନନ୍ଦା ଧୂରୁଆ, ଝିଲି ବାରିକ, ପ୍ରଦୀପ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହା ସହିତ ବିଦ୍ୟାଳୟର ଗାଇଡ ରେଡକ୍ରସର ଜୁନିଅରସ ତଥା ବିଦ୍ୟାଳୟର ସମସ୍ତ ଛାତ୍ରଛାତ୍ରୀ ରାଲିରେ ସାମିଲ ହୋଇଥିଲେ।



# ସ୍ନାତକୋତ୍ତରରେ ସ୍ୱର୍ଣ୍ଣପଦକ ପାଇଲେ ଅଙ୍କିତା

ଓଡ଼ଗାଁ,୧୩।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ତଥା ଏନ୍ଏସି ଅନ୍ତର୍ଗତ ଛାମୁସାହିର ବାସିନ୍ଦା ଅଙ୍କିତା ଚୌଧୁରୀ ସ୍ନାତକୋତ୍ତରରେ ସ୍ୱର୍ଣ୍ଣ ପଦକ ହାସଲ କରି ଓଡ଼ଗାଁ ପାଇଁ ଗୌରବ ଆଣି ଦେଇଛନ୍ତି। ମାତା ପ୍ରଭାସିନୀ ଚୌଧୁରୀ ଓ ପିତା ଦୀପକ କୁମାର ଚୌଧୁରୀଙ୍କ ସୁଯୋଗ୍ୟା ସନ୍ତାନ ଅଙ୍କିତା ସମ୍ବଲପୁର ବିଶ୍ୱବିଦ୍ୟାଳୟରୁ ୨୦୨୫ ବ୍ୟାଚ୍ ଭାବେ ଇକୋନୋମିକ୍ସରେ ସ୍ନାତକୋତ୍ତର କରି ୟୁନିଭରସିଟି ଟପ୍ପର ହୋଇଥିଲେ। ଶନିବାର ସମ୍ବଲପୁର ବିଶ୍ୱବିଦ୍ୟାଳୟ, ବିଜୁ ପଟ୍ଟନାୟକ ଅଡିଟୋରିୟମ୍ ବୁର୍ଲାଠାରେ ଆୟୋଜିତ ସ୍ୱତନ୍ତ୍ର ସମାବର୍ତ୍ତନ ଉତ୍ସବରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନଙ୍କ ହସ୍ତରୁ ଅଙ୍କିତା ଚୌଧୁରୀ ପ୍ରମାଣପତ୍ର ଓ ଗୋଲ୍ଡ ମେଡାଲ ସହିତ ଏହି ସମ୍ମାନର ଗୌରବ ଅର୍ଜନ କରିଛନ୍ତି।




ତାଙ୍କର ଏହି ସଫଳତା ପାଇଁ ସ୍ୱାମୀ ପ୍ରବୀଣ କୁମାର ପାତ୍ରଙ୍କ ସହ ଅଞ୍ଚଳର ଜନ ନାୟକଙ୍କ ସହ ଶିକ୍ଷାବିତ, ବୁଦ୍ଧିଜିବୀ, ସହପାଠୀ, ଶିକ୍ଷକ ଶିକ୍ଷୟିତ୍ରୀ ଓ ବନ୍ଧୁ ପରିବାରଙ୍କ ଠାରୁ ଶୁଭେଚ୍ଛାର ସୁଅ ଛୁଟୁଛି।

## କିଏ ହେବ ଜିଲ୍ଲା କଂଗ୍ରେସ ସଭାପତି

# ଦୌଡ଼ରେ ରଣଜିତ, ସତ୍ୟବ୍ରତ, ହୁସେନ୍, ବିଭୂ

ନୟାଗଡ଼,୧୩।୯ (ସମିସ):

ନୟାଗଡ଼ ରାଜନୀତିରେ କଂଗ୍ରେସ ଦିନକୁ ଦିନ ରସାତଳଗାମୀ ହେବାକୁ ବସିଥିଲା। ବରିଷ୍ଠ ନେତା ମହେଶ ଶର୍ମା, ପୂର୍ବତନ ମନ୍ତ୍ରୀ ଅମର ପ୍ରଧାନ, ପୂର୍ବତନ ବିଧାୟକ ପ୍ରହଲ୍ଲାଦ ପୂର୍ତ୍ତୀ, ପୂର୍ବତନ ସାଂସଦ ନକୁଳ ନାୟକ ନୟାଗଡ଼ ଜିଲ୍ଲାକୁ ଗସ୍ତ କରିବା ପରେ କଂଗ୍ରେସକୁ ସଂଜୀବନୀ ମିଳିଥିବା ଜଣାପଡ଼ିଛି। ଜିଲ୍ଲା କଂଗ୍ରେସ ଓ ବ୍ଲକ କଂଗ୍ରେସ ପକ୍ଷରୁ ସଂଗଠନ ସୃଜନ କାର୍ଯ୍ୟକ୍ରମ ଜରିଆରେ ଲୋକଙ୍କ ନଜରକୁ ଆସିଛି। ଜିଲ୍ଲା କଂଗ୍ରେସର ଅଧୋପତନ ଗତି ପାରଦ ସାମାନ୍ୟ ଉପରମୁହାଁ ହୋଇଛି। ଯାହାକୁ ନେଇ ଜିଲ୍ଲାରେ ତୃତୀୟ ରାଜନୈତିକ ଦଳ ମର୍ଯ୍ୟାଦାକୁ ପୁଣିଥରେ କଂଗ୍ରେସ ଫେରିଥିବା ଅନୁମାନ କରାଯାଉଛି। ଗତ ସାଧାରଣ ନିର୍ବାଚନ ପରେ ଜିଲ୍ଲାରେ କଂଗ୍ରେସ ସ୍ଥିତି ଅତ୍ୟନ୍ତ ଶୋଚନୀୟ ହୋଇଥିଲା। ତେବେ ଉପରୋକ୍ତ ନେତାଙ୍କ ଗସ୍ତ ସାଂଗଠନିକ ଦୃଷ୍ଟି କୋଣରୁ ବେଶ ଗୁରୁତ୍ୱପୂର୍ଣ୍ଣ






ହୋଇଥିବା ବେଳେ ଆଗାମୀ ଜିଲ୍ଲା ସଭାପତି କିଏ ହେବ ବୋଲି ଚର୍ଚ୍ଚାକୁ ନୂଆ ଦିଶା ଦେଇଛି। ଜିଲ୍ଲା ଗସ୍ତରେ ଥିବା ନେତାମାନେ ବ୍ଲକ ଓ ଜିଲ୍ଲା କଂଗ୍ରେସ ସଂଗଠନ ପାଇଁ ନେତା ବାଛିବା କାର୍ଯ୍ୟକୁ ଚୂଡ଼ାନ୍ତ ରୂପ ଦେବାକୁ ଫାଇଲ ଦିଲ୍ଲୀ ଅଭିମୁଖେ ପଠାଇଥିବା ସୂଚନା ମିଳିଛି। ନୟାଗଡ଼ ଜିଲ୍ଲା ସଂଗଠନକୁ ମଜବୁତ କରିବା ପାଇଁ ଜିଲ୍ଲା କଂଗ୍ରେସ ସଭାପତି ପଦ ବେଶ ଗୁରୁତ୍ୱପୂର୍ଣ୍ଣ ହୋଇଥିବା ବେଳେ ଏଥିପାଇଁ ୪ ଜଣ ଆଶାୟୀ ଫର୍ମ ଭରିଥିବା ସୂଚନା ମିଳିଛି। ଏହି ଆଶାୟୀଙ୍କ ମଧ୍ୟରେ ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶ, ଜିଲ୍ଲା କଂଗ୍ରେସ ସଂଯୋଜକ ସତ୍ୟବ୍ରତ ନାୟକ, ବରିଷ୍ଠ କଂଗ୍ରେସ ନେତା ହୁସେନ ଖାନ, ରଣପୁରରୁ କଂଗ୍ରେସ ପ୍ରାର୍ଥୀ ହୋଇଥିବା ବିଭୂପ୍ରସାଦ ମିଶ୍ର ରହିଛନ୍ତି। ସାଂଗଠନିକ ଦୃଷ୍ଟି କୋଣରୁ ଜିଲ୍ଲା ସଂଯୋଜକ ସତ୍ୟବ୍ରତ ଓ ରଣଜିତଙ୍କ ମଧ୍ୟରେ ନେକ୍ ଟୁ ନେକ୍ ଫାଇଟ୍ ଅବସ୍ଥାରେ ଜିଲ୍ଲା କଂଗ୍ରେସ ସଭାପତି ପଦ ରହିଥିବା ଆଭ୍ୟନ୍ତରିଣ ମହଲରୁ ସୂଚନା ମିଳିଛି। ପୂର୍ବତନ ଜିଲ୍ଲା କଂଗ୍ରେସ ସଭାପତି ରଣଜିତ ଦାଶଙ୍କ ବିରୁଦ୍ଧରେ ଅନେକ ବୁଦ୍ଧିଜୀବୀ, ଆଇନଜୀବୀ ବରିଷ୍ଠ ନେତା ମହେଶ ଶର୍ମାଙ୍କୁ ହୋଟେଲରେ ଭେଟିଥିବା ମଧ୍ୟ ସୂଚନା ମିଳିଛି। ଶ୍ରୀଯୁକ୍ତ ଦାଶ ଦୀର୍ଘଦିନ ଧରି କଂଗ୍ରେସକୁ ଜିଲ୍ଲାରେ ବଞ୍ଚାଇ ରଖିଥିବା ବେଳେ ଆଗାମୀ ଦିନର ସ୍ଥିତି କଣ ହେବ ତାହା ବୁଝା ପଡୁନାହିଁ। ରଣଜିତଙ୍କ ନେତୃତ୍ୱ ନେବାର ଦକ୍ଷତା ତାଙ୍କର ମାପକାଠି ହୋଇପାରେ ବୋଲି ଅନୁମାନ କରାଯାଉଛି। ଅନ୍ୟପକ୍ଷେ, ନୂତନ ସଂଯୋଜକ ଭାବେ ଆଗକୁ ଆସିଥିବା ସତ୍ୟବ୍ରତଙ୍କ ବ୍ୟାକ୍ ସର୍ପୋଟରେ ବରିଷ୍ଠ ନେତା ମନୋଜ କୁମାର ସାହୁ ରହିଛନ୍ତି। ସେହିଭଳି ଭାବେ ଅନ୍ୟତମ ବରିଷ୍ଠ ନେତା ହୁସେନ୍ ଖାଁ ସଂଗଠନ ସୃଜନ ଜରିଆରେ ତାଙ୍କ ବଳ ପଦର୍ଶନ କରି ମହେଶ ଶର୍ମାଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି। ସମାନଭାବେ ପୂର୍ବତନ ମନ୍ତ୍ରୀ ରମାକାନ୍ତ ମିଶ୍ରଙ୍କ ପୁତୁରା ବିଭୂପ୍ରସାଦ ମିଶ୍ର ପରିବାର ପ୍ରଭାବ ଏବଂ ରଣପୁର ଅଞ୍ଚଳରେ ତାଙ୍କ ସାଂଗଠନିକ ଦକ୍ଷତାକୁ ନେଇ ଆଗଭର ଥିବା ଜଣାପଡ଼ିଛି। ଓଡ଼ିଶା ପ୍ରଦେଶ କଂଗ୍ରେସ ଏବଂ ଜାତୀୟ କଂଗ୍ରେସ ଏନେଇ ଆଗାମୀ ଦିନରେ କି ନିଷ୍ପତ୍ତି ଗ୍ରହଣ କରିବ, ତାକୁ ଜିଲ୍ଲାବାସୀ ଉତ୍ସୁକତାର ସହ ଚାହିଁ ରହିଛନ୍ତି।

# କୃଷକ ସଭା ଓ ଜିଲ୍ଲା ସମ୍ମିଳନୀ

ନୟାଗଡ଼,୧୩।୯ (ସମିସ): ୧୧ ତମ ଓଡିଶା କୃଷକ ସଭା ନୟାଗଡ଼ ଜିଲ୍ଲା ସମ୍ମିଳନୀ ନୟାଗଡ଼ ଶିକ୍ଷକ ଭବନଠାରେ ଅନୁଷ୍ଠିତ ହୋଇଯାଇଛି। କୃଷକ ସଭାର ପତାକାକୁ ଗୋଲକ ବିହାରୀ ମୁଦୁଲି ଉତ୍ତୋଳନ କରିବା ପରେ ସହିଦ ବେଦିରେ ପୁଷ୍ପମାଲ୍ୟ ଦେବା ପରେ ରାଜ୍ୟ ସଭାପତି ଜନ୍ମେଶ୍ୱର ସାମନ୍ତରା ଅନୁଷ୍ଠାନିକ ଭାବେ ସଭା କାର୍ଯ୍ୟ ଆରମ୍ଭ କରିଥିଲେ। ସମ୍ପାଦକ ହରିଶ୍ଚନ୍ଦ୍ର ମିଶ୍ର ଚିଠା ପ୍ରସ୍ତାବ ଆଗତ କରିଥିଲେ। ଉକ୍ତ ପ୍ରସ୍ତାବ ୧୨ ଜଣ ପ୍ରତିନିଧି ଆଲୋଚନା କରିବା ପରେ ପ୍ରସ୍ତାବ ଗୃହୀତ ହୋଇଥିଲା। ତା ସହିତ ଚାଷୀଙ୍କ ବିରୁଦ୍ଧରେ ହୋଇଥିବା ବିଭିନ୍ନ ଚାଷୀ ବିରୋଧୀ ଆଇନ ବିଷୟରେ ଆଲୋଚନା ହୋଇଥିଲା। କେନ୍ଦ୍ର ଓ ରାଜ୍ୟ ସରକାର ସ୍ୱାମୀନାଥନ କମିଶନ ନୀତିକୁ କାର୍ଯକାରୀ କରୁ ନଥିବାରୁ ସମ୍ମିଳନୀ ଏହାକୁ ନିନ୍ଦା କରିଥିଲା। ଠିକ ସମୟରେ ସାର ଯୋଗାଣ, ଫସଲ ବୀମା, କୃଷିଋଣ ଚାଷୀଙ୍କୁ ନମିଳିବାରୁ ଚାଷୀମାନେ ବିଭିନ୍ନ ଅସୁବିଧାର ଶିକାର ହେଉଛନ୍ତି। ତା' ବିରୋଧରେ ଜିଲ୍ଲାରେ ଦୁର୍ବାର ଆନ୍ଦୋଳନ କରିବା ପାଇଁ ସ୍ଥିର କରାଯାଇ ଆଗାମୀ ତିନି ବର୍ଷ ପାଇଁ ଏକ ୧୭ ଜଣିଆ କମିଟି ଗଠନ କରାଗଲା। ସଭାପତି ହରିଶ୍ଚନ୍ଦ୍ର ମିଶ୍ର, ସମ୍ପାଦକ ପବିତ୍ର କୁମାର ଇନ୍ଦ୍ରଜିତ, କୋଷାଧକ୍ଷ ଗଦାଧର ପ୍ରଧାନ ନିର୍ବାଚିତ ହୋଇଥିଲେ। ଶେଷରେ କୃଷକ ସଭାର ପୂର୍ବତନ ରାଜ୍ୟ ସଭାପତି ଅଭିରାମ ବେହେରା ଉଦଯାପନୀ ଭାଷଣ ଦେବାପରେ ସମ୍ମିଳନୀ କାର୍ଯ୍ୟ ଶେଷ କରାଯାଇଥିଲା।

# ଜାତୀୟ ସେବା ଯୋଜନା ଉଦ୍‌ଯାପିତ

ଗଣିଆ,୧୩।୯ (ସମିସ): ଗଣିଆରେ ଥିବା ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟ ପରିସରରେ ଚାଲିଥିବା ଜାତୀୟ ସେବା ଯୋଜନା ଶିବିର ଉଦଯାପନୀ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ଶିବିରରେ ମୁଖ୍ୟଅତିଥି ଭାବେ ଜାତୀୟ ସେବା ଯୋଜନାର ଜିଲ୍ଲା ସଂଯୋଜକ ଡ. ଚିତ୍ତରଞ୍ଜନ ଦାଶ, ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା, ପୂର୍ବତନ ଅଧ୍ୟକ୍ଷ ଅଖିଳ କୁମାର ହୋତା,ଅଧ୍ୟାପକ ଅଶୋକ କୁମାର ମିଶ୍ର, ପ୍ରୋଗ୍ରାମ ଅଧିକାରୀ ଶର୍ମିଳା ଦାଶ, ଭଗବାନ ପୃଷ୍ଟି, ଶ୍ରୀକାନ୍ତ ଷଡ଼ଙ୍ଗୀ ପ୍ରମୁଖ ମଞ୍ଚାସୀନ ଥିଲେ। ୭ ଦିନ ଧରି ଚାଲିଥିବା ଶିବିର ଉଦଯାପନ ହୋଇଥିବା ବେଳେ ଶିବିରାର୍ଥି ମାନେ ନିଜ ନିଜର ଅଭିଜ୍ଞତା ପ୍ରକାଶ କରିଥିଲେ। ଏହି ଶିବିରର ମୁଖ୍ୟ ଲକ୍ଷ୍ୟ ଥିଲା ଦ'ମା ପାଇଁ ଗଛଟିଏ' କାର୍ଯ୍ୟକ୍ରମ। ବ୍ଲକର ବିଭିନ୍ନ ସ୍ଥାନରେ ବୃକ୍ଷ ରୋପଣ କାର୍ଯ୍ୟକ୍ରମ କରାଯାଇଥିଲା। ଏତଦବ୍ୟତୀତ ସଡ଼କ ସୁରକ୍ଷା ସଚେତନତା, ପରିଷ୍କାର ପରିଚ୍ଛନ୍ନତା ଆଦି କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ମହାବିଦ୍ୟାଳୟର ପ୍ରାୟ ୧୦୦ରୁ ଅଧିକ ଛାତ୍ରଛାତ୍ରୀ ଏହି ଶିବିରରେ ଅଂଶଗ୍ରହଣ କରିଥିଲେ। ନିଃସ୍ୱାର୍ଥପର ଭାବେ ସେବା କରିବା ଦରକାର ବୋଲି ଅଧ୍ୟାପକ ମାନେ ନିଜ ଅଭିଭାଷଣରେ ଜଣାଇଥିଲେ। ସରକାରଙ୍କର ଏହି ଯୋଜନା ଅତ୍ୟନ୍ତ ଦରକାରୀ ବୋଲି ମୁଖ୍ୟଅତିଥି ପ୍ରକାଶ କରିବା ସହିତ ସମସ୍ତେ ଗୋଟିଏ ଗୋଟିଏ ବୃକ୍ଷ ରୋପଣ କରିବା ଏବଂ ତା'ର ଯତ୍ନ ନେବାକୁ ସେ ପରାମର୍ଶ ଦେଇଥିଲେ। ଗଣିଆ କଲେଜରେ ୧୯୯୮ ମସିହାରେ ଜାତୀୟ ସେବା ଯୋଜନା ଶୁଭାରମ୍ଭ ହୋଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାହା ଚାଲୁ ରହିଥିବାରୁ ମହାବିଦ୍ୟାଳୟର ଛାତ୍ରଛାତ୍ରୀ ତଥା କର୍ମଚାରୀଙ୍କୁ ସେ କୃତଜ୍ଞତା ଜ୍ଞାପନ କରିଥିଲେ। ଛାତ୍ର ଛାତ୍ରୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇଥିବା ବେଳେ ଶିବିରାର୍ଥିଙ୍କୁ ମାନପତ୍ର ପ୍ରଦାନ କରାଯାଇଥିଲା।

# ବ୍ଲକ୍‌ସ୍ତରୀୟ କ୍ରୀଡ଼ା ପ୍ରତିଯୋଗିତା




ଗଣିଆ,୧୩।୯ (ସମିସ): ଗଣିଆ ବ୍ଲକ କିଶୋର ଚନ୍ଦ୍ରନୋଡାଲ ବିଦ୍ୟାପୀଠ ପରିସରରେ ବ୍ଲକ ସ୍ତରୀୟ ଯୋଗ, ଚେସ୍ ଏବଂ ବ୍ୟାଡମିଣ୍ଟନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରତିଯୋଗିତାରେ ବ୍ଲକ ଶିକ୍ଷା ଅଧିକାରୀ ରବୀନ୍ଦ୍ରନାଥ ରାଉତରାୟଙ୍କ ସଭାପତିତ୍ୱରେ ମୁଖ୍ୟଅତିଥି ଭାବେ ସରପଞ୍ଚ ଗିରିଧାରୀ ସେଠୀ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ସମିତି ସଭ୍ୟ ଫକୀର ମୋହନ ଡାକୁଆ, କିଶୋର ଚନ୍ଦ୍ର ନୋଡାଲ ବିଦ୍ୟାପୀଠର ପ୍ରଧାନଶିକ୍ଷୟିତ୍ରୀ ନିହାର ବାଳା ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ମୁଖ୍ୟଅତିଥି କ୍ରୀଡ଼ା ପତାକାକୁ ଉତ୍ତୋଳନ କରି ଉଦଘାଟନ କରିଥିଲେ। ଛାତ୍ରଛାତ୍ରୀ ଖେଳୁଆଡ ମନୋଭାବ ନେଇ ଖେଳିବାକୁ ଅତିଥି ମାନେ ମତ ଦେଇଥିଲେ। କ୍ରୀଡ଼ା ଶରୀରକୁ ସୁସ୍ଥ ଓ ନିରୋଗ ରଖିବା ସହିତ ଆନନ୍ଦ ପ୍ରଦାନ କରିଥାଏ। ଉନ୍ନତ ମାନର ଖେଳ ପ୍ରଦର୍ଶନ କରି ବ୍ଲକ, ଜିଲ୍ଲା ତଥା ରାଜ୍ୟରେ ନାଁ ରଖିବାକୁ ଅତିଥିମାନେ ପ୍ରକାଶ କରିଥିଲେ। ବ୍ଲକର ବିଭିନ୍ନ ବିଦ୍ୟାଳୟର ପ୍ରାୟ ୧୦୦ରୁ ଅଧିକ ଛାତ୍ର ଛାତ୍ରୀ ଉପସ୍ଥିତ ରହି ଖେଳକୁ ଉପଭୋଗ କରିଥିଲେ। ଛାତ୍ରଛାତ୍ରୀ ଶାନ୍ତିଶୃଙ୍ଖଳାରେ କ୍ରୀଡ଼ା କାର୍ଯ୍ୟ ସମ୍ପାଦନ କରିବାକୁ ଶପଥ ଗ୍ରହଣ କରିଥିଲେ। କ୍ରୀଡ଼ା ଶିକ୍ଷକ ବିକାଶ ରଞ୍ଜନ ମଲ୍ଲ, ନିରଞ୍ଜନ ମହାରଣା, କୁମୁଦିନୀ ଦେଇ, ବିଶ୍ୱରଂଜନ ସାହୁ ପ୍ରମୁଖ ଉପସ୍ଥିତ ରହି କ୍ରୀଡ଼ା ପରିଚାଳନା କରିଥିଲେ। ବ୍ଲକ ସ୍ତରରେ ସଫଳତା ଲାଭ କରିଥିବା ଛାତ୍ରଛାତ୍ରୀ ଜିଲ୍ଲାସ୍ତରୀୟ ଖେଳରେ ଯୋଗ ଦେବେ ବୋଲି ଜଣାପଡିଛି।

# ପୋଖରୀ ତୁଠରେ ମହିଳାଙ୍କ ମୃତ୍ୟୁ

ଭାପୁର,୧୩।୯ (ସମିସ): ନୟାଗଡ଼ ଜିଲ୍ଲା ଭାପୁର ବ୍ଲକ ବିଜିପୁର ପଞ୍ଚାୟତ ବିଜିପୁର ଗ୍ରାମର ଜଣେ ମହିଳା ପୋଖରୀ ତୁଠରେ ପଡି ଗୁରୁତର ଆହତ ହୋଇ ମୃତ୍ୟୁ ହୋଇଯାଇଛି। ମୃତକ ଜଣଙ୍କ ହେଲେ ରାଜକିଶୋର ରାଉତଙ୍କ ସ୍ତ୍ରୀ ଚାରି ରାଉତ। ଶୁକ୍ରବାର ଅପରାହ୍ନ ସମୟରେ ଚାରି ରାଉତ ପୋଖରୀକୁ ନିତ୍ୟ କର୍ମ କରିବାକୁ ଯାଇଥିବା ସମୟରେ ଅସାବଧାନତା ବଶତଃ ପାହାଚ ତୁଠରେ ପଡି ଗୁରୁତର ଆହତ ହୋଇଥିଲେ। ତାଙ୍କୁ ତୁରନ୍ତ ଭାପୁର ଡାକ୍ତରଖାନାରେ ଚିକିତ୍ସିତ କରାଯାଇଥିଲା। ସେଠାରେ ତାଙ୍କର ଅବସ୍ଥା ଗୁରୁତର ହେବାରୁ ତାଙ୍କୁ ଖୋର୍ଦ୍ଧା ନିଆଯାଇଥିଲା। ସେଠାରେ ତାଙ୍କର ମୃତ୍ୟୁ ହୋଇଯାଇଛି।

# ଦେଶୀ ମଦ ଜବତ; ଜଣେ ଗିରଫ

ଭାପୁର/ଖଣ୍ଡପଡ଼ା,୧୩।୯ (ସମିସ): ନୟାଗଡ଼ ଜିଲ୍ଲା ଖଣ୍ଡପଡ଼ା ଅବକାରୀ ବିଭାଗ ଶନିବାର ଭୋର ୪ଟା ସମୟରେ ଫତେଗଡ ଥାନା ବନମାଳୀପୁର ପଞ୍ଚାୟତ କାଚେରାସାହି ଛକରେ ଚଢ଼ଉ କରିଥିଲେ। ଚଢ଼ଉ ସମୟରେ ନିମପାଟଣା ଗ୍ରାମର ଜିତେନ୍ଦ୍ର କୁମାର ସାହୁ ତାଙ୍କର ବାଇକରେ ୪୦ ଲିଟର ଚୋରା ଦେଶୀ ମଦ ନେଇ ଯାଉଥିବା ସମୟରେ ତାଙ୍କୁ କାବୁ କରି ଗିରଫ କରି କୋର୍ଟଚାଲାଣ କରିଛି। ଏହି ଚଢ଼ାଉରେ ଖଣ୍ଡପଡା ଅବକାରୀ ଥାନା ଅଧିକାରୀ ଦୀପକ କୁମାର ଜେନା ତାଙ୍କର ସହଯୋଗୀ ଲକ୍ଷ୍ମୀଧର ବେହେରା, ନୀଳରୋହିତ ମଲ୍ଲିକ, ମିତା ନାଏକ ଓ ପ୍ରତ୍ୟୁଷ ଦେହୁରୀ ଭାଗ ନେଇଥିଲେ।

# ଟାସ୍କଫୋର୍ସ କମିଟି ତ୍ରୈମାସିକ ସମୀକ୍ଷା ବୈଠକ

ଖଣ୍ଡପଡ଼ା,୧୩।୯ (ସମିସ): ଖଣ୍ଡପଡ଼ା ବ୍ଲକ ଶିଶୁ ବିକାଶ ପ୍ରକଳ୍ପ ଅଧିକାରୀ କନକ ଲତା ପୂଜାରୀଙ୍କ ସଭାପତିତ୍ୱରେ ଶୁକ୍ରବାର ପୂର୍ବାହ୍ନରେ ପଞ୍ଚାୟତ ସମିତି ସଭାଗୃହରେ ଶିକ୍ଷାନୁଷ୍ଠାନ ସମେତ ବିଭିନ୍ନ କାର୍ଯ୍ୟାଳୟରେ ଗଠିତ ଆଭ୍ୟନ୍ତରୀଣ ଅଭିଯୋଗ କମିଟି (ଆଇସିସି) ସଭ୍ୟଙ୍କ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବିଭାଗୀୟ ଜିଲ୍ଲା ସୁରକ୍ଷା ଅଧିକାରୀ ଜୟଶ୍ରୀ ପ୍ରଧାନ ଯୋଗଦେଇ କମିଟି ସଦସ୍ୟଙ୍କୁ ଆଭ୍ୟନ୍ତରୀଣ ଅଭିଯୋଗ କମିଟି ଗଠନର ମୂଳ ଲକ୍ଷ୍ୟ, ଉଦ୍ଦେଶ୍ୟ, ଆଭିମୁଖ୍ୟ ଓ କାର୍ଯ୍ୟଧାରା ସମ୍ବନ୍ଧରେ ସବିଶେଷ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଏଥିସହିତ ପୋସ୍କୋ ଆକ୍ଟ ୨୦୧୩ ଓ ଅଭିଯୋଗ ପ୍ରଦାନ ପାଇଁ ଉଦ୍ଦିଷ୍ଟ ଟୋଲ ଫ୍ରିନମ୍ବର ଗୁଡ଼ିକ ସମ୍ବନ୍ଧରେ ସଚେତନତା କରାଯାଇଥିଲା। କାର୍ଯ୍ୟକ୍ରମ ରେ ଅନ୍ୟମାନଙ୍କ ମଧ୍ୟରେ ନିସ୍ୱାର୍ଥ ସେବା ସଂସ୍ଥାର ଅରୁଣ କୁମାର ମହାନ୍ତି, ଖଣ୍ଡପଡ଼ା ଥାନା ଏସଆଇ ମନସ୍ୱିତା ସାହୁ ପ୍ରମୁଖ ମଞ୍ଚାସିନ ରହି ଶିଶୁ ଶ୍ରମିକଙ୍କ ଉପରେ ହେଉଥିବା ନିର୍ଯ୍ୟାତନା, ବାଲ୍ୟ ବିବାହ, ଯୌନ ନିର୍ଯାତନା, ଶିଶୁ ଚାଲାଣ ଆଦି ବିରୁଦ୍ଧରେ ସଚେତନତା ସୃଷ୍ଟି କରିବା ଆମ ସମସ୍ତଙ୍କର ମୂଳ ଲକ୍ଷ୍ୟ ବୋଲି କହିଥିଲେ। ସେହିପରି ବ୍ଲକ ମିଶନ ଶକ୍ତି ବିପିସି ଦିଲ୍ଲୀପ କୁମାର ନାୟକଙ୍କ ସମେତ ଅନ୍ୟାନ କର୍ମଚାରୀ ମାନେ ଉପସ୍ଥିତ ରହିଥିଲେ।

## ■ ଜିଲ୍ଲା ଶ୍ରମ କାର୍ଯ୍ୟାଳୟ

# ବାବୁଙ୍କଠାରୁ ଡ୍ରାଇଭର ପାୱାରଫୁଲ

ନୟାଗଡ଼,୧୩।୯ (ସମିସ): ନୟାଗଡ଼ ଜିଲ୍ଲା ଶ୍ରମ ଅଧିକାରୀ ଚିତ୍ତରଞ୍ଜନ ରାଉତ ଭିଜିଲାନ୍ସ ଜାଲରେ ଛନ୍ଦି ହୋଇ ଗିରଫ ହୋଇଛନ୍ତି। ସେ ଗିରଫ ପରେ ତାଙ୍କ ପାଇଁ ଦଲାଲି କରୁଥିବା ଡ୍ରାଇଭର ଶ୍ରମ କାର୍ଯ୍ୟାଳୟରେ ଆତଙ୍କରାଜ ଚଳାଉଛନ୍ତି। ଶ୍ରମ କାର୍ଯ୍ୟାଳୟକୁ ଆସୁଥିବା ସାଧାରଣ ହିତାଧିକାରୀ ଏବଂ ଅନେକ ଶ୍ରମିକ ନେତାଙ୍କୁ ଦୁର୍ବ୍ୟବହାର କରୁଛନ୍ତି। ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକଙ୍କୁ ଦୁର୍ବବହାର ଓ ଧମକ ଦିଆଯାଇଥିବା ନେଇ ସେ ଟାଉନଥାନାରେ ଅଭିଯୋଗ କରିଛନ୍ତି। ବିଗତ ଦିନରେ ଡ୍ରାଇଭର ଜଣଙ୍କ ଶ୍ରମ ଅଧିକାରୀଙ୍କ ନିର୍ଦ୍ଦେଶରେ ଭିତିରି କାରବାର କରୁଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲା। ଶ୍ରମ କାର୍ଯ୍ୟାଳୟକୁ ଶ୍ରମିକ ନେତାମାନେ ଆସିବା ପାଇଁ ଭୟ କରୁଥିଲେ। ଶ୍ରମ ଅଧିକାରୀ ଭିଜିଲାନ୍ସରେ ପଡ଼ିବା ପରେ ପରିସ୍ଥିତି ସୁଧୁରିବ ବୋଲି ଆଶା କରାଯାଉଥିଲା। ମାତ୍ର ଡ୍ରାଇଭରଙ୍କ ପ୍ରଭାବ ଓ ପ୍ରକୋପ ଆଜି ଅସହ୍ୟ ପରିସ୍ଥିତି ସୃଷ୍ଟି କରିଥିବା ଅଭିଯୋଗ ହୋଇଛି। ଆଜି ଶ୍ରମ କାର୍ଯ୍ୟାଳୟକୁ ଯାଇଥିବା ବରିଷ୍ଠ ଶ୍ରମିକ ନେତା ଶ୍ରୀକାନ୍ତ ପଟ୍ଟନାୟକଙ୍କୁ ଡ୍ରାଇଭର ଜଣଙ୍କ ଅଶ୍ଲିଳ ଗାଳି ଗୁଲଜ କରିବା ସହ ଜୀବନରୁ ମାରି ଦେଇଥିବା ଥାନାରେ ଅଭିଯୋଗ ହୋଇଛି। ଏହି ଡ୍ରାଇଭର ଜଣଙ୍କ ନୟାଗଡ଼ ସଦରଥାନା ଅନ୍ତର୍ଗତ ଲକ୍ଷ୍ମୀପ୍ରସାଦ ଗ୍ରାମର ପ୍ରକାଶ ଚନ୍ଦ୍ର ମହାନ୍ତି ବୋଲି ସୂଚନା ମିଳିଛି। ନୟାଗଡ଼ ପୁଲିସ ଘଟଣାର ତଦନ୍ତ ଆରମ୍ଭ କରିଥିବା ବେଳେ ଜିଲ୍ଲାପାଳ ଓ ଶ୍ରମ ବିଭାଗ ତାଙ୍କୁ କାର୍ଯ୍ୟରୁ ବହିଷ୍କାର କରିବାକୁ ଦାବି ହେଉଛି।

**ହିତାଧିକାରୀ ଓ ଶ୍ରମିକ ନେତାଙ୍କୁ ଦୁର୍ବ୍ୟବହାର**

# ଆଦି କର୍ମଯୋଗୀ ଅଭିଯାନ କର୍ମଶାଳା

ଦଶପଲ୍ଲା,୧୩।୯ (ସମିସ): ଭାରତ ସରକାରଙ୍କ ଆଦିବାସୀ ମନ୍ତ୍ରଣାଳୟ ତରଫରୁ ଧରିତ୍ରୀ ଆବା ଜନଜାତି ଗ୍ରାମ ଉତ୍କର୍ଷ ଅଭିଯାନର ଦ୍ୱାରା ଦଶପଲ୍ଲା ବ୍ଲକସ୍ତରୀୟ ଆଦି କର୍ମଯୋଗୀ ଅଭିଯାନର ଏକ ପ୍ରୟୋଗଶାଳା ଦଶପଲ୍ଲା ବ୍ଲକରେ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମକୁ ଦଶପଲ୍ଲା ମଣ୍ଡଳ ଉନ୍ନୟନ ଅଧିକାରୀ ଓ ଜିଲ୍ଲା ମଙ୍ଗଳ ଅଧିକାରୀ ଶୁଭାରମ୍ଭ କରିଥିଲେ। ଏହି କାର୍ଯ୍ୟକ୍ରମ ଦ୍ୱାରା ଦଶପଲ୍ଲା ବ୍ଲକର ମୋଟ ୧୧୦ ଟି ଅନୁସୁଚିତ ଜନଜାତି ବହୁଳ ଗ୍ରାମର ସାମଗ୍ରିକ ଉନ୍ନତ କରାଯିବାର ଲକ୍ଷ୍ୟ ରଖାଯାଇଛି। ସେଇ ଗ୍ରାମର ଜନଜାତି ଯୁବକ ଯୁବତୀମାନେ ସଶକ୍ତ ହେବା ସହ ଗ୍ରାମ ଓ ସରକାରୀ କର୍ମଚାରୀଙ୍କ ସହ ସଂଯୋଗ ସ୍ଥାପନା କରି ବିକାଶ ବାହକ ହେବେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ପ୍ରଶିକ୍ଷକ ଭାବେ ମଣ୍ଡଳ ଉନ୍ନୟନ ଅଧିକାରୀ, ଗୋଷ୍ଠୀ ଶିକ୍ଷା ଅଧିକାରୀ, ଜିଲ୍ଲା ମଙ୍ଗଳ ଅଧିକାରୀ ସହ ବ୍ଲକ ପ୍ରଶିକ୍ଷକମାନେ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦଶପଲ୍ଲା ବ୍ଲକ ଅତିରିକ୍ତ ମଣ୍ଡଳ ଅଧିକାରୀ, ସିଡିପିଓ ଦଶପଲ୍ଲା ସହ ବ୍ଲକସ୍ତରୀୟ ଅଧିକାରୀମାନେ ଏବଂ ୧୮ ଗୋଟି ପଞ୍ଚାୟତର ନିର୍ବାହୀ ଅଧିକାରୀ, ସରପଞ୍ଚ, ଡିଏଯୁଗା ଗ୍ରାମର ଗ୍ରାମବାସୀ ଓ ବସୁନ୍ଧରା ଓ ନିର୍ମାଣ ଆଦି ଏନ୍‌ଜିଓର କର୍ମକର୍ତ୍ତାମାନେ ଉପସ୍ଥିତ ରହି ଏହି କାର୍ଯ୍ୟକ୍ରମରେ ପ୍ରଶିକ୍ଷଣ ନେଇଥିଲେ। ଏହି ବ୍ଲକସ୍ତରୀୟ ପ୍ରୟୋଗଶାଳାରେ ମଙ୍ଗଳ ସଂପ୍ରସାରଣ ଅଧିକାରୀ ଧନ୍ୟବାଦ ପ୍ରଦାନ କରିଥିଲେ।

# ମହାବିଦ୍ୟାଳୟ ବୁଲିଲେ ବିଦ୍ୟାଳୟ ଛାତ୍ରଛାତ୍ରୀ

ଶରଣକୁଳ,୧୩।୯ (ସମିସ): ଛାତ୍ରଛାତ୍ରୀଙ୍କ ମନରେ ଉତ୍ତମ ଶିକ୍ଷା ଓ ଜ୍ଞାନର ଅଭିବୃଦ୍ଧି ପାଇଁ କେଏସ୍‌ବି ପବ୍ଲିକ ସ୍କୁଲ ଶରଣକୁଳ ପକ୍ଷରୁ ଛାତ୍ରଛାତ୍ରୀଙ୍କୁ ନେଇ ବିଭିନ୍ନ ଅନୁଷ୍ଠାନ ପରିଭ୍ରମଣ ଶିକ୍ଷା ଅନୁଷ୍ଠିତ ହୋଇଛି। ବିଦ୍ୟାଳୟରେ ଅଧ୍ୟୟନରତ ନବମ ଓ ଦଶମ ଶ୍ରେଣୀ ଛାତ୍ରଛାତ୍ରୀ ଜିଲ୍ଲାର ବିଭିନ୍ନ ଅନୁଷ୍ଠାନ ପରିଭ୍ରମଣ କରି ବିଭିନ୍ନ ଜ୍ଞାନ କୌଶଳ ଉପରେ ଶିକ୍ଷା ଲାଭ କରିଛନ୍ତି। ବିଦ୍ୟାଳୟର ଅଧ୍ୟକ୍ଷ ନୀଳମାଧବ ତ୍ରିପାଠୀ, ସହକାରୀ ଶିକ୍ଷକ ଗୌରହରି ସାହୁ, କମଳ ଲୋଚନ ମହାପାତ୍ରଙ୍କ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରଛାତ୍ରୀ ନୟାଗଡ଼ ଲାଠିପଡାଠାରେ ଥିବା ସରକାରୀ ମଡେଲ ଡିଗ୍ରୀ କଲେଜ ପରିଭ୍ରମଣ କରି ବିଜ୍ଞାନ ଗାର ଗୁଡିକ




ବୁଲି ପ୍ରତ୍ୟକ୍ଷ ଜ୍ଞାନ ଆହରଣ କରିଥିଲେ। ଏଥିରେ ବିଦ୍ୟାଳୟର ନବମ ଓ ଦଶମ ଶ୍ରେଣୀର ୪୦ରୁ ଉର୍ଦ୍ଧ୍ୱ ଛାତ୍ରଛାତ୍ରୀ ଯୋଗ ଦେଇଥିଲେ। ସମ୍ପାଦକ ପ୍ରଶାନ୍ତ କୁମାର ଦାଶ କାର୍ଯ୍ୟକ୍ରମ ସଂଚାଳନା କରିଥିଲେ।

# ରାଷ୍ଟ୍ରୀୟ ଲୋକ ଅଦାଲତ; ୬୭୮୮ ମାମଲା ଫଇସଲା

ନୟାଗଡ଼,୧୩।୯ (ସମିସ):

ଜାତୀୟ ଆଇନ ସେବା ପ୍ରାଧିକରଣଙ୍କ ନିର୍ଦ୍ଦେଶ କ୍ରମେ ଜିଲ୍ଲା ଜଜ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧ୍ୟକ୍ଷ ଆନନ୍ଦ ନାରାୟଣ ମହାରଣା ଓ ସଚିବ ଅଞ୍ଜଳି ମଚ୍ଛଖଣ୍ଡଙ୍କ ପ୍ରତ୍ୟେକ୍ଷ ତତ୍ତ୍ୱାବଧାନରେ ଆଜି ନୟାଗଡ ଜିଲ୍ଲା ସମସ୍ତ ବିଚାର ବିଭାଗୀୟ ଅଦାଲତ ପରିସରରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ନୟାଗଡ଼ ଜିଲ୍ଲା ଉକ୍ତ ଲୋକ ଅଦାଲତରେ ୬ଟି ମୋଟର ଦୁର୍ଘଟଣା ଜନିତ ମାମଲା ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୪୦ ଲକ୍ଷ ୮୫ ହଜାର ଟଙ୍କା ପ୍ରଦାନ କରିବା ପାଇଁ ବୀମା କମ୍ପାନୀଙ୍କୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ୧୪୨ ଦେୱାନି ମାମଲା ଫଇସଲା କରାଯାଇଥିଲା। ଏନଆଇ ଆକ୍ଟ କେସ ୯ଟି ଫଇସଲା କରାଯାଇ ୧୪ ଲକ୍ଷ ୬୬ ହଜାର ୧୦୦ ଟଙ୍କା ଆଦାୟ କରଯାଇଥିଲା ଏବଂ ବିବାହ ଜନିତ ୧୫ଟି ମାମଲା, ଅନ୍ୟାନ୍ୟ ଫୌଜଦାରୀ ୧୯୨ଟି ମାମଲା ଫଇସଲା କରଯାଇଥିଲା। ବ୍ୟାଙ୍କରୁ ଋଣ ନେଇ ଋଣ ପରିଶୋଧ କରିନଥିବା ୧୧୩ ଜଣ ଋଣ ଗ୍ରହିତାଙ୍କଠାରୁ



୪୨ ଲକ୍ଷ ୩୮ ହଜାର ୧୮୫.୨୬ ଟଙ୍କା ଦେବା ପାଇଁ ରାଜିନାମା ସ୍ୱାକ୍ଷରିତ କରାଯାଇଥିଲା। ସେହିପରି ୬୭୮୮ଟି ରାଜସ୍ୱ ମାମଲା ଫଇସଲା କରାଯାଇ ୫ ଲକ୍ଷ ୪୯ ହଜାର ୧୮୬ ଟଙ୍କା ଆଦାୟ କରଯାଇଥିଲା ଏବଂ ଅନ୍ୟାନ୍ୟ ଦେୱାନି ୭୯ ଟି ମାମଲାର ଫଇସଲା ହୋଇଥିଲା। ବିଦ୍ୟୁତ ସମ୍ବନ୍ଧୀୟ ୩ଟି ମାମଲା ଫଇସଲା ହୋଇଥିଲା। ରଫାଯୋଗ୍ୟ ଫୌଜଦାରି ମାମଲା ୧ଟି ଫଇସଲା କରାଯାଇ ୧୫୦୦ ଟଙ୍କା ଆଦାୟ କରଯାଇଥିଲା। ଏହି ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ ଆନନ୍ଦ ନାରାୟଣ ମହାରଣା, ପରିବାର ଅଦାଲତ ବିଚାରପତି ଡ. ଇନ୍ଦୁ ଶର୍ମା, ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ରିଜା ରାୟ, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ସତ୍ୟବ୍ରତ ରଣା, ବରିଷ୍ଠ ଦେୱାନି ଅଦାଲତ ବିଚାରପତି ରବି ନାରାୟଣ ବେହେରା, ଉପଖଣ୍ଡ ଫୌଜଦାରୀ ବିଚାରପତି ସମାପିକା ସମଦର୍ଶିନୀ, ଜେଏମ୍‌ଏଫସି ଲଳିତା ପାତ୍ର ଏବଂ ଶୁଶ୍ରିତା ମିଶ୍ର। ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିବା ବେଳେ ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶୁତିସ୍ମିଗ୍ଧା ଦାସ, ଜିଲ୍ଲା ଆଇନ ସେବା ପ୍ରାଧିକରଣ ସଚିବ ଅଞ୍ଜଳି ମଚ୍ଛଖଣ୍ଡ, ବରିଷ୍ଠ ଦେୱାନି ବିଚାରପତି ତଥା ସହକାରୀ ଦୌରାଜଜ ମହିଳା ଅଦାଲତ ସ୍ୱର୍ଣ୍ଣ ପ୍ରଭା ଆଚାର୍ଯ୍ୟ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଲୋକ ଅଦାଲତକୁ ସଫଳ କରିବା ପାଇଁ ସରକାରୀ ଓକିଲ ଦଣ୍ଡପାଣି ସ୍ୱାଇଁ, ବରିଷ୍ଠ ଅଧିବକ୍ତା ରମେଶ ଚନ୍ଦ୍ର ମହାରଣା, ଏବଂ ଜିଲ୍ଲା ଆଇନ ସେବା ପ୍ରାଧିକରଣର ସମସ୍ତ କର୍ମଚାରୀ ଓ ସମସ୍ତ ନ୍ୟାୟ ମିତ୍ର ଉପସ୍ଥିତ ରହି ସହଯୋଗ କରିଥିଲେ।

ଓଡ଼ଗାଁ : ନୟାଗଡ଼ ଜିଲ୍ଲା ଓଡ଼ଗାଁ ଅଦାଲତରେ ଜିଲ୍ଲା ଓ ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ସଂଘମିତ୍ରା ଶର୍ମା, ବରିଷ୍ଠ ଦେୱାନୀ ବିଚାରପତି ଜନ୍ମେଜୟ ଦାସ, ଜୁନିଅର ସିଭିଲ ଜଜ୍ ପ୍ରେରଣାଶ୍ରୀ ଦେଓ, ଗ୍ରାମ ନ୍ୟାୟାଳୟ ନ୍ୟାୟାଧିକାରି ସୌମ୍ୟାଶ୍ରୀ ମହାପାତ୍ରଙ୍କ ଉପସ୍ଥିତି ଏବଂ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଓଡ଼ଗାଁ ଅଦାଲତ ପରିସରରେ ଅନୁଷ୍ଠିତ ୩ୟ ରାଷ୍ଟ୍ରୀୟ ଲୋକ ଅଦାଲତରେ ୧୮୯ରୁ ୧୪୨ ମାମଲା ଫଇସଲା ହୋଇଥିଲା। କେବଳ ଅର୍ଥ ସମ୍ବନ୍ଧୀୟ ୧୬୭ ମାମଲାରୁ ୨୨ମାମଲାର ଫଇସଲା କରିବା ବାବଦରେ ୧ଲକ୍ଷ ୫୦ ହଜାର ୬ଶହ ଟଙ୍କା ଅସୁଲ ହୋଇଛି। ସେହିପରି ବିଚାରଧୀନ ଥିବା ୧୦୭ ଦେୱାନୀ ମାମଲାରୁ ୧୦୪ ମାମଲାର ଫଇସଲା ହୋଇଥିବା ବେଳେ କ୍ରିମିନାଲ କମ୍ପାଉଣ୍ଡେବୁଲ ୩, ଏନ୍ଆଇ ଆଇନ ମାମଲା ୯, ଅର୍ଥ ଆଦାୟ ମାମଲା ୫ ଏବଂ ମୋଟର ଦୁର୍ଘଟଣା ଜନିତ କ୍ଷୟକ୍ଷତି ଦାବି ସମ୍ପର୍କିତ ୬ ମାମଲା ରହିଥିଲା। ବରିଷ୍ଠ ସରକାରୀ ଅଧିବକ୍ତା ଇନ୍ଦୁ ଭୂଷଣ ମିଶ୍ର, ପ୍ରମୋଦ କୁମାର ବିଶ୍ୱାଳ, ଅମୂଲ୍ୟ ପ୍ରସାଦ ପ୍ରଧାନଙ୍କ ସହିତ ଅନ୍ୟ ଅଧିବକ୍ତାଙ୍କ ମଧ୍ୟରୁ ରାଧାକୃଷ୍ଣ ମହାପାତ୍ର, ବିବେକାନନ୍ଦ ସରସ୍ୱତୀ ଏବଂ ମହାଦେବ ବିଶ୍?ାଳ ପ୍ରମୁଖ ଲୋକ ଅଦାଲତରେ ଉପସ୍ଥିତ ରହିଥିଲେ। ତାଲୁକ ଆଇନ ସେବା କମିଟି ସଂଯୋଜିକା ଶ୍ରଦ୍ଧାଞ୍ଜଳି ରଥ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

# ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ

ଗଣିଆ,୧୩।୯ (ସମିସ): ରଘୁନାଥଜୀଉ ଡିଗ୍ରୀ ମହାବିଦ୍ୟାଳୟର ୟୁଥ୍ ରେଡକ୍ରସ ୟୁନିଟ୍ ତରଫରୁ ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳିତ ହୋଇଯାଇଛି। ଡିଗ୍ରୀ ମହାବିଦ୍ୟାଳୟର ଅଧ୍ୟକ୍ଷ ଲକ୍ଷ୍ମୀକାନ୍ତ ପଣ୍ଡା ମୁଖ୍ୟଅତିଥି ଭାବେ ଯୋଗ ଦେଇଥିବା ବେଳେ ସମ୍ମାନିତ ଅତିଥି ଭାବେ ପୂର୍ବତନ ଅଧ୍ୟକ୍ଷ ତଥା ରାଜନୀତି ବିଜ୍ଞାନ ପ୍ରଫେସର ଅଖିଳ କୁମାର ହୋତା, ଇତିହାସ ବିଭାଗର ଅଧ୍ୟାପକ ଅଶୋକ କୁମାର ମିଶ୍ର, ଅଧ୍ୟାପକ ରାକେଶ କୁମାର ବରାଡ ପ୍ରମୁଖ ମଞ୍ଚାସୀନ ଥିଲେ। ମହାବିଦ୍ୟାଳୟରେ ଥିବା ୟୁଥ୍ ରେଡକ୍ରସ ୟୁନିଟର ପ୍ରଶଂସନୀୟ କାର୍ଯ୍ୟ ସମ୍ପର୍କରେ ମହାବିଦ୍ୟାଳୟର ଅଧ୍ୟକ୍ଷ ମତ ଦେଇଥିଲେ। ବିଶ୍ୱ ପ୍ରାଥମିକ ଚିକିତ୍ସା ଦିବସ ପାଳନର ଉଦ୍ଦେଶ୍ୟ ସମ୍ପର୍କରେ ଅତିଥି ମାନେ ମତବ୍ୟକ୍ତ କରିଥିଲେ। ମହାବିଦ୍ୟାଳୟର ୧୦୦ରୁ ଅଧିକ ଛାତ୍ରଛାତ୍ରୀଙ୍କୁ ନେଇ ଗଣିଆ ବଜାର, ଗ୍ରାମ ପରିକ୍ରମା କରାଯାଇ ସଚେତନତା ବାର୍ତ୍ତା ପ୍ରଦାନ କରାଯାଇଥିଲା।

# ସାର ନେବାକୁ ଚାଷୀଙ୍କ ମଧ୍ୟରେ ଟଣାଓଟରା

ଓଡ଼ଗାଁ,୧୩।୯ (ସମିସ): ନୟାଗଡ଼ ଜିଲ୍ଲା ଓଡ଼ଗାଁ ବ୍ଲକ ଏବଂ ଏନ୍ଏସି ଅଞ୍ଚଳରେ ସାର ଅଭାବ ପାଇଁ ଚାଷୀମାନେ ଚିନ୍ତାରେ ପଡ଼ି ଯାଇଥିବା ବେଳେ ଏହି ବ୍ଲକରେ ୨ରୁ ୩ ଗୋଟି ସମିତିକୁ ଛାଡ଼ି ଦେଲେ ଅନ୍ୟ କୌଣସି କୃଷି ସେବା ସମବାୟ ସମିତିକୁ ଆଦୌ ସାର ମିଳିନଥିବା ସେମାନଙ୍କ ଚିନ୍ତାକୁ ଦୁଇଗୁଣିତ କରିଦେଇଛି। ଅନ୍ୟପକ୍ଷରେ ଯେଉଁ ସମିତିକୁ ସାର ମିଳିଛି ହଜାରେ ବସ୍ତା ଆବଶ୍ୟକତା କ୍ଷେତ୍ରରେ ମାତ୍ର ୨ ଶହ ବସ୍ତା ସାର ଯୋଗାଣ ହୋଇଛି। ଫଳରେ ସାର ନେବାପାଇଁ ୨ ଶହ ଜାଗାରେ ୪ ଶହ ଚାଷୀ ପହଞ୍ଚିବାରୁ କୋମଣ୍ଡ ସମବାୟ ସମିତିର ସାର ବିକ୍ରୟ କେନ୍ଦ୍ରଠାରେ ଚାଷୀ ମାନଙ୍କ ମଧ୍ୟରେ ସାମାନ୍ୟ ଉତ୍ତେଜନା ପ୍ରକାଶ ପାଇଥିଲା। ସମିତି ସମ୍ପାଦକ ଓ ସଭାପତି ଚାଷୀଙ୍କୁ ବୁଝା ସୁଝା କରିବା ପରେ ପରିସ୍ଥିତି ଶାନ୍ତ ପଡ଼ିଥିଲା। ପ୍ରଚାର ପ୍ରସାରର ଅଭାବରୁ ଜୈବିକ ସାର ବ୍ୟବହାର ଏକପ୍ରକାର ଲୋପ୍ ପାଇଥିବା ବେଳେ ଚାଷୀ ଜମିକୁ କମଣି କରି ଆବଶ୍ୟକ କାମ ସାରିଲା ପରେ ପ୍ରାୟ ୧ ମାସ ହେଲା ରସାୟନିକ ସାରର ଅପେକ୍ଷାରେ ଅନାଇ ବସିଛି। ଜମିରେ ସାର ପ୍ରୟୋଗ କଲେ ଧାନଗଛ ହୃଷ୍ଟ ପୁଷ୍ଟ ହୋଇ ଭଲ ଥୋଡ ଧରିବ। ଫଳରେ ଚାଷୀ ଅଧିକ ଅମଳ ପାଇପାରିବ। କିନ୍ତୁ ସାର ପ୍ରୟୋଗରେ ବହୁ ବିଳମ୍ବ କାରଣରୁ ଅମଳରେ ବାଧା ପହଞ୍ଚିବା ନିଶ୍ଚିତ। ଏଥିପ୍ରତି ସରକାରଙ୍କ ଉଦାସୀନତା ମନୋଭାବ ଚାଷିମାନଙ୍କୁ ବ୍ୟଥିତ କରିଛି।

# ବରଗଡ଼ରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



**ବରଗଡ଼, ୧୩।୯(ସମିସ):** ରାଷ୍ଟ୍ରୀୟ ଆଇନ ସେବା ପ୍ରାଧିକରଣ, ନୂଆଦିଲ୍ଲୀ ଏବଂ ଓଡ଼ିଶା ରାଜ୍ୟ ଆଇନ ସେବା ପ୍ରାଧିକରଣ, କଟକଙ୍କ ନିର୍ଦ୍ଦେଶ କ୍ରମେ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣ ଆନୁକୂଲ୍ୟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ସେପ୍ଟେମ୍ବର ୧୩ ତାରିଖରେ ସିଭିଲ କୋର୍ଟ ପରିସରରେ ଅନୁଷ୍ଠିତ ହୋଇଛି। ଜିଲ୍ଲା ଓ ଦୌରାଜଜ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣ ଭାରପ୍ରାପ୍ତ ଅଧ୍ୟକ୍ଷ ରାଜାରଞ୍ଜନ ପାଢ଼ୀଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଲୋକ ଅଦାଲତରେ ସମସ୍ତ ପ୍ରକାରର ବିଚାରାଧିନ ମକଦ୍ଦମା ଯଥା ଦେୱାନୀ ଓ ଫୌଜଦାରି (ସାଲିସ ଯୋଗ୍ୟ), ମୋଟର ଦୁର୍ଘଟଣା ଜନିତ କ୍ଷତିପୂରଣ, ବ୍ୟାଙ୍କ ଋଣ, ବିଦ୍ୟୁତ ଓ ଜଳଯୋଗାଣ, ପାରିବାରିକ ସମସ୍ୟା, ଜମି ଅଧିଗ୍ରହଣ, ଶ୍ରମ ବିବାଦ, ଚେକ୍ ବାଉନ୍ସ ମାମଲା ଆପୋସ ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ୪, ୫୨୭ ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୧୨, ୧୧୧ ଟି ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ପାଇଁ ବିଭିନ୍ନ ଅଦାଲତ, ବ୍ୟାଙ୍କ, ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପ୍ରମୁଖଙ୍କ ତରଫରୁ ବିଚାରକୁ ନିଆଯାଇଥିଲା। ମକଦ୍ଦମା ମାନଙ୍କ ମଧ୍ୟରୁ ୧୭୭ ଟି ପ୍ରାକ୍ ମୋକଦ୍ଦମା ମାମଲା ଏବଂ ୯, ୧୧୪ ଟି ବିଚାରାଧିନ ମୋକଦ୍ଦମା ମାମଲାର ବିଚାର ହୋଇ ପ୍ରାକ୍ ମାମଲା ବାବଦକୁ ୫୨, ୩୮, ୯୪୮ ଟଙ୍କା ଏବଂ ବିଚାରାଧିନ ମାମଲା ବାବଦକୁ ୧, ୧୨, ୬୩, ୬୭୮ ଟଙ୍କା ଆଦାୟ ହୋଇଥିଲା। ଲୋକ ଅଦାଲତ ବରଗଡ଼ ଜିଲ୍ଲା ଆଇନ ସେବା ପ୍ରାଧିକରଣର ଭାରପ୍ରାପ୍ତ ଅଧ୍ୟକ୍ଷ ରାଜାରଞ୍ଜନ ପାଢ଼ୀଙ୍କ ଏବଂ ସଚିବ ବିଭୂତି ଭୂଷଣ ନାୟକଙ୍କ ପରିଚାଳନାରେ ଅନୁଷ୍ଠିତ ହୋଇଥିଲା। ପାରିବାରିକ ଅଦାଲତର ବିଚାରପତି ମାନସରଞ୍ଜନ ରଥ, ଅତିରିକ୍ତ ଜିଲ୍ଲା ବିଚାରପତି ପ୍ରିୟରଞ୍ଜନ ବାରିକ, ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପୁନମ ଜେନା, ବରିଷ୍ଠ ଦେୱାନୀ ବିଚାରପତି ସୁଚରିତା ମହାନ୍ତି, ବରିଷ୍ଠ ଦେୱାନୀ ବିଚାରପତି (ମହିଳା ଅଦାଲତ) ପ୍ରଜ୍ଞା ପୁଷ୍ପପ୍ରଭା, ବରିଷ୍ଠ ଦେୱାନୀ ବିଚାରପତି ବର୍ଷା ଶର୍ମା, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀଷ୍ଟି ସାମନ୍ତ, ଦେୱାନୀ ବିଚାରପତି ସଂଗ୍ରାମ ମିଶ୍ର, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଚନ୍ଦନ ବେହେରା, ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ପ୍ରଥମ ଶ୍ରେଣୀ ଶୁଶ୍ରୀ ଋତୁପର୍ଣ୍ଣା ଦାସ ବିଭିନ୍ନ ଅଦାଲତ ଗୁଡ଼ିକ ପରିଚାଳନା କରିଥିଲେ। ପ୍ରାଧିକରଣ ଅନ୍ତର୍ଭୁକ୍ତ ଆଇନଜୀବୀ, ଜିଲ୍ଲା ଓକିଲ ସଂଘର ବରିଷ୍ଠ ଆଇନଜୀବୀ ଓ ଯୁବ ଆଇନଜୀବୀ, ପୁଲିସ ଅଧିକାରୀମାନେ, ଆଇନସେବା ପ୍ରାଧିକରଣ ଓ ସିଭିଲ କୋର୍ଟର କର୍ମଚାରୀମାନେ ଉପରୋକ୍ତ ଲୋକ ଅଦାଲତ ପରିଚାଳନାରେ ପ୍ରମୁଖ ସହଯୋଗ କରିଥିଲେ।

■ ବୀର ସୁରେନ୍ଦ୍ର ସାଏ ବୈଷୟିକ ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ

# ଆପଣଙ୍କ ପାଖେ ଭାରତର ଭାଗ୍ୟ ବଦଳାଇବା କ୍ଷମତା ରହିଛି : ରାଜ୍ୟପାଳ






**ସମ୍ବଲପୁର, ୧୩।୯(ସମିସ)**

ଗାଁ ପାଇଁ ଜଳବାୟୁ ସମସ୍ୟାର ସମାଧାନଠାରୁ ଆରମ୍ଭ କରି ସ୍ୱାସ୍ଥ୍ୟସେବାରେ ଆର୍ଟିଫିସିଆଲ ଇଣ୍ଟେଲିଜେନ୍ସର ବ୍ୟବହାର ଏବଂ ସହର ପାଇଁ ସ୍ମାର୍ଟ ଭିତ୍ତିଭୂମି ପର୍ଯ୍ୟନ୍ତ, ଆପଣମାନଙ୍କ ପାଖରେ ଭାରତର ଭାଗ୍ୟ ବଦଳାଇବାର ଶକ୍ତି ରହିଛି। ୭୦ ବର୍ଷରୁ ଅଧିକ ସୁଦୀର୍ଘ ଯାତ୍ରାରେ ଭିସୁଟ୍ ଦେଶରେ ପ୍ରଯୁକ୍ତିବିଦ୍ୟା କ୍ଷେତ୍ରରେ ଏକ ପ୍ରମୁଖ ଅନୁଷ୍ଠାନ ରୂପେ ସ୍ଥାନ ହାସଲ କରିଛି। ଏହି ବିଶ୍ୱବିଦ୍ୟାଳୟର ପୁରାତନ ଛାତ୍ରମାନେ ବିଭିନ୍ନ କ୍ଷେତ୍ରରେ ଦେଶ-ବିଦେଶରେ କୀର୍ତ୍ତି ଅର୍ଜନ କରୁଛନ୍ତି। ବର୍ତ୍ତମାନ ଆମେ ଏପରି ଏକ ଦୁନିଆରେ ରହୁଛୁ, ଯେଉଁଠାରେ କେବଳ ଆପଣଙ୍କର ବୁଦ୍ଧି ସବୁଠାରୁ ବଡ଼ ଶକ୍ତି ନୁହେଁ, ବରଂ ଅଖଣ୍ଡତା ହେଉଛି ତମର ଶକ୍ତି। ଆପଣଙ୍କ ନବସୃଜନ ସହାନୁଭୂତି, ସମାନତା ଏବଂ ନୈତିକତା ସର୍ବଦା ପ୍ରତିଫଳିତ କରନ୍ତୁ। ଗର୍ବର ସହ କିନ୍ତୁ ଅହଙ୍କାର ବିନା, ନିଜର ଲକ୍ଷ୍ୟ ଉପରେ ଆଧାରିତ ମହତ୍ତ୍ୱାକାଂକ୍ଷା ଏବଂ ମୂଲ୍ୟବୋଧ ଉପରେ ଆଧାରିତ ସ୍ୱପ୍ନ ସହିତ ଆଗକୁ ବଢ଼ନ୍ତୁ। ବୀର ସୁରେନ୍ଦ୍ରସାଏ ବୈଷୟିକ ବିଶ୍ୱବିଦ୍ୟାଳୟ (ଭିସୁଟ୍)ର ୧୬ତମ ସମାବର୍ତ୍ତନ ଉତ୍ସବରେ ଯୋଗଦେଇ ରାଜ୍ୟପାଳ ତଥା କୁଳାଧିପତି ଡଃ ହରିବାବୁ କୁମ୍ଭମପାଟି ଆଜି ଛାତ୍ରଛାତ୍ରୀମାନଙ୍କୁ ଏପରି ଆହ୍ୱାନ ଦେଇଛନ୍ତି।

ସାର୍ ବିଶ୍ୱେଶରାୟ ପ୍ରେକ୍ଷାଳୟରେ ଆଜି ଅପରାହ୍ଣରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ କହିଲେ ଯେ ଦେଶ ସ୍ୱାଧୀନତାର ପରବର୍ତ୍ତୀ କାଳରେ ଓଡ଼ିଶାରେ ଯେତେବେଳେ ଜଳସେଚନ ଓ କୃଷି ବିକାଶର ନୂଆ ଧାରା ଆରମ୍ଭ ହୋଇଥିଲା, ସେତେବେଳେ ଏହି ଶିକ୍ଷାନୁଷ୍ଠାନ ପରିବର୍ତ୍ତନର ମଙ୍ଗ ଧରିଥିଲା। ଆଜି ଯେତେବେଳେ ଓଡ଼ିଶାରେ 'ନ୍ୟୁ ଏଜ୍ ଅର୍ଥନୀତି'ର ଧାରା ଆରମ୍ଭ ହୋଇଛି, ଭିସୁଟ୍ ତାହାର ନେତୃତ୍ୱ ନେବ। ଭିସୁଟ୍କୁ ଭବିଷ୍ୟତ ଆଧାରିତ ବୈଷୟିକ ବିଶ୍ୱବିଦ୍ୟାଳୟରେ ପରିଣତ କରିବା ପାଇଁ ସମସ୍ତଙ୍କୁ ଦାୟିତ୍ୱ ନେବାକୁ ଶ୍ରୀ ପ୍ରଧାନ ଆହ୍ୱାନ ଦେଇଛନ୍ତି।

> ଓଡ଼ିଶାରେ 'ନ୍ୟୁ ଏଜ୍ ଅର୍ଥନୀତି'ର ନେତୃତ୍ୱ ନେବ ଭିସୁଟ୍:ଧର୍ମେନ୍ଦ୍ର

ଏହି ଅବସରରେ ଶିକ୍ଷାରେ ଉତ୍କୃଷ୍ଟତା ଓ ସଫଳ ପ୍ରଦର୍ଶନ ପାଇଁ ୨୭ଜଣଙ୍କୁ ବିଶ୍ୱବିଦ୍ୟାଳୟ ସ୍ୱର୍ଣ୍ଣପଦକ, ୮ଜଣଙ୍କୁ ଡୋନର୍ସ ସ୍ୱର୍ଣ୍ଣପଦକ, ୩୦ଜଣଙ୍କୁ ସାର୍ଟିଫିକେଟ ଅଫ୍ ମେରିଟ୍ ପ୍ରଦାନ ସହ ୪ଜଣ ଶ୍ରେଷ୍ଠ ଆଲୁମିନିଙ୍କୁ ସମ୍ମାନିତ କରାଯାଇଥିଲା। ଏହାସହ ପିଏଚ୍ଡି ପାଠ୍ୟକ୍ରମରେ ୭୪ଜଣ, ଏମ୍.ଟେକ୍ରେ ୧୦୪ ଜଣ, ଏମ୍ବିଏରେ ୩୯ଜଣ, ଏମ୍ଏସ୍ସିରେ ୫୯ଜଣ, ଇଣ୍ଟିଗ୍ରେଟେଡ୍ ଏମ୍ଏସ୍ସିରେ ୪୭ଜଣ, ବି.ଟେକ୍ରେ ୮୭୬ ଜଣ, ୪ ଜଣଙ୍କୁ ବିଟେକ୍ ଓ ଏମ୍ଟେକ୍ ଦ୍ୱୈତ ଡିଗ୍ରୀ; ଏହିଭଳି ମୋଟ ୧୨୨୦ ଜଣ ଛାତ୍ରଛାତ୍ରୀଙ୍କୁ ଡିଗ୍ରୀ ପ୍ରଦାନ କରାଯାଇଥିଲା।

ଅପରପକ୍ଷେ, ରାଜ୍ୟପାଳ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ଦ୍ୱାରା 'ଓପନ ଏୟାର କ୍ଲାସରୁମ' ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରାଯାଇଥିଲା। ଉତ୍ସବରେ ଓଡ଼ିଆ ସମେତ ସମ୍ବଲପୁରୀ ଭାଷାରେ ପ୍ରସ୍ତୁତ ଏମ.ଟେକର 'ପ୍ରୟୋଗଶାଳା ନିର୍ଦ୍ଦେଶିକା'କୁ ଅତିଥିମାନେ ଉନ୍ମୋଚନ କରିଥିଲେ।

କାର୍ଯ୍ୟକ୍ରମରେ ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ, ରାଜ୍ୟ ଶିଳ୍ପ, ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ବିଭାଗର ରାଷ୍ଟ୍ର ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ରାଜ୍ୟ ପଞ୍ଚାୟତିରାଜ, ଗ୍ରାମ୍ୟ ଉନ୍ନୟନ ଏବଂ ପାନୀୟ ଜଳ ବିଭାଗର ମନ୍ତ୍ରୀ ରବି ନାରାୟଣ ନାଏକ, ସମ୍ବଲପୁର ବିଧାୟକ ଜୟ ନାରାୟଣ ମିଶ୍ର, ଭଟଲି ବିଧାୟକ ତଥା ପରିଚାଳନା କମିଟି ସଭ୍ୟ ଇରାଶିଷ ଆଚାର୍ଯ୍ୟ ଓ ବିଶ୍ୱବିଦ୍ୟାଳୟର କୁଳପତି ପ୍ରଫେସର ଡଃ ଦୀପକ କୁମାର ସାହୁ ପ୍ରମୁଖ ଯୋଗ ଦେଇଥିଲେ।

# ଟାଉନ ହଲ ଉଦ୍‌ଘାଟନ ପାଇଁ ସୁରଘୁଙ୍ଗୁର ପକ୍ଷରୁ ଦାବିପତ୍ର

**ରେଢାଖୋଲ, ୧୩।୯ (ସମିସ):** ରେଢ଼ାଖୋଲ ଅଗ୍ରଣୀ ସାଂସ୍କୃତିକ ଓ ସାମାଜିକ ଅନୁଷ୍ଠାନ ସୁର ଘୁଙ୍ଗୁର ତରଫରୁ ରେଢାଖୋଲ ନୂତନ ଟାଉନ୍ ହଲକୁ ନେଇ ବାରମ୍ବାର



ପ୍ରଶାସନକୁ ଜଣାଇଲେ ମଧ ନ ଶୁଣିବାରୁ ଶେଷରେ ସୁରଘୁଙ୍ଗୁର ସଭାପତି ସୁଶାନ୍ତ ନାଗଙ୍କ ନେତୃତ୍ୱରେ ସମସ୍ତ ସଦସ୍ୟ ଓ ସଚେତନ ନାଗରିକଙ୍କ ସହିତ ରେଢାଖୋଲ ଉପଜିଲ୍ଲାପାଳଙ୍କୁ ଟାଉନ୍ ହଲ୍ ଉଦ୍‌ଘାଟନ ପାଇଁ ଦାବିପତ୍ର ପ୍ରଦାନ କରାଯାଇଛି। ରାଜ୍ୟ ସରକାରଙ୍କ ତରଫରୁ କୋଟି କୋଟି ଟଙ୍କା ବ୍ୟୟରେ ଦୀର୍ଘ ବର୍ଷ ହେବ ନୂତନ ଟାଉନ ହଲର କାର୍ଯ୍ୟ ସମାପ୍ତ ହୋଇ ପାରୁନାହିଁ। ଯଦ୍?ାରା ରେଢାଖୋଲ ର କଳାକାର, ଜନସାଧାରଣ କୌଣସି ସାଂସ୍କୃତିକ କାର୍ଯ୍ୟକ୍ରମ ଆୟୋଜନ କରିବାରେ ବହୁ ଅସୁବିଧାର ସମ୍ମୁଖୀନ ପଡୁଛନ୍ତି। ଏଣୁ ଯଥାଶିଘ୍ର ନୂତନ ଟାଉନ ହଲର କାର୍ଯ୍ୟ ସମାପ୍ତ କରି ଉଦ୍‌ଘାଟନ କରିବା ସହିତ ଉପଖଣ୍ଡ ପ୍ରଶାସନ ପରିଚାଳନାର ଦାୟିତ୍ୱ ନେଇ ଆଲୋଚନା ଓ ଦାବିପତ୍ର ରେଢାଖୋଲ ଉପଜିଲ୍ଲାପାଳଙ୍କୁ ଦିଆଯାଇଥିଲା। ଦାବିପତ୍ର ଦେବା ବେଳେ ସୁରଘୁଙ୍ଗୁର୍ ଉପଦେଷ୍ଟା ଉମାକାନ୍ତ ମହାନନ୍ଦ, ରାଜା ପାଲ, ଉପସଭାପତି ରଶ୍ମିରଞ୍ଜନ ଖଡିରତ୍ନ, ନନ୍ଦୁ ମିରି, ବିକାଶ ଦାସ, ଶିବସମ୍ଭୁ ନନ୍ଦ, ଯୋଗେନ୍ଦ୍ର ମହାନ୍ତି, ସୁମନ୍ତ ସାହୁ, ଗଜାନନ ଭେଶରା, ହିମାଂଶୁ ରାଉତ ପ୍ରମୁଖ ସମେତ ଅନ୍ୟ ସଦସ୍ୟମାନେ ଉପସ୍ଥିତ ଥିଲେ।

# ଜଙ୍ଗଲି ଘୁଷୁରୀ ମାଂସ ଜବତ, ଶିକାରୀ ଗିରଫ



**ରେଢ଼ାଖୋଲ, ୧୩।୯(ସମିସ):** ସମ୍ବଲପୁର ଜିଲ୍ଲା ରେଢ଼ାଖୋଲ ବନଖଣ୍ଡ ଅନ୍ତର୍ଗତ ରେଢ଼ାଖୋଲ ସେକ୍ସନ ଅଧୀନ ବୁର୍ଡା ବିଟ୍ ଜଙ୍ଗଲରୁ ଶନିବାର ଦିନ ବନବିଭାଗ ପକ୍ଷରୁ ଚଢ଼ାଉ କରି ୫ କେଜି ଜଙ୍ଗଲି ଘୁଷୁରୀ ମାଂସ ଜବତ କରିବା ଶିକାରୀ କୁ ଗିରଫ କରିଛି। ଗିରଫ ଶିକାରୀ ଜଣଙ୍କ ହେଲେ ବୁର୍ଡ଼ା ପଞ୍ଚାୟତ ଅଧୀନ ବଡ଼ମାଳ ଗ୍ରାମର ବାସିନ୍ଦା ଜୟଦେବ ସବର(୫୯)। ସୂଚନା ଯୋଗ୍ୟ ଯେ ରେଢ଼ାଖୋଲ ବନବିଭାଗ ବନ୍ୟପ୍ରାଣୀ ଶିକାର ହୋଇଥିବା ନେଇ ଖବର ପାଇ ବଡ଼ମାଳ ଗ୍ରାମରେ ରେଢ଼ାଖୋଲ ରେଞ୍ଜ ଅଧିକାରୀ ମୈତ୍ରୀ ମଞ୍ଜରୀ ବିଶ୍ୱାଳଙ୍କ ନେତୃତ୍ୱରେ ବନ ବିଭାଗ କର୍ମଚାରୀ ସଦଳବଳେ ଚଢ଼ାଉ କରିଥିଲେ। ଚଢ଼ଉ ବେଳେ ଉକ୍ତ ଶିକାରୀ ନିକଟରୁ ୫ କେଜି ଜଙ୍ଗଲି ଘୁଷୁରୀ ମାଂସ ସହ ଏକ କୁରାଢି କିଛି ସାମଗ୍ରୀ ଜବତ କରି ତଦନ୍ତ କରୁଛି। ଗିରଫ ଶିକାରୀକୁ କୋର୍ଟ ଚାଲାଣ କରାଯାଇଥିବା ବନବିଭାଗ ପକ୍ଷରୁ ସୂଚନା ମିଳିଛି।

## ପୂଜା ତୋରଣ ଓ କାମ ପାଇଁ ସଙ୍କୁଚିତ ରାସ୍ତା

# ପାର୍ବଣରେ ପଦ୍ମପୁରରେ ବିଗିଡ଼ିବ ଟ୍ରାଫିକ୍ ବ୍ୟବସ୍ଥା

**ପଦ୍ମପୁର, ୧୩।୯ (ସମିସ):** ପଦ୍ମପୁର ସହରରେ ରାସ୍ତା ବିପର୍ଯ୍ୟସ୍ତ ହୋଇ ପଡ଼ିଛି। ସବୁ ଆଡ଼େ ରାସ୍ତା ଖୋଳି ଦିଆ ଯାଇଛି। ଏଯାଏଁ କାମ ସମ୍ପୂର୍ଣ୍ଣ ହୋଇନାହିଁ, ସେପଟେ ଡ୍ରେନ ନିର୍ମାଣର ମଧ ସମାନ ଅବସ୍ଥା। ସବୁ ରାସ୍ତାରେ ଟ୍ରାଫିକ ଜାମ୍ ହେଉଛି। ଜବରଦଖଲ ଉଚ୍ଛେଦ ହୋଇଥିଲେ ମଧ ପାର୍କିଂ ଓ ଉଠା ଦୋକାନୀଙ୍କ ଯୋଗୁଁ ରାସ୍ତା ସଙ୍କୁଚିତ ହୋଇପଡୁଛି। ବିଭିନ୍ନ ଛକ ବିଶେଷ କରି ଭେଉଁରିଆ ଛକର ତୋରଣ ପାଇଁ ଯାତାୟତ ବାଧାପ୍ରାପ୍ତ ହେବା ଆଶଙ୍କା ସୃଷ୍ଟି ହୋଇଛି। ପଶ୍ଚିମ ଓଡ଼ିଶାର ସଂସ୍କୃତି ଓ ପରମ୍ପରା ଅନୁଯାୟୀ ଭାଇ ଜିଉଁତା ପାଇଁ ଝିଅ ମାନେ ବାପ ଘରକୁ ଆସିଥାନ୍ତି। ଘରେ ଘରେ କୁଣିଆଁ ମୈତ୍ରଙ୍କ ଗହଳି ଲାଗିବା ସହିତ ସପ୍ତମୀରୁ ପରିବାର, ବନ୍ଧୁବର୍ଗ ବାହାରି ପୂଜା ମଣ୍ଡପ ଦର୍ଶନ ସହିତ ଦୋକାନ ବଜାରରେ ଭିଡ ଜମାନ୍ତି। ଏଣୁ ସବୁ ବର୍ଷ ପରି ଏଥର ମଧ ରାସ୍ତାରେ ହଜାର ହଜାର ଲୋକ ଗାଡି ମୋଟର ଚଳାଚଳ ହେବ। ପୂର୍ବାପେକ୍ଷା ପଦ୍ମପୁର ସହରରେ ଦୁଇ ଚକିଆ ଚାରି ଚକିଆ ଯାନ ଅନେକ ବୃଦ୍ଧି ପାଇଥିବା ବେଳେ ପୁଲିସ ପକ୍ଷରୁ ଟ୍ରାଫିକ ପରିଚାଳନା ବ୍ୟବସ୍ଥାର ଅସଙ୍ଗତି ଦେଖାଦେଇଛି। ସେହିପରି ପଦ୍ମପୁର ମୁଖ୍ୟ ରାସ୍ତାରେ ଜବରଦଖଲ ଉଚ୍ଛେଦ ପରେ ପିଚୁ କାମ ଆରମ୍ଭ ହୋଇନାହିଁ। ଯଦ୍ୱାରା ସାମାନ୍ୟ ବର୍ଷାରେ ଭେଉଁରିଆ ଛକରୁ ରଜାପଡ଼ା ପର୍ଯ୍ୟନ୍ତ ରାସ୍ତା କାଦୁଅ ହୋଇପଡୁଛି। ଏହାଦ୍ୱାରା ଗହଳି ସମୟରେ ଛୋଟ ମୋଟ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ। ସେହିପରି ପଦ୍ମପୁର ପୁରୁଣା ବସ୍ତି ରାସ୍ତା ଓ ବିଭିନ୍ନ ପଡ଼ାର ରାସ୍ତା ବିପର୍ଯ୍ୟସ୍ତ ହୋଇପଡ଼ିଛି। ପ୍ରଶାସନ ପକ୍ଷରୁ ଏ ସମ୍ପର୍କରେ ପଦକ୍ଷେପ ଗ୍ରହଣ କରିବା ପାଇଁ ମତ ପ୍ରକାଶ ପାଇଛି।

# ଅମ୍ବାଭୋନାରେ ବିନା ଅନୁମତିରେ ଅପେରା ପ୍ରଚାର

**ଅମ୍ବାଭୋନା, ୧୩।୯(ସମିସ):** ଓଡ଼ିଶା ସୀମାନ୍ତ ବରଗଡ଼ ଜିଲ୍ଲା ଅମ୍ବାଭୋନା ବ୍ଲକ ଅଞ୍ଚଳର ଭୁକ୍ତା, ପ୍ରକାଶପୁର, ଚିଖିଲି, ଗଣ୍ଡିଆପାଲି, ସାଲେହପାଲି, ଭୈନାଟୁରା, ରୁଚିଦା ଆଦି ଗାଁ ମାନଙ୍କରେ ବିନା ଅନୁମତିରେ ଡାକବାଜି ଯନ୍ତ୍ର ସାହାଯ୍ୟରେ ସ୍କୁଲ ସମୟରେ ଜୋରସୋର ପ୍ରଚାର କରାଯାଉଛି। ବରଗଡ଼ ଜିଲ୍ଲାରେ ଅପେରାକୁ ଅନୁମତି ନ ଥିବା ବେଳେ ଦଲାଲ ମାନଙ୍କ ସାହାଯ୍ୟରେ ଓଡ଼ିଶା ସୀମାନ୍ତବର୍ତ୍ତୀ ଅଞ୍ଚଳରୁ ଖୁବ ନିକଟ ଗାଁ ମାନଙ୍କରେ ଯଥା ଝାରସୁଗୁଡା ଓ ବରଗଡ଼ର ସୀମାନ୍ତ ଦେହେରୀ ଡ଼ିପାରେ ଯାତ୍ରା ପାର୍ଟି ପକା ଯାଇଛି। ପାଞ୍ଚ ଶହ, ତିନି ଶହ, ଦୁଇଶହ ଟଙ୍କା ଟିକେଟ ରଖି ସାଧାରଣ ଜନତାଙ୍କ ଠାରୁ ଶୋଷଣ କରାଯାଉଛି। ଅନୁମତି ନ ଥିଲେ ମଧ ଡାକବାଜି ଯନ୍ତ୍ରରେ ବାରମ୍ବାର ପ୍ରଚାର ଦ୍ୱାରା ଶବ୍ଦ ପ୍ରଦୂଷଣର ଶିକାର ହେଉଥିବା ବୁଦ୍ଧିଜୀବୀ ମହଲରେ ଆଲୋଚନା ହେଉଛି। ଗାଁ ଗାଁରେ ଉଚ୍ଚ ସାଉଣ୍ଡରେ ପ୍ରଚାର ହେବା ଦ୍ୱାରା ସ୍କୁଲ କଲେଜରେ ପାଠ ପଢ଼ାର ବ୍ୟାଘାତ ସୃଷ୍ଟି ହେଉଛି। ପୂଜା ପାର୍ବଣରେ ସାଉଣ୍ଡ ପାଇଁ ଅନୁମତି ମାଗିବା ପାଇଁ ଆବେଦନ କରିବାର ବ୍ୟବସ୍ଥା ଥିବା ବେଳେ ବିନା ଅନୁମତିରେ ଅପେରା ପ୍ରଚାର କରାଯାଉଛି। କାହା ଛତ୍ରଛାୟାରେ ବିନା ଅନୁମତିରେ ଦଲାଲ ମାନେ ଅପେରା ପ୍ରଚାର କରୁଛନ୍ତି ଏହାକୁ ନେଇ ବୁଦ୍ଧିଜୀବୀ ମହଲରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଜିଲ୍ଲା ପ୍ରଶାସନ ତଦନ୍ତ ପୂର୍ବକ ଦୋଷୀଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଦାବି ହେଉଛି। ଏ ନେଇ ଅମ୍ବାଭୋନା ପୁଲିସକୁ ପଚାରିବାରୁ ପ୍ରଚାର ପାଇଁ କୌଣସି ଅନୁମତି ନ ଥିବା ସୂଚନା ମିଳିଥିଲା।

# ଅରବିନ୍ଦ ପଟେଲଙ୍କ ପରଲୋକ

**ପଦ୍ମପୁର, ୧୩।୯(ସମିସ):** ପଦ୍ମପୁର ଉପଖଣ୍ଡ ଝାରବନ୍ଧ ବ୍ଲକ ଜଗଦଲପୁର ଚନ୍ଦ୍ର ଶେଖର ହାଇସ୍କୁଲର ଅବସରପ୍ରାପ୍ତ ବିଜ୍ଞାନ ଶିକ୍ଷକ କୃଷ୍ଣଚନ୍ଦ୍ର ପଟେଲଙ୍କ



ଜ୍ୟେଷ୍ଠ ପୁତ୍ର ତଥା ଶିକ୍ଷକ ଅରବିନ୍ଦ ପଟେଲ (୨୯) ଙ୍କ ଭୁବନେଶ୍ୱର ମଣିପାଲ ହସ୍ପିଟାଲରେ ଚିକିତ୍ସାଧୀନ ଅବସ୍ଥାରେ ପରଲୋକ ଘଟିଛି। ତାଙ୍କ ପାର୍ଥିବ ଶରୀର ଜନ୍ମମାଟି ଜଗଦଲପୁରକୁ ଅଣାଯାଇ ଅନ୍ତିମ ସଂସ୍କାର କରାଯାଇଛି। ଏକ ଘରୋଇ ବିଦ୍ୟାଳୟରେ ଶିକ୍ଷକତା କରୁଥିବା ସମୟରେ ହଠାତ୍ ସେ ଅସୁସ୍ଥ ହୋଇପଡ଼ିଥିଲେ। ତାଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ବହୁ ମାନ୍ୟଗଣ୍ୟ ବ୍ୟକ୍ତି ବନ୍ଧୁବାନ୍ଧବ ପହଞ୍ଚି ଶେଷ ଦର୍ଶନ କରିଥିଲେ।

# ବୁଢ଼ାରଜା ହାଇସ୍କୁଲରେ ବିଶ୍ୱ ପ୍ରାଥମିକ ଉପଚାର ଦିବସ

**ସମ୍ବଲପୁର, ୧୩।୯ (ସମିସ) :** ବୁଢ଼ାରଜା ସରକାରୀ ଉଚ୍ଚ ବିଦ୍ୟାଳୟରେ ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳି ସାହୁଙ୍କ ଅଧ୍ୟକ୍ଷତାରେ ଆଜି 'ବିଶ୍ୱ ପ୍ରାଥମିକ ଉପଚାର ଦିବସ' ପାଳିତ ହୋଇଯାଇଛି। ବିଦ୍ୟାଳୟର ଜେ.ଆର. ସି କାଉନସିଲର ପଙ୍କଜିନୀ ନାୟକ ଛାତ୍ରଛାତ୍ରୀମାନଙ୍କୁ ଏହି ଦିବସର ବିଶେଷତ୍ୱ ବିଷୟରେ ଅବଗତ କରାଇ ଦୁର୍ଘଟଣା ସମୟରେ ରକ୍ତଶ୍ରାବ, ଅସ୍ଥିଭଙ୍ଗ, ସିପିଆର, ସକ୍, ପ୍ରାକୃତିକ ବିପର୍ଯ୍ୟୟ ସମୟରେ ସୁରକ୍ଷା ପ୍ରଦାନ ଆଦି ବିଷୟରେ ଅବଗତ କରାଇଥିଲେ। ଶିଶୁ ସୁରକ୍ଷା, ମହିଳା ସୁରକ୍ଷା, ବିଦ୍ୟାଳୟର ଛାତ୍ରୀମାନଙ୍କ ସୁରକ୍ଷା ଏବଂ ଦୁର୍ଘଟଣାଗ୍ରସ୍ତ ଲୋକମାନଙ୍କର




ସୁରକ୍ଷା ନିମନ୍ତେ ବ୍ୟବହୃତ ଜରୁରୀକାଳୀନ ନମ୍ବର ବିଷୟରେ ମଧ ଅବଗତ କରାଯାଇଥିଲା। ଭାରପ୍ରାପ୍ତ ପ୍ରଧାନ ଶିକ୍ଷକ ପୁଷ୍ପାଞ୍ଜଳି ସାହୁ ପ୍ରାଥମିକ ଉପଚାର କିଭଳି ଜରୁରୀ ଓ ଏହା ସମସ୍ତେ ଅଭ୍ୟାସ କରିବା ଉଚିତ ବୋଲି କହିଥିଲେ। ଶିକ୍ଷୟିତ୍ରୀ ଅନୁବିନ୍ଦା ଦାସ ଧନ୍ୟବାଦ ଅର୍ପଣ କରିଥିଲେ। ଖେଳ ଶିକ୍ଷକ ଭୋଳାନାଥ ବିଶୋଇ, ସୁଜିତ ନାରାୟଣ ନାଏକ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

# ମହାଳୟାରେ ସାମୂହିକ ତିଳତର୍ପଣ

**ସମ୍ବଲପୁର, ୧୩।୯ (ସମିସ) :** ପ୍ରତିବର୍ଷ ଭଳି ଚଳିତ ବର୍ଷ ମଧ ସମ୍ବଲପୁର ଜିଲ୍ଲା ବ୍ରାହ୍ମଣ ସମାଜ ପକ୍ଷରୁ ସାମୂହିକ ତିଳତର୍ପଣ ଆୟୋଜିତ ହେବ। ଆସନ୍ତା ୨୧ ତାରିଖ ଅମାବାସ୍ୟା ତିଥିରେ ମହାଳୟା ଶ୍ରାଦ୍ଧ ଉପଲକ୍ଷେ ସାମୂହିକ ତିଳତର୍ପଣ କରାଯିବ। ସେହିଦିନ ସକାଳ ସାଢ଼େ ୭ଟା ସମୟରେ ସମ୍ବଲପୁର ମାରୱାଡ଼ିପଡ଼ା ଘାଟ, ଭତରା ଶଙ୍କର ମଠ, ହୁମା ମଛିନ୍ଦ୍ର ଘାଟ, ଧମାର ଧର୍ମେଶ୍ୱର ଘାଟ, ବଉସରା ମହାନଦୀ ଘାଟରେ ଏକା ସାଙ୍ଗରେ ପାଳନ କରାଯିବ। ଜାତି, ଧର୍ମ, ବର୍ଣ୍ଣ ନିର୍ବିଶେଷରେ ଏହି ସାମୂହିକ ତିଳତର୍ପଣରେ ଯୋଗଦାନ କରି ନିଜର ପିତୃପୁରୁଷ ତଥା ପ୍ରିୟଜନଙ୍କୁ ତିଳତର୍ପଣ କରିବାକୁ ସମ୍ବଲପୁର ଜିଲ୍ଲା ବ୍ରାହ୍ମଣ ସମାଜର ସମ୍ପାଦକ କମଳ ପ୍ରସାଦ ମିଶ୍ର ଅନୁରୋଧ କରିଛନ୍ତି।

# ବାମରା ଟ୍ରଷ୍ଟ ଫଣ୍ଡ କଲେଜ୍‌ରେ ନୂତନ ଅଧ୍ୟକ୍ଷଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

**କୁଚିଣ୍ଡା, ୧୩।୯(ସମିସ):** ବାମରାସ୍ଥିତ ଟ୍ରଷ୍ଟ ଫଣ୍ଡ କଲେଜ୍‌ରେ ନୂତନ ଅଧ୍ୟକ୍ଷଙ୍କୁ ଶୁକ୍ରବାର ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବହୁଦିନ ଧରି କଲେଜ୍‌ର ଅଧ୍ୟକ୍ଷ ପଦ ଖାଲି ପଡ଼ିରହିଥିବାରୁ, ଏହି ସମୟସୀମାରେ କଲେଜ୍‌ର ବିଭିନ୍ନ ଅଧ୍ୟାପକମାନେ କ୍ରମାଗତ ଭାବେ ଦାୟିତ୍ୱ ତୁଲାଇ ଆସୁଥିଲେ। ସୂଚନା ଅନୁସାରେ, ବିଜେପୁର ମହାବିଦ୍ୟାଳୟର ଅର୍ଥନୀତି ବିଭାଗ ପ୍ରାଧ୍ୟାପକ ପ୍ରଶାନ୍ତ କୁମାର ସାହୁଙ୍କୁ ବାମରା ଟ୍ରଷ୍ଟ ଫଣ୍ଡ କଲେଜ୍‌ର ନୂତନ ଅଧ୍ୟକ୍ଷ ଭାବେ ଦାୟିତ୍ୱ ଦିଆଯାଇଛି। ସେହି ଦିନ ଅଧ୍ୟାପକ ଅନିତା ହୋରୀ ତାଙ୍କୁ ବିଧିବଦ୍ଧ ଭାବେ ଦାୟିତ୍ୱ ହସ୍ତାନ୍ତର କରିଥିଲେ। ଅପରାହ୍ନରେ କଲେଜ୍ ପରିସରରେ ଆୟୋଜିତ କାର୍ଯ୍ୟକ୍ରମରେ ଅଧ୍ୟାପକ ଶ୍ୟାମ ସୁନ୍ଦର ସାହୁ, ରବିଶ ଶୁକ୍ଳା, ପ୍ରଭାସିନୀ ଓରାମ, ଦୀପକ ମେହେର, ପ୍ରସନ୍ନ ନାଏକ, ସୁଶାନ୍ତ ନାଏକ, ସବିତା ନାଏକ, ମହମ୍ମଦ ଅସଲମ, ଅନ୍ନପୂର୍ଣ୍ଣା ନାଏକ ସହିତ ଅନ୍ୟାନ୍ୟ କର୍ମଚାରୀମାନେ ଉପସ୍ଥିତ ଥିଲେ। ସଭାସ୍ଥଳରେ ସମସ୍ତେ ନୂତନ ଅଧ୍ୟକ୍ଷଙ୍କୁ ଅଭିନନ୍ଦନ ଓ ଶୁଭକାମନା ଜ୍ଞାପନ କରିଥିଲେ।

# ଲେଙ୍ଗୁ ମିଶ୍ରଙ୍କ ଶ୍ରାଦ୍ଧ ବାର୍ଷିକୀ

**ବରଗଡ଼, ୧୩।୯(ସମିସ):** ବାପୁଜୀ ସ୍ୱତନ୍ତ୍ର ବିଦ୍ୟାଳୟର ପ୍ରଥମ ସମ୍ପାଦକ ସ୍ୱର୍ଗତ ଲେଙ୍ଗୁ ମିଶ୍ରଙ୍କ ୩୧ ତମ ଶ୍ରାଦ୍ଧ ବାର୍ଷିକୀ ଶୁକ୍ରବାର ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନଶିକ୍ଷକ କିଶୋର ଚନ୍ଦ୍ର ସାହୁ ଏବଂ ଅଭୟ ପ୍ରଧାନ, କମିଟି ସଦସ୍ୟ ମେଘନାଦ ସାହୁ, ନନ୍ଦିଘୋଷ ମହାପାତ୍ର, ସମାଜସେବୀ ଦିବାକର ମାଝି ଓ ଶିକ୍ଷକ ଦୁଃଖୀ ସେବକ ସାହୁ ଶ୍ରଦ୍ଧା ସୁମନ ଅର୍ପଣ ପୂର୍ବକ ସ୍ୱର୍ଗତ ମିଶ୍ରଙ୍କ ସ୍ମୃତିଚାରଣ କରିଥିଲେ। ସ୍ୱର୍ଗତ ମିଶ୍ର ୧୯୯୧ ରୁ ୧୯୯୩ରେ ତାଙ୍କ ଦେହାନ୍ତ ପର୍ଯ୍ୟନ୍ତ ବିଦ୍ୟାଳୟର ସମ୍ପାଦନା ଦାୟିତ୍ୱ ନିର୍ବାହ କରିଥିଲେ।

## ସମାବର୍ତ୍ତନ ମଞ୍ଚରେ ବିଧାୟକ ହକି ଷ୍ଟାଡିୟମ୍ କଥା କହିବା ଅତ୍ୟନ୍ତ ହାସ୍ୟାସ୍ପଦ: ରୋହିତ

# ନୂତନ ସରକାରଙ୍କ ଆନ୍ତରିକତା ଥିଲେ ଷ୍ଟାଡିୟମ୍ ତିଆରି ହୋଇଥାନ୍ତା

**ସମ୍ବଲପୁର, ୧୩।୯(ସମିସ)**

ଶନିବାର ଭିସୁଟ୍‌ର ସମାବର୍ତ୍ତନ ଉତ୍ସବ କାର୍ଯ୍ୟକ୍ରମରେ ଯୋଗଦେଇଥିବା ରାଜ୍ୟପାଳ ଏବଂ ସରକାରଙ୍କ ମନ୍ତ୍ରୀମାନଙ୍କ ଉପସ୍ଥିତିରେ ସମ୍ବଲପୁର ବିଧାୟକ ବିଶ୍ୱବିଦ୍ୟାଳୟରେ ଏକ ମିନି ହକି ଷ୍ଟାଡିୟମ ନିର୍ମାଣ କଥା କହିଛନ୍ତି। ଯାହାକୁ ନେଇ ପୂର୍ବତନ ମନ୍ତ୍ରୀ ତଥା ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀ 'ଏହା ମନେ ପଡ଼ିବା ଅତ୍ୟନ୍ତ ହାସ୍ୟାସ୍ପଦ' ବୋଲି କହିଛନ୍ତି। ସେ କହିଛନ୍ତି ଯେ ଯଦି ପ୍ରକୃତରେ ବିଧାୟକ ତଥା ସରକାରଙ୍କ ଆନ୍ତରିକତା ଥା'ଆନ୍ତା, ଠିକ୍ ସମୟରେ ଯଦି ବିଧାୟକ ଏହି ପ୍ରକଳ୍ପର ସରକାରୀସ୍ତରରେ ଫେଲୋ ଅପ୍ ନେଇଥାନ୍ତେ ତେବେ ଆଜି ହକି ଷ୍ଟାଡିୟମ ନିର୍ମାଣ ପାଇଁ ବର୍ତ୍ତମାନ ନୂଆ ସରକାର ଆସିବାର ଦେଢ଼ ବର୍ଷ ହେବାକୁ ଗଲାଣି ଏପର୍ଯ୍ୟନ୍ତ ଷ୍ଟାଡିୟମର ନିର୍ମାଣ କାର୍ଯ୍ୟ ଅଧାରୁ ଅଧିକ ସମ୍ପୂର୍ଣ୍ଣ ହୋଇସାରିଥାନ୍ତା। ବିଗତ ସରକାର ସମୟରେ ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକ ସମ୍ବଲପୁରର ବିଭିନ୍ନ ପ୍ରତିଷ୍ଠିତ ଶିକ୍ଷାନୁଷ୍ଠାନ ଗୁଡିକ ପ୍ରତି ଯତ୍ନବାନ ହୋଇ ସମ୍ବଲପୁର ବିଶ୍ୱବିଦ୍ୟାଳୟ ମଧ୍ୟରେ ଏକ ଅତ୍ୟାଧୁନିକ ଅଷ୍ଟ୍ରୋଟର୍ଫ୍ ଯୁକ୍ତ ହକି ଷ୍ଟାଡିୟମ ନିର୍ମାଣ କରିବା ପାଇଁ ତଥା ବିଶ୍ୱବିଦ୍ୟାଳୟର ସ୍ପୋର୍ଟସ କମ୍ପ୍ଲେକ୍ସ, ଶୀତତାପ ନିୟନ୍ତ୍ରିତ ବୁର୍ଲା ଇଣ୍ଡୋର୍ ଷ୍ଟାଡିୟମ, ଜିମନାସିମ୍, ବହୁମୁଖି ପ୍ରକୋଷ୍ଠ ସହ ସମ୍ବଲପୁର ଠାରେ ଫୁଟବଲ୍ ଏକାଡେମୀ ଏବଂ ସମ୍ବଲପୁରର ଅନ୍ୟାନ୍ୟ କ୍ରୀଡ଼ା ଭିତ୍ତିଭୂମିର ବିକାଶ ପାଇଁ ୧୨୦ କୋଟି ଟଙ୍କାର ଅନୁଦାନ ରାଶି ଘୋଷଣା କରିଥିଲେ। ଅଥଚ ବର୍ତ୍ତମାନର ସରକାର ଏବଂ ସ୍ଥାନୀୟ ବିଧାୟକ ଉପରୋକ୍ତ କ୍ରୀଡ଼ା ଭିତ୍ତିକ ଘୋଷଣାନାମାକୁ ତ୍ୱରାନ୍ୱିତ ନ କରି କେବଳ ସମାବର୍ତ୍ତନ ଉତ୍ସବର ମଞ୍ଚ ଉପରେ ବିଧାୟକ ଜୟ ନାରାୟଣ ବାବୁଙ୍କ ମନେ ପଡ଼ି କ୍ରୀଡ଼ା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜଙ୍କୁ ହକି ଷ୍ଟାଡିୟମ ବିଷୟରେ ପଚାରିବା କଥା ସମ୍ବଲପୁର ଜିଲ୍ଲାର ଛାତ୍ରଛାତ୍ରୀ, କ୍ରୀଡ଼ାପ୍ରେମୀ ଏବଂ ଜନସାଧାରଣଙ୍କୁ ଭକୁଆ ବନାଉଛି। ଉଲ୍ଲେଖଯୋଗ୍ୟ ଯେ ବର୍ତ୍ତମାନର ବିଜେପି ଶାସିତ ସରକାର ସମ୍ବଲପୁର ଜିଲ୍ଲାର ଶିକ୍ଷାନୁଷ୍ଠାନ ଗୁଡ଼ିକର ବିକାଶ ପ୍ରତି ଆଖି ବନ୍ଦ କରିଦେଇଛି କହିଲେ ଅତ୍ୟୁକ୍ତି ହେବ ନାହିଁ। କାରଣ ବର୍ତ୍ତମାନର ବିଜେପି ଶାସିତ ଡବଲ ଇଞ୍ଜିନ ସରକାର ଆସିବା ପରେ ଇଂ ପୂଜାରୀ ସରକାରଙ୍କ ନିକଟରେ ଶିକ୍ଷାର ବିକାଶ ପାଇଁ ବିଭିନ୍ନ ପ୍ରସ୍ତାବମାନ ଉପସ୍ଥାପନ କରିଥିଲେ। ଯାହା କି ବିଜେପି ଶାସିତ ସରକାର ବର୍ତ୍ତମାନର ମନ୍ତ୍ରୀ ଏବଂ ନେତୃତ୍ୱମାନେ ମଧ୍ୟ ପୂର୍ବରୁ ଦାବି କରିଆସୁଥିଲେ ଯଥା ଉଦାହରଣ ସ୍ୱରୂପ ଭିସୁଟ୍‌କୁ ଆଇ ଆଇଟି ମାନ୍ୟତା, ସମ୍ବଲପୁର ବିଶ୍ୱବିଦ୍ୟାଳୟକୁ କେନ୍ଦ୍ରୀୟ ବିଶ୍ୱବିଦ୍ୟାଳୟ ମାନ୍ୟତା ଦେବା, ଲଜପତ୍ ରାୟ ଆଇନ ମହାବିଦ୍ୟାଳୟକୁ ଜାତୀୟ ଆଇନ ବିଶ୍ୱବିଦ୍ୟାଳୟ ମାନ୍ୟତା ଏହା ସହ ଅଞ୍ଚଳର କଳକାରଖାନାରେ ସ୍ଥାନୀୟ ଶିକ୍ଷାନୁଷ୍ଠାନମାନଙ୍କର ଛାତ୍ରଛାତ୍ରୀଙ୍କୁ ନିଯୁକ୍ତିରେ ପ୍ରାଥମିକତା ଦେବା। ଉଲ୍ଲେଖ ଯୋଗ୍ୟ ଯେ ଗଙ୍ଗାଧର ମେହେର ବିଶ୍ୱବିଦ୍ୟାଳୟ ଠାରେ ଭୀମ ଭୋଇ ରିସର୍ଚ୍ଚ ଚେୟାର ପ୍ରତିଷ୍ଠା ପାଇଁ ଇଂ ପୂଜାରୀ ଉଚ୍ଚଶିକ୍ଷା ମନ୍ତ୍ରୀ ଥିବା ସମୟରେ ପାଞ୍ଚ କୋଟି ଟଙ୍କାର ଅନୁଦାନ ରାଶି ମଞ୍ଜୁର କରିଥିଲେ ଯାହା ବର୍ତ୍ତମାନ ପର୍ଯ୍ୟନ୍ତ କାର୍ଯ୍ୟକାରୀ ହୋଇପାରିନାହିଁ। ଭିସୁଟ୍‌ର ସାମଗ୍ରୀକ ଭିତ୍ତିଭୂମିର ବିକାଶ ପାଇଁ ପୂର୍ବତନ ମୁଖ୍ୟମନ୍ତ୍ରୀ ୨୦୦୦ କୋଟି ଟଙ୍କାର ଅନୁଦାନ ଘୋଷଣା କରିବା ସହ ଡିପିଆର୍ ପ୍ରଦାନ କରିଥିଲେ ଏବଂ ଏଥି ପାଇଁ ପ୍ରଥମ ଟେଣ୍ଡର ପ୍ରକ୍ରିୟା ମଧ୍ୟ ଆହ୍ୱାନ ହୋଇସାରିଥିଲା। କିନ୍ତୁ ବର୍ତ୍ତମାନର ସରକାରଙ୍କ ଉଦାସୀନତା ଯୋଗୁଁ ଏହା ଆଗକୁ କାର୍ଯ୍ୟକାରୀ ନ ହେବା ଅତ୍ୟନ୍ତ ଦୁର୍ଭାଗ୍ୟଜନକ। ଏଥି ସହିତ ଗଙ୍ଗାଧର ମେହେର ବିଶ୍ୱବଦ୍ୟାଳୟର ଦ୍ୱିତୀୟ କ୍ୟାମ୍ପସର ନିର୍ମାଣ କାର୍ଯ୍ୟ ଅଧପନ୍ତରିଆ ହୋଇ ପଡ଼ି ରହିଛି। ଏହି ସବୁ ଘଟଣା କ୍ରମରୁ ସ୍ପଷ୍ଟ ଯେ ବର୍ତ୍ତମାନର ସରକାର ସମ୍ବଲପୁର ଜିଲ୍ଲାର ଶିକ୍ଷା କ୍ଷେତ୍ରର ବିକାଶ ପାଇଁ ତତ୍ପରତା ପରିପ୍ରକାଶ କରୁନାହାନ୍ତି। ଆଗାମୀ ଦିନରେ ଛାତ୍ରଛାତ୍ରୀ ଏବଂ ସାଧାରଣ ଜନତାଙ୍କ ଠାରୁ ବିଜେପି ସରକାର ଏହାର ଶାଣିତ ଜବାବ୍ ପାଇବ ବୋଲି ଇଂ ପୂଜାରୀ ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି।

## ସମାବର୍ତ୍ତନ ମଞ୍ଚରେ ମନ୍ତ୍ରୀଙ୍କୁ ପ୍ରଶ୍ନ ପଚାରିଲେ ବିଧାୟକ

**ସମ୍ବଲପୁର, ୧୩।୯(ସମିସ):** ଶନିବାର ସମ୍ବଲପୁର ବିଶ୍ୱବିଦ୍ୟାଳୟର ସମାବର୍ତ୍ତନ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ରାଜ୍ୟପାଳ ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀଙ୍କ ସମେତ ରାଜ୍ୟ ଉଚ୍ଚଶିକ୍ଷା ତଥା କ୍ରୀଡ଼ା ମନ୍ତ୍ରୀ ଓ ସମ୍ବଲପୁର ବିଧାୟକ ମଧ ମଞ୍ଚାସୀନ ଥିଲେ। ସମ୍ବଲପୁର ବିଶ୍ୱବିଦ୍ୟାଳୟ ସାରା ଦେଶରେ ହକିରେ ବାରମ୍ବାର ଚାମ୍ପିଅନ ଆଖ୍ୟା ହାସଲ କରୁଥିବାବେଳେ ସରକାରଙ୍କ ଘୋଷଣା ପରେ ମଧ ଏଠାରେ ମିନି ଷ୍ଟାଡିୟମ ହୋଇ ପାରିନାହିଁ। ଏହାକୁ ନେଇ ସମ୍ବଲପୁର ବିଧାୟକ ଜୟନାରାୟଣ ମିଶ୍ର କ୍ରୀଡ଼ା ତଥା ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜଙ୍କୁ ପ୍ରଶ୍ନ କରିବା ଉପସ୍ଥିତ ଛାତ୍ରଛାତ୍ରୀ ଓ ବୁଦ୍ଧିଜୀବୀଙ୍କୁ ଅପ୍ରାସଙ୍ଗିକ ଲାଗିଥିଲା। କାରଣ ଉଭୟେ ଗୋଟିଏ ଦଳର ଏବଂ ବିଭିନ୍ନ ସମୟରେ ସେମାନେ ପରସ୍ପରକୁ ଭେଟୁଛନ୍ତି। ଏପରିସ୍ଥଳେ ସଭାରେ ଏହି ପ୍ରଶ୍ନ ଉପସ୍ଥାପନ କରିବା କେତେ ଯୁକ୍ତିଯୁକ୍ତ ବୋଲି ଚର୍ଚ୍ଚା ହେଉଛି।

ବିଧାୟକ ଜୟନାରାୟଣ ମିଶ୍ର କହିଲେ ମୋତେ ଦୁଇମିନିଟ୍ ସମୟ ମିଳିଛି, ଆଉ ସେହି ଦୁଇ ମିନିଟ୍ ମଧ୍ୟରେ ମୁଁ ଆମ ଉଚ୍ଚଶିକ୍ଷା ତଥା କ୍ରୀଡ଼ା ମନ୍ତ୍ରୀଙ୍କୁ ସୂଚାଇ ଦେବାକୁ ଚାହୁଁଥିଲି ଯେ ଏଠାରେ ମିନି ହକି ଷ୍ଟାଡିୟମ କରିବାର ପ୍ରତିଶ୍ରୁତି ଦେଇଥିଲେ। ପ୍ରତିଶ୍ରୁତି କେଉଁ ଶୀତଳଭଣ୍ଡାରରେ ରହିଲା ମୁଁ ଜାଣି ନାହିଁ କିନ୍ତୁ ମିନି ଷ୍ଟାଡିୟମ ଅବିଳମ୍ବରେ ହବା କଥା କାରଣ ଆମେ ଦୀର୍ଘଦିନ ଧରି ହକିରେ ଚମ୍ପିଆନ ଲାଭ କରୁଛୁ। ମିନି ଷ୍ଟାଡିୟମ ନିଜେ ସରକାରଙ୍କ ତରଫରୁ ଘୋଷଣା କରାଯାଇଥିଲା ତାହା ଅବିଳମ୍ବେ ପୂରଣ କରାଯାଉ ବୋଲି ଶ୍ରୀ ମିଶ୍ର କହିଛନ୍ତି। ବିଶ୍ୱବିଦ୍ୟାଳୟର ଆଉ ମିନି ଷ୍ଟାଡିୟମର କାମ ରାଜ୍ୟ ସରକାରଙ୍କ ତରଫରୁ ହେବାର ଥିଲା, ତାହା ମଧ କରାଯାଉ। ମନ୍ତ୍ରୀ ବିଧାୟକ ଶ୍ରୀ ମିଶ୍ରଙ୍କ କଥାର ସିଧାସଳଖ ଜବାବ ନରଖି ଉପରୋକ୍ତ କଥା ଛଳରେ ଏଡ଼ାଇ ଦେଇଗଲେ।

## ସ୍ତ୍ରୀଙ୍କ ଦଶାହ ନ ସରୁଣୁ ସ୍ୱାମୀଙ୍କ ମୃତ୍ୟୁ

# ବାପା-ମା' ଛେଉଣ୍ଡ ହେଲେ ଚାରି ଭାଇ ଭଉଣୀ

**ଜୁନାଗଡ଼, ୧୩।୯(ସମିସ):** କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଦାସୀଗାଁରେ ଏକ ଦୁଃଖଦ ଘଟଣା ଦେଖିବାକୁ ମିଳିଛି। ଏହି ଗାଁ ରେ ଏକ ପରିବାରର ଚାରି ଭାଇ ଭଉଣୀ ଦୁନିଆ ଚିହ୍ନିବା ଆଗରୁ ବାପା-ମାଆ ଛେଉଣ୍ଡ ହୋଇଗଲେ। ଦିନ ଥିଲା ହସଖୁସି ସଂସାର ଭିତରେ ବାପା-ମାଆଙ୍କ ଗହଣରେ ରହି



## ସରକାରୀ ସହାୟତା ଦାବି

ପରମ ଆନନ୍ଦ ଅନୁଭବ କରୁଥିଲେ।ହେଲେ ସେହି ଖୁସିକୁ ଦଇବ ସହିପାରିଲାନି।ଗତ ସେପ୍ଟେମ୍ବର ୯ ତାରିଖରେ ମାଆ ମଝୁରି ମାଝୀକୁ ହରାଇଲେ। ସ୍ତ୍ରୀର ମୃତ୍ୟୁ ପରେ ସ୍ୱାମୀ ମଙ୍ଗନିଆ ମାଝୀ ଭାଙ୍ଗି ପଡ଼ିଥିଲେ।ହେଲେ ସବୁ ଦୁଃଖକୁ ଛାତିରେ ଚାପି ଚାରି ଭାଇ ଭଉଣୀଙ୍କ ମୁହଁରେ ହସ ଦେଖିବାକୁ ଖୁସିର ଅଭିନୟ କରୁଥିଲେ।ହେଲେ ସ୍ତ୍ରୀର ଦଶାହ କାର୍ଯ୍ୟ ସାରିବା ପୂର୍ବରୁ ସ୍ୱାମୀର ମୃତ୍ୟୁ ହୋଇଥିଲା। ଦୁଃଖ ଉପରେ ଦୁଃଖ -ଏଭଳି ହୃଦୟ ବିଦାରକ ଘଟଣା କଳାହାଣ୍ଡି ଜିଲ୍ଲା ଜୁନାଗଡ଼ ବ୍ଲକ ଦାସୀଗାଁରେ ଦେଖିବାକୁ ମିଳିଥିଲା। ସେମାନଙ୍କ ବିୟୋଗରେ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି। ଅସହାୟ ତୁଳସୀ ମାଝୀ (୧୭) ରଞ୍ଜନ ମାଝୀ (୧୩), ସଭ୍ୟା ମାଝୀ (୯) ଏବଂ ସତ୍ୟବାନ ମାଝୀ (୭ ଦୁନିଆକୁ ଭଲ ଭାବରେ ଜାଣିବା ଆଗରୁ ବାପା-ମାଆ ଆରପାରିକୁ ଛାଡି ଚାଲିଗଲେ। ବାପା-ମାଆଙ୍କ ଦେହାନ୍ତ ପରେ ଚାରି ଭାଇ ଭଉଣୀ ଅନାଥ ଅସହାୟ ହୋଇପଡ଼ିଛନ୍ତି। ଦୁର୍ଦ୍ଦିନ ଭିତରେ ଏବେ ଚାରି ଭାଇ ଭଉଣୀ ଜୀବନ କାଟୁଥିବା ବେଳେ ସାହାରା ନିହାତି ଆବଶ୍ୟକ ହୋଇ ପଡ଼ିଛି। ସରକାରୀ ସହାୟତା କହିଲେ ପଞ୍ଚାୟତରୁ ଚାଉଳ ମିଳୁଥିବା ଜଣାପଡେ। ନା ମିଳୁଛି ଆବାସ ନା ସରକାରୀ ପ୍ରୋତ୍ସାହନ। ତୁରନ୍ତ ନିରୀହ ଚାରି ଭାଇ ଭଉଣୀ ପ୍ରତି ସରକାର ଦୃଷ୍ଟି ଦେଇ ସମସ୍ତ ସରକାରୀ ସହାୟତା ଯୋଗାଇ ଦେବାକୁ ସାଧାରଣରେ ଦାବି ହେଉଛି। ଖବର ପାଇ ଦାସୀଗାଁ ସରପଞ୍ଚ ଚାରି ଅନାଥ ଭାଇ ଭଉଣୀ ନିକଟକୁ ପହଞ୍ଚି ଆର୍ଥିକ ସହଯୋଗ କରିଛନ୍ତି।

## ଥୁଆମୂଳ ରାମପୁରରେ ଭୈରବ ଦେବଙ୍କ ଝାମୁଯାତ୍ରା ସମ୍ପନ୍ନ

# କଣ୍ଟା ଗାଦିରେ ବସିଲେ କାଳିସୀ

**ଥୁଆମୂଳରାମପୁର, ୧୩।୯(ସମିସ)**

କଳାହାଣ୍ଡି ଜିଲ୍ଲା ଥୁଆମୂଳରାମପୁରରେ ଶାନ୍ତି ଶୃଙ୍ଖଳାର ସହିତ ସମ୍ପନ୍ନ ହୋଇଯାଇଛି ପ୍ରସିଦ୍ଧ ଝାମୁଯାତ୍ରା ଉତ୍ସବ। କଳାହାଣ୍ଡିର ଗଡ଼ଜାତ ଅଞ୍ଚଳ ଥୁଆମୂଳରାମପୁରରେ ଚଳିତ ବର୍ଷ ମଧ ଝାମୁଯାତ୍ରା ସହ ଶେଷ ହୋଇଛି ଅଗ୍ନି ଭୈରବ ଦେବଙ୍କ ନବଦିନାତ୍ମକ ବାଲିଯାତ୍ରା ଉତ୍ସବ।ଭାଦ୍ରବ ମାସ ଶୁକ୍ଳ ତ୍ରୟୋଦଶୀ ତିଥିରେ ନିକଟସ୍ଥ ନଦୀର ବାଲି ଆଣାଯାଇ ଶସ୍ୟ ବିଜ ରୋପଣ କରାଯାଇଥିଲା।ଯିବା ପରେ ଗାଦିଆ ବସା ପର୍ବ ଅନୁଷ୍ଠିତ ହୋଇଥିଲା।ଶିବ ଏବଂ ଶକ୍ତି ସ୍ୱରୂପା ଅଗ୍ନି ଭୈରବ ଏବଂ ମାଁ ମାଣିକେଶ୍ୱରୀଙ୍କ କାଳିସୀ ଲାଗି ହେଲା ପରେ ନିଜର ସ୍ଥିତି ଜଣାଇବା ପାଇଁ କଣ୍ଟା ଗାଦିରେ ବସିଥାନ୍ତି। ଶୁକ୍ରବାର ପଞ୍ଚମୀ ତିଥିରେ ବିଧିବିଧାନ ପୂର୍ବକ ଭୋରରୁ କାଠଗୁଡିକୁ ଅଗ୍ନି ସଂଯୋଗ ପାଇଁ ପୂଜାର୍ଚ୍ଚନା ଆରମ୍ଭ ହୋଇଥିଲା। ଏହାପରେ ଅପରାହ୍ନରେ ଭୈରବ ଦେବଙ୍କ କାଳିସୀ ଲାଗି ହେଲାପରେ ସହର ପରିକ୍ରମା ସାରି ଗାଁ ମାଣିକେଶ୍ୱରୀଙ୍କ କାଳିସୀ ଲାଗି ହୋଇଥିଲା।ପରେ ଦୁହେଁ କଣ୍ଟା ଗାଦିଆରେ ବସି କଣ୍ଟା ଦୋଳିରେ ଝୁଲିଥିଲେ। ପରେ ଅଗ୍ନି ଭୈରବଙ୍କ କାଳିସୀ ଲାଗି ନିଆଁରେ ଚାଲିଥିଲେ। ଅଗ୍ନି ଭୈରବ ପୂଜକ ଯୁବକଲାଲ ପରିଛା ଏବଂ ମା' ମାଣିକେଶ୍ୱରୀଙ୍କ ପୂଜକ ଶରତ ପୁଝାରୀ ଉଭୟଙ୍କୁ ଭୈରବ ଦେବଙ୍କ କାଳିସି ହେଲା ପରେ ଗାଦିଆ ବସା ଏବଂ ପରେ ଅଗ୍ନି ଭୈରବଙ୍କ ସହର ପରିକ୍ରମା ସହ ଅଗ୍ନି ପରୀକ୍ଷା ପର୍ବ ଅନୁଷ୍ଠିତ ହୋଇଥିଲା।ମୁଖ୍ୟ ପୂଜକ ତାପସ ରାୟଗୁରୁ, ଗୌରଚନ୍ଦ୍ର ମୁଣ୍ଡଛିନା, ଅଶୋକ ମୁଣ୍ଡ, ଡମ୍ବରୁଧର ପୁଝାରି ପ୍ରମୁଖ ମନ୍ଦିରର କର୍ତ୍ତା ନିଜନିଜ ଦାୟିତ୍ୱ ତୁଲାଇଥିଲେ। ହଜାର ହଜାର ଶ୍ରଦ୍ଧାଳୁଙ୍କ ସମାଗମରେ ଝାମୁଯାତ୍ରା ସହ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।ସଂଧ୍ୟାରେ ସ୍ଥାନୀୟ କଳାକାରଙ୍କୁ ନେଇ ନୃତ୍ୟ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏହାପରେ ରାତ୍ର ୧୦ ଘଣ୍ଟା ସମୟରେ କଳାହାଣ୍ଡିର ଲୋକବାଦ୍ୟ ଘୁମୁରାର ପ୍ରତିଯୋଗିତା ହୋଇଥିଲା। କଳାହାଣ୍ଡିର ବିଭିନ୍ନ ଅଞ୍ଚଳରେ ପ୍ରସିଦ୍ଧି ଲାଭ କରିଥିବା ୭ଟି ଘୁମୁରା ଦଳ ଅଂଶଗ୍ରହଣ କରିଥିଲେ।



ପ୍ରତିଯୋଗିତାରେ କଦଳୀମୁଣ୍ଡାର ଘୁମୁରା ଦଳପ୍ରଥମ ହୋଇଥିବା ବେଳେ ମାନପତ୍ର ସହ ୧୬୫୦୦ଟଙ୍କା ପୁରସ୍କାର ରାଶି ପ୍ରଦାନ କରାଯାଇଛି। ସେହିପରି ଦ୍ୱିତୀୟ ସ୍ଥାନରେ ବାନେର ଘୁମୁରା ଦଳକୁ ୧୩୫୦୦ ଟଙ୍କା ଏବଂ ପ୍ରତିଯୋଗିତାରେ ତୃତୀୟ ସ୍ଥାନ ହାସଲ କରିଥିବା ଘଣ୍ଟିଗୁଡା ଦଳକୁ ୧୧୫୦୦ ଟଙ୍କା ପ୍ରଦାନ କରାଯାଇଛି। ଅଂଶଗ୍ରହଣ କରିଥିବା ଅନ୍ୟ ଦଳ ଗୁଡିକୁ ୭୦୦୦ ଟଙ୍କା ଲେଖାଏଁ ସାନ୍ତନା ମୂଳକ ପୁରସ୍କାର ପ୍ରଦାନ କରାଯାଇଛି। କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଲାଞ୍ଜିଗଡ଼ ବିଧାୟକ ତଥା ଜିଲ୍ଲା ବିଜେଡି ସଭାପତି ପ୍ରଦୀପ କୁମାର ଦିଶାରୀ ଯୋଗ ଦେଇ ମଞ୍ଚ ଉଦ୍‌ଘାଟନ କରିଥିଲେ। ପ୍ରତିଯୋଗିତାର ପୁରସ୍କାର ବିତରଣ ଉତ୍ସବରେ ବିଧାୟକ ପ୍ରତିନିଧି ମାଣିକ୍ୟ ଚନ୍ଦ୍ର ନାଏକ ଏବଂ ବିଜେପି ନେତା ବିଷ୍ଣୁ ନାଏକ କୃତୀ ଦଳମାନଙ୍କୁ ପୁରସ୍କୃତ କରିଥିଲେ।ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ବିଜୟା ମାଝୀ, ବିଜେଡି ସଭାପତି କପିଳାସ ନାଏକ, ବିଜେପିର ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ପୂର୍ବତନ ବିଧାୟକ ପ୍ରାର୍ଥୀ ତଥା ବରିଷ୍ଠ ନେତା ରମେଶ ମାଝୀ, ବରିଷ୍ଠ ବିଜେପି ନେତା ପବିତ୍ର ନାଏକ, ଏବଂ କଂଗ୍ରେସର ଲାଞ୍ଜିଗଡ଼ ନିର୍ବାଚନ ମଣ୍ଡଳୀ ସଭାପତି ଜଗାକାଳିଆ ନାଏକ, ପରମେଶ୍ୱରନାଏକ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ।କାର୍ଯ୍ୟକ୍ରମର ମଞ୍ଚ ପରିଚାଳନା କରିଥିଲେ ପ୍ରିୟବ୍ରତ ପଣ୍ଡା ଏବଂ ଶଶୀଧର ନାଏକ।ମାଁ ମାଣିକେଶ୍ୱରୀ ପୂଜା କମିଟିର ସଭାପତି ଉର୍ଦ୍ଧ୍ବ ପାତ୍ର, ଉପସଭାପତି ମୁକୁନ୍ଦ ଧଙ୍ଗଡ଼ାମାଝୀ, ସମ୍ପାଦକ ଜୀବନାନନ୍ଦ ନାଏକ(ଘେନୁ), ସହ ସମ୍ପାଦକ ହିତେଶ୍ ନାଏକ, କୋଷାଧ୍ୟକ୍ଷ ବରୁଣ ବାଗଙ୍କ ସମେତ କମିଟିର ସମସ୍ତ ସଦସ୍ୟ ଯୋଗଦାନ କରିଥିଲେ। ଶାନ୍ତି ଶୃଙ୍ଖଳା ରକ୍ଷା ପାଇଁ ସ୍ଥାନୀୟ ପୁଲିସ ପ୍ରଶାସନ ପକ୍ଷରୁ ମଧ ସୁରକ୍ଷା ବ୍ୟବସ୍ଥାକୁ କଡାକଡି କରାଯାଇଥିଲା।

## ମଣିଷ ଓ ମାଛର ନିଆରା ସମ୍ପର୍କ

# ୨୨ବର୍ଷ ଧରି ପୋଷି ରଖିଛନ୍ତି ମାଗୁର ମାଛ

**ନୂଆପଡ଼ା, ୧୩।୯(ସମିସ):** ମଣିଷ ଜୀବ ଜଗତର ଶ୍ରେଷ୍ଠ ଜୀବ। ତଥାପି ଜୀବଜଗତର ସମସ୍ତ ପ୍ରାଣୀ ସହ ସମ୍ପର୍କ ଯେ ଆବାହମାନ କାଳରୁ ରହି ଆସିଛି। ମଣିଷ ଏବଂକଥା କହି ପାରୁନଥିବା ମାଛର ଏକ ଅଦ୍ଭୁତ ପୂର୍ବ ସମ୍ପର୍କର ଉଦାହରଣ ନୂଆପଡ଼ା ଜିଲ୍ଲା ପଟପରପାଲି ଗାଁରେ ଦେଖିବାକୁ ମିଳିଥାଏ। ଜିଲ୍ଲା ସଦର ମହକୁମାଠାରୁ ୬ କିଲୋମିଟର ଦୂରବର୍ତ୍ତୀ ଗୋଡଫୁଲା ପଞ୍ଚାୟତ ଅନ୍ତର୍ଗତ ପଟପରପାଲି ଗ୍ରାମରେ ରହନ୍ତି ସରଜୁ ମହାରାଜ। ତାଙ୍କ ବାଡ଼ି କୂଅରେ ଆଜିକୁ ୨୨ ବର୍ଷରୁ ଉର୍ଦ୍ଧ୍ୱ ହେବ ରହୁଛି ମାଳତୀ ନାମ୍ନୀ ମାଛ। ଦେଶୀ ମାଗୁର ମାଛ ପ୍ରଜାତିର ପ୍ରାୟ ୪ଟି ମାଛ ରହିଛନ୍ତି। ସରଜୁଙ୍କ ଝିଅ ପୂର୍ଣ୍ଣିମା ବାପାଙ୍କୁ ଛୋଟ ବେଳେ କୂଅରେ ମାଛ ପୋଷିବାକୁ କହିଥିଲେ। ଝିଅ ପୂର୍ଣ୍ଣିମା ଓ ମାଳତୀ (ମାଛ) ଏକା ସହ ଛୋଟରୁ ବଡ଼ ହେଲେ। ଏବେ ପୂର୍ଣ୍ଣିମା ବିବାହ କରି ଅନ୍ୟତ୍ର ରହୁଛନ୍ତି କିନ୍ତୁ ମାଳତୀର ଭଲ ମନ୍ଦ ବାପା ମାଁଙ୍କୁ ପଚାରି ବୁଝିଥାନ୍ତି। ଏପରିକି ବାପ ଘରକୁ ଆସିଲେ ସାଙ୍ଗରେ ମାଳତୀ ପାଇଁ ପିଠା ପଣା ବି କରିକି ଆସନ୍ତି। ସବୁଠୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଲା ପୂର୍ଣ୍ଣିମାଙ୍କ ବିବାହ ସମୟରେ ମାଳତୀଙ୍କୁ ବି ନାକରେ ନଥ ପିନ୍ଧାଇ ରଖିଛନ୍ତି। ପ୍ରତି ଦିନ ସରଜୁ କିମ୍ବା ତାଙ୍କ ପରିବାରର ଲୋକ କୂଅ ପାଖକୁ ଯାଇ ମାଳତୀଙ୍କ ନାଁ ଧରି ଡାକିଲେ ଦୌଡ଼ି ଆସନ୍ତି। ଏହି ମାଛକୁ ଦେଖିବାକୁ ବିଭିନ୍ନ ସମୟରେ ଲୋକେ ଆସି ରୁଣ୍ଡ ହୁଅନ୍ତି। ମାଳତୀ ଆମ ପରିବାରର ସଦସ୍ୟା ମାଛ ସହ ଏକ ଆତ୍ମୀୟତାର ଡୋରି ବନ୍ଧା ହୋଇଯାଇଛି ବୋଲି ଚାଷୀ ସରଜୁ ମହାରାଜ କହନ୍ତି।



## ରାଷ୍ଟ୍ରୀୟ ଲୋକ ଅଦାଲତ

# ୬୫ ଋଣ ମାମଲାରେ ୭ ଲକ୍ଷ ୭୯ ହଜାର ଟଙ୍କା ଆଦାୟ




**କେସିଙ୍ଗା, ୧୩।୯(ସମିସ):**ତାଲୁକ ଆଇନସେବା ସମିତି କେସିଙ୍ଗା ତରଫରୁ ଅଦାଲତ ପରିସରରେ ଶନିବାର ଦିନ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇ ଯାଇଛି। ବିଚାରପତି ଦୀପ୍ତା ସେଠୀଙ୍କ ଅଧକ୍ଷତାରେ ଅନୁଷ୍ଠିତ ଉକ୍ତ ଲୋକ ଅଦାଲତରେ ୧୬ଟି ଫାଇନାଲ ରିପୋର୍ଟ କେସ ବିଚାର କରାଯାଇ ଶେଷ କରାଯାଇଥିଲା। ସେହିପରି ୬୫ ଟି ପ୍ରାକବ୍ୟାଙ୍କ ଋଣ ଅନାଦେୟ ମାମଲାରେ ମୋଟ ୭ ଲକ୍ଷ ୭୯ ହଜାର ୫୩୨ ଟଙ୍କା ଆଦାୟ କରାଯାଇଥିବା ବେଳେ ୧୪୭ଟି ରାଜସ୍ୱ ମାମଲା ସ୍ଥାନୀୟ ତହସିଲ କାର୍ଯ୍ୟାଳୟ ରେ ବିଚାର କରାଯାଇ ମୋଟ ୧ ଲକ୍ଷ ୧୩ ହଜାର ୮୫୧ ଟଙ୍କା ରାଜସ୍ୱ ଆଦାୟ କରାଯାଇଥିଲା। ଏଥିରେ ଓକିଲ ସଂଘ ସଭାପତି ଚିତ୍ତରଞ୍ଜନ ଭୋଇ, ସମ୍ପାଦକ ଯୁଗଳ କିଶୋର ଦୀପ, ବରିଷ୍ଠ ଆଇନଜୀବି ସୌମ୍ୟରଞ୍ଜନ ମିଶ୍ର, ସୌରରଶ୍ମି ନନ୍ଦ, ସନ୍ତୋଷ ଦାସ, ହରିପ୍ରସାଦ ତାଣ୍ଡି, ମନୋଜ ନାଗ ପ୍ରମୁଖ ଙ୍କ ସମେତ ସହକାରୀ ସରକାରୀ ଓକିଲ ପ୍ରକାଶ ଦାସ ଓ ଅଦାଲତର କର୍ମଚାରୀମାନେ ଉପସ୍ଥିତ ଥିଲେ।

## ବିଜେଡି ତରଫରୁ ଶ୍ରଦ୍ଧାଞ୍ଜଳି

# ନୂଆପଡ଼ା ବିଧାୟକ ସିଟକୁ ବିଜୟୀ କରି ଆଣିଲେ ଶ୍ରଦ୍ଧାଞ୍ଜଳି ହେବ

**ନୂଆପଡ଼ା, ୧୩।୯(ସମିସ):** ସ୍ଥାନୀୟ ଖରିଆରରୋଡସ୍ଥିତ ଗଣପତି ପେଲେସଠାରେ ଜିଲ୍ଲା ବିଜେଡି ତରଫରୁ ନୂଆପଡ଼ା ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ରାଜେନ୍ଦ୍ର ଢୋଲକିଆଙ୍କ ବିୟୋଗରେ ନୂଆପଡ଼ା ବିଧାନସଭାସ୍ତରୀୟ ଶ୍ରଦ୍ଧାଞ୍ଜଳି ସଭା ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ବିଜେଡି ସଭାପତି ଅବନୀ ରଞ୍ଜନ ଯୋଷୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ଖଡିଆଳ ବିଧାୟକ ଅଧିରାଜ ମୋହନ ପାଣିଗ୍ରାହୀ, ପୂର୍ବତନ ଜିଲ୍ଲା ସଭାପତି ମନୋଜ କୁମାର ମିଶ୍ର, ଜିଲ୍ଲାପରିଷଦ ଉପାଧ୍ୟକ୍ଷା ଦୀପିକା ଦୀପ, ଜିଲ୍ଲାପରିଷଦ ସଭ୍ୟା ଉମା ଠାକୁର, କୋମନା ବ୍ଲକ ଉପଧକ୍ଷା ଅନୁସୂୟା କୁମ୍ଭାର ପ୍ରମୁଖ ଯୋଗ ଦେଇଥିଲେ। ବିଶେଷ ଅତିଥି ଭାବେ ଢୋଲକିଆଙ୍କ ସୁପୁତ୍ର ଜୟ ଢୋଲକିଆଙ୍କ ସମେତ ତାଙ୍କ ପରିବାର ସଦସ୍ୟମାନେ ଯୋଗ ଦେଇଥିଲେ।ଏହି ଅବସରରେ ସ୍ୱର୍ଗତ ଢୋଲକିଆଙ୍କୁ ସମସ୍ତ ଅତିଥିଙ୍କ ସହ ନିର୍ବାଚନ ମଣ୍ଡଳୀରୁ ଯୋଗ ଦେଇଥିବା ହଜାର ହଜାର କର୍ମୀ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି



ଜଣାଇଥିଲେ। ଏହି ଅବସରରେ ଅତିଥିମାନେ ଜଣ ଜଣ କରି ନିଜର ଅନୁଭୂତିପୂର୍ଣ୍ଣ ମୁହୂର୍ତ୍ତ ବର୍ଣ୍ଣନା କରିଥିଲେ। ତାଙ୍କ ସହ ବିତାଇଥିବା ପ୍ରତିଟି କ୍ଷଣକୁ ଉପସ୍ଥାପନ କରି ଅଶ୍ରୁ ଢାଳିଥିଲେ। ଆଗକୁ ଉପନିର୍ବାଚନ ହେବା ନିଶ୍ଚିତ ହେଲାଣି। ତେଣୁକରି ବିଜେଡିକୁ ଏକ ବିଧାୟକ ପଦ ଜିତାଇଦେଲେ ତାଙ୍କୁ ଉଚିତ ଶ୍ରଦ୍ଧାଞ୍ଜଳି ହେବବୋଲି ବକ୍ତାମାନେ କହିଥିଲେ।କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ନୂଆପଡ଼ା ଏନ୍‌ଏସି ଅଧ୍ୟକ୍ଷ ମହମ୍ମଦ ଆଦମ, ଖରିଆରରୋଡ ଏନ୍‌ଏସି ଉପାଧ୍ୟକ୍ଷ ବଣ୍ଟି ଡାଗା, ନୂଆପଡ଼ା ବ୍ଲକ ଉପାଧ୍ୟକ୍ଷ ଦିଲିପ କୁମାର ନିର୍ମଳକର, ବିଜେଡି ସାଧାରଣ ସମ୍ପାଦକ ରାଜେଶ କୁମାର ନିଗମ, ଧନୀରାମ ସାହୁ, ଶେଖର ଜୈନ, କାର୍ତିକ ଦୀପ, କାଳିଆ ପ୍ରଧାନ, ରଚନା ଜୈନ, ରମାକାନ୍ତ ଠାକୁର, ରବି ବାଗ, ରାମଲାଲ ହଂସ, ରାଜୁ ଚୌହାନ, ମଳୟ ମଣ୍ଡଳ, ଶିବୁ ପାତ୍ର, ଅଜୟ ଗହୀର ପ୍ରମୁଖ ଯୋଗ ଦେଇଥିଲେ।

# ମାସେ ହେଲା ଦେପୁରଗ୍ରାମରେ ପାନୀୟ ଜଳ ଯୋଗାଣ ବନ୍ଦ

**କଲମପୁର, ୧୩।୯(ସମିସ):** କଲମପୁର ବ୍ଲକ ଦେପୁର ପଞ୍ଚାୟତ ଦେପୁରଗ୍ରାମରେ ପାଇପ୍ ପାଣି ଯୋଗାଣ ମାସେ ହେଲା ବନ୍ଦ ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। କାହିଁକି ପାନୀୟ ଜଳ ଯୋଗାଣ ମାସେ ହେବ ଠପ ହୋଇ ପଡ଼ିଛି ତାହା ବୁଝାପଡୁ ନ ଥିବା ବେଳେ ବିଭାଗ କାଦୁଅ ଫିଙ୍ଗାରେ ବ୍ୟସ୍ତ ରହୁଛି।ଗ୍ରାମ୍ୟ ଜଳ ଓ ପରିମଳ ବିଭାଗ ଯନ୍ତ୍ରୀ ପୂର୍ବରୁ ଆମ ବିଭାଗ ପରିଚାଳନା କରୁଥିଲା, ଏବେ ସରକାର ପଞ୍ଚାୟତମାନଙ୍କ ଉପରେ ଦାୟିତ୍ୱ ନ୍ୟସ୍ତ କରିଛନ୍ତି। ସେଥିପାଇଁ ସେମାନଙ୍କୁ କର୍ମଚାରୀ ଯୋଗାଇ ଦେଇଛନ୍ତି, ପଞ୍ଚାୟତ ସେମାନଙ୍କୁ ଦରମା ମଧ ଦେଉଛନ୍ତି, ଏବେ ତାହା ଆମ ହାତରେ ନାହିଁ ବୋଲି କହିଛନ୍ତି। ପଞ୍ଚାୟତ କର୍ମଚାରୀ କହୁଛନ୍ତି ଆମେ ପମ୍ପ ହାଉସ ଚଲାଇ ପାଣି ଯୋଗାଣ ପାଇଁ ଜଣକୁ ନିଯୁକ୍ତ କରିଛୁ, ସେ ଚଲାଉ ନାହିଁ, ଅନ୍ୟମାନେ କହୁଛନ୍ତି ପମ୍ପ ଚାଲକଙ୍କ ଦେହ ଅସୁସ୍ଥ ଥିବାରୁ ବନ୍ଦ ପଡ଼ିଛି ପାନୀୟ ଜଳ ଯୋଗାଣ କାର୍ଯ୍ୟ।କାରଣ ଯାହା ବି ହେଉନା କାହିଁକି ପାନୀୟ ଜଳରୁ ମାସ ମାସ ଧରି ଜନ ସାଧାରଣଙ୍କୁ ବଞ୍ଚିତ ରଖାଯାଇଛି କାହିଁକି ତାହାହିଁ ବଡପ୍ରଶ୍ନ ପାଲଟିଛି।ସମସ୍ତ ପ୍ରକାର ବ୍ୟବସ୍ଥା ରହିଥିବା ସତ୍ତ୍ୱେ ଦାୟିତ୍ୱ ହିନତାରୁ ଲୋକେ ପାନୀୟ ଜଳରୁ ବଞ୍ଚିତ ହେବା ଘଟଣାକୁ ଜନ ସାଧାରଣ ସହଜରେ ଗ୍ରହଣ କରି ପାରୁ ନାହାନ୍ତି।ଏଥିପ୍ରତି ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଗ୍ରାମବାସୀଙ୍କ ପକ୍ଷରୁ ଦାବି ହେଉଛି।

## ■ ଓଡ଼ିଶାକୁ ଅଣଦେଖା କରୁଛି ଡବଲ ଇଞ୍ଜିନ ସରକାର

# କଳାହାଣ୍ଡିରେ ସମାଜବାଦୀ ପାର୍ଟିର ଗୁରୁତ୍ୱପୂର୍ଣ୍ଣ ବୈଠକ

**ଭବାନୀପାଟଣା, ୧୩।୯ (ସମିସ):** ସମାଜବାଦୀ ପାର୍ଟି କଳାହାଣ୍ଡି ଜିଲ୍ଲାରେ ପଛୁଆ, ଦଳିତ ଓ ଆଦିବାସୀ (ପିଡିଏ) ପଞ୍ଚାୟତ ଓ କର୍ମୀ ସମ୍ମିଳନୀ ଭବାନୀପାଟଣାସ୍ଥିତ ସର୍କିଟ ହାଉସରେ ଶନିବାର ଦିନ ଅନୁଷ୍ଠିତ ହୋଇଯାଇଛି। ପ୍ରଥମେ ବାଇକ୍ ରାଲି ଆଇଟିଆଇ ଠାରୁ ସର୍କିଟ ହାଉସ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା। ଏହାପରେ ଦଳର କଳାହାଣ୍ଡି ଜିଲ୍ଲା ସଭାପତି ଜଗଦୀଶ ଯାଦବଙ୍କ ଅଧ୍ୟକ୍ଷତାରେ କର୍ମୀ ସମ୍ମିଳନୀ ଅନୁଷ୍ଠିତ ହୋଇଥିଲା। କାର୍ଯ୍ୟକ୍ରମରେ ସମାଜବାଦୀ ପାର୍ଟିର ରାଷ୍ଟ୍ରୀୟ ମୁଖପାତ୍ର ତଥା ଓଡ଼ିଶା ପ୍ରଭାରୀ ସୁନୀଲ ସିଂ ଯାଦବ ଏବଂ ଓଡ଼ିଶା ପ୍ରଦେଶ ସଭାପତି ଶିବ ହାତୀ ଯାଦବ, ସମାଜବାଦୀ ପାର୍ଟିର ରାଜ୍ୟ ଉପସଭାପତି ଦେବେନ୍ଦ୍ର କହଁର, ଓଡ଼ିଶା ପ୍ରଦେଶ ସାଧାରଣ ସମ୍ପାଦକ ପ୍ରତାପ କିଶୋର ବାରିକ, ରାଜ୍ୟ ସମ୍ପାଦକ ସୁନୀଲ କୁମାର ଧଙ୍ଗଡ଼ାମାଝୀ, ପ୍ରଦେଶ ମିଡ଼ିଆ ସେଲ୍‌ଫ ସଭାପତି ପ୍ରଦୀପ ମିଶ୍ର ଯୋଗଦେଇ ଦଳକୁ ଅଧିକ ମଜଭୁତ କରିବା ଉପରେ ଗୁରୁତ୍ୱାରୋପ କରିଥିଲେ। ଓଡ଼ିଶା ପ୍ରଭାରୀ ଶ୍ରୀ ଯାଦବ ଏହି ଅବସରରେ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ଉପରେ ଜୋର୍ ବର୍ଷିଥିଲେ।




ବିକଶିତ ଓଡ଼ିଶାର ନାରା ଦେଉଥିବା ବିଜେପି ସରକାରରେ ଓଡ଼ିଶା ସମ୍ପୂର୍ଣ୍ଣ ଅବହେଳିତ ହୋଇଛି। ବିଜେପିର କେନ୍ଦ୍ରୀୟ ନେତୃତ୍ୱ ଓଡ଼ିଶା ପ୍ରତି ପ୍ରତ୍ୟେକ କ୍ଷେତ୍ରରେ ବୈମାତୃକ ମନୋଭାବ ପୋଷଣ କରୁଛନ୍ତି। ସ୍ୱତନ୍ତ୍ର ରାଜ୍ୟ ପହ୍ୟା ଦାବି ହେଉ କି ଅନ୍ୟ ସମସ୍ତ କ୍ଷେତ୍ରରେ ଓଡ଼ିଶାକୁ ଅଣଦେଖା କରୁଛି ଭାଜପା। ଡବଲ ଇଞ୍ଜିନ ସରକାରରେ ଓଡ଼ିଶା ଅବହେଳିତ ହୋଇଛି ବୋଲି ଶ୍ରୀ ଯାଦବ କହିଛନ୍ତି। ଏହି ଅବସରରେ ବିଜେପି, ବିଜେଡ଼ି ଓ କଂଗ୍ରେସକୁ ଛାଡ଼ି ଅନେକ ଯୁବକ ସମାଜବାଦୀ ପାର୍ଟିରେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ଯୁବ ଜନ ସଭା ରାଜ୍ୟ ସାଧାରଣ ସମ୍ପାଦକ ରମାକାନ୍ତ ହାତୀ, ଅଳ୍ପସଂଖ୍ୟକ ସଭା ରାଜ୍ୟ ସଭାପତି ମହମ୍ମଦ ସହାବୁଦ୍ଦିନ, ପ୍ରବୀଣ ନାୟକଙ୍କ ସମେତ ଜିଲ୍ଲା ଉପସଭାପତି ଶୋଭାବନ ଭାଟି ଓ ଧବଳେଶ୍ୱର ମାଝୀ, କୃଷକ ମୋର୍ଚ୍ଚାର କଳାହାଣ୍ଡି ଜିଲ୍ଲା ସଭାପତି ରାଜେନ୍ଦ୍ର ଗଡ଼ତିଆ, ଭବାନୀପାଟଣା ବ୍ଲକ ସଭାପତି କିର୍ତ୍ତିଚନ୍ଦ୍ର ଗଉଡ, ତୁଳମଣି ନାଗ, ଜିଲ୍ଲାର ସମସ୍ତ କର୍ମକର୍ତ୍ତା ଏବଂ କର୍ମୀ ସାମିଲ ହୋଇଥିଲେ। ଶେଷରେ କଳାହାଣ୍ଡି ଜିଲ୍ଲା ସାଧାରଣ ସମ୍ପାଦକ ସନ୍ତୋଷ କୁମାର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

# ଇନ୍ଦ୍ରାବତୀ ମାଛକୁ ମିଳିବ ବ୍ରାଣ୍ଡ ମାନ୍ୟତା

**କେସିଙ୍ଗା, ୧୩।୯(ସମିସ)** କଳାହାଣ୍ଡି ଜିଲ୍ଲାର ପ୍ରଗତିର ପ୍ରଥମ ପାହାଚ ଜିଲ୍ଲାର ଗର୍ବ ଇନ୍ଦ୍ରାବତୀ ପ୍ରକଳ୍ପ ପାଇଁ ଆଜି କଳାହାଣ୍ଡି ଗର୍ବିତ। ଇନ୍ଦ୍ରାବତୀର ପାଣିରେ ଚାଷ କାମ ହେବା ସହିତ ବିଜୁଳି ଉତ୍ପାଦନ ମଧ ହେଉଛି।ବର୍ତ୍ତମାନ କଳାହାଣ୍ଡି ସ୍ୱଦେଶୀ ଜାଗରଣ ମଞ୍ଚ ଓ ସ୍ୱାବଲମ୍ବୀ ଭାରତ ଅଭିଯାନ ପକ୍ଷରୁ ରାଜ୍ୟ ସରକାରଙ୍କୁ ଇନ୍ଦ୍ରାବତୀ ଜଳ ପ୍ରକଳ୍ପ ରେ ଥିବା ବିଭିନ୍ନ ପ୍ରକାରର ମାଛକୁ ଇନ୍ଦ୍ରାବତୀ ମାଛର ମାନ୍ୟତା ପ୍ରଦାନ ପାଇଁ ଉକ୍ତ ସାଂଗଠାନିକ ମଞ୍ଚ ପକ୍ଷରୁ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ପ୍ରସ୍ତାବ ଦେଇ ଅନୁରୋଧ କରିଛନ୍ତି। ପ୍ରସ୍ତାବ ଶୁଣିଲା ପରେ ଓ ଅନୁଧ୍ୟାନ ପରେ ମୁଖ୍ୟମନ୍ତ୍ରୀଙ୍କୁ ପ୍ରସ୍ତାବ ଯଥାର୍ଥ ଲାଗିବା ପରେ ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟ ପକ୍ଷରୁ ଓଡ଼ିଶା ସରକାରଙ୍କ ଫିସୋରି ଭିବାଗର ନିର୍ଦ୍ଦେଶକଙ୍କୁ ପତ୍ର ଲେଖି ଉକ୍ତ ପ୍ରସ୍ତାବ ଉପରେ ବିଚାର କରି ଉପଯୁକ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ଯାହାର ପତ୍ର ସଂଖ୍ୟା ୧୩୯୧୩/ ୧୧.୯.୨୦୨୫। ସରକାରୀ ପତ୍ର ଅନୁଯାୟୀ ସରକାର ଙ୍କ ପକ୍ଷରୁ ଫିସେରି ବିଭାଗ ପକ୍ଷରୁ ଚାଲିଥିବା ବିଭିନ୍ନ ପ୍ରକାରର ପ୍ରକଳ୍ପ ମଧ୍ୟରୁ ଯେଉଁ ପ୍ରକଳ୍ପରେ ଉକ୍ତ ପ୍ରସ୍ତାବ ଯଥାର୍ଥ ବିବେଚିତ ହେବ ଉକ୍ତ ପ୍ରକଳ୍ପରେ ପ୍ରସ୍ତାବକୁ ଅନୁମୋଦନ କରି ମୁଖ୍ୟମନ୍ତ୍ରୀଙ୍କ କାର୍ଯ୍ୟାଳୟକୁ ଜଣାଇବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ପ୍ରକାଶ ଥାଉକି ଚିଲିକା ରେ ମଧ ସେମିତି ଏକ ପ୍ରକଳ୍ପରେ ଚିଙ୍ଗୁଡ଼ି ଚାଷ କରାଯାଇ ଅଞ୍ଚଳର ମତ୍ସ୍ୟଜୀବିଙ୍କ ଆର୍ଥିକ ଅନଟନ ଦୂର କରାଯାଇଥିଲା। ସେମିତି କଳାହାଣ୍ଡି ଜିଲ୍ଲାର ଇନ୍ଦ୍ରାବତୀରେ ମଧ ଏକ ପ୍ରକଳ୍ପ କଲେ ଅଞ୍ଚଳର ମତ୍ସ୍ୟଜିବୀଙ୍କୁ ରୋଜଗାର ମିଳିବା ସହିତ କଳାହାଣ୍ଡିର ମାଛ ଇନ୍ଦ୍ରାବତୀ ଫିସ ବ୍ରାଣ୍ଡ ଭାବରେ ସାରା ଭାରତ ବର୍ଷ ରେ ନାମ କମାଇବ। ମୁଖ୍ୟମନ୍ତ୍ରୀଙ୍କ ଉକ୍ତ ବିଷୟ ଉପରେ ଗୁରୁତ୍ୱାରୋପ କରିଥିବାରୁ ଅଞ୍ଚଳବାସୀଙ୍କ ସହ କେସିଙ୍ଗାର ଯୁବ ସଂଗଠକ ସୁରେଶ ରାଓ ମୁଖ୍ୟମନ୍ତ୍ରୀଙ୍କୁ ଧନ୍ୟବାଦ୍ ଜଣାଇଛନ୍ତି।

## ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ

# ୧୮୪୧ ମାମଲା ଫଇସଲା

**ଭବାନୀପାଟଣା, ୧୩।୯(ସମିସ)**

କଳାହାଣ୍ଡି ଜିଲ୍ଲାର ସମସ୍ତ ବିଚାର ବିଭାଗୀୟ ଅଦାଲତ ଗୁଡିକରେ ଚଳିତ ବର୍ଷ ୨୦୨୫ ର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଲୋକ ଅଦାଲତରେ ଜିଲ୍ଲା ଓ ଦୌରା ଜଜ୍ ତଥା ଜିଲ୍ଲା ଆଇନ ସେବା ପ୍ରାଧିକରଣ ଅଧକ୍ଷ, ଅନୁପ ରଞ୍ଜନ ପଟ୍ଟନାୟକ ଓ ସଚିବ ଜିଲ୍ଲା ଆଇନ ସେବା ପ୍ରାକରଣ ସ୍ନିଗଧା ପଣ୍ଡାଙ୍କ ପ୍ରତ୍ୟକ୍ଷ ତତ୍ୱାବଧାନରେ ଆୟୋଜିତ ବିଭିନ୍ନ ଅଦାଲତରେ ୨୦ଟି ମୋଟର ଦୁର୍ଘଟଣା ଜନିତ ମାମଲାର ଫଇସଲା କରାଯାଇ କ୍ଷତିପୂରଣ ବାବଦକୁ ୧, ୨୨, ୬୫, ୮୩୮ଟଙ୍କା ପ୍ରଦାନ କରାଯାଇଥିଲା। ସେହିପରି ୨୧ଟି ଦେବାନୀ ମକଦ୍ଦମା ଫଇସଲା କରାଯାଇଥିଲା, ବିଚାର




ଯୋଗ୍ୟ ୨୧୭ଟି ଫୌଜଦାରି ମକଦ୍ଦମା ଫଇସଲା କରାଯାଇଥିଲା। ଏନ୍‌ଆଇ ଆକ୍ଟ କେସ (ଦଫା-୧୩୮) ୧୫ ଟି ଫଇସଲା କରାଯାଇ ୩୮, ୯୫, ୧୮୧ଟଙ୍କା ଆଦାୟ କରାଯାଇଥିଲା।ବିବାହ ଜନିତ ମକଦମା ୭ଟି ଫଇସଲା କରାଜାଇଥିଲା। ରାଜସ ମକଦ୍ଦମା ୯୯୯ଟି ଫଇସଲା କରାଯାଇ ଟ.୮, ୫୦, ୭୦୭ଟଙ୍କା ଆଦାୟ କରା ଯାଇଥିଲା ଓ ୫୨୨ଟି ପ୍ରାକ ମୋକଦ୍ଦମା ସମ୍ବନ୍ଧୀୟ ମାମଲାର ଫଇସଲା କରାଯାଇ ୧, ୪୯, ୩୭, ୮୮୭ଟଙ୍କା ଆଦାୟ କରାଯାଇଥିଲା। ଲୋକ ଉପଯୋଗି ସେବା ସମ୍ବନ୍ଧୀୟ ବିବାଦ ୨୫ଟି ଫଇସଲା କରାଯାଇ ୬୪୦୦ଟଙ୍କା ଆଦାୟ କରାଯାଇଥିଲା। ୧୩ଟି ମନି ରିକୋଭରି କେଶ ଫଇସଲା କରାଯାଇ ୧୩୨୯୮୬୦ଟଙ୍କା ସମାଧାନ କରାଯାଇଥିଲା। କନ୍‌ଜୁମର ବିବାଦ ୨ଟି ମାମଲା ଫଇସଲା କରାଯାଇ ୩୧୬୩୪୧ଟଙ୍କା ସମାଧାନ କରାଯାଇଥିଲା। ଲୋକ ଅଦାଲତରେ ଭିଜଲାନ୍ସ ଜଜ୍ ବଦ୍ରି ନାରାୟଣ ନନ୍ଦ, ପରିବାର ଅଦାଲତ ଜଜ୍, ରାଜଶ୍ରୀ ମହାପାତ୍ର, ସିନିୟର ସିଭିଲ ଜଜ୍, ସୁଦିପ୍ତା ଦେହୁରି, ସିନିୟର ସିଭିଲ ଜଜ୍ ମହିଳା କୋର୍ଟ, ମନସନି ରଥ, ସଚିବ ଜିଲ୍ଲା ଆଇନ ସେବା ପ୍ରାଧୀକରଣ, କଳାହାଣ୍ଡି, ସ୍ନିଗଧା ପଣ୍ଡା, ଉପଖଣ୍ଡ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଅନୁରାଧା ଶର୍ମା, ପ୍ରଥମ ଶ୍ରେଣୀ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ଶ୍ରୀମତି ପୂଜା ପ୍ରିୟଦର୍ଶିନି ପତି ପ୍ରମୁଖ ଉପସ୍ଥିତ ରହି ନିଜ ନିଜ ଅଦାଲତ ପରିଚାଳନା କରିଥିଲେ। ଲୋକ ଅଦାଲତରେ ଅତିରିକ୍ତ ଜିଲ୍ଲା ଜଜ୍ (ଏଫଟିଏସସି) ଯଦୁମଣି ମିଶ୍ର, ପ୍ରମୁଖ ଉପସ୍ଥିତ ଥିଲେ। ବିମା କମ୍ପାନୀ ଓକିଲ ଦିବ୍ୟରଞ୍ଜନ ବହିଦାର, ପରମାନନ୍ଦ, ସୁରେସ କୁମାର ପାତ୍ର ଓ ଓକିଲ ସଂଘ ସଭାପତି ସୁଧାଂସୁ କୁମାର ନନ୍ଦ ପ୍ରମୁଖ ଉପସ୍ଥିତ ଥିଲେ।

# ଦଶପୁର ପଞ୍ଚାୟତର ଦସ୍ତାବିଜ୍ ନିରୀକ୍ଷଣ କଲେ ଉପଜିଲ୍ଲାପାଳ

**ଗୋଲାମୁଣ୍ଡା, ୧୩।୯(ସମିସ):** ଗୋଲାମୁଣ୍ଡା ବ୍ଲକ ଦଶପୁରପଞ୍ଚାୟତରେ ପଞ୍ଚାୟତସ୍ତରୀୟ ସମସ୍ତ ପ୍ରକାର ଦସ୍ତାବିଜର ନିରୀକ୍ଷଣ କରିଛନ୍ତି ଧର୍ମଗଡ଼ ଉପଜିଲ୍ଲାପାଳ



ପ୍ରେକ୍ଷା ଅଗ୍ରୱାଲ। ପଞ୍ଚାୟତରେ ରାଜ୍ୟ ସରକାର ଓ କେନ୍ଦ୍ର ସରକାରଙ୍କର ବିଭିନ୍ନ ଯୋଜନା ମାଧ୍ୟମରେ କୋଟି କୋଟି ଅର୍ଥ ଅନୁମୋଦନ ହୋଇଥାଏ ଏବଂ ଏହାକୁ ପଞ୍ଚାୟତର ସରପଞ୍ଚ, କାର୍ଯ୍ୟନିର୍ବାହୀ ଅଧିକାରୀ, ଗ୍ରାମ ରୋଜଗାର ସେବକ, ଅତିରିକ୍ତ ହିସାବ ନିରୀକ୍ଷକ ପରିଚାଳନା କରିଥାନ୍ତି, ପଞ୍ଚାୟତକୁ ପଞ୍ଚଦଶ ଅର୍ଥ କମିଶନ, ପଞ୍ଚମ ରାଜ୍ୟ ଅର୍ଥ କମିଶନ, ମନରେଗା ଯୋଜନା, ପଞ୍ଚାୟତ ପାଣ୍ଠି, ସାଧାରଣ ବଣ୍ଟନ ବ୍ୟବସ୍ଥା, ହରିଶ୍ଚନ୍ଦ୍ର ଯୋଜନା, ଭତ୍ତା ଇତ୍ୟାଦିରୁ ଅର୍ଥ ଆସିଥାଏ, ଏହି ସବୁ ଦସ୍ତାବିଜକୁ ଉପଜିଲ୍ଲାପାଳ ଧର୍ମଗଡ଼, ଜିଲ୍ଲା ପଞ୍ଚାୟତ ଅଧିକାରୀ, ଏବିଡ଼ିଓ ଗୋଲାମୁଣ୍ଡା, ପଞ୍ଚାୟତ ସମ୍ପ୍ରସାରଣ ଅଧିକାରୀ, ଅତିରିକ୍ତ କାର୍ଯ୍ୟନିର୍ବାହୀ ଅଧିକାରୀ, କନିଷ୍ଠ ଯନ୍ତ୍ରୀ ପ୍ରମୁଖ ଉପସ୍ଥିତ ଥାଇ ଟିକିନିକି ଭାବରେ ନିରୀକ୍ଷଣ କରିଥିଲେ। ସୂଚନା ମୁତାବକ ସଠିକ ଭାବରେ ଦଶପୁର ପଞ୍ଚାୟତ ସରପଞ୍ଚ ଓ ପିଇଓ ଦସ୍ତାବିଜ ଦାଖଲ କରି ପାରି ନ ଥିଲେ ବୋଲି ସୂଚନା ମିଳିଛି। ପିଇଓ ଏବଂ ସରପଞ୍ଚଙ୍କ ବିରୋଧରେ କଣ ପଦକ୍ଷେପ ନେବେ ଦେଖିବାକୁ ବାକି ରହିଲା।

# ନିହୁଆରୁ ୮ ଛେଳି ଚୋରି

**ତୁରୁମୁଙ୍ଗା, ୧୩।୯ (ସମିସ):** କେନ୍ଦୁଝର ଜିଲ୍ଲା ତୁରୁମୁଙ୍ଗା ଥାନା ନିହୁଆ ଗ୍ରାମର ହୃଷୀକେଶ ସିଂଙ୍କ ଗୁହାଳରୁ ଗତ ରାତି ଲକ୍ଷାଧିକ ଟଙ୍କାର ୮ଟି ଖାସି ଛେଳିକୁ ଦୁର୍ବୃତ୍ତମାନେ ଚୋରି କରିନେଇଛନ୍ତି। ତୁରୁମଙ୍ଗାର ମାଂସ କଟାଳି ଏମଡି ଆଲମ ଏହି ଛେଳିଗୁଡ଼ିକୁ ହୃଷୀକେଶଙ୍କ ଘରେ ରଖିଥିଲେ। ଘର ଲୋକ ଶୋଇଥିବା ସମୟରେ ବାହାର ପଟୁ ଦୁର୍ବୃତ୍ତମାନେ କବାଟର ଶିକୁଳି ଲଗାଇ ଦେଇ ଗୁହାଳ ଘର ଚାବି କାଟି ୮ଟି ଖାସି ଚୋରି କରିନେଇଛନ୍ତି। ଖାସି କଟାଳି ଏମଡି ଆଲାମ ଏନେଇ ତୁରୁମୁଙ୍ଗା ଥାନାରେ ଅଭିଯୋଗ କରିବା ପରେ ପୁଲିସ ତଦନ୍ତ ଆରମ୍ଭ କରିଛି।

# ବିଷ ଦେଇ ମାରିଦେଲେ ୩୦ କୁକୁଡ଼ା

**ବେଲବାହାଲି,୧୩।୯ (ସମିସ):** ଘସିପୁରା ଥାନା ରେକୁଟିଆ ଖଳାଟିକର ସାହିର ୪ନଂ ୱାର୍ଡରେ ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ବିଷରେ ଚାଉଳ ମିଶାଇ ୩୦ରୁ ଅଧିକ କୁକୁଡ଼ାକୁ ମାରିଦେଇଥିବା ଅଭିଯୋଗ କରି ଉଭୟ ଦମ୍ପତି ଉକ୍ତ ମୃତ କୁକୁଡାଗୁଡିକୁ ଧରି ପୁଲିସ ନିକଟରେ ଅଭିଯୋଗ କରିଛନ୍ତି। ସୁମନ ନାହକ ଓ ତାଙ୍କ ପତ୍ନୀ ଅଭିଯୋଗ କରିଛନ୍ତି ଯେ ତାଙ୍କ ପୁତୁରା ଧୂଳା ନାହକ ସହ ଗତ ୧୦ ତାରିଖରେ ତାଙ୍କର ସାମାନ୍ୟ କଥାକୁ ନେଇ ପାଟିତୁଣ୍ଡ ହୋଇଥିଲା। ଏଥିରେ ପୁତୁରା ତାର ସାଙ୍ଗଙ୍କୁ ନେଇ ସେହିଦିନ ମାରଣାସ୍ତ୍ର ଧରି ତାଙ୍କୁ ମାରିବାକୁ ଆସିଥିଲା। ସେ ଘରେ ଅନୁପସ୍ଥିତ ଥିବା ସମୟରେ ପତ୍ନୀ ରଞ୍ଜିତାଙ୍କୁ ଗାଳିଦେଇ ପଳାଇଥିଲେ। ଏହାକୁ ନେଇ ଶନିବାର ଭୋର ୪.୩୦ ସମୟରେ ପୁତୁରା ଧୂଳ, ସାଙ୍ଗ ନାଣ୍ଟୁ ନାହକ ଓ ଭିକୁ ଦଳାଇ ସହ ଆସି କୁକୁଡା ଥିବା ସ୍ଥାନ ଆଗରେ ବିଷ ମିଶା ଚାଉଳ ପକାଉଥିବା ରଞ୍ଜିତା ଦେଖିଥିଲେ। ପରେ ସମସ୍ତେ ସେଠାରୁ ସମସ୍ତେ ଦୌଡ଼ି ପଳାଇଥିଲେ। ସକାଳୁ ପ୍ରାୟ ୩୦ଟି ମରିପଡ଼ିଥିବା ଦେଖାଯାଇଥିଲା। ଏନେଇ ଦମ୍ପତି କାର୍ଯ୍ୟାନୁଷ୍ଠାନ ଦାବି କରିଛନ୍ତି।

# ମହିଳାଙ୍କୁ ଅସଦାଚରଣ ଅଭିଯୋଗ

**ବଡ଼ସାହି,୧୩।୯ (ସମିସ):** ବଡ଼ସାହି ଥାନା ଅଧୀନ କେନ୍ଦୁଡିହା ପଞ୍ଚାୟତ କୁଲିଅଣା(ବି) ଗ୍ରାମରେ ଜଣେ ମହିଳାଙ୍କୁ ଅସଦାଚରଣ କରିବା ସହିତ ଗାଳିଗୁଲଜ ଓ ଧମକ ଦିଆଯାଇଥିବା ଅଭିଯୋଗ ହୋଇଛି। ଅଭିଯୋଗକୁ ଭିତ୍ତି କରି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଜାରି ରଖିଛି। ମହିଳା ଜଣକ ହେଲେ ନନ୍ଦ ମହାକୁଡ଼ଙ୍କ ସ୍ତ୍ରୀ ବିନତୀ(୩୫)। ସେ ଗାଁ ଭାଗବତ ଟୁଙ୍ଗି ଦାୟିତ୍ୱରେ ଥାଇ ବୁଝାବୁଝି କରନ୍ତି। ସେହି ଗାଁର ପ୍ରଫୁଲ୍ଲ ସିଂ ପ୍ରତିଦିନ ରାତିରେ ଭାଗବତ ପଢିବାକୁ ଆସିଥାନ୍ତି। ଟୁଙ୍ଗୀ ବନ୍ଦ କରି ବିନତୀ ଘରକୁ ଫେରୁଥିବା ବେଳେ ପ୍ରଫୁଲ୍ଲ ତାଙ୍କୁ ଏକୁଟିଆ ପାଇ ଅସଦାଚରଣ କରେ। ସେ ଏହାର ପ୍ରତିବାଦ କରିବା ସହିତ ଗାଁରେ ବୈଠକ ଡକାଇବାରୁ ପ୍ରଫୁଲ୍ଲଙ୍କ ପୁତୁରା କାର୍ତ୍ତିକ ସିଂ ଓ ଟିକିବାବୁ ସିଂ ତାଙ୍କୁ ଗାଳିଗୁଲଜ କରିବା ସହିତ ବିଭିନ୍ନ ପ୍ରକାର ଧମକ ଦେଇଥିବାର ଅଭିଯୋଗରୁ ଜଣାଯାଇଛି।


# ବିକଶିତ ଗାଁ ବିକଶିତ ଓଡ଼ିଶା କାର୍ଯ୍ୟରେ ବିବାଦ

**ରାମଚନ୍ଦ୍ରପୁର,୧୩।୯ (ସମିସ):** ଘସିପୁରା ବ୍ଲକ ଖଲଣା ପଞ୍ଚାୟତ ଅନ୍ତର୍ଗତ ଆଗରଦା ଗ୍ରାମରେ ଏକ କୋଠାଘର ନିର୍ମାଣ ନିମନ୍ତେ କାର୍ଯ୍ୟାଦେଶ ଆସିଛି। ଏହା ରାଜ୍ୟ ସରକାରଙ୍କ ''ବିକଶିତ ଗାଁ ବିକଶିତ ଓଡ଼ିଶା' ଯୋଜନା ଅନ୍ତର୍ଭୁକ୍ତ ଅଟେ। ଏହି କାର୍ଯ୍ୟ ପାଇଁ ସୂଚନାଫଳକ ଲାଗି ସାରିଥିବା ବେଳେ ୬ ଲକ୍ଷ ଟଙ୍କାର ବ୍ୟୟ ଅଟକଳ ଥିବା ଜଣାପଡ଼ିଛି। କାର୍ଯ୍ୟ ଆରମ୍ଭ ହେବା ପୂର୍ବରୁ ଗ୍ରାମର ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ନିର୍ମାଣ ହେଉଥିବା ସ୍ଥାନକୁ ନେଇ ବିବାଦ ସୃଷ୍ଟି ହୋଇଥିଲା। ଫଳରେ ଆଜି ଘଷିପୁରା ବିଡିଓ ବିନିତା ବିଜୟିନୀ କାର୍ଯ୍ୟସ୍ଥଳକୁ ଯାଇ ଘଟଣା ସମ୍ପର୍କରେ ବୁଝିଥିଲେ। କାର୍ଯ୍ୟାଦେଶ ହୋଇଥିବା ସ୍ଥାନରେ କାର୍ଯ୍ୟଟି ହେଉ ନଥିବାରୁ କିଛି ବ୍ୟକ୍ତି ଏହାକୁ ବିରୋଧ କରୁଛନ୍ତି। ଖୁବଶୀଘ୍ର ଏହାର ସମାଧାନ ହୋଇ କାର୍ଯ୍ୟ ଆରମ୍ଭ ହେବ ବୋଲି କହିଛନ୍ତି ଘସିପୁରା ବିଡିଓ।

# ୟୁରିଆ ସାର ଅଭାବ ନେଇ ଜିଲ୍ଲାପାଳଙ୍କୁ ଅଭିଯୋଗ

**ବହଳଦା, ୧୩।୯ (ସମିସ):** ବର୍ତ୍ତମାନ ଖରିଫ ଧାନ ଫସଲରେ ୟୁରିଆ ସାରର ବହୁଳ ମାତ୍ରାରେ ଆବଶ୍ୟକତା ଥିବାବେଳେ କୃତ୍ରିମ ଅଭାବ ଏବଂ କଳାବଜାରୀ ହେଉଥିବା ନେଇ ଜିଲ୍ଲାପାଳଙ୍କ ଜନଶୁଣାଣିରେ ଅଭିଯୋଗ ହୋଇଛି। ବହଳଦା ବ୍ଲକ ଅନ୍ତର୍ଗତ ବିଞ୍ଝୁଆ ଗ୍ରାମର ଦିଲ୍ଲୀପ କୁମାର ବସା ଏବଂ ଗିରିଶ କୁମାର ମହାପାତ୍ର ରାଇରଙ୍ଗପୁରରେ ଅନୁଷ୍ଠିତ ଜନଶୁଣାଣିରେ ଜିଲ୍ଲାପାଳଙ୍କ ଦୃଷ୍ଟିଆକର୍ଷଣ କରିଥିଲେ। ଲ୍ୟାମ୍ପ୍ସ କିମ୍ବା ସରକାରୀ ମାନ୍ୟତାପ୍ରାପ୍ତ ରିଟେଲର ଦୋକାନରେ ସାର ମିଳୁ ନ ଥିବା ଅଭିଯୋଗ କରିଛନ୍ତି। ଏନେଇ ପ୍ରଶାସନ ପକ୍ଷରୁ ଯାଞ୍ଚ କରିବାକୁ ଉଭୟ ଜିଲ୍ଲାପାଳଙ୍କୁ ନିବେଦନ କରିଛନ୍ତି। ବିଞ୍ଝୁଆ ଗ୍ରାମରେ ଦୁଇଟି ସରକାରୀ ମାନ୍ୟତା ପ୍ରାପ୍ତ ଖୁଚୁରା ସାର ବିକ୍ରୟ କେନ୍ଦ୍ର ରହିଥିବା ସତ୍ତ୍ୱେ ସାର ଉପଲବ୍ଧ ହେଉନାହିଁ। ଫଳରେ ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେବା ସହିତ ଚଢା ଦରରେ କିଣିବାକୁ ବାଧ୍ୟ ହେଉଛନ୍ତି। ଅନ୍ୟପକ୍ଷେ ମୁଖ୍ୟମନ୍ତ୍ରୀ ମୋହନ ମାଝୀ ରାଜ୍ୟରେ ସାର ଅଭାବ ନାହିଁ ବୋଲି ମତ ଦେଇଛନ୍ତି। ଏପଟେ ବ୍ଲକ କୃଷି ଅଧିକାରୀ କିମ୍ବା ଜିଲ୍ଲା କୃଷି ଅଧିକାରୀ କୃଷକମାନେ ଠିକ୍ ଭାବେ ଉର୍ବରକ ସାର ପାଇ ପାରୁଛନ୍ତି କି ନାହିଁ ସେନେଇ କୌଣସି ଯାଞ୍ଚ କରାଯାଉନାହିଁ। ୫୦ କେଜି ୟୁରିଆ ସାର ବ୍ୟାଗର ପ୍ରକୃତ ମୂଲ୍ୟ ୨୬୮ ଟଙ୍କା ଏବଂ ୪୫ କିଲୋଗ୍ରାମ ଓଜନର ୟୁରିଆ ବ୍ୟାଗର ମୂଲ୍ୟ ୨୪୨ ଟଙ୍କା ରହିଥିବା ବେଳେ କଳା ବଜାରୀ ବିକ୍ରେତାମାନେ ୬୦୦ରୁ ୭୦୦ ଟଙ୍କା ନେଉଛନ୍ତି। ତେଣୁ ସମ୍ପୃକ୍ତ ବ୍ୟକ୍ତିଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାକୁ ଦାବି ହେଉଛି।

# ତ୍ରିପୁରାରେ ଓଡ଼ିଆ ବିଏସ୍ଏଫ୍ ଯବାନ ମୃତ



**ବହଳଦା, ୧୩।୯ (ସମିସ):** ତିରିଂ ଥାନା ଅଧୀନ ଲୁପୁଙ୍ଗ ଗ୍ରାମପଞ୍ଚାୟତ ଅନ୍ତର୍ଗତ ରାଏବାଡି ଗ୍ରାମର ଜନୈକ ବିଏସଏଫ ଯବାନଙ୍କ ବାଙ୍ଗଲାଦେଶ ସୀମା ନିକଟ ତ୍ରିପୁରା ଅଞ୍ଚଳରେ ମୃତ୍ୟୁ ଘଟିଛି। ଏହି ଖବର ପାଇବା ପରେ ପରିବାର ଲୋକେ ଦୁଃଖରେ ଭାଙ୍ଗିପଡିଛନ୍ତି। ବାଙ୍ଗଲାଦେଶ ସୀମା ଅଞ୍ଚଳ ତ୍ରିପୁରା ରାଜ୍ୟରେ ବିଏସଏଫ ଜବାନଭାବେ ଲାଲୁ ମୁର୍ମୁ କାର୍ଯ୍ୟରତ ଥିଲେ। ହେଲେ ତାଙ୍କ ମୃତ୍ୟୁର କାରଣ ଜଣାପଡିନାହିଁ। ମୃତ ଯବାନ ଲାଲୁ ମୁର୍ମୁଙ୍କ ମୃତଦେହ ଅଗରତଲା ସ୍ଥିତ ସେନା ହସ୍ପିଟାଲରେ ରଖାଯାଇଛି।

# ୫୦୦ ମିଟର 'ଜୀବନଧାରା' ସାଜିଛି ଯମ ଯନ୍ତ୍ରଣା

ଆନନ୍ଦପୁର, ୧୩।୯ (ସମିସ)





**● ଅବଧି ସରିଲାଣି; ସରୁନି ରାସ୍ତା ନିର୍ମାଣ**
**● ସ୍କୁଲ ସମୟରେ ଲୁହାପଥର ଟ୍ରକ୍ ବନ୍ଦ ଦାବି**

କେନ୍ଦୁଝର ଜିଲ୍ଲାର ଜୀବନଧାରା କୁହାଯାଉଥିବା ୨୦ ନମ୍ବର ଜାତୀୟ ରାଜପଥର ଶାଳପଡ଼ା ନିକଟରେ ଅଧପନ୍ତରିଆ କାମ ଏବେ ଜିଲ୍ଲାବାସୀଙ୍କ ଦୁଃଖ ପାଲଟିଛି। ସର୍ଭିସ ରୋଡ ଅବସ୍ଥା ପ୍ରତିମୁହୂର୍ତ୍ତରେ ଶୋଚନୀୟ ହୋଇପଡୁଥିବାରୁ ଛାତ୍ରଛାତ୍ରୀ ଓ ସ୍କୁଲ ବସ ନିର୍ଦ୍ଧାରିତ ସମୟରେ ସ୍କୁଲ କଲେଜରେ ପହଞ୍ଚି ପାରୁନାହାନ୍ତି। ଫଳରେ ସ୍କୁଲ ସମୟରେ ଲୁହାପଥର ଟ୍ରକ ଚଳାଚଳ ବନ୍ଦ କରିବା ପାଇଁ ଅଞ୍ଚଳବାସୀ ଦାବି କରିଛନ୍ତି। ଭିୟୁପି ନିର୍ମାଣରେ ବିଳମ୍ବ ହେଉଥିବାରୁ ଲୋକଙ୍କ ଦୁର୍ଦ୍ଦଶା ବଢ଼ିଯାଇଛି। ଖରା ସମୟରେ ଧୂଳିଧୂଆଁରେ ଲୋକେ ଅତିଷ୍ଠ ହେଉଥିବା ବେଳେ ଏବେ ବର୍ଷାରେ ପାଣି ଜମୁଥିବାରୁ ରାସ୍ତାରେ ବାଇକ୍ ବୁଡ଼ିଯାଉଛି। ଜୁନ୍ ସୁଦ୍ଧା ରାସ୍ତା ନିର୍ମାଣ ସାରିବାକୁ କଣ୍ଟ ଥିଲା। ଜୁଲାଇ ମାସ ମଧ୍ୟରେ କାମ ସାରିବାକୁ ଉପଜିଲ୍ଲାପାଳ ତାଗିଦ କରିଥିଲେ। ସେପ୍ଟେମ୍ବର ଅଧା ହେବାକୁ ବସିଥିବା ବେଳେ ଅଦ୍ୟାବଧି କାମ ଶେଷ ହୋଇନାହିଁ। ଫଳରେ ଲୋକମାନେ ଯମ ଯନ୍ତ୍ରଣା ଭୋଗୁଛନ୍ତି। ଗତ ୭ ବର୍ଷ ହେଲା ୨୦ ନମ୍ବର ଜାତୀୟ ରାଜପଥ ନିର୍ମାଣ ଶେଷ ହୋଇଥିବା ନେଇ ବିଭାଗ ରିପୋର୍ଟ ଦେଉଥିବାବେଳେ ସ୍ଥାନୀୟ ଶାଳପଡ଼ାର ମାତ୍ର ୫୦୦ ମିଟର ରାସ୍ତା ନିର୍ମାଣ ସରୁନାହିଁ। ତିନୋଟି ଠିକାସଂସ୍ଥା ଯିବାପରେ ମଧ୍ୟ କାମ ସମ୍ପୂର୍ଣ୍ଣ ହୋଇପାରିନି। ଆନନ୍ଦପୁର ପୌରାଞ୍ଚଳ ମଧ୍ୟରେ ଥିବା ଗୁରୁତ୍ୱପୂର୍ଣ୍ଣ ଶାଳପଡ଼ା ଛକ କେନ୍ଦୁଝର, ମୟୂରଭଞ୍ଜ, ଯାଜପୁର, ଭଦ୍ରକ ଜିଲ୍ଲାକୁ ସଂଯୋଗ କରୁଛି। ୭ ମାସ ହେଲା ମୁଖ୍ୟରାସ୍ତାକୁ ବନ୍ଦ କରି ସର୍ଭିସ୍ ରୋଡ୍‌ରେ ସମସ୍ତ ଗାଡ଼ି ଯାତାୟାତ କରୁଛି। ମୁଖ୍ୟରାସ୍ତାର ସମସ୍ତ ଗାଡ଼ି ସର୍ଭିସରୋଡରେ ଯାତାୟାତ କରୁଥିବାରୁ ଟ୍ରାଫିକ୍ ସମସ୍ୟା ସୃଷ୍ଟିହୋଇଛି। ହଜାରହଜାର ସଂଖ୍ୟାରେ ଲୁହାପଥର ବୋଝେଇ ଟ୍ରକ୍ ଚଳାଚଳ କରୁଥିବାରୁ ଏହି ସର୍ଭିସରୋଡ୍ ବିପଦସଙ୍କୁଳ ହୋଇଛି। ଅନେକ ସମୟରେ ରାସ୍ତାରେ ଆମ୍ବୁଲାନ୍ସ ଓ ଅନ୍ୟ ଜରୁରୀ ଗାଡ଼ି ଅଟକି ରହୁଛି। ପ୍ରଶାସନ ଏ ଦିଗରେ ଠୋସ୍ ପଦକ୍ଷେପ ନେଉ ନଥିବା ବେଳେ ସାମାନ୍ୟ ବର୍ଷାରେ ରାସ୍ତାରେ ଆଣ୍ଠୁଏ ପାଣି ଜମି ରହୁଥିବାରୁ ବାଇକ୍ ଆରୋହୀ ଓ ସାଧାରଣ ଲୋକ ହଟହଟା ହେଉଛନ୍ତି। ରାସ୍ତା ନିର୍ମାଣ ସମ୍ପୂର୍ଣ ନହେବାଯାଏ ସ୍କୁଲ ସମୟରେ ଲୁହାପଥର ଗାଡି ଚଳାଚଳ ବନ୍ଦ କରିବା ଜରୁରୀ ହୋଇପଡ଼ିଥିବା ସ୍ଥାନୀୟ ଲୋକ ମତ ଦେଇଛନ୍ତି।

# ଉଦଳା ଓ କରଞ୍ଜିଆରେ ରାଷ୍ଟ୍ରୀୟ ଲୋକ ଅଦାଲତ

**ଉଦଳା,୧୩।୯ (ସମିସ):** ଶନିବାର ଉଦଳା ବିଚାର ବିଭାଗୀୟ ଅଦାଲତରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଅଦାଲତରେ ଅତିରିକ୍ତ ଜିଲ୍ଲା ଦୌରାଜଜ୍ ତଥା ତାଲୁକ ଆଇନ ସେବା କମିଟିର ଅଧ୍ୟକ୍ଷ ପ୍ରଦୀପ କୁମାର ବେହେରା ଅଧ୍ୟକ୍ଷତା କରିଥିଲେ। ଉଦଳାର ବରିଷ୍ଠ ଦେୱାନୀ ବିଚାରପତି ଅରୁଣ ପଟ୍ଟନାୟକ ଓ କନିଷ୍ଠ ଦେୱାନୀ ବିଚାରପତି ଅନୁରାଗ ଦେହୁରୀଙ୍କ ସହାୟତାରେ ଉକ୍ତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅତିରିକ୍ତ ଜିଲ୍ଲା ଦୌରାଜଜ୍‌ଙ୍କ ଅଦାଲତରେ ୧୦ଟି ମୋଟର ଦୁର୍ଘଟଣା ଜନିତ ମାମଲା ମୋକଦ୍ଦମାର ଆପୋଷ ସମାଧାନ ହୋଇ ୩୫ ହଜାର ଟଙ୍କା ଆଦାୟ ହୋଇଛି। ବରିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ଆଗତ ୧୬ଟି ମାମଲା ମଧ୍ୟରୁ ୭ଟି ମୋକଦ୍ଦମାର ଆପୋଷ ସମାଧାନ ହୋଇଛି। ଅନ୍ୟାନ୍ୟ ୩୯ଟି ଦେୱାନୀ ମୋକଦ୍ଦମାରୁ ୩୦ ମୋକଦ୍ଦମା ଫଇସଲା ହୋଇଛି। ବିବାହ ସମ୍ବନ୍ଧୀୟ ୮ ଟି ମୋକଦ୍ଦମାରୁ ୩ ଟି ଫଇସଲା ହୋଇଛି। କନିଷ୍ଠ ଦେୱାନୀ ବିଚାରପତିଙ୍କ ଅଦାଲତରେ ଅନ୍ୟାନ୍ୟ ୧୦ଟି ଦେୱାନୀ ମୋକଦ୍ଦମାର ଆପୋଷ ସମାଧାନ ହୋଇଛି। ଅନ୍ୟାନ୍ୟ ଫୌଜଦାରୀ ୨୨୫ଟି ଆଗତରୁ ୨୨୦ଟି ମୋକଦ୍ଦମାର ଫଇସଲା ହୋଇ ୧୨ଶହ ଟଙ୍କା ଜୋରିମାନା, ଏନ୍.ଆଇ. ଆକ୍ଟ ୧୦ଟି ମୋକଦ୍ଦମାରୁ ୭ଟି ଫଇସଲା ହୋଇ ୨୧ ଲକ୍ଷ ୮୯ ହଜାର ୯୯ ଟଙ୍କା ଆଦାୟ ହୋଇଛି। ସେହିପରି ବିବାହ ସମ୍ବନ୍ଧୀୟ ୮ଟି ମୋକଦ୍ଦମାରୁ ୮ଟି ଫଇସଲା ଓ ଫୌଜଦାରୀ ମୋକଦ୍ଦମା ଗୋଟିଏ ଆଗତ ହୋଇ ଗୋଟିଏ ଫଇସଲା ହୋଇଛି।



**କରଞ୍ଜିଆ :** କରଞ୍ଜିଆ କୋର୍ଟ ପରିସରରେ ତାଲୁକ ଆଇନ ସେବା ସମିତି ପକ୍ଷରୁ ତୃତୀୟ ଲୋକ ଅଦାଲତ ଅତିରିକ୍ତ ଜିଲ୍ଲା ଓ ଦୌରାଜଜ ଆଶିଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସବ୍‌ଜଜ ଅମିତ ସ୍ୱରୂପ ସେଠା ଓ ଏସଡିଜେଏମ୍ ପ୍ରଭାତ କୁମଲ ସାମଲ ମୋକଦ୍ଦମା ପରିଚାଳନାରେ ସହଯୋଗ କରିଥିଲେ। ଅଦାଲତରେ ମୋଟ ୪୩୫ଟି ମକଦ୍ଦମା ଆଗତ ହୋଇଥିବାବେଳେ ସେଥିରୁ ୨୪୬ଟି ଫଇସଲା କରାଯାଇ ଜରିମାନା ଓ ଆପୋଷ ନିଷ୍ପତ୍ତି ବାବଦରେ ୧୨ ଲକ୍ଷ ୭୫ ହଜାର ଟଙ୍କା ଆଦାୟ କରାଯାଇଥିଲା। ସେହିପରି ଫୌଜଦାରୀ ମାମଲା, ଚେକ୍ ବାଉନସ, ଅର୍ଥ ଆଦାୟ, ମଟର କ୍ଷତିପୂରଣ, ପାରିବାରିକ ଗଣ୍ଡଗୋଳ, ଦେୱାନୀ ଓ ଫୌଜଦାରୀ ମାମଲାର ବିଚାର ହୋଇଥିଲା।

# ୩ ଦିନ ପରେ ଅଟକ ପ୍ରେମୀଯୁଗଳ ଉଦ୍ଧାର

**ମହୁଲଡିହା,୧୩/୯ (ସମିସ):** ଠାକୁରମୁଣ୍ଡା ଥାନା ତରାମରା ଗ୍ରାମପଞ୍ଚାୟତ ଗୁଲିଆଯୋଡି ଗ୍ରାମରୁ ୩ ଦିନ ପରେ ପ୍ରେମୀଯୁଗଳଙ୍କୁ ଉଦ୍ଧାର କରାଯାଇଛି। ତିନି ଦିନ ଧରି ଗ୍ରାମବାସୀ ଅଟକ ରଖିବା ପରେ ୧୧ ତାରିଖ ମଧ୍ୟରାତ୍ରିରେ ମହିଳା ଏବଂ ପ୍ରେମିକକୁ ୨ଟି ଘରୁ ଉଦ୍ଧାର କରିଛି ପୁଲିସ। ଘଟଣାରୁ ପ୍ରକାଶ ଯେ, ଗତ ୯ ତାରିଖରେ ଡକେଇପାଳ ଗ୍ରାମରେ ଫୁଟବଲ ଟୁର୍ଣ୍ଣାମେଣ୍ଟ ସରିବା ପରେ ଆନନ୍ଦପୁର ଥାନା ବଡ଼କୁଶପଦା ଗ୍ରାମର ଅଜୟ କୁମାର ହାଁସଦା (୨୮) ଗୁଲିଆଯୋଡି ଗ୍ରାମର ରାମଦାସ ଟୁଡୁଙ୍କ ଘରେ ଆସି ରହିଥିଲେ। ରାମଦାସ ତାମିଲନାଡୁରେ ରହି କାମ କରନ୍ତି। ରାମଦାସ ନ ଥିବା ବେଳେ ତାଙ୍କ ସ୍ତ୍ରୀ ଫୁଲମଣୀ ଅଜୟଙ୍କୁ ଫୋନ କରି ଡକାନ୍ତି। ଫୋନ କଲ ପାଇ ରାତିରେ ଆସି ରାତିରେ ଚାଲି ଯାଆନ୍ତି ଅଜୟ। ଗ୍ରାମବାସୀ ଏହା ଦେଖି କ୍ଷୁବ୍ଧ ହୁଅନ୍ତି। ଗତ ୯ ତାରିଖ ଅନ୍ଧାର ରାତିରେ ଜଣେ ଯୁବକ ସମ୍ପୃକ୍ତ ଘରେ ପଶିବା ଦେଖି ଯୁବକମାନେ ଗ୍ରାମବାସୀଙ୍କୁ ଖବର ଦେଇଥିଲେ। ପରେ ରାମଦାସଙ୍କୁ ଫୋନ କରି ଘଟଣା ଜଣାଇ ତାଙ୍କର ମତ ନେଇଥିଲେ। ରାମଦାସ ଉଭୟଙ୍କୁ ଅଟକ ରଖିବା ପାଇଁ ଗ୍ରାମବାସୀଙ୍କୁ କହିଥିଲେ। ଘରୁ ଅସଂଯତ ଅବସ୍ଥାରେ ଉଭୟ ପ୍ରେମୀଯୁଗଳଙ୍କୁ ଗ୍ରାମବାସୀ ଧରିବା ପରେ ସେମାନଙ୍କୁ ସେହି ଅବସ୍ଥାରେ ଦୁଇଟି ଘରେ ଅଲଗା ରଖିଥିଲେ। ପରେ ପ୍ରେମିକର ବାପାମାଆଙ୍କୁ ଗ୍ରାମବାସୀ ୧୦ ତାରିଖ ଡକାଇଥିଲେ। ଅଜୟଙ୍କ ବାପା ମା ସମ୍ପୃକ୍ତ ଯୁବତୀଙ୍କୁ ବୋହୂ ଭାବେ ଗ୍ରହଣ କରିନଥିବାରୁ ଅଲଗା ଭାବେ ରଖିବାକୁ ପରାମର୍ଶ ଦେଇଥିଲେ। ହେଲେ ଇତି ମଧ୍ୟରେ ଉଭୟଙ୍କର ଗୋଟିଏ ଭିଡିଓ ଭାଇରାଲ ହୋଇଥିଲା। ଭିଡିଓ ଦେଖି ଠାକୁରମୁଣ୍ଡାର ଜ୍ୟୋତ୍ସ୍ନା ପାଣିଗ୍ରାହୀ ଥାନାଧିକାରିଣୀଙ୍କୁ ଖବର ଦେବା ସହିତ ୧୧୨ରୁ ମଧ୍ୟ ଖବର ଆସିଥିଲା ବୋଲି ଓଆଇସି କହିଛନ୍ତି। ତେବେ ଅନୁସନ୍ଧାନରୁ ଜଣାପଡିଛି ଯେ, ଉଭୟଙ୍କୁ ଉଦ୍ଧାର ପରେ ଗ୍ରାମବାସୀ ଅଲଗା ରଖିଥିଲେ ମଧ୍ୟ ପୂର୍ଣ୍ଣ ଭାବେ ଯତ୍ନ ନେଇଥିଲେ। କାହାକୁ ଆକ୍ରୋଶମୂଳକ ଭାବେ କୌଣସି ନିର୍ଯାତନା ଦେଇନଥିଲେ। ପୁଲିସ ଉଦ୍ଧାର କରିବା ପରେ ଯୁବତୀ ଜଣକ ସ୍ୱାମୀଙ୍କ ପାଖକୁ ଯିବାକୁ ଅନିଚ୍ଛା ପ୍ରକାଶ କରିଥିଲା। ଅନ୍ୟ ପକ୍ଷରେ ଅଜୟ ଫୁଲମଣି ସହିତ ୨ ବର୍ଷ ଧରି ସମ୍ପର୍କରେ ଥିବା ଏବଂ ଆନନ୍ଦରେ ସ୍ତ୍ରୀ ଭାବେ ଗ୍ରହଣ କରି ଥାନାରୁ ଘରକୁ ନେଇଛି।

# ଖୁଣ୍ଟାରେ ସାମାଜିକ ସୁରକ୍ଷା ଜନଶୁଣାଣି



**କୁଆମରା,୧୩।୯ (ସମିସ):** ଖୁଣ୍ଟା ବ୍ଲକର ମହାତ୍ମାଗାନ୍ଧୀ ଜାତୀୟ କର୍ମ ନିଯୁକ୍ତି ଯୋଜନା ଓ ଖାଦ୍ୟ ସୁରକ୍ଷା ଆଇନର ଜନଶୁଣାଣି ଶିବିର ବିଡ଼ିଓ ସତ୍ୟଜିତ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୨୦୨୪ ଅକ୍ଟୋବରରୁ ୨୦୨୫ ମାର୍ଚ୍ଚ ପର୍ଯ୍ୟନ୍ତ ୬ ମାସ ମଧ୍ୟରେ ମନୋରେଗା ଯୋଜନା ଓ ଖାଦ୍ୟ ସୁରକ୍ଷା ଯୋଜନା ଉପରେ ସମୀକ୍ଷା କରାଯାଇଥିଲା। ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସୁଧନ୍ୟା ନାଏକ, ଉପାଧ୍ୟକ୍ଷ ଜବା କିସ୍କୁ, ସହକାରୀ ଯନ୍ତ୍ରୀ ବିନୟଜ୍ୟୋତି ଲେଙ୍କା, ଦୁଇ ଜିଲ୍ଲାପରିଷଦ ସଭ୍ୟ ହୃଦାନନ୍ଦ ମୁର୍ମୁ, ସୁନିତି ମାରାଣ୍ଡି, ଏପିଓ ମନସ୍ୱିନୀ ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ମନରେଗା ଯୋଜନାରେ ମୋଟ ୯୬୨ ପ୍ରକଳ୍ପ ମଧ୍ୟରୁ ୩୧୨ଟି ପ୍ରକଳ୍ପ ସମ୍ପୂର୍ଣ୍ଣ ହୋଇଛି। ଏଥିନିମନ୍ତେ ୭୪୮ ଲକ୍ଷ ୬୭ ହଜାର ଟଙ୍କା ବ୍ୟୟ ହୋଇଛି। ତେବେ ୧୨,୬୬୧ ଟି ପରିବାର ମଧ୍ୟରୁ ୮୨୬୦କୁ କାର୍ଯ୍ୟ ଯୋଗାଇ ଦିଆଯାଇଛି। ଏଥିରେ ମୋଟ ୩,୫୧,୪୬୦ ଶ୍ରମିକ ଦିବସ ସୃଷ୍ଟି ହୋଇଛି। ମୋଟ ୨୧୯ ପରିବାରକୁ ଶହେ ଦିନର କାମ ଯୋଗାଇ ଦିଆଯାଇଛି। ଶିବିରରେ ସମସ୍ତ ସରପଞ୍ଚ, ସମିତି ସଭ୍ୟ ଓ ବିଭିନ୍ନ ବିଭାଗର ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# ବାଲି ବୋଝେଇ ଡମ୍ଫର ଜବତ; ଚାଳକ ଗିରଫ

**ମୋରଡା, ରାସଗୋବିନ୍ଦପୁର, ୧୩।୯ (ସମିସ):** ରାସଗୋବିନ୍ଦପୁର ପୁଲିସ ଶନିବାର ଏକ ବାଲି ବୋଝେଇ ଡମ୍ଫରକୁ ଜବତ କରିବା ସହିତ ଡ୍ରାଇଭରକୁ ଗିରଫ କରିଛି। ପୁଲିସ ଖବର ପାଇ ଦେବଶୋଳ ନିକଟରେ ଗାଡିକୁ କାବୁ କରିବା ସହ ଡ୍ରାଇଭର କାର୍ତ୍ତିକ ଚନ୍ଦ୍ର ଦାସଙ୍କୁ ଗିରଫ କରିଛି।

# ହାତୀ ଶାବକର ଜନ୍ମ



**ବାଲିବନ୍ଧ, ୧୩।୯ (ସମିସ):** ଚମ୍ପୁଆ ରେଞ୍ଜ ବାଲିବନ୍ଧ ଫରେଷ୍ଟ ସେକ୍ସନ ରାଜାବସା ଜଙ୍ଗଲରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ହାତୀ ଶାବକ ଜନ୍ମ ନେଇଛି। ୭ଟିକିଆ ହାତୀପଲ ଶୁକ୍ରବାର ଦିନବେଳା ଆଶ୍ରୟ ନେଇଥିଲେ ରାଜାବସା ଜଙ୍ଗଲରେ। ଦୀର୍ଘ ସମୟ ଧରି ମାଈ ହାତୀ ଗର୍ଜନ କରୁଥିଲା। ପ୍ରସବ ପରେ ହାତୀ ଶାବକକୁ ନେଇ ହାତୀପଲ ଅରଡେଇ ନଦୀକୂଳକୁ ଚାଲିଯାଇଥିଲେ। ପରେ ପାଟବିଲା ଗ୍ରାମ୍ୟ ଜଙ୍ଗଲକୁ ଚାଲିଯାଇଥିଲେ। ହାତୀପଲ କାଶୀପାଳ ଅଭିମୁଖେ ଯାଇଥିବା ଚମ୍ପୁଆ ସହକାରୀ ବନ ସଂରକ୍ଷକ ଅକ୍ଷୟ ଛତ୍ରିଆ ସୂଚନା ଦେଇଛନ୍ତି।

# ଆମ୍ବ ପରେ ଲେମ୍ବୁର ଅଭାବୀ ବିକ୍ରି




**କରଞ୍ଜିଆ, ୧୩।୯ (ସମିସ):** ଗତ ଗ୍ରୀଷ୍ମ ଋତୁରେ କରଞ୍ଜିଆରେ ଆମ୍ବର ଅଭାବୀ ବିକ୍ରି ଦେଖାଦେଇଥିଲା। ଫଳରେ ଚାଷୀଙ୍କ ସ୍ୱପ୍ନ ଚୁରମାର ହୋଇଯାଇଥିଲା। ଏବେ କାଗଜି ଲେମ୍ବୁର ଅଭାବୀ ବିକ୍ରି ଦେଖାଦେଇଛି। ମାତ୍ର କିଛି ମାସ ଆଗରୁ ଯେଉଁ ଲେମ୍ବୁ ଗୋଟା ଦଶ ଟଙ୍କାରେ ବିକ୍ରୟ ହେଉଥିବାବେଳେ ଏବେ ଦଶ ଟଙ୍କାରେ ୧୫ରୁ ୨୦ ଟି ଲେମ୍ବୁ ବିକ୍ରି ହେଉଛି। ମାଟି ଓ ପାଣିପାଗ ଅନୁଯାଇ ଏଠିକାର ଅନେକ ଚାଷୀ ଜମିରେ ଲେମ୍ବୁ ଗଛ ଲଗାଇଥାନ୍ତି। ଆଉ ଅନେକ ଚାଷି ବ୍ୟବସାୟିକ ଭିତ୍ତିରେ ଲେମ୍ବୁ ଫାର୍ମ କରିଛନ୍ତି। ଲେମ୍ବୁ ବିକିଲେ ଦୁଇ ପଇସା ପାଇବେ ବୋଲି ଆଶା ରଖି ଚାଷୀ କରଞ୍ଜିଆ ବଜାର ଉପରେ ନିର୍ଭର କରିଥାନ୍ତି। ତେବେ ଚାହିଦା ତୁଳନାରେ ଅଧିକ ଲେମ୍ବୁ ବଜାରରେ ଉପଲବ୍ଧ ହେଉଥିବାରୁ ଚାଷୀ ନିରାଶ ହୋଇପଡିଛନ୍ତି।

# ଶିଶୁଙ୍କୁ ନେଇ ବୃକ୍ଷରୋପଣ ସଚେତନତା

**ରାମଚନ୍ଦ୍ରପୁର,୧୩।୯ (ସମିସ):** ଘଷିପୁରା ବ୍ଲକ୍ ଖଲଣା ପଞ୍ଚାୟତ ଅନ୍ତର୍ଗତ ଆଗର୍ଦା ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରରେ ମା' ପାଇଁ ଗଛ ଟିଏ' କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଶିଶୁ ମନ୍ଦିରର ଟ୍ରଷ୍ଟି ପୂର୍ଣ୍ଣମାସୀ ମହାରଣାଙ୍କ ଅଧ୍ୟକ୍ଷତାରେ ପ୍ରଧାନଆଚାର୍ଯ୍ୟା ପ୍ରେମଲତା ସାହୁ ସଂଯୋଜନା କରିଥିଲେ। ଅତିଥି ଭାବେ ଖଲଣା ସରପଞ୍ଚ ଜ୍ୟୋତ୍ସ୍ନାରାଣୀ ନାୟକ, ଅବସରପ୍ରାପ୍ତ ଶିକ୍ଷକ ଗୋପାଳ ଚରଣ ପରିଡ଼ା, ସମାଜସେବୀ ବିପିନ ବିହାରୀ ମାଝୀ ଶିଶୁଙ୍କୁ ପରିବେଶ ସୁରକ୍ଷା ଏବଂ ସନ୍ତୁଳନ ବିଷୟରେ ସଚେତନ କରିଥିଲେ। ଟ୍ରଷ୍ଟ ବୋର୍ଡ ସଦସ୍ୟ ବାସୁଦେବ ସାହୁ, ସହକାରୀ ପ୍ରଧାନଆଚାର୍ଯ୍ୟା ମିଲାନିସ୍ମିତା ନାୟକ, ଆଚାର୍ଯ୍ୟ ଦୁଷ୍ମନ୍ତ ପାଗଡ଼, ପୁଷ୍ପାଞ୍ଜଳି ନାୟକ, ଲକ୍ଷ୍ମୀପ୍ରିୟା ବେହେରା, ଅନିତା ଓଝା, ସ୍ମୃତିଶ୍ରୀ ରାଉତ, ସସ୍ମିତା ପରିଡ଼ା ଏବଂ କର୍ମଚାରୀ ଲୀଳାବତୀ ସାହୁ ଯୋଗ ଦେଇଥିଲେ।

ଜାତୀୟ ନାଟ୍ୟ ମହୋତ୍ସବ

# ଆସାମର 'ଦ୍ରୋଣାଚାର୍ଯ୍ୟ ଶ୍ରୀ ଗୁରୁବେ ନମଃ' ମଞ୍ଚସ୍ଥ



**ବାରିପଦା, ୧୩।୯ (ସମିସ):** ସହିଦ ସ୍ମୃତି ଭବନରେ ଆମେ' ବାରିପଦା ଆନୁକୂଲ୍ୟରେ ଆୟୋଜିତ ଜାତୀୟ ନାଟ୍ୟ ମହୋତ୍ସବର ୮ମ ସନ୍ଧ୍ୟାରେ ପୂର୍ବାରଙ୍ଗ, ଆସାମ ପ୍ରସ୍ତୁତ ନାଟକ 'ଦ୍ରୋଣାଚାର୍ଯ୍ୟ ଶ୍ରୀ ଗୁରୁବେ ନମଃ' ମଞ୍ଚସ୍ଥ ହୋଇଛି। ସଭାପତି ଡା କୈଳାଶ ଚନ୍ଦ୍ର ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟଅତିଥି ଭାବେ ନିର୍ଦ୍ଦେଶକ ପ୍ରଣବ ଦାସ, ସମ୍ମାନିତ ଅତିଥି ଭାବେ ବିଶିଷ୍ଟ ଅଭିନେତା ସୁଶୀଲ ମିଶ୍ର, ଆଇଆଇଏମସି, ଢେଙ୍କାନାଳର ପରିଚାଳନା ନିର୍ଦ୍ଦେଶକ ଡଃ ମୃଣାଳ ଚାଟାର୍ଜୀ, ପ୍ରତିଷ୍ଠିତ ନାଟ୍ୟକାର ରମେଶ ଚନ୍ଦ୍ର ଦାସ, ପିଆରଏମ ଭେଷଜ ମହାବିଦ୍ୟାଳୟର ସହକାରୀ ପ୍ରାଧାପିକା ଡଃ ସୁମିତ୍ରା ସୋରେନ, ଆକାଶବାଣୀ ସମ୍ବଲପୁରର ପୂର୍ବତନ କେନ୍ଦ୍ର ନିର୍ଦ୍ଦେଶକ ପ୍ରଦୀପ୍ତ ଶ୍ରୀଚନ୍ଦନ, ଅବସରପ୍ରାପ୍ତ ଶିକ୍ଷୟିତ୍ରୀ ରଜନୀ ବାରିକ ଯୋଗ ଦେଇ କାର୍ଯ୍ୟକ୍ରମ ଉଦଘାଟନ କରିଥିଲେ। କମିଟିର ସାଧାରଣ ସମ୍ପାଦକ ଚିନ୍ମୟ ଦାସ ପଟ୍ଟନାୟକ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ମହାଭାରତ ଯୁଦ୍ଧ ପୂର୍ବରୁ ଗୁରୁ ଦ୍ରୋଣାଚାର୍ଯ୍ୟ ଓ ଏକଲବ୍ୟର କାହାଣୀ ଓ ଯୁଦ୍ଧରେ ଦ୍ରୋଣାଚାର୍ଯ୍ୟାଙ୍କ ଭୂମିକା ଉପରେ ଆଧାରିତ ତଥା ମୃନ୍ମୟ ଭୂୟାଁଙ୍କ ରଚିତ ଏବଂ ଗୁଣାକର ଦେବ ଗୋସ୍ୱାମୀଙ୍କ ନିର୍ଦ୍ଦେଶିତ ନାଟକରେ ଗୁଣାକର ଦେବ ଗୋସ୍ୱାମୀ, ରିଷି ବର୍ମନ ହର୍ଷିତା ରାୟ ଚୌଧୁରୀ, ସୀମାଶ୍ରୀ ପଟୱାରୀ ନିଖୁଣ ଅଭିନୟ କରିଥିଲେ। ରବିବାର ଉଦଯାପନୀ ସନ୍ଧ୍ୟାରେ ଆମେ' ବାରିପଦା ପ୍ରସ୍ତୁତ ନାଟକ 'ଅଭିଯାନ' ପରିବେଷଣ ହେବ

# କଫି ବଗିଚା ପରିଦର୍ଶନ କଲେ ଜଳ ବିଭାଜିକା ନିର୍ଦ୍ଦେଶକ



**କେନ୍ଦୁଝର,୧୩।୯ (ସମିସ):** ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ନିର୍ଦ୍ଦେଶକ ସୁବ୍ରତ କୁମାର ପଣ୍ଡା ଦିନିକିଆ କେନ୍ଦୁଝର ଗସ୍ତରେ ବିଭାଗ ବିଭିନ୍ନ ଉନ୍ନୟନ ମୂଳକ କାର୍ଯ୍ୟର ଅଗ୍ରଗତି ତଦାରଖ କରିବା ସହ ସମୀକ୍ଷା କରିଛନ୍ତି। ଘଟଗାଁ ବ୍ଲକ ପିପିଳିଆଠାରେ ୧୦ ହେକ୍ଟର ଜମିରେ ଲାଗିଥିବା କାଜୁ ଗଛର ତଦାରଖ କରିବା ପାଇଁ ଉପସ୍ଥିତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ସହ ହିତାଧିକାରୀମାନଙ୍କ ସହ ଆଲୋଚନା କରିଥିଲେ। ପରେ ରୁଟିଶିଳା ଗ୍ରାମରେ ଓମ୍ବାଡସି ଅନୁଦାନରେ କରାଯାଇଥିବା କ୍ଷେତ ପୋଖରୀ ବୁଲି ଦେଖିଥିଲେ। ପୁଣି ବାଂଶପାଳ ବ୍ଲକ ଗୋନାସିକା ପଞ୍ଚାୟତ ତଳ ବୈତରଣୀ ଗ୍ରାମରେ ହୋଇଥିବା କଫି ନର୍ସରୀ ବୁଲି ଦେଖିବା ସହ ପଦ୍ମଶ୍ରୀ ଦୈତାରୀ ନାଏକଙ୍କ ସହ ଆଲୋଚନା କରିଥିଲେ। ତତପରେ ତରମାକାନ୍ତ ଗ୍ରାମ ପଞ୍ଚାୟତ ଜଳଡିହା ଗ୍ରାମରେ ୮ ହେକ୍ଟର ଜମିରେ କରାଯାଇଥିବା କଫି ବଗିଚାକୁ ବୁଲି ଦେଖିଥିଲେ। ଜଳଡିହା ଗ୍ରାମରେ ଏକ ପେଡ ମା କେ ନାମ କାର୍ଯ୍ୟକ୍ରମରେ ବୃକ୍ଷରୋରଣ କରିଥିଲେ। ବାଂଶପାଳ ବ୍ଲକର ପାହାଡିଆ ଅଞ୍ଚଳ ସମୁଦ୍ର ପତ୍ତନଠାରୁ ୬୦୦ମିଟର ଉଚ୍ଚରେ ଥିବାରୁ କଫି ଚାଷ ପାଇଁ ଅନୁକୂଳ। ଥଣ୍ଡା ଜଳବାୟୁ ସହିତ ଭଲ ବର୍ଷା କଫି ଚାଷକୁ ସୁହାଇବ। ଆସନ୍ତା ବର୍ଷ ଅଧିକ ଅଞ୍ଚଳରେ କଫି ଚାଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ଏହାପରେ ଚମ୍ପୁଆ ବ୍ଲକରେ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ଅର୍ଥରେ ପୋଖରୀ, ନିର୍ମିତ ଟ୍ରେଞ୍ଚ ଏବଂ ପ୍ୟାଟ୍ ଟ୍ରିଟମେଣ୍ଟ ବୁଲି ଦେଖିଥିଲେ। ମୃତ୍ତିକା ସଂରକ୍ଷଣ ଓ ଜଳ ବିଭାଜିକା ପ୍ରକଳ୍ପ ନିର୍ଦ୍ଦେଶକ ଅଶୋକ କୁମାର ସେନାପତି, ଏପିଡି ବନମାଳି ପାତ୍ର, ପ୍ରଦୀପ ରାଉତ ଉପସ୍ଥିତ ଥିଲେ।

# ନିଅଣ୍ଟିଆ ବର୍ଷାରେ ଚାଷ ଜମି ଶୁଖିଲା

ଚନ୍ଦନେଶ୍ୱର, ୧୩।୯ (ସମିସ)



### ସମୁଦ୍ର ତଟବର୍ତ୍ତୀ ଅଞ୍ଚଳର ଚାଷୀ ଚିନ୍ତାରେ

ଭୋଗରାଇ ବ୍ଲକ ଅଧିକାଂଶ ପଞ୍ଚାୟତର ବନ୍ୟା ଚାଷୀଙ୍କୁ କଲବଲ କରୁଥିବାବେଳେ ଏହି ବ୍ଲକର ସମୁଦ୍ର ତଟବର୍ତ୍ତି ବହୁ ପଞ୍ଚାୟତର ଚାଷୀଙ୍କ ଶହ ଶହ ଏକର ଚାଷଜମି ଏବେ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଥିବା ଦେଖିବାକୁ ମିଳୁଛି। ସମୁଦ୍ର ତଟବର୍ତ୍ତୀ ତାଳସାରୀ, ବିନ୍ଧାପଦ୍ମପୁର, କୃଷ୍ଣନଗର, ଖଡ଼ିବିଲ, ରଣସିଂହପୁର, ବଡ଼ପାହି, ନାରାୟଣ ମହାନ୍ତି ପଡିଆ, ଚନ୍ଦ୍ରବାଲି ଆଦି ଗ୍ରାମର ଧାନ ଚାଷ ଜମି ନିଅଣ୍ଟିଆ ବର୍ଷା ପାଇଁ ସମ୍ପୂର୍ଣ୍ଣ ଶୁଖିଲା ପଡ଼ିଛି। ଚାଷୀ ହଜାର ହଜାର ଟଙ୍କା ଋଣ କରି ଧାନ ଚାଷ କରିଥାଆନ୍ତି। ନିଜ ଘରର ଖର୍ଚ୍ଚ ପରେ ବଳକା ଧାନକୁ ବିକ୍ରି କରି ଯାହା ଟଙ୍କା ମିଳେ ଋଣ ପରିଶୋଧ କରିବା ସହିତ ସାରା ବର୍ଷ ଯାକ ଏକମାତ୍ର ରୋଜଗାର ସେହି ଟଙ୍କାରେ ନିଜ ପରିବାର ପ୍ରତିପୋଷଣ କରନ୍ତି। ଆଶାନୁରୂପକ ବର୍ଷା ଭୋଗରାଇରେ ଏ ପର୍ଯ୍ୟନ୍ତ ହୋଇନାହିଁ। ଗଡିଆ, ପୋଖରୀରେ ମଧ ପାଣି ଭର୍ତ୍ତି ହୋଇନାହିଁ। ଜଳସେଚନର ମଧ ବ୍ୟବସ୍ଥା ହୋଇପାରିନାହିଁ। ଉପକୂଳ ଅଞ୍ଚଳର ଚାଷୀମାନେ ଋଣ କରି ଧାନ ଚାଷ କରିଥିଲେ। ଏବେ ବର୍ଷା ନ ହେଲେ ଚାଷ ସମ୍ପୂର୍ଣ୍ଣ ନଷ୍ଟ ହୋଇଗଲେ ଋଣ କିପରି ସୁଝିବେ ସେହି ଚିନ୍ତାରେ ଦିନ କାଟୁଛନ୍ତି। ଚାଷ ଉପରୁ ଚାଷୀଙ୍କର ନିରାଶା ଭାବ ସୃଷ୍ଟି ହେବା ସହିତ ବାହାର ରାଜ୍ୟକୁ ଯାଇ ଦାଦନ ଖଟିବାକୁ ପଡିବ ବୋଲି ତାଙ୍କ ମଧ୍ୟରେ ଆଲୋଚନା ହେଉଛି। ଅନ୍ୟପକ୍ଷରେ ଉପକୂଳ ଅଞ୍ଚଳରେ ଥିବା ଶହ ଶହ ଏକର ଚାଷ ଜମିରେ ଅମାବାସ୍ୟା ଓ ପୂର୍ଣ୍ଣିମା ତିଥିରେ ସମୁଦ୍ରରେ ଉଚ୍ଚ ଜୁଆର ମାଡ଼ ଯୋଗୁଁ ଚାଷ ଜମିରେ ଲୁଣି ମାଡି ଆସିବା ଫଳରେ ଚାଷ ନଷ୍ଟ ହେଉଛି। ଯାହା ଫଳରେ ଚାଷୀଙ୍କ ଋଣ ଭାର ସହି ନ ପାରି ଆର୍ଥିକ ମେରୁଦଣ୍ଡ ଭାଙ୍ଗି ପଡିଛି। ସରକାର ସେମାନଙ୍କ ପ୍ରତି ସହାନୁଭୂତିଶୀଳ ହେବାକୁ ଅମୁଲ୍ୟ ଗିରି, ସୁବାସ ଧଳ, ଦେବକୁମାର ପାତ୍ର, ହାରିପଦ ଡଗରା, ମନ ଡଗରା, ବର୍ଷାଟି ମାଝୀ, ଟୁନା ମଙ୍ଗଳ, ରମେଶ ମହାନ୍ତି, ଲକ୍ଷ୍ମୀକାନ୍ତ ପାଳ, କାର୍ତ୍ତିକ ମଣ୍ଡଳ, ରମେଶ ପଟ୍ଟାୟତ, ଅଭିମନ୍ୟୁ ବେହେରା, ନବ ବେହେରା, ବିଜୟ ବେହେରା, ପୁଲ୍ଲିନ ମଲ୍ଲିକ ପ୍ରମୁଖ ଚାଷୀମାନେ ଦାବି କରିଛନ୍ତି।

## ଦଦରା କୁଡ଼ିଆ ମରାମତି କଲେ ସ୍ୱେଚ୍ଛାସେବୀ

ଜଳେଶ୍ୱର,୧୩।୯ (ସମିସ) : କାଗଜ କଲମରେ ବିକାଶର ଡିଣ୍ଡିମ ବାଜୁଥିବା ବେଳେ ବହୁ ଗରିବ ପରିବାର ସହର ତଳିରେ ଦୁର୍ଦ୍ଦିନରେ ଦିନ କାଟୁଛନ୍ତି। ଜଳେଶ୍ୱର ମ୍ୟୁନିସିପାଲିଟି ଅଧିନ ୭ ନଂ ୱାର୍ଡର ଶାସନବାର୍ଡସ୍ଥିତ ସୁବର୍ଣ୍ଣରେଖା ନଦୀକୂଳ ବାସୀ ବାବୁ ଜାନ୍ ସାହା(୮୧)ଙ୍କ ପରିବାର ଅବସ୍ଥା ଶୋଚନୀୟ ହୋଇପଡିଛି। ନିଜର ଜାଗା ଖଣ୍ଡେ ନଥିବାରୁ ସୁବର୍ଣ୍ଣ ରେଖା ନଦୀ ବନ୍ଧ ତଳେ ଦୀର୍ଘ ୬୫ ବର୍ଷ ଧରି ବିପଦ ସଙ୍କୁଳ ଅବସ୍ଥାରେ ବସବାସ କରିଆସୁଛନ୍ତି। ଝାଟିମାଟି ଭଙ୍ଗା କୁଡିଆ ମରାମତି ନହୋଇ ପ୍ରତିକୂଳ ପରିବେଶରେ ଦୟନୀୟ ଅବସ୍ଥାରେ ୧୧ ଜଣିଆ ପରିବାର ଦୁର୍ବିସହ ଜୀବନ ବିତାଉଛନ୍ତି। ଦୀନ ଦୁଃଖୀଙ୍କ ସାହାରା ପାଲଟିଥିବା ଭୋଳା ଭଣ୍ଡାରୀ ଅନ୍ନ ଦାତା ପରିବାର ସୂଚନା ପାଇ ୩ଟି ଜରିପାଲ ଦ୍ୱାରା ବାସହୀନଙ୍କ ଘର ମରାମତି କରିଛନ୍ତି। ସଂଗଠନର ଉପଦେଷ୍ଟା କହ୍ନେୟା ଲାଲ ଜାଜୁ, କର୍ମକର୍ତ୍ତା ହରି ଶଙ୍କର ପଣ୍ଡା, କୁନି ସମାଜସେବୀ ଲିପୁନ୍ ପଣ୍ଡାଙ୍କ ପ୍ରୟାସରେ ମରାମତି କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ବାବୁ ଜାନ୍ ଚାଚା ଗାଁ ଗଣ୍ଡାରେ ଟିଣ ବାକ୍ସ ଧରି ଚୁଳ



ବଦଳରେ ଚଣା, ବାଣ୍ଟି ପିଲା ମାନଙ୍କ ଠାରେ ବେଶ୍ ପରିଚତ ଥିଲେ। ସେ ଏବେ ଜରାଗ୍ରସ୍ତ ହୋଇ ଦୁଃଖ କଷ୍ଟ ରେ ଥିବା ବେଳେ ଘରବାଡ଼ି ପଟ୍ଟା ନ ଥିବାରୁ ଆବାସ ଯୋଜନାରୁ ବଞ୍ଚିତ ରହିଛନ୍ତି। ପରିବାର ଶୋଚନୀୟ ଥିବା ବେଳେ ବର୍ଦ୍ଧିତ ଭତ୍ତା ସହାୟତା ଓ ଘରଡ଼ିହ ପଟ୍ଟା ପ୍ରଦାନ ଲାଗି ପ୍ରଶାସନକୁ ସମାଜସେବୀ ହରିଶଙ୍କର ପଣ୍ଡା ନିବେଦନ କରିଛନ୍ତି।

## ବାଘାଯତୀନ ସ୍ମୃତି ପରିଷଦର ତିନିଦିନିଆ ସାଇକଲ ଯାତ୍ରା ଉଦ୍‌ଯାପିତ



କାଳିପଦା, ୧୩।୯ (ସମିସ): ବାଘାଯତୀନ ସ୍ମୃତି ପରିଷଦର ତିନି ଦିନିଆ ସାଇକଲ ଯାତ୍ରା ଗତ ଶୁକ୍ରବାର ପରିସମାପ୍ତି ଘଟିଛି। ତିନିଦିନିଆ ଯାତ୍ରାରେ ସହଯୋଗ କରିଥିଲେ ସୁବର୍ଣ୍ଣରେଖା ନଦୀବନ୍ଧ ସୁରକ୍ଷା ସମିତି ଓ ଯୁବ ବିକାଶ ସମିତି। ବାଲିଆପାଳ ପୂର୍ତ୍ତ ବିଭାଗ ଡାକ ବଙ୍ଗଳାରୁ ସାଇକଲ ଯାତ୍ରା ଆରମ୍ଭ ହୋଇଥିଲା। ମାନପୁରରୁ ଚୌମୁଖ ପର୍ଯ୍ୟନ୍ତ ସୁବର୍ଣ୍ଣରେଖାରେ ସ୍ଥାୟୀ ଆଡି ବନ୍ଧ ଦାବିରେ ଏହି ସାଇକେଲ ଯାତ୍ରା ଅନୁଷ୍ଠିତ ହୋଇଥିଲା। ଅନ୍ୟ ଦାବିଗୁଡିକ ହେଉଛି ସୁବର୍ଣ୍ଣରେଖା ନଦୀରେ ମାନପୁରଠାରୁ କଙ୍କଡାପାଳ ପର୍ଯ୍ୟନ୍ତ ସ୍ଥାୟୀ ଆଡିବନ୍ଧ ସହିତ ଜଳ ନିଷ୍କାସନ ପାଇଁ ସଠିକ ପଦକ୍ଷେପ ଗ୍ରହଣ ଓ ନଦୀ ଗର୍ଭ ସାହିତ ମୁହାଁଣ ପର୍ଯ୍ୟନ୍ତ ଜମି ଯାଇଥିବା ବାଲି, ମାଟି ଆଦିର ଖନନ କରି ବନ୍ୟା ପାଣି ନିଷ୍କାସନ ପାଇଁ ବିଜ୍ଞାନ ସମ୍ମତ ବୈଷୟିକ ଜ୍ଞାନକୌଶଳର ପ୍ରୟୋଗ ପାଇଁ ବିଧିବଦ୍ଧ ଯୋଜନା କରାଯାଉ। ସାଇକେଲ ଯାତ୍ରା ଦେଭୋଗ, ମାନପୁର, ବଢାପାଳ, ଗୁନାପୁର, ବିଷ୍ଣୁପୁର, କୁହ୍ଲାଚଡ଼, ତାଳପଦା, କଟୁଆ ପୋଲ, କାଠ ଶଗଡା, ଜଗାଇ, ଆମ୍ବୁଟୁଆ, ଡଗରା ଗୁମୁଟି ଛକ, ହାଜିରା ଛକ, କଙ୍କଡ଼ପାଳ ମୁହାଁଣ, ଚୌମୁଖ ଆଦି ଗ୍ରାମ ଅତିକ୍ରମ କରିଥିଲା। ବାଘାଯତୀନ ସ୍ମୃତି ପରିଷଦ ସଭାପତି ଅରବିନ୍ଦ ବେହେରା, ସମ୍ପାଦକ ମନ୍ମଥ କୁମାର ପାତ୍ର, ବସନ୍ତ କୁମାର ବାରିକ, କ୍ଷିତୀଶ ଚନ୍ଦ୍ର ଜେନା, ସୁଦାମ ଚରଣ ଦାସ, ଯୁବ ବିକାଶର ଅଧକ୍ଷ ଗୋବିନ୍ଦ ଦଳାଇ, ମନୋରଞ୍ଜନ ବେହେରା, ମନ୍ମଥ ନାୟକ, ମନ୍ମଥ ଦାସ, ହରେନ୍ଦ୍ର ପରିଡା, ସୁବୋଧ ସାହୁ, ଆଇନ ଜୀବୀ ଅର୍ଦ୍ଧେନ୍ଦୁ ବାରିକ, ଜିତେନ୍ଦ୍ର କୁମାର ପାତ୍ର, ବିଶ୍ୱ ରଞ୍ଜନ ସେଠୀ, ଗଙ୍ଗାଧର ମହାନ୍ତି, ସରୋଜ କୁମାର କର, ସଞ୍ଜୟ କୁମାର ପରିଡା, ଅକ୍ଷୟ କୁମାର ନାୟକ, ସଞ୍ଜୟ କୁମାର ଦାସ, ରବୀନ୍ଦ୍ର ନାଥ କର, ଜୟନ୍ତ କୁମାର ଜେନା ପ୍ରମୁଖ ସାମିଲ ହୋଇ ଥିଲେ। ତିନିଦିନିଆ ଏହି ଯାତ୍ରାରେ ସଚେତନତା ସଭା ସହିତ ପଥ ପ୍ରାନ୍ତ ସଭା ମଧ ଅନୁଷ୍ଠିତ ହୋଇ ଥିଲା। ଉଦ୍‌ଯାପନୀ ସଭାରେ ଶିକ୍ଷାବିତ ତଥା ବାଲିଆପାଳ ସାରସ୍ୱତ ସହର ଅଭିଯାନ କମିଟି ସଭାପତି ସୁବାସ ଚନ୍ଦ୍ର ଚୌଧୁରୀ ଯୋଗଦେଇ ଅଭିଯାତ୍ରୀ ଦଳକୁ ସ୍ୱାଗତ ସମ୍ବର୍ଦ୍ଧନା ଜଣାଇଥିଲେ।

## ମା' ଭୂଧାରଚଣ୍ଡୀଙ୍କ ପୀଠରେ ଷୋଡ଼ଶ ଉପଚାର ପୂଜା

ନୀଳଗିରି, ୧୩।୯ (ସମିସ): ନୀଳଗିରି ସଜନାଗଡ଼ର ପ୍ରତିଷ୍ଠିତ ଦେବୀ ମା' ଭୂଧାରଚଣ୍ଡୀଙ୍କ ପୀଠରେ ରବିବାର ଠାରୁ ଆରମ୍ଭ ହେଉଛି ଷୋଡ଼ଶ ଦିନାଶକ ପୂଜା। ମୂଳାଷ୍ଟମୀ ତିଥିରେ ରାଜପ୍ରାସାଦରୁ ଅର୍ପଣ ଗୁଆ ଆସିବା ସହିତ ପାର୍ବଣ ଘଟକୁ ଉତ୍ତୋଳନ କରି ଠାକୁରାଣୀଙ୍କୁ ସହସ୍ରା କୁମ୍ଭାଭିଷେକ ଜଳଲାଗି କରାଯାଇ ଷୋଡ଼ଶ ଉପଚାର ପୂଜା ଆରମ୍ଭ ହେଉଛି। ଏହି ଶାରଦୀୟ ପାର୍ବଣ ପୂଜା ୧୬ ଦିନ ତଥା ଆସନ୍ତା ମଙ୍ଗଳବାର ମହାନବମୀ ପର୍ଯ୍ୟନ୍ତ ଚାଲିବ। ପ୍ରତ୍ୟେକ ଦିନ ସ୍ୱତନ୍ତ୍ର ନୀତିକାନ୍ତି ସହ ମା' ବିଭିନ୍ନ ବେଶରେ ସୁସଜ୍ଜିତ ହେଇ ଶ୍ରଦ୍ଧାଳୁଙ୍କୁ ମା' ଦର୍ଶନ ଦେବେ। ମା'ଙ୍କୁ ବିଭିନ୍ନ ବେଶରେ ପ୍ରତିଦିନ ସୁବାସିତ ଜଳରେ ହଳଦୀ, ଚୁଆ, ଅଗୁର, ଶ୍ରୀକର୍ପୂର, ଗନ୍ଧା, ଚନ୍ଦନ ପ୍ରଭୃତି ପକାଯାଇ ମନ୍ତ୍ରପାଠ ଦ୍ୱାରା ଶୋଧନ କରି ସହସ୍ରା କୁମ୍ଭାଭିଷେକ ଜଳରେ ମା'ଙ୍କୁ ସ୍ନାନ ଓ ସୁସଜ୍ଜିତ କରାଯାଉଅଛି। ନୀଳଗିରି ରାଜବଂଶର ଇଷ୍ଟଦେବୀ ମା'ଙ୍କ ସ୍ଥାପନା ନେଇ କୌଣସି ନିର୍ଦ୍ଦିଷ୍ଟ ତଥ୍ୟ ନାହିଁ। କୁହାଯାଏ, ୧୪୫୨ ଖ୍ରୀଷ୍ଟାବ୍ଦରେ ରାଜା ନାରାୟଣ ବସନ୍ତ ବିରାଟ ଭୂଜଙ୍ଗ ମାନ୍ଧାତା ମା'ଙ୍କୁ ସ୍ଥାପନା କରିଥିଲେ। ୧୫୦୦ ଖ୍ରୀଷ୍ଟାବ୍ଦ ଶେଷାର୍ଦ୍ଧରେ କଳାପାହାଡ଼ ଆକ୍ରମଣ କରି ମା'ଙ୍କ ମନ୍ଦିର ଭାଙ୍ଗି ଦେଇଥିଲେ। ଏହି ସମୟରେ ମା'ଙ୍କୁ ଏକ ନିମ୍ବଗଛ ମୂଳେ ଲୁଚାଇ ରଖାଯାଇଥିଲା। ପରବର୍ତ୍ତୀ ସମୟରେ ରାଜା ଶ୍ୟାମଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ସ୍ୱପ୍ନାଦେଶ ପାଇ ମନ୍ଦିର ତୋଳିଥିଲେ। ରଜ ସଂକ୍ରାନ୍ତି ଓ ମକର ସଂକ୍ରାନ୍ତିରେ ମଧ ସ୍ୱତନ୍ତ୍ର ପୂଜା ହୋଇଥାଏ। ପୂଜକ ବିଜୟ କୁମାର ପଣ୍ଡାଙ୍କ କହିଛନ୍ତି, ଆମ ପୂର୍ବପୁରୁଷ ମାନେ ମା'ଙ୍କ ପୂଜା କରୁଥିଲେ, ଏବେ ମୁଖ୍ୟ ପୂଜକ ଭାବେ ଶ୍ରୀ ପଣ୍ଡା ପ୍ରତିଦିନ ଚଣ୍ଡୀ ପାଠ କରିବା ସହ ପୂଜା ପରିଚାଳନା କରୁଛନ୍ତି। ଏହି ସମୟରେ ମା'ଙ୍କୁ ଦର୍ଶନ କଲେ ଶ୍ରଦ୍ଧାଳୁଙ୍କ ମନସ୍କାମନା ପୂର୍ଣ୍ଣ ହୋଇଥାଏ ବୋଲି ବିଶ୍ୱାସ ରହିଛି। ସେପ୍ଟେମ୍ବର ୨୮ ରେ ମହାସପ୍ତମୀ ପୂଜା ଓ ୨୯ ରେ ମହାଅଷ୍ଟମୀ ପୂଜା ସହ ୩୦ରେ ମହାନବମୀ ପୂଜା ଦିନ ସନ୍ଧ୍ୟାରେ ନୀଳଗିରି ରାଜାସାହେବ ଜୟନ୍ତ ଚନ୍ଦ୍ର ମର୍ଦ୍ଦରାଜ ହରିଚନ୍ଦନ ପୂଜକ ମାଧ୍ୟମରେ ପୂର୍ଣ୍ଣାହୁତି କରାଇଥାନ୍ତି। ଅକ୍ଟୋବର ୧ରେ ବିଶ୍ରାମ ୨ ତାରିଖ ଦଶହରାରେ ମା' ଭୂଧାରଚଣ୍ଡୀ ଶାରଦୀୟ ପାର୍ବଣ ଘଟକୁ ବିସର୍ଜନ ଦେବା ପରେ ପୂଜକ ଘଟକୁ ସୁସଜ୍ଜିତ କରି ମୁଣ୍ଡରେ ମୁଣ୍ଡାଇ ବାଜା ଢୋଲ ମହୁରୀ ବଜାଇ ପୂଜକ ମା'ଙ୍କ ସର୍ଦ୍ଦାର ଓ ଶ୍ରଦ୍ଧାଳୁ ସଜନାଗଡ଼ ପୀଠରୁ ବାହାରି ନୀଳଗିରି ରାଜବାଟୀସ୍ଥିତ କନକ ଦୁର୍ଗା ମନ୍ଦିରରେ ପହଞ୍ଚାଇଥାନ୍ତି।





## ଜଳେଶ୍ୱରରେ ଡିଜେ ଶବ୍ଦ ପ୍ରଦୂଷଣ ବନ୍ଦ ହେବ କେବେ

ଜଳେଶ୍ୱର, ୧୩। ୯ (ସମିସ): ଜଳେଶ୍ୱର ଅଞ୍ଚଳରେ ଡିଜେ ସାଉଣ୍ଡ ପ୍ରଦୂଷଣ ବନ୍ଦ ହେବ କେବେ। ବାଲେଶ୍ୱର ସହରରେ ଡିଜେ ସାଉଣ୍ଡ ବନ୍ଦ ପାଇଁ ପ୍ରଶାସନ ପକ୍ଷରୁ ବ୍ୟାପକ ଆଇନ ବ୍ୟବସ୍ଥା କରାଯାଉଥିବାବେଳେ ଜଳେଶ୍ୱର ସେଥିରୁ ବାଦ ପଡିଛି। ଫଳରେ ଜନସାଧାରଣ ଅସନ୍ତୋଷ ବ୍ୟକ୍ତ କରିବା ସହିତ ଜିଲ୍ଲାପାଳ ଓ ଏସ୍‌ପିଙ୍କ ହସ୍ତକ୍ଷେପ ଦାବୀ କରିଛନ୍ତି। ବର୍ଷସାରା ବିଭିନ୍ନ ପୂଜା ପାର୍ବଣ ତଥା ବିବାହ ଭୋଜି ଲାଗିରହିଛି। କିନ୍ତୁ ଡିଜେର ସାଉଣ୍ଡ ବିନା ପାଳନ ହେଉନାହିଁ। ଆଧୁନିକ ଯୁଗର ଯୁବକ ଯୁବତୀ ମାନଙ୍କ ପାଇଁ ଏହା ଅତ୍ୟାବଶ୍ୟକ ହୋଇ ଉଠିଥିବା ବେଳେ ବାର୍ଦ୍ଧକ୍ୟ ଓ ହୃଦ୍‌ରୋଗୀ ଓ ଶିଶୁମାନଙ୍କ ପାଇଁ ଏହା କାଳ ହୋଇ ଛିଡାହେଉଛି। ବହୁ ଘଟଣା ଘଟୁଥିଲେ ମଧ ଆଜିର ଯୁବ ପିଢିଙ୍କ ପାଇଁ ତାହା ଏକ ଦୁର୍ଘଟଣା ବ୍ୟତିତ କିଛି ନୁହେଁ। ଦେଶର ଉଚ୍ଚ ନ୍ୟାୟାଳୟ ଏହାର ପ୍ରତିବନ୍ଧକ ପାଇଁ ବହୁବାର ନିୟମ ଲାଗୁ କରିବା ପାଇଁ ନିର୍ଦ୍ଦେଶ ଦେଉଥିଲେ ମଧ ରାଜ୍ୟ ସରକାର ଓ ସ୍ଥାନୀୟ ପ୍ରଶାସନିକ ଅଧିକାରୀମାନଙ୍କ ଦୁର୍ବଳତା ତଥା ସମ୍ପର୍କର ବନ୍ଧନ ଯୋଗୁଁ ନିୟମ ଲାଗୁ ହେବାରେ ବିଫଳ ହେଉଥିବାର ଦେଖିବାକୁ ମିଳୁଛି। ଡିଜେ ପ୍ରଦୂର୍ଷଣ ମାନବ ସମାଜ ପାଇଁ ଘାତକ ସାଜିଥିବା ବେଳେ ବାଲେଶ୍ୱର ସଦରରେ ଏହା ଲାଗୁ ହୋଇପାରୁଥିବା ବେଳେ ଆଂଚଳିକ ସହର ତଥା ଗ୍ରାମାଞ୍ଚଳରେ ଲାଗୁ ନହେବାର ଯର୍ଥାଥତା ଉପରେ ଜନସାଧାରଣ ପ୍ରଶ୍ନ ଉଠାଇଛନ୍ତି। ତେଣୁ ତୁରନ୍ତ ଏହି ଶବ୍ଦ ପ୍ରଦୂଷଣକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଜଳେଶ୍ୱର ବାସୀ ଓ ବରିଷ୍ଠ ନାଗରୀକ ମାନେ ଦାବୀ କରିଛନ୍ତି।

## ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ଆଲୋଚନାଚକ୍ର




ନୀଳଗିରି, ୧୩।୯ (ସମିସ): ନୀଳଗିରି ମହିଳା ଡିଗ୍ରୀ ମହାବିଦ୍ୟାଳୟରେ ବିଶ୍ୱ ଆପାତକାଳୀନ ଦିବସ ପାଳିତ ମହାବିଦ୍ୟାଳୟର ଅଧକ୍ଷା ମଞ୍ଜୁଶ୍ରୀ ପଣ୍ଡାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଆଲୋଚନାଚକ୍ରରେ ନୀଳଗିରି ଉପଖଣ୍ଡସ୍ତରୀୟ ସ୍ୱାସ୍ଥ୍ୟକେନ୍ଦ୍ରର ଭେଷଜ ବିଶାରଦ ଭାବରେ ଡ. ଶୁଭ୍ରାଂଶୁ ଶେଖର ପରିଡ଼ା ଯୋଗଦେଇ ଛାତ୍ରୀମାନଙ୍କୁ ଆପାତକାଳୀନ ଚିକିତ୍ସା ସମ୍ପର୍କିତ ସବିଶେଷ ତଥ୍ୟ ପ୍ରଦାନ କରିଥିଲେ। ଅନ୍ୟଅତିଥି ଭାବରେ ଆପାତକାଳୀନ ଚିକିତ୍ସା ତାଲିମପ୍ରାପ୍ତ ଅଧ୍ୟାପିକା ସୁଷମା ଭୋଳ, ଅଧ୍ୟାପିକା ଡ. ଶିବାନୀ ଡଗର, ଅଧ୍ୟାପିକା ମମତା ପ୍ରିୟଦର୍ଶିନୀ ସାହୁ, ମୌସୁମୀ ଭୋଳ, ପବିତ୍ରା ବେହୁରିଆ ଯୋଗଦେଇ ବହୁତଥ୍ୟ ପ୍ରଦାନ କରିଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ୟୁଥ୍ ରେଡ କ୍ରସ୍ ଓ ରେଡ୍ ରିବନ୍ କ୍ଲବ୍‌ର କାଉନସେଲର ଡ. ପ୍ରଦୀପ୍ତ ମିଶ୍ର ପରିଚାଳନା କରିବାସହ ସମସ୍ତଙ୍କୁ ଧନ୍ୟବାଦ୍ ଜ୍ଞାପନ କରିଥିଲେ।

**● ଅଭିଯୋଗ ପରେ ମିଳିଲାନି ନ୍ୟାୟ**

## ଥାନା ଆଗରେ ମହିଳାଙ୍କ ଆତ୍ମାହୂତି ଚେତାବନୀ

ବାଲିଆପାଳ, ୧୩।୯ (ସମିସ): ବାଲିଆପାଳ ବ୍ଲକ ଦେଉଳା ପଞ୍ଚାୟତର ବିରିପାଲିଆ ଗ୍ରାମବାସୀଙ୍କ ଦ୍ୱାରା ସୁକାନ୍ତି ଦାସଙ୍କ ବାଡ଼ିରୁ ସେପ୍ଟେମ୍ବର ୯ ତାରିଖରେ ଗଛ କାଟିବା ଓ ବାଡ଼ ଭାଙ୍ଗିବା , ପୁଣି ୧୧ ତାରିଖ ଦିନ ତାଙ୍କୁ ଜୋରଜବରଦସ୍ତ ଘରେ ତାଲା ପକାଇ ଦେଇ ତାଙ୍କ ରୋଷେଇ ଘରକୁ ଜେସିବି ଲଗାଇ ଭାଙ୍ଗିଦେଇଥିଲେ। ଏ ନେଇ ମହିଳା ଜଣଙ୍କ ଦୁଇ ଥର ବାଲିଆପାଳ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ମାତ୍ର ଅଦ୍ୟାବଧି ପୁଲିସ କୈଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରୁନଥିବା ନେଇ ଶ୍ରୀମତୀ ଦାସ ଅସନ୍ତୋଷ ବ୍ୟକ୍ତ କରିଛନ୍ତି। ନ୍ୟାୟ ନ ମିଳିବାରୁ ବାଲିଆପାଳ ଥାନା ସମ୍ମୁଖରେ ଆତ୍ମାହୁତି ଦେବାକୁ ବାଧ ହେବେ ବୋଲି ଶନିବାର ପୂର୍ବାହ୍ନରେ ବାଲିଆପାଳ ପୂର୍ତ୍ତ ବିଭାଗ ଡାକବଙ୍ଗଳା ପରିସରରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ସେ କହିଛନ୍ତି।



## ଯୋଗାଣ ଅଧିକାରୀଙ୍କୁ ଦୁର୍ବ୍ୟବହାର ଅଭିଯୋଗ

ଜଳେଶ୍ୱର ବ୍ଲକ, ୧୩।୯ (ସମିସ): ଜଳେଶ୍ୱର ପଞ୍ଚାୟତ ସମିତି ଅଧିନ ବିଭିନ୍ନ ଗ୍ରାମ ପଞ୍ଚାୟତରେ ଆଜକୁ ଦୀର୍ଘ ଦିନ ଧରି ଖାଦ୍ୟ ସୁରକ୍ଷା ବିଭାଗରେ ଶୃଙ୍ଖଳିତ ଭାବେ ସାଧାରଣ ଲୋକଙ୍କର ବିଭିନ୍ନ କାର୍ଯ୍ୟ ସୁଚାରୁ ରୂପେ ହୋଇ ଆସୁଅଛି କିନ୍ତୁ ଗତ କାଲି କେତେକ ବିଶୃଙ୍ଖଳିତ ବ୍ୟକ୍ତି ବିଶେଷ ମାନେ ସାଧାରଣ ଲୋକଙ୍କ କାର୍ଯ୍ୟ ଚାଲିଥିବା ସମୟରେ ଯୋଜନା ବଦ୍ଧ ଭାବେ କାର୍ଯ୍ୟାଳୟକୁ ଆସି ଯୋଗାଣ ଅଧିକାରିଣୀ ଏବଂ ଡାଟା ଏଣ୍ଟ୍ରି ଅପରେଟରଙ୍କୁ ଅଶୋଭନୀୟ ଆଚରଣ କରିବା ସଙ୍ଗେ ସଙ୍ଗେ କାର୍ଯ୍ୟରେ ବାଧା ସୃଷ୍ଟି କରିଥିଲେ। ଏହି ଘଟଣା ସମୟ ଭିଡିଓ ଭାଇରାଲ ହୋଇଛି। ବିଭିନ୍ନ ଗ୍ରାମ ପଞ୍ଚାୟତ ସରପଞ୍ଚ ଓ ସମିତି ସଭ୍ୟ ମାନେ ଦେଖି ଆଜି ଅପରାହ୍ନରେ ବିଡ଼ିଓ ଗୌରାଙ୍ଗ ଚରଣ ଘୋଷଙ୍କୁ ସରପଞ୍ଚ ସଂଘ ପକ୍ଷରୁ ଉକ୍ତ ବିଶୃଙ୍ଖଳିତ ବ୍ୟକ୍ତିବିଶେଷଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିମନ୍ତେ ଲିଖିତ ଅଭିଯୋଗ କରିଛନ୍ତି। ଘଟଣା ସମ୍ବନ୍ଧରେ ଜିଲ୍ଲାପାଳ ଓ ଜିଲ୍ଲା ମୁଖ୍ୟ ଯୋଗାଣ ଅଧିକାରୀଙ୍କ ଅବଗତି ନିମନ୍ତେ ପଠାଯାଇଛି।

## କମର୍ଦ୍ଦା ଥାନା ଆଗରେ ବିଜେଡି ଓ କଂଗ୍ରେସର ଧାରଣା

ଭୋଗରାଇ, ୧୩।୯ (ସମିସ) : ଭୋଗରାଇ ବ୍ଲକ କମର୍ଦ୍ଦା ଥାନାରେ ବିପର୍ଯ୍ୟସ୍ତ ଆଇନଶୃଙ୍ଖଳା ବ୍ୟବସ୍ଥାକୁ ନେଇ ଥାନା ସମ୍ମୁଖରେ ଆଜି ବିଜେଡି ଓ କଂଗ୍ରେସର ନେତା ଓ କର୍ମୀ ଧାରଣାରେ ବସିଥିବା ଜଣାପଡ଼ିଛି। କମର୍ଦ୍ଦା ଥାନା ଟି ପଶ୍ଚିମବଙ୍ଗ ସିମାନ୍ତ ବର୍ତ୍ତି ଥାନା ହେଇଥିବା ବେଳେ ଦୀର୍ଘଦିନ ଧରି ଆଇଆଇସି ନାହାନ୍ତି। ଏସ୍‌ଆଇ ମହିମହି ହେମ୍ବ୍ରମ ବର୍ତ୍ତମାନ ଆଇଆଇସି ଦାୟିତ୍ୱ ଚଳାଉଛନ୍ତି। ମାତ୍ର ବେଶ କିଛିଦିନ ଧରି ଏହି ଥାନା ଅଞ୍ଚଳରେ ଆଇନ୍ ଶୃଙ୍ଖଳା ବିପର୍ଯ୍ୟସ୍ତ ହୋଇଯାଇଛି। ଶାସକ ଦଳର ସ୍ଥାନୀୟ ନେତାଙ୍କ ଚାପରେ ପୁଲିସ କାର୍ଯ୍ୟ କରୁଥିବା ଓ ନିର୍ଦୋଷ ଲୋକଙ୍କୁ ରାତି ଅଧିଆ ଉଠାଇ ଆଣି ମାନସିକ ଓ ଶାରିରୀକ ଚାପ ଦେଉଥିବା ଅଭିଯୋଗ ହେଇଛି। କମର୍ଦ୍ଦା ଥାନା ଅନ୍ତର୍ଗତ ପୁରୁଷୋତ୍ତମ ପୁର ଗ୍ରାମର ରାଜକିଶୋର ପାତ୍ର ଓ ତାଙ୍କର ସହଯୋଗୀଙ୍କୁ ଏକ ନଳକୂପ ଖନନ ସ୍ଥାନ ଚିହ୍ନଟକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ବିବାଦ ଦେଖା ଯାଇଥିଲା। ଏ ନେଇ ଗୋଟିଏ ଗୋଷ୍ଠୀ ଅଭିଯୋଗ କରିଥିବା ବେଳେ ଅନ୍ୟ ଗୋଷ୍ଠୀର ଆଉ ଦୁଇ ଜଣ ମଧ ଅଭିଯୋଗ ଦେବାକୁ ଆସିଥିଲେ। ମାତ୍ର କମର୍ଦ୍ଦା ପୁଲିସ ସେମାନଙ୍କୁ ରାତି ସାରା ଥାନାରେ ଅଟକ ରଖିଥିଲେ। ବିନା ତଦନ୍ତରେ କିଭଳି ଦୁଇଜଣଙ୍କୁ ରାତି ସାରା ଅଟକ ରଖିଲା କମର୍ଦ୍ଦା ପୁଲିସ ଏ ନେଇ ପ୍ରଶ୍ନ ବାଚୀ ସୃଷ୍ଟି ହୋଇଛି। ଏହାକୁ ନେଇ ଥାନା ଆଗରେ ୩୦ ନମ୍ବର ଜୋନର ଜିଲ୍ଲା ପରିଷଦ ସଭ୍ୟ ଗିରିଶ ଦତ୍ତ, କଂଗ୍ରେସ ନେତା ସତ୍ୟଶିବ ଦାସ, ୩୩ ନମ୍ବର ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ କୁମାର ଜେନା ସହିତ ଶହଶହ ବିଜେଡି ଓ କଂଗ୍ରେସ କର୍ମୀ ନେତା ମାନେ ଧାରଣାରେ ବସିଥିଲେ। ବହୁ ସମୟ ବିଜେଡି ଓ କଂଗ୍ରେସ ନେତା ଓ କର୍ମୀମାନଙ୍କ ବିରୋଧ ପରେ ପୁଲିସ ଅଟକ ଥିବା ଦୁଇ ଜଣଙ୍କୁ ଛାଡି ଥିଲା। ଯଥା ଶିଘ୍ର କମର୍ଦ୍ଦା ଥାନା ଆଇଆଇସି ଦାୟିତ୍ୱରେ ଥିବା ଏସଆଇ ମହିମହି ହେମ୍ବ୍ରମକୁ ବଦଳି କରିବା ସହିତ ଥାନାରେ ନୂତନ ଆଇ ଆଇସି ନିଯୁକ୍ତି କରିବା ପାଇଁ ଉଭୟ ବିଜେଡି ଓ କଂଗ୍ରେସର ନେତା କର୍ମୀମାନେ ଦାବି କରିଛନ୍ତି।




## ରାସନ ସାମଗ୍ରୀ ବଣ୍ଟନ

ଜଳେଶ୍ୱର,୧୩।୯ (ସମିସ): ଜଳେଶ୍ୱର ବ୍ଲକଅଧିନ ବର୍ତ୍ତନା ପଞ୍ଚାୟତ ଶୋଳଶୋଣ୍ଡା ଗ୍ରାମରେ ଭୁବନେଶ୍ୱରସ୍ଥିତ ରବିନ୍ ହୁଡ ଆର୍ମି ସଂଗଠନ ପକ୍ଷରୁ ଜନଜାତି ଶ୍ରେଣୀର ଆର୍ଥିକ ଅନଗ୍ରସର ଲୋକଙ୍କୁ ରାସନ୍ ସାମଗ୍ରୀ ପ୍ରଦାନ କରାଯାଇଛି। କଂଗ୍ରେସ ନେତା ସୁଦର୍ଶନ ଦାସଙ୍କ ମାର୍ଗଦର୍ଶନରେ ଶନିବାର ଅପରାହ୍ନରେ ପ୍ରାକ୍ତନ ସରପଞ୍ଚ ପଦ୍ମ ଲୋଚନ ବେହେରା ଆସିଥିବା ସହାୟତା ସାମଗ୍ରୀକୁ ବିତରଣ କରିଥିଲେ। ପ୍ରାୟ ଏକ ଶହ ପରିବାର ପିଛା ୫ କେଜି ଚାଉଳ, ଏକ କେଜି ଡାଲି ଓ ଲୁଗାପଟା ଇତ୍ୟାଦି ବଣ୍ଟନ ହୋଇଥିଲା। କାର୍ଯ୍ୟକ୍ରମରେ ଗୋପାଳ ଚନ୍ଦ୍ର ବେହେରା, ତ୍ରିଲୋଚନ ସେଠୀ, ମନୋଜ ଟୁଡୁ, ବାମଦେବ ପ୍ରଧାନ, ବିଶ୍ୱନାଥ ବେହେରା, ଶ୍ରୀକାନ୍ତ ପ୍ରଧାନ, ଦିଲ୍ଲୀପ ଜେନା ପ୍ରମୁଖ ସହଯୋଗ କରିଥିଲେ।

**କରତକଳ ବନ୍ଦ ଯୋଗୁ ବଢୁଛି ଅସନ୍ତୋଷ**

## ଓଡ଼ିଶାରୁ କାଠ ନେଇ ବଙ୍ଗ ମାଫିଆ ମାଲେମାଲ

ବାଲିଆପାଳ, ୧୩।୯ (ସମିସ)

୧୯୪୭ ମସିହାରେ ସରକାର ଲୋକମାନଙ୍କର ଅତ୍ୟାବଶ୍ୟକ ସାମଗ୍ରୀ ଭାବେ କାଠର ବ୍ୟବହାର ପାଇଁ ଜିଲ୍ଲାରେ ହାତ ଗଣତି ମାତ୍ର କେତୋଟି କରତ କଳ ବସାଇବାକୁ ଅନୁମତି ଦେଇଥିଲେ। ସେତେବେଳେ ଏହା ସୀମିତ ପରିବେଶ ମଧ୍ୟରେ ନିର୍ଦ୍ଦିଷ୍ଟ ଅଞ୍ଚଳର କିଛି ମୁଷ୍ଟିମେୟ ଲୋକ ଅକ୍ତିଆର କରିଥିଲେ। ତାହା ଏବେ ମଧ ବଳବତ୍ତର ରହିଛି। ଉକ୍ତ କରତକଳ ଗୁଡିକ ଉତ୍ତର ବାଲେଶ୍ୱରର ବସ୍ତା ରୁ ୩୦ କିଲୋମିଟର ବାଲିଆପାଳରୁ ୫୦ -୬୦ କିଲୋମିଟର, ଜଳେଶ୍ୱରରୁ ୫୦-୬୫ କିଲୋମିଟର, ଭୋଗରାଇରୁ ୮୦କିଲୋମିଟର ଦୂରତାରେ ରହିଛି। ତେଣୁ ଜଣେ ସାଧାରଣ ଲୋକ ଘରଟିଏ ତିଆରି କରିବାକୁ ଆବଶ୍ୟକୀୟ କାଠ କିମ୍ବା ଘରର ଆସବାବପତ୍ର ତିଆରି କରିବା ପାଇଁ ଏତେ ଦୂର ଯିବା ସମ୍ଭବପର ନୁହେଁ। ଏଭଳି ସମସ୍ୟାକୁ ନଜର କରି ବିଗତ ଦିନ ମାନଙ୍କରେ କିଛି ନେତୃତ୍ୱମଣ୍ଡଳୀ ବନ ବିଭାଗର ବରିଷ୍ଠ ଅଧିକାରୀ ମାନଙ୍କ ସହ ଆଲୋଚନା ପର୍ଯ୍ୟାଲୋଚନା କରି କିଛି ଅସ୍ଥାୟୀ କରତକଳ ବସାଇଥିଲେ। ଯାହାକୁ ନେଇ ଲୋକେ ନିଜର ଅତ୍ୟାବଶ୍ୟକ ଗୁଜୁରାଣ ମେଣ୍ଟାଇ ଆସୁଥିଲେ। ଦୀର୍ଘଦିନ ଧରି ପ୍ରଶାସନ ପ୍ରଶାସକଙ୍କ ମଧୁଚନ୍ଦ୍ରିକାରେ ସବୁ ଠିକ ଠାକ ଚାଲିଥିଲା। ଏସବୁ ବନ୍ଦ ଯୋଗୁ ପଶ୍ଚିମବଙ୍ଗର କାଠ ମାଫିଆ ମାନେ ଓଡିଶାରୁ କାଠ ନେଇ ମାଲେମାଲ ହେଉଛନ୍ତି। ଆମେ ସ୍ୱଇଚ୍ଛାରେ କାଠ ଗଣ୍ଡି ସବୁ ଦେଇ ଦେଉଛୁ ଏବଂ ତାଙ୍କଠାରୁ ଖଟ ପଲଙ୍କ, ଟେବୁଲ ଚେୟାର ଏବଂ ଘରୋଇ ଉପକରଣ ଚଢା ଦରରେ କିଣିବାକୁ ବାଧ ହେଉଛୁ। ଯଦି ନୂଆ ସରକାର ନୂଆ ନିୟମ କରି ଲୋକମାନଙ୍କ ମନରେ ଏକ ଜାଗରଣ ସୃଷ୍ଟି କରିପାରିଛନ୍ତି ତେବେ ରାଜ୍ୟର ବନବିଭାଗରେ ପଚାଶ ବର୍ଷ ତଳର ନିୟମକୁ ଭାଙ୍ଗି ନୂତନ ନିୟମ ଲାଗୁ କରିବା ସହିତ ପ୍ରତି ବ୍ଲକରେ ଅନ୍ୟୁନ ଦୁଇଟି ଲେଖାଏଁ କରତ କଳ ବସାଇ ପାରିଲେ ରାଜସ୍ୱ ବୃଦ୍ଧି ସହିତ ପଶ୍ଚିମବଙ୍ଗର ଚୋରା କାଠ ବେପାରୀଙ୍କୁ ଦମନ କରାଯାଇ ପାରନ୍ତା ବୋଲି ବୁଦ୍ଧିଜୀବୀ ମହଲରେ ଚର୍ଚ୍ଚା ହେଉଛି।

JOB OPPORTUNITY
Ev mechanic -3 nos, Experience -3 years
Salary -Rs 8,000/- with Lunch
Service incharge -1 nos, experience- 1year
Salary -Rs 10,000/- With lunch
IF INTRESTED...
SEND YOUR BIODATA & CONTACT WITH
SATYA ENTERPRISES
WARD NO-13, SRIPADGANJ, NEAR SDPO OFFICE,
STATION BAZAR, PALABANI, BARIPADA
Phone No-8144751467, E-Mail:- dealereve@gmail.com

# ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ ସମାରୋହ ଉଦ୍‌ଯାପିତ




ବାଲେଶ୍ୱର,୧୩।୯ (ସମିସ): ଜୀବନକୁ ବଞ୍ଚାଇବାର ବାର୍ତ୍ତା ନେଇ ବିଶ୍ୱ ଆତ୍ମହତ୍ୟା ପ୍ରତିରୋଧ ସପ୍ତାହ ସମାରୋହ ଉଦ୍‌ଯାପିତ ହୋଇଯାଇଛି। ସମାପନୀ ଅବସରରେ କୁଳପତି ପ୍ରଫେସର ସନ୍ତୋଷ କୁମାର ତ୍ରିପାଠୀ ଅଧ୍ୟକ୍ଷତା କରି ଜୀବନର ସମ୍ଭାବ୍ୟ ସମାଧାନ ସହ ଅଗ୍ରସର ହୋଇ ସଫଳତାର ସ୍ୱାଦ ସହ ପରିଚୟପ୍ରାପ୍ତି କରିଥିବାର ଉଦାହରଣ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମରେ ସାମାଜିକ ବିଜ୍ଞାନ ବିଭାଗର ମୁଖ୍ୟ ଡ. ପବିତ୍ରମୋହନ ନାୟକଙ୍କ ସମେତ ବ୍ୟବହାରିକ ମନୋବିଜ୍ଞାନ ବିଭାଗର ସଂଯୋଜକ ଡ. ରାଜଶ୍ରୀ ଦତ୍ତ ଓ ବିଭାଗ ଅଧ୍ୟାପକ-ଅଧ୍ୟାପିକା ଶଶାଙ୍କ ଶେଖର ଗଡନାୟକ, ଜସ୍ମିନ ସାମନ୍ତରାୟ ଓ ଜୟନ୍ତୀ ମଲ୍ଲ ପ୍ରମୁଖ ଉପସ୍ଥିତ ରହିଥିଲେ। ଛାତ୍ରଛାତ୍ରୀଙ୍କ ଦ୍ୱାରା ପ୍ରଦର୍ଶିତ 'ମୁଁ ବି ବଞ୍ଚିବାକୁ ଚାହେଁ' ନାଟକ ବିଭିନ୍ନ ଗ୍ରାମାଞ୍ଚଳର ଦର୍ଶକମାନଙ୍କ ପାଇଁ ଅତ୍ୟନ୍ତ ପ୍ରାସଙ୍ଗିକ ଓ ଶିକ୍ଷାପ୍ରଦ ହୋଇଥିଲା। ଚରିତ୍ରମାନଙ୍କର ସଂବେଦନଶୀଳ ଅଭିନୟ ଦର୍ଶକମାନଙ୍କ ମନରେ ଗଭୀର ପ୍ରଭାବ ପକାଇବା ସହ ସର୍ବପ୍ରଥମେ ଜୀବନକୁ ବାଛିବା ସନ୍ଦେଶକୁ ଜୀବନ୍ତ କରିଥିଲା। ୧୧ ସେପ୍ଟେମ୍ବରର ସଚେତନତା ପଦଯାତ୍ରା କ୍ୟାମ୍ପସ୍‌ରୁ ନିକଟସ୍ଥ ଗ୍ରାମାଞ୍ଚଳ ପର୍ଯ୍ୟନ୍ତ କରାଯାଇଥିଲା। ସେଥିରେ 'ଜୀବନକୁ ବଞ୍ଚାନ୍ତୁ', 'ନିଜ କଥା କହନ୍ତୁ, ଅନ୍ୟମାନଙ୍କୁ ଶୁଣନ୍ତୁ, "ସମ୍ବେଦନଶୀଳ ହେବା ସହ ସହଯୋଗ କରନ୍ତୁ' ପରି ସ୍ଲୋଗାନରେ ଛାତ୍ରଛାତ୍ରୀ ଗ୍ରାମବାସୀମାନଙ୍କୁ ସଚେତନ କରିଥିଲେ। ପଦଯାତ୍ରାରେ ସମସ୍ତଙ୍କ ଉତ୍ସାହୀ ଅଂଶଗ୍ରହଣ ଏକ ସାମୁହିକ ସହଯୋଗାତ୍ମକ ଆଭିମୁଖ୍ୟକୁ ସାଧାରଣ ଲୋକଙ୍କ ପହଞ୍ଚାଇଥିଲା। ୯ ସେପ୍ଟେମ୍ବରର ସୃଜନଶୀଳ ପ୍ରତିଯୋଗିତା (ନିବନ୍ଧ ଲିଖନ, ବକ୍ତୃତା ଓ ଚିତ୍ରାଙ୍କନ)ରେ ଛାତ୍ରଛାତ୍ରୀଙ୍କ ସାହସୀ ଚିନ୍ତାଧାରା, ସମାଜିକ ସନ୍ଦେଶ ଓ ଚିତ୍ରକଳାଗୁଡ଼ିକ ବିଶିଷ୍ଟ ଅତିଥି ଓ ବିଶେଷଜ୍ଞମାନଙ୍କ ଦ୍ୱାରା ପ୍ରଶଂସିତ ହୋଇଥିଲା। ସମାପନୀ ଉତ୍ସବରେ ସଚେତନତାମୂଳକ ପ୍ରତିଜ୍ଞା ଗ୍ରହଣ କରାଗଲା ଓ ସପ୍ତାହ ଭରି ସକ୍ରିୟ ଅଂଶଗ୍ରହଣ କରିଥିବା ଛାତ୍ରଛାତ୍ରୀ ଓ ସ୍ୱେଚ୍ଛାସେବୀଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଛି।

## ଅବ୍ୟବସ୍ଥା ମଧ୍ୟରେ ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ

# ବିଭିନ୍ନ ୱାର୍ଡରେ ପାଣି ସଙ୍କଟ; ହୋହଲ୍ଲା

ବାଲେଶ୍ୱର,୧୩।୯ (ସମିସ)





ବହୁ ଆନ୍ଦୋଳନ ପରେ ବାଲେଶ୍ୱର ଜିଲ୍ଲାରେ ଗଢ଼ିଉଠିଥିଲା ଫକୀରମୋହନ ମେଡିକାଲ କଲେଜ ଓ ହସ୍ପିଟାଲ। ଲକ୍ଷ୍ୟ ଥିଲା ରୋଗୀଙ୍କୁ ଉତ୍ତମ ସେବା ପ୍ରଦାନ କରିବା। ଦୀର୍ଘବର୍ଷ ଜିଲ୍ଲା ମୁଖ୍ୟାଳୟରେ ଏହି ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ ଚାଲୁଥିବା ବେଳେ ରେମୁଣାକୁ ସମ୍ପୂର୍ଣ୍ଣ ଭାବେ ଏହା ଉଠିଯାଇଛି। ସେଠାରେ ସମ୍ପୂର୍ଣ୍ଣ ଭାବେ କାର୍ଯ୍ୟକ୍ଷମ ହେଉଛି ଏହି ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ। ହେଲେ ଏବେ ଏହି ହସପିଟାଲ ବିଭିନ୍ନ ଅବ୍ୟବସ୍ଥା ମଧ୍ୟରେ ଗତି କରୁଛି। କେତେବେଳେ ଲିଫ୍ଟ ଅଚଳ ତ ଆଉ କେତେବେଳେ ସିକ୍ୟୁରିଟି ଗାର୍ଡମାନେ ରୋଗୀମାନଙ୍କୁ ଖରାପ ବ୍ୟବହାର ପ୍ରଦର୍ଶନ କରୁଛନ୍ତି। ହେଲେ ଆଜି ଭିନ୍ନ ଏକ ଘଟଣା ଦେଖିବାକୁ ମିଳିଛି ସେଠାରେ।

ଶୁକ୍ରବାର ରାତି ୩ଟାରୁ ହସପିଟାଲର ବିଭିନ୍ନ ୱାର୍ଡରେ ପାଣି ନ ପାଇ ରୋଗୀମାନେ ହନ୍ତସନ୍ତ ହେଉଥିବା ବେଳେ ବାଧ୍ୟ ହୋଇ ବାହାରୁ ପାଣି ଆଣି ନିଜ କାର୍ଯ୍ୟ କରୁଛନ୍ତି। ଫଳରେ ରୋଗୀମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇବାରୁ ସେମାନେ ହସପିଟାଲର ପଞ୍ଜୀକରଣ କେନ୍ଦ୍ର ସମ୍ମୁଖରେ ହୋହାଲ୍ଲା କରିଛନ୍ତି।

ବାଲେଶ୍ୱର ଜିଲ୍ଲାରେ ଥିବା ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲ ଜିଲ୍ଲାପାଇଁ ବହୁ ଗୁରୁତ୍ୱ ବହନ କରେ। ଏହି ହସପିଟାଲକୁ ଜିଲ୍ଲା ବ୍ୟତିତ ପଡ଼ୋଶୀ ରାଜ୍ୟର ରୋଗୀମାନେ ଚିକିତ୍ସା ପାଇଁ ମଧ ନିର୍ଭର କରନ୍ତି। ହେଲେ ଆଜି ଏଠାରେ ବହୁ ଅବ୍ୟବସ୍ଥା ଦେଖିବାକୁ ମିଳିଛି। ହସପିଟାଲରେ ଶୁକ୍ରବାର ରାତି ୩ଟା ଠାରୁ ବିଭିନ୍ନ ୱାର୍ଡରେ ହଠାତ ପାଣି ବନ୍ଦ ହୋଇଯାଇଥିଲା। ରୋଗୀମାନେ ପାଣି ପାଇଁ ତହଲବିକଳ ହେଉଥିବା ବେଳେ ସେମାନଙ୍କ ମଧ୍ୟରେ ଅସନ୍ତୋଷ ବୃଦ୍ଧି ପାଇଥିଲା। ଫଳରେ ସେମାନେ ସେମାନଙ୍କର ନିତ୍ୟବ୍ୟହାର୍ଯ୍ୟ କାର୍ଯ୍ୟ କରିପାରି ନଥିଲେ। ଏପରିକି ସେମାନେ ସକାଳେ ଶୌଚପାଇଁ ମେଡିକାଲ ବାହାରକୁ ଯିବାକୁ ମଧ ପଡିଥିଲା। ଫଳରେ ବାଧହୋଇ ସେମାନେ ମେଡିକାଲରୁ ବାହାରି ଦୀର୍ଘ ଏକ କିଲୋମିଟର ରାସ୍ତା ଯାଇ ବାଲତିରେ ପାଣି ନେଇ ମେଡିକାଲକୁ ଆସୁଥିବା ଦେଖିବାକୁ ମିଳିଛି। ଅନ୍ୟପଟେ ଦୀର୍ଘସମୟ ଧରି ପାଣି ନ ଆସିବା ଫଳରେ ସେମାନେ ମେଡିକାଲ କର୍ତୃପକ୍ଷଙ୍କୁ ଜଣାଇଥିଲେ ସୁଦ୍ଧା କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇନଥିଲା। ଫଳରେ ସେମାନେ ମେଡିକାଲର ପଞ୍ଜୀକରଣ କେନ୍ଦ୍ର ନିକଟରେ ରୋଗୀଙ୍କ ସମ୍ପର୍କୀୟମାନେ ଏକାଠି ହୋଇ ହୋହାଲ୍ଲା କରିଥିଲେ। ଏ ନେଇ ଜଣେ ରୋଗୀଙ୍କ ସମ୍ପକୀୟ ସତ୍ୟନାରାୟଣ ପଣ୍ଡା କହିଛନ୍ତି ଯେ, ସେଠାରେ ପାଣିର ଅସୁବିଧା ହୋଇଛି। ହେଲେ କ'ଣ କାରଣ ପାଇଁ ହୋଇଛି ତାହା ସଠିକ ଭାବେ ଜାଣି ନାହାନ୍ତି। ହେଲେ ରାତି ୨ଟାରୁ ପାଣି ନଥିବା ବେଳେ ଭୋର ୫ଟା ସମୟରେ ସେମାନେ ଟ୍ୟାପରେ ପାଣି ଖୋଜିବାରୁ ପାଣିନଥିବା ଜାଣିବାକୁ ପାଇଥିଲେ। ଏପରିକି ସମ୍ପୂର୍ଣ୍ଣ ବିଲଡିଂରେ ପାଣିନଥିବା କହିଛନ୍ତି। ଏପରିକି ହସପିଟାଲ ସାରା କୌଣସି ବିଭାଗରେ ପାଣି ନଥିବା କହିଛନ୍ତି। ଏପରିକି ସେମାନେ ସିକ୍ୟୁରିଟିଙ୍କୁ ଘଟଣା ସମ୍ପର୍କରେ ପଚାରିଥିଲେ ସୁଦ୍ଧା କୌଣସି ଉତ୍ତର ମିଳି ନ ଥିଲା। ଏପରିକି ବିଭାଗର କୌଣସି କର୍ମଚାରୀ ନଥିବା ମଧ ଅଭିଯୋଗ କରିଛନ୍ତି। ଅନ୍ୟପଟେ ସେମାନେ ବାଧ ହୋଇ ରୋଗୀଙ୍କୁ ପାଣି କିଣିକି ଆଣି ଦେଇଛନ୍ତି ବୋଲି କହିଛନ୍ତି।

ଅନ୍ୟପଟେ ଆଜି ମେଡିକାଲ ଲିଫ୍ଟରେ ଯାଉଥିବା ବେଳେ କିଛି ରୋଗୀ ପାଖାପାଖି ୨୦ରୁ୨୫ମିନିଟ ତା ମଧ୍ୟରେ ଫଶିଯାଇଥିଲେ। ମେଡିକାଲରେ ବହୁ ଲିଫ୍ଟ ରହିଥିବା ବେଳେ ମାତ୍ର ୩ଟି ଲିଫ୍ଟ ଚାଲୁଥିବା ବେଳେ ଅନ୍ୟାନ୍ୟ ଲିଫ୍ଟ ଗୁଡିକ ସଠିକ ଭାବେ କାର୍ଯ୍ୟକରୁନଥିବା ଜଣାଯାଇଛି। ଏ ନେଇ ଫକୀରମୋହନ ମେଡିକାଲ କଲେଜ ଓ ହସପିଟାଲର ଡିନ ଡା. ଜନିନ୍ଦ୍ର ବେହେରା କହିଛନ୍ତି ଯେ, ମେଡିକାଲକୁ ଆସୁଥିବା ପାଣିର ଚାବି କେମିତି ବନ୍ଦ ହୋଇଯାଇଥିଲା। ରାତି ହୋଇଥିବାରୁ ତାହା ଜଣାପଡିନଥିଲା। ତେବେ ସକାଳେ ଦୀର୍ଘ ସମୟ ପରେ ଅର୍ଥାତ ୯ଟାରୁ ୯ଟା ୩୦ମଧ୍ୟରେ ପାଣି ଆସିଥିଲା। ଅନ୍ୟପଟେ ମେଡିକାଲରେ ତିନୋଟି ଲିଫ୍ଟ କାର୍ଯ୍ୟକ୍ଷମ ହେଉଥିବା ବେଳେ ବାକି ଲିଫ୍ଟ ଗୁଡିକ ମେଡିକାଲ କଲେଜକୁ ହସ୍ତାନ୍ତର ହୋଇନାହିଁ। ତେବେ ଯଦି ଲିଫ୍ଟରେ ଫସିବା ଭଳି ଯଦି କୌଣସି ଘଟଣା ଘଟିଥାଏ ତେବେ ତୁରନ୍ତ ଏହାର ସମାଧାନ କରାଯିବା ସହ ସମସ୍ତ ଲିଫ୍ଟ ଗୁଡିକୁ କାର୍ଯ୍ୟ କରୁଥିବା ସଂସ୍ଥାକୁ ହସ୍ତାନ୍ତର ପାଇଁ କୁହାଯିବ ବୋଲି କହିଛନ୍ତି।

# ସୋଲପଟା ହାଇସ୍କୁଲରେ ପ୍ରତିଭା ସମ୍ମାନ ସମାରୋହ




ବାଲେଶ୍ୱର,୧୩।୯ (ସମିସ): ସଦର ବ୍ଲକ ଅନ୍ତର୍ଗତ କୁରାଡିହା ପଞ୍ଚାୟତ ସ୍ଥିତ ସୋଲପଟା ଉଚ୍ଚ ବିଦ୍ୟାଳୟରେ ପୁରାତନ ଛାତ୍ର ପରିଷଦ ଦ୍ୱାରା ପ୍ରତିଭା ସମ୍ମାନ ସମାରୋହ ପାଳିତ ହୋଇଯାଇଛି। ପିଲାମାନଙ୍କର ଏହି ସଭାରେ ପୁରାତନ ଛାତ୍ର ପରିଷଦର ସଭାପତି ଅରୁଣ କୁମାର ନାୟକଙ୍କ ପୌରୋହିତ୍ୟରେ ମୁଖ୍ୟଅତିଥି ନୀଳମଣି ମହାବିଦ୍ୟାଳୟର ପୁରାତନ ଛାତ୍ର ସଂସଦର କୋଷାଧ୍ୟକ୍ଷ ତଥା ଅବସର ପ୍ରାପ୍ତ ପ୍ରଧାନ ଶିକ୍ଷକ ଗୋପାଳ ସାହୁ ଉପସ୍ଥିତ ଥିବା ବେଳେ ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟର ପ୍ରଧାନ ଶିକ୍ଷକ କରୁଣାକର ପାତ୍ର, ଶିକ୍ଷାବିତ ସର୍ବେଶ୍ୱର ସେଠୀ, ସଦର ବିଧାୟକ ପ୍ରତିନିଧି ମହେଶ୍ୱର ନାୟକ,ପରିଚାଳନା ସମିତିର ସଭାପତି ପ୍ରତାପ ଚନ୍ଦ୍ର ବାରିକ ଏବଂ ପ୍ରଦୀପ ମିଶ୍ର ପ୍ରମୁଖ ଉପସ୍ଥିତ ରହି କୃତି ବିଦ୍ୟାର୍ଥୀଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରିଥିଲେ। ଏହି ପରିପ୍ରେକ୍ଷୀରେ ଶିକ୍ଷା ବର୍ଷ ୨୦୨୪-୨୫ ବୋଡର୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ଦୁଇ ଛାତ୍ରୀ ସୁନୟନା ଦାସ ଏବଂ ବିଷ୍ଣୁପ୍ରିୟା ଦାସଙ୍କୁ ଉପହାର ଦେଇ ସମ୍ବର୍ଦ୍ଧିତ କରାଯିବା ସହ ଗତ ଶିକ୍ଷା ବର୍ଷରେ ଅଷ୍ଟମ ଶ୍ରେଣୀର ସର୍ବାଧିକ ନମ୍ବର ରଖିଥିବା ସ୍ୱର୍ଣ୍ଣପ୍ରଭା ପ୍ରଧାନ, ଦେବଶ୍ରୀ ପାତ୍ର, କୃଷ୍ଣ ସାନ୍ତରାଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ନବମ ଶ୍ରେଣୀରୁ ପ୍ରିୟଙ୍କା ନାୟକ, ଅଭିପ୍ସା ପ୍ରଧାନ, ଅଙ୍କିତା ବେହେରାଙ୍କୁ ମଧ ଉପହାର ପ୍ରଦାନ କରି ସମ୍ବର୍ଦ୍ଧିତ କରାଯାଇଥିଲା। ଏଥି ସହିତ ବିଶେଷ ଭାବରେ ବିଦ୍ୟାଳୟର ଫାଉଣ୍ଡର ମେମ୍ବର ତଥା ପ୍ରଥମ ପ୍ରଧାନ ଶିକ୍ଷକ ସର୍ବେଶ୍ୱର ପାଣିଙ୍କ ଶିକ୍ଷକତାରୁ ଅବସର ନେବା ପରିପ୍ରେକ୍ଷୀରେ ପଦ ପୂଜନ କରିବା ସହ ବିଦାୟ କାଳୀନ ସମ୍ବର୍ଦ୍ଧନା ଦିଆ ଯାଇଥିଲା। ପରିଷଦର ସଦସ୍ୟ ତଥା ଶିକ୍ଷାବିତ ଅମୟ କୁମାର ଦାସ ମଞ୍ଚ ଆହ୍ୱାନ କରିଥିବା ବେଳେ ପରିଷଦର ସମ୍ପାଦକ ତଥା ଶିକ୍ଷକ ଗୋବିନ୍ଦ ଚନ୍ଦ୍ର ପ୍ରଧାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମରେ ପରିଷଦର ସଦସ୍ୟ ସନ୍ତୋଷ ନାୟକ, ରାଜ କିଶୋର ରାଉତ, ରାଧାଗୋବିନ୍ଦ ମାଝୀ, ରବିନ୍ଦ୍ର ମାଇତି, ଆଲ୍ପନା ବେରା, ଅମ୍ବିକା ବେରା, ସୁଧନା ଜାନା ସହଯୋଗ କରିଥିଲେ।

# ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଂଗଠନିକ ବୈଠକ

ବାଲେଶ୍ୱର,୧୩।୯ (ସମିସ): ରାଜ୍ୟ ଅବସରପ୍ରାପ୍ତ ସରକାରୀ କର୍ମଚାରୀ ସଂଘର ସାଙ୍ଗଠନିକ ବୈଠକ ଅନୁଷ୍ଠିତ ହୋଇଥିବା ଅବସରରେ ସଦର ବିଧାୟକ ମାନସ କୁମାର ଦତ୍ତ ଉପସ୍ଥିତ ରହି ପେନସନର୍ସ ବିଶ୍ରାମାଗାର ଓ ପାଠାଗାର ପରିସର ଦେଖିବା ସହ କର୍ମକର୍ତ୍ତା ଏବଂ ସଭ୍ୟସଭ୍ୟାଙ୍କ ସହ ଆଲୋଚନା କରିବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟର ସମୀକ୍ଷା କରିଥିଲେ। ସଭାପତି ଇଂ ବନମାଳୀ ନାୟକ ସ୍ୱାଗତ କରିଥିଲେ। ଉପାଧ୍ୟକ୍ଷ ସୁଦର୍ଶନ ଦାସ ପେନସନର୍ସମାନଙ୍କ ବିଭିନ୍ନ ସମସ୍ୟା ସହିତ ଚିକିତ୍ସା ଭତ୍ତା ଓ ଚିକିତ୍ସା କ୍ଷେତ୍ରରେ ସୁବିଧା ସୁଯୋଗ ଦେବା ପାଇଁ ଆବଶ୍ୟକୀୟ ପଦକ୍ଷେପ ନେବାକୁ କହିଥିଲେ। ସାଧାରଣ ସମ୍ପାଦକ ଦାମୋଦର ନାୟକ ବିବରଣୀ ପାଠ କରିଥିଲେ। ବିଧାୟକଙ୍କ ସହିତ ଆଲୋଚନାରେ ସଂଘର କାର୍ଯ୍ୟକାରୀ ସଭାପତି ଇଂ ଗୌରାଙ୍ଗ ସାହୁ, ଉପାଧ୍ୟକ୍ଷା ବାସନ୍ତୀ ପାତ୍ର, ସଙ୍ଗଠନ ସମ୍ପାଦକ ସଞ୍ଜୟ ପଣ୍ଡା, ସାଂସ୍କୃତିକ ସମ୍ପାଦକ ଭାଗବତ ଦଳାଇ, ଅର୍ଥ ସମ୍ପାଦକ ଯୁଧୀଷ୍ଠିର ନନ୍ଦ, ଯୁଗ୍ମ ସମ୍ପାଦକ ରବୀନ୍ଦ୍ର କୁମାର ମହାନ୍ତି, ପୂର୍ବତନ ସମ୍ପାଦକ ବସନ୍ତ ନାୟକ ଅଂଶଗ୍ରହଣ କରିଥିଲେ। ବସ୍ତା ଶାଖାର ସଭାପତି ଶିଶିର କୁମାର ରଥ, ସମ୍ପାଦକ କୁମୁଦ ରଞ୍ଜନ ଗିରି,ଉତର ରେମୁଣା ସଭାପତି ଯୋଗେନ୍ଦ୍ର ନାଥ ସିଂ ଉପସ୍ଥିତ ଥିଲେ।

# ଏଲ୍‌ଆଇସି କର୍ମଚାରୀଙ୍କ ଆତ୍ମହତ୍ୟା

ବାଲେଶ୍ୱର, ୧୩।୯ (ସମିସ): ସଦର ଥାନା ଅର୍ନ୍ତଗତ ମେଘଡମ୍ବରପୁର ଅଞ୍ଚଳରେ ଜଣେ ଏଲଆଇସି କର୍ମଚାରୀ ନିଜ ଘରେ ବେକରେ ଫାଶି ଲଗାଇ ଆତ୍ମହତ୍ୟା କରିଛନ୍ତି। ହେଲେ ଆତ୍ମହତ୍ୟାର କାରଣ ସ୍ପଷ୍ଟ ଜଣାପଡ଼ିନଥିବା ବେଳେ ସଦର ପୁଲିସ ଘଟଣା ସ୍ଥଳରେ ପହଁଚି ତଦନ୍ତ କରୁଛି। ମୃତ ଏଲଆଇସି କର୍ମଚାରୀ ଜଣଙ୍କ ହେଉଛନ୍ତି ପରିକ୍ଷୀ ପଂଚାୟତ ହଣାଗଡ଼ ଗ୍ରାମର ରାଜକିଶୋର ସିଂ। ଅନ୍ୟପଟେ ପୁଲିସ ମୃତ ରାଜକିଶୋରଙ୍କ ପତ୍ନୀ ଓ ପୁଅଙ୍କ ଉପସ୍ଥିତିରେ ମୃତ ଦେହକୁ ଜବତ କରି ବ୍ୟବଛେଦ ପାଇଁ ପଠାଇବା ସହ ଏକ ଅପମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ରାଜକିଶୋର ଏଲଆଇସିର ଡିଇଓ ଭାବେ କାର୍ଯ୍ୟ କରୁଥିଲେ। ସେ ବାଲେଶ୍ୱର ସଦର ଥାନା ଅର୍ନ୍ତଗତ ମେଘଡମ୍ବରୁପର ଅଞ୍ଚଳରେ ଘର କରି ସେଠାରେ ରହୁଥିଲେ। ହେଲେ ଦୀର୍ଘଦିନ ହେବ ତାଙ୍କର ଶରୀର ଅସୁସ୍ଥ ରହୁଥିଲା। ଏପରିକି ବିଭିନ୍ନ ସମୟରେ ମାନସିକ ଚାପରେ ମଧରେ ରହୁଥିଲେ। ହେଲେ ହଠାତ ମେଘଡମ୍ବରପୁର ଅଞ୍ଚଳର ନିଜସ୍ୱ ଘରେ ଛାତରେ ବାହାରିଥିବା ଏକ ହୁକରେ ରଶି ଲଗାଇ ଆତ୍ମହତ୍ୟା କରିଥିବା ଜଣାଯାଇଛି। ଆଜି ସକାଳେ ରାଜକିଶୋର ପତ୍ନୀ ଏବଂ ପୁଅ ତାଙ୍କର ମୃତଦେହ ଝୁଲୁଥିବା ଦେଖିବାକୁ ପାଇଥିଲେ। ଏ ନେଇ ସେ ତୁରନ୍ତ ସଦର ପୁଲିସକୁ ଖବର ଦେବା ପରେ ପୁଲିସ ଘଟଣା ସ୍ଥଳରେ ପହଁଚି ମୃତଦେହକୁ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ।

# ଆଉଟସୋର୍ସିଂ କର୍ମଚାରୀ ମହାସଂଘ ପକ୍ଷରୁ ସ୍ମାରକପତ୍ର



ବାଲେଶ୍ୱର,୧୩।୯ (ସମିସ): ସରକାରୀ ଆଉଟସୋର୍ସି କର୍ମଚାରୀ ମହାସଂଘ ତରଫରୁ ଜିଲ୍ଲାପାଳଙ୍କୁ ଭେଟି ୨ ଦଫା ଦାବି ସମ୍ବଳିତ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଗତ ଦୁଇବର୍ଷ ଧରି ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମେତ ଉପଜିଲ୍ଲାପାଳ ଏବଂ ସମସ୍ତ ତହସିଲ କାର୍ଯ୍ୟାଳୟରେ ପାଖାପାଖି ୯୦ ଜଣ ଆଉଟସୋର୍ସି କର୍ମଚାରୀ କାଯ୍ୟକରି ଆସୁଛନ୍ତି। କିନ୍ତୁ କୌଣସି କାରଣ ନ ଥାଇ କିଛି କର୍ମଚାରୀଙ୍କୁ ଛଟେଇ କରାଯାଇଛି ଏବଂ ବିଗତ ୭ ମାସରୁ ଉାସର ସମୟ କୌଣସି ଆଉଟସୋର୍ସି କର୍ମଚାରୀଙ୍କୁ ଦରମା ଦିଆଯାଇନାହିଁ। ତେଣୁ ଆଉଟସୋର୍ସି କର୍ମଚାରୀ ମହାସଂଘ ଜିଲ୍ଲା ଶାଖା ତରଫରୁ ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇ ବକେୟା ଦରମା ପୈଠ କରିବା ସହ ଛୋଟେଇ କର୍ମଚାରୀଙ୍କୁ ପୁନଃନିଯୁକ୍ତି ଦେବାପାଇଁ ଜିଲ୍ଲା ସଭାପତି ମନୋଜ ରାଉତ କହିଛନ୍ତି। ୮-୧୦ ହଜାର ଟଙ୍କା ଦରମାରେ କର୍ମଚାରୀଙ୍କ ପରିବାର ଚଳେ। ଯଦି ଯଥାଶିଘ୍ର କର୍ମଚାରୀଙ୍କ ବକେୟା ଦରମା ଦିଆନଯାଏ ତେବେ ଆଗାମୀ ଦିନରେ ଏହି ଆଉଟସୋର୍ସି କର୍ମଚାରୀମାନେ ଜିଲ୍ଲାପାଳଙ୍କ କାଯ୍ୟାଳୟରେ ଆନ୍ଦୋଳନରେ ବସିବେ ବୋଲି ରାଜ୍ୟ ଗଣମାଧ୍ୟମ ସଂଯୋଜକ ସାନୁ କୁମାର ସାସମଲ କହିଛନ୍ତି। ସ୍ମାରକପତ୍ର ପ୍ରଦାନ ସମୟରେ ସନ୍ତୋଷ ବଗାଲ, ମାନସ ପଣ୍ଡା, ସାବିତ୍ରୀ ନାଥ, ଜୟନ୍ତ ସାହୁ, ସନ୍ତୋଷ ମହନ୍ତ, ରଂଜିତ ଗିରି, ବିଳାସିନୀ ଦାସ, ମମତା ସାହୁଙ୍କ ସହ ସମସ୍ତ ତହସିଲର ଆଉଟସୋର୍ସି କର୍ମଚାରୀ ଯୋଗଦାନ କରିଥିଲେ।

# ଜିଲ୍ଲା ଜଜ୍ କୋର୍ଟରେ ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ



ବାଲେଶ୍ୱର,୧୩।୯ (ସମିସ): ଚଳିତ ବର୍ଷର ତୃତୀୟ ରାଷ୍ଟ୍ରୀୟ ଲୋକ ଅଦାଲତ ଜିଲ୍ଲା ଜଜ୍ କୋର୍ଟ ବାଲେଶ୍ୱର, ତାଲୁକ ଆଇନସେବା ସମିତି ସୋର, ଜଳେଶ୍ୱର, ନୀଳଗିରି, ବସ୍ତା, ଗ୍ରାମ୍ୟ ନ୍ୟାୟାଳୟ ଭୋଗରାଇ ଏବଂ ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ, ଔପଦାଠାରେ ଅନୁଷ୍ଠିତ ହୋଇଯାଇଛି। ଜିଲ୍ଲା ଆଇନସେବା ପ୍ରାଧିକରଣ ବାଲେଶ୍ୱର ଆନୁକୂଲ୍ୟରେ ଜିଲ୍ଲା ଏବଂ ଦୌରାଜଜ୍ ତଥା ଜିଲ୍ଲା ଆଇନସେବା ପ୍ରାଧିକରଣର ଅଧକ୍ଷ ସତ୍ୟ ନାରାୟଣ ମିଶ୍ରଙ୍କ ଅଧକ୍ଷତାରେ ରାଷ୍ଟ୍ରୀୟ ଲୋକ ଅଦାଲତ ଅନୁଷ୍ଠିତ ହୋଇଯାଇଛି। ଏହି ଲୋକ ଅଦାଲତରେ ଜିଲ୍ଲା ଏବଂ ଦୌରାଜଜ୍, ବାଲେଶ୍ୱରଙ୍କ ସହିତ ଅନ୍ୟାନ୍ୟ ସମସ୍ତ ବିଚାର ବିଭାଗୀୟ ଅଧିକାରୀମାନେ ଯୋଗଦାନ କରିଥିଲେ। ମୋଟ ୮୭୦୭ ଟି (ଦେୱାନୀ-୫୪୨, ମୋଟରଯାନ ଦୁର୍ଘଟଣା ଜନିତ ମାମଲା-୭୬, ବୈବାହିକ ବିବାଦ ମକଦ୍ଦମା-୨୬, କ୍ରିମିନାଲ କମ୍ପାଉଣ୍ଡେବଲ-୦୫, ପ୍ରାକ୍ ମକଦ୍ଦମା ଜନିତ ମାମଲା-୪୪୪, ଚେକ୍ ବାଉନ୍ସ-୧୪୫, ଅନ୍ୟାନ୍ୟ ଫୌଜଦାରୀ ମାମଲା-୪୨୨, ରାଜସ୍ୱ-୭୦୦୭, ଶ୍ରମ ବିବାଦ-୧୪, ଖାଉଟି-୦୬, ମନିରିକଭରି-୨୦) ମାମଲା ଫଇସଲା କରାଯାଇ ମୋଟରଯାନ ଜନିତ ଦୁର୍ଘଟଣା ମାମଲା ବାବଦକୁ ୬ କୋଟି ୯୭ ଲକ୍ଷ ୨୦ ହଜାର ଟଙ୍କା (ଟ. ୬,୯୭,୨୦,୦୦୦), ଚେକ୍ ବାଉନ୍ସ ମାମଲା ବାବଦକୁ ୨ କୋଟି ୧୦ ଲକ୍ଷ ୫୯ ହଜାର ୧୦୭ ଟଙ୍କା (୨,୧୦,୫୯,୧୦୭ଟ.) ଏବଂ ବ୍ୟାଙ୍କ ପ୍ରାକ୍ ମୋକଦ୍ଦମା ମାମଲା ବାବଦକୁ ୪୨ ଲକ୍ଷ ୮୯ ହଜାର ୬୫ ଟଙ୍କା (୪୨,୮୯,୦୬୫ ଟ.) ଆଦାୟ କରାଯାଇଥିଲା। ଏହି ଲୋକ ଅଦାଲତକୁ ଜିଲ୍ଲା ଆଇନସେବା ପ୍ରାଧିକରଣର ଭାରପ୍ରାପ୍ତ ସଚିବ ସାତିକଣ୍ଠ ପ୍ରଧାନ ପରିଚାଳନା କରିଥିଲେ।

# ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘର ଆନ୍ଦୋଳନ ଡାକରା

ବାଲେଶ୍ୱର,୧୩।୯ (ସମିସ)



ଓଡିଶା ସରକାରୀ ହାଇସ୍କୁଲ ଏନ୍‌ପିଏସ୍ ଶିକ୍ଷକ ସଂଘ ଆହ୍ୱାନ କ୍ରମେ ବାଲେଶ୍ୱର ଜିଲ୍ଲା ଶିକ୍ଷକ ସଂଘ ଆଗାମୀ ୨୨ ସେପ୍ଟେମ୍ବର ହେବାକୁ ଥିବା ଆନ୍ଦୋଳନରେ ଜିଲ୍ଲାର ସମସ୍ତ ବ୍ଲକରୁ ସଂଘର ଶତାଧିକ ସକ୍ରିୟ ସଦସ୍ୟମାନେ ଯୋଗଦାନ କରିବାକୁ ପୂର୍ଣ୍ଣ ପ୍ରତିଶ୍ରୁତି ଦେଇଥିଲେ। ସରକାରୀ ହାଇସ୍କୁଲ ଏନ୍ ପି ଏସ୍ ଶିକ୍ଷକ ମାନେ ସମୂହେ ଯାଇ ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଦାବି ପତ୍ରକୁ ଅତିରିକ୍ତ ଜିଲ୍ଲାପାଳ ଏବଂ ଜିଲ୍ଲା ଶିକ୍ଷା ଅଧିକାରୀଙ୍କ ମାଧ୍ୟମରେ ପ୍ରଦାନ କରିଥିଲେ।

ଏଥିରେ ଜିଲ୍ଲା ସଂଘ ସଭାପତି ଡ଼ଃ ସନ୍ଦୀପ କୁମାର ଖଟୁଆ,ସାଧାରଣ ସମ୍ପାଦକ ଉମାକାନ୍ତ ବେହେରା, ଜିଲ୍ଲା ମୁଖ୍ୟ ସଚେତକ ତଥା ରାଜ୍ୟ ସାଙ୍ଗଠନିକ ସମ୍ପାଦକ ଶାଶ୍ୱତ ମହାପାତ୍ର, ଜିଲ୍ଲା ଆବାହକ ସନ୍ତୋଷ କୁମାର ସେଠୀ, ଜିଲ୍ଲା ଉପଦେଷ୍ଟା ହରେନ୍ଦ୍ର ମହାନ୍ତ, ଜିଲ୍ଲା ଉପସଭାପତି ସଂଜୀବ କୁମାର ପରିଡ଼ା, କୈଳାସଚନ୍ଦ୍ର ମାଝୀ, ଉମାଶଙ୍କର ସିଂ,ସଂଜୀବ କୁମାର ଜେନା, ବିପଦ ଭଂଜନ ପଣ୍ଡା, ଅତନୁ କୁମାର ମହାଳିକ, ସୌଭାଗ୍ୟ ରଞ୍ଜନ ଦେ, ଶକ୍ତିଧର ପଣ୍ଡା, ସଂଯୁକ୍ତା ବେହେରା, ଅଞ୍ଜଳୀ ମହାପାତ୍ର, ଚିନ୍ମୟୀ ପାତ୍ର, ଭାଗ୍ୟଶ୍ରୀ ଜେନା, ପ୍ରତିଭା ରାଣୀ ଦାଶ, ପଲ୍ଲବୀ ବେହେରା, ଭାରତୀ ଆଶ, ଆରତୀ ଦାସ, ଅଭିମନ୍ୟୁ ବାଗ, ପ୍ରଶାନ୍ତ ଦାସ, କମଳ ଲୋଚନ ବିଶ୍ୱାଳ, ଗୌତମ ଚରଣ ବାରିକ, ରିତାଞ୍ଜଳୀ ଦାଶ, ସୌମ୍ୟପ୍ରଭା ସେଣ ପ୍ରମୁଖ ଶତାଧିକ ଶିକ୍ଷକ ଶିକ୍ଷୟିତ୍ରୀ ଉପସ୍ଥିତ ଥିଲେ। ୨୦୦୪ ରୁ ୨୦୧୪ ମଧ୍ୟରେ ଠିକା ଶିକ୍ଷକ ଭାବରେ ନିଯୁକ୍ତି ପାଇଥିବା ଏବଂ ୨୦୨୨ ରିପିଲ୍ ରୁଲ୍ ଦ୍ୱାରା ଉପେକ୍ଷିତ ହୋଇଥିବା ଶିକ୍ଷକମାନେ ଓଡିଶା ସରକାରଙ୍କ ଆର୍ଥିକ ଦୂରବସ୍ଥା ସମୟରେ ମାତ୍ର ୨୫୦୦ଟଙ୍କା ଓ ୧୫୦୦ ଟଙ୍କା ମାସିକ ଦରମାରେ ଶିକ୍ଷାଦାନ କରିଥିଲେ। ସରକାର ୨୦୦୩ମସିହାରେ ଓ ୨୦୦୫ ମସିହାରେ ଠିକା ଶିକ୍ଷକ ନିଯୁକ୍ତି ବିଜ୍ଞାପନରେ ସେତେବେଳେ ଆର୍ଥିକ ସଙ୍କଟ ତଥା ସରକାରୀ ହାଇସ୍କୁଲ ଗୁଡ଼ିକରେ ଶିକ୍ଷକଙ୍କ ଘୋର ଅଭାବ ଯୋଗୁଁ ଠିକା ନିଯୁକ୍ତି ଦିଆଯାଇଥିବା ସ୍ପଷ୍ଟ ଭାବରେ ପ୍ରକାଶ କରିଥିଲେ। ଓଡ଼ିଶା ସରକାରଙ୍କ ସେହି ଆର୍ଥିକ ଦୂରବସ୍ଥା ସମୟରେ ଏହି ଶିକ୍ଷକମାନେ ଭୁଶୁଡି ଯାଉଥିବା ମାଧ୍ୟମିକ ଶିକ୍ଷାର ଉନ୍ନତି ଆଣିଥିଲେ। ଠିକା ନିଯୁକ୍ତି ଦେଇ ତତ୍କାଳୀନ ସରକାର ରାଜସ୍ୱ ଭରଣା କଲେ ଓ ଧୀରେଧୀରେ ରାଜ୍ୟର ଆର୍ଥିକ ସ୍ଥିତିରେ ସୁଧାର ଆସିଲା। ଆର୍ଥିକ ସ୍ଥିତିରେ ସୁଧାର ଆସିବା ପରେ ସରକାର ୨୦୨୨ ମସିହା ଅକ୍ଟୋବର ମାସରେ ଠିକା ନିଯୁକ୍ତି ଉଚ୍ଛେଦ ନିୟମ - ୨୦୨୨ ଆଣିଲେ ଏବଂ ଚଞ୍ଚକତା କରି କେବଳ ୦୪.୦୪.୨୦୧୬ ପର ଠାରୁ ଠିକା ଭିତ୍ତିରେ ନିଯୁକ୍ତି ହୋଇଥିବା ସରକାରୀ ହାଇସ୍କୁଲ ର ଶିକ୍ଷକଙ୍କ ଠିକା ଅବଧି କୁ ନିୟମିତ ଚାକିରି ରେ ଯୋଗ କରି ୬ଟି ନୋଶନାଲ ଇଂକ୍ରିମେଣ୍ଟ ଦେଇ ପ୍ରଥମ ଠିକା ନିଯୁକ୍ତି ଦିନ ଠାରୁ ନିୟମିତ କର୍ମଚାରୀର ମାନ୍ୟତା ଦେଲେ। ସେହିପରି ୨୦୨୦, ୨୦୨୧ ଓ ଅଗଷ୍ଟ ୨୦୨୨ ରେ ନିଯୁକ୍ତ ଠିକା ଶିକ୍ଷକମାନେ ମଧ ସେମାନେ ଠିକା ଚାକିରିରେ ଯୋଗ ଦେଇଥିବା ଦିନ ଠାରୁ ନିୟମିତ ଶିକ୍ଷକର ମାନ୍ୟତା ପାଇଲେ। ପରେ ୨୦୨୩ ମସିହାରେ ସରକାର ଏକ ଏସ୍.ଓ.ପି. ଆଣି ୨୦୧୦ ମସିହା ଠାରୁ ୨୦୧୪ ମସିହା ମଧ୍ୟରେ ଠିକା ଭିତ୍ତିରେ ନିଯୁକ୍ତ ସମସ୍ତ ଶିକ୍ଷକଙ୍କୁ ସମାନ କରିଦେଇ ପିଛିଲା ଭାବେ ଏହି ସମସ୍ତଙ୍କୁ ୦୪.୦୪.୧୬ ରୁ ନିୟମିତ ଶିକ୍ଷକ ଭାବରେ ଗଣନା କରିଲେ। ଏହାଦ୍ୱାରା ୨୦୧୦ ରୁ ୨୦୧୬ ମଧ୍ୟରେ ନିଯୁକ୍ତ ସମସ୍ତ ଶିକ୍ଷକଙ୍କ ଦରମା ସମାନ କରାଇ ଦିଆଗଲା। ୨୦୧୦ ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ମାତ୍ର ୪ ମାସ, ୨୦୧୧ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ମାତ୍ର ୧ ବର୍ଷ ଏବଂ ୨୦୧୩ ରେ ନିଯୁକ୍ତ ଠିକା ଶିକ୍ଷକଙ୍କ ଛଅ ବର୍ଷର ଠିକା ଚାକିରି କାଳରୁ ମାତ୍ର ୩ ବର୍ଷର ଠିକା ଚାକିରିକୁ ମୂଳ ନିୟମିତ ଚାକିରି କାଳରେ ଗଣନା କରାଗଲା। ସରକାରଙ୍କର ବାରମ୍ବାର ଦୃଷ୍ଟି ଆକର୍ଷଣ କରାଯାଇ ଆସୁଥିଲେ ମଧ ସମାଧାନ ପନ୍ଥା ବାହାର ନକରି କେବଳ ଆଶ୍ୱାସନା ଦେଇଚାଲିଛନ୍ତି। ବରିଷ୍ଠ ଶିକ୍ଷକମାନଙ୍କ ପାଇଁ ସରକାରଙ୍କ ଦରଦ ନାହିଁ। ତେଣୁ ଆଗାମୀ ୨୧ ତାରିଖ ମଧ୍ୟରେ ଯୁକ୍ତିଯୁକ୍ତ ଦାବି ଉପରେ ସରକାର ଶୀଘ୍ର ସମାଧାନ ନ କଲେ ୨୨ ତାରିଖଠାରୁ ରାଜ୍ୟ ସଂଘର ଡାକରାରେ ସାମିଲ ହୋଇ ରାଜଧାନୀର ରାଜରାସ୍ତାରେ ଦୁର୍ବାର ଆନ୍ଦୋଳନ କରିବାକୁ ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି।

## ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ଏବଂ ଡିଇଓଙ୍କୁ ଦାବିପତ୍ର

# ଇନଷ୍ଟିଚ୍ୟୁଟ ଅଫ ହସ୍‌ପିଟାଲିଟି ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜିମ କଲେଜରେ ଫ୍ରେସର ଫିଏଷ୍ଟା




ବାଲେଶ୍ୱର,୧୩।୯ (ସମିସ): ନିଜକୁ ସବୁକ୍ଷେତ୍ରରେ ଏକ ନମ୍ବର କରି ରଖିବାକୁ ସବୁବେଳେ ଚେଷ୍ଟା କରିବା ଉଚିତ ବୋଲି ରେମୁଣାସ୍ଥିତ ବାଲେଶ୍ୱର ଇନଷ୍ଟିଚ୍ୟୁଟ ଅଫ ହସପିଟାଲିଟି ମ୍ୟାନେଜମେଣ୍ଟ ଆଣ୍ଡ ଟୁରିଜିମ (ବିଆଇଏଚଏମଟି)ରେ ନବାଗତ ଛାତ୍ରଛାତ୍ରୀଙ୍କ ଉଦ୍ଦେଶ୍ୟରେ "ଫ୍ରେସର ଫିଏଷ୍ଟା-୨୦୨୫' କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ଯୋଗଦେଇ "ଓଡ଼ିଶା ଖବର'ର ସମ୍ପାଦକ ଅମୀୟ ରଞ୍ଜନ ମହାନ୍ତି ମତବ୍ୟକ୍ତ କରିଛନ୍ତି। ଅନୁଷ୍ଠାନ ନିର୍ଦ୍ଦେଶକ ଚିତ୍ତରଞ୍ଜନ ମହାନ୍ତିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ସଭାରେ ମୁଖ୍ୟ ବକ୍ତାଭାବେ ରେଡିଆଣ୍ଟ ସ୍କୁଲ ଅଫ ଇଂଲିସ ଆଣ୍ଡ ଆଇଟି, ନର୍ଥ ଓଡ଼ିଶା ଜୋର୍ଣ୍ଣାଲ ମିଡିଆ କୋଡ଼ିନେଟର ସତ୍ୟଜିତ ମିଶ୍ର ତାଙ୍କ ବକ୍ତବ୍ୟରେ କହିଥିଲେ ଯେ 'ଛାତ୍ର ଜୀବନରେ ଆବ ବିଶ୍ୱାସ ହେଉଛି ସବୁଠାରୁ ବଡ଼। ଅନ୍ୟତମ ଅତିଥିଭାବେ ସାମ୍ବାଦିକ ସୁରେଶ ଦାସ ଯୋଗଦେଇ ଭାରତୀୟ ସଂସ୍କୃତିରେ ଆତିଥ୍ୟୟତାର ମହତ୍ତ୍ୱ ଏବଂ ଆତିଥ୍ୟୟତାର ଶିକ୍ଷା ସମ୍ପର୍କରେ ବୁଝାଇଥିଲେ। ଦକ୍ଷତା ବିକାଶର ମୁଖ୍ୟ ସୁଶାନ୍ତ ଜେନା ମଞ୍ଚ ପରିଚାଳନା କରିଥିବା ବେଳେ ଛାତ୍ରୀ ନେହା ଜେନା ଧନ୍ୟବାଦ ଦେଇଥିଲେ। ପ୍ରାରମ୍ଭରେ ଛାତ୍ରୀ ଶୁଭଲକ୍ଷ୍ମୀ ବାରିକ, ସୁଶ୍ରୀସଙ୍ଗୀତା ନାୟକ ଏବଂ ରାଜସ୍ମିତା ଖିଲାର ସାଗତ ନୃତ୍ୟ ପରିବେଷଣ କରିଥିଲେ। କୃତୀବାସ ପାତ୍ର, ସସ୍ମିତା ଦାସ, ସତ୍ୟବ୍ରତ ଦେ, ସରିତା ବିନ୍ଧାଣୀ ଓ ସୁକମଲ ଦେ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।